
ଅଙ୍ଗଦ ଭୂମିକାରେ ଜାହିଦ୍
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-14 ◆WEDNESDAY ◆08 JULY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୧୪ ◆ବୁଧବାର ◆୦୮ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ୭ ପାହାଡ଼ ଚଢ଼ି ୧୧୬ ବର୍ଷୀୟା ବୃଦ୍ଧାଙ୍କ ତିରୁମାଲା ଦର୍ଶନ



■ତିରୁମାଲା, ୭।୭ (ଏଜେନ୍ସି): ଶ୍ରଦ୍ଧା ଓ ଭକ୍ତି ଆଗରେ ବୟସ ଯେ କେବଳ ଏକ ସଂଖ୍ୟା ମାତ୍ର, ତାହା ପ୍ରମାଣ କରି ଦେଖାଇଛନ୍ତି କର୍ଣ୍ଣାଟକର ଜଣେ ୧୧୬ ବର୍ଷୀୟା ବୃଦ୍ଧା । କର୍ଣ୍ଣାଟକର ଏହି ବୟୋଜ୍ୟୋଷ୍ଠ ଶ୍ରଦ୍ଧାଳୁ ନବନୀତମ୍ମା ପାଦରେ ଚାଲି ଚାଲି ତିରୁପତିର ସପ୍ତଗିରି ବା ୭ଟି ପାହାଡ଼ ଅତିକ୍ରମ କରି ପ୍ରଭୁ ଭେଙ୍କଟେଶ୍ୱରଙ୍କ ଦର୍ଶନ କରିଛନ୍ତି । ନବନୀତମ୍ମା ନିଜ ପରିବାର ସଦସ୍ୟଙ୍କ ସହ ତିରୁମାଲା ଯାତ୍ରା କରିଥିଲେ । ପାଦରେ ଚାଲି ଚାଲି ପାହାଡ଼ ଚଢ଼ିବାକୁ ସଂକଳ୍ପ କରିଥିଲେ । ଏହି ଦୁର୍ଲଭ ଭକ୍ତିର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ପରିବାର ସଦସ୍ୟଙ୍କ ସହଯୋଗରେ ଧୀରେ ଧୀରେ ପାହାଡ଼ ଚଢ଼ିଥିଲେ । ଏହି ନିଷ୍ଠାକୁ ସମ୍ମାନ ଜଣାଇ ତିରୁମାଲା ତିରୁପତି ଦେବସ୍ଥାନମ ପକ୍ଷରୁ ତାଙ୍କୁ ଓ ତାଙ୍କ ପରିବାର ବର୍ଗଙ୍କୁ ଭିଆଇପି ବ୍ରେକ୍ ଦର୍ଶନର ସୁଯୋଗ ପ୍ରଦାନ କରାଯାଇଥିଲା ।

**ହାର୍ ମାନିଲା ବୟସ**

## ୭୫ ବର୍ଷ ବୟସରେ ସଂସ୍କୃତରେ ସ୍ନାତକୋତ୍ତର ପରୀକ୍ଷା

■ ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ଶିକ୍ଷା ପ୍ରତି ଆଗ୍ରହ ଥିଲେ ବୟସ କେବେ ବାଧା ହୋଇପାରେ ନାହିଁ । ଏହି କଥାକୁ ସତ୍ୟ ପ୍ରମାଣ କରିଛନ୍ତି ହିମାଚଳ ପ୍ରଦେଶର କାଙ୍ଗ୍ରା ଜିଲ୍ଲାର ୭୫ ବର୍ଷୀୟ ମିଲ୍‌ଖି ରାମ । ସେ ବର୍ତ୍ତମାନ ସୁଦ୍ଧା ୩୨ଟି ଶିକ୍ଷାଗତ ଡିଗ୍ରୀ ହାସଲ କରିଛନ୍ତି ଓ ନିକଟରେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ହମିରପୁର ଅଧ୍ୟୟନ କେନ୍ଦ୍ରରେ ସଂସ୍କୃତରେ ସ୍ନାତକୋତ୍ତର ପରୀକ୍ଷା ଦେଇଛନ୍ତି ।

ମିଲ୍‌ଖି ରାମ ୧୯୭୬ରେ ସ୍ନାତକ ହାସଲ କରିଥିଲେ ଓ ବନ ବିଭାଗରେ ଚାକିରି କରିଥିଲେ । ଏହା ସତ୍ତ୍ୱେ ସେ ଶିକ୍ଷାରୁ ବିରତ ହୋଇ ନ ଥିଲେ । ୨୦୧୦ରେ ଗ୍ରେଡ୍-୧ ଅଧିକାରୀ ଭାବେ ଅବସର ନେବା ବେଳକୁ ସେ ୨୬ଟି ଡିଗ୍ରୀ ହାସଲ କରିସାରିଥିଲେ । ସେ ବିଏଡ୍, ଏଲ୍‌ଏଲ୍‌ବି, ସାମ୍ବାଦିକତା, ଏମ୍‌ବିଏ, ଏମ୍‌ଫିଲ୍, ହିନ୍ଦୀରେ ପିଏଚ୍‌ଡି ସମେତ ଅନେକ ଡିଗ୍ରୀ ପାଇ ସାରିଛନ୍ତି । ସେ କହିଛନ୍ତି ଯେ ଶିକ୍ଷା ଏମିତି ଏକ ସମ୍ପଦ, ଯାହାକୁ କେହି କେବେ ଛଡ଼ାଇ ନେଇପାରିବେ ନାହିଁ । ଯୁବପିଢ଼ି ଜ୍ଞାନାର୍ଜନକୁ ▶ପୃଷ୍ଠା-୧୦



## ସିଆର୍‌ଇଏ ରିପୋର୍ଟ
# ଆଗକୁ ଭୟଙ୍କର ବିପଦ
## ଆସନ୍ତା ବର୍ଷ ୧୮ ଟେରାୱାଟ ବିଜୁଳି ନିଅଣ୍ଟ ଆଶଙ୍କା

■ ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ଜଳବାୟୁ ପରିବର୍ତ୍ତନର ବଢ଼ୁଥିବା ପ୍ରଭାବ ମଧ୍ୟରେ 'ସୁପର ଏଲ୍-ନିନୋ' ଭାରତର ବିଦ୍ୟୁତ୍ କ୍ଷେତ୍ର ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ । ଯଦି ଶକ୍ତିଶାଳୀ ଏଲ୍-ନିନୋ ପରିସ୍ଥିତି ସୃଷ୍ଟି ହୁଏ, ତେବେ ୨୦୨୭ ସୁଦ୍ଧା ଭାରତରେ ପ୍ରାୟ ୧୮ ଟେରାୱାଟ୍ (ଟିଡ଼ବ୍ଲ୍ୟୁଏଚ୍) ବା ୧୮ ବିଲିଅନ କିଲୋୱାଟ ବିଦ୍ୟୁତ୍ ନିଅଣ୍ଟ ଦେଖାଦେବାର ଆଶଙ୍କା ରହିଛି । ଏହାର ପରିଣାମ ସ୍ୱରୂପ କୋଇଲା ବ୍ୟବହାର ଓ ଅଙ୍ଗାର ନିର୍ଗମନ ଯୋଗୁଁ ଅତ୍ୟଧିକ ଉତ୍ତାପଜନିତ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିପାରେ ।

ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର (ସିଆର୍‌ଇଏ) ରିପୋର୍ଟ ଅନୁସାରେ ଜୁଲାଇ ୨୦୨୬ରୁ ଜୁନ୍ ୨୦୨୭ ମଧ୍ୟରେ ଏଲ୍‌ନିନୋ ପ୍ରଭାବ ଯୋଗୁଁ କେବଳ ଶୀତଳୀକରଣ (କୁଲିଂ) ପାଇଁ ପ୍ରାୟ ୧୦ ଟେରାୱାଟ୍-ଘଣ୍ଟା (ଟିଡ଼ବ୍ଲୁଏଚ୍) ଅତିରିକ୍ତ



**ବିଦ୍ୟୁତ୍ କ୍ଷେତ୍ର ପାଇଁ ଆହ୍ୱାନ ସୁପର ଏଲ୍-ନିନୋ**

ବିଦ୍ୟୁତ ଆବଶ୍ୟକ ହୋଇପାରେ । ଏହା ଦିଲ୍ଲୀର ବାର୍ଷିକ ବିଦ୍ୟୁତ ବ୍ୟବହାରର ପ୍ରାୟ ଏକ-ଚତୁର୍ଥାଂଶ ସହ ସମାନ । ବଢ଼ୁଥିବା ଚାହିଦା ଓ କମୁଥିବା ଉତ୍ପାଦନକୁ ମିଶାଇଲେ ଦେଶରେ ପ୍ରାୟ ୧୮ ଟେରାୱାଟ୍-ଘଣ୍ଟା ବିଦ୍ୟୁତ ନିଅଣ୍ଟ ସୃଷ୍ଟି ହେବାର ଆଶଙ୍କା ରହିଛି । ଏହି ନିଅଣ୍ଟ ଭରଣା ପାଇଁ ଦେଶକୁ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ କେନ୍ଦ୍ର ଉପରେ ଅଧିକ ନିର୍ଭର କରିବାକୁ ପଡ଼ିବ ଏବଂ ଏଥିରୁ ପ୍ରାୟ ୧୭ ନିୟୁତ ଟନ୍ କାର୍ବନ ଡାଇଅକ୍ସାଇଡ୍ (ସିଓ୨) ବାୟୁମଣ୍ଡଳକୁ ନିର୍ଗମନ ହେବାର ସମ୍ଭାବନା ରହିଛି । ସବୁଠାରୁ ଗୁରୁତର ପରିସ୍ଥିତିରେ ଅତିରିକ୍ତ ୨୪ ଟେରାୱାଟ୍-ଘଣ୍ଟା କୋଇଲା ଆଧାରିତ ବିଦ୍ୟୁତ ଉତ୍ପାଦନର ଆବଶ୍ୟକତା ପଡ଼ିପାରେ ବୋଲି ରିପୋର୍ଟରେ କୁହାଯାଇଛି ।

ଏଲ୍-ନିନୋ ସମୟରେ ତାପମାତ୍ରା ସାଧାରଣ ସ୍ତରଠାରୁ ଅଧିକ ରହିଥାଏ । ଫଳରେ ଏୟାର କଣ୍ଡିସନର, କୁଲର ଓ ଅନ୍ୟାନ୍ୟ ଶୀତଳୀକରଣ ଉପକରଣର ବ୍ୟବହାର ବଢ଼ିଯାଏ, ଯାହା ବିଦ୍ୟୁତ୍ ଚାହିଦାକୁ ଦ୍ରୁତ ଗତିରେ ବୃଦ୍ଧି କରିଥାଏ । ପୁଣି ବର୍ଷାରେ ଅନିୟମିତତା ଯୋଗୁଁ ଜଳବିଦ୍ୟୁତ୍ ଉତ୍ପାଦନ ମଧ୍ୟ ପ୍ରଭାବିତ ହୋଇପାରେ । ଏହି ଦୁଇ କାରଣ ଯୋଗୁଁ ବିଦ୍ୟୁତ୍ ଯୋଗାଣ ଓ ଚାହିଦା ମଧ୍ୟରେ ବଡ଼ ବ୍ୟବଧାନ ସୃଷ୍ଟି କରିପାରେ । ବିଦ୍ୟୁତ୍ ନିଅଣ୍ଟ ପୂରଣ ପାଇଁ ଦେଶକୁ କୋଇଲା ଆଧାରିତ ବିଦ୍ୟୁତ୍ କେନ୍ଦ୍ର ଉପରେ ଅଧିକ ନିର୍ଭର କରିବାକୁ ପଡ଼ିପାରେ । ଏହା ଫଳରେ କୋଇଲା ବ୍ୟବହାର ବଢ଼ିବା ସହ ଅଙ୍ଗାର ନିର୍ଗମନ ମଧ୍ୟ ବୃଦ୍ଧି ପାଇବ । ▶ପୃଷ୍ଠା-୧୦

## ୱାୟନାଡ୍‌ରେ ଭୂସ୍ଖଳନ; ୫ ମୃତ



**ସୁଡ଼ଙ୍ଗ ନିର୍ମାଣ ସ୍ଥଳରେ ଧସିଲା ଅତଡ଼ା, ୧୦ ନିଖୋଜ**

■ ୱାୟାନାଡ, ୭।୭ (ଏଜେନ୍ସି): କେରଳର ୱାୟାନାଡ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଭୟଙ୍କର ଭୂସ୍ଖଳନ ଘଟି ୫ ଜଣ ପ୍ରାଣ ହରାଇଛନ୍ତି ଏବଂ ଅନେକ ଲୋକ ମାଟି ତଳେ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି । ଗତରାତିରୁ ଜାରି ରହିଥିବା ମୂଷଳଧାରା ବର୍ଷା ଆଜି ସକାଳେ ଏହି ବିପର୍ଯ୍ୟୟର ରୂପ ନେଇଛି । କଲ୍ଲାଡି ଅଞ୍ଚଳର ମୀନାକ୍ଷୀ ବ୍ରିଜ୍ ନିକଟରେ ଥିବା ଆନାକୋମ୍‌ପୋୟିଲ୍-ମେପାଡି ସୁଡ଼ଙ୍ଗ ପଥ ପ୍ରକଳ୍ପ ସ୍ଥଳରେ ଭୂସ୍ଖଳନ ଘଟିଛି । ଏହି ସୁଡ଼ଙ୍ଗ ପଥଟି ମାଲାପୁରମ୍ ଏବଂ ୱାୟାନାଡ ଜିଲ୍ଲାକୁ ସଂଯୋଗ କରିବା ପାଇଁ ନିର୍ମାଣ କରାଯାଉଥିଲା । ସେଠାରେ ଅନେକ ନିର୍ମାଣ ଶ୍ରମିକ ଉପସ୍ଥିତ ଥିଲେ ।

ଗତ ୨୪ ଘଣ୍ଟା ମଧ୍ୟରେ ଏହି ଅଞ୍ଚଳରେ ପ୍ରାୟ ୨୬୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । କମ୍ ସମୟରେ ଏତେ ପରିମାଣରେ ବର୍ଷା ଏହି ପ୍ରଳୟଙ୍କରୀ ଭୂସ୍ଖଳନର ମୁଖ୍ୟ କାରଣ ବୋଲି କୁହାଯାଉଛି । ବିପର୍ଯ୍ୟୟ ପରେ ତୁରନ୍ତ ଏନ୍‌ଡିଆର୍‌ଏଫ୍ ଏବଂ ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି । କେରଳ ରାଜସ୍ୱ ମନ୍ତ୍ରୀ ଏପି. ଅନିଲ କୁମାରଙ୍କ ଅନୁଯାୟୀ ଉଦ୍ଧାରକାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି । ବର୍ତ୍ତମାନ ସୁଦ୍ଧା ୬ ରୁ ୮ ଜଣ ଆହତଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମାତ୍ର ପ୍ରାୟ ୭ ରୁ ୧୦ ଜଣ ଏବେ ମଧ୍ୟ ନିଖୋଜ ଅଛନ୍ତି । ମୁଖ୍ୟମନ୍ତ୍ରୀ ଭିଡି. ସତୀଶନ ଏକ ଜରୁରୀକାଳୀନ ବୈଠକ କରି ସ୍ଥିତିର ସମୀକ୍ଷା କରିଛନ୍ତି । କେରଳ ମନ୍ତ୍ରୀ ଟି. ସିଦ୍ଦିକ ଏହାକୁ ଏକ ମଣିଷକୃତ ଭୂସ୍ଖଳନ ବୋଲି ଅଭିହିତ କରି କୋଙ୍କଣ ରେଳବାଇ ଏବଂ ଠିକାଦାରଙ୍କୁ ଏଥିପାଇଁ ଦାୟୀ କରିଛନ୍ତି । ୨୦୨୪ରେ ୱାୟାନାଡ଼ରେ ଭୂସ୍ଖଳନ ଯୋଗୁଁ ୩୦୦ ଲୋକ ପ୍ରାଣ ହରାଇଥିଲେ ।



**ବିଜୁଙ୍କ ଯୋଗୁଁ ଭାରତ-ଇଣ୍ଡୋନେସିଆ ସମ୍ପର୍କ ନିବିଡ଼**

**ବିଜୁଙ୍କୁ ଇଣ୍ଡୋନେସିଆ ଦେଇଛି 'ଭୂମିପୁତ୍ର' ସମ୍ମାନ**

## ଇଣ୍ଡୋନେସିଆରେ ବିଜୁଙ୍କ ମହାନତା ବଖାଣିଲେ ମୋଦୀ

■ ଭୁବନେଶ୍ୱର, ୭।୭ (ସମିସ): ମହାନ ସ୍ୱାଧୀନତା ସଂଗ୍ରାମୀ ପ୍ରବାଦ ପୁରୁଷ ବିଜୟାନନ୍ଦ(ବିଜୁ) ପଟ୍ଟନାୟକଙ୍କ ଦେଶପ୍ରେମ, ବୀରତ୍ୱ ଗାଥା ସମଗ୍ର ଦେଶରେ ଆଜିବି ଶ୍ରଦ୍ଧାର ସହ ଉଚ୍ଚାରଣ କରାଯାଏ । ଭାରତର ସ୍ୱାଧୀନତା ସହ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଭୂମିକାକୁ ଆଜି ବି ଇଣ୍ଡୋନେସିଆବାସୀ ସମ୍ମାନର ସହ ମନେ ପକାନ୍ତି । ଇଣ୍ଡୋନେସିଆ ଗସ୍ତ ଅବସରରେ ଭାରତ-ଇଣ୍ଡୋନେସିଆର ସମ୍ପର୍କକୁ ନିବିଡ଼ କରିବାରେ ବିଜୁଙ୍କ ଅବଦାନକୁ ସ୍ମରଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ରାଜଧାନୀ ଜାକର୍ତ୍ତାରେ ଇଣ୍ଡୋନେସିଆ ସଂସଦକୁ ସମ୍ବୋଧିତ କରି ବିଜୁ ବାବୁଙ୍କ ଅଦମ୍ୟ ସାହସ ଯୋଗୁଁ ଉଭୟ ଭାରତ ଏବଂ ଇଣ୍ଡୋନେସିଆ ନିକଟତର ହୋଇପାରିଥିଲେ ବୋଲି ଉଲ୍ଲେଖ କରି ଇଣ୍ଡୋନେସିଆ ମୁକ୍ତି ସଂଗ୍ରାମରେ ବିଜୁ ବାବୁଙ୍କର ଭୂମିକାକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଉଭୟ ରାଷ୍ଟ୍ର ପ୍ରାୟ ସମାନ ସମୟରେ ସ୍ୱାଧୀନତା ପାଇଥିଲେ । ୧୯୪୫ରେ ଇଣ୍ଡୋନେସିଆ ସ୍ୱାଧୀନ ହୋଇଥିଲା ଓ ୧୯୪୭ରେ ଭାରତ ପରାଧୀନତାରୁ ମୁକ୍ତ ହୋଇଥିଲା । ଯେତେବେଳେ ସ୍ୱାଧୀନ ରାଷ୍ଟ୍ର ଭାବରେ ସାର୍ବଭୌମତ୍ୱର କଥା ଆସିଲା, ଭାରତ ଜାତିସଂଘରେ ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନକୁ ସମର୍ଥନ କରିବାରେ ଏକ ଦୃଢ଼ ସ୍ୱର ପାଲଟିଥିଲା । ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନ ସମୟରେ ଆଦରଣୀୟ ବିଜୁ ପଟ୍ଟନାୟକ ଯେଉଁ ଭୂମିକା ଗ୍ରହଣ କରିଥିଲେ, ଯେପରି ତତ୍କାଳୀନ ପ୍ରଧାନମନ୍ତ୍ରୀ ସୁତାନ ସାହାରିୟର ଏବଂ ଉପରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରି ଭାରତ ଆଣିଥିଲେ, ତାହା ଅତ୍ୟନ୍ତ ସାହସିକ ଥିଲା । ଏହାଦ୍ୱାରା ଦୁଇ ରାଷ୍ଟ୍ର ନିକଟତର ହୋଇଥିଲେ ବୋଲି ▶ପୃଷ୍ଠା-୧୦

## ଜମି କିଣା ବିକା: ନଗଦ କାରବାରରେ ଲାଗିବ ଅଙ୍କୁଶ

■ଭୁବନେଶ୍ୱର, ୭।୭ (ସମିସ): ରାଜ୍ୟରେ ସମସ୍ତ ଜମି କିଣା ବିକାକୁ ସମ୍ପୂର୍ଣ୍ଣ କ୍ୟାସ୍‌ଲେସ କରାଯିବ । ନଗଦ ଟଙ୍କାରେ ଜମି କିଣାବିକା ହୋଇ ପାରିବ ନାହିଁ । ଏଥିପାଇଁ ଯୋଜନା ହୋଇଛି ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ।

ମନ୍ତ୍ରୀ କହିଛନ୍ତି ଯେ ଏଣିକି ରାଜ୍ୟରେ ଜମି କିଣା ବିକା ସମ୍ପୂର୍ଣ୍ଣ କ୍ୟାସଲେସ ହେବ । କିଣାବିକା ସମୟରେ ନଗଦରେ ଗୋଟିଏ ପଇସା ବି କାରବାର ହୋଇ ପାରିବ ନାହିଁ । ପୂର୍ବରୁ ୧୫ ହଜାର ଯାଏଁ ନଗଦ କାରବାର ବ୍ୟବସ୍ଥା ଥିଲା । ମାତ୍ର ଏବେ ତାହାକୁ ହଟାଇବାକୁ ନିଷ୍ପତ୍ତି ନିଆଯାଇଛି । ଜମି ପଞ୍ଜୀକରଣ କାର୍ଯ୍ୟାଳୟକୁ ଦଲାଲ ମୁକ୍ତ କରିବାକୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଯଦି କେହି ନିୟମକୁ ଉଲ୍ଲଂଘନ କରୁଥିବାର ନଜର ଆସନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ । ସେହିପରି ଜମି କିଣା ବିକା ପାଇଁ ଆଉ ବାରମ୍ବାର ରେଜିଷ୍ଟ୍ରେସନ ଅଫିସକୁ ଆସିବାକୁ ପଡ଼ିବନି । କେବଳ ଜମି ମାଲିକ ଚିହ୍ନଟ ପାଇଁ ଯିବାକୁ ହେବ । ରେଜିଷ୍ଟ୍ରେସନ ପରେ ଦଲିଲ ମଧ୍ୟ ଅନଲାଇନରେ ପାଇବେ । ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ଖୁବଶୀଘ୍ର ଏସଓପି ଜାରି ହେବ । ଏହାସହ ରାଜସ୍ୱ ଅଧିକାରୀଙ୍କୁ ସ୍ୱତନ୍ତ୍ର ଟ୍ରେନିଂ ମଧ୍ୟ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ବିକାଶ ଓ ପରିବେଶ ପରସ୍ପରର ପରିପୂରକ: ମୁଖ୍ୟମନ୍ତ୍ରୀ



**୭ ପ୍ରମୁଖ ନଦୀ ପାର୍ଶ୍ୱରେ କରାଯିବ ଚାରାରୋପଣ**

■ ଭୁବନେଶ୍ୱର, ୭।୭ (ସମିସ): ବିକାଶ ଓ ପରିବେଶ ପରସ୍ପରର ପରିପୂରକ । ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ଓ ବିକଟ ଗ୍ରୀଷ୍ମ ଲହରର ମୁକାବିଲା ପାଇଁ ବ୍ୟାପକ ବୃକ୍ଷରୋପଣ ହିଁ ଏକମାତ୍ର ଦୀର୍ଘକାଳୀନ ସମାଧାନ । ଏହି ଦୂରଦର୍ଶୀ ଆଭିମୁଖ୍ୟ ସହ ବନ ସୁରକ୍ଷା ଓ ସବୁଜବଳୟ ସୃଷ୍ଟିରେ ଓଡ଼ିଶା ଆଜି ସାରା ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି । ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ୫୫୮ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣ ବୃଦ୍ଧି ପାଇଛି, ଯାହା ଫଳରେ ସମଗ୍ର ଭାରତବର୍ଷରେ ଓଡ଼ିଶା ଆଜି ଗୌରବଜନକ ତୃତୀୟ ସ୍ଥାନ ଅଧିକାର କରିଛି ବୋଲି କପିଳେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ବନ ମହୋତ୍ସବରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ଏହି ଅବସରରେ ସେ କହିଛନ୍ତି ଯେ ରାଜ୍ୟର ନଦୀଗୁଡ଼ିକୁ ଚିରସ୍ରୋତା କରିବା ପାଇଁ "ସବୁଜ ମହାନଦୀ ମିଶନ' ଅଧୀନରେ ମହାନଦୀ, ତେଲ୍, ଇବ୍, ବ୍ରାହ୍ମଣୀ, ଋଷିକୁଲ୍ୟା, ବୈତରଣୀ ଓ ବଂଶଧାରା ନଦୀ ପାର୍ଶ୍ୱରେ ୧.୫ କିଲୋମିଟର ପ୍ରଶସ୍ତ ସବୁଜ ବଳୟ ସୃଷ୍ଟି କରାଯାଉଛି । ୨୦୨୫-୨୬ ଆର୍ଥିକ ବର୍ଷରେ ୭୭୪ ହେକ୍ଟର ଅଞ୍ଚଳରେ ୫.୬୫ ଲକ୍ଷ ଚାରା ରୋପଣ କରାଯାଇଥିବା ବେଳେ ୨୦୨୬-୨୭ ବର୍ଷରେ ୨୭୦୨ ହେକ୍ଟର ଅଞ୍ଚଳରେ ▶ପୃଷ୍ଠା-୧୦

## ୧୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜନଗଣନା ପ୍ରସ୍ତୁତି
# ଜାତି ଲେଖିବା ଲାଗି 'ଓପନ୍ କଲମ୍'

■ ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ଦେଶର ୧୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଆରମ୍ଭ ହୋଇଛି ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପୂର୍ବାଭ୍ୟାସ (ରିହର୍ସାଲ) । ପ୍ରଥମଥର ପାଇଁ ଜନଗଣନା ଫର୍ମରେ ନାଗରିକମାନେ ନିଜ ଜାତିର ନାମ ନିଜେ ଲେଖିବା ପାଇଁ ଏକ 'ଓପନ୍ କଲମ୍' ବ୍ୟବସ୍ଥା ରଖାଯାଇଛି । ଏହା ଦ୍ୱାରା ଲୋକମାନେ କୌଣସି ପୂର୍ବନିର୍ଦ୍ଧାରିତ ତାଲିକାରେ ସୀମିତ ନ ରହି ନିଜ ଜାତିର ପରିଚୟ ଉଲ୍ଲେଖ କରିପାରିବେ ।

ଜାତିଗତ ଜନଗଣନାକୁ ନେଇ ଦୀର୍ଘ ଦିନ ଧରି ରାଜନୈତିକ ଓ ସାମାଜିକ ସ୍ତରରେ ଚର୍ଚ୍ଚା ହୋଇଆସୁଛି । ଦେଶର ବିଭିନ୍ନ ଜାତି ଓ ଉପଜାତିର ପ୍ରକୃତ ଜନସଂଖ୍ୟା ସମ୍ପର୍କରେ ନିର୍ଦ୍ଦିଷ୍ଟ ଓ ସର୍ବଶେଷ ତଥ୍ୟ ନଥିବାରୁ ସାମାଜିକ ନ୍ୟାୟ, ସଂରକ୍ଷଣ ନୀତି ଏବଂ କଲ୍ୟାଣମୂଳକ ଯୋଜନାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନରେ ସମସ୍ୟା ସୃଷ୍ଟି ହେଉଛି ବୋଲି ବିଭିନ୍ନ ସମୟରେ ଅଭିଯୋଗ ହେଉଛି । ଏପରିସ୍ଥିତିରେ ଜାତିଗତ ତଥ୍ୟ ସଂଗ୍ରହକୁ ଅନେକ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରୁଛନ୍ତି । ଜାତିଗତ ଜନଗଣନାରୁ ମିଳିବାକୁ ଥିବା ତଥ୍ୟ ଭବିଷ୍ୟତରେ ସାମାଜିକ ନ୍ୟାୟ, ସଂରକ୍ଷଣ ନୀତି, ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ଓ ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରସ୍ତୁତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରେ । ତେଣୁ ଏହି ପୂର୍ବାଭ୍ୟାସକୁ ଦେଶର ଆଗାମୀ ଜନଗଣନା ପ୍ରକ୍ରିୟାର ଏକ ମାଇଲଖୁଣ୍ଟ ବୋଲି ଦେଖାଯାଉଛି ।

ଅନ୍ୟପକ୍ଷରେ ବିଶେଷଜ୍ଞ ଓ ସାମାଜିକ ବିଶ୍ଳେଷକମାନେ ଏହି ପ୍ରକ୍ରିୟା ଉପରେ ସତର୍କ ଭାବରେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଯଦି ଜାତିର ନାମ ଲେଖିବା ପାଇଁ ଖୋଲା କଲମ୍ ରହିବ, ତେବେ ବିଭିନ୍ନ ବନାନ, ସ୍ଥାନୀୟ ନାମ ଓ ଉପଜାତିର ଭିନ୍ନ ଭିନ୍ନ ପରିଚୟ ଯୋଗୁଁ ତଥ୍ୟର ଶ୍ରେଣୀକରଣ ଏକ ବଡ଼ ଚ୍ୟାଲେଞ୍ଜ ହୋଇପାରେ । ତେଣୁ ସଂଗୃହୀତ ତଥ୍ୟର ଯାଞ୍ଚ, ମାନକୀକରଣ ଓ ବିଶ୍ଳେଷଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ପଡ଼ିବ ।

## ପଞ୍ଚାୟତ ଗୃହ ନିର୍ମାଣ ନ ହେବା ପ୍ରତିବାଦ
# ୧୦କିମି ଚାଲି ଚାଲି ଘେରିଲେ ବିଧାୟକଙ୍କ ଘର

■ ବେତନଟୀ, ୭।୭ (ସମିସ): ଦୁଇଦୁଇଥର ବିଧାୟକ ଭାବେ ନିର୍ବାଚିତ ହୋଇ ମଧ୍ୟ ଜନସାଧାରଣଙ୍କ ନ୍ୟାଯ୍ୟ ଦାବି ପୂରଣ କରି ନପାରି ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କୁ ଆଜି ହଟହଟା ହେବାକୁ ପଡିଛି । ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀର କେନ୍ଦୁଆ ପଞ୍ଚାୟତର ଶତାଧିକ ପୁରୁଷ ମହିଳା ମଙ୍ଗଳବାର ୧୦ କିଲୋମିଟର ଚାଲିଚାଲି ବାଲେଶ୍ୱର ସୀମାନ୍ତ କଳମାସ୍ଥିତ ବିଧାୟକଙ୍କ ବାସଭବନରେ ପହଞ୍ଚିଥିଲେ । ତେବେ ବିଧାୟକଙ୍କୁ ନପାଇ ସମସ୍ତେ ବିକ୍ଷୋଭ କରିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହାକୁ ନେଇ ଲୋକେ ଡବଲ ଇଞ୍ଜିନ ସରକାରଙ୍କୁ ଟ୍ରୋଲ କରୁଛି ।



ସୂଚନାଯୋଗ୍ୟ ଯେ ଅବିଭକ୍ତ ବୈଶିଙ୍ଗା ପଞ୍ଚାୟତ ଭାଗ ହୋଇ ୨୦୧୬ ମସିହାରେ କେନ୍ଦୁଆ ପଞ୍ଚାୟତ ସୃଷ୍ଟି ହୋଇଥିଲା । ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟଟି ନୂତନ ଭାବେ ନିର୍ମିତ ରାଜୀବ ଗାନ୍ଧୀ ସେବା ଗୃହରେ କାର୍ଯ୍ୟକାରୀ ହେବା ପରେ ପୁରୁଣା ଗୃହରେ କେନ୍ଦୁଆ କାର୍ଯ୍ୟାଳୟ ଚାଲୁ ରହିଛି । ବେତନଟୀ ବ୍ଲକ ଅଧୀନରେ ଆଉ ଗୋଟିଏ ସନ୍ତରା ପଞ୍ଚାୟତ ଭାଙ୍ଗି ହାତୀଝୁରୀ ପଞ୍ଚାୟତ ସୃଷ୍ଟି ହୋଇଥିଲା । ଏହି ଦୁଇଟି ନୂତନ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ସରକାରଙ୍କ ତହବିଲରୁ ୩୫ ଲକ୍ଷ ଟଙ୍କା ଲେଖାଏଁ ମଞ୍ଜୁରୀ ମିଳିବା ପରେ ହାତୀଝୁରୀ ପଞ୍ଚାୟତ ଗୃହ ନିର୍ମାଣ ହେଲା ସତ, ମାତ୍ର କେନ୍ଦୁଆ ପଞ୍ଚାୟତ ଗୃହ ନିର୍ମାଣ ହୋଇ ପାରିଲା ନାହିଁ । ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଗୃହ ପାଇଁ ସ୍ଥାନ ନିରୁପଣ ହୋଇଥିଲେ ମଧ୍ୟ ବିଧାୟକଙ୍କ ପ୍ରଥମ ପାଳିରେ ନିର୍ମିତ ହୋଇ ପାରିଲାନାହିଁ । ପରବର୍ତ୍ତୀ ସମୟରେ ବଡ଼ସାହି କ୍ଷେତ୍ରରେ ବିଧାୟକ ଭାବେ ସନାତନ ବିଜୁଳି ୨୦୨୪ରେ ଦ୍ୱିତୀୟ ବାର ନିର୍ବାଚିତ ହେବା ପରେ ନ ।।ଭେମ୍ବରରେ ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିସର ମଧ୍ୟରେ ଏହି ଗୃହ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ସମସ୍ତେ ଆଶା କରିଥିଲେ ଖୁବଶୀଘ୍ର ଗୃହ ନିର୍ମାଣ ହୋଇ ପାରିବ । ମାତ୍ର ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇ ନ ପାରିବାରୁ ଆଜି ସକାଳ ୯ଟା ବେ ।।ଳେ ଶତାଧିକ ମହିଳା, ପୁରୁଷ, ଶିଶୁ ଏକତ୍ରିତ ହୋଇ ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ପଦଯାତ୍ରାରେ ୧୦ କିଲୋମିଟର ବାଟ ଚାଲିଚାଲି କଳମା ସ୍ଥିତ ବିଧାୟକଙ୍କ ବାସଭବନ ଆଗରେ ▶ପୃଷ୍ଠା-୧୦

**ଦେଖାଦେଲେନି ବଡ଼ସାହି ବିଧାୟକ**

# ଓଡ଼ିଶା-ଛତିଶଗଡ଼ ସୀମାରୁ ବିପୁଳ ମାଓ ସାମଗ୍ରୀ ଜବତ




ନୂଆପଡ଼ା/ସିନାପାଲି,୭ ।୭(ସମିସ): ମାଓବାଦୀଙ୍କ ବଡ଼ ଚକ୍ରାନ୍ତକୁ ପଣ୍ଡକଲା ପୁଲିସ ଓ ସୁରକ୍ଷା ବାହିନୀ । ନୂଆପଡ଼ା ଜିଲ୍ଲା ପୁଲିସ ଏବଂ ସିଆରପିଏଫ୍ ର ମିଳିତ ଅପରେସନରେ ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଅଞ୍ଚଳରୁ ଏକ ବଡ଼ ମାଓବାଦୀ ଡମ୍ପ୍ ଠାବ କରାଯାଇଛି । ନୂଆପଡ଼ା ଏସ୍‌ପି ଅମ୍ରିତ ପାଲ୍ ସିଂ ଏବଂ ସିଆରପିଏଫ -୧୯ ବାଟାଲିୟନର କମାଣ୍ଡେଣ୍ଟ ଦୀପକ ମଣି ତ୍ରିପାଠୀଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା । ନୂଆପଡ଼ା ଜିଲ୍ଲା ପୁଲିସକୁ ମିଳିଥିବା ସୂଚନା ଆଧାରରେ ବୋଡ଼େନ ଥାନା ଅଧୀନ ପାଟଧରା ସଂରକ୍ଷିତ ଜଙ୍ଗଲ ଏବଂ ବାରପାଟ ଡଙ୍ଗର ପାହାଡ଼ିଆ ଅଞ୍ଚଳରେ ଏକ ମିଳିତ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା । ଏହି ଟିମ୍‌ରେ ନୂଆପଡ଼ା ଡିଭିଏଫ୍ ଏବଂ ସିଆରପିଏଫ,- ୧୯ ବାଟାଲିୟନର ବିଡି ଟିମ୍ ସାମିଲ ଥିଲେ । ସେଠାରେ ମାଓବାଦୀମାନେ ମାଟି ତଳେ ଲୁଚାଇ ରଖିଥିବା ବିପୁଳ ପରିମାଣର ବିସ୍ଫୋରକ ଓ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ଦେଶୀ ବନ୍ଧୁକ ଓ କାରବାଇନ ୦୨ଟି ଦେଶୀ ବନ୍ଧୁକ ଏବଂ ମାଗାଜିନ ସହ ଗୋଟିଏ ଦେଶୀ କାରବାଇନ, ଏକେ୪୭ ର ୨୯ ରାଉଣ୍ଡ ଏବଂ ଏସଏଲ୍‌ଆର ର ୫୪ ରାଉଣ୍ଡ ଜୀବନ୍ତ ଗୁଳି, ଆଇଇଡି ଓ ବିସ୍ଫୋରକ ଟିଫିନ ଆଇଡିଏଫ୍ ୨ଟି , ୦୮ ଟି ଜେଲାଟିନ ଷ୍ଟିକ, ୧.୫ କିଲୋ ଗନ୍ ପାଉଡର ୟୁରିଆ, ଡେଟୋନେଟର, ସୋଲାର ପ୍ଲେଟ୍, ବ୍ୟାଟେରୀ, ମାଓବାଦୀ ପୋଷାକ, ଔଷଧ ବାକ୍ସ ଏବଂ ମାଓ ସାହିତ୍ୟ ଜବତ କରାଯାଇଥିବା ପୁଲିସ ପକ୍ଷରୁ ପ୍ରକାଶ ।

## ● କରଲାପିଠା ଗ୍ରାମରେ ଚୋରି

# ୨ ଲକ୍ଷ ପଚାଶ ହଜାର ଟଙ୍କା; ୧୭ ଭରି ସୁନା ଓ ରୁପା ଅଳଙ୍କାର ଲୁଟ୍

ଭବାନୀପାଟଣା,୭ ।୭(ସମିସ): କଳାହାଣ୍ଡି ଜିଲ୍ଲାରେ ଚୋରି ଓ ଡକାୟତି ଘଟଣା କ୍ରମାଗତଭାବେ ବୃଦ୍ଧି ପାଉଥିବାରୁ ସାଧାରଣ ଲୋକ ଏବେ ଭୟଭୀତ ଅବସ୍ଥାରେ କାଳ



କାଟୁଛନ୍ତି । ସୋମବାର ବିଳମ୍ବିତ ରାତିରେ ସଦରଥାନା ଅଧୀନ ବୋଡର୍ା ଫାଣ୍ଡି କରଲାପିଠା ଗ୍ରାମରେ ଏକ ବଡ଼ଧରଣର ଚୋରି ଘଟଣା ସାମ୍ନାକୁ ଆସିଛି । ଗ୍ରାମର ପାର୍ଥବ ସାହୁଙ୍କ ଘରୁ ୨ ଲକ୍ଷ ପଚାଶ ହଜାର ଟଙ୍କା ସମେତ ୧୭ ଭରି ସୁନା ଓ ରୁପା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ପାର୍ଥବ ସାହୁ ଓ ତାଙ୍କ ପରିବାର ଲୋକେ ଘରେ ଶୋଇଥିଲେ । ଏହାର ସୁଯୋଗ ନେଇ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଘରେ ପଶି ଆଲମିରା ଭାଙ୍ଗି ନଗଦ ୨.୫୦ ଲକ୍ଷ ଟଙ୍କା, ୧୭ ଭରି ସୁନା ଏବଂ ୩୦ ଭରି ରୁପା ଅଳଙ୍କାର ଲୁଟି ନେଇଛନ୍ତି । ଏନେଇ ସ୍ଥାନୀୟ ପୋଲିସକୁ ସୂଚନା ଦିଆଯାଇଛି ।

## ନୂଆପଡ଼ାରେ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

# ସୁଶାସନ ଓ ରାଜସ୍ୱ ସଂଗ୍ରହ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ

ନୂଆପଡ଼ା/ସିନାପାଲି,୭ ।୭(ସମିସ)



ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟସ୍ଥିତ ସମ୍ମିଳନୀକକ୍ଷରେ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକର ପ୍ରାରମ୍ଭରେ ଜିଲ୍ଲାପାଳ ସୁଶାସନକୁ ସର୍ବୋଚ୍ଚ ପ୍ରାଥମିକତା ଦେବାଉପରେ ଗୁରୁତ୍ୱାରୋପ କରିଥିଲେ । ତହସିଲ କାର୍ଯ୍ୟାଳୟ ଓ ସାଧାରଣ ଜନତାଙ୍କ ମଧ୍ୟରେ ଥିବା ବ୍ୟବଧାନ ଦୂରକରି ଲୋକଙ୍କୁ ସହଜ, ସ୍ୱଚ୍ଛ ଓ ସମୟୋପଯୋଗୀ ସେବା ଯୋଗାଇବା ପାଇଁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ଉପଜିଲ୍ଲାପାଳଙ୍କୁ ସପ୍ତାହକୁ ଅତିକମରେ ଦୁଇଟି ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରି ସେବା ପ୍ରଦାନ ବ୍ୟବସ୍ଥାର ତଦାରଖ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଗୃହ ଓ ନଗରଉନ୍ନୟନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଗଙ୍ଗାଧର ନାୟକ ଯୋଗଦେଇ ସାମାଜିକ ଗୃହ ନିର୍ମାଣ ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ଉପଯୁକ୍ତ ସରକାରୀ ଜମି ଚିହ୍ନଟ ସମ୍ପର୍କରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଜିଲ୍ଲାର ସହରାଞ୍ଚଳ ବିକାଶ ସମ୍ପର୍କରେ ସ୍ୱତନ୍ତ୍ର ଶାସନ ସଚିବଙ୍କୁ ଅବଗତ କରାଇଥିଲେ । ସେ କହିଥିଲେ, ହୋଲ୍ଡିଂ ଟିକସ ଆଦାୟରେ ନୂଆପଡ଼ା ଏନ୍‌ଏସି ରାଜ୍ୟରେ ପ୍ରଥମ ଏବଂ ଖଡ଼ିଆଳ ଏନ୍‌ଏସି ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ସେହିପରି ଡିଡିସି, କନ୍‌ଭର୍ଜେନ୍ସ ଓ ଅନ୍ୟାନ୍ୟ ସମୀକ୍ଷା ବୈଠକରେ ପୌର ପ୍ରଶାସନର ଅଂଶଗ୍ରହଣ ବିଭିନ୍ନ ସହରାଞ୍ଚଳ ବିକାଶ ଯୋଜନାର ସଫଳ ରୂପାୟନରେ ସହାୟକ ହେଉଥିବା ସମ୍ପର୍କରେ ମଧ୍ୟ ସେ ସୂଚନା ଦେଇଥିଲେ ।

ବୈଠକରେ ବାଣିଜ୍ୟ କର ଓ ଜିଏସ୍‌ଟି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ଜୁନ୍‌୨୦୨୬ ସୁଦ୍ଧା ୬୨୮.୧୪ ଲକ୍ଷ ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇଛି, ଯାହା ଗତବର୍ଷର ସମାନ ଅବଧି ତୁଳନାରେ ୩୫.୯୧ ପ୍ରତିଶତ ଅଧିକ । ସେହିପରି ସିଟି ଓ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ୟୁନିଟ୍ ଚଳିତ ଆର୍ଥିକ ବର୍ଷରେ ୪୪୭.୮୦ ଲକ୍ଷ ଟଙ୍କାର ବାର୍ଷିକ ଲକ୍ଷ୍ୟ ବିପରୀତ ଜୁନ୍ ସୁଦ୍ଧା ୯୫.୦୬ ଲକ୍ଷ ଟଙ୍କା ସଂଗ୍ରହ କରିଥିବା ସୂଚନା ଦେଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ଡେପୁଟି ଜିଲ୍ଲାପାଳ (ନିର୍ବାଚନ) ଶେଖ ନସିମ, ସମସ୍ତ ବ୍ଲକଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ବିଭିନ୍ନବିଭାଗର ଜିଲ୍ଲାସ୍ତରୀୟଅଧିକାରୀ ଉପସ୍ଥିତ ଥିଲେ ।

# ଡ.କପିଳେନ୍ଦ୍ର ଦାସଙ୍କୁ ଭାରତରତ୍ନ ଗୌରବ ସମ୍ମାନ

କୋମନା,୭ ।୭(ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଭେଲା ଗ୍ରାମର ଶିକ୍ଷାବିତ ତଥା ଖଡିଆଳ ରାଜା ଏ.ଟି. ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡ. କପିଳେନ୍ଦ୍ର ଦାସ ଶିକ୍ଷା, ଗବେଷଣା ଏବଂ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ନେସନାଲ ଏଜୁକେସନ୍ ଫୋରମ୍ କଲିକତା ପକ୍ଷରୁ "ଭାରତ ରତ୍ନ ଗୌରବ ସମ୍ମାନ' ପ୍ରଦାନ କରାଯାଇଛି । ଜଣେ ଶିକ୍ଷାବିତ୍ ଭାବେ ଡ.



ଦାସ ତାଙ୍କର ସମର୍ପିତ ସେବା ପାଇଁ ସମଗ୍ର ଦେଶରରେ ସମ୍ମାନ ଅର୍ଜନ କରିଛନ୍ତି । ଅବସର ପରେ ମଧ୍ୟ ସେ ଶିକ୍ଷାଗତ ଗବେଷଣା ଲେଖାଲେଖି ଏବଂ ସାହିତ୍ୟିକ କାର୍ଯ୍ୟଜାରିରଖିଛନ୍ତି । ତାଙ୍କର ଗବେଷଣା ପତ୍ର ଭାରତୀୟ ଶିକ୍ଷା ବ୍ୟବସ୍ଥାର ସଂସ୍କାର ପତ୍ରିକାରେ ପ୍ରକାଶିତ ହୋଇଛି । ପୂର୍ବରୁ ଡ. ଦାସ ଆଦର୍ଶ ବିଦ୍ୟାରତ୍ନ ସମ୍ମାନ, ବନ୍ଦେ ଭାରତ ନେସନାଲ ଆୱାଡର୍, ସମ୍ବିଧାନ ରକ୍ଷକ ସମ୍ମାନ, ଇଣ୍ଡିଆନ୍ ଲିଟ୍ରେଚର୍ ଆୱାଡର୍, ଶ୍ରେଷ୍ଠ ଲେଖକ ଆୱାଡର୍ ଭଳି ଅନେକ ନେସନାଲ ଆୱାଡର୍ ପାଇସାରିଛନ୍ତି ।

# ୧୦ରୁ ଯୋଗାଣ ସହାୟକଙ୍କ ସାମୂହିକ ଛୁଟି ଚେତାବନୀ

କୋକସରା,୭ ।୭(ସମିସ) : ବିଭିନ୍ନ ଦାବିପୂରଣ ନେଇ ଆସନ୍ତା ୧୦ ତାରିଖରୁ କୋକସରା ବ୍ଲକ୍ ଯୋଗାଣ ସହାୟକ ସଂଘ ସାମୂହିକ ଛୁଟିରେ ଯିବାକୁ ଚେତାବନୀ ଦେଇଛି । ଏନେଇ ମଙ୍ଗଳବାର ସଂଘ ପକ୍ଷରୁ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ହିମାଞ୍ଚଳ ମାଝୀଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି । ସଂଘର ଅଭିଯୋଗ ଅନୁଯାୟୀ, ଯୋଗାଣ ସହାୟକମାନଙ୍କର ଦୀର୍ଘଦିନର ଦାବିପ୍ରତି ସରକାର ଏପର୍ଯ୍ୟନ୍ତ କୌଣସି କର୍ଣ୍ଣପାତ କରୁନାହାନ୍ତି । ପୂର୍ବରୁ ବାରମ୍ବାର ଦାବି ଜଣାଯାଇଥିଲେ ହେଁ କୌଣସି ସକାରାତ୍ମକ ପଦକ୍ଷେପ ନିଆଯାଇ ନାହିଁ । ଫଳରେ ବାଧ୍ୟ ହୋଇ ଚଳିତ ମାସ ୧୦ ତାରିଖରୁ ସମସ୍ତ ଯୋଗାଣ ସହାୟକ ସାମୂହିକ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି । ବର୍ତ୍ତମାନ ଜୁଲାଇ ଓ ଅଗଷ୍ଟ ମାସର ରାସନ ସାମଗ୍ରୀ ବଣ୍ଟନ କରିବା ପାଇଁ ପ୍ରଶାସନ ପକ୍ଷରୁ ଚାପ ପକାଯାଉଥିବା ବେଳେ, ସଂଘ ଏହାକୁ ବିନମ୍ରତାର ସହ ପ୍ରତ୍ୟାଖ୍ୟାନ କରିଛି । ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ କିମ୍ବା ପଞ୍ଚାୟତ କର୍ତ୍ତୃପକ୍ଷ ପ୍ରତ୍ୟକ୍ଷ ବା ପରୋକ୍ଷରେ କୌଣସି ପ୍ରକାର ଚାପ ପ୍ରୟୋଗ ନକରିବାକୁ ସଂଘ କହିଛି । ଯଦି ଆଗାମୀ ଦିନରେ ଦାବି ପୂରଣ ନହୁଏ, ତେବେ ଏହା ଏକ ବୃହତ୍ତର ଆନ୍ଦୋଳନର ରୂପ ନେବ ବୋଲି ଚେତାବନୀ ଦିଆଯାଇଛି । ଏହି



### ଦାବିପୂରଣ ନ ହେଲେ ଅଚଳହେବ ରାସନ ବ୍ୟବସ୍ଥା

ଦାବିପତ୍ର ପ୍ରଦାନ ସମୟରେ ଯୋଗାଣ ସହାୟକ ବିକ୍ରମ କୁମାର ସାହୁ, ଟିକେଶ୍ୱର ବାଗ, ଦୟାନିଧି ଶବର, ପ୍ରକାଶ ନାଗ, ଧର୍ମେନ୍ଦ୍ର କୁମାର ଦାସ ଓ ପ୍ରଶାନ୍ତ ନାଏକଙ୍କ ସମେତ ସଂଘର ଅନ୍ୟ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ମରଣାନ୍ତକ ଆକ୍ରମଣ ମାମଲାରେ ଯୁବକ ଗିରଫ

କର୍ଲାମୁଣ୍ଡା,୭ ।୭(ସମିସ): କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ଫାଣ୍ଡି ଅଧୀନ ବଡ଼ଡୁଙ୍ଗୁରୀଗୁଡା ଠାରେ ଗତକାଲି ଅପରାହ୍ନରେ ଘଟିଥିବା ଏକ ମରଣାନ୍ତକ ଆକ୍ରମଣ ମାମଲାରେ ଜଣେ ଯୁବକ ଗିରଫ ହୋଇ ଜେଲଘିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ପୁଲିସ ସୂଚନାମତେ ଗତକାଲି ବଡଡୁଙ୍ଗୁରୀଗୁଡା ଗାଁ ଛକ ଠାରେ ସେହି ଗ୍ରାମର ହେମନ୍ତ ବଢେଇ ନାମକ ଯୁବକ ଠିଆ ହୋଇଥିବାବେଳେ ସେହି ବଡଡୁଙ୍ଗୁରୀଗୁଡାଗ୍ରାମର ଟାଙ୍ଗରପଡା ଅଭୟ ଦୀପ ଙ୍କ ପୁଅ ରଘୁନାଥ ଦୀପ (୨୯) ହଠାତ ଗାଳିଗୁଲଜ କରି ଏକ ଥଣ୍ଡାପାନୀୟ କାଚ ବୋତଲରେ ହେମନ୍ତ ମୁହଁ କପାଳରେ ଭୁସି ଦେଇଥିଲା । ଏନେଇ ହେମନ୍ତ ରିଷିଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ଫାଣ୍ଡିଅଧିକାରୀ ମନୁଆ ବିଡିକା ସଦଳବଳେ ଉକ୍ତ ଗାଁକୁ ଯାଇ ଯୁବକ କୁ ଗିରଫ କରିଥିଲେ । ସୋମବାର ରାତିରେ ତାକୁ ମ.ରାମପୁର ଥାନାକୁ ପଠାଯାଇଥିଲା । ଏନେଇ ମ.ରାମପୁର ଥାନାରେ ପୁଲିସ ମାମଲା ରୁଜୁ କରି ଆଜି ରଘୁନାଥକୁ କୋର୍ଟ ଚାଲାଣ କରିଥିଲେ । ଜାମିନ ନାମଞ୍ଜୁର ହେବାରୁ ତାକୁ ମ.ରାମପୁର ଉପକାରଗାରର ବିଚାର ବିଭାଗୀୟ ହାଜତକୁ ପଠେଇ ଦିଆଯାଇଛି ।

# ୪ ଏଲ୍‌ଆଇ ପଏଣ୍ଟ ମୋଟର ଚୋରି

ଭବାନୀପାଟଣା,୭ ।୭(ସମିସ): ନର୍ଲା ଥାନା ଲାଖଗୁଡ଼ା ସାନ୍ଧୁଲ ନଦୀ ତଟରେ ଥିବା ୪ଟି ଏଲ୍‌ଆଇ ପଏଣ୍ଟ ମୋଟର ଚୋରି ହୋଇଛି । ସୋମବାର ରାତିରେ ମୋଟର ଚୋରି ହୋଇଥିବା ଚାଷୀ ଲିଙ୍ଗରାଜ ଭୋଇ, ସନ୍ତୋଷ ଭୋଇ, କରଚି ହରିଜନ, ଗୋପବନ୍ଧୁ ପଧାନ, ସିଲେକରାମ ଭୋଇ, ଅର୍ଜୁନ ପଧାନ, କୃଷ୍ଣଚନ୍ଦ୍ର ଭୋଇ, ତାପସ ଭୋଇ ପ୍ରମୁଖ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ସ୍ୱଳ୍ପ ବୃଷ୍ଟିପାତ ହେଉଥିବାବେଳେ ଏଲ୍‌ଆଇ ପଏଣ୍ଟ ମୋଟର ଚୋରୀ ହୋଇଥିବାରୁ ଲାଖଗୁଡା, ଭିମକେଲା ଓ ମୁର୍ସିଙ୍ଗର ଚାଷୀମାନଙ୍କ ଚାଷ ପ୍ରଭାବିତ ହେବ । ଚୋରି ହୋଇଥିବା ମୋଟର ଜବତ କରିବାକୁ ଚାଷୀମାନେ ଅନୁରୋଧ କରିଛନ୍ତି ।

## ● ସ୍ୱତନ୍ତ୍ର ସଘନ ସଂଶୋଧନ

# କେସିଙ୍ଗା ଏନ୍‌ଏସିରୁ ବାଦ ପଡ଼ିଲେ ୧୪୩୨

କେସିଙ୍ଗା,୭ ।୭(ସମିସ): କଳାହାଣ୍ଡି ଜିଲ୍ଲାର ସ୍ୱତନ୍ତ୍ର ସଘନ ସଂଶୋଧନ - ୨୦୨୬ର ମତଦାତା ତାଲିକା ପ୍ରକାଶ ପାଇଛି । ଜିଲ୍ଲାର ୫ ଟି ନିର୍ବାଚନ ମଣ୍ଡଳୀର ୭୪ ହଜାର ୫୪୬ ଜଣ ଭୋଟର ବାଦ ପଡ଼ିଥିବା ବେଳେ କେସିଙ୍ଗା ଯାଉଥିବା ଭବାନୀପାଟଣା ସଦର ନିର୍ବାଚନ ମଣ୍ଡଳୀରେ ବାଦ ପଡ଼ିଛନ୍ତି ୧୭୪୭୬ ଜଣ ମତଦାତା । ସେହିପରି ଭବାନୀପାଟଣା ସଦର ନିର୍ବାଚନର କେସିଙ୍ଗା ଏନ୍‌ଏସି ର ସର୍ବମୋଟ ୧୪୮୬୮ ଜଣ ଭୋଟର ଥିବାବେଳେ ଏସ୍‌ଆଇଆର ପରେ ବର୍ତ୍ତମାନ ୧୩ ୪୩୬ ଜଣ ମତଦାତା ରହିଛନ୍ତି । ୧୨ଟି ୱାର୍ଡରୁ ଏସ୍‌ଆଇଆର ପରେ କଟିଛନ୍ତି ୧୪୩୨ ଜଣ ମତଦାତା । ସେଥିମଧ୍ୟରୁ ୫୧୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ କିଛି ମତଦାତା ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୋଇଛନ୍ତି । ଆଉକିଛି ମତଦାତାଙ୍କ ଦୁଇ ଦୁଇଥର ନାମ ରହିଯାଇଛି ବୋଲି ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ପ୍ରକାଶ କରିବା ସହିତ ଚିଠା ଭୋଟର ତାଲିକା ପ୍ରକାଶ ପରେ କୌଣସି କାରଣ ବଶତଃ ତାଲିକା ଭୁକ୍ତ ହୋଇ ନଥିବା ଯୋଗ୍ୟ ମତଦାତା ଫର୍ମ ନଂ ୬ ଦାଖଲ କରି ନିଜ ନାମ ଯୋଡ଼ି ପାରିବେ, ଏଥିପାଇଁ ଚଳିତ ମାସ ଜୁଲାଇ ୫ ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ କରିପାରିବେ ଓ ଅଭିଯୋଗ ଗୁଡ଼ିକୁ ଆଗାମୀ ସେପ୍ଟେମ୍ବର ମାସ ୨ ତାରିଖ ସୁଦ୍ଧା ଆପତ୍ତି ଅଭିଯୋଗର ସମାଧାନ କରି ସେପ୍ଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ଲିଷ୍ଟ ପ୍ରକାଶ ପାଇବ ବୋଲି ପ୍ରକାଶ କରିଛନ୍ତି ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କୋକସରା,୭ ।୭(ସମିସ): କୋକସରା ଥାନା ମୋଟେର ଫାଣ୍ଡି ଅଧୀନ ଡହଗାଁ ନାଗପଡ଼ା ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହଜନକ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି । ମୃତ ଯୁବକ ଜଣକ ହେଲେ ଉକ୍ତ ଗ୍ରାମର ଲକ୍ଷ୍ମଣ ନାଗଙ୍କ ୨୨ ବର୍ଷୀୟ ପୁଅ କିଶୋର ନାଗ । ମଙ୍ଗଳବାର ସକାଳେ ଗ୍ରାମ ନିକଟସ୍ଥ ଏକ ବରଗଛରେ କିଶୋରଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା । ଖବରପାଇ ମୋଟେର ଫାଣ୍ଡି ଅଧିକାରୀ ମନଧର ମାଝୀ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହ ଶବକୁ ଜବତ କରିଥିଲେ । ପରେ ପୁଲିସ ପକ୍ଷରୁ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା । ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ଏହା ଆତ୍ମହତ୍ୟା ନା ଅନ୍ୟ କିଛି, ସେ ନେଇ ସନ୍ଦେହ ପ୍ରକାଶ ପାଇଛି । ପୁଲିସ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଥିବା ସୂଚନା ମିଳିଛି ।

# ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ

ଜୁନାଗଡ଼,୭ ।୭(ସମିସ): ଜୁନାଗଡ଼ ବ୍ଲକ୍ ଅଧୀନ କାଲୋପଲା ନିକଟରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି ଜୁନାଗଡ଼ ସହର ବଡ଼ପଡାର ଧର୍ମେନ୍ଦ୍ର ନାଇକ । ସେ ନିଜ ଶଶୁରଘର ବଡ଼ ଫୁରଲାକୁ ଯାଉଥିବା ବେଳେ କାଲୋ ପଲାଠାରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଜୁନାଗଡ ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଧର୍ମଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ବ୍ୟବଚ୍ଛେଦ ପରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏ ସମ୍ପର୍କରେ ପୁଲିସ ଏକ ମାମଲା ରୁଜୁକରି ଗାଡି ଓ ଡ୍ରାଇଭରକୁ ଧରିବା ପାଇଁ ତଦନ୍ତ ଜାରି ରଖିଛି ।

# ବର୍ଷାରେ ଭାଙ୍ଗିଲା ରାଜସ୍ୱ ଅଧିକାରୀଙ୍କ କାର୍ଯ୍ୟାଳୟ ପାଚେରି

ଖଡ଼ିଆଳ,୭ ।୭(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍ ଅଧୀନ ସରଧାପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳ ପାଚେରି ଚଳିତ ବର୍ଷାରେ ଭାଙ୍ଗି ଯାଇଛି । ଅଫିସ ନିର୍ମାଣ ସମୟରେ ମଧ୍ୟ ଗ୍ରାମବାସୀ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ କରିଥିଲେ । ହେଲେ କୌଣସି ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରିନଥିବାରୁ ବର୍ତ୍ତମାନ ତାହାର ପାଚେରି ଭାଙ୍ଗି ଯାଇଛି । ଅତି ନିମ୍ନମାନର କାର୍ଯ୍ୟ ଯୋଗୁଁ ଭାଙ୍ଗି ଯାଇଛି ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଜିଲ୍ଲା ପ୍ରଶାସନ ଦୃଷ୍ଟିଦେଇ କାହିଁକି ପାଚେରି ଭାଙ୍ଗିଲା ତାହାର ତଦନ୍ତ କରି ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

GOVERNMENT OF ODISHA
PANCHAYAT SAMITI: NARAYANPATNA
PR & DW DEPARTMENT, ODISHA
E-Mail ID: ori-narayanpatna@nic.in
Letter No.: 1889 /2026/TCN.02/2026-27, Date: 06.07.2026

NOTICE INVITING TENDER

Bid Identification No. 02 of 2026-27 of B.D.O. Narayanpatna

1. Bid documents consisting of specification, the Bill of Quantity and the Tender Call Notice can be seen in the Government website: http://tendersodisha.gov.in/nicgep/app

| Sl. No. | Name of Work | Estimated Cost (Rs.) | Class of Contractor | Cost of Tender Paper (Rs.) | EMD (Rs.) | Time of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Drinking Water and Additional Classroom at Narayanpatna Govt. Girls Higher Secondary | 10,89,277/- | "C" & "D" | 6,000/- | 10,900/- | 6 Months |
| 2 | Construction of Additional Classroom at RK Higher Secondary School at Narayanpatna | 15,23,399/- | "C" & "D" | 6,000/- | 15,300/- | 6 Months |
| 3 | Construction of Drinking Water and Additional Classroom at Bala UGAS | 11,04,753/- | "C" & "D" | 6,000/- | 11,100/- | 6 Months |
| 4 | Construction of Boundary Wall, Drinking Water and Additional Classroom at Kelubadi Primary School | 11,06,336/- | "C" & "D" | 6,000/- | 11,100/- | 6 Months |
| 5 | Construction of Boundary Wall, Drinking Water and Additional Classroom at Laumalo Govt. Primary School | 11,00,049/- | "C" & "D" | 6,000/- | 11,000/- | 6 Months |
| 6 | Construction of Drinking Water and Additional Classroom at Naktipadar Upper Primary School | 11,00,049/- | "C" & "D" | 6,000/- | 11,000/- | 6 Months |
| 7 | Construction of Boundary Wall, Drinking Water and Additional Classroom at Palaput Secondary School | 10,89,277/- | "C" & "D" | 6,000/- | 10,900/- | 6 Months |
| 8 | Construction of Boundary Wall, Drinking Water and Additional Classroom at Sekhram Primary School | 11,14,826/- | "C" & "D" | 6,000/- | 11,200/- | 6 Months |
| 9 | Construction of Boundary Wall, Drinking Water and Additional Classroom at Upperlocha Primary School | 11,14,826/- | "C" & "D" | 6,000/- | 11,200/- | 6 Months |
| 10 | Construction of Boundary Wall, Drinking Water and Additional Classroom at Amblimbaguda Primary School | 15,71,922/- | "C" & "D" | 6,000/- | 15,800/- | 6 Months |
| 11 | Construction of Playground and Additional Classroom at Borigi Secondary School | 13,44,972/- | "C" & "D" | 6,000/- | 13,500/- | 6 Months |
| 12 | Construction of Boundary Wall, Playground and Additional Classroom at Balipeta Secondary School | 15,73,181/- | "C" & "D" | 6,000/- | 15,800/- | 6 Months |
| 13 | Construction of BT Road from Pindamal to Pipalguda | 16,80,690/- | "C" & "D" | 6,000/- | 17,000/- | 6 Months |
| 14 | Construction of Boundary Wall, Drinking Water and Additional Classroom at Chintaguda K Primary School | 14,87,693/- | "C" & "D" | 6,000/- | 14,900/- | 6 Months |
| 15 | Construction of Boundary Wall, Drinking Water and Additional Classroom at JELC Primary School, Gotiguda | 15,73,181/- | "C" & "D" | 6,000/- | 15,800/- | 6 Months |
| 16 | Construction of Boundary Wall, Drinking Water and Additional Classroom at Pindamali Primary School | 14,87,113/- | "C" & "D" | 6,000/- | 14,900/- | 6 Months |
| 17 | Construction of Boundary Wall, Toilet, Playground, Drinking Water and Additional Classroom at Rangapuri Primary School | 14,83,657/- | "C" & "D" | 6,000/- | 14,900/- | 6 Months |
| 18 | Providing facilities like digging of tube well, CWSN Toilet, Kitchen Shed and Electricity Connection to Tala Ullubadi PS | 11,88,208/- | "C" & "D" | 6,000/- | 11,900/- | 6 Months |
| 19 | Construction of Boundary Wall, Drinking Water and Additional Classroom at Pachingi Primary School | 14,87,693/- | "C" & "D" | 6,000/- | 14,900/- | 6 Months |
| 20 | Construction of Additional Classroom at Naktipadar PS | 14,45,788/- | "C" & "D" | 6,000/- | 14,500/- | 6 Months |

20 (Twenty) Nos. of work only

| | |
|---|---|
| Tender documents available on website | Can be downloaded from http://www.tendersodisha.gov.in |
| Bid documents available date and time | **From 10.07.2026 at 11.00 Hours to 31.07.2026 up to 17.30 Hours** |
| Bid clarification start date & closing date | **10.07.2026 to 31.07.2026 during office hours** |
| Offline documents received through Speed Post/Registered Post | **From 10.07.2026 at 17.30 Hours to 04.08.2026 at 11.00 Hours** |
| Date, time and venue of opening of bid online | **05.08.2026 at 11.00 Hours**, Office of the Block Development Officer, Panchayat Samiti, Narayanpatna |
| Offline documents shall be opened in presence of participating bidders | **05.08.2026 at 11.00 Hours onwards**, Chamber of BDO, Narayanpatna |
| If stipulation arises, the tender will be decided through Lottery System | **05.08.2026 at 15.30 Hours**, Office of the Block Development Officer, Panchayat Samiti, Narayanpatna |

**Block Development Officer**
**Narayanpatna**

## ଜୋର୍ ଧରିଲା କେଗାଁ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ଦାବି

# ସ୍ୱୟଂସହାୟକ ଗୋଷ୍ଠୀ ଓ ଗ୍ରାମବାସୀଙ୍କ ଧାରଣା

ଗୋଲାମୁଣ୍ଡା, ୭ ।୭(ସମିସ)

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁଠାରେ ଚଳିତବର୍ଷବେଆଇନଭାବେଆରମ୍ଭହୋଇଥିବା ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତରଣ କରିବା ଦାବିରେ ଆଜିଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀ ଓ ଗ୍ରାମବାସୀ ବିଦେଶୀ ମଦ ଦୋକାନ ସମ୍ମୁଖରେ ଧାରଣରେ ବସିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗରୁ ଜଣାଯାଏ ଯେ ଚଳିତବର୍ଷ ରାଜ୍ୟ ସରକାରଙ୍କ ବିଦେଶୀ ମଦ ଦୋକାନ ଲଟେରି ମାଧ୍ୟମରେ ଛତିଶଗଡ଼ ରାଜ୍ୟ ନୂଆ ରାୟପୁରର ଅଭିନାଶ ସିଂ ନାମକ ଜୈନକ ବ୍ୟକ୍ତି କେଗାଁ ବିଦେଶୀ ମଦ ଦୋକାନ ୩ ବର୍ଷ ପାଇଁ ଲିଜ୍‌ରେ ନେଇଛନ୍ତି । ଉକ୍ତ ବ୍ୟକ୍ତି ଜଣକ ସ୍ଥାନୀୟ ଅଞ୍ଚଳର କେତେକ ଯୁବକଙ୍କୁ ହାତବାରିସି କରି କେଗାଁ ମଧ୍ୟ ଭାଗରେ ବିଦେଶୀ ମଦ ଦୋକାନ ଆରମ୍ଭ କରିଛନ୍ତି । ଗ୍ରାମ ମଧ୍ୟରେ ବିଦେଶୀ ମଦଦୋକାନ ଖୋଲିବା ନେଇ ପୂର୍ବରୁ ଗ୍ରାମବାସୀ ପ୍ରବଳ ବିରୋଧ କରିବା ସହିତ ସଂପୃକ୍ତ ବ୍ୟକ୍ତିଙ୍କୁ ଗ୍ରାମ ମଧ୍ୟରେ ନଖୋଲିବାକୁ ଅନୁରୋଧ କରିଥିଲେ ସୁଦ୍ଧା ଗ୍ରାମବାସୀଙ୍କ କଥାକୁ ନ ଶୁଣି ସଂପୃକ୍ତ ବ୍ୟକ୍ତି ଗ୍ରାମର ମଧ୍ୟବର୍ତ୍ତୀ ଯାଗାରେ ବିଦେଶୀ ମଦ ଦୋକାନ ପାଇଁ ଘର କାର୍ଯ୍ୟ ଆରମ୍ଭ କରୁଥିବା ଦେଖି ଗ୍ରାମବାସୀ କଳାହାଣ୍ଡି ଜିଲ୍ଲାପାଳ,



ଅବକାରୀ ଅଧିକ୍ଷକ, ଧର୍ମଗଡ ଉପଜିଲ୍ଲାପାଳ, ଗୋଲାମୁଣ୍ଡା ତହସିଲଦାର,ଧର୍ମଗଡ ଅବକାରୀ ବିଭାଗ,କେଗାଁ ଥାନାରେ ଉକ୍ତ ବିଦେଶୀ ମଦ ଦୋକାନ ସ୍ଥାନାନ୍ତରଣ ଦାବିରେ ଲିଖିତ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗକୁ ଭ୍ରୁକ୍ଷେପ ନକରି ଗତକାଲିଠାରୁ ଉକ୍ତ ଯାଗାରେ ବିଦେଶୀ ମଦ ଦୋକାନ ଆରମ୍ଭ ହୋଇଥିବାରୁ ଆଜି ସକାଳ ସମୟରୁ ଗ୍ରାମର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଓ ଗ୍ରାମବାସୀ ଉକ୍ତ ବିଦେଶୀ ମଦଦୋକାନ ସମ୍ମୁଖରେ ଧାରଣାରେ ବସିଛନ୍ତି । ଉକ୍ତ ବିଦେଶୀ ମଦ ଦୋକାନ ସ୍ଥାନାନ୍ତରଣ ନହେବା ପାର୍ଯ୍ୟନ୍ତ ଧାରଣ ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି ।

# ହ୍ରାସ ପାଉଛି ବୈତରଣୀ ବନ୍ୟାଜଳ



ବାରିକପୁର, ୭।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଆଖୁଆପଦା ଆନିକଟଠାରେ ସୋମବାର ରାତିରୁ ବୈତରଣୀ ନଦୀର ବନ୍ୟାଜଳ ହ୍ରାସ ପାଉଥିବା ଜଣାଯାଇଛି। ଚଳିତ ବର୍ଷ ନଦୀରେ ପ୍ରଥମ ବନ୍ୟାଜଳ ପ୍ରବେଶ କରିଥିବାବେଳେ ଏହାଦ୍ୱାରା କିଛି କ୍ଷୟକ୍ଷତି ହୋଇନାହିଁ। ବନ୍ୟା ପାଣି ବିପଦ ସଂକେତ ନିକଟବର୍ତ୍ତୀ ପ୍ରବାହିତ ହେବା ପରେ ଏହା ଦ୍ରୁତ ବେଗରେ ହ୍ରାସ ପାଉଛି। ନଦୀର ଉପର ମୁଣ୍ଡ କେନ୍ଦୁଝର ଜିଲ୍ଲାରେ ବଡ଼ଧରଣର ବର୍ଷା ନ ଥିବାବେଳେ ନଦୀରେ ଆଉ ସେଭଳି ପାଣି ଆସିବା ସମ୍ଭାବନା ନାହିଁ ବୋଲି ଜଳସମ୍ପଦ ବିଭାଗ ସ୍ପଷ୍ଟ କରିଛି। ମିଳିଥିବା ସୂଚନା ମୁତାବକ, ନଦୀର ଆଖୁଆପଦାଠାରେ ମଙ୍ଗଳବାର ବର୍ଷା ଶୂନ୍ୟ ପରିମାଣ ରହିଥିବାବେଳେ ଉପରମୁଣ୍ଡ ଆନନ୍ଦପୁରଠାରେ ୧୦.୨ ମିଟର, ସ୍ୱାମପାଟଣାଠାରେ ୨ ମିଟର, କେନ୍ଦୁଝରଠାରେ ୧.୪ ମିଟର ଓ ଚମ୍ପୁଆଠାରେ ୭ ମିଟର ରେକର୍ଡ କରାଯାଇଛି। ଆନିକଟଠାରେ ସନ୍ଧ୍ୟା ୭ଟା ସୁଦ୍ଧା ୧୭ ମିଟର ଉପରେ ଜଳ ପ୍ରବାହିତ ହେଉଛି। ଯାହାକି ବିପଦସଂକେତ ଓ ବିପଦ ସତର୍କ ସୂଚନା ତଳେ ପାଣି ରହିଛି।

## ଠିକାଦାର ଓ ଜଳସମ୍ପଦ ବିଭାଗର ଅବହେଳା ଯୋଗୁଁ ଧସିଲା ବନ୍ଧ

# କଣ୍ଟିଆ ନଦୀରେ ବିଲୀନ ହେବ ବ୍ରାହ୍ମଣପାଳ ବିଦ୍ୟାଳୟ

ଅସୁରାଳି/ଧୂଷୁରୀ, ୭।୭ (ସମିସ)





ସରକାରୀ ଅବହେଳା ଓ ବିଭାଗୀୟ ମାନ୍ଦାବସ୍ଥା ଯୋଗୁଁ ଭଟସାହି ପଞ୍ଚାୟତ ଅଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ଜଳସେଚନ ପ୍ରକଳ୍ପ ଅଧପନ୍ତରିଆ ହୋଇ ପଡ଼ିରହିଛି। କାଞ୍ଚି ନଦୀର ବାମପାର୍ଶ୍ୱ ବ୍ରାହ୍ମଣପାଳଠାରେ ଜଳପ୍ରବାହ ନିୟନ୍ତ୍ରଣକାରୀ ଫାଟକ ନିର୍ମାଣ ପାଇଁ ବର୍ଷେ ପୂର୍ବରୁ ଶୁଭ ଦିଆଯାଇଥିଲେ ମଧ୍ୟ କାର୍ଯ୍ୟ ଏବେ ବି ପ୍ରାଥମିକ ପର୍ଯ୍ୟାୟରେ ଅଟକି ରହିଛି। ଫଳରେ ସ୍ଥାନୀୟ ଭଟସାହି ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଠିକାଦାରଙ୍କ ମନମାନୀ ଯୋଗୁଁ ୧୦୦ ଫୁଟ୍‌ରୁ ଊର୍ଦ୍ଧ୍ୱ ହେବ ଏବେ ଧସିଯାଇଛି ବନ୍ଧ। ଯାହା ଫଳରେ ନିକଟରେ ଥିବା ବିଦ୍ୟାଳୟଟି ବିପଦ ମୁଖକୁ ଆସିଛି। ବନ୍ଧ ଧସିବା କାରଣରୁ ସ୍ଥାନୀୟ ଅଞ୍ଚଳରେ ଏକ କୋକୁଆ ଭୟ ସୃଷ୍ଟି ହୋଇଛି। ଠିକାଦାର ଏବଂ ବିଭାଗୀୟ ଅଧିକାରୀମାନଙ୍କ ମନମାନୀ ଏବଂ ସଲାସୁତରା ପାଇଁ ଆଜି ବିପଦ ମୁଖକୁ ଯାଇଛି ଉକ୍ତ ଅଞ୍ଚଳ। ଏହି ଦିଗ ପ୍ରତି ଧ୍ୟାନ ଦେଇ ତୁରନ୍ତ କାର୍ଯ୍ୟ ଶେଷ ନ ହେଲେ ଚାଷୀମାନେ ରାଜପଥକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁସାରେ, ଆଖୁଆପଦା ଜଳସମ୍ପଦ ବିଭାଗ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୩ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ୨୦୨୫ ମେ' ୨ରେ ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସ୍ଥାନୀୟ କୃଷକମାନେ ଆଶା କରିଥିଲେ ଯେ ଚଳିତ ବର୍ଷ ବର୍ଷାଋତୁ ପୂର୍ବରୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ମାତ୍ର ବର୍ଷେ ବିତିଯାଇଥିଲେ ବି କାର୍ଯ୍ୟ କେବଳ 'ବୋରିଂ' ମଧ୍ୟରେ ସୀମିତ ହୋଇ ରହିଛି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ

### କେବଳ ଦୁଇ ଖମ୍ବରେ ସୀମିତ କଣ୍ଟିଆ ପ୍ରକଳ୍ପ

ହେଲେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଚାଷୀ ଉପକୃତ ହୋଇଥାନ୍ତେ। ଉପକୃତ ହେବାକୁ ଥିବା ପ୍ରମୁଖ ଉତସାହି, ଧୂଷୁରୀ, ବମକୁରା, ସାହସପୁର, କୋଠାର, ନଦୀଗାଁ। ପ୍ରକଳ୍ପ ଅଧପନ୍ତରିଆ ଥିବାରୁ ବର୍ଷାଋତୁରେ ନଦୀର ବଳକା ପାଣି ଜମି ମଧ୍ୟକୁ ପଶିଯାଇ ଚାଷଜମି ନଷ୍ଟ କରିବା ଆଶଙ୍କା ଚାଷୀଙ୍କୁ ଘାରିଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ବିମଳ ବେହେରାଙ୍କୁ ପଚାରିବାରୁ, ସେ କାର୍ଯ୍ୟ ଅବଧି ସରିଯାଇଥିବା ସ୍ୱୀକାର କରିଛନ୍ତି। ସେ କହିଛନ୍ତି, କାର୍ଯ୍ୟ ଶେଷ କରିବା ପାଇଁ ଏକ୍ସଟେନ୍‌ସନ୍ ଆପ୍ଲିକେସନ ଦାଖଲ କରାଯାଇଛି। ଖୁବ୍‌ଶୀଘ୍ର ଏହାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ବର୍ଷକେ ଭିତରେ ହୋଇପାରି ନ ଥିବା ପ୍ରକଳ୍ପ କେମିତି ଅଳ୍ପଦିନ ଭିତରେ ସରିବ, ସେ ନେଇ ଚାଷୀକୂଳ ପ୍ରଶ୍ନ ଉଠାଇବା ସହ ତୁରନ୍ତ ପ୍ରକଳ୍ପ ଶେଷ କରିବାକୁ ଜୋର୍‌ଦାର୍ ଦାବି କରିଛନ୍ତି।

# ଶହଶହ ହେକ୍ଟର ବିଲରେ ଜମାହୋଇ ରହିଛି ପାଣି



ବାରିକପୁର, ୭।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଛତାବର ଅଞ୍ଚଳରେ ଉତ୍କଟ ଡ୍ରେନେଜ୍ ସମସ୍ୟା ଲାଗି ରହିଛି। ପ୍ରତ୍ୟେକ ବର୍ଷ ଏହି ସ୍ଥାନରେ ଜଳ ନିଷ୍କାସନରେ ଅନେକ ସମସ୍ୟା ସୃଷ୍ଟି ହେଉଥିବାବେଳେ ଏହାର ପ୍ରତିକାର ହେଉନାହିଁ। ବ୍ଲକ୍ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଓ ଡ୍ରେନେଜ୍ ବିଭାଗ ଏନେଇ ସବୁ ଜାଣି ସୁଦ୍ଧା ଜଳ ନିଷ୍କାସନ ସମସ୍ୟାଟିକୁ ସମାଧାନ କରୁନାହାନ୍ତି। ତେଣୁ ପ୍ରତିବର୍ଷ ବର୍ଷାଦିନେ ଜନସାଧାରଣମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଥରେ ମଧ୍ୟମ ଧରଣର ବର୍ଷା ହେଲେ ଶହଶହ ହେକ୍ଟର ଜମିରେ ଦିନ ଦିନ ଧରି ପାଣି ଜମି ରହୁଛି। ଚିତ୍ର ଏଭଳି ଦେଖାଯାଉଛି ଯେ, ଏହା ନ ଜାଣିବା ଲୋକଙ୍କ ମନରେ ବନ୍ୟାର ଭ୍ରମ ସୃଷ୍ଟି କରୁଛି। ଚଳିତ ବର୍ଷ ପ୍ରଥମ ଲଘୁଚାପଜନିତ ବର୍ଷା କାରଣରୁ ଛତାବର ସମେତ ନେରଡା, ଯଶୋଟିକିରି, ଭାଗଡ଼ା, ନେଉଳିଆ, ଡାହାଲା, ପୁରିପଡ଼ା ପ୍ରମୁଖ ସ୍ଥାନରେ ପାଣି ଜମି ରହିଛି। ଗତ ୨ ଦିନ ହେବ ବର୍ଷା ଛାଡ଼ିଥିଲେ ସୁଦ୍ଧା ଉକ୍ତ ଗ୍ରାମ ସଂଲଗ୍ନ ଚାଷ ଜମିରେ ପାଣି ଜମା ହୋଇ ରହିଛି। ଜାତୀୟ ରାଜପଥର ତ୍ରୁଟିପୂର୍ଣ୍ଣ ନିର୍ମାଣ ଶୈଳୀ ଓ ସ୍ଥାନୀୟ ପ୍ରଶାସନର ଅବହେଳା ଯୋଗୁଁ ଏଭଳି ଅବସ୍ଥା ସୃଷ୍ଟି ହେଉଥିବା ଲୋକେ କହିଛନ୍ତି। ଚାଷ ଜମିରେ ପାଣି ଜମି ରହିଥିବାରୁ ଖରିଫ୍ ଧାନ ତଳି ନଷ୍ଟ ହେବାକୁ ବସିଛି। ଗତ ୫/୭ ବର୍ଷ ଧରି ସ୍ଥାନୀୟ ନେତୃମଣ୍ଡଳୀ, ଅଗଣିତ ଚାଷୀ, ବୃଦ୍ଧିଜୀବୀମାନେ ପ୍ରଶାସନ ନିକଟରେ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି ଜଣାଇଥିଲେ ମଧ୍ୟ କେହି ଏହା ଉପରେ ଦୃଷ୍ଟି ନ ଦେବା ପରିତାପର ବିଷୟ ପାଲଟିଛି।

# ଡ୍ରେନ୍ ସମସ୍ୟା ଯୋଗୁଁ ପକ୍କା ରାସ୍ତାରେ ଆଣ୍ଠୁଏ ପାଣି



ବନ୍ତ/ଆଗରପଡ଼ା, ୭।୭ (ସମିସ): ବନ୍ତ ବ୍ଲକ୍ ଅନ୍ତର୍ଗତ ଛୟାଳସିଂହ ପଞ୍ଚାୟତ ୧ ନମ୍ବର ୱାର୍ଡ ମଙ୍ଗୁଳି ଗ୍ରାମରେ ଡ୍ରେନ୍ ବ୍ୟବସ୍ଥାର ଅଭାବ ଓ ଜଳ ନିଷ୍କାସନ ସମସ୍ୟା ଯୋଗୁଁ ଗ୍ରାମର ପକ୍କା ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହୁଛି। ଫଳରେ ରାଉତ ସାହି, ଘଡ଼ାଇ ସାହି, ପାତ୍ର ସାହିର ୫୦୦ରୁ ଅଧିକ ଗ୍ରାମବାସୀ ପ୍ରତିଦିନ ଯାତାୟାତରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନରେ ପରିସ୍ଥିତି ଆହୁରି ସଙ୍କଟଜନକ ହୋଇପଡୁଛି। ଛାତ୍ରଛାତ୍ରୀ, ବୃଦ୍ଧ, ମହିଳା ଏବଂ ରୋଗୀମାନେ ଏହି ରାସ୍ତା ଦେଇ ଯାତାୟାତ କରିବାରେ ବିଶେଷ ଅସୁବିଧା ଭୋଗୁଛନ୍ତି। ଦୀର୍ଘଦିନ ଧରି ସମସ୍ୟା ଲାଗି ରହିଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଧିକ ବର୍ଷା ହେଲେ ଉକ୍ତ ରାସ୍ତା ଦେଇ ଗ୍ରାମରେ ଥିବା ସ୍କୁଲ, ଅଙ୍ଗନବାଡ଼ିକୁ ପିଲା ଯିବା ବନ୍ଦ ହୋଇଯିବା ସହିତ ପାଠ ପଢ଼ିବାରେ ବ୍ୟାଘାତ ହୋଇଥାଏ ବୋଲି ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମସ୍ୟା ପାଇଁ ଗ୍ରାମରେ ଗ୍ରାମବାସୀଙ୍କୁ ଚର୍ମ ରୋଗ, ଥଣ୍ଡା ଜ୍ୱର ସମେତ ବିଭିନ୍ନ ପ୍ରକାରର ରୋଗ ସଂକ୍ରମଣ ହେବାର ଦେଖିବାକୁ ମିଳୁଛି। ଗ୍ରାମବାସୀମାନେ ସରକାର, ବନ୍ତ ବ୍ଲକ୍ ପ୍ରଶାସନ ଓ ଭଦ୍ରକ ଜିଲ୍ଲା ପ୍ରଶାସନ ସମେତ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଏହି ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେବା ସହ ଆବଶ୍ୟକ ଡ୍ରେନ୍ ନିର୍ମାଣ ଓ ଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ସମସ୍ୟାର ଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ଶାନ୍ତିଲତା ନାଥ, ସେବତୀ ନାଥ, ସତ୍ୟଭାମା ବେହେରା, ଜୟନ୍ତୀ ରାଉତ, ଭବାନୀ ରାଉତ, କନକଲତା ରାଉତ, ହରି ରାଉତ, ସୁପ୍ରଭାତ ନାଥ, କୈଳାଶ ରାଉତ, ରବୀନ୍ଦ୍ର ରାଉତ, ଭାସ୍କର ପାତ୍ର, ସୁରେନ୍ଦ୍ର ନାୟକ, ମଧୁସ୍ମିତା ନାୟକ, ଗୀତାରାଣୀ ନାୟକ, ଜଳଧର ରାଉତ, ଚଞ୍ଚଳା ରାଉତ, ରତିକାନ୍ତ ରାଉତ, ଗୁଣାରାଣୀ ରାଉତ ପ୍ରମୁଖ ଶତାଧିକ ଗ୍ରାମବାସୀ ଗଣଆନ୍ଦୋଳନ କରିବାକୁ ମଧ୍ୟ ସେମାନେ ଚେତାବନୀ ଦେଇଛନ୍ତି।

# ୪ ପଦବୀରେ ଗୋଷ୍ଠୀ ଶିକ୍ଷାଧିକାରୀ

ତିହିଡ଼ି, ୭।୭ (ସମିସ): ଗୋଟିଏ ପଟେ ସରକାର ବିଦ୍ୟାଳୟ ଶିକ୍ଷାର ମାନ ବୃଦ୍ଧି, ଶିକ୍ଷକଙ୍କ ଦକ୍ଷତା ବିକାଶ ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ଉନ୍ନତିର କଥା କହୁଛନ୍ତି। କିନ୍ତୁ ଅନ୍ୟପଟେ ଜଣେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଏକାସାଥିରେ ଚାରି ଚାରିଟି ପଦବୀର ଦାୟିତ୍ୱ ଦେବାକୁ ନେଇ ଅସନ୍ତୋଷ ବଢୁଛି। ତିହିଡ଼ି ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ନୂଆ କରି ଦାୟିତ୍ୱ ନେଇଥିବା ଶୁଭେନ୍ଦୁ ମହାରାଜ ଚତୁର୍ଥ ପଦବୀରେ ଅବସ୍ଥାପିତ ହେଲେ। ପ୍ରଥମେ ଘଣ୍ଟେଶ୍ୱର ଅପର୍ତ୍ତିରି ଚରଣ ହାଇସ୍କୁଲର ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି, ୨ୟରେ ଚାନ୍ଦବାଲି ବ୍ଲକ୍‌ର ଗୋଷ୍ଠୀ ଶିକ୍ଷାଧିକାରୀ, ତୃତୀୟରେ ପିରହାଟ ଶାନ୍ତି ଶୈଳେନ୍ଦ୍ର ହାଇସ୍କୁଲର ପ୍ରଧାନଶିକ୍ଷକ ଏବଂ ବର୍ତ୍ତମାନ ତିହିଡ଼ି ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଦାୟିତ୍ୱ ନେଇଛନ୍ତି। ଜଣେ ଅଧିକାରୀ ଯଦି ୨ଟି ଗୋଷ୍ଠୀ ଶିକ୍ଷାଧିକାରୀ ସହିତ ଅନ୍ୟ ୨ଟି ପ୍ରଧାନଶିକ୍ଷକ ପଦର ଦାୟିତ୍ୱ ବହନ କରିବେ, ତେବେ ସ୍ୱାଭାବିକ ଭାବେ ପ୍ରତ୍ୟେକ କାର୍ଯ୍ୟକୁ ସମାନ ଗୁରୁତ୍ୱ ଦେବା କଷ୍ଟକର ହୋଇପଡ଼ିବ। ଏହାର ସିଧାସଳଖ ପ୍ରଭାବ ପଡ଼ିବ ଶିକ୍ଷକଶିକ୍ଷୟିତ୍ରୀଙ୍କ ଉପରେ। ଛୁଟି ମଞ୍ଜୁର, ଦରମା ସମ୍ବନ୍ଧୀୟ ଫାଇଲ, ସେବା ପୁସ୍ତିକା, ପଦୋନ୍ନତି, ପେନ୍‌ସନ, ଶୃଙ୍ଖଳାଗତ ମାମଲା ଓ ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟରେ ବିଳମ୍ବ ହେବାର ଆଶଙ୍କା ରହିଛି। କେବଳ ଶିକ୍ଷକ ନୁହେଁ, ବିଦ୍ୟାଳୟ ପରିଦର୍ଶନ, ପାଠପଢ଼ାର ତଦାରଖ, ସରକାରୀ ଯୋଜନାର କାର୍ଯ୍ୟକାରିତା ଏବଂ ଅଭିଭାବକଙ୍କ ଅଭିଯୋଗର ସମାଧାନ ମଧ୍ୟ ପ୍ରଭାବିତ ହୋଇପାରେ।

**ସମସ୍ୟାର ଭାର ବହନ କରିବେ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ**

ପ୍ରଶ୍ନ ଉଠୁଛି ଜଣେ ଅଧିକାରୀଙ୍କ ଉପରେ ଏତେ ଦାୟିତ୍ୱ ଲଦିଦେଲେ, ଶିକ୍ଷା ବ୍ୟବସ୍ଥା କ'ଣ ପ୍ରଭାବଶାଳୀ ଭାବେ ଚାଲିପାରିବ? ଏହା କି ପ୍ରଶାସନିକ ସୁବିଧା, ନା କର୍ମଚାରୀ ଅଭାବର ପ୍ରତିଫଳନ? ଯଦି ସଠିକ୍ ସମୟରେ ବିକଳ୍ପ ବ୍ୟବସ୍ଥା କରା ନ ଯାଏ, ତେବେ ଏହାର ଭାର ବହନ କରିବେ ଶିକ୍ଷକଶିକ୍ଷୟିତ୍ରୀ ଓ ଶେଷରେ ଛାତ୍ରଛାତ୍ରୀମାନେ। ପ୍ରତିକ୍ରିୟାରେ ଏବିଇଓମାନଙ୍କର ପଦୋନ୍ନତି ପରେ ବିଇଓ ପଦ ଖୁବ୍‌ଶୀଘ୍ର ପୂରଣ ହୋଇଯିବ ବୋଲି କହିଛନ୍ତି ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଏବଂ ଚାରି ପଦବୀର ଦାୟିତ୍ୱ ଯଥାସମ୍ଭବ ତୁଲାଇବାକୁ ଚେଷ୍ଟା କରିବେ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ଶୁଭେନ୍ଦୁ ମହାରାଜ କହିଥିଲେ।

# ଗଞ୍ଜେଇ ଭର୍ତ୍ତି ୨ ଗାଡ଼ି ଜବତ; ୫ ଅଟକ

ଭଣ୍ଡାରିପୋଖରୀ/ବାରିକପୁର, ୭।୭ (ସମିସ): ୧୬ ନମ୍ବର ଜାତୀୟ ରାଜପଥ ଛତାବର ଟୋଲ୍ ପ୍ଲାଜା ନିକଟରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ୨ଟି ଗଞ୍ଜେଇ ବୋଝେଇ ଗାଡ଼ି ଜବତ କରିଛି। ମହେନ୍ଦ୍ରା ବୋଲେରୋ ଗାଡ଼ି ନମ୍ବର (ଓଡି ୦୫ ସିଜେ ୦୪୨୬)ରେ ୧ କ୍ୱିଣ୍ଟାଲ ଗଞ୍ଜେଇ ଥିବାବେଳେ ଅନ୍ୟ ଏକ ଗାଡ଼ିକୁ ଜବତ କରିଛି। ଏହି ଗାଡ଼ିରେ ଥିବା ୫ ଜଣ ଯୁବକଙ୍କୁ ଅଟକ କରି ଭଣ୍ଡାରିପୋଖରୀ ଥାନାକୁ ଆଣି ଯାଞ୍ଚ କରିବା ପରେ କନ୍ଧମାଳ ଜିଲ୍ଲାରୁ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ମିଳିଛି। ଉକ୍ତ କାର୍‌ଟି ଭୁବନେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ସୂଚନା ମିଳିଛି। ଯାଞ୍ଚ କରି ସାରିବା ପରେ ଭଣ୍ଡାରିପୋଖରୀ ଥାନାରୁ ଗଞ୍ଜେଇ ବୋଝେଇ ଜବତ ଗାଡ଼ିଗୁଡ଼ିକୁ ନେଇ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ଅଧିକାରୀମାନେ ଚାଲିଯାଇଥିବା ଦେଖିବାକୁ ମିଳିଥିଲା।





# କୀର୍ତ୍ତନ ଗାୟକଙ୍କ ପରଲୋକ



ଭଦ୍ରକ, ୭।୭ (ସମିସ): ଭଦ୍ରକ ବରିଷ୍ଠ ନାଗରିକ ପରିଷଦର ସଭ୍ୟ ରାଦିଆ ଅଞ୍ଚଳର ଲକ୍ଷ୍ମୀଧର ସେଠୀ (ଗୁଜୁରି)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଏକାଧାରରେ ଜଣେ, ଧର୍ମପ୍ରାଣ, ସଂସ୍କୃତି ରକ୍ଷକ ଲୋକକଳା, କୀର୍ତ୍ତନ ଗାୟକ, ପଶ୍ଚିମ ଭଦ୍ରକ ବରିଷ୍ଠ ନାଗରିକ ପରିଷଦର ସକ୍ରିୟ ସଭ୍ୟ ଥିଲେ। ତାଙ୍କ ବିୟୋଗରେ ନାଗରିକ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ସ୍ୱାଇଁଙ୍କ ସଭାପତିତ୍ୱରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସହସମ୍ପାଦକ ଗୌରାଙ୍ଗ ଚନ୍ଦ୍ର ବାରିକଙ୍କ ମଞ୍ଚ ସଂଯୋଜନା, ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ରାଉଳ, ଗଙ୍ଗାଧର ରାଉଳ, ଉପସଭାପତି ବସନ୍ତ ମହାପାତ୍ର, ବରିଷ୍ଠ ସଭ୍ୟ ଜୟନ୍ତ ବାରିକ, ସୀମା ଚରଣ ସାହୁଙ୍କ ସମେତ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରି ଜଗନ୍ନାଥଙ୍କ ଆଶୀର୍ବାଦ ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରିଥିଲେ। ସ୍ୱର୍ଗତ ସେଠୀ ସଦାସର୍ବଦା ବିମଳା ମନ୍ଦିର, ପଦ୍ମାଳୟା ପୀଠ, ଗୋପାଳଜୀଉ ଗୌଡ଼ୀୟ ମଠ, ଶିବ ମନ୍ଦିର, ତାରିଣୀ ମନ୍ଦିର, ରାମ ମନ୍ଦିର, କୋରାଣ୍ଡ ସାଇ ମନ୍ଦିର, ଶ୍ରୀଚୈତନ୍ୟ ଆଶ୍ରମ, ଭଜନ କୀର୍ତ୍ତନ ଶ୍ରୀକୃଷ୍ଣ ରାସରେ ସମୟ ଅତିବାହିତ କରୁଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ବାଇପୁରରେ କମ୍ୟୁନିଟି ସେଣ୍ଟର ନିର୍ମାଣକୁ ନେଇ ବିବାଦ

ବନ୍ତ/ଆଗରପଡ଼ା, ୭।୭ (ସମିସ): ବନ୍ତ ତହସିଲ୍ ଅନ୍ତର୍ଗତ ବାଇପୁର ମୌଜାରେ ନିର୍ମାଣାଧୀନ ହରିଜନ ସାହି କମ୍ୟୁନିଟି ସେଣ୍ଟରକୁ ନେଇ ବିବାଦ ଦେଖାଦେଇଛି। ଗ୍ରାମର ବାସିନ୍ଦା ହରେକୃଷ୍ଣ ସେନାପତି ତହସିଲ୍‌ଦାରଙ୍କ ନିକଟରେ ଦାଖଲ କରିଥିବା ଅଭିଯୋଗରେ କହିଛନ୍ତି ଯେ, କମ୍ୟୁନିଟି ସେଣ୍ଟରଟି ଚିହ୍ନିତ ସରକାରୀ ପ୍ଲଟ୍ ନଂ-୮୫ (ଖାତା ନଂ-୧୧୨) ବଦଳରେ ପ୍ଲଟ୍ ନଂ-୮୪ (ଖାତା ନଂ-୧୧୧) ଉପରେ ନିର୍ମାଣ କରାଯାଇଛି। ଅଭିଯୋଗକାରୀଙ୍କ କହିବା ଅନୁସାରେ, ସେ ପୂର୍ବରୁ ଏହି ବେନିୟମ ସମ୍ପର୍କରେ ଲିଖିତ ଭାବେ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟ ବନ୍ଦ କରାଯାଇ ନ ଥିଲା। ବରଂ ନିର୍ମାଣ କାମ ଜାରି ରଖାଯାଇ ଘରର ଛାତ ପକାଯିବା ସହ ରନିଂ ବିଲ୍ ଅର୍ଥ ମଧ୍ୟ ପ୍ରଦାନ କରାଯାଇଥିବା ସେ ଦାବି କରିଛନ୍ତି। ଅଭିଯୋଗରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ଜୁଲାଇ ୬ ତାରିଖ ଅପରାହ୍ନ ପ୍ରାୟ ୪ଟା ସମୟରେ ତାଙ୍କର ଅନୁପସ୍ଥିତିରେ ରାଜସ୍ୱ ବିଭାଗ ପକ୍ଷରୁ ମାପଚୁପ କରାଯାଇ ନିର୍ମାଣକୁ ସଠିକ୍ ବୋଲି ଦର୍ଶାଯାଇଛି। ଏହି ମାପଚୁପ ସମୟରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ଠିକାଦାର ଓ କାମ ସହ ଜଡ଼ିତ ବ୍ୟକ୍ତିମାନେ ଉପସ୍ଥିତ ଥିବାବେଳେ ଅଭିଯୋଗକାରୀଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବା ସେ କହିଛନ୍ତି। ହରେକୃଷ୍ଣ ସେନାପତି ଆହୁରି ଅଭିଯୋଗ କରିଛନ୍ତି ଯେ, ଘଟଣା ସମ୍ପର୍କରେ ପଚାରିବାରୁ ତାଙ୍କୁ ଗାଳିଗୁଲଜ କରାଯିବା ସହ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦିଆଯାଇଛି। ଏହି ପରିସ୍ଥିତିରେ ସେ ପୁଲିସ ଉପସ୍ଥିତିରେ ସଠିକ୍ ସୀମା ଚିହ୍ନ ଆଧାରରେ ପୁନର୍ବାର ନିରପେକ୍ଷ ମାପଚୁପ କରାଯିବା ସହ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବା ପାଇଁ ତହସିଲ୍‌ଦାରଙ୍କ ନିକଟରେ ଦାବି କରିଛନ୍ତି। ଏହି ଘଟଣା ବିଷୟରେ ଗତ ମାର୍ଚ୍ଚ ୨୪ରେ ବନ୍ତ ବ୍ଲକ୍ ବିଡିଓ, ତହସିଲ୍‌ଦାର,

**ପୁନଃ ମାପଚୁପ ପାଇଁ ଦାବି**

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଚେରି କାମରେ ଅନିୟମିତତା



କୋଠାର, ୭।୭ (ସମିସ): ଧାମନଗର ବ୍ଲକ୍ ଅଧୀନସ୍ଥ କୋଠାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ପାଚେରି ନିର୍ମାଣ କାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, କାର୍ଯ୍ୟସ୍ଥଳରେ କୌଣସି ସୂଚନାଫଳକ ଲଗାଯାଇନାହିଁ। ଫଳରେ ପ୍ରକଳ୍ପର ବ୍ୟୟ ଅଟକଳ, କାର୍ଯ୍ୟାଦେଶ, ଠିକାଦାରଙ୍କ ନାମ ଓ କାର୍ଯ୍ୟ ସମୟସୀମା ସମ୍ପର୍କରେ ସାଧାରଣ ଲୋକ ଅନ୍ଧାରରେ ରହିଛନ୍ତି। ଅଭିଯୋଗ ରହିଛି ଯେ, ଠିକାଦାର ମନମୁଖୀ ଭାବେ କାମ କରୁଥିବାବେଳେ ନିମ୍ନମାନର ସିମେଣ୍ଟ ବ୍ୟବହାର କରାଯାଇଛି। କାମ ସମ୍ପୂର୍ଣ୍ଣ ହୋଇ ରଙ୍ଗ ଲଗାଯାଇନାହିଁ। ପାଚେରି କାନ୍ଥରେ ଫାଟ ସୃଷ୍ଟି ହୋଇଛି। ଗୋଟେ ଜାଗା ନୁହେଁ, ଦୁଇଟି ଜାଗାରେ କାନ୍ଥ ପୂରା ଫାଟିଯାଇଛି। ଏହାର କାରଣ ପିଲାର ନିର୍ମାଣ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ହୋଇ ନ ଥିବା ଅଭିଯୋଗ ହେଉଛି। ଏ ନେଇ କନିଷ୍ଠ ଯନ୍ତ୍ରୀ (ଜେଇ) ମୁଣ୍ଡା ବାବୁଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରି ନ ଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିଛି। ସ୍ଥାନୀୟ ବାସିନ୍ଦାମାନେ ଉକ୍ତ କାମର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ଠିକାଦାର ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ଆର୍ଥିକ ସାକ୍ଷରତା କର୍ମଶାଳା

ଭଦ୍ରକ/ବାରିକପୁର, ୭।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବଦାଳ ମଢ଼ିଆଳୀ ପଞ୍ଚାୟତ ଖପୁରିଆପଦା କଲ୍ୟାଣ ମଣ୍ଡପଠାରେ ଆର୍ଥିକ ସାକ୍ଷରତା କର୍ମଶାଳା ଓ ସାଇବର ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ତରଫରୁ ମୋନାଲିସା ପଣ୍ଡା ଯୋଗଦେଇଥିଲେ। ଏଥିରେ ସାଇବର ସଚେତନତା ଓ ଆର୍ଥିକ ସାକ୍ଷରତାକୁ ନେଇ ବିଭିନ୍ନ ଆଲୋଚନା ହୋଇଥିଲା। ବ୍ଲକ୍ ପ୍ରଶାସନ ଏ ବିଷୟରେ କିଛି ଜାଣି ନ ଥିବାବେଳେ ଜିଲ୍ଲାସ୍ତରୀୟ କିଛି ବିଭାଗୀୟ ଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହାଛଡ଼ା ପଞ୍ଚାୟତ ଅଞ୍ଚଳର ଏସ୍‌ଏଚ୍‌ଜି, ଅଙ୍ଗନବାଡ଼ି କର୍ମୀ, ଆଶା ଦିଦିଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ରୋଟାରୀ କ୍ଲବ୍ ମିଡ୍‌ଟାଉନର ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ଭଦ୍ରକ, ୭।୭ (ସମିସ): ଭଦ୍ରକ ରୋଟାରୀ କ୍ଲବ୍ ମିଡ୍‌ଟାଉନ୍ ଦ୍ୱାରା ଏକ ନିଃଶୁଳ୍କ ଆୟୁର୍ବେଦିକ ସ୍ୱାସ୍ଥ୍ୟ ଶିବିର ଛ'ପୁଲିଆ ସ୍ଥିତ ଗୁଜୁରାଟି ଭବନରେ ଭୁବନେଶ୍ୱର ହେଲ୍‌ଥ ଭିଲ୍ଲା ଓ ସେଞ୍ଚୁରିଅନ ୟୁନିଭର୍ସିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ହେଲ୍‌ଥ ଭିଲ୍ଲାରୁ ଡାକ୍ତର ମିଳିନ୍ଦମୋହନ ପରାଶର, ନାରାୟଣ ମଲ୍ଲିକ, ସଦାବ୍ ଅହମ୍ମଦ ତଥା ସେଞ୍ଚୁରିଅନ୍ ୟୁନିଭର୍ସିଟିର ସୁନୀଲ କୁମାର ଝା, ସାଲୋନି ଶ୍ରେୟା ପଟ୍ଟନାୟକ, ସୁଶ୍ରୀ ସ୍ୱାଗତିକା ପ୍ରମୁଖ ପ୍ରତିନିଧିତ୍ୱ କରିଥିଲେ। ଉକ୍ତ ଶିବିରରେ ୨ଶହରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚକ୍ଷୁ ପରୀକ୍ଷା କରାଯିବା ସହ ଔଷଧ ଓ ଚଷମା ବିନାମୂଲ୍ୟରେ ପ୍ରଦାନ କରାଯାଇଥିଲା। କ୍ଲବ୍ ସଭାପତି ରୋ.ଅଶୋକ କୁମାର ବିଶ୍ୱାଳ ଓ ସମ୍ପାଦକ ମହେଶ ଚନ୍ଦ୍ର ନାୟକ ଆୟୁର୍ବେଦ ଉପଚାର ବିଷୟରେ ମନ୍ତବ୍ୟ ଦେଇଥିଲେ। ନିମନ୍ତ୍ରିତ ଅତିଥିଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ସନ୍ତୁଳିତ ଖାଦ୍ୟ, ନିୟମିତ ବ୍ୟାୟାମ ଓ ଯୋଗ ସୁସ୍ଥ ଜୀବନର ମୂଳ ଆଧାର ବୋଲି ବକ୍ତବ୍ୟ ରଖିବା ସହ କ୍ଲବ୍‌ର ସମସ୍ତ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। ବିଶିଷ୍ଟ ସମାଜସେବୀ ରୋଟାରିଆନ୍ ଡ. ଶିଶିର ମିଶ୍ର ଉକ୍ତ କାର୍ଯ୍ୟକ୍ରମକୁ ସଞ୍ଚାଳନା ଓ ପରିଚାଳନା କରିବା ସହ ସ୍ୱାସ୍ଥ୍ୟ ସେବାରେ କ୍ଲବ୍‌ର ଭୂମିକା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଅସ୍ତ୍ରୋପଚାର ବିନା ଆୟୁର୍ବେଦିକ ଚିକିତ୍ସା କିପରି ଲୋକଙ୍କୁ ସୁସ୍ଥ ଓ ନିରାମୟ କରିପାରେ ତାହା ଡାକ୍ତରମାନେ ପରାମର୍ଶ ଦେଇଥିଲେ ଓ କ୍ଲବ୍‌ର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ସମୟୋଚିତ ଚିକିତ୍ସା ପରାମର୍ଶ ସମ୍ବନ୍ଧରେ ଶ୍ରୀ ଝା ବକ୍ତବ୍ୟ ରଖିଥିଲେ। ରୋଟାରିଆନ୍ ଅତିସ୍ କୁମାର ବେହେରା ଆୟୁର୍ବେଦିକ ଚିକିତ୍ସାରେ ରୋଗର ସଠିକ୍ ନିରୂପଣ ହେଲେ ଚିକିତ୍ସା କ୍ଷେତ୍ରରେ ଖୁବ୍ ଫଳପ୍ରଦ ହୋଇପାରିବ ବୋଲି ମନ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନାରେ ରୋଟାରିଆନ୍ ବେଦପ୍ରକାଶ ଗୁପ୍ତା, ଅଶୋକ ଲାଖାନୀ, ପ୍ରମୋଦ ଲାଖାନୀ, ସମିତା ମିଶ୍ର, ନିରଞ୍ଜନ ମଲ୍ଲିକ, ନିମେଶ ପରେଖ, ଜିତେନ୍ଦ୍ର ଅଗ୍ରୱାଲ, ସିଲୁ ଲାଖାନୀ, ସନ୍ଧ୍ୟା ଗୁପ୍ତା, ରତନଲାଲ ଗୁପ୍ତା, ରାହୁଲ ଖେରିଆଙ୍କ ସମେତ ମାରୱାଡ଼ି ସମାଜର ସଦସ୍ୟମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

**ଚନ୍ଦ୍ରକାନ୍ତ ମୃତ୍ୟୁ ଘଟଣା**

# ନ୍ୟାୟ ଦାବିରେ ଆଖଣ୍ଡଳମଣି-ଭଦ୍ରକ ରାସ୍ତା ଅବରୋଧ

ଆରଡ଼ି, ୭।୭ (ସମିସ)



ଧୂଷୁରୀ ଥାନା ଅଧୀନ ମଠଡିହ ବଜାରରେ ମଙ୍ଗଳବାର ପୂର୍ବାହ୍ନରେ ନିକଟସ୍ଥ ଷାଠିବାଙ୍କୁଡ଼ା ଗ୍ରାମର ଶତାଧିକ ପୁରୁଷ, ମହିଳା, ଯୁବକ, ସେହି ଗାଁର ୨୮ ବର୍ଷୀୟ ଚନ୍ଦ୍ରକାନ୍ତ ମହାକୁଳ (ହାପି) ହତ୍ୟାକାଣ୍ଡର ନ୍ୟାୟ ଦାବିରେ ଆଖଣ୍ଡଳମଣି-ଭଦ୍ରକ ରାସ୍ତାକୁ ଅବରୋଧ କରିଥିଲେ। ମୃତ ଚନ୍ଦ୍ରକାନ୍ତଙ୍କ ପରିବାରକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରାଯିବ ବୋଲି ଗ୍ରାମର ଲୋକମାନେ କହିବା ସହ ରାସ୍ତାରେ ବସି ରହିଥିଲେ। ଘଟଣାସ୍ଥଳରେ ଧୂଷୁରୀ ଓ ଆରଡ଼ି ପୁଲିସ ଉପସ୍ଥିତ ଥିଲେ। ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏହି ରାସ୍ତାରୋକ ଚାଲୁ ରହିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଛୋଟବଡ଼ ଗାଡ଼ିଗୁଡ଼ିକ ଅଟକି ରହିଥିଲେ। ଆଖଣ୍ଡଳମଣିଙ୍କ ପୀଠକୁ ଆସୁଥିବା ଭକ୍ତମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରାସ୍ତାରୋକ ଚାଲିଥିଲାବେଳେ ଭଦ୍ରକ ଆଡିସ୍‌ନାଲ୍ ଏସ୍‌ପି ଅରୂପ ଅଭିଷେକ ବେହେରା ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହ ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ରାସ୍ତାରୋକ ହଟିଥିଲା। ଯାନବାହା ସ୍ୱାଭାବିକ ଭାବରେ ଚଳାଚଳ କରିଥିଲେ।

ସୂଚନା ଅନୁସାରେ, ଗତ ଜୁନ୍ ୧୭ ତାରିଖରେ ଚନ୍ଦ୍ରକାନ୍ତଙ୍କ ଝୁଲନ୍ତା ଶବ ଏନ୍‌ଏଚ୍ ୨୦ ରାସ୍ତା ପାର୍ଶ୍ୱରେ ଥିବା ସତ୍ୟଜିତ୍ ପଲାଇ ନାମକ ଜଣେ ବ୍ୟକ୍ତିଙ୍କ ବାଡ଼ିପଟେ ଝୁଲୁଥିବା ଲୋକମାନେ ଦେଖି ପରିବାରକୁ ଜଣାଇଥିଲେ। ଗ୍ରାମର ମୁରବୀଙ୍କ ପରାମର୍ଶ ନେଇ ତାଙ୍କ ମରଶରୀରକୁ ବ୍ୟବଚ୍ଛେଦ ନ କରି ପୋଡ଼ି ଦିଆଯାଇଥିଲା। ଏହାର ୭ ଦିନ ପରେ ଚନ୍ଦ୍ରକାନ୍ତଙ୍କୁ ସେହି ଗ୍ରାମର ୩ ଜଣ ହତ୍ୟା କରିଥିବା ଦର୍ଶାଇ ମୃତକଙ୍କ ପରିବାର ପକ୍ଷରୁ ଆରଡ଼ି ଫାଣ୍ଡିରେ ଏତଲା ଦିଆଯାଇଥିଲା। ଧୂଷୁରୀ ଥାନାଧିକାରୀ, ଧାମନଗର ଏସ୍‌ଡିପିଓ, ଭଦ୍ରକ ଏସ୍‌ପି ଏହାର ତଦନ୍ତ କରିଥିଲେ। ତଦନ୍ତ ରିପୋର୍ଟ ଠିକ୍ ଭାବେ ନ କରି ପୁଲିସ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ କରୁ ନ ଥିବା କହି ଏହି ରାସ୍ତାରୋକ କରାଯାଇଥିବା ଜଣାପଡ଼ିଛି।

# ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଅନିୟମିତତା ଅଭିଯୋଗ

ଧର୍ମଗଡ଼,୭ ।୭ (ସମିସ)

ଗ୍ରାମାଞ୍ଚଳର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାର 'ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା' ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ମାତ୍ର ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଅବହେଳା ଯୋଗୁଁ ଏହି ଯୋଜନା ବାଟବଣା ହେବାରେ ଲାଗିଛି । ଏହିପରି ଏକ ଅଭିଯୋଗ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।



ସୂଚନା ଅନୁଯାୟୀ, ଧର୍ମଗଡ଼ ଠାରୁ ବିରାମାଲ ଭାୟା ବାଗବାହିଲି, ରଙ୍ଗାବାହାଲ ଓ ବଡ଼ଫୁର୍ଲା ରାସ୍ତା ପ୍ରାୟ ୧୪.୩୩୦ କିଲୋମିଟର ଲମ୍ବର ଏକ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଏହି ପ୍ରକଳ୍ପ ପାଇଁ ସରକାରଙ୍କ ୪୭ ଲକ୍ଷ ୪୯ ହଜାର ବ୍ୟୟବରାଦ କରାଯାଇଛି । ସରକାରୀ ନିୟମ ଅନୁସାରେ କାମର ବିବରଣୀ ପ୍ରଦର୍ଶନ ପାଇଁ ସୂଚନା ଫଳକ ଲଗାଯାଇଥିଲେ ମଧ୍ୟ ପ୍ରକୃତ କାର୍ଯ୍ୟକ୍ଷେତ୍ରରେ ବ୍ୟାପକ ଅନିୟମିତତା ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ରାସ୍ତା କଡ଼ରେ ଲଗାଯାଇଥିବା ସୂଚନା ଫଳକ ଓ ଡିଜାଇନ୍ ଚାର୍ଟ ଅନୁଯାୟୀ, ମାଟି କାମ ଠାରୁ ଆରମ୍ଭ କରି ମେଟାଲିଂ ଏବଂ ପିଚୁ କାମ ପାଇଁ ନିର୍ଦ୍ଦିଷ୍ଟ ମାପ ଥିକନେସ ସ୍ଥିର କରାଯାଇଛି । ସେହିପରି ରାସ୍ତାର ଦୁଇ କଡ଼ରେ ନିର୍ଦ୍ଦିଷ୍ଟ ପରିମାଣର ଲାଲ ରଙ୍ଗର ମୁରୁମ ଦେବା କଥା । ମାତ୍ର ଠିକାଦାର ଏହାକୁ ଫୁ କରି ମାତ୍ର ଅଳ୍ପ ଅଳ୍ପ ମୁରୁମ ପକାଇ କାମ ସାରିଦେଇଛନ୍ତି । ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ରାସ୍ତା ଦୁଇ କଡ଼ରେ ମୁରୁମ ଦେବା ପରିବର୍ତ୍ତେ ତାହାକୁ ରାସ୍ତା ମଝିରେ ହିଁ ପକାଇ ରଖାଯାଇଛି । ସେହିପରି ଅଳ୍ପ କେତେକ ସ୍ଥାନରେ କେବଳ ନାମକୁ ମାତ୍ର ମେଟାଲିଂ କରାଯାଇଛି ।

ଏହି ଅଧାପନ୍ତରିଆ ଏବେ ଗ୍ରାମବାସୀଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି । ବର୍ତ୍ତମାନ ବର୍ଷା ଦିନ ଚାଲିଥିବାରୁ, ସାମାନ୍ୟ ବର୍ଷା ହେଲେ ମଧ୍ୟ ସମ୍ପୂର୍ଣ୍ଣ ରାସ୍ତା କାଦୁଅରେ ପଚ ପଚ ହୋଇଯାଉଛି । ନିମ୍ନମାନର ସାମଗ୍ରୀ ବ୍ୟବହାର କରି ଅତି ଅତି ଚଞ୍ଚକତାର ସହ କାମ ଶେଷ କରାଯାଉଛି । ଫଳରେ ନୂତନ ଭାବେ ନିର୍ମାଣ ହେଉଥିବା ରାସ୍ତା ଅଳ୍ପ ଦିନରେ ଖରାପ ହେବା ଆଶଙ୍କା ଦେଖାଦେଇଛି । ଏହି ନିମ୍ନମାନର କାର୍ଯ୍ୟକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

## ଗଣ୍ଡାବାହାଲି ଓ ନିଳଜୀରେ ସଚେତନତା ଓ ବନ ମହୋତ୍ସବ

ନୂଆପଡ଼ା/ ସିନାପାଲି,୭ ।୭ (ସମିସ): ସମାଜରେ ଆଇନ ପ୍ରତି ସଚେତନତା ସୃଷ୍ଟି କରିବା ସହିତ ପରିବେଶ ସୁରକ୍ଷା ପ୍ରତି ନୂତନ ପିଢ଼ିକୁ ଦାୟିତ୍ୱବାନ କରିବା ଉଦ୍ଦେଶ୍ୟରେ ନିଳଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ନ୍ୟାୟିକ ପ୍ରାଧିକରଣ ସଚେତନତା ଶିବିର ଏବଂ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷ ଲଳିତ କୁମାର ସୁନାରୀ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ନବନୀତା ଦାସ ଯୋଗଦେଇ ଛାତ୍ରଛାତ୍ରୀ ଏବଂ ସାଧାରଣଲୋକଙ୍କୁ ସଚେତନ କରିଥିଲେ । ସମ୍ମାନିତ ଅତିଥିଭାବେ ପ୍ୟାନେଲ ଆଇନଜୀବୀ ସନ୍ତରାମ ସାହୁ, ନିଳଜୀ ସରପଞ୍ଚ ଲକ୍ଷ୍ମଣ ପ୍ରଧାନ, ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଷଡ଼ାନନ ସୁନାନୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଦସ୍ୟ ସଞ୍ଜୟ ବେହେରା ଓ ବାଣୀବଲ୍ଲଭ ପାଣିଗ୍ରାହୀ, ସିନାପାଲି ଆଇନଜୀବୀ ସଂଘର ସମ୍ପାଦକ ଋଷଭ ମେହେର, ନିଳଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟବ୍ରତ ଗହୀର ଓ ବନବିଭାଗ ଅଧିକାରୀ ଚୁଡ଼ାନାଥ ସରାଫ ପ୍ରମୁଖ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ଶିକ୍ଷକ ଶେଷଦେବ କାଲେଟ ସ୍ୱାଗତଭାଷଣ ପ୍ରଦାନ କରିଥିଲେ । ପରମେଶ୍ୱର ମାଝୀ ଧନ୍ୟବାଦ ଅର୍ପଣ



କରିଥିଲେ । ସେହିପରି ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡାବାହାଲି ଗ୍ରାମସ୍ଥିତ ରାମଗଡ଼ଠାରେ ୭୭ତମ ବନ ମହୋତ୍ସବ ସିନାପାଲି ବନାଞ୍ଚଳ ଆନୁକୂଲ୍ୟରେ ମଙ୍ଗଳବାର ବ୍ଲକସ୍ତରୀୟ ବନୋମହୋତ୍ସବ ଅନୁଷ୍ଠିତ ହୋଇଥିଲା । ସିନାପାଲି ବନାଞ୍ଚଳ ଅଧିକାରୀ କାମେଶ୍ୱର ତାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବରେ ଫରେଷ୍ଟର ମହାଦେବ ବନ୍ଦିଚୁଲ ସଭାପରିଚାଳନା କରିଥିଲେ । ଖଡିଆଳ ଏସିଏଫ ପ୍ରସଂଜିତ ନାଏକ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ସୁବ୍ରତ ଠାକୁର, ସରପଞ୍ଚ ଅହଲ୍ୟା ମେହେର, ଜଗନ୍ନାଥ ସେଠୀ, ଭଗବାନ ଚଲାନ, ଗୁଣଧର ମେହେର, ଅବସରପ୍ରାପ୍ତ ରେଞ୍ଜର ସଦାନନ ସୁନାନୀ ପ୍ରମୁଖ ମଞ୍ଚାସୀନ ଥିଲେ ।

## ପିଏମ୍‌ଶ୍ରୀ ଅପୂର୍ବ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

ଦେବଗଡ଼, ୭ ।୭ (ସମିସ): ତିଲେଇବଣି ବ୍ଲକ୍‌ର ସୁଗୁଡା ଗ୍ରାମ ସ୍ଥିତ ପିଏମଶ୍ରୀ ଅପୂର୍ବ ଉଚ୍ଚ ବିଦ୍ୟାଳୟ ପରିସରରେ



ଆଜି ବନମହୋତ୍ସବ ସପ୍ତାହ ଅବସରରେ ଚାରାରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପଞ୍ଚ ଶିକ୍ଷା ସେତୁ କମିଟିର ସଭାପତି ଧରଣୀଧର ସାହୁ , ସିଆରସିସି. ପ୍ରାଣବନ୍ଧୁ ଘଡେଇ ଅତିଥିଭାବେ ଯୋଗ ଦେଇଥିଲେ । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଖେଳ ଶିକ୍ଷକ ସୂର୍ଯ୍ୟକାନ୍ତ ମହନ୍ତଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ସମସ୍ତେ ପ୍ଲାକାର୍ଡ ଓ ବ୍ୟାନର ଧରି ସଚେତନତା ରାଲି କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## ୭୭ତମ ବନ ମହୋତ୍ସବ ପାଳିତ

ଭବାନୀପାଟଣା,୭ ।୭ (ସମିସ): ପିଏମ୍ ଶ୍ରୀ ଦଧିବାମନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଦାଦପୁର ଠାରେ 'ପ୍ରକୃତି ବନ୍ଧୁ' ପୁରସ୍କାର ପ୍ରାପ୍ତ ବିଦ୍ୟାଳୟର ଅଧ୍ୟକ୍ଷ ରବି ପ୍ରସାଦ କାନୁନଗୋଙ୍କ ଅଧ୍ୟକ୍ଷତାରେ ବନ ମହୋତ୍ସବ ଆୟୋଜନ କରାଯାଇଥିଲା । ପ୍ରତ୍ୟେକ ଛାତ୍ରଛାତ୍ରୀ ଅନ୍ତତଃ ପକ୍ଷେ ଗୋଟିଏ ଲେଖାଏଁ ଚାରାରୋପଣ କରି ତାର ଉପଯୁକ୍ତ ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଗୀତାଞ୍ଜଳି ସାହୁ, ସରପଞ୍ଚ ଦାଦପୁର, ବିଶିଷ୍ଟ ଅତିଥି ଭାବେ ଛବିଲାଲ ସାହୁ, ସଭାପତି, ପୁରାତନ ଛାତ୍ର ସଂସଦ ଭବାନୀଶଙ୍କର ପରିଚ୍ଛା (ବନରକ୍ଷୀ), ତନୁ ଶବର (ବନରକ୍ଷୀ, ଦାଦପୁର), ଜୌସ୍ନାମୟୀ ବେହେରା ପ୍ରମୁଖ ଯୋଗଦେଇ ବନମହୋତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ




ଆଲୋକପାତ କରିଥିଲେ । ଶିକ୍ଷକ ବଳରାମ ସାହୁ ମଞ୍ଚ ପରିଚାଳନା, ବରିଷ୍ଠ ଶିକ୍ଷକ ସଂଜିବ କୁମାର ଶର୍ମା ସମ୍ପାଦନା ଏବଂ ଶିକ୍ଷୟିତ୍ରୀ ସ୍ନିଗ୍ଧାଲୀନା ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ନୂଆମାଟି ପକେଇ ବସ୍‌ଷ୍ଟାଣ୍ଡ ନିର୍ମାଣ; ବର୍ଷାରେ ଦବିଲା କାନ୍ଥ

ମ.ରାମପୁର,୭ ।୭ (ସମିସ): ନୂଆ ମାଟି ପକାଇ ନିର୍ମାଣ ଚାଲିଛି ଅଟଳ ବସ୍ ଷ୍ଟାଣ୍ଡ । ଏବେ ବର୍ଷାରେ ଦୁଇ ଫୁଟ



ଉଠିଥିବା କାନ୍ଥ କୋଉଠି ଭାଙ୍ଗି ଯାଇଛି ତ ଆଉ କୋଉଠି ଦବି ଯାଇଛି । ଏଭଳି ଏକ ବିକଳ ନିର୍ମାଣ ଚିତ୍ର ସାମ୍ନାକୁ ଆସିଛି । କଳାହାଣ୍ଡି ଜିଲ୍ଲା ମ.ରାମପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିର ସାମ୍ନାରେ ନୂତନ ଭାବେ ଅଟଳ ବସ୍‌ଷ୍ଟାଣ୍ଡ ନିର୍ମାଣ କାମ ଚାଲିଛି । ସରକାରଙ୍କ ଯେ କୌଣସି ଉନ୍ନୟନମୂଳକ ନିର୍ମାଣ କାମ ଆରମ୍ଭ କରିବା ପୂର୍ବରୁ ଲୋକଙ୍କ ଅବଗତି ପାଇଁ ସୂଚନା ଫଳକ ଲଗେଇବା ନିୟମ ଥିଲେ ହେଁ ଏଠାରେ ତାହା ଦେଖିବାକୁ ମିଳୁନାହିଁ । ସୂଚନା ଫଳକରେ କେଉଁ ଯୋଜନାରେ, କେତେ ଟଙ୍କା ବ୍ୟୟରେ, କେଉଁ ଠିକା ସଂସ୍ଥା ନିର୍ମାଣ କାମ ହାତକୁ ନେଇଛି ତାର ସୂଚନା ରହିବା ନିୟମ ରହିଛି । ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳା ହେଉ କି ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ ଯୋଗୁଁ ସୂଚନାଫଳକ ଲଗା ଯାଇନାହିଁ । ନିର୍ମାଣ କାମ ଆରମ୍ଭ ହୋଇକି ୩ମାସ ବିତି ଯାଇଥିଲେ ହେଁ ସୂଚନା ଫଳକର ଦେଖାନାହିଁ । ଏବେ ପ୍ରଥମ ବର୍ଷାରେ ଏହି କାର୍ଯ୍ୟର ଅସଲ ଚିତ୍ର ସାମ୍ନାକୁ ଆସିଛି । ନୂଆମାଟି ପ୍ରାୟ ୧୫ ଫୁଟ ପଡ଼ିଥିବା ବେଳେ ଏହାକୁ ପ୍ରଥମେ ଦବାଇବା କାମ କରିବା ବଦଳରେ ଯାହା ତାହା କରି କାମ ଆଗେଇ ନେଇଛନ୍ତି । ଯେଉଁ ମାଟିରେ ବିଦ୍ୟୁତ ପୋଲ ଠିଆ ହେବା କଷ୍ଟ ସାଧ୍ୟ ସେହି ହାଲୁକା ମାଟିରେ କିଭଳି ବସ୍ ଷ୍ଟାଣ୍ଡ ନିର୍ମାଣ କରାଯାଉଛି ତାହାକୁ ନେଇ ଏବେ ଅଞ୍ଚ ବାସୀ ଆଲୋଚନା କରୁଛନ୍ତି । ଏନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ବୁଧେଶ୍ୱର ମୁର୍ମୁଙ୍କୁ ପଚାରିବାରୁ ଏହି କାମ ପୋଲିସ ହାଉସିଂ ବିଭାଗରୁ ହେଉଥିବା ବେଳେ ଠିକା ସଂସ୍ଥାକୁ ସୂଚନାଫଳକ ଲଗେଇବାକୁ କହିବି ବୋଲି ପ୍ରତିକ୍ରିୟା ରଖିଥିଲେ ।

## ■ ଉଦ୍‌ଘାଟନ ପୂର୍ବରୁ ବସ୍‌ଷ୍ଟାଣ୍ଡ ପାଚେରି ଭୁଶୁଡ଼ିବା ଘଟଣା
## ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକଲେ ବିଧାୟକ



ଖଡ଼ିଆଳ,୭ ।୭ (ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳଠାରେ ନିର୍ମାଣାଧୀନ ବସ୍‌ଷ୍ଟାଣ୍ଡର ପାଚେରି ଉଦ୍‌ଘାଟନ ପୂର୍ବରୁ ଭୁଶୁଡ଼ି ପଡ଼ିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ସୋମବାର ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟକ୍ଷେତ୍ର ପରିଦର୍ଶନ କରିଥିଲେ । ପରିଦର୍ଶନ ପରେ ବିଧାୟକ ଶ୍ରୀ ପାଣିଗ୍ରାହୀ କହିଥିଲେ ଯେ, ସରକାରୀ ଅର୍ଥରେ ନିର୍ମିତ ପ୍ରକଳ୍ପରେ ନିମ୍ନମାନର କାମ କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ । ନବନିର୍ମିତ ଖଡ଼ିଆଳ ବସଷ୍ଟାଣ୍ଡର ପାଚେରି ଉଦ୍‌ଘାଟନ ପୂର୍ବରୁ ଭୁଶୁଡ଼ି ପଡିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଅଟେ । ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଏହି ବସଷ୍ଟାଣ୍ଡ ନିର୍ମାଣ ଦାୟିତ୍ୱରେ ଥିବା ଓଡିଶା ପୋଲିସ ହାଉସିଂ ବୋର୍ଡର ଦୋଷୀ ଅଧିକାରୀ ତଥା ଠିକାଦାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ଉଦ୍‌ଘାଟନ ପୂର୍ବରୁ ପାଚେରି ଭାଙ୍ଗିଯିବା ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ନେଇ ଗୁରୁତର ପ୍ରଶ୍ନ ସୃଷ୍ଟି କରିଛି । ଏହି ଘଟଣାର ସଠିକ୍ ତଦନ୍ତ କରାଯାଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ କଣ୍ଟ୍ରାକ୍ଟରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି । ବିଧାୟକ ଆହୁରି କହିଥିଲେ ଯେ, ଜନସାଧାରଣଙ୍କ ଟଙ୍କାରେ ହେଉଥିବା ବିକାଶମୂଳକ କାର୍ଯ୍ୟରେ କୌଣସି ପ୍ରକାରର ଅବହେଳା କିମ୍ବା ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ । ଏହି ଘଟଣାକୁ ନେଇ ସ୍ଥାନୀୟ ବାସିନ୍ଦାମାନେ ମଧ୍ୟ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଉପରେ ପ୍ରଶ୍ନ ଉଠାଇଥିବା ବେଳେ, ସମ୍ପୂର୍ଣ୍ଣ ଘଟଣାର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ସମାଜସେବୀ ଅକ୍ଷୟ ନନ୍ଦ, ମନୋଜ ଦୀପ, ଯୋଗେନ୍ଦ୍ର ପାଣ୍ଡେ, ହୀରାଧର ମେହେର ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଉପସ୍ଥିତ ଥିଲେ ।

## ● ରାସ୍ତା କାମରେ ଦୁର୍ନୀତି ଅଭିଯୋଗ
## ନିର୍ମାଣ ସରିନି; ଉଠିଗଲା ପିଚୁ

ଇବଥର୍ମାଲ,୭ ।୭ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ପଲସଦା ପଞ୍ଚାୟତ ଅଧୀନ ଜାତୀୟ ରାଜପଥ -୪୯ରୁ ରେଙ୍ଗାଲି ଦେଇ ନାଚେନମୁର ଉଠାଜଳସେଚନ ପ୍ରକଳ୍ପ ପର୍ଯ୍ୟନ୍ତ



ନିର୍ମାଣାଧୀନ ରାସ୍ତା କାମକୁ ନେଇ ଏବେ ପ୍ରଶ୍ନ ଉଠିଛି । ପ୍ରାୟ ୫ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୫ କୋଟି ୭୨ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟବରାଦ ହୋଇଥିବାବେଳେ କାମ ଶେଷ ହେବା ପୂର୍ବରୁ ହିଁ ବିଭିନ୍ନ ସ୍ଥାନରେ ପିଚୁ ଉପୁଡ଼ିଯିବା, ଗାତ ସୃଷ୍ଟି ହେବା ଓ ରାସ୍ତା ଦବିଯିବା ଭଳିଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇଛି । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ପ୍ରତି କିଲୋମିଟର ପିଛା ପ୍ରାୟ ୧ କୋଟି ୧୪ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ ହେଉଥିଲେ ମଧ୍ୟ କାମର ମାନ ଆଶାନୁରୂପ ନୁହେଁ । ରାସ୍ତା ସମ୍ପୂର୍ଣ୍ଣ ନିର୍ମାଣ ନ ସରୁଣୁ ପିଚୁ ଫାଟିବା ଓ ଉଠିଯିବା ଘଟଣା ନିର୍ମାଣର ଗୁଣବତ୍ତାକୁ ନେଇ ଗୁରୁତର ପ୍ରଶ୍ନ ସୃଷ୍ଟି କରିଛି । ଆଗାମୀବର୍ଷା ଋତୁରେ ଏହି ରାସ୍ତାର ଅବସ୍ଥା ଆହୁରି ଖରାପ ହେଲେ ଦୈନନ୍ଦିନ ଯାତାୟାତ ବାଧାପ୍ରାପ୍ତ ହେବା ସହ ସ୍କୁଲ, କଲେଜ, ଚାଷୀ ଓ ସାଧାରଣ ଲୋକଙ୍କୁ ନାହିଁ ନ ଥିବା ଅସୁବିଧା ଭୋଗିବାକୁ ପଡ଼ିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ଏହି ରାସ୍ତା ନାଚେନମୁରା ଉଠାଜଳସେଚନ ପ୍ରକଳ୍ପକୁ ସଂଯୋଗ କରୁଥିବାରୁ ପ୍ରତିଦିନ ଅନେକ ଛୋଟ ଓ ବଡ଼ ଯାନବାହନ ଚଳାଚଳ କରିଥାଏ । ନିର୍ମାଣ ପର୍ଯ୍ୟାୟରେ ହିଁ ରାସ୍ତାରେ ଖାଲଖମା ଓ ପିଚୁ ଉଠିଯିବା ଫଳରେ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଛି । ସ୍ଥାନୀୟ ଲୋକଙ୍କ ମତରେ, ଆରମ୍ଭରୁ ଯଦି କାମର ମାନ ଠିକ୍ ନ ରହେ, ତେବେ ଅଳ୍ପ ଦିନ ମଧ୍ୟରେ ପୁଣି ମରାମତି ପାଇଁ ସରକାରଙ୍କୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିପାରେ । ଫଳରେ ସରକାରୀ ଅର୍ଥର ସଠିକ୍ ବ୍ୟବହାରକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି । ଏପରିସ୍ଥିତିରେ ଆରଡି ବିଭାଗର ଯନ୍ତ୍ରୀ ଲବ କୁମାର ନିର୍ମାଣ କାମର ଯାଞ୍ଚ କରିଥିବା ଜଣାପଡ଼ିଛି । ଯାଞ୍ଚବେଳେ କେତେକ ସ୍ଥାନରେ ନିର୍ମାଣ କାମ ନିମ୍ନମାନର ହୋଇଥିବା ଦୃଷ୍ଟିଗୋଚର ହେବାପରେ ସମ୍ପୃକ୍ତ ଠିକାଦାରଙ୍କୁ ଡିପିଆର୍ ଅନୁଯାୟୀ ଉନ୍ନତ ମାନର ସାମଗ୍ରୀ ବ୍ୟବହାର କରି ତ୍ରୁଟିପୂର୍ଣ୍ଣ ସ୍ଥାନଗୁଡ଼ିକର ପୁନଃନିର୍ମାଣ କରିବାକୁ ନୋଟିସ୍ ଜାରି କରାଯାଇଛି । ଏହାସହ ଏ ସମ୍ପର୍କରେ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କୁ ଅବଗତ କରାଯାଇଥିବା ସୂଚନା ମିଳିଛି । ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ଯେ ଡିପିଆର୍ ଅନୁଯାୟୀ ଉନ୍ନତମାନର ସାମଗ୍ରୀ ବ୍ୟବହାର କରି ସମଗ୍ର ରାସ୍ତାକୁ ପୁନଃନିର୍ମାଣ କରାଯାଉ ।

## ମଧ୍ୟାହ୍ନଭୋଜନ ରୋଷେଇ ସମୟରେ ଲାଗିଲା ନିଆଁ

କୋକସରା,୭ ।୭ (ସମିସ): କୋକସରା ବ୍ଲକ୍ ମୋଟେର ପଞ୍ଚାୟତ ଅଧୀନ ବାଟିଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ ଚାଲିଥିବା ସମୟରେ ଏକ ସିଲିଣ୍ଡରରେ ନିଆଁ ଲାଗିଯାଇଥିଲା । କୋକସରା ଅଗ୍ନିଶମ ବିଭାଗର ଠିକ୍ ସମୟରେ ତତ୍ପରତା ଯୋଗୁଁ ଏକ ବଡ଼ ଧରଣର ଦୁର୍ଘଟଣା ଟଳିଯାଇଛି । ମଙ୍ଗଳବାର ବିଦ୍ୟାଳୟରେ ରୋଷେଇ କାର୍ଯ୍ୟ ଚାଲିଥିବା ବେଳେ ହଠାତ୍ ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗି ଯାଇଥିଲା । ବିଦ୍ୟାଳୟର ପାଚିକା ପଦ୍ମିନୀ ବେହେରା ଓ ସୁକାନ୍ତ ହାତି ତୁରନ୍ତ ପ୍ରଧାନ ଶିକ୍ଷକ ଅରୁଣ ଶବରଙ୍କୁ ଅବଗତ କରାଇଥିଲେ । ପ୍ରଧାନଶିକ୍ଷକ ସ୍କୁଲର ସମସ୍ତ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବେ ଶ୍ରେଣୀଗୃହରୁ ବାହାରକୁ ଆଣିବା ସହ କୋକସରା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । କୋକସରା ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ ଏକ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ଅଗ୍ନିଶମ କର୍ମଚାରୀ ରାଧେଶ୍ୟାମ ପ୍ରଧାନୀ, ହେମନ୍ତ ମାଝୀ, ବିଶ୍ୱଜିତ ଜେନା, ସୁନିଲ ରଞ୍ଜନ ବାରାଲ ଏବଂ ଲଳିତ ପୁଟେଲ ପ୍ରମୁଖ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ ।

## ଡିଗ୍ରୀ କଲେଜ ପରିସରରେ ବନ ମହୋତ୍ସବ

କଲମପୁର,୭ ।୭ (ସମିସ): କଲମପୁର କସ୍ତୁରୀକା ମୋଦିନୀ ଦେବୀ +୩ ଡିଗ୍ରୀ କଲେଜରେ ବନମହୋତ୍ସବ ପାଳିତ ହୋଇ ଯାଇଛି । କଲେଜ ରେଡକ୍ରସ୍ ଓ ରେଡରିବନ କ୍ଲବ୍ ୟୁନିଟ ଏବଂ ଏନ୍‌ଏସ୍‌ଏସ୍‌କୋ ୟୁନିଟ ବିଭାଗର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅଧ୍ୟାପକ ଧରଣୀଧର ପୁଝାରୀ, କାଉନସିଲର ତରାଜେନ୍ଦ୍ର ପ୍ରଧାନ,ଏନ୍‌ଏନ୍‌ଏସ୍ ପ୍ରୋଗ୍ରାମ ଅଫିସର ବାବୁଲା ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## ସ୍କୁଲଗୃହ ନିର୍ମାଣ ପାଇଁ ସରକାରୀ ଜମି ପ୍ରଦାନ ଦାବି
## ପୋଡ଼ବେଡାବାସୀ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଧର୍ମଗଡ଼,୭ ।୭ (ସମିସ): ଧର୍ମଗଡ଼ ବ୍ଲକ୍ ଅଧୀନ ପୋଡ଼ବେଡା ଗ୍ରାମର ପ୍ରାଥମିକ ବିଦ୍ୟାଳୟ ପାଇଁ ସରକାରୀ ଜମି ଯୋଗାଇ



ନୂତନ ସ୍କୁଲ ଗୃହନିର୍ମାଣ କରିବା ଦାବିରେ ଗ୍ରାମବାସୀ ଉପଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରାୟ ୫୦ ବର୍ଷ ପୂର୍ବେ ଜଣେ ବ୍ୟକ୍ତି ଗ୍ରାମର ପ୍ରାଥମିକ ବିଦ୍ୟାଳୟ ପରିଚାଳନା ପାଇଁ ନିଜସ୍ୱ ଜମି ପ୍ରଦାନ କରିଥିଲେ । ସେହି ଜମିରେ ଦୀର୍ଘବର୍ଷ ଧରି ବିଦ୍ୟାଳୟ ଚାଲିଆସୁଥିଲା । କିନ୍ତୁ ସମ୍ପ୍ରତି ହୋଇଥିବା ନୂତନ ସେଟେଲମେଣ୍ଟ ପରେ ଉକ୍ତଜମି ପୁଣି ଜମିମାଲିକଙ୍କ ନାମରେ ରେକର୍ଡ ହୋଇଥିବାରୁ ସେ ବିଦ୍ୟାଳୟ ସ୍ଥାନ ଖାଲି କରିବାକୁ କହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ସେମାନେ ଏକ ଭଙ୍ଗାଦଦରା ଓ ବିପଦସଙ୍କୁଳ ଗୃହରେ ପାଠ ପଢୁଛନ୍ତି । ଏହାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି । ଏହି ଘଟଣାର ତଦନ୍ତ ପରେ ଧର୍ମଗଡ଼ ବିଡିଓ ନୂତନ ସ୍କୁଲ ଗୃହ ନିର୍ମାଣ ପାଇଁ ପାଣ୍ଠି ମଞ୍ଜୁର କରିଥିବା ବେଳେ ଉପଯୁକ୍ତ ଜମି ଅଭାବରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ । ତେଣୁ ପୋଡ଼ବେଡା ଗ୍ରାମବାସୀ ଉପଜିଲ୍ଲାପାଳଙ୍କୁ ଭେଟି ସରକାରୀ ଜମି ଚିହ୍ନଟ କରି ଶୀଘ୍ର ନୂତନ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ଜଣାଇଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ରଥେଶ୍ୱର ପୁଝାରୀ, ତୁଲାରାମ ଦୁର୍ଗା, ଲୋକନାଥ ଭୋଇ, ତରୁଣ ଭୋଇ, ଈଶ୍ୱର ଚନ୍ଦ୍ର ଭୋଇ, ମନୁ ଗହୀର ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଖାଦ୍ୟ ସୁରକ୍ଷା ଗୋଷ୍ଠୀଙ୍କ ପ୍ରଶିକ୍ଷଣ ଶିବିର

କର୍ଲାମୁଣ୍ଡା,୭ ।୭ (ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ସଦର ଆତ୍ମା କାର୍ଯ୍ୟାଳୟଠାରେ ମଙ୍ଗଳବାର ଖାଦ୍ୟ ସୁରକ୍ଷା ଗୋଷ୍ଠୀ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଏହି ପ୍ରଶିକ୍ଷଣରେ ଶିବିରରେ ରୁଗୁଡ଼ିପଡ଼ାର ଜୟ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଚାଷୀମାନେ ଯୋଗ ଦେଇଥିଲେ । ଏଥିରେ ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, ସହକାରୀ କୃଷି ଅଧିକାରିଣୀ ପ୍ରୀତି ମୟି ନାଏକ, ଆତ୍ମା କମିଟି ସଭ୍ୟ ପ୍ରଦୀପ କୁମାର ସାହୁ, କୃଷି କର୍ମୀ ଲୋକ ନାଥ ନାଗ, ସୂରଜ ଶେଖର ସାହୁ ପ୍ରମୁଖ ଯୋଗ ଦେଇ ଖାଦ୍ୟ ସୁରକ୍ଷା, ପୁଷ୍ଟିକର ଖାଦ୍ୟ ଉତ୍ପାଦନ, ପନିପରିବା ଚାଷ, ପ୍ରାକୃତିକ କୃଷି ପଦ୍ଧତି ଓ ପରିବାରର ପୋଷଣ ସୁରକ୍ଷା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହି ଅବସରରେ ମହିଳା ଚାଷୀ ମାନଙ୍କୁ ପନିପରିବା ବିହନ ସହ କୃଷି ଉପକରଣ ପ୍ରଦାନ କରଯାଇଥିଲା କାର୍ଯ୍ୟ କ୍ରମ ରେ ଏଟିଏମ୍ ମିଳନ କୁମାର ଗୋଛାୟତ ଆୟୋଜନ କରିଥିଲେ ।

## ଥୁଆମୂଳ ରାମପୁରରେ ବନ ମହୋତ୍ସବ ସପ୍ତାହ
## ଚାରାରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତାଦେଲେ ମାଜିଷ୍ଟ୍ରେଟ୍

ଥୁଆମୂଳ ରାମପୁର,୭ ।୭ (ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ସଦରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥୁଆମୂଳ ରାମପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ବନମହୋତ୍ସବ ସପ୍ତାହ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଜେ.ଏମ୍.ଏଫ୍.ସି ମାଜିଷ୍ଟ୍ରେଟ ଏବଂ ତାଲୁକ ଆଇନସେବା ସମିତିର ଅଧ୍ୟକ୍ଷ ଡ. ତାରିଣୀ ପ୍ରସାଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ । ସେ ଉପସ୍ଥିତ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ଗଛ କେବଳ ପରିବେଶକୁ ସବୁଜ କରେ ନାହିଁ, ବରଂ ଜୀବନ, ସ୍ୱାସ୍ଥ୍ୟ ଓ ଭବିଷ୍ୟତ ପିଢ଼ିର ସୁରକ୍ଷାର ମୂଳ




ଆଧାର । ଏହି ଅବସରରେ ପରିବେଶ ସୁରକ୍ଷା, ବନ ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନ ରୋକିବାରେ ଚାରାରୋପଣର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନାଗେଶ୍ୱର ନାଏକ ଏବଂ ବିଦ୍ୟାଳୟର ଅନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀ, ବନ କର୍ମଚାରୀ, ତାଲୁକ ଆଇନ ସେବା ସମିତିର ସଦସ୍ୟ ତଥା ଆଇନଜୀବୀ ମନୋରଞ୍ଜନ ନାଏକ, ଦିଲ୍ଲୀପ କୁମାର ନାଏକ, ଏପିପି ପ୍ରିୟଙ୍କା ମାଝୀ, କୋର୍ଟର ବରିଷ୍ଠ କିରାଣି ସାହୁ, ଜିମି ବେହେରା ଏବଂ "କର୍ତ୍ତବ୍ୟ"ଅନୁଷ୍ଠାନର ସଂଯୋଜକ ସୁଦର୍ଶନ ନାଏକଙ୍କ ସମେତ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ଜନଗଣନା ହସ୍ତପୁସ୍ତିକା ପ୍ରସ୍ତୁତି ପ୍ରଶିକ୍ଷଣ

ଭବାନୀପାଟଣା, ୭ ।୭ (ସମିସ): ଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷରେ ମଙ୍ଗଳବାର ଜିଲ୍ଲାସ୍ତରୀୟ ଜନଗଣନା ହସ୍ତ ପୁସ୍ତିକା ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ଡେପୁଟି କଲେକ୍ଟର ତଥା ଡେପୁଟି ଜିଲ୍ଲା ଜନଗଣନା ଅଧିକାରୀ ଲମ୍ବୋଦର ନାଏକ ଉପସ୍ଥିତ ରହି ପ୍ରଶିକ୍ଷଣକୁ ପରିଚାଳନା କରିଥିଲେ । ଜନଗଣନା ଟ୍ରେନର ପ୍ରଶିକ୍ଷକ ସୌରଭ ତିୱାରୀ ଓ ପମ୍ମୁ ସିଂହ ଡିସିଏଚ୍‌ବି ପ୍ରସ୍ତୁତିର ବିଭିନ୍ନ ବୈଷୟିକ ଓ ପ୍ରାୟୋଗିକ ଦିଗ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ । ଏଥିରେ ସମସ୍ତ ତହସିଲଦାର-କମ୍-ଚାର୍ଜ ଜନଗଣନା ଅଧିକାରୀ, ଅତିରିକ୍ତ ତହସିଲଦାର-କମ୍-ଅତିରିକ୍ତ ଚାର୍ଜ ଜନଗଣନା ଅଧିକାରୀ, ରାଜସ୍ୱ ସୁପରଭାଇଜର, ରାଜସ୍ୱ ନିରୀକ୍ଷକ (ଆର୍.ଆଇ.), ଅମିନ, ବୈଷୟିକ ସହାୟକ ଓ ଅନ୍ୟାନ୍ୟ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ । ପ୍ରଶିକ୍ଷଣରେ ଜିଲ୍ଲା ଜନଗଣନା ହସ୍ତପୁସ୍ତିକା ସମ୍ମିଳିତ ହେବାକୁ ଥିବାଜିଲ୍ଲାର ଭୌଗୋଳିକ, ସାମାଜିକ, ଆର୍ଥିକ, ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ଭିତ୍ତିଭୂମି ଓ ଅନ୍ୟାନ୍ୟ ସମ୍ବଳ ସମ୍ପର୍କିତ ତଥ୍ୟର ସଠିକ୍ ସଂଗ୍ରହ, ସଂକଳନ ଓ ଯାଞ୍ଚ ପ୍ରକ୍ରିୟା ଉପରେ ବିଶେଷ ଆଲୋଚନା କରାଯାଇଥିଲା ।

## ଆନନ୍ଦପୁର ଗ୍ରାମ୍ୟଉନ୍ନୟନ ବିଭାଗ ବେଫିକର

**ଅଧାପନ୍ତରିଆ ମାଟିକାର୍ଯ୍ୟ**

# ବର୍ଷାରେ ବଢ଼ିଲା ଗ୍ରାମବାସୀଙ୍କ ଦୁର୍ଦ୍ଦଶା

ଆନନ୍ଦପୁର,୭।୭ (ସମିସ)





ଆନନ୍ଦପୁର ବ୍ଲକର ହରିଡ଼ାପାଳ ରାସ୍ତା ପ୍ରଶସ୍ତୀକରଣ ପାଇଁ ମାଟି ପକାଇ ସେଇ ଅଧାପନ୍ତରିଆ ଭାବେ ଛାଡ଼ି ଦିଆଯାଇଥିବାରୁ ଗ୍ରାମବାସୀ ନାହିଁ ନଥିବା ହଇରାଣ ହେଉଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀଙ୍କ ତଦାରଖ ଅଭାବରୁ ଠିକାଦାରଙ୍କ ମନମାନି ଚାଲିଛି ବୋଲି ଗ୍ରାମର ମହିଳାମାନେ ଅଭିଯୋଗ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଚାଲିଥିବା ଏହି ରାସ୍ତା କାମ ନିମ୍ନମାନର କାମ ଯୋଗୁଁ ହରିଡ଼ାପାଳ ଗ୍ରାମବାସୀ ପାଣିକାଦୁଅରେ ହନ୍ତସନ୍ତ ହୋଇ ବନ୍ଧ ରାସ୍ତାକୁ ଆସିପାରୁନାହାନ୍ତି। ହରିଡ଼ାପାଳ ଗ୍ରାମବାସୀ ଯେଉଁ ରାସ୍ତାରେ ବନ୍ଧ ଉପରକୁ ଆସିଥାନ୍ତି; ସେହି ରାସ୍ତାରେ ଠିକାଦାର ମାଟି ପକାଇ ରାସ୍ତାକାମ ଆରମ୍ଭ କରି ଛୁ' ମାରିଥିବା ଅଭିଯୋଗ ହୋଇଛି। ବର୍ଷାଋତୁ ଆରମ୍ଭରୁ ଲଗାଣ ବର୍ଷା ଲାଗିରହିଛି। ଯାହାଫଳରେ ଗ୍ରାମବାସୀ ପାଣି କାଦୁଅରେ ପଚପଚ ହୋଇ ହନ୍ତସନ୍ତ ହେଉଛନ୍ତି। ବନ୍ଧ ରାସ୍ତାକୁ ବାହାରି ପାରୁନାହାନ୍ତି। କାମଯାଗାର୍ଥରେ ଏଭଳି କାମ ବର୍ଷା ଋତୁ ଆରମ୍ଭରୁ ହେଉଛି ସେନେଇ ପ୍ରଶ୍ନ ଉଠିଛି। ଏଭଳି କାମକୁ ବିରୋଧ କରି ଗାଁରେ ଲାଗି ରହିଛି ଉତ୍ତେଜନା ଓ ବିଭାଗୀୟ ଅଧିକାରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ରାସ୍ତା କାମ ଆରମ୍ଭ କରାଯାଉନାହିଁ। କାଦୁଅ ପାଣିରେ ଯିବା ଆସିବା କରୁଛନ୍ତି ଗ୍ରାମବାସୀ ଓ ଛାତ୍ରଛାତ୍ରୀ। ଆଜି ଗାଁର ଅନେକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଠିକାଦାରଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ କୌଣସି ଜବାବ ଦେଉ ନଥିବା ମହିଳାମାନେ ପ୍ରକାଶ କରି ବନ୍ଧ ଉପରେ ଠିଆହୋଇ ଏହାକୁ ବିରୋଧ କରିଛନ୍ତି। ଗତ ୧୯୯୯ ମହାବାତ୍ୟାରେ କୁଶେଇ ନଦୀରେ ବନ୍ୟା ଆସି ଏହି ଆଡିବନ୍ଧ ଭାଙ୍ଗି ଗ୍ରାମରେ ଅନେକ କ୍ଷୟକ୍ଷତି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ରାସ୍ତାର ପ୍ରଶସ୍ତୀକରଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ଟେଣ୍ଡର ମାଧ୍ୟମରେ ରାସ୍ତାକାମ ଆରମ୍ଭ ହୋଇଛି କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାନରେ ଫଳକ ଲାଗି ନଥିବା ଦେଖିବାକୁ ମିଳିଛି।

## ଯୁବରେଡକ୍ରସ ପକ୍ଷରୁ ବନ ମହୋତ୍ସବ



ତୁରୁମୁଙ୍ଗା, ୭।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ବଧ୍ୟମାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ୍‌କ୍ରସ ବାହିନୀ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ୭୭ତମ ବନମହୋତ୍ସବ ସପ୍ତାହର ଶେଷ ଦିନରେ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅଧକ୍ଷ ଅନୁପୂର୍ଣ୍ଣା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରେଡ୍‌କ୍ରସ ବାହିନୀର ପରାମର୍ଶଦାତା ପ୍ରଭଞ୍ଜନ ନାଏକ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

## ମଦ ଜବତ; ୩ ଗିରଫ

ହାଟଡ଼ିହି,୭।୭(ସମିସ): ଆନନ୍ଦପୁର ଓ ହାଟଡିହି ଅବକାରୀ ବିଭାଗ ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଓ ହାଟଡିହି ଅବକାରୀ ଥାନା ଷ୍ଟାଫଙ୍କ ପକ୍ଷରୁ ପୁରୁଣାଘାଟି, ସରେଇସାହି, ବାହିଆ, ବାରଦଣ୍ଡା, ଶାଳବଣି,କାଠକଟା ଆଦି ଗ୍ରାମରେ ଚଢ଼ଉ କରି ଅଭିଯୁକ୍ତ ସନାତନ ହୋ, ନାଣ୍ଡି ହୋ, କିତାରାୟ ମହାରଣାଙ୍କୁ ବେଆଇନ ମଦ କାରବାର ଅଭିଯୋଗରେ ଗିରଫ କରାଯାଇଛି। ସେମାନଙ୍କଠାରୁ ୩୭୩୩ ଲିଟର ଦେଶୀ ମହୁଲିମଦ ଓ ୪୦୦୦ ଲିଟର ମହୁଲ ପୋଚ ସହ ମଦ ରନ୍ଧା ସରଞ୍ଜାମ ଜବତ କରି ନଷ୍ଟ କରାଯାଇଛି। ଜବତ ଦେଶୀ ମହୁଲିମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଉକ୍ତ ଚଢ଼ଉ ଦଳରେ ହାଟଡିହି ଅବକାରୀ ଥାନାର ସହ ଉପନିରୀକ୍ଷକ ସୁଶାନ୍ତ ରାଉତ, କନେଷ୍ଟବଳ ଜଗମୋହନ ବେହେରା, ସୁରେଶ ବେହେରା, ଆରତୀ ବେହେରା ପ୍ରମୁଖ ସାମିଲ ଥିଲେ। ଏନେଇ ଆନନ୍ଦପୁର ରେଞ୍ଜ ପକ୍ଷରୁ ୧ ଓ ହାଟଡିହି ଅବକାରୀ ଥାନା ପକ୍ଷରୁ ୨ଟି ମାମଲା ରୁଜୁ କରାଯାଇଛି।

## ମହିଳାଙ୍କ ମଦ ଦୋକାନ ସ୍ଥାନାନ୍ତର ଦାବି



ତୁରୁମୁଙ୍ଗା, ୭।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସାଧୁପଡ଼ା ଗାଁରେ ଥିବା ନୂତନ ସରକାରୀ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ଦାବିରେ ମଙ୍ଗଳବାର ସାଧୁପଡ଼ା ଗ୍ରାମର ମହିଳାମାନେ ରାସ୍ତା ଉପରେ ବାଉଁଶ ବାନ୍ଧି ପାଟଣା ଢେଙ୍କିକୋଟ ରାସ୍ତାକୁ ଅବରୋଧ କରିଥିଲେ। ଗାଡ଼ି ମୋଟର ଅଟକି ରହିଥିଲା ବେଳେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ପୁଲିସ ଏଏସ୍‌ଆଇ ଲକ୍ଷ୍ମଣ ମାଝୀ, ଏଏସ୍‌ଆଇ ଧନେଶ୍ୱର ପାତ୍ର ବୁଝାସୁଝା କରିବା ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଉପୁଜିଥିଲା। ପରେ ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ ବଡ଼ପାଟଣା ସରପଞ୍ଚ ବିନତି ବାନାରା ମହିଳାଙ୍କ ସହ ଆଲୋଚନା କରିଥିଲେ। ମହିଳାମାନେ ତୁରନ୍ତ ମଦ ଦୋକାନକୁ ସ୍ଥାନାନ୍ତର ଦାବିରେ ଅଟଳ ଥିଲେ। ମଦ ଦୋକାନ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ୧୦ ଦିନ ମଧ୍ୟରେ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ରାସ୍ତା ଅବରୋଧରୁ ଓହରିଥିଲେ।

## ୨ୟ ଦିନରେ ବୈତରଣୀ ସୁରକ୍ଷା ପଦଯାତ୍ରୀଙ୍କୁ ବିପୁଳ ସମ୍ବର୍ଦ୍ଧନା



ଆନନ୍ଦପୁର, ୭।୭ (ସମିସ): ବୈତରଣୀ ସୁରକ୍ଷା ପଦଯାତ୍ରା ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ଯଜ୍ଞପ୍ରସାଦ ସାହୁଙ୍କ ନେତୃତ୍ୱରେ ଜାରି ରହିଥିବା ପଦଯାତ୍ରୀଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ବିଜେପି, ବିଜେଡି ଓ କଂଗ୍ରେସ ଦଳର ବହୁ ନେତୃତ୍ୱ ବୈତରଣୀ ସୁରକ୍ଷା ଯାତ୍ରାକୁ ସମର୍ଥନ ଜଣାଇଛନ୍ତି। ଆଜି ପଦଯାତ୍ରୀ ଦଳକୁ ଯାଜପୁର ଜିଲ୍ଲାର କୁଆଖିଆଠାରେ ଲାୟନ୍ସ କ୍ଲବ୍ ସଭାପତି ଜନ୍ମେଜୟ ସାହୁଙ୍କ ତତ୍ତ୍ୱାବଧାନରେ ସରୋଜ ସାହୁ, ମାନସ ରଞ୍ଜନ ଆଚାର୍ଯ୍ୟ, ଆଶିଷ ମହାନ୍ତି, ଯଶୋବନ୍ତ ଦାସ, ବୈକୁଣ୍ଠ ନାଥ, ଆନନ୍ଦ କୁମାର, ସ୍ୱାଗତ ସାହୁ, ସୌମ୍ୟରଞ୍ଜନ ସେଠୀ, ନୀଳମଣି ଦାସ, ଓମ୍‌ପ୍ରକାଶ ବେହେରା ପ୍ରମୁଖ ପଦଯାତ୍ରୀଙ୍କୁ ସ୍ୱାଗତ କରିବା ସହ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ସେହିପରି ଜାରକା ବଜାରଠାରେ ସଚେତନ ଯୁବକ ସଂଘ ପକ୍ଷରୁ ଲିଟୁ ସ୍ୱାଇଁଙ୍କ ନେତୃତ୍ୱରେ ବୈତରଣୀ ସୁରକ୍ଷା ଯାତ୍ରାର ସଫଳତା କାମନା କରିଥିଲେ। ଅନ୍ୟପକ୍ଷରେ ଚଣ୍ଡିଖୋଲଠାରେ ବିଶିଷ୍ଟ ସାମାଜିକ କର୍ମୀ ସର୍ବେଶ୍ୱର ବେଉରାଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳବାସୀ ବୈତରଣୀ ସୁରକ୍ଷା ଆନ୍ଦୋଳନକୁ ସମର୍ଥନ କରିଛନ୍ତି। ସାଲେପୁର-ପଟାଙ୍ଗୀ ନିର୍ବାଚନମଣ୍ଡଳୀ ପକ୍ଷରୁ ତ୍ରିଦେବ ବେହେରାଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପାଣିକୋଇଲିଠାରେ ମହାନଦୀ ବଞ୍ଚାଅ ଆନ୍ଦୋଳନର କର୍ମକର୍ତ୍ତା ପଦଯାତ୍ରୀ ଦଳକୁ ସ୍ୱାଗତ ଜଣାଇଥିଲେ।

## ଧକୋଠାରେ ଫାର୍ମାସିଷ୍ଟଙ୍କୁ ଅବସର ସମ୍ବର୍ଦ୍ଧନା

ଆନନ୍ଦପୁର, ୭।୭(ସମିସ): ଆନନ୍ଦପୁର ବ୍ଲକ ଧକୋଠା ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ପ୍ରଫୁଲ୍ଲ କୁମାର ପତିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଡାକ୍ତର ଦିଲ୍ଲୀପ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧାଂଶୁ ଶେଖର ବଳ ମୁଖ୍ୟଅତିଥି, ଶିକ୍ଷାବିତ ଶତ୍ରୁଘ୍ନ ସାହୁ ମୁଖ୍ୟବକ୍ତା, ଜିଲ୍ଲା ପରିଷଦ ସଦସ୍ୟା ଟୁନି ରଣା, ସରପଞ୍ଚ ବୀରଭଦ୍ର ସେଠୀ, ଡାକ୍ତର ଜୟନ୍ତ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜସେବୀ ଭରତଚନ୍ଦ୍ର ସାହୁ ଶ୍ରୀ ପତିଙ୍କ ଚାକିରି ଜୀବନ ବଲାଙ୍ଗିର ଜିଲ୍ଲାରୁ ଆରମ୍ଭ କରି କେନ୍ଦୁଝର ଜିଲ୍ଲାର ଧକୋଠା ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ବିବରଣୀ ଉପସ୍ଥାପନ କରିଥିଲେ। ଧକୋଠା ଯୁବକ ସଂଘ ସଭାପତି ପଦ୍ମଲୋଚନ ସାହୁ, ରମେଶଚନ୍ଦ୍ର ସାହୁ, ସ୍ୱାସ୍ଥ୍ୟ କର୍ମୀ ମେଘମାଳା ଜେନା, ତିଳୋତ୍ତମା ସେଠୀ, ସହାୟକ ପ୍ରସାଦ ବେହେରା, ବିଭୁ କିଶୋର, ପିତାମ୍ବର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ପ୍ରତାପ ରାଉତ ଧନ୍ୟବାଦ ଦେଇଥିଲେ।




ତେଲକୋଇ: ଏକ ଦନ୍ତା ହାତୀ ହନୁମନ୍ତିଆ ନାଳ ପାରି ହେଉଛି

## ଜିଲ୍ଲାଜାତୀୟ ରାଜପଥ ସୁରକ୍ଷା କମିଟି ବୈଠକ



କେନ୍ଦୁଝର, ୭।୭(ସମିସ): କେନ୍ଦୁଝର ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାଜାତୀୟ ରାଜପଥ ସୁରକ୍ଷା କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାରେ ଜାତୀୟ ରାଜପଥ ଓ ଖଣି ଅଞ୍ଚଳରେ ଭାରୀ ଯାନବାହନର ସୁବ୍ୟବସ୍ଥିତ ପାର୍କିଂ ନିମନ୍ତେ ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକ୍ସନ କର୍ପୋରେସନ୍ ଦ୍ୱାରା ନିର୍ମାଣାଧୀନ ତିନୋଟି ଟ୍ରକ୍ ଟର୍ମିନାଲର କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଏହି ପ୍ରକଳ୍ପଗୁଡ଼ିକୁ ଚଳିତ ବର୍ଷରେ ସମାପ୍ତ କରିବାକୁ ସମ୍ପୃକ୍ତ ସଂସ୍ଥାକୁ ପରାମର୍ଶ ଦିଆଯାଇଥିଲା। ଅବୈଧ ପାର୍କିଂ ଏବଂ ଅନ୍ୟାନ୍ୟ ଯାତାୟାତ ନିୟମ ଉଲ୍ଲଙ୍ଘନ ବିରୋଧରେ ଅଧିକ କଡ଼ା ପ୍ରବର୍ତ୍ତନମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିଲା। ଜାତୀୟ ରାଜପଥ-୨୦ ଓ ଜାତୀୟ ରାଜପଥ-୫୨୦ରେ ସଡକ ସୁରକ୍ଷା ଉପକରଣ, ସାଇନେଜ୍, କ୍ରାସ୍ ବ୍ୟାରିଅର୍, ରମ୍ବଲ୍ ଷ୍ଟ୍ରିପ୍ ଓ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥା ସ୍ଥାପନ କାର୍ଯ୍ୟର ଅଗ୍ରଗତିର ମଧ୍ୟ ସମୀକ୍ଷା କରାଯାଇଥିଲା ଏବଂ ଶୀଘ୍ର ସମାପ୍ତ କରିବାକୁ ସମ୍ପୃକ୍ତ ସଡ଼କ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଦୁର୍ଘଟଣା ପରେ ଆହତଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇବା, 'ଗୋଲ୍‌ଡେନ୍ ଆୱାର୍' ମଧ୍ୟରେ ଉଦ୍ଧାର କାର୍ଯ୍ୟ ସୁନିଶ୍ଚିତ କରିବା, ଆମ୍ବୁଲାନ୍ସ ସେବାର ଦକ୍ଷତା ବୃଦ୍ଧି କରିବା ଏବଂ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଜାତୀୟ ରାଜପଥରେ ସଡ଼କ ସୁରକ୍ଷା ଓ ଯାତାୟାତର ସୁଚାରୁ ପରିଚାଳନାକୁ ଦୃଷ୍ଟିରେ ରଖି ଅନଧିକୃତ ଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ନୋଟିସର ଅବଧି ଶେଷ ହେବା ପରେ ନିୟମାନୁସାରେ ଅତିକ୍ରମଣ ଉଚ୍ଛେଦ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜାତୀୟ ରାଜପଥ ପାର୍ଶ୍ୱରେ କୌଣସି ନୂତନ ଢାବା, ହୋଟେଲ୍, ରେଷ୍ଟୁରାଣ୍ଟ, ପେଟ୍ରୋଲ ପମ୍ପ କିମ୍ବା ଅନ୍ୟ କୌଣସି ବ୍ୟବସାୟିକ ସଂସ୍ଥା ସ୍ଥାପନ ପୂର୍ବରୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ଅନାପତ୍ତି ପ୍ରମାଣପତ୍ର ଏବଂ ବ୍ୟବସାୟିକ ଅନୁମୋଦନ ଗ୍ରହଣ କରିବା ବାଧ୍ୟତାମୂଳକ। ଏହି ଅନୁମତି ବିନା ଜାତୀୟ ରାଜପଥ ପାର୍ଶ୍ୱରେ କୌଣସି ନୂତନ ନିର୍ମାଣ କିମ୍ବା ବ୍ୟବସାୟିକ କାର୍ଯ୍ୟକଳାପକୁ ଅନୁମତି ଦିଆଯିବ ନାହିଁ। ସମ୍ପୃକ୍ତ ବିଭାଗମାନଙ୍କୁ ଏହି ନିୟମର କଡ଼ାକଡ଼ି ପାଳନ ସୁନିଶ୍ଚିତ କରିବା ସହିତ ଅନଧିକୃତ ନିର୍ମାଣକୁ ରୋକିବା ପାଇଁ ନିୟମିତ ଯାଞ୍ଚ ଓ ପ୍ରବର୍ତ୍ତନମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି।

## ନୂତନ ରାସ୍ତା ନିର୍ମାଣ ପାଇଁ ଦାବି



ତେଲକୋଇ, ୭।୭(ସମିସ): ତେଲକୋଇ ବ୍ଲକ ଦେଉଳଡିହା ପଞ୍ଚାୟତ ଜେନାଦର ଗ୍ରାମର ଗ୍ରାମ୍ୟରାସ୍ତା ଶୋଚନୀୟ ହୋଇ ପଡ଼ିଛି। ଫଳରେ ସ୍ଥାନୀୟ ବାସିନ୍ଦା ଉକ୍ତ ରାସ୍ତା ଦେଇ ଚାଲିବା କଷ୍ଟକର ହେଉଥିବା ଅଭିଯୋଗ ହୋଇଛି। ଲଘୁଚାପ ଜନିତ ଲଗାଣ ବର୍ଷାରେ ରାସ୍ତା ଧୋଇ ହୋଇ ଗୁଡ଼ିପଥର ବାହାରି ପଡ଼ିଥିବାରୁ ଲୋକଙ୍କ ଦୁର୍ଦ୍ଦଶା ଆହୁରି ବଢ଼ି ଯାଇଛି। ନୂତନ ରାସ୍ତା ନିର୍ମାଣ ପାଇଁ ଉକ୍ତ ସାହିବାସୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ରାସ୍ତା ନିର୍ମାଣ ନହେଲେ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ଘେରଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

■ ଜୁଆଙ୍ଗ ଜନଜାତି ଶ୍ରମିକଙ୍କ ମୃତ୍ୟୁ ଘଟଣା

## ଅନୁଧ୍ୟାନ କରିବ ବିଜେଡିର ରାଜ୍ୟ ପ୍ରତିନିଧିମଣ୍ଡଳୀ

କେନ୍ଦୁଝର, ୭।୭(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ, ବାଂଶପାଳ, ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଆଦିମ ଜନଜାତି ଜୁଆଙ୍ଗ ସଂପ୍ରଦାୟର ବହୁ ଶ୍ରମିକ କାମ ଆଶାରେ ତାମିଲନାଡୁ ଯିବା ଓ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀରେ ଆମୋନିଆ ଗ୍ୟାସ୍ ଲିକ୍ ହେବା ଯୋଗୁଁ ଶ୍ରମିକ ମୃତ୍ୟୁ ଘଟଣାକୁ ନେଇ ବିଜୁ ଜନତା ଦଳ ଉଦବେଗ ପ୍ରକାଶ କରିଛି। ଏପରିକି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏଭଳି ଘଟଣାର ପୁନରାବୃତ୍ତି ଯେପରି ନହେବ, ତାହାର ଅନୁଧ୍ୟାନ ପାଇଁ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଏକ କମିଟି ଗଠନ କରିଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଉପସଭାପତି ସଞ୍ଜୟ ଦାସବର୍ମାଙ୍କ ନେତୃତ୍ୱରେ ଉକ୍ତ କମିଟି କେନ୍ଦୁଝର ଜିଲ୍ଲାର ଜୁଆଙ୍ଗ ଜନଜାତି ଅଞ୍ଚଳ ଗସ୍ତ କରି ମୃତକଙ୍କ ପରିବାର ସହ ଆଲୋଚନା କରି ଏକ ରିପୋର୍ଟ ପ୍ରଦାନ କରିବେ ବୋଲି ବିଜୁ ଜନତା ଦଳ ଗଣମାଧ୍ୟମ ସଂଯୋଜନ ଡଃ ପ୍ରିୟବ୍ରତ ମାଝୀ ସୂଚନା ଦେଇଛନ୍ତି।

## ବିଭିନ୍ନ ସ୍ଥାନରେ ବନ ମହୋତ୍ସବ

**ସିରିଗିଡ଼ା କଲେଜ**

ତେଲକୋଇ, ୭।୭(ସମିସ): ତେଲକୋଇ ବ୍ଲକ ଅନ୍ତର୍ଗତ ଆଞ୍ଚଳିକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ସିରିଗିଡାରେ ମଙ୍ଗଳବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ହରିହର ପତିଙ୍କ ସଭାପତିତ୍ୱରେ କଲେଜ ପରିସରରେ ଏକ ସଚେତନତା ସଭାରେ ତେଲକୋଇ ରେଞ୍ଜର ଅଶୋକ ମାଝୀ, ସିଡିପିଓ ସୀମା ଦାସ, ଫରେଷ୍ଟ ଗାର୍ଡ ରଶ୍ମିତା ଶଙ୍ଖୁଆ, ବନ ବିଭାଗର ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଂଶପାଳ ବ୍ଲକ ବିଧାୟକ ପ୍ରତିନିଧି ଉମାକାନ୍ତ ବାରିକ, ସମ୍ମାନିତ ଅତିଥି ରାଇଗୋଡା ସରପଞ୍ଚ ବିନତି ପ୍ରଧାନ, ସ୍କୁଲ ଶିକ୍ଷକ, ଛାତ୍ରଛାତ୍ରୀ, ବନପାଳ ଜ୍ୟୋସ୍ନାରାଣୀ ବେହେରା, ବନରକ୍ଷୀ ମିଲିରାଣୀ ଦାସ, ଶ୍ରାବଣୀ ମହାନ୍ତ, ଚନ୍ଦ୍ରକାନ୍ତ ମହାନ୍ତ, ଜଗେନ୍ଦ୍ର ନାଏକ, ନିଲମ୍ ମହାନ୍ତ, ସନାତନ ମହାନ୍ତି, ସନ୍ତୋଷ ବିନ୍ଧାଣୀ, ତପସ୍ୟା ନାୟକ, ସସ୍ମିତା ଘଡ଼େଇ, ଚକ୍ରଧର ଜେନା




ଅନ୍ୟାନ୍ୟ କର୍ମଚାରୀ, ଆକୁଳ ଅନ୍ତର୍ଗତ ଖୁଜୁରିଆସ୍ଥିତ ୱାର୍ଡ଼ର କର୍ମକର୍ତ୍ତା ପ୍ରମିଳା ପଣ୍ଡା, ଡାକ୍ତର ମହାରଣା, ରଞ୍ଜନ ବାରିକ ଓ ଯଯାତି ଭୂଷଣ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। ଅନୁଷ୍ଠାନର ଓଡ଼ିଆ ଅଧ୍ୟାପକ ଚିତ୍ତରଞ୍ଜନ ପରିଡା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ରେଞ୍ଜର ଶ୍ରୀ ମାଝୀ ବନ ସୁରକ୍ଷାରେ ଛାତ୍ରଛାତ୍ରୀଙ୍କ ସାମାଜିକ ଦାୟିତ୍ୱବୋଧ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଯୁବ ରେଡ୍‌କ୍ରସ ସଂଯୋଜକ ନରେନ୍ଦ୍ର ଶତପଥୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା। ରେଞ୍ଜର, ସିଡିପିଓ, ୱାର୍ଡର କର୍ମକର୍ତ୍ତା, ଅଧକ୍ଷ, ଅଧ୍ୟାପକଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଅନୁଷ୍ଠାନର ଇଂରାଜୀ ଅଧ୍ୟାପିକା ସବିତା ସାହୁ ଧନ୍ୟବାଦ ଦେଇଥିଲେ।

### ଭୂୟାଁ ଜୁଆଙ୍ଗ ପୀଢ଼ ବନାଞ୍ଚଳ

କେନ୍ଦୁଝର: କେନ୍ଦୁଝର ବିଜେପି ରେଞ୍ଜ ଅନ୍ତର୍ଗତ ଶୁଆକାଟି ସେକ୍ସନର ଜଳଡିହିଠାରେ ୭୭ତମ ବନ ମହୋତ୍ସବ ସପ୍ତାହ ଅବସରରେ ପ୍ରାୟ ପାଞ୍ଚ ହଜାର ବୃକ୍ଷ ରୋପଣ କରାଯାଇଥିବା ବେଳେ ମୋଟ ୨୦ ହଜାର ବୃକ୍ଷ ରୋପଣ କରାଯିବାକୁ ନିଷ୍ପତ୍ତି ହୋଇଛି। ବନାଞ୍ଚଳ ଅଧିକାରୀ ନୟନକାନ୍ତ ସାହୁଙ୍କ ଏବଂ ଟିମ୍ ଲିଡର ସୁଶାନ୍ତ ବେହେରା, ଡିଓ ହେମନ୍ତ ଦାସ, ସୁନିଆ ଦେହୁରୀ, ସୁବାସ ବେହେରା, ଗୌରଚନ୍ଦ୍ର ମୁଣ୍ଡା, ତ୍ରିଲୋଚନ ପ୍ରଧାନ, ବିବେକାନନ୍ଦ ପଣ୍ଡା ଯୋଗ ଦେଇଥିଲେ।

### ଏନ୍‌ଏସ୍ ପୁଲିସ ହାଇସ୍କୁଲ

ସେହିପରି ଏନ୍‌ଏସ୍ ପୁଲିସ୍ ସରକାରୀ ହାଇସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ବେଲା ରାଉତଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ପଞ୍ଚସଖା ଶିକ୍ଷାସେତୁର ସଭାପତି ଶିବ କୁମାର ରାଠୋର ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ମଧୁସ୍ମିତା ଚକ୍ରଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ବୃକ୍ଷର ଉପକାରିତା ସମ୍ପର୍କରେ ଏକ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ଏନ୍‌ସିସି ଅଫିସର୍ ବିଜୟ ବେହେରାଙ୍କ ତତ୍ତ୍ୱାବଧାନରେ ଏନ୍‌ସିସି, ସ୍କାଉଟ,ଗାଇଡ, ଇକୋ କ୍ଲବ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକ ଗୁରୁଦେବ ମହାନ୍ତ, କମଳ ଲୋଚନ ପ୍ରଧାନ, ବିବେକାନନ୍ଦ ରାଉତ, ଶିକ୍ଷୟିତ୍ରୀ ମଧୁସ୍ମିତା ଚକ୍ର, ମମତାରାଣୀ ମହାନ୍ତ, ସାଗରିକା ସାହୁ, ଯାତ୍ରୀ ମହାନ୍ତ, ଭାଗ୍ୟଶ୍ରୀ ମହାନ୍ତ, କଳାବତୀ ଦେହୁରୀ, ଦିବ୍ୟ ସଂଘନା ନାଏକ ପ୍ରମୁଖ ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ସଲେଇକେନା ସରପଞ୍ଚଙ୍କୁ ଦିଲ୍ଲୀ ନେତୃତ୍ୱ ଶିବିରରେ ସମ୍ମାନ



ତେଲକୋଇ, ୭।୭(ସମିସ): ଜୁନ ୨୭ରୁ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅଣରାଜନୈତିକ ସଂଗଠନ ଇଣ୍ଡିଆନ୍ ସ୍କୁଲ ଅଫ ଡେମୋକ୍ରେସି (ଆଇଏସଡି)ରେ ଚାଲିଥିବା ବିକାଶ ଓ ସ୍ୱଚ୍ଛ ରାଜନୀତିର ନେତୃତ୍ୱ ଶିବିରରେ ତେଲକୋଇ ବ୍ଲକ୍ ସଲେଇକେନା ସରପଞ୍ଚ ପାଙ୍ଗେଲା ମୁଣ୍ଡା ଯୋଗ ଦେଇ ସମ୍ମାନିତ ହୋଇଛନ୍ତି। ଶିବିର ଅନ୍ତର୍ଗତ ଏକ କର୍ମଶାଳା ପାଇଁ ଓଡ଼ିଶାର ୪ ଜଣ ସରପଞ୍ଚଙ୍କୁ ଡକରା ଆସିଥିଲା। ଦେଶର ୧୪ ରାଜ୍ୟର ୫୦ ଜଣ ନିର୍ବାଚିତ ପ୍ରତିନିଧିଙ୍କୁ ଶିବିରକୁ ଆମନ୍ତ୍ରଣ କରାଯାଇଥିଲା। ଶ୍ରୀମତୀ ମୁଣ୍ଡା ନିଜ ପଞ୍ଚାୟତର ସାପ୍ତାହିକ ହାଟରେ ଜୈବିକ ଚାଷ ଏବଂ ପୋଖରୀ ଓ କୂଅ ଦ୍ୱାରା ସ୍ଥାୟୀ ଜୀବିକଜୀବିକା ସମ୍ପର୍କରେ ଉଲ୍ଲେଖ କରିଥିଲେ। ବହୁ ଗାଁର ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା କରାଇଛନ୍ତି। ସେହିପରି ଭତ୍ତା ନେଇ ନ ପାରୁ ଥିବା ଲୋକଙ୍କୁ ଘରକୁ ଯାଇ ଦେବା, ପ୍ରତିବର୍ଷ ବୃକ୍ଷ ରୋପଣ କରିବା ଭଳି କାର୍ଯ୍ୟ ପାଇଁ ଜିଲ୍ଲାସ୍ତରୀୟ ସମ୍ମାନ, ବେଟି ବଚାଓ ବେଟି ପଢ଼ାଓରେ ସମ୍ମାନ, ବାଲ୍ୟବିବାହ ମୁକ୍ତ ଗ୍ରାମ ସମ୍ମାନ ପରେ ଏବେ ନୂଆ ଦିଲ୍ଲୀରେ ମଧ୍ୟ ନିଜ ଛାପ ଛାଡ଼ିଛନ୍ତି।

### ତାମିଲନାଡୁ ଗ୍ୟାସ ଦୁର୍ଘଟଣା

## ମୃତ ୨ ମହିଳାଙ୍କ ପରିବାରକୁ କଂଗ୍ରେସର ସହାୟତା



କେନ୍ଦୁଝର, ୭।୭(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ରଙ୍ଗାମାଟିଆ ଗ୍ରାମର ଦୁଇ ପରିବାରକୁ କଂଗ୍ରେସ ତରଫରୁ ୧୦ ହଜାର ଲେଖାଏଁ ସହାୟତା ଦିଆଯାଇଛି। ତାମିଲନାଡୁରେ ଘଟିଥିବା କାରଖାନା ଗ୍ୟାସ ଲିକ ଦୁର୍ଘଟଣାରେ ଉକ୍ତ ଗାଁର ଯାମିନୀ ଯୁଆଙ୍ଗ, ଗୁମାନି ଯୁଆଙ୍ଗଙ୍କ ମୃତ୍ୟୁ ଘଟିଥିଲା। ଉଭୟଙ୍କ ପରିବାର ବର୍ଗଙ୍କ ସହ କଂଗ୍ରେସ କର୍ମକର୍ତ୍ତା ଆଲୋଚନା କରିବା ସହ ସହାନୁଭୂତି ପ୍ରଦର୍ଶନ କରି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସରକାର ତରଫରୁ ଯେଉଁ ସହାୟତା ରାଶି ଦଶ ଲକ୍ଷ ଘୋଷଣା କରାଯାଇଛି, ତାହା ମିଳିନାହିଁ ବୋଲି ମଧ୍ୟ ପରିବାର ଲୋକ କହିଥିଲେ। ଜିଲ୍ଲା କଂଗ୍ରେସ ଉପସଭାପତି ଲଳିତ ମୋହନ ନାୟକ, ସାଧାରଣ ସମ୍ପାଦକ ସୁଜଳ କୁମାର ସେଠୀ, ସଦର ବ୍ଲକ ସଭାପତି ଉତ୍ତମ କୁମାର ସାହୁ ପରିବାରଙ୍କୁ ଭେଟି ସାନ୍ତ୍ୱନା ଦେଇଥିଲେ। ଆଗାମୀ ଦିନରେ ଏପରି ଦଲାଲ ହାତରେ ଦାଦନ ନ ପଠାଇବାକୁ ପରିବାର ସହିତ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ।

## ବଢ଼ିପାଣିରେ ଭାସିଯାଇ ବୃଦ୍ଧ ମୃତ

ତୁରୁମୁଙ୍ଗା, ୭।୭(ସମିସ): ନୂଆପଡା ନିକଟ ତେଲ ନଦୀରେ ପାରି ହେଉଥିବା ସମୟରେ ନଦୀରେ ଭାସିଯାଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଘୋଳକୁଣ୍ଡ ଗ୍ରାମର ସାଧୁଚରଣ ଚାମ୍ପିଆ (୬୫)। ସେ ସୋମବାର ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ନୂଆପଡା ଝିଅ ଘରକୁ ଯାଇ ଫେରୁଥିବା ସମୟରେ ନୂଆପଡା ତେଲ ନଦୀରେ ପାରି ହେଉଥିଲେ। ମଙ୍ଗଳବାର ନୂଆପଡା ତେଲ ନଦୀର ତଳ ମୁଣ୍ଡରେ ତାଙ୍କର ଶବ ନଦୀ ଭିତରେ ଥିବା ଗଛରେ ଲାଖି ରହିଥିଲା। ଖବର ପାଇ ସାହାରପଡା ଫାଣ୍ଡି ଅଧିକାରୀ ପାର୍ତ୍ତ ଓରାମ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ଘଟଣାସ୍ଥଳ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅଞ୍ଚଳରେ ଯାଉଥିବାରୁ ଠାକୁରମୁଣ୍ଡା ଥାନା ପୁଲିସ ମୃତଦେହକୁ ଜବତ କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଠାକୁରମୁଣ୍ଡା ଥାନା ଏଏସଆଇ ଅମରେଶ ବାରିକ ଘଟଣାର ତଦନ୍ତ କରୁଛନ୍ତି।

## ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ

# 'ଐତିହ୍ୟ, ସଂସ୍କୃତି, ଭାଷା-ସାହିତ୍ୟ ଓ ଗବେଷଣାରେ ଅବଦାନ ଉଲ୍ଲେଖନୀୟ'

ସମ୍ବଲପୁର, ୭।୭(ସମିସ)

୧୯୪୪ ମସିହାରେ ସମ୍ବଲପୁର କଲେଜ ଭାବେ ଆରମ୍ଭ ହୋଇଥିବା ଶିକ୍ଷାନୁଷ୍ଠାନ ଏବେ ମହାଦ୍ରୁମରେ ପରିଣତ ହେଲାଣି। ୨୦୧୫ରେ ଏହାକୁ ଏକକ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରାଯାଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟକୁ ଏକ ଛାତ୍ର-କୈନ୍ଦ୍ରିକ ବିଶ୍ୱବିଦ୍ୟାଳୟ କରିବାକୁ ଉଦ୍ୟମ ଜାରି ରହିଛି। ଶିକ୍ଷା ଓ ଶିଳ୍ପ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା ହେବ। ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତିକୁ ଆଗକୁ ଆଗେଇ ନେବାପାଇଁ ବିଶ୍ୱବିଦ୍ୟାଳୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବ। ସାମଗ୍ରିକ ଭାବେ ସମାଜକୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅବଦାନ କ'ଣ ରହିବ ସେନେଇ ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଉଛି। ଆଞ୍ଚଳିକ ଐତିହ୍ୟ, ସଂସ୍କୃତି ଏବଂ ପ୍ରତ୍ନତତ୍ତ୍ୱର ସଂରକ୍ଷଣରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଗ୍ରଣୀ ଭୂମିକା ନେବ। ପୁରାତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଣଶିକ୍ଷକ, ସିଭିଲ ସୋସାଇଟି ତଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ବିଶ୍ୱବିଦ୍ୟାଳୟ କିଭଳି କେବଳ ଦେଶରେ ନୁହେଁ ବିଶ୍ୱରେ ଏକ ପରିଚୟ ସୃଷ୍ଟି କରିପାରିବ ସେନେଇ ଉଦ୍ୟମ କରାଯାଉଥିବା କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ କହିଛନ୍ତି। ଆଜି ପ୍ରଶାସନିକ ଭବନ ସଭାଗୃହରେ କୁଳପତି ପ୍ରଫେସର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୮୨ତମ ପ୍ରତିଷ୍ଠା ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀଙ୍କ



ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।

ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ତଥା ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ଥାନୀୟ ଐତିହ୍ୟ, ଆଞ୍ଚଳିକ ସଂସ୍କୃତି, ସାହିତ୍ୟ ଏବଂ ଭାଷାରେ ଗବେଷଣାରେ ବିଶ୍ୱବିଦ୍ୟାଳୟର ଉଲ୍ଲେଖନୀୟ ଅବଦାନକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ବିଶ୍ୱବିଦ୍ୟାଳୟର ଗୌରବମୟ ଐତିହ୍ୟ ଉପରେ ବକ୍ତବ୍ୟ ରଖି କହିଥିଲେ ଯେ କେବଳ କଠିନ ପରିଶ୍ରମ କଲେ ସଫଳତା ଆସେ ନାହିଁ, ଏହା ସହ ସମୟର ଗୁରୁତ୍ୱପୂର୍ଣ୍ଣ ସଦ୍‌ବିନିଯୋଗ ହିଁ ସଫଳତାର ଚାବିକାଠି। କୋରାପୁଟର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷିକେଶ ସେନାପତି ଜାତୀୟ ଶିକ୍ଷା ନୀତି ୨୦୨୦ର ପରିବର୍ତ୍ତନକାରୀ ଦୃଷ୍ଟିକୋଣ ବିଷୟରେ ବର୍ଣ୍ଣନା କରିଥିଲେ। ସେ ଏକବିଂଶ ଶତାବ୍ଦୀର ବିଭିନ୍ନ କଠିନ ପରିସ୍ଥିତିର ମୁକାବିଲା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରିବାରେ ବହୁବିଧ ଶିକ୍ଷା, ଗବେଷଣା, ନବସୃଜନ, ପାଠ୍ୟକ୍ରମରେ ନମନୀୟତା ଏବଂ ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ, ନୂଆଦିଲ୍ଲୀର ମହାନିର୍ଦ୍ଦେଶକ ପ୍ରଫେସର ରବି ନାରାୟଣ ଆଚାର୍ଯ୍ୟ ଆୟୁଷ, ପାରମ୍ପରିକ ସ୍ୱାସ୍ଥ୍ୟସେବା ପ୍ରଣାଳୀ, ଔଷଧୀୟ ଉଦ୍ଭିଦ ଏବଂ ସ୍ୱଦେଶୀ ଜ୍ଞାନରେ ଗବେଷଣାକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସ୍ୱାସ୍ଥ୍ୟ ବିଜ୍ଞାନରେ ଆନ୍ତଃବିଭାଗୀୟ ଗବେଷଣାକୁ ସୁଦୃଢ଼ କରିବା ପାଇଁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଏବଂ ଜାତୀୟ ପ୍ରତିଷ୍ଠାନ ମଧ୍ୟରେ ସହଯୋଗପୂର୍ଣ୍ଣ ଗବେଷଣା ପ୍ରକଳ୍ପକୁ ଉତ୍ସାହିତ କରିଥିଲେ। ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମର ଅଧ୍ୟକ୍ଷ ଜଗନ୍ନାଥ ପ୍ରସାଦ ନାୟକ ଗବେଷଣା, ନବସୃଜନ, ଇଣ୍ଟର୍ନସିପ୍, ଦକ୍ଷତା ବିକାଶ, ଉଦ୍ୟୋଗୀତା ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମରେ ସହଯୋଗପୂର୍ଣ୍ଣ ପଦକ୍ଷେପ ମାଧ୍ୟମରେ ବିଶ୍ୱବିଦ୍ୟାଳୟକୁ ସମର୍ଥନ କରିବା ପାଇଁ ଶିଳ୍ପର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଥିଲେ। କୁଳପତି ପ୍ରଫେସର ତ୍ରିପାଠୀ ତାଙ୍କ ସଭାପତିତ୍ୱ ଭାଷଣରେ କହିଥିଲେ ଯେ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଏହାର ସମୃଦ୍ଧ ଶୈକ୍ଷିକ ପରମ୍ପରା, ଶିକ୍ଷାଦାନ, ଗବେଷଣା, ନବସୃଜନ ଏବଂ ସାମୁଦାୟିକ ସମ୍ପର୍କ କ୍ଷେତ୍ରରେ ଉତ୍କର୍ଷତା ପାଇଁ କେବଳ ଓଡ଼ିଶା ନୁହେଁ ବରଂ ସମଗ୍ର ଭାରତରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି।

ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପାର୍ଥସାରଥୀ ମଲ୍ଲିକ ଗବେଷଣା ଏବଂ ବିଶ୍ୱବିଦ୍ୟାଳୟର ଅଗ୍ରଗତି ଉପରେ ଆଲୋକପାତ କରିଥିବାବେଳେ କୁଳସଚିବ ସନତ କୁମାର ନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଶିକ୍ଷା, ସାହିତ୍ୟ, ବିଜ୍ଞାନ, କଳା, ସଂସ୍କୃତି, ସମାଜସେବା ଏବଂ ସମାଜ ବିକାଶରେ ଉଲ୍ଲେଖନୀୟ ଅବଦାନ ପାଇଁ ୮ ଜଣ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ - ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ସଞ୍ଚାର ଶିଳ୍ପୀ ଅଲେଖ ସାହୁ, ନୃତ୍ୟଶିଳ୍ପୀ ଗାନ୍ଧି ବାରିକ, ସମ୍ବଲପୁରୀ ସାହିତ୍ୟିକ ଅମୃତଲାଲ ସାହୁ, କଣ୍ଠଶିଳ୍ପୀ ବିଭୂତି ଭୂଷଣ ପଟ୍ଟନାୟକ, ସଂସ୍କୃତି ଗବେଷକ ଓ ଅଭିନେତା ଡଃ ଶ୍ୟାମ ସୁନ୍ଦର ଧର, ନାଟ୍ୟକାର, ଅଭିନେତା ଓ ନିର୍ଦ୍ଦେଶକ ଡଃ ଦ୍ୱାରିକାନାଥ ନାୟକ ଏବଂ ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ମିତ୍ର। ଏହାସହ ଶିକ୍ଷା, ଗବେଷଣା, କ୍ରୀଡ଼ା, ସାଂସ୍କୃତିକ ଏବଂ ପାଠ୍ୟକ୍ରମିକ ଉତ୍କର୍ଷତା ପାଇଁ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରାୟୋଜିତ ପଦକ ପ୍ରଦାନ କରାଯାଇଥିଲା। ଶେଷରେ କୁଳସଚିବ ଡକ୍ଟର ଚନ୍ଦନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ସଭା ପୂର୍ବରୁ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ପରେ ବିଶ୍ୱବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା।

● ରେଳ କର୍ମଚାରୀଙ୍କୁ ବାଧ୍ୟତାମୂଳକ ଅବସର ମାମଲା

# ଆଦେଶ ରଦ୍ଦ କଲେ ହାଇକୋର୍ଟ

କଟକ, ୭।୭(ସମିସ): କେବଳ କର୍ମଚାରୀଙ୍କ ଛୁଟି ମଞ୍ଜୁର ହୋଇନାହିଁ ବୋଲି ତାଙ୍କ ଅନୁପସ୍ଥିତିକୁ ଉଦ୍ଦେଶ୍ୟମୂଳକ ବା ସ୍ୱେଚ୍ଛାକୃତ ବୋଲି ଧରିନିଆଯାଇପାରିବ ନାହିଁ। ଅନୁପସ୍ଥିତି ପଛରେ ଥିବା ବାଧ୍ୟତାମୂଳକ ପରିସ୍ଥିତିକୁ ଅନୁସନ୍ଧାନ କରିବା ଆବଶ୍ୟକ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଛୁଟି ମଞ୍ଜୁର ନ ହେବା ଏବଂ ସ୍ୱେଚ୍ଛା।କୃତ ଅନୁପସ୍ଥିତି ଦୁଇଟି ସମାନ କଥା ନୁହେଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏଥିସହ ଜଣେ ଶାରୀରିକ ଅକ୍ଷମ ରେଳବାଇ କର୍ମଚାରୀଙ୍କୁ ଦିଆଯାଇଥିବା ବାଧ୍ୟତାମୂଳକ ଅବସର ଦଣ୍ଡାଦେଶକୁ ରଦ୍ଦ କରିଦେଇଛନ୍ତି ହାଇକୋର୍ଟ। ଜୟଚନ୍ଦ୍ର ମିଶ୍ରଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିବା ସହ ଆବେଦନକାରୀଙ୍କ ସପକ୍ଷରେ ରାୟ ପ୍ରକାଶ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଜୟଚନ୍ଦ୍ର ମିଶ୍ର ୧୯୮୪ ମସିହାରେ ଦକ୍ଷିଣ ପୂର୍ବ ରେଳବାଇରେ ସହକାରୀ ଷ୍ଟେସନ ମାଷ୍ଟର ଭାବେ ଯୋଗ ଦେଇଥିଲେ। ଚାକିରି କାଳ ମଧ୍ୟରେ ୧୯୯୯ ମସିହାରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ସେ ନିଜର ଡାହାଣ ଗୋଡ଼ ହରାଇଥିଲେ ଓ ପରେ ତାଙ୍କୁ ସମ୍ବଲପୁରରେ ମୁଖ୍ୟ କାର୍ଯ୍ୟାଳୟ ଅଧୀକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିଲା। ୨୦୦୯ ମସିହାରେ ନିଜର ବୃଦ୍ଧା ମାତାଙ୍କ ଅସୁସ୍ଥତା କାରଣରୁ ସେ ପ୍ରାୟ ୨୨ଦିନ ଚାକିରିରୁ ଅନୁପସ୍ଥିତ ଥିଲେ। କର୍ତ୍ତୃପକ୍ଷ ତାଙ୍କର ଏହି ଛୁଟି ମଞ୍ଜୁର ନ କରି, ଏହାକୁ 'ଅନଧିକୃତ ଅନୁପସ୍ଥିତି' ଦର୍ଶାଇ ପ୍ରଥମେ ଚାକିରିରୁ ନିଲମ୍ବନ ଏବଂ ପରେ ବାଧ୍ୟତାମୂଳକ ଅବସରଦେଇଥିଲେ। ଏହା ବିରୋଧରେ ଶ୍ରୀ ମିଶ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ସ୍କୁଟି-ବାଇକ୍ ଧକ୍କା; ଦୁଇ ମୃତ

ସମ୍ବଲପୁର, ୭।୭(ସମିସ): ହୀରାକୁଦ ଥାନା ଶକ୍ତିମନ୍ଦିର ଛକରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏଥିରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ ସ୍କୁଟି ଓ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଏଥିରେ ଦୁଇ ଗାଡ଼ି ଚାଳକ କ୍ରିଷ୍ଣା ପ୍ରସାଦ ଓ କରନ ତାଣ୍ଡିଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ପରେ ଉଭୟଙ୍କୁ ହୀରାକୁଦ ପୁଲିସ ଡାକ୍ତରଖାନା ପଠାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ମୃତ୍ୟୁ ଘଟିଛି।

# ସମାଜସେବା ପାଇଁ ଗୌରବ ଦୀପ ସମ୍ମାନିତ

ସମ୍ବଲପୁର, ୭।୭(ସମିସ): ଘର୍ଟ ଇଣ୍ଟରନ୍ୟାସନାଲ ଷଷ୍ଠ ପ୍ରତିଷ୍ଠା ଦିବସ ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ସମ୍ମିଳନୀ କକ୍ଷରେ ପାଳିତ ହୋଇଛି। ଏହି ସମାରୋହରେ ଘର୍ଟ୍ ଇଣ୍ଟରନ୍ୟାସନାଲର ରାଜ୍ୟ ସଭାପତି ପ୍ରଫେସର ଡ. ଇଞ୍ଜିନିୟର ମାନସ କୁମାର ଦାଶ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସାତଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ମାନଦ



ଓ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଡ. ଗୌରବ ଦୀପଙ୍କୁ ସମାଜସେବା କ୍ଷେତ୍ରରେ ସମ୍ମାନିତ କରାଯାଇଥିଲା। ଡ. ଗୌରବ ଦୀପ ଜଣେ ସମାଜସେବୀ ଭାବରେ ଯୁଯୋମୁରା ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ଗରୀବ ଓ ଦଳିତ ଶ୍ରେଣୀ ଲୋକମାନଙ୍କ ମଧ୍ୟରେ କାର୍ଯ୍ୟ କରନ୍ତି। ତାଙ୍କ କାର୍ଯ୍ୟକଳାପଗୁଡ଼ିକ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜନ କଲ୍ୟାଣ ଭିତ୍ତିକ ଅଟେ। ଗରୀବ ପିଲାମାନଙ୍କର ପାଠପଢ଼ାକୁ ଗୁରୁତ୍ୱ ଦେଇ ସେ ଡେ. କେୟାର.ସେଣ୍ଟର୍ ଦ୍ୱାରା ମୌଳିକ ଓ ନୈତିକ ଶିକ୍ଷାର ଗୁରୁତ୍ୱ ଉପରେ କାର୍ଯ୍ୟାରମ୍ଭ କରିଥିଲେ। ଏହାସହିତ ଯୁବତୀ ଓ ମହିଳାମାନଙ୍କ ପାଇଁ ସିଲାଇଶିକ୍ଷାର ସୁବ୍ୟବସ୍ଥା ମଧ୍ୟ କରିଆସୁଛନ୍ତି। ମହିଳାମାନଙ୍କ ସଶକ୍ତିକରଣ ଓ ସେମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କ୍ଷେତ୍ରରେ ଗୌରବ ପ୍ରମୁଖ ଭୂମିକା ନିର୍ବାହ କରିଥାନ୍ତି।

# ଭୀମଭୋଇ କଲେଜରେ ବନ ମହୋତ୍ସବ

ରେଢ଼ାଖୋଲ, ୭।୭(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍, ଏନସିସି ଏବଂ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୭୭ ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜର ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପାଢ଼ୀ ଉଦ୍‌ବୋଧନ ଦେଇ 'ବୃକ୍ଷ ହିଁ ଜୀବନ' ବୋଲି କହିଥିଲେ। ଯୁବ ରେଡକ୍ରସ ଉପଦେଷ୍ଟା ଅଞ୍ଜନ କୁମାର ମିଶ୍ର, ଏନ୍‌ସିସି ଅଧିକାରୀ ସୁଶାନ୍ତ କେରକେଟା ଓ ଜାତୀୟ ସେବା ଯୋଜନା ଅଧିକାରୀ ଲିବନୁସ କିଣ୍ଡୋ ପରିଚାଳନା କରିଥିଲେ। ଏଥିରେ କଲେଜର ପ୍ରଶାସନିକ ପ୍ରଭାରି ଅରୁଣ କୁମାର ଶାସନୀ, ପ୍ରାଧ୍ୟାପିକା ମମତା ମହାପାତ୍ର, ଡ.ମନୋରଞ୍ଜନ ମହନ୍ତ ଓ ଅଧ୍ୟାପକ ସୁଶାନ୍ତ ନନ୍ଦଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

# ପୁରୀ-କୋରାପୁଟ ତ୍ରି-ସାପ୍ତାହିକ ଏକ୍ସପ୍ରେସ୍‌ର ନିୟମିତ ଚଳାଚଳ

ସମ୍ବଲପୁର, ୭।୭ (ସମିସ): ଗତ ୬ ତାରିଖରେ ପୁରୀ ରେଳଷ୍ଟେସନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ଶୁଭାରମ୍ଭ ପରେ ପୁରୀ-କୋରାପୁଟ-ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସ ବର୍ତ୍ତମାନ ନିୟମିତ ଭାବେ ଚଳାଚଳ କରିବ। ଏହି ଟ୍ରେନ୍ ୧୧ ଜୁଲାଇଠାରୁ ପୁରୀରୁ ଏବଂ ୧୨ ଜୁଲାଇଠାରୁ କୋରାପୁଟରୁ ନିୟମିତ ଭାବରେ ଚଳାଚଳ କରିବ। ଟ୍ରେନ୍ ନଂ. ୧୮୪୦୭ ପୁରୀ-କୋରାପୁଟ ତ୍ରି-ସାପ୍ତାହିକ ଏକ୍ସପ୍ରେସ ୧୧ ଜୁଲାଇଠାରୁ ପ୍ରତ୍ୟେକ ସୋମବାର, ଗୁରୁବାର ଓ ଶନିବାର ଚଳାଚଳ କରିବ। ଟ୍ରେନଟି ସକାଳ ୭ଟାରେ ପୁରୀରୁ ଛାଡ଼ି ସେହିଦିନ ରାତି ୧୧:୩୦ରେ କୋରାପୁଟରେ ପହଞ୍ଚିବ। ସେହିପରି ଟ୍ରେନ ନଂ. ୧୮୪୦୮ କୋରାପୁଟ-ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସ ୧୨ ଜୁଲାଇଠାରୁ ପ୍ରତ୍ୟେକ ମଙ୍ଗଳବାର, ଶୁକ୍ରବାର ଓ ରବିବାର ଚଳାଚଳ କରିବ। ଏହା ସକାଳ ୫ଟାରେ କୋରାପୁଟରୁ ଛାଡ଼ି ସେହିଦିନ ରାତି ୧୦:୨୦ଟାରେ ପୁରୀରେ ପହଞ୍ଚିବ। ଏହି ଟ୍ରେନ ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର, ନରାଜ ମାର୍ଥାପୁର, ଢେଙ୍କାନାଳ, ତାଳଚେର ରୋଡ଼, ଅନୁଗୋଳ, ବଇଣ୍ଡା, ରେଢାଖୋଲ, ସମ୍ବଲପୁର, ବରଗଡ଼ ରୋଡ଼, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, ଟିକିରି, ଲକ୍ଷ୍ମୀପୁର ରୋଡ଼, କାକିରିଗୁମ୍ମା ଏବଂ ଦାମନଯୋଡ଼ି ଭଳି ଷ୍ଟେସନରେ ରହଣି କରିବ। ଏହାଦ୍ୱାରା ଉପକୂଳ, ମଧ୍ୟ ଓ ଦକ୍ଷିଣ ଓଡ଼ିଶାର ଯାତ୍ରୀମାନେ ଅଧିକ ସୁବିଧାଜନକ ରେଳ ସଂଯୋଗ ପାଇପାରିବେ। ଏହି ଟ୍ରେନ୍ ସେବା ପର୍ଯ୍ୟଟନ, ତୀର୍ଥଯାତ୍ରା, ବାଣିଜ୍ୟ, ଶିକ୍ଷା ଏବଂ ସାମାଜିକ ଓ ଆର୍ଥିକ ବିକାଶକୁ ଗତିଶୀଳ କରିବା ସହିତ ଉପକୂଳ ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ଦ୍ରୁତ ଓ ସୁବିଧାଜନକ ରେଳ ସଂଯୋଗ ପ୍ରଦାନ କରିବ ବୋଲି ରେଳବାଇ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

# ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ ବନ ମହୋତ୍ସବ

ସମ୍ବଲପୁର, ୭।୭ (ସମିସ): ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ, ସମ୍ବଲପୁରରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଏବଂ ଇକୋ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ



ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲ ଚାରାରୋପଣ କରି ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧି ପାଇଁ ଅଧିକରୁ ଅଧିକ ଚାରାରୋପଣ ସହ ସେଗୁଡ଼ିକର ଯତ୍ନ ନେବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ପଣ୍ଡା ମଧ୍ୟ ଛାତ୍ରଛାତ୍ରୀଙ୍କୁ ପରିବେଶ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ସୁରେଶ କୁମାର ଏକ୍କା, ସହକାରୀ ପ୍ରୋଗ୍ରାମ ଅଫିସର ରୋଜାଲି ସେଠ, ଇକୋ କ୍ଲବ୍ ଇନ୍‌ଚାର୍ଜ ମିନତି ଛତ୍ରିଆ ଏବଂ ବିଶ୍ୱଜିତ ଗାଙ୍ଗୁଲି ପରିଚାଳନା କରିଥିଲେ। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନେ ଚାରାରୋପଣ ଅଭିଯାନରେ ସାମିଲ ହୋଇ ପରିସରକୁ ସବୁଜ ଓ ସ୍ୱଚ୍ଛ ପରିବେଶ କରିବାକୁ ସଂକଳ୍ପ ନେଇଥିଲେ।

# ବିଟିୟା ପ୍ରକଳ୍ପର ପ୍ରାରମ୍ଭିକ ବୈଠକ

ସମ୍ବଲପୁର, ୭।୭ (ସମିସ): ହିଣ୍ଡାଲକୋ ଦ୍ୱାରା ନୂତନ ଭାବେ ଆରମ୍ଭ କରାଯାଇଥିବା ବିଟିୟା ପ୍ରକଳ୍ପର ପ୍ରାରମ୍ଭିକ ବୈଠକ ଜିଲ୍ଲା ପରିଷଦ, ସମ୍ବଲପୁରଠାରେ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମଟି ହିଣ୍ଡାଲକୋ କର୍ପୋରେଟ ସିଏସଆର୍ ସହଯୋଗରେ ପିସିଆଇ ଦ୍ୱାରା ଆୟୋଜିତ କରାଯାଇଥିଲା। ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ଓ ଧନକଉଡ଼ା ବ୍ଲକର ୪୬ଟି ଗ୍ରାମରେ ଆରମ୍ଭ କରାଯିବ ଏବଂ ଏହାକୁ ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ଓ ହିଣ୍ଡାଲକୋ ହୀରାକୁଦର ସିଏସଆର୍ ଅଞ୍ଚଳରେ ପରିଚାଳିତ ହେବ। ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଜନ୍ମରୁ କିଶୋରୀ ବାଳିକାମାନଙ୍କର ସର୍ବାଙ୍ଗୀନ ଉନ୍ନତି ଉପରେ କାର୍ଯ୍ୟ କରିବା। କାର୍ଯ୍ୟକ୍ରମରେ ୦ ରୁ ୧୮ ବର୍ଷ ବୟସର ବାଳିକା ମାନଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା ଓ ସାମାଜିକ କ୍ଷେତ୍ରରେ ଉନ୍ନତି ପାଇଁ କରାଯିବ। କାର୍ଯ୍ୟକ୍ରମରେ ପ୍ରସନ୍ନ କୁମାର ପାତ୍ର, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଉତ୍ତମ ବାଗ, ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ନୀଳମାଧବ ଶତପଥୀ, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ପ୍ରତିମା ତନ୍ତି, ଅନଙ୍ଗ ଭଞ୍ଜସାଗର, ଆର୍ତ୍ତତ୍ରାଣ ଶତପଥୀ, ଓଏଲଏମ ଡିପିଏମ୍ ସଞ୍ଜୟ ମହାପାତ୍ର, ମୃତ୍ୟୁଞ୍ଜୟ ବଡ଼ପଣ୍ଡା, ରେଙ୍ଗାଲି ଓ ଧନକଉଡ଼ା ବ୍ଲକର ସିଡ଼ିପିଓ, ରେଙ୍ଗାଲି ବ୍ଲକର ଶିକ୍ଷା ଅଧିକାରୀ ତଥା ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଆଦିତ୍ୟ ଆଲୁମିନିୟମର କ୍ଲଷ୍ଟର ମୁଖ୍ୟ ଶିବ ମହାପାତ୍ର, ଆଦିତ୍ୟ ଆଲୁମିନିୟମ ଓ ହିଣ୍ଡାଲକୋ କାରଖାନାର ସମସ୍ତ ସିଏସଆର୍ ଅଧିକାରୀ ଉପସ୍ଥିତ ରହିଥିଲେ। ଏଥିସହିତ ପିସିଆଇ ଇଣ୍ଡିଆର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ।

# ଜୁନିଅର ରେଡ୍‌କ୍ରସ୍ କାଉନସେଲର୍‌ଙ୍କ ତାଲିମ ଶିବିର

ସମ୍ବଲପୁର, ୭।୭(ସମିସ): ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଅଧୀନରେ ରାଜ୍ୟ ଜୁନିଅର ରେଡକ୍ରସ୍ ଅଣତାଲିମପ୍ରାପ୍ତ କାଉନ୍‌ସେଲର୍‌ମାନଙ୍କ ତାଲିମ ଶିବିର ଆଜି ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ଏବଂ ଜୁନିଅର ରେଡକ୍ରସ ସୋସାଇଟି, ଓଡ଼ିଶା ସହଯୋଗରେ ଧନକଉଡ଼ା ଉଚ୍ଚ ବିଦ୍ୟାଳୟଠାରେ ଏହି ଶିବିର ୯ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅନୁଷ୍ଠିତ ହେବ। ଶିବିରରେ ସମ୍ବଲପୁର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ମୋଟ ୬୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ କାଉନସେଲର୍ ଯୋଗଦାନ କରିଥିବାବେଳେ ୬ ଜଣ ସାଧନକର୍ମୀ ତାଲିମ୍ ଦେଉଛନ୍ତି। ମୁଖ୍ୟଅତିଥି ଭାବେ ସମ୍ବଲପୁର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ଏବଂ ସମ୍ମାନିତ ଅତିଥିଭାବେ ଝାରସୁଗୁଡ଼ାର ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯଶୋବନ୍ତ ସାହୁ ଯୋଗ ଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଶ୍ରୀକାନ୍ତ ପଟେଲ ଓ ଧନକଉଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୁ ଅଗ୍ରୱାଲ ମଞ୍ଚାସୀନ ଥିଲେ। ସାଧନକର୍ମୀ ଭାବେ ସତ୍ୟ ନାରାୟଣ ସାହୁ, ସମୀର ଭୋଇ, ପ୍ରତାପ ସେନାପତି, ଆନନ୍ଦ ତନସେନା, ଦୀପିକା ପ୍ରଧାନ ପ୍ରମୁଖ ଯୋଗ ଦେଇଛନ୍ତି। ଜିଲ୍ଲା ଜୁନିଅର ରେଡକ୍ରସ୍ ଅଧିକାରୀ ବିଶ୍ୱାମିତ୍ର ଦୀପ୍ ସ୍ୱାଗତଭାଷଣ ଦେଇଥିବାବେଳେ ଆନନ୍ଦ ତନସେନା ଧନ୍ୟବାଦ ଅର୍ପଣ କରିଥିଲେ।


बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର**
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯,
ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ସୁନା ଋଣ ଆକାଉଣ୍ଟ ନିମନ୍ତେ ବ୍ୟାଙ୍କରେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ ସର୍ବସାଧାରଣ ନିଲାମ ମାଧ୍ୟମରେ ବିକ୍ରୟ କରାଯିବ ଯାହାକି **ତା.୧୭.୦୭.୨୦୨୬ରିଖ ଅପରାହ୍ନ ୧.୦୦ ଘଟିକା** ସମୟରେ **ସମ୍ପୃକ୍ତ ଶାଖା ପରିସରରେ** ନିଲାମ କରାଯିବ। ଆଗ୍ରହୀ ପକ୍ଷମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ପ୍ରବନ୍ଧକଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ। ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ବିକ୍ରି ପାଇଁ ଥିବା ସୁନା ଅଳଙ୍କାରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ଏବଂ ନିୟମ ଓ ସର୍ତ୍ତାବଳୀ ପାଇଁ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରନ୍ତୁ। ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ନିଲାମରେ ଅଂଶଗ୍ରହଣ କରିପାରିବେ।
**ଦ୍ରଷ୍ଟବ୍ୟ: ଏହି ନୋଟିସ୍‌ଟି ଋଣଗ୍ରହୀତାମାନଙ୍କୁ ୭ ଦିନିଆ ଅନ୍ତିମ ପୁନଃସ୍ମରଣ (ରିମାଇଣ୍ଡର୍) ତଥା ନିଲାମ ନୋଟିସ୍ ଭାବେ ବିଚାର କରାଯିବ।**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ତା୦୭.୦୭.୨୦୨୬ରିଖ ସୁଦ୍ଧା (ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ ବ୍ୟତିତ) + ଭବିଷ୍ୟତ ସୁଧ | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|---|
| ଅନୁଗୁଳ ଶାଖା (୧୯୯୩), ଶିମିଳିପଡ଼ା ଛକ, ଗାନ୍ଧୀ ଛକ, ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୨୨, ମୋ.: ୯୮୭୪୨୦୨୫୯୦ | | | | |
| ୧. | ନମିତା ପଲାଇ, ସା/ପୋ: ହେମସୁରପଡ଼ା, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ପିନ୍-୭୫୯୧୨୨ / *******୩୦୭୯ | ଟ.୯୬,୨୨୫.୦୦ | ୧୮.୨୦ | ୧୯.୪୮୦ |
| ବାରିପଦା ଶାଖା (୨୦୯୪), ଲାଲ ବଜାର, ୱାର୍ଡ଼ ନଂ. ୧୦, ବାରିପଦା, ଓଡ଼ିଶା, ପିନ୍-୭୫୭୦୦୧, ମୋ.: ୯୦୦୨୪୨୧୩୮୯ | | | | |
| ୧. | ସରସ୍ୱତୀ ବେଶ୍ରା, ସା: ତୁଳସୀଚଉରା, ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୦୧ / *******୬୬୦୧ | ଟ.୧,୮୧,୮୧୪.୦୦ | ୨୪.୦୦ | ୨୭.୩୦ |
| ନବରଙ୍ଗପୁର ଶାଖା (୨୧୮୦), ତଳ ମହଲା, ଏସ୍‌ବିଆଇ ବଜାର ଶାଖା ନିକଟ, ମେନ୍ ରୋଡ୍, ନବରଙ୍ଗପୁର, ପିନ୍-୭୬୪୦୫୯, ମୋ.: ୮୧୧୪୬୧୧୨୪୩ | | | | |
| ୧. | ଶ୍ରୀ ପରେଶ ଭତରା, ତେଲିଆଗୁଡା, ଘୋଡ଼ାଧାନୁଆ, ନବରଙ୍ଗପୁର, ପିନ୍-୭୬୪୦୬୧ / *******୯୧୬୫ | ଟ.୪୧,୭୨୯.୦୦ | ୧୨.୦୦ | ୧୭.୬୪ |
| ୨. | ରାଏସିଂହ ସାନ୍ତା, ରାଣୀସୋଲ, ପାତ୍ରି, ନବରଙ୍ଗପୁର, ପିନ୍-୭୬୪୦୫୯ / *******୧୮୮୯ | ଟ.୨୨,୦୦୦.୦୦ | ୫.୦୦ | ୫.୩୮ |
| ୩. | ଚନ୍ଦ୍ରଧ୍ୱଜ ମାଳି, ମାଳି ସାହି, ଆମ୍ବାଦୋଲା, ନବରଙ୍ଗପୁର, ପିନ୍-୭୬୪୦୬୩ / *******୧୦୧୮ | ଟ.୫୮,୦୦୦.୦୦ | ୧୧.୦୦ | ୧୧.୧୫ |
| ଭଞ୍ଜନଗର ଶାଖା (୨୪୪୬), ବଡ଼କୋଦଣ୍ଡା ସ୍କୋୟାର, ମେନ୍ ରୋଡ୍, ଭଞ୍ଜନଗର, ବାଉଁଶଲୁଣ୍ଡି, ପୋ: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୩୩, ମୋ.: ୮୭୯୦୦୮୯୪୨୭ | | | | |
| ୧. | ଶ୍ରୀ ପ୍ରଦୀପ ଭୂୟାଁ, ଅଡୁଆ ସାହି, ପୋ: ଡିହପଡ଼ାଳ, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୦ / *******୯୨୮୦ | ଟ.୧,୫୯,୦୦୦.୦୦ | ୨୮.୦୦ | ୨୯.୫୦ |
| ୨. | ଶ୍ରୀ ପ୍ରଦୀପ ଭୂୟାଁ, ଅଡୁଆ ସାହି, ପୋ: ଡିହପଡ଼ାଳ, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୦ / *******୯୭୪୧ | ଟ.୪୫,୦୦୦.୦୦ | ୯.୦୦ | ୧୦.୭୭ |
| ମାଲକାନଗିରି ଶାଖା (୨୧୮୮), ମେନ୍ ରୋଡ୍, ନୁଆଗୁଡ଼ା, ଏଫ୍‌ସିଆଇ ଗୋଦାମ ସାମ୍ନା, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ନିକଟ, ପୋ/ଜିଲ୍ଲା: ମାଲକାନଗିରି, ପିନ୍-୭୬୪୦୪୫, ମୋ.: ୯୪୯୩୫୦୯୮୬୫ | | | | |
| ୧. | ଭିକି ଶଗଡିଆ, ଜେଡ୍ ଏ କଲୋନୀ, ଏମ୍‌କେଜି, ମାଲକାନଗିରି, ପିନ୍-୭୬୪୦୪୫ / *******୨୮୪୮ | ଟ.୭୧,୦୧୬.୦୦ | ୧୭.୨୦ | ୧୭.୫୬ |
| ୨. | ଶ୍ରୀ ଜୀବନ ବିଶ୍ୱାସ, ଏମ୍‌ଭି ୨୯, କାମଓ୍ୱାଡ଼ା, ଓରକେଲ, ମାଲକାନଗିରି, ପିନ୍-୭୬୪୦୫୧ / *******୧୮୫୨ | ଟ.୭୪,୭୭୨.୦୦ | ୧୮.୩୦ | ୨୭.୦୪ |
| ଦେବଗଡ଼ ଶାଖା (୨୩୦୫), ପ୍ଲଟ୍ ନଂ.: ୧୨୦୦ (ଅଂଶ), ସାଇ କମ୍ପ୍ଲେକ୍ସ, ପ୍ରାଇଭେଟ୍ ବସ୍ ଷ୍ଟାଣ୍ଡ ନିକଟ, ପୋ/ଥାନା: ଦେବଗଡ଼, ଜିଲ୍ଲା: ଦେବଗଡ଼, ପିନ୍-୭୬୮୧୦୮, ମୋ.: ୯୯୩୭୩୦୪୫୬୫ | | | | |
| ୧. | ଲିଲି ସୁନେଲ, ବଡ଼ମାଣପୁର, ପୋ: ମଧୁପୁର, ଥାନା: ବାରକୋଟ, ଦେବଗଡ଼ / *******୭୬୭୦ | ଟ.୧,୨୦,୫୦୦.୦୦ | ୨୭.୦୦ | ୩୧.୦୧ |
| ସମ୍ବଲପୁର ଶାଖା (୧୮୨୪), ଶିବଲୋକ କମ୍ପ୍ଲେକ୍ସ, ଗେଇଟୀ ଟକିଜ ରୋଡ୍, ଗୋଲ ବଜାର ନିକଟ, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୧, ମୋ.: ୯୮୩୩୪୧୬୭୧୪ | | | | |
| ୧. | ମିସ୍ ଅନିତା ସିଂହ, ସା: ସାହୁ କଲୋନୀ, ଟ୍ୟାକ୍ସି ଷ୍ଟାଣ୍ଡ, ସଦର, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୧ / *******୭୨୭୭ | ଟ.୫୬,୩୦୨.୦୦ | ୧୪.୦୦ | ୧୫.୦୦ |
| ବ୍ୟାସନଗର ଶାଖା (୨୦୩୫), ରାଧାରାଣୀ ମାର୍ଗ, ବ୍ୟାଙ୍କ ଷ୍ଟ୍ରିଟ୍, ଆଇଡ଼ିଏଫ୍‌ସି ଫାର୍ଷ୍ଟ ବ୍ୟାଙ୍କ ନିକଟ, ଯାଜପୁର ରୋଡ୍, ଯାଜପୁର, ପିନ୍-୭୫୫୦୧୯, ମୋ.: ୮୦୮୦୫୪୬୧୧୬ | | | | |
| ୧. | ପ୍ରକାଶ ଚନ୍ଦ୍ର ସେନାପତି, ପାଟପୁର, ଏଣ୍ଡଳ, ଜେନାପୁର, ଯାଜପୁର, ପିନ୍-୭୫୫୦୨୩ / *******୮୯୯୧ | ଟ.୧୪,୨୪୮.୦୦ | ୪.୨୦ | ୫.୧୦ |

**ନିମ୍ନଲିଖିତ ସର୍ତ୍ତାବଳୀ ଅନୁସାରେ କଥିତ ନିଲାମ ସମ୍ପନ୍ନ କରାଯିବ।**
୧) **"ଯେଉଁଠାରେ ଯେପରି ଅଛି ଭିତ୍ତିରେ"** ନିଲାମ କରାଯିବ।
୨) ସଫଳ ନିଲାମଧାରୀ ନିଲାମ ତାରିଖ ପରବର୍ତ୍ତୀ କାର୍ଯ୍ୟଦିବସରେ ସମ୍ପୂର୍ଣ୍ଣ ନିଲାମ ରାଶି ପୈଠ କରିବେ ଏବଂ ନିଜର ସମ୍ପୂର୍ଣ୍ଣ ଦାୟିତ୍ୱରେ ଅଳଙ୍କାରଗୁଡ଼ିକ ନେବେ ଏବଂ କଥିତ ନିଲାମଧାରୀ କୌଣସି କାରଣ ବଶତଃ ବ୍ୟାଙ୍କକୁ ତାହା ଫେରସ୍ତ କରିବେ ନାହିଁ।
୩) ଆକାଉଣ୍ଟରେ ବନ୍ଧକଥିବା ସମସ୍ତ କିମ୍ବା ଆଂଶିକ ଅଳଙ୍କାରଗୁଡ଼ିକୁ ନିଲାମ କରିବାକୁ ଆବଶ୍ୟକ ମନେକଲେ ତାହା କରିବାକୁ ବ୍ୟାଙ୍କ ଅଧିକାର ସଂରକ୍ଷିତ ରଖିଅଛି କିମ୍ବା ଯେକୌଣସି ସମୟରେ ବିନା ନୋଟିସ୍‌ରେ ନିଲାମ ବନ୍ଦ କରିବାର ଅଧିକାର ଏହାର ସ୍ୱତନ୍ତ୍ର କ୍ଷମତା ବଳରେ ସଂରକ୍ଷିତ ରହିଛି।
୪) ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ବିଡ୍‌କୁ ଗ୍ରହଣ / ରଦ୍ଦ କରିବାର ସ୍ୱତନ୍ତ୍ର କ୍ଷମତା ରହିଛି।
୫) ବ୍ୟାଙ୍କର ସୁବିଧା ମୁତାବକ ଯେକୌଣସି ସ୍ତରରେ ଭବିଷ୍ୟତ ତାରିଖକୁ ନିଲାମ ବିକ୍ରୟ ସ୍ଥଗିତ ରଖିବାର ଅଧିକାର ବ୍ୟାଙ୍କର ରହିଛି ଏବଂ କୌଣସି ବ୍ୟକ୍ତି ଏ ବିଷୟରେ କୌଣସି ପ୍ରାକ୍ ନୋଟିସ୍ କିମ୍ବା ସେବାବଦ ଅଧିକାର ଦାବୀ ରଖିବାକୁ ହକ୍‌ଦାର ହେବେ ନାହିଁ।
୬) ଯଦି ସଫଳ ନିଲାମଧାରୀ ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ ନ କରନ୍ତି ଏବଂ/କିମ୍ବା ତାଙ୍କର କୌଣସି କାରଣ ହେତୁ ନିଲାମ ବିକ୍ରୟ ସ୍ଥଗିତ/ପୁନଃ ନିଲାମ ହୁଏ, ତେବେ ସେ ବ୍ୟାଙ୍କର ତଦ୍ଦ୍ୱାରା ହୋଇଥିବା କ୍ଷତିର ପରିମାଣ ଯାହା ତାଙ୍କ ଯୋଗୁ ନିଲାମ ସମାପ୍ତ ହୋଇପାରିନଥିଲା ସେଥି ନିମନ୍ତେ ଦାୟୀ ରହିବେ।
୭) ବ୍ୟାଙ୍କ ଅଳଙ୍କାର / କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ଏବଂ ନିଲାମ କ୍ରେତା ନିଜ ଦ୍ୱାରା ଅଳଙ୍କାର/ମୁଦ୍ରାଗୁଡ଼ିକର ଶୁଦ୍ଧତା କିମ୍ବା ଓଜନ ତନଖି କରି ନିଶ୍ଚିତ ହେବା ଆବଶ୍ୟକ ଏବଂ ଏ ବିଷୟରେ ନିଲାମ ପରେ କୌଣସି ଦାବୀକୁ ଗ୍ରହଣ କରାଯିବ ନାହିଁ।
୮) ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶିର ୨୫% ଅମାନତ ରାଶି ରୂପେ ଜମା କରିବେ।
୯) ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାର ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ଅଳଙ୍କାରକୁ ପୁନଃ ବିକ୍ରୟ କରାଯିବ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୦୭.୦୭.୨୦୨୬** — **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**


## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

# ପ୍ରତିଷ୍ଠା ଦିବସରେ 'ଅନ୍ୱେଷଣ' ଉଦ୍‌ଘାଟିତ

ସମ୍ବଲପୁର, ୭।୭(ସମିସ)

ପ୍ରଯୁକ୍ତିବିଦ୍ୟା-ସକ୍ଷମ ଏବଂ ଦକ୍ଷତା-ଭିତ୍ତିକ ଉଚ୍ଚଶିକ୍ଷା ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃନିର୍ମାଣ ସହ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ), ସମ୍ବଲପୁର ଏହାର ୧୧ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଉତ୍ସବରେ 'ଅନ୍ୱେଷଣ: ସେଣ୍ଟର ଫର୍ ଆଡଭାନ୍ସଡ୍ ଭୋକେସନାଲ୍ ଗ୍ରୋଥ୍'ର ଉଦ୍‌ଘାଟନ, ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର, ବିଶିଷ୍ଟ ପୂର୍ବତନ ଛାତ୍ରଙ୍କୁ ସମ୍ମାନିତ ଏବଂ ଡିଜିଟାଲ୍ ଶିକ୍ଷା ଏବଂ ଦକ୍ଷତା ବିକାଶ ପାଇଁ ବିଶ୍ୱବିଦ୍ୟାଳୟର ଭବିଷ୍ୟତ ରୋଡମ୍ୟାପ୍ ଉନ୍ମୋଚନ ହୋଇଥିଲା। ସ୍ୱଙ୍ଗ ସ୍ୱାସ୍ଥ୍ୟ ସେବା ଏବଂ ସୁସ୍ଥତା ଉପରେ ସାର୍ଟିଫିକେଟ୍ ପାଠ୍ୟକ୍ରମ ମଧ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଡ. ମୃଦୁଲା ଟି. ପ୍ରଧାନ, ଓଏସ୍‌ଓୟୁ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକଙ୍କ ଉପସ୍ଥିତିରେ ଅନ୍ୱେଷଣ: ସେଣ୍ଟର୍ ଫର୍ ଆଡଭାନ୍ସଡ୍ ଭୋକେସନାଲ୍ ଗ୍ରୋଥ୍‌ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆଇଆଇଏମ୍ ନାଗପୁରର ନିର୍ଦ୍ଦେଶକ ପ୍ରଫେସର ଭୀମାରାୟ



ମେଟ୍ରିଙ୍କ ସହ ଆଇଆଇଟି (ଆଇଏସ୍‌ଏମ୍) ଧାନବାଦର ନିର୍ଦ୍ଦେଶକ ପ୍ରଫେସର ସୁକୁମାର ମିଶ୍ର, ଇଗ୍ନୁ କୁଳପତି ପ୍ରଫେସର ଉମା କାଞ୍ଜିଲାଲ, ଏଆଇସିଟିଇ ସଦସ୍ୟ ସଚିବ ପ୍ରଫେସର ଶ୍ୟାମା ରଥ, ଆଦିତ୍ୟ ଆଲୁମିନିୟମ ଅଧ୍ୟକ୍ଷ ତଥା ୟୁନିଟ୍ ମୁଖ୍ୟ ଜଗନ୍ନାଥ ପ୍ରସାଦ ନାୟକ, ଟିପିଡବ୍ଲ୍ୟୁଓଡିଏଲ୍ ସିଇଓ ପ୍ରବୀଣ ବର୍ମା, ଓଏସ୍‌ଓୟୁ କୁଳସଚିବ ଡକ୍ଟର ଚିତ୍ତରଞ୍ଜନ ସାହୁ, ପରୀକ୍ଷା ନିୟନ୍ତ୍ରକ ଡକ୍ଟର ଉମା ଚରଣ ପତି ଏବଂ ବିତ୍ତ ନିୟନ୍ତ୍ରକ ପିଙ୍କି ସେଠ ତଥା ଫେକଲଟି ସଦସ୍ୟ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ନୂତନ ଭାବରେ ପ୍ରତିଷ୍ଠିତ ଅନ୍ୱେଷଣ : ସେଣ୍ଟର ଫର୍ ଆଡଭାନ୍ସଡ୍ ଭୋକେସନାଲ୍ ଗ୍ରୋଥ୍ ବୃତ୍ତିଗତ ଶିକ୍ଷା, ଉନ୍ନତ ଦକ୍ଷତା ବିକାଶ, ଡିଜିଟାଲ୍ ନବସୃଜନ, ଉଦ୍ୟୋଗିତା ଏବଂ ଶିଳ୍ପ ସହଯୋଗ ପାଇଁ ଉତ୍କର୍ଷତା କେନ୍ଦ୍ର ଭାବରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛି। ଏହି କେନ୍ଦ୍ର ଏଆଇ, ସାଇବରସିକ୍ୟୁରିଟି, ଆନିମେସନ୍, ଭିଜୁଆଲ୍ ଇଫେକ୍ଟ, ଗ୍ୟାମିଂ, କମିକ୍ସ ଏବଂ ଭବିଷ୍ୟତ-ମୁଖୀ ବିଷୟଗୁଡ଼ିକ ଭଳି ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ତାଲିମ ଏବଂ ପ୍ରମାଣପତ୍ର ପ୍ରଦାନ କରିବ ଯାହାଦ୍ୱାରା ଗ୍ରାମୀଣ ସମ୍ପ୍ରଦାୟର ଯୁବ, ମହିଳା ଏବଂ ଶିକ୍ଷାର୍ଥୀଙ୍କ ମଧ୍ୟରେ ନିଯୁକ୍ତି କ୍ଷମତା ବୃଦ୍ଧି ପାଇବ। ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ, କୁଳସଚିବ ଡକ୍ଟର ଚିତ୍ତରଞ୍ଜନ ସାହୁ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ପ୍ରମୁଖ ଶିକ୍ଷାଗତ ଏବଂ ଶିଳ୍ପ ଅଂଶୀଦାରମାନଙ୍କ ସହିତ ୪ଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ଉତ୍ସବ ପାଳନର ଏକ ପ୍ରମୁଖ ଆକର୍ଷଣ ଥିଲା। ବିଶ୍ୱବିଦ୍ୟାଳୟ ଶୈକ୍ଷିକ ଏବଂ ଗବେଷଣା ସହଯୋଗ ପାଇଁ ଇଗ୍ନୁ, ଡିଜିଟାଲ୍ ଶିକ୍ଷା ଏବଂ ଦକ୍ଷତା ବିକାଶ ପାଇଁ ଓଡ଼ିଶା ଜ୍ଞାନ ନିଗମ ଲିମିଟେଡ୍ (ଓକେସିଏଲ୍), ଶିଳ୍ପ-ଶିକ୍ଷା ସହଯୋଗ ଏବଂ କର୍ମଶକ୍ତି ବିକାଶ ପାଇଁ ଟିପି ପଶ୍ଚିମ ଓଡ଼ିଶା ବିତରଣ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍), ଏବଂ ଶୈକ୍ଷିକ ସହଯୋଗ ପାଇଁ ଡିଏଏମ୍‌ଆଇଟିଏସ୍ ସହିତ ଚୁକ୍ତି ସ୍ୱାକ୍ଷର କରିଥିଲା। ଏହି ସହଭାଗିତା ସହଯୋଗୀ କାର୍ଯ୍ୟକ୍ରମ, ଗବେଷଣା, ଇଣ୍ଟର୍ନସିପ୍ ଏବଂ ଦକ୍ଷତା-ଆଧାରିତ ଶିକ୍ଷା ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ମୁଖ୍ୟଅତିଥି ଡ. ମୃଦୁଲା ପ୍ରଧାନ ଜିଇଆର୍ ଏବଂ ନିଯୁକ୍ତି ବୃଦ୍ଧି ପାଇଁ ଅନଲାଇନ୍ ଶିକ୍ଷା ସମେତ ଖୋଲା ଏବଂ ଦୂର ଶିକ୍ଷାର ବିସ୍ତାରିତ ଭୂମିକା ଉପରେ ଗୁରୁତ୍ୱାରୋପ କରିଛନ୍ତି। କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ଏଆଇ-ସକ୍ଷମ, ପ୍ରଯୁକ୍ତିବିଦ୍ୟା-ଚାଳିତ ମୁକ୍ତ ଏବଂ ଦୂର ଶିକ୍ଷାରେ ଏକ ନେତା ହେବା ପାଇଁ ବିଶ୍ୱବିଦ୍ୟାଳୟର ରଣନୈତିକ ରୋଡମ୍ୟାପ୍ ଉପରେ ଆଲୋକପାତ କରିଥିଲେ। ଶେଷ ପର୍ଯ୍ୟାୟରେ ସମ୍ବଲପୁରର ଉଡ଼ାନ୍ ଏବଂ ଉନ୍ନତ ଭାରତ ଅଭିଯାନ ଅଧୀନରେ ଓଏସ୍‌ଓୟୁ ଦ୍ୱାରା ଗ୍ରହଣ କରାଯାଇଥିବା ଗ୍ରାମ କର୍ଡୋଲାର ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ ପରିବେଷଣ କରାଯାଇଥିଲା।

## କଲବଲ କରୁଛି କାଣୀ ନଦୀ

# କଣ୍ଟାପଡ଼ା ନିକଟରେ ୭୦ଫୁଟ ଲମ୍ବର ୨ଟି ଘାଇ



**ମଙ୍ଗଳପୁର/କୟାଁଗୋଲା/ଦଶରଥପୁର, ୭।୭ (ସମିସ)**

ଦଶରଥପୁର ବ୍ଲକରେ ପ୍ରବାହିତ ବୈତରଣୀ ଏବଂ ଶାଖା କାଣୀ ନଦୀରେ ବନ୍ୟା ସ୍ଥିତି ଅପରିବର୍ତ୍ତିତ ରହିଛି। ବୈତରଣୀ ନଦୀର ଉପର ମୁଣ୍ଡରେ ପାଣି ହ୍ରାସ ପାଇଥିଲେ ମଧ୍ୟ ତଳ ମୁଣ୍ଡରେ ବନ୍ୟା ପାଣି ମାଡିବାରେ ଲାଗିଛି। ମୁଖ୍ୟତଃ କାଣୀ ନଦୀ ଅବବାହିକାରେ ଥିବା କଣ୍ଟପଡା ନିକଟରେ ସୃଷ୍ଟି ୭୦ଫୁଟରୁ ଅଧିକ ଆକାରର ୨ଟି ଘାଇ ଯୋଗୁ ବ୍ଲକର ମଲ୍ଲୀକାପୁର, ଦୁଦୁରାଅଣ୍ଟା, ଦଉପୁର, ଶୁଶୁଆ, ମଙ୍ଗଳପୁର, କନିକାପଡା, ନିଜାମପୁର, ଦଉପୁର, ଖାନନଗର, କମାରଡିହି, କୟାଁ ପଞ୍ଚାୟତବାସୀଙ୍କ ଅବସ୍ଥା ଦୁର୍ବିସହ ହୋଇପଡିଛି। ସେହିପରି ବ୍ଲକର ଜୟନ୍ତରା, କଟିକଟା (ଆଂଶିକ) ପଞ୍ଚାୟତ ସମେତ ମୋଟ ୧୨ଟି ପଞ୍ଚାୟତରେ ଥିବା ପ୍ରାୟ ୨ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇପଡିଛି। ଏହି ସବୁ ଅଞ୍ଚଳର ଖରିଫ ଧାନ ଚାଷୀ ନିଜସ୍ୱ ଉଦ୍ୟମରେ ବିହନ କ୍ରୟ କରି ଧାନ ଚାଷ ପାଇଁ ତଳି ପକାଇଥିଲେ। ଏବେ ବନ୍ୟା ପାଣିରେ ବୁଡ଼ି ତାହା ନଷ୍ଟ ହୋଇଯାଇଛି। ପୁନର୍ବାର ବିହନ କ୍ରୟ କରି ଧାନ ଚାଷ କରିବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡି ଥିବାରୁ ସରକାରଙ୍କ ତରଫରୁ ଅଞ୍ଚଳର ଚାଷୀଙ୍କୁ ବିହନ ଯୋଗାଇ ଦେବାକୁ ଅନେକ ଚାଷୀ ଦାବି କରିଛନ୍ତି।



ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଘାଇସ୍ଥଳ ପରିଦର୍ଶନ କରି ବନ୍ୟା ପ୍ଲାବିତ ଅଞ୍ଚଳ ଗସ୍ତ କରିଛନ୍ତି। ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ବିଜେଡି ଜିଲ୍ଲା ସଭାପତି ସରୋଜ ମହାପାତ୍ର, ମୁକ୍ତିକାନ୍ତ ପଣ୍ଡା, ମନୋଜ

### ୨ ହଜାର ହେକ୍ଟର ଚାଷଜମି ଜଳମଗ୍ନ

ରାଉତ, ରମାକାନ୍ତ ସାମଲ, ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ଜେନା, ଯାଜପୁର କଂଗ୍ରେସ ନେତା ସନ୍ତୋଷ ନନ୍ଦ ଓ ବିଞ୍ଝାରପୁର କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକ ଘାଇ ନିରୀକ୍ଷଣ କରି ପ୍ରଭାବିତ ଅଞ୍ଚଳର ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲେ।

## ନିର୍ମାଣାଧୀନ ବନ୍ଧର ଘାଇ ପାଇଁ ଦାୟୀ କିଏ?

**କୟାଁଗୋଲା/ମଙ୍ଗଳପୁର/ଦଶରଥପୁର, ୭।୭ (ସମିସ):** କାଣୀ ନଦୀର ପ୍ରବେଶ ପଥଠାରୁ କଣ୍ଟପଡ଼ା ବ୍ରିଜ୍ ପର୍ଯ୍ୟନ୍ତ ନଦୀର ଉଭୟପଟ ବନ୍ଧ ନିର୍ମାଣ ଚାଲିଛି। ମାଟି ବନ୍ଧ କରାଯିବା ସହ ପଥର ପ୍ୟାକିଂ କରାଯାଇଛି। ପ୍ରାୟ ୨୦୦ ଫୁଟରୁ ଉର୍ଦ୍ଧ୍ୱ କାଣୀ ନଦୀର ଡାହାଣ ପଟ ବନ୍ଧ ନିର୍ମାଣ କରାଯାଇଥିବା ବେଳେ ଗତକାଲି ସନ୍ଧ୍ୟା ସୁଦ୍ଧା ପ୍ରାୟ ୧୦୦ ଫୁଟରୁ ଅଧିକ ଧସି ଯାଇଥିଲା। କିନ୍ତୁ ବିଳମ୍ବିତ ରାତିରେ ୫୦ ଫୁଟର ଉର୍ଦ୍ଧ୍ୱ ଘାଇ ହୋଇଯାଇ ନଦୀ ଜଳ ସେହିପଟେ ପ୍ରବାହିତ ହେଉଛି।

ଜଳସମ୍ପଦ ବିଭାଗ ଏହି କାର୍ଯ୍ୟ କରିନାହିଁ ବୋଲି ସଫେଇ ଦେଉଥିବା ବେଳେ ଡ୍ରେନେଜ୍ ବିଭାଗ ବନ୍ଧ ନିଜ ମୁଣ୍ଡରୁ ଦୋଷ ଖସାଇ ଦେଉଛି। ଫଳରେ ଦୁଇ ବିଭାଗର ଅଜାଣତରେ ଏହି ବନ୍ଧକୁ କିଏ ଓ କେମିତି ନିର୍ମାଣ କରିଛି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ଏପଟେ କଣ୍ଟପଡ଼ା ବ୍ରିଜ ଠାରୁ କାଣୀ ନଦୀର ବାମ ପାର୍ଶ୍ୱର୍ ବନ୍ଧ ନିମନ୍ତେ ପ୍ରାୟ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟୟବରାଦ କରାଯାଇ ବନ୍ଧ ନିର୍ମାଣ ସହ ପଥର ପ୍ୟାକିଂ କାର୍ଯ୍ୟ ଦୁଇଜଣ ଠିକାଦାରଙ୍କ ଦ୍ୱାରା ଯାଜପୁର ଜଳସମ୍ପଦ ବିଭାଗ ନିର୍ମାଣ କରାଇଛି। ଉକ୍ତ ପଥର ପ୍ୟାକିଂ ଓ ବନ୍ଧ ପ୍ରଶସ୍ତୀକରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି। ବର୍ଷା ଓ ବନ୍ୟା ଦ୍ୱାରା ଏହି ନିର୍ମାଣାଧୀନ ବନ୍ଧର ପ୍ରାୟ ୧୦୦ ଫୁଟରୁ ଉର୍ଦ୍ଧ୍ୱ ଧସିଯାଇଥିବା ବେଳେ ବନ୍ଧ ନିର୍ମାଣର ଉଭୟ ପଟରେ ଫାଟ ସୃଷ୍ଟି ହୋଇଛି। ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଆଉଥରେ ବନ୍ୟା ହେଲେ ଉକ୍ତ ପଥର ପ୍ୟାକିଂ ଭୁଶୁଡ଼ି ପଡ଼ିବାର ସମ୍ଭାବନା ସୃଷ୍ଟିହୋଇଛି। ନିର୍ମାଣଧୀନ ବନ୍ଧରେ ଘାଇ ଯୋଗୁଁ ପ୍ରାୟ ଦୁଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପାଣିରେ ପଡ଼ିଯାଇଛି। ଆଜି ଯାଜପୁର ଜଳସମ୍ପଦ ବିଭାଗ ଅଧିକ୍ଷଣଯନ୍ତ୍ରୀ ଇଂ. ରତ୍ନାକର ଦଳାଇ, ସହକାରୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଅରୁଣ ତ୍ରିପାଠୀ ଘାଇସ୍ଥଳ ପରିଦର୍ଶନ କରିବା ସହ ଧସିଯାଇଥିବା ବନ୍ଧକୁ ବୁଲି ଦେଖିଥିଲେ। ନଦୀବନ୍ଧର ଏକାଧିକ ଦୁର୍ବଳ ସ୍ଥାନରେ ଜଳସମ୍ପଦ ବିଭାଗ ପକ୍ଷରୁ ଜୋରସୋରରେ ବାଲି ବସ୍ତା ମାଧ୍ୟମରେ ମରାମତି କରାଯାଉ ଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ଧସିଥିବା ସ୍ଥାନକୁ ମରାମତି କରାଯିବା ସହ ବନ୍ୟା ପାଣି କମିଲେ ଘାଇକୁ ବନ୍ଧ କରାଯିବ ବୋଲି ଶ୍ରୀ ଦଳାଇ କହିଛନ୍ତି।

କଣ୍ଟପଡା ଘାଇ ସମସ୍ୟା ଡ୍ରେନେଜ ବିଭାଗର ଅବହେଳା ବୋଲି ଜଳସମ୍ପଦ ବିଭାଗ ଅଧିକାରୀମାନେ ମତବ୍ୟକ୍ତ କରିଥିବା ବେଳେ ପୂର୍ବାହ୍ନରେ ଡ୍ରେନେଜ ବିଭାଗ ଏସ୍‌ଡିଓ ଜୟପ୍ରକାଶ ସାହୁ ଘାଇ



ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବନ୍ୟା ପାଣି କମିବା ପରେ ସମ୍ପୃକ୍ତ ସ୍ଥାନରେ ଯୁଦ୍ଧକାଳୀନ ଭିତ୍ତିରେ ଘାଇ ମରାମତି କରାଯିବ। ଖୁବଶୀଘ୍ର ଏହି ନାଳକୁ ଖୋଲା ଯିବା ସହିତ ବନ୍ଧ ସୁଦୃଢ଼ୀକରଣ କରାଯିବ ବୋଲି ସ୍ଥାନୀୟ ବାସିନ୍ଦାଙ୍କୁ ସୂଚନା ଦେଇଛନ୍ତି। ଅନ୍ୟପଟେ ଡ୍ରେନେଜ୍ ବିଭାଗର ଏସ୍‌ଡିଓଙ୍କ କହିବା ଅନୁସାରେ ବିଭାଗର କାମ ନଳା ଖୋଳି ପାଣି ନିଷ୍କାସନ କରିବା କଥା କିନ୍ତୁ ଏଠାରେ ନାଳକୁ ଖୋଳି ସେଠାରେ ବନ୍ଧ ନିର୍ମାଣ କିଏ କରିଥିଲା। ଗ୍ରାମବାସୀଙ୍କ କହିବା ଅନୁସାରେ ସେଠାରେ ବନ୍ଧ ନଥିଲେ ନଦୀରେ ବନ୍ୟା ଜଳ ପ୍ରବେଶ କରିବା କ୍ଷଣି ତାହା ଧିରେ ଧିରେ ବିଲ ଦେଇ ନିଷ୍କାସନ ହୋଇଯାଇଥାନ୍ତା। କିନ୍ତୁ ସେଠାର ଦୁର୍ବଳ ବନ୍ଧ ନିର୍ମାଣ କରି ନାଳକୁ ସଂକୁଚିତ କରିଥିବା ଯୋଗୁଁ ବନ୍ଧ ଭାଙ୍ଗିବା ଫଳରେ ପ୍ରଖର ସ୍ରୋତରେ ପାଣି ସେହି ବାଟ ଦେଇ ନିଷ୍କାସନ ହେଲା।

## ବିପଦସଙ୍କୁଳ ଡମ୍ପରୁ ଖସିପଡ଼ିଲା ହାଇୱା; ଡ୍ରାଇଭର ଆହତ

**କାଳିଆପାଣି, ୭।୭ (ସମିସ):** ଗୋଟେ ପଟେ ଡମ୍ପ ଭୁଶୁଡ଼ି ପଡ଼ିବାକୁ ନେଇ ଅସୁରକ୍ଷିତ ଅବସ୍ଥାରେ ଥିବା ବାଲେଶ୍ୱର ଆଲଏଜ ଖଣିରୁ ପଥର ଆଣିବାକୁ ଥିବା ଏକ ହାଇୱା ୧୦ଫୁଟ ତଳକୁ ଖସି ପଡ଼ିବାରୁ ଡ୍ରାଇଭର ଆହତ ହୋଇଥିବାର ଜଣାପଡ଼ିଛି। ମିଳିଥିବା ଖବର ମତେ ଗତକାଲି ରାତି ପ୍ରାୟ ୧୧ଘଟିକା ସମୟରେ ଏକ ହାଇୱା ବାଲେଶ୍ୱର ଆଲଏଜର ଡମ୍ପିରୁ ପଥର ଆଣିବାକୁ ଯାଇଥିଲା। ବର୍ଷା କାରଣରୁ ଡମ୍ପ ଧସି ପଡ଼ି ବିପଦ ସଂକୁଳ ଅବସ୍ଥାରେ ଥିବା ବେଳେ ହାଇୱାଟି ହଠାତ ୧୦ଫୁଟ ତଳକୁ ଖସିପଡ଼ିଥିଲା। ଫଳରେ ଡ୍ରାଇଭର ଆହତ ହୋଇପଡ଼ିଥିବା ବେଳେ ଉଦ୍ଧାର ପରେ ତାଙ୍କୁ ସୁକିନ୍ଦା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ପ୍ରାଥମିକ ଚିକିତ୍ସା ପରେ ଡ୍ରାଇଭରଙ୍କୁ ଟାଟା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଡମ୍ପ ଅସୁରକ୍ଷିତ ରହିଥିବା ବେଳେ ଡ୍ରାଇଭରଙ୍କୁ ପଥର ଆଣିବାକୁ କିଏ ପଠାଇଥିଲା ତାହା ପ୍ରଶ୍ନବାସୀ ସୃଷ୍ଟି କରିଛି। ଖବର ଥାଉକି ଲଗାଣ ବର୍ଷାରେ ଖଣି ଅଞ୍ଚଳରେ ସବୁଠାରୁ ବିପଦ ସଂକୁଳ ଅବସ୍ଥାରେ ଖଣି କାର୍ଯ୍ୟ ଖନନ କରୁଥିବା ବାଲେଶ୍ୱର ଆଲଏଜ ବଡ ଧରଣର ମାଟି ଅତଡ଼ା ଭୁଶୁଡି ପଡ଼ିଥିଲା। ବାଲେଶ୍ୱର ଆଲଏଜ ଓଡିଶା ଖଣି ସୁରକ୍ଷା ନିର୍ଦ୍ଦେଶାଳୟ, ପରିବେଶ ସୁରକ୍ଷା ନିର୍ଦ୍ଦେଶାଳୟ, ଆଇବିଏମ୍ ତଥା ଡିଡିଏମଙ୍କ ସମସ୍ତ ନିୟମକୁ ଉଲ୍ଲଙ୍ଘନ କରି ବର୍ଷବର୍ଷ ଧରି କ୍ରୋମାଇଟ ଉତ୍ତୋଳନ କରି ଚାଲିଥିବା ବେଳେ ଉପରୋକ୍ତ ବିଭାଗର ଅଧିକାରୀଙ୍କ ନିରବ ରହିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

## ରଥଯାତ୍ରା ପାଇଁ ପ୍ରକାଶ ପାଇଲା କାର୍ଯ୍ୟସୂଚୀ

**ଯାଜପୁର, ୭।୭ (ସମିସ):** ଯାଜପୁର ଜିଲ୍ଲାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା ପାଳନ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଯାଜପୁର ଶ୍ରୀଜଗନ୍ନାଥଜୀଉ ଟ୍ରଷ୍ଟ ବୋର୍ଡ ପକ୍ଷରୁ ରଥଯାତ୍ରା ଉତ୍ସବର ଏକ ବିସ୍ତୃତ ସରକାରୀ କାର୍ଯ୍ୟସୂଚୀ ପ୍ରକାଶ କରାଯାଇଛି। ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟ ବୋର୍ଡ, ଯାଜପୁର ସୂଚନା ଅନୁଯାୟୀ, ଆସନ୍ତା ୧୬ ତାରିଖ ଗୁରୁବାର ପବିତ୍ର ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହେବ। ସେହିପରି ଜୁଲାଇ ୧୭ ତାରିଖରେ ରଥଟଣା ଏବଂ ଜୁଲାଇ ୨୪ ତାରିଖ ଶୁକ୍ରବାର ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଳନ କରାଯିବ। ଶ୍ରୀଗୁଣ୍ଡିଚା ଉତ୍ସବର ପ୍ରଥମ ଦିନ ସନ୍ଧ୍ୟା ୬ ଘଟିକା ଠାରୁ "ଚେତନା ପରିଷଦ' ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ ପରିବେଷଣ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ। ଏହାପରେ ୧୭ ତାରିଖ ଅପରାହ୍ନ ୪ ଘଟିକା ଠାରୁ ଶ୍ରୀମନ୍ଦିରରୁ ମାଉସୀମା ମନ୍ଦିର ଅଭିମୁଖେ ମହାପ୍ରଭୁଙ୍କ ପବିତ୍ର ରଥଟଣା ଆରମ୍ଭ ହେବ। ରଥଯାତ୍ରାର ପରବର୍ତ୍ତୀ ଦୁଇ ଦିନ ଶନିବାର ଓ ରବିବାର ଯଥାକ୍ରମେ "ଶ୍ରୀ ଜଗନ୍ନାଥ କଳା ବିକାଶ କେନ୍ଦ୍ର' ଏବଂ "ଗୀତା ଜାଗରଣ ପରିଷଦ, ଯାଜପୁର' ପକ୍ଷରୁ ଭଜନ ସମାରୋହର ଆୟୋଜନ କରାଯାଇଛି। ସୋମବାର ରାତି ୭.୩୦ ରୁ ୧୦ଟା ମଧ୍ୟରେ ମା' ଲକ୍ଷ୍ମୀଙ୍କ "ହେରାପଞ୍ଚମୀ' ନୀତି ସମ୍ପାଦନ ହେବ। ଏହା ସହ ସେହିଦିନ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ମଙ୍ଗଳବାର ଶ୍ରୀଜଗନ୍ନାଥଜୀଉ ଟ୍ରଷ୍ଟ ବୋର୍ଡ ପକ୍ଷରୁ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଶ୍ରୀରାମଚରିତ ମାନସ ପାଠ କରାଯିବ। ଏହାପରେ ସନ୍ଧ୍ୟା ୬ଟାରୁ ୧୦ଟା ମଧ୍ୟରେ ବିଶିଷ୍ଟ କଳାକାର ସତ୍ୟବ୍ରତ କର ଓ ସାଥୀଙ୍କ ଦ୍ୱାରା ପାଲା ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ୨୨ ତାରିଖ ବୁଧବାର ସନ୍ଧ୍ୟା ୬ଟାରୁ ୧୦ମଧ୍ୟରେ ବିଶିଷ୍ଟ ଜଗନ୍ନାଥ ଭକ୍ତଙ୍କ ଜୀବନୀ ଉପରେ ଆଧାରିତ "ଭକ୍ତ ସାଲବେଗ' ଗୀତିନାଟ୍ୟ ପରିବେଷଣ କରାଯିବ। ଗୁରୁବାର ସନ୍ଧ୍ୟା ୬ଟାରୁ ୧୦ଟା ମଧ୍ୟରେ "ଅନନ୍ୟା ସାହିତ୍ୟ ସଂସଦ ପରିଷଦ, ଯାଜପୁର' ଆନୁକୂଲ୍ୟରେ ଏକ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ। ଶୁକ୍ରବାର ଅପରାହ୍ନ ୪ ଘଟିକା ସମୟରୁ ମହାପ୍ରଭୁଙ୍କ ପବିତ୍ର "ବାହୁଡ଼ା ଯାତ୍ରା' ଅନୁଷ୍ଠିତ ହେବ।

## ଥାନା ଅଧିକାରୀ ରଞ୍ଜିତ ମହାନ୍ତିଙ୍କ ବଦଳି ବାତିଲ୍

**ଯାଜପୁର, ୭।୭ (ସମିସ):** ଯାଜପୁର ଜିଲ୍ଲା ପାଣିକୋଇଲି ଥାନାରେ କାର୍ଯ୍ୟରତ ଥାନା ଅଧିକାରୀ ରଞ୍ଜିତ ମହାନ୍ତିଙ୍କୁ ଅଚାନକ କେନ୍ଦ୍ରାପଡ଼ା ଜିଲ୍ଲାକୁ ବଦଳି କରାଯାଇଥିଲା। ଏହି ବଦଳିର କୌଣସି



ନିର୍ଦ୍ଦିଷ୍ଟ କାରଣ ନଥିବା ବେଳେ ଏହାକୁ ନେଇ ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଏଥିପାଇଁ ରାଜ୍ୟ ପୁଲିସ ମୁଖ୍ୟାଳୟରୁ ଆଜି ଏକ ବିଜ୍ଞପ୍ତି ପ୍ରକାଶ ପାଇ ରଞ୍ଜିତ ମହାନ୍ତିଙ୍କ ପୂର୍ବ ବଦଳି ଆଦେଶକୁ ପ୍ରତ୍ୟାହୃତ କରାଯାଇଥିବା ଦର୍ଶାଯାଇଛି। ସେପଟେ ଯାଜପୁର ପୁଲିସ ମୁଖ୍ୟାଳୟ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ ଶ୍ରୀ ମହାନ୍ତିଙ୍କୁ ମଙ୍ଗଳପୁର ଥାନା ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ସେଠାରେ ଥାନା ଅଧିକାରୀ ଥିବା ରଞ୍ଜନ କୁମାର ବେହେରାଙ୍କୁ ପାଣିକୋଇଲି ସ୍ଥିତ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିବା ଜଣାପଡିଛି।

## ରାତିରେ ତାଡ଼ିଦେଲେ ଦାନଗଦି ବଜାର ରାସ୍ତା



**ଦାନଗଦି, ୭।୭ (ସମିସ):** ଚୋରଦା - ଡୁବୁରୀ ରାସ୍ତା ଦାନଗଦି ବଜାରର ଗୋଟିଏ ପାର୍ଶ୍ୱକୁ ଗତକାଲି ବିଳମ୍ବିତ ରାତ୍ରିରେ ବିପିସିଏଲ୍ କମ୍ପାନୀ ଲୋକେ ପାଇପ ପକାଇବା ପାଇଁ ତାଡ଼ି ପକାଇଛନ୍ତି। ଦୋକାନୀମାନେ ସକାଳୁ ଦୋକାନ ଖୋଲିଲା ବେଳକୁ ଆଗରେ ବଡ଼ ବଡ଼ ଗାଡ଼ ହୋଇଥିବା ଦେଖି ତାଜୁବ ହୋଇଥିଲେ। ଲୋକେ ରାସ୍ତା ପାର ହୋଇ ଦୋକାନକୁ ଯିବାକୁ ଭୟ କରିଥିଲେ ଏବଂ ନିଜ ଖର୍ଚ୍ଚରେ ଲୋକ ଡାକି ଉକ୍ତ ଗାଡ଼କୁ କିଛି କିଛି ସ୍ଥାନରେ ପୋତି ଥିଲେ। ଦିନ ତମାମ କମ୍ପାନୀର ଲୋକଙ୍କ ଦେଖା ନ ଥିଲା, ଗାଡ଼ ସବୁ ଖୋଲା ମେଲା ପଡ଼ିରହିଛି, ଯାହାଫଳରେ ଗାଈଗୋରୁମାନେ ଖସି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି, ସୁରକ୍ଷା ବାଡ଼ ନ ଥିବାରୁ ରାତିରେ ବାଇକ ଚାଳକ ମାନେ ପଡ଼ି ଆହତ ହୋଇଛନ୍ତି, ତୁରନ୍ତ ବିପିସିଏଲ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଚାଷ ଜମିରୁ ଜଳ ନିଷ୍କାସନ ପାଇ ଦାବି

ଯାଜପୁର, ୭।୭ (ସମିସ): **ଦଶରଥପୁର ବ୍ଲକ ବିରଜାପୁର ସରପଞ୍ଚ ନିରାକାର ସାହୁ ଜିଲ୍ଲାପାଳଙ୍କୁ ଭେଟି ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଲଘୁଚାପ** ଜନିତ ଲଗାଣ ବର୍ଷା ଫଳରେ ବିରଜାପୁର ଅଞ୍ଚଳରେ ଚାଷ ଜମିରେ ବର୍ଷା ପାଣି ନିଷ୍କାସନ ହୋଇନପାରି ଜମି ରହିଛି। ଚାଷୀମାନେ ଯେଉଁ ତଳି ପକାଇଥିଲେ ସେଗୁଡ଼ିକ ବର୍ତ୍ତମାନ ପାଣିରେ ବୁଡ଼ି ରହିଛି ଫଳରେ ଏହା ନଷ୍ଟ ହେବାକୁ ବସିଛି। ଏହି ଚାଷ ଜମି ଦେଇ ୨୦ନଂ ଜାତୀୟ ରାଜପଥ ନିର୍ମାଣ ଚାଲିଛି। ରାସ୍ତା ନିର୍ମାଣ କରୁଥିବା ଠିକା ସଂସ୍ଥା ଚାଷ ଜମି ଦେଇ ଯାଇଥିବା କେନାଲକୁ ସମ୍ପୂର୍ଣ୍ଣ ବନ୍ଦ କରି ଦେଇଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଯାହାଫଳରେ ପାଣି ନିଷ୍କାସନ ହୋଇନପାରି ବିରଜାପୁର ଓ ଏହାର ତଳିଆ ଅଞ୍ଚଳ ଗୁଡ଼ିକର ଚାଷ ଜମିରେ ପାଣି ଜମି ରହୁଛି। ଯଦି ଏହାର ସମସ୍ୟାର ସମାଧାନ ନ କରାଯାଏ ତେବେ ସମ୍ପୂର୍ଣ୍ଣ ଚାଷ ଜମି ଉଜୁଡ଼ି ଯିବାର ଆଶଙ୍କା ରହିଥିବାରୁ ଏହାର ତୁରନ୍ତ ପ୍ରତିକାର କରିବାକୁ ଦାବୀ କରାଯାଇଛି।



### ପ୍ରସ୍ତାବିତ ବିଦେଶୀ ମଦ ଦୋକାନକୁ ବିରୋଧ

# ଜିଲ୍ଲାପାଳଙ୍କ ଅଫିସ ଘେରିଲେ ଗ୍ରାମବାସୀ



**ଯାଜପୁର, ୭।୭ (ସମିସ)**

ପ୍ରସ୍ତାବିତ ଠିପି ଖୋଲା ବିଦେଶୀ ମଦ ଦୋକାନକୁ ବିରୋଧ କରି ଜିଲ୍ଲାପାଳ ଅଫିସ ଘେରିଲେ ଶତାଧିକ ମହିଳାଙ୍କ ସମେତ ଗ୍ରାମବାସୀ। ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ମଲ୍ଲୀକାପୁର ପଞ୍ଚାୟତ ମହାନ୍ତିପାଟଣା ଗ୍ରାମରେ ଯାଜପୁର ଜିଲ୍ଲା ପ୍ରଶାସନ ଏକ ବିଦେଶୀ ଠିପି ଖୋଲା ମଦ ଦୋକାନ ଖୋଲିବା ନିମନ୍ତେ ଲାଇସେନ୍ସ ପ୍ରଦାନ କରିଛନ୍ତି। ପ୍ରସ୍ତାବିତ ମଦ ଦୋକାନ ପାଇଁ ଯେଉଁ ସ୍ଥାନ ନିରୂପଣ କରାଯାଇଛି ସେଠାରେ ଏକ ପିଇବା ପାଣି କାରଖାନା, ଅଳ୍ପ ଦୂରରେ ଗ୍ରାମର ଶ୍ମଶାନ, ଗାଧୋଇବା ସ୍ନାନ ଘାଟ ରହିଛି। ତତସହ ଏହି ରାସ୍ତା ଦେଇ ଛାତ୍ରଛାତ୍ରୀ ଆଦର୍ଶ ବିଦ୍ୟାଳୟ ଏବଂ ସାଧୁ ଗୌରେଶ୍ୱର ମହାବିଦ୍ୟାଳୟକୁ ଯାଇଥାନ୍ତି। ଯିବା ଆସିବା ଓ ଗମନା ଗମନର ରାସ୍ତା ହୋଇଥିବାରୁ ମଦ ଦୋକାନ ଖୋଲାଗଲେ ସମସ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ଥିବାରୁ ଏହି ଠାରେ ପ୍ରସ୍ତାବିତ ମଦ ଦୋକାନ ନଖୋଲିବା ନିମନ୍ତେ ଗ୍ରାମବାସୀ ମାନେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଅବକାରୀ ବିଭାଗ ନିକଟରେ ଲିଖିତ ଦାବି କରିଛନ୍ତି। ଆଗାମୀ ଦିନରେ ଏହାକୁ ବନ୍ଦ ବା ଅନ୍ୟତ୍ର ସ୍ଥାନାନ୍ତରିତ କରା ନ ଗଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଆଜି ଗ୍ରାମବାସୀ ଏକତ୍ରିତ ହୋଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ତୁରନ୍ତ ମଦ ଦୋକାନ ଲାଇସେନ୍ସ ପ୍ରତ୍ୟାହାର କରିବାକୁ ଦାବୀ କରିଥିଲେ। ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତିବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି।


बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର**
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ: dzmbbsr@mahabank.co.in

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ସୁନା ଋଣ ଆକାଉଣ୍ଟ ନିମନ୍ତେ ବ୍ୟାଙ୍କରେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ ସର୍ବସାଧାରଣ ନିଲାମ ମାଧ୍ୟମରେ ବିକ୍ରୟ କରାଯିବ ଯାହାକି **ତା.୧୭.୦୭.୨୦୨୬ରିଖ ଅପରାହ୍ନ ୧.୦୦ ଘଟିକା** ସମୟରେ **ସମ୍ପୃକ୍ତ ଶାଖା ପରିସରରେ** ନିଲାମ କରାଯିବ। ଆଗ୍ରହୀ ପକ୍ଷମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ପ୍ରବନ୍ଧକଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ। ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ବିକ୍ରି ପାଇଁ ଥିବା ସୁନା ଅଳଙ୍କାରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ଏବଂ ନିୟମ ଓ ସର୍ତ୍ତାବଳୀ ପାଇଁ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରନ୍ତୁ। ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ନିଲାମରେ ଅଂଶଗ୍ରହଣ କରିପାରିବେ।
**ଦ୍ରଷ୍ଟବ୍ୟ: ଏହି ନୋଟିସ୍‌ଟି ଋଣଗ୍ରହୀତାମାନଙ୍କୁ ୭ ଦିନିଆ ଅନ୍ତିମ ପୁନଃସ୍ମରଣ (ରିମାଇଣ୍ଡର) ତଥା ନିଲାମ ନୋଟିସ୍ ଭାବେ ବିଚାର କରାଯିବ।**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ତା୦୭.୦୭.୨୦୨୬ରିଖ ସୁଦ୍ଧା (ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ ବ୍ୟତିତ) + ଭବିଷ୍ୟତ ସୁଧ | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|---|
| ଅନୁଗୁଳ ଶାଖା (୧୯୯୩), ଶିମିଳିପଡ଼ା ଛକ, ଗାନ୍ଧୀ ଛକ, ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୨୨, ମୋ.: ୯୮୭୪୨୦୨୫୯୦ | | | | |
| ୧. | **ନମିତା ପଲାଇ,** ସା/ପୋ: ହେମସୁରପଡ଼ା, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ପିନ୍-୭୫୯୧୨୨ / *******୩୦୭୯ | ଟ.୯୬,୨୨୫.୦୦ | ୧୮.୨୦ | ୧୯.୪୮୦ |
| ବାରିପଦା ଶାଖା (୨୦୯୪), ଲାଲ ବଜାର, ୱାର୍ଡ଼ ନଂ. ୧୦, ବାରିପଦା, ଓଡ଼ିଶା, ପିନ୍-୭୫୭୦୦୧, ମୋ.: ୯୦୦୨୪୨୧୩୮୯ | | | | |
| ୧. | **ସରସ୍ୱତୀ ବେଶ୍ରା,** ସା: ତୁଳସୀଚଉରା, ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୦୧ / *******୬୬୦୧ | ଟ.୧,୮୧,୮୧୪.୦୦ | ୨୪.୦୦ | ୨୭.୩୦ |
| ନବରଙ୍ଗପୁର ଶାଖା (୨୧୮୦), ତଳ ମହଲା, ଏସ୍‌ବିଆଇ ବଜାର ଶାଖା ନିକଟ, ମେନ୍ ରୋଡ୍, ନବରଙ୍ଗପୁର, ପିନ୍-୭୬୪୦୫୯, ମୋ.: ୮୧୧୪୬୧୧୨୪୩ | | | | |
| ୧. | **ଶ୍ରୀ ପରେଶ ଭତରା,** ତେଲିଆଗୁଡା, ଘୋଡ଼ାଧାନୁଆ, ନବରଙ୍ଗପୁର, ପିନ୍-୭୬୪୦୬୧ / *******୯୧୬୫ | ଟ.୪୧,୭୨୯.୦୦ | ୧୨.୦୦ | ୧୭.୬୪ |
| ୨. | **ରାଏସିଂହ ସାନ୍ତା,** ରାଣୀସୋଲ, ପାତ୍ରି, ନବରଙ୍ଗପୁର, ପିନ୍-୭୬୪୦୫୯ / *******୧୮୮୯ | ଟ.୨୨,୦୦୦.୦୦ | ୫.୦୦ | ୫.୩୮ |
| ୩. | **ଚନ୍ଦ୍ରଧ୍ୱଜ ମାଳି,** ମାଳି ସାହି, ଆମ୍ବାଦୋଲା, ନବରଙ୍ଗପୁର, ପିନ୍-୭୬୪୦୬୩ / *******୧୦୧୮ | ଟ.୫୮,୦୦୦.୦୦ | ୧୧.୦୦ | ୧୧.୧୫ |
| ଭଞ୍ଜନଗର ଶାଖା (୨୪୪୬), ବଡ଼କୋଦଣ୍ଡା ସ୍କୋୟାର, ମେନ୍ ରୋଡ୍, ଭଞ୍ଜନଗର, ବାଉଁଶଲୁଣ୍ଡି, ପୋ: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୩୩, ମୋ.: ୮୭୯୦୦୮୯୪୨୭ | | | | |
| ୧. | **ଶ୍ରୀ ପ୍ରଦୀପ ଭୂୟାଁ,** ଅଡୁଆ ସାହି, ପୋ: ଡିହପଡ଼ାଳ, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୦ / *******୯୨୮୦ | ଟ.୧,୫୯,୦୦୦.୦୦ | ୨୮.୦୦ | ୨୯.୫୦ |
| ୨. | **ଶ୍ରୀ ପ୍ରଦୀପ ଭୂୟାଁ,** ଅଡୁଆ ସାହି, ପୋ: ଡିହପଡ଼ାଳ, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୦ / *******୯୭୪୧ | ଟ.୪୫,୦୦୦.୦୦ | ୯.୦୦ | ୧୦.୭୭ |
| ମାଲକାନଗିରି ଶାଖା (୨୧୮୮), ମେନ୍ ରୋଡ୍, ନୁଆଗୁଡ଼ା, ଏଫ୍‌ସିଆଇ ଗୋଦାମ ସାମ୍ନା, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ନିକଟ, ପୋ/ଜିଲ୍ଲା: ମାଲକାନଗିରି, ପିନ୍-୭୬୪୦୪୫, ମୋ.: ୯୪୯୩୫୦୯୮୬୫ | | | | |
| ୧. | **ଭିକି ଶଗଡିଆ,** ଜେଡ୍ ଏ କଲୋନୀ, ଏମ୍‌କେଜି, ମାଲକାନଗିରି, ପିନ୍-୭୬୪୦୪୫ / *******୨୮୪୮ | ଟ.୭୧,୦୧୬.୦୦ | ୧୭.୨୦ | ୧୭.୫୬ |
| ୨. | **ଶ୍ରୀ ଜୀବନ ବିଶ୍ୱାସ,** ଏମ୍‌ଭି ୨୯, କାମୱାଡ଼ା, ଓରକେଲ, ମାଲକାନଗିରି, ପିନ୍-୭୬୪୦୫୧ / *******୧୮୫୨ | ଟ.୭୪,୭୭୨.୦୦ | ୧୮.୩୦ | ୨୭.୦୪ |
| ଦେବଗଡ଼ ଶାଖା (୨୩୦୫), ପ୍ଲଟ୍ ନଂ.: ୧୨୦୦ (ଅଂଶ), ସାଇ କମ୍ପ୍ଲେକ୍ସ, ପ୍ରାଇଭେଟ୍ ବସ୍ ଷ୍ଟାଣ୍ଡ ନିକଟ, ପୋ/ଥାନା: ଦେବଗଡ଼, ଜିଲ୍ଲା: ଦେବଗଡ଼, ପିନ୍-୭୬୮୧୦୮, ମୋ.: ୯୯୩୭୩୦୪୫୬୫ | | | | |
| ୧. | **ଲିଲି ସୁନେଲ,** ବଡ଼ମାଣପୁର, ପୋ: ମଧ୍ୟପୁର, ଥାନା: ବାରକୋଟ, ଦେବଗଡ଼ / *******୭୬୭୦ | ଟ.୧,୨୦,୫୦୦.୦୦ | ୨୭.୦୦ | ୩୧.୦୧ |
| ସମ୍ବଲପୁର ଶାଖା (୧୮୨୪), ଶିବଲୋକ କମ୍ପ୍ଲେକ୍ସ, ଗେଇଟୀ ଟକିଜ ରୋଡ୍, ଗୋଲ ବଜାର ନିକଟ, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୧, ମୋ.: ୯୮୩୩୪୧୬୭୧୪ | | | | |
| ୧. | **ମିସ୍ ଅନିତା ସିଂହ,** ସା: ସାହୁ କଲୋନୀ, ଟ୍ୟାକ୍ସି ଷ୍ଟାଣ୍ଡ, ସଦର, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୧ / *******୭୨୭୭ | ଟ.୫୬,୩୦୨.୦୦ | ୧୪.୦୦ | ୧୫.୦୦ |
| ବ୍ୟାସନଗର ଶାଖା (୨୦୩୫), ରାଧାରାଣୀ ମାର୍ଗ, ବ୍ୟାଙ୍କ ଷ୍ଟ୍ରିଟ୍, ଆଇଡ଼ିଏଫ୍‌ସି ଫାର୍ଷ୍ଟ ବ୍ୟାଙ୍କ ନିକଟ, ଯାଜପୁର ରୋଡ୍, ଯାଜପୁର, ପିନ୍-୭୫୫୦୧୯, ମୋ.: ୮୦୮୦୫୪୬୧୧୬ | | | | |
| ୧. | **ପ୍ରକାଶ ଚନ୍ଦ୍ର ସେନାପତି,** ପାଟପୁର, ଏଣ୍ଡଳ, ଜେନାପୁର, ଯାଜପୁର, ପିନ୍-୭୫୫୦୨୩ / *******୮୯୯୧ | ଟ.୧୪,୨୪୮.୦୦ | ୪.୨୦ | ୫.୧୦ |

**ନିମ୍ନଲିଖିତ ସର୍ତ୍ତାବଳୀ ଅନୁସାରେ କଥିତ ନିଲାମ ସମ୍ପନ୍ନ କରାଯିବ।**
୧) **"ଯେଉଁଠାରେ ଯେପରି ଅଛି ଭିତ୍ତିରେ"** ନିଲାମ କରାଯିବ।
୨) ସଫଳ ନିଲାମଧାରୀ ନିଲାମ ତାରିଖ ପରବର୍ତ୍ତୀ କାର୍ଯ୍ୟଦିବସରେ ସମ୍ପୂର୍ଣ୍ଣ ନିଲାମ ରାଶି ପୈଠ କରିବେ ଏବଂ ନିଜର ସମ୍ପୂର୍ଣ୍ଣ ଦାୟିତ୍ୱରେ ଅଳଙ୍କାରଗୁଡ଼ିକ ନେବେ ଏବଂ କଥିତ ନିଲାମଧାରୀ କୌଣସି କାରଣ ବଶତଃ ବ୍ୟାଙ୍କକୁ ତାହା ଫେରସ୍ତ କରିବେ ନାହିଁ।
୩) ଆକାଉଣ୍ଟରେ ବନ୍ଧକଥିବା ସମସ୍ତ କିମ୍ବା ଆଂଶିକ ଅଳଙ୍କାରଗୁଡ଼ିକୁ ନିଲାମ କରିବାକୁ ଆବଶ୍ୟକ ମନେକଲେ ତାହା କରିବାକୁ ବ୍ୟାଙ୍କ ଅଧିକାର ସଂରକ୍ଷିତ ରଖିଅଛି କିମ୍ବା ଯେକୌଣସି ସମୟରେ ବିନା ନୋଟିସ୍‌ରେ ନିଲାମ ବନ୍ଦ କରିବାର ଅଧିକାର ଏହାର ସ୍ୱତନ୍ତ୍ର କ୍ଷମତା ବଳରେ ସଂରକ୍ଷିତ ରହିଛି।
୪) ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ବିଡ୍‌କୁ ଗ୍ରହଣ / ରଦ୍ଦ କରିବାର ସ୍ୱତନ୍ତ୍ର କ୍ଷମତା ରହିଛି।
୫) ବ୍ୟାଙ୍କର ସୁବିଧା ମୁତାବକ ଯେକୌଣସି ସ୍ତରରେ ଭବିଷ୍ୟତ ତାରିଖକୁ ନିଲାମ ବିକ୍ରୟ ସ୍ଥଗିତ ରଖିବାର ଅଧିକାର ବ୍ୟାଙ୍କର ରହିଛି ଏବଂ କୌଣସି ବ୍ୟକ୍ତି ଏ ବିଷୟରେ କୌଣସି ପ୍ରାକ୍ ନୋଟିସ୍ କିମ୍ବା ସେବାବଦ ଅଧିକାର ଦାବୀ ରଖିବାକୁ ହକ୍‌ଦାର ହେବେ ନାହିଁ।
୬) ଯଦି ସଫଳ ନିଲାମଧାରୀ ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ ନ କରନ୍ତି ଏବଂ/କିମ୍ବା ତାଙ୍କର କୌଣସି କାରଣ ହେତୁ ନିଲାମ ବିକ୍ରୟ ସ୍ଥଗିତ/ପୁନଃ ନିଲାମ ହୁଏ, ତେବେ ସେ ବ୍ୟାଙ୍କର ତଦ୍ଦ୍ୱାରା ହୋଇଥିବା କ୍ଷତିର ପରିମାଣ ଯାହା ତାଙ୍କ ଯୋଗୁ ନିଲାମ ସମାପ୍ତ ହୋଇପାରିନଥିଲା ସେଥି ନିମନ୍ତେ ଦାୟୀ ରହିବେ।
୭) ବ୍ୟାଙ୍କ ଅଳଙ୍କାର / କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ଏବଂ ନିଲାମ କ୍ରେତା ନିଜ ଦ୍ୱାରା ଅଳଙ୍କାର/ମୁଦ୍ରାଗୁଡ଼ିକର ଶୁଦ୍ଧତା କିମ୍ବା ଓଜନ ତନଖି କରି ନିଶ୍ଚିତ ହେବା ଆବଶ୍ୟକ ଏବଂ ଏ ବିଷୟରେ ନିଲାମ ପରେ କୌଣସି ଦାବୀକୁ ଗ୍ରହଣ କରାଯିବ ନାହିଁ।
୮) ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶିର ୨୫% ଅମାନତ ରାଶି ରୂପେ ଜମା କରିବେ।
୯) ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାର ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ଅଳଙ୍କାରକୁ ପୁନଃ ବିକ୍ରୟ କରାଯିବ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୦୭.୦୭.୨୦୨୬** — **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**

# ରଥଯାତ୍ରା ପାଇଁ ପ୍ରଶାସନର ପ୍ରସ୍ତୁତି ବୈଠକ



ଜୟପୁର,୭ ।୭ (ସମିସ): ଜୟପୁର ସହରରେ ଆସନ୍ତା ରଥଯାତ୍ରା ନେଇ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଉପଜିଲ୍ଲାପାଳ କାର୍ଯାଳୟର ସମ୍ମିଳନୀ କକ୍ଷ ଠାରେ ଆଜି ସଂଧାରେ ଅନୁଷ୍ଠିତ ହୋଇଯାଇଛି । ଜୟପୁର ଉପଜିଲ୍ଲାପାଳ ଯଦୁମଣି ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବୈଠକରେ ଜୟପୁର ତହସିଲଦାର ତଥା ଦେବତ୍ତୋର ଅଧିକାରୀ ସବ୍ୟସାଚୀ ଜେନା, ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଭାରପ୍ରାପ୍ତ ଅଧିକ୍ଷକ ବି. ଜୟବାବୁ, ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ, ବିଦ୍ୟୁତ, ରାସ୍ତା ଓ ଗୃହ ନିର୍ମାଣ , ଅଗ୍ନିସମ , ପୁଲିସ , ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏବଂ ସେବାୟତଙ୍କ ଉପସ୍ଥିତିରେ ସମସ୍ତ ବିଷୟକୁ ନେଇ ସମୀକ୍ଷା କରାଯାଇଥିଲା । ଏହି ବୈଠକକୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯଶୋଦା ଗାଦବା ପରିଚାଳନା କରିଥିଲେ । ସେହିପରି ନୂତନ ରଥ ନିର୍ମାଣ ହୋଇଥିବା ନେଇ ସୂଚନା ଦିଆଯାଇଥିଲା ଏବଂ ଆସନ୍ତା ଜୁଲାଇ ୧୨ ତାରିଖ ସୁଦ୍ଧା ରଥ ନିର୍ମାଣ ଶେଷ ହେବ । ରଥର ମାନ ଓ ସୁରକ୍ଷା ସମ୍ପର୍କିତ ସମ୍ପୂର୍ଣ୍ଣ ଯାଞ୍ଚ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ରଥଯାତ୍ରା ସମୟରେ ଟ୍ରାଫିକ ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ଟାଉନ ଥାନା ପୁଲିସକୁ ଆବଶ୍ୟକ ଦାୟିତ୍ୱ ପ୍ରଦାନ କରାଯାଇଛି ଏବଂ ୪ ଚକିଆ ଯାନ ମୁଖ୍ୟରାସ୍ତାରେ ଯାତାୟାତ ଉପରେ ନିଷେଧାଦେଶ ଜାରି କରାଯାଇଛି । ଜନସମାଗମକୁ ଦୃଷ୍ଟିରେ ରଖି ୫ଟି ହାଇମାଷ୍ଟ ଲାଇଟ, ୨ଟି ଜେନେରେଟର, ୬ଟି ହାଲୋଜେନ ଲାଇଟ ଏବଂ ରଥଯାତ୍ରା ପୂର୍ବରୁ ୧୦ଟି ଫୋକସ୍ ଲାଇଟ ବ୍ୟବସ୍ଥା କରିବା ପାଇଁ ବିଦ୍ୟୁତ ବିଭାଗ, ଅଗ୍ନିଶମ ବିଭାଗ ଏବଂ ଓଡ୍ରାଫଂକୁ ଅନୁରୋଧ କରାଯାଇଛି । ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ରଥ ଟଣା ସମୟରେ ୨ଟି ଆମ୍ବୁଲାନ୍ସ, ଜଣେ ଆୟୁଷ ଡାକ୍ତର ଏବଂ ଏକ ସ୍ୱତନ୍ତ୍ର ମେଡିକାଲ ଟିମ୍ ନିୟୋଜିତ ରହିବେ । ରଥଯାତ୍ରା ଦିନଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୮ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ଉପଲବ୍ଧ ରହିବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା । ଏହିପରି ରଥଯାତ୍ରା ସମୟରେ ପରିମଳ ବ୍ୟବସ୍ଥା ସୁପରିଚାଳନା ନେଇ ପୌରସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପୂର୍ବରୁ ପୌରସଂସ୍ଥାର ସମ୍ମିଳନୀ କକ୍ଷ ଠାରେ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିବା ନିଷ୍ପତିକୁ କାର୍ଯ୍ୟକାରୀ କରିବା ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

# କୋରାପୁଟ ଷ୍ଟେସନରେ ପହଞ୍ଚିଲା ପୁରୀ-କୋରାପୁଟ ସ୍ୱତନ୍ତ୍ର ଟ୍ରେନ

କୋରାପୁଟ, ୭।୭ (ସମିସ):




ଦୀର୍ଘ ଦିନର ପ୍ରତୀକ୍ଷାର ଅନ୍ତ ଘଟାଇ ମଙ୍ଗଳବାର ସକାଳେ ପୁରୀ-କୋରାପୁଟ ସ୍ୱତନ୍ତ୍ର ଟ୍ରେନ କୋରାପୁଟ ରେଳ ଷ୍ଟେସନରେ ପହଞ୍ଚିଛି । ସକାଳ ୮ଟା ୧୫ ମିନିଟରେ ଟ୍ରେନଟି କୋରାପୁଟ ଷ୍ଟେସନରେ ପହଞ୍ଚିବା ପରେ ଉତ୍ସାହର ପରିବେଶ ସୃଷ୍ଟି ହୋଇଥିଲା । ଏହି ଅବସରରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲା ଭାଜପା ସଭାପତି ଶିବ ମୁଦୁଲିଙ୍କ ସମେତ ଶତାଧିକ ବୁଦ୍ଧିଜୀବୀ, ବିଭିନ୍ନ ସଂଗଠନର ପ୍ରତିନିଧି ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ଟ୍ରେନକୁ ଭବ୍ୟ ସ୍ୱାଗତ ଜଣାଇଥିଲେ । ପରେ ସକାଳ ୯ଟା ୩୦ ମିନିଟରେ ଟ୍ରେନ ପୁରୀ ଅଭିମୁଖେ ଯାତ୍ରା କରଛ । ଏହି ଅବସରରେ ଷ୍ଟେସନ ପରିସରରେ ଉତ୍ସବମୁଖର ପରିବେଶ ଦେଖିବାକୁ ମିଳିଥିଲା । ବିଧାୟକ ରଘୁରାମ ମାଛ



କହିଥିଲେ ଯେ, ଦୀର୍ଘ ଦିନ ଧରି ଅଞ୍ଚଳବାସୀ ପୁରୀ-କୋରାପୁଟ ସିଧାସଳଖ ରେଳ ସେବା ଦାବି କରି ଆସୁଥିଲେ । ଏହି ସ୍ୱତନ୍ତ୍ର ଟ୍ରେନ ଚଳାଚଳ ଆରମ୍ଭ ହେବା ଫଳରେ ସାଧାରଣ ଯାତ୍ରୀଙ୍କ ସହ ଧାର୍ମିକ, ଶିକ୍ଷା ଓ ବାଣିଜ୍ୟିକ କ୍ଷେତ୍ରରେ ମଧ ବେଶ ଉପକାର ମିଳିବ । ଏହା ଦକ୍ଷିଣ ଓଡ଼ିଶାର ଲୋକଙ୍କ ପାଇଁ ଏକ ଐତିହାସିକ ସଫଳତା ବୋଲି ସେ ମତ ପ୍ରକାଶ କରିଥିଲେ ।

# ଭିଜିଲାନ୍ସ ଜାଲରେ ଖଣି ଉପନିର୍ଦ୍ଦେଶକ

● ୨ ଲକ୍ଷ ଟଙ୍କା ଲାଞ୍ଚ ନେଉଥିଲେ

ଜୟପୁର, ୭।୭(ସମସ): ଜୟପୁର ସ୍ଥିତ ଖଣି ବିଭାଗର ଉପ ନିର୍ଦ୍ଦେଶିକ ସତ୍ୟଜିତ୍ ରାଉତ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ଜଣେ ବାଲିଘାଟ ଲିଜ୍ ଧାରୀଙ୍କ ଠାରୁ ଲିଜ୍ ଅବଧି ବୃଦ୍ଧି ନେଇ ୨ଲକ୍ଷ ଟଙ୍କା ଲାଞ୍ଚ ନେଉଥିଲେ ।



ସ୍ଥାନୀୟ ଲିଙ୍ଗରାଜ ନଗର ବାସଭବନ ଠାରେ ସେ ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ପ୍ରସ୍ତୁତ ଭିଜିଲାନ୍ସ ବିଭାଗର ଅଧିକାରୀ ତାଙ୍କୁ ଧରିବା ସହିତ ଲାଞ୍ଚ ଟଙ୍କା ଜବତ କହିଛନ୍ତି । ତାଙ୍କୁ ଅଟକ ରଖିବା ସହିତ କାର୍ଯ୍ୟାଳୟ ଏବଂ ତାଙ୍କ ବାସଭବନରେ କୋରପୁଟ ଡିଭିଜନ ଜୟପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଯାଞ୍ଚ ଚାଲିଥିବା ସୂଚନା ମିଳିଛି । ତାଙ୍କ ବାସ ଭବନରୁ ୨ ଲକ୍ଷ ୯୦ ହଜାର ଜବତ କରାଯାଇଛି ।

● ପ୍ରଶାସନ ଶୁଣିଲାନି

# ରାସ୍ତା ନିର୍ମାଣ କଲେ ମହିଳା

କାକିରିଗୁମା,୭।୭(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଭିତରଗଡ଼ ପଞ୍ଚାୟତର ଲତାପୁଟ ଗ୍ରାମ ପାଖ ରାସ୍ତା ନଥିବାରୁ ଗ୍ରାମକୁ ଯିବା ପାଇଁ ହେଲେ କାନ୍ଧୁଅ ଖାଲଖମା ରାସ୍ତା ଦେଇ ଲୋକେ ଯିବାକୁ ବାଧ ହେଉଛନ୍ତି । ଗାଁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡୁଛି । ଯା'ଦ୍ୱାର । ଗର୍ଭବତୀ, ପ୍ରସୂତୀ ଜରୁରୀକାଳୀନ ସେବାରୁ ଅନେକ ସମୟରେ ବଞ୍ଚିତ ହେଉଛନ୍ତି । ଏହି



ରାସ୍ତା ମରାମତି ନେଇ ପ୍ରଶାସନ ନ ଶୁଣିବାରୁ ଆଜି ଗ୍ରାମର ମହିଳା ମାନେ ଏକତ୍ରିତ ହୋଇ ଗାଁ ରାସ୍ତା ନିର୍ମାଣ ପାଇଁ ଅଣ୍ଟା ଭିଡ଼ିଛନ୍ତି । ରାସ୍ତାରେ ମାଟି, ବାଲି, ପଥର ପକାଇ ରାସ୍ତା ନିର୍ମାଣ କରିଥିଲେ । ଗାଁ ଠାରୁ ପକା ରାସ୍ତା କୁ ସଂଯୋଗ କରିବାକୁ ହେଲେ ପ୍ରାୟ ଏକ କିଲୋମିଟର ଦୂର ପର୍ଯ୍ୟନ୍ତ ଖାଲଖମା ରାସ୍ତାରେ ଅନେକ ସମସ୍ୟା ସମ୍ମୁଖୀନ ହେଉଥିବା ଅଭିଯୋଗ କରୁଛନ୍ତି । ଦୀର୍ଘ ବର୍ଷ ଧରି ରାସ୍ତା ନିର୍ମାଣ ପାଇଁ ଅନେକ ଥର ପଞ୍ଚାୟତ, ବ୍ଲକ, ପ୍ରଶାସନ ଏବଂ ଲୋକ ପ୍ରତିନିଧିମାନଙ୍କୁ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳିନାହିଁ । ଗ୍ରାମର ମହିଳା ପାର୍ବତୀ ଜାନୀ, ପାର୍ବତୀ ସାଉଁନ୍ତା, ଟିମକୁ ସାଉଁନ୍ତା, ଇନ୍ଦୁ ଜାନ୍ତୀ, କିମିତା ସାଉଁନ୍ତା, ଶିତ୍ର ସାଉଁନ୍ତା, ଶୁଭ୍ର ଜାନୀ, ଗଂଜିତା ସାଉଁନ୍ତା, ତୁଳାବତୀ ଦୀସାରିଙ୍କ ଅନେକ ମହିଳା ଉପସ୍ଥିତ ରହି ରାସ୍ତା ନିର୍ମାଣ କରିଛନ୍ତି । ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଦାବି ହେଉଛି ।

# ମଦ ବିକ୍ରିକୁ ନେଇ ମେଣ୍ଟ୍ରିରେ ମହିଳାଙ୍କ ମହାମେଳି

ନନ୍ଦାହାଣ୍ଡି, ୭।୭ (ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ମେଣ୍ଟ୍ରି ଗ୍ରାମରେ ମଦ ବିରୋଧୀ ଅଭିଯାନ ଜୋର ଧରିଛି । ମଦ ବନ୍ଦ ଦାବିରେ ଶହ ଶହ ମହିଳା ମେଳି ହୋଇ ସ୍ଥାନୀୟ ଶିବ ମନ୍ଦିର ପ୍ରାଙ୍ଗଣରେ ବୈଠକ କରିଥିଲେ । ବୈଠକରେ ଆଲୋଚନା ପରେ ମେଳି ହୋଇ ହାତରେ ଲାଠି ଧରି ଗାଁ ପରିକ୍ରମା କରି ଧଣ୍ଡରା ଗ୍ରାମପଞ୍ଚାୟତର ପଥରଲସା ଗ୍ରାମରେ ମଧ ପରିକ୍ରମା କରିଥିଲେ । ବେଆଇନ ମଦ ବନ୍ଦ କରିବାକୁ ସ୍ଲୋଗାନ ଦେବା ସହ ସରକାରଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ । ଆନ୍ଦୋଳନରେ ସାମିଲ ମହିଳାମାନେ କହିଛନ୍ତି ଯେ, ମଦ ଯୋଗୁଁ ଅନେକ ପରିବାର ଉଜୁଡ଼ି ଯାଉଛି । ଘରୋଇ ହିଂସା, ଆର୍ଥିକ ସଙ୍କଟ ଓ ସାମାଜିକ ଅବକ୍ଷୟ ବଢୁଥିବା ବେଳେ ଯୁବପିଢ଼ି ଓ ଛୋଟ ପିଲାମାନେ ମଧ ନିଶା କବଳକୁ ଯାଉଥିବାରୁ ସମାଜ ପାଇଁ ଏହା ଗୁରୁତର ବିପଦ ସୃଷ୍ଟି କରୁଛି । କାର୍ଯ୍ୟକ୍ରମରେ ନବରଙ୍ଗପୁରର "ମାତୃ ଆଶ୍ରୟ ଆଶ୍ରମ'ର ଅଧକ୍ଷା କାଦମ୍ବିନୀ ତ୍ରିପାଠୀ ଯୋଗଦେଇ ମଦ ବନ୍ଦ ପାଇଁ ସରକାରଙ୍କୁ ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଥିଲେ । ସେ କହିଥିଲେ, ଦଳଗତ ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠି ସମସ୍ତେ ମଦ ବିରୋଧୀ ଅଭିଯାନକୁ ସମର୍ଥନ କରିବା ଆବଶ୍ୟକ ବୋଲି କହିଛନ୍ତି । ମେଣ୍ଟ୍ରି ଗ୍ରାମପଞ୍ଚାୟତର ପ୍ରତ୍ୟେକ ଗାଁର ମହିଳା ଏବଂ ଧଣ୍ଡରା ଗ୍ରାମପଞ୍ଚାୟତ ସରପଞ୍ଚ ଚଇତି ଜାନିଙ୍କ ସହିତ ଶତାଧିକ ମହିଳା ଓ ତେନ୍ତୁଳୀଖୁଣ୍ଟି ବ୍ଲକର ପୂଜାରୀଗୁଡା ଗ୍ରାମପଞ୍ଚାୟତ ସଚେତନ ମହିଳାମାନେ ମଧ ଯୋଗ ଦେଇଥିଲେ ।



# ଜିଲ୍ଲାସ୍ତରୀୟ ବନମହୋତ୍ସବ



କୋରାପୁଟ,୭।୭(ସମିସ): କୋରାପୁଟରେ ଜିଲ୍ଲାସ୍ତରୀୟ ବନମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଆଜି ବିଶାଳ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବନବିଭାଗ ପକ୍ଷରୁ ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ନିକଟସ୍ଥ କେଚେଲା ଡଙ୍ଗର ଠାରେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଡଙ୍ଗରକୁ ସୁନ୍ଦର ଓ ସବୁଜ ବନାନୀ କରିବା ନେଇ କୋରାପୁଟ ବନଖଣ୍ଡ ବିଭାଗ ପକ୍ଷରୁ ବନ ମହୋତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଛ ଲଗାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମା'ଙ୍କ ନାମରେ ଗଛଟିଏ ଓ ସୁନ୍ଦର କୋରାପୁଟ ସବୁଜ କୋରାପୁଟର ଆହ୍ୱାନ ଦେଇଥିଲେ । ଏହି ଅବସରରେ କୋରାପୁଟ ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲକା, କୋରାପୁଟ ବନଖଣ୍ଡ ଅଧିକାରୀ ସିଦ୍ଧାର୍ଥ ଜୈନ, ଜୟପୁର ବନଖଣ୍ଡ ଅଧିକାରୀ, ପ୍ରଶାନ୍ତ କୁମାର ପଟେଲ, ସାଂସଦ ପ୍ରତିନିଧି ମନୋଜ କୁମାର ଆଚାର୍ଯ୍ୟ, ବ୍ଲକ ଅଧକ୍ଷା ନମିତା ମାଝୀଙ୍କ ସହ ବନବିଭାଗର ବହୁ ଅଧିକାରୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ସାମ୍ବାଦିକ ଏବଂ ବିଏସଏଫ ଯବାନ ମାନେ ଉପସ୍ଥିତ ରହି ଗଛ ଲଗାଇଥିଲେ । କୋରାପୁଟ ବନପାଳ ଏସକେ ପାହାଡ଼ସିଂ ଏବଂ କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।

● ମାଲକାନଗିରିରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦାବି

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ ନରସିଂହ ମାଡ଼କାମି

ମାଲକାନଗିରି,୭ ।୭ (ସମିସ): ମାଲକାନଗିରି ଜିଲ୍ଲାରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ ଦାବି ନେଇ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି ଦିଲ୍ଲୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ଏକ ଆବେଦନପତ୍ର ପ୍ରଦାନ କରିଛନ୍ତି । ଆଜି ପ୍ରଦାନ କରାଯାଇଥିବା ଏହି ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ଆଦିବାସୀ ପ୍ରଧାନ ଓ ପଛୁଆ ଜିଲ୍ଲା ମାଲକାନଗିରିରେ ଏପର୍ଯ୍ୟନ୍ତ କୌଣସି ରାଜ୍ୟ କିମ୍ବା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନାହିଁ । ଛତିଶଗଡ଼, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶ ସୀମାକୁ ସଂଯୋଗ କରୁଥିବା ଏହି ଜିଲ୍ଲା ଉଚ୍ଚଶିକ୍ଷାର ଏକ ଆଞ୍ଚଳିକ କେନ୍ଦ୍ର ହେବାର ସମ୍ଭାବନା ରଖିଥିବା ସେ କହିଛନ୍ତି । ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଉଚ୍ଚଶିକ୍ଷା ଓ ଗବେଷଣାର ସୁଯୋଗ ପ୍ରଦାନ କରିବା ସହ ଆଦିବାସୀ ଅଧୟନ, ଜୀବବିବିଧତା, ବନବିଜ୍ଞାନ, ପାର୍ବତ୍ୟ କୃଷି ଓ ଔଷଧୀୟ ଉଦ୍ଭିଦ ଭଳି ବିଷୟରେ ବିଶେଷ ପାଠ୍ୟକ୍ରମ ଆରମ୍ଭ କରିପାରିବ ବୋଲି ସେ ମତ ପ୍ରକାଶ କରିଛନ୍ତି । ଏହି ଦାବି ପୂରଣ ହେଲେ ଦକ୍ଷିଣ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବ ବୋଲି ସ୍ଥାନୀୟ ନେତା ଓ ଆଦିବାସୀ ସମାଜ ଆଶା ପ୍ରକାଶ କରିଛନ୍ତି ।



# ବିଭିନ୍ନ ସ୍ଥାନରେ ଏସ୍‌ଡିପିଓଙ୍କ ଚଢ଼ଉ

କୁନ୍ଦୁରା,୭।୭(ସମିସ): ଗତ କିଛି ଦିନ ହେବ କୁନ୍ଦୁରାରେ ତେଜିଛି ମହିଳାଙ୍କ ମଦମୁକ୍ତି ଆନ୍ଦୋଳନ । ଶେଷରେ ନାରୀ ଶକ୍ତି ଆଗରେ ହାର ମାନିଲା ଜିଲ୍ଲା ପ୍ରଶାସନ । ଗତ କାଲି କୁନ୍ଦୁରା ଜିରାଗୁଡା ରାସ୍ତାରେ ଥିବା ବିହାରୀ ଭାଟିକୁ ସିଲ କଲା ପ୍ରଶାସନ । ଏହାପରେ ଏବେ ଆକ୍ସନମୁଡ୍‌ରେ କୁନ୍ଦୁରା ପୁଲିସ । ବେଆଇନ ମଦ କାରବାର ପାଇଁ ଅଣ୍ଟା ଭିଡିଛି ପୁଲିସ ପ୍ରଶାସନ । ଆଜି ଜୟପୁର ଏସଡିପିଓ ଅର୍ଚ୍ଚିତ ମିଥଲଙ୍କ ନେତୃତ୍ୱରେ କୁନ୍ଦୁରାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି । ଲିମା, କୋଟପାଡ଼ ସୀମାନ୍ତ ଅଞ୍ଚଳ ଭାଲୁଗୁଡା ଆଦି ସ୍ଥାନରେ ପୁଲିସ ଟିମର ଚଢ଼ଉ କରାଯାଇଛି । ଏଥିରେ ୫୫୦୦ ଲିଟର ମହୁଲ ପୋଚ ଏବଂ ୧୪୦ ଲିଟର ଦେଶୀ ମଦ ଓ ୪୦ କ୍ୱିଣ୍ଟାଲ ଜାଳେଣି କାଠ ଜବତ କରାଯାଇଛି । ଏହି ଚଢ଼ଉରେ କୁନ୍ଦୁରା ଥାନା ଆଇଆଇସି ଅଶ୍ୱିନୀ ପଟ୍ଟନାୟକ, ସ୍ୱରୂପା ମଲିକ, ପୁରୁଷୋତ୍ତମରାୟ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ଚାରାରୋପଣ ଶୁଭାରମ୍ଭ କଲେ ବିଧାୟକ

ଜୟପୁର, ୭।୭(ସମିସ): କୋରାପୁଟ ଜିଲ୍ଲା ଜୟପୁର ବନଖଣ୍ଡ ପକ୍ଷରୁ ବନମହୋତ୍ସବ ସପ୍ତାହ ଅବସରରେ ଜୟପୁର ବ୍ଲକ ଟାଙ୍କୁଆ ଗ୍ରାମପଞ୍ଚାୟତର ଡୁମୁରିପଦର ଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ଚାରାରୋପଣ କରିଥିଲେ । ଜୟପୁର ଡିଏଫଓ ପ୍ରଶାନ୍ତ ପଟେଲଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ବିଧାୟକ ଶ୍ରୀ ବାହିନୀପତି ଚାରାରୋପଣ କରିବାକୁ ଆହ୍ୱାନ କରିଥିଲେ । ପରିବେଶ ସୁରକ୍ଷା ଓ ଜଳବାୟୁ ସନ୍ତୁଳନ ରକ୍ଷା ଦିଗରେ ଚାରାରୋପଣର ଗୁରୁତ୍ୱ ସମ୍ପର୍କରେ ସେ ଉପସ୍ଥିତ ସମସ୍ତଙ୍କୁ ସଚେତନ କରିଥିଲେ । ଏଥିରେ ସମୁଦାୟ ୨୦ ହେକ୍ଟର ଜମିରେ ଆମ୍ବ, ପଣସ, ଜାମୁକୋଳି, ନିମ୍ବ, ହରଡା ଓ ବାହାଡ ପ୍ରଭୃତି ୩୦ ପ୍ରଜାତିର ଚାରା ରୋପଣ କରାଯାଇଥିଲା । ଏହି ଅବସରରେ ଅନ୍ୟମାନଙ୍କ ମଧରେ ରେଞ୍ଜର ଦେବେନ୍ଦ୍ର ମାଝି. ଫରେଷ୍ଟର ଗୌତମ ସ୍ୱାଇଁ, ପି.ଶ୍ରୀନିବାସ ରାଓ, ସୁଶାନ୍ତ ବଡଜେନା, ବିଧାୟକଙ୍କ ଜୟପୁର ବ୍ଲକ ପ୍ରତିନିଧି ବସନ୍ତ ନାୟକ, ବନ୍ୟ ଜନ୍ତୁ ସୁରକ୍ଷା କର୍ମୀ ରାମନାଥ ସାହୁ, କୃଷ୍ଣ କେଶବ ଷଡଙ୍ଗୀ, ବନସୁରକ୍ଷା ସମିତିର ସଦସ୍ୟ, ବନ ବିଭାଗ କର୍ମଚାରୀ ଏବଂ ଗ୍ରାମବାସୀ ମାନେ ଉପସ୍ଥିତି ଥିଲେ ।




बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୂପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨, ଇ-ମେଲ୍: dzmbbsr@mahabank.co.in

ସୁନା ନିଲାମ ବିଜ୍ଞପ୍ତି

ନିମ୍ନଲିଖିତ ସୁନା ଋଣ ଆକାଉଣ୍ଟ ନିମନ୍ତେ ବ୍ୟାଙ୍କରେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ ସର୍ବସାଧାରଣ ନିଲାମ ମାଧମରେ ବିକ୍ରୟ କରାଯିବ ଯାହାକି **ତା.୧୭.୦୭.୨୦୨୬ରିଖ ଅପରାହ୍ନ ୧.୦୦ ଘଟିକା** ସମୟରେ **ସମ୍ପୃକ୍ତ ଶାଖା ପରିସରରେ** ନିଲାମ କରାଯିବ । ଆଗ୍ରହୀ ପକ୍ଷମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ପ୍ରବନ୍ଧକଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ । ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ବିକ୍ରି ପାଇଁ ଥିବା ସୁନା ଅଳଙ୍କାରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ଏବଂ ନିୟମ ଓ ସର୍ତ୍ତାବଳୀ ପାଇଁ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରନ୍ତୁ । ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ନିଲାମରେ ଅଂଶଗ୍ରହଣ କରିପାରିବେ ।
**ଦ୍ରଷ୍ଟବ୍ୟ: ଏହି ନୋଟିସ୍‌ଟି ଋଣଗ୍ରହୀତାମାନଙ୍କୁ ୭ ଦିନିଆ ଅନ୍ତିମ ପୁନଃସ୍ମରଣ (ରିମାଇଣ୍ଡର) ତଥା ନିଲାମ ନୋଟିସ୍ ଭାବେ ବିଚାର କରାଯିବ ।**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ତା୦୭.୦୭.୨୦୨୬ରିଖ ସୁଦ୍ଧା (ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ ବ୍ୟତିତ) + ଭବିଷ୍ୟତ ସୁଧ | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|---|
| ଅନୁଗୁଳ ଶାଖା (୧୯୯୩), ଶିମିଳିପଡ଼ା ଛକ, ଗାନ୍ଧୀ ଛକ, ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୨୨, ମୋ.: ୯୮୭୪୨୦୨୫୯୦ | | | | |
| ୧. | ନମିତା ପଲାଇ, ସା/ପୋ: ହେମସୁରପଡ଼ା, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ପିନ୍-୭୫୯୧୨୨ / *******୩୦୭୯ | ଟ.୯୬,୨୨୫.୦୦ | ୧୮.୨୦ | ୧୯.୪୮୦ |
| ବାରିପଦା ଶାଖା (୨୦୯୪), ଲାଲ ବଜାର, ୱାର୍ଡ଼ ନଂ. ୧୦, ବାରିପଦା, ଓଡ଼ିଶା, ପିନ୍-୭୫୭୦୦୧, ମୋ.: ୯୦୦୨୪୨୧୩୮୯ | | | | |
| ୧. | ସରସ୍ୱତୀ ବେଶ୍ରା, ସା: ତୁଳସୀଚଉରା, ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୦୧ / *******୬୬୦୧ | ଟ.୧,୮୧,୮୧୪.୦୦ | ୨୪.୦୦ | ୨୭.୩୦ |
| ନବରଙ୍ଗପୁର ଶାଖା (୨୧୮୦), ତଳ ମହଲା, ଏସ୍‌ବିଆଇ ବଜାର ଶାଖା ନିକଟ, ମେନ୍ ରୋଡ୍, ନବରଙ୍ଗପୁର, ପିନ୍-୭୬୪୦୫୯, ମୋ.: ୮୧୧୪୬୧୧୨୪୩ | | | | |
| ୧. | ଶ୍ରୀ ପରେଶ ଭତରା, ତେଲିଆଗୁଡା, ଘୋଡ଼ାଧାନୁଆ, ନବରଙ୍ଗପୁର, ପିନ୍-୭୬୪୦୬୧ / *******୯୧୬୫ | ଟ.୪୧,୭୨୯.୦୦ | ୧୨.୦୦ | ୧୭.୬୪ |
| ୨. | ରାଏସିଂହ ସାନ୍ତା, ରାଣୀସୋଲ, ପାତ୍ରି, ନବରଙ୍ଗପୁର, ପିନ୍-୭୬୪୦୫୯ / *******୧୮୮୯ | ଟ.୨୨,୦୦୦.୦୦ | ୫.୦୦ | ୫.୩୮ |
| ୩. | ଚନ୍ଦ୍ରଧ୍ୱଜ ମାଳି, ମାଳି ସାହି, ଆମ୍ବାଦୋଲା, ନବରଙ୍ଗପୁର, ପିନ୍-୭୬୪୦୬୩ / *******୧୦୧୮ | ଟ.୫୮,୦୦୦.୦୦ | ୧୧.୦୦ | ୧୧.୧୫ |
| ଭଞ୍ଜନଗର ଶାଖା (୨୪୪୬), ବଡ଼କୋଦଣ୍ଡା ସ୍କୋୟାର, ମେନ୍ ରୋଡ୍, ଭଞ୍ଜନଗର, ବାଉଁଶଲୁଣ୍ଡି, ପୋ: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୩୩, ମୋ.: ୮୭୯୦୦୮୯୪୨୭ | | | | |
| ୧. | ଶ୍ରୀ ପ୍ରଦୀପ ଭୂୟାଁ, ଅଡୁଆ ସାହି, ପୋ: ଡିହପଢ଼ାଳ, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୦ / *******୯୨୮୦ | ଟ.୧,୫୯,୦୦୦.୦୦ | ୨୮.୦୦ | ୨୯.୫୦ |
| ୨. | ଶ୍ରୀ ପ୍ରଦୀପ ଭୂୟାଁ, ଅଡୁଆ ସାହି, ପୋ: ଡିହପଢ଼ାଳ, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୦ / *******୯୭୪୧ | ଟ.୪୫,୦୦୦.୦୦ | ୯.୦୦ | ୧୦.୭୭ |
| ମାଲକାନଗିରି ଶାଖା (୨୧୮୮), ମେନ୍ ରୋଡ୍, ନୁଆଗୁଡ଼ା, ଏଫ୍‌ସିଆଇ ଗୋଦାମ ସାମ୍ନା, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ନିକଟ, ପୋ/ଜିଲ୍ଲା: ମାଲକାନଗିରି, ପିନ୍-୭୬୪୦୪୫, ମୋ.: ୯୪୯୩୫୦୯୮୬୫ | | | | |
| ୧. | ଭିକି ଶଗଡିଆ, ଜେଡ୍ ଏ କଲୋନୀ, ଏମ୍‌କେଜି, ମାଲକାନଗିରି, ପିନ୍-୭୬୪୦୪୫ / *******୨୮୪୮ | ଟ.୭୧,୦୧୬.୦୦ | ୧୭.୨୦ | ୧୭.୫୬ |
| ୨. | ଶ୍ରୀ ଜୀବନ ବିଶ୍ୱାସ, ଏମ୍‌ଭି ୨୯, କାମୱାଡ଼ା, ଓରକେଲ, ମାଲକାନଗିରି, ପିନ୍-୭୬୪୦୫୧ / *******୧୮୫୨ | ଟ.୭୪,୭୭୨.୦୦ | ୧୮.୩୦ | ୨୭.୦୪ |
| ଦେବଗଡ଼ ଶାଖା (୨୩୦୫), ପ୍ଲଟ୍ ନଂ.: ୧୨୦୦ (ଅଂଶ), ସାଇ କମ୍ପ୍ଲେକ୍ସ, ପ୍ରାଇଭେଟ୍ ବସ୍ ଷ୍ଟାଣ୍ଡ ନିକଟ, ପୋ/ଥାନା: ଦେବଗଡ଼, ଜିଲ୍ଲା: ଦେବଗଡ଼, ପିନ୍-୭୬୮୧୦୮, ମୋ.: ୯୯୩୭୩୦୪୫୬୫ | | | | |
| ୧. | ଲିଲି ସୁନେଲ, ବଡ଼ମାଣପୁର, ପୋ: ମଧ୍ୟପୁର, ଥାନା: ବାରକୋଟ, ଦେବଗଡ଼ / *******୭୬୭୦ | ଟ.୧,୨୦,୫୦୦.୦୦ | ୨୭.୦୦ | ୩୧.୦୧ |
| ସମ୍ବଲପୁର ଶାଖା (୧୮୨୪), ଶିବଲୋକ କମ୍ପ୍ଲେକ୍ସ, ଗେଇଟୀ ଟକିଜ ରୋଡ୍, ଗୋଲ ବଜାର ନିକଟ, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୧, ମୋ.: ୯୮୩୩୪୧୬୭୧୪ | | | | |
| ୧. | ମିସ୍ ଅନିତା ସିଂହ, ସା: ସାହୁ କଲୋନୀ, ଟ୍ୟାକ୍ସି ଷ୍ଟାଣ୍ଡ, ସଦର, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୧ / *******୭୨୭୭ | ଟ.୫୬,୩୦୨.୦୦ | ୧୪.୦୦ | ୧୫.୦୦ |
| ବ୍ୟାସନଗର ଶାଖା (୨୦୩୫), ରାଧାରାଣୀ ମାର୍ଗ, ବ୍ୟାଙ୍କ ଷ୍ଟ୍ରିଟ୍, ଆଇଡ଼ିଏଫ୍‌ସି ଫାର୍ଷ୍ଟ ବ୍ୟାଙ୍କ ନିକଟ, ଯାଜପୁର ରୋଡ୍, ଯାଜପୁର, ପିନ୍-୭୫୫୦୧୯, ମୋ.: ୮୦୮୦୫୪୬୧୧୬ | | | | |
| ୧. | ପ୍ରକାଶ ଚନ୍ଦ୍ର ସେନାପତି, ପାଟପୁର, ଏଣ୍ଡଳ, ଜେନାପୁର, ଯାଜପୁର, ପିନ୍-୭୫୫୦୨୩ / *******୮୯୯୧ | ଟ.୧୪,୨୪୮.୦୦ | ୪.୨୦ | ୫.୧୦ |

ନିମ୍ନଲିଖିତ ସର୍ତ୍ତାବଳୀ ଅନୁସାରେ କଥିତ ନିଲାମ ସମ୍ପନ୍ନ କରାଯିବ ।
୧) "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ନିଲାମ କରାଯିବ ।
୨) ସଫଳ ନିଲାମଧାରୀ ନିଲାମ ତାରିଖ ପରବର୍ତ୍ତୀ କାର୍ଯ୍ୟଦିବସରେ ସମ୍ପୂର୍ଣ୍ଣ ନିଲାମ ରାଶି ପୈଠ କରିବେ ଏବଂ ନିଜର ସମ୍ପୂର୍ଣ୍ଣ ଦାୟିତ୍ୱରେ ଅଳଙ୍କାରଗୁଡ଼ିକ ନେବେ ଏବଂ କଥିତ ନିଲାମଧାରୀ କୌଣସି କାରଣ ବଶତଃ ବ୍ୟାଙ୍କକୁ ତାହା ଫେରସ୍ତ କରିବେ ନାହିଁ ।
୩) ଆକାଉଣ୍ଟରେ ବନ୍ଧକଥିବା ସମସ୍ତ କିମ୍ବା ଆଂଶିକ ଅଳଙ୍କାରଗୁଡ଼ିକୁ ନିଲାମ କରିବାକୁ ଆବଶ୍ୟକ ମନେକଲେ ତାହା କରିବାକୁ ବ୍ୟାଙ୍କ ଅଧିକାର ସଂରକ୍ଷିତ ରଖିଅଛି କିମ୍ବା ଯେକୌଣସି ସମୟରେ ବିନା ନୋଟିସ୍‌ରେ ନିଲାମ ବନ୍ଦ କରିବାର ଅଧିକାର ଏହାର ସ୍ୱତନ୍ତ୍ର କ୍ଷମତା ବଳରେ ସଂରକ୍ଷିତ ରହିଛି ।
୪) ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ବିଡ୍‌କୁ ଗ୍ରହଣ / ରଦ୍ଦ କରିବାର ସ୍ୱତନ୍ତ୍ର କ୍ଷମତା ରହିଛି ।
୫) ବ୍ୟାଙ୍କର ସୁବିଧା ମୁତାବକ ଯେକୌଣସି ସ୍ତରରେ ଭବିଷ୍ୟତ ତାରିଖକୁ ନିଲାମ ବିକ୍ରୟ ସ୍ଥଗିତ ରଖିବାର ଅଧିକାର ବ୍ୟାଙ୍କର ରହିଛି ଏବଂ କୌଣସି ବ୍ୟକ୍ତି ଏ ବିଷୟରେ କୌଣସି ପ୍ରାକ୍ ନୋଟିସ୍ କିମ୍ବା ସେବାବଦ ଅଧିକାର ଦାବୀ ରଖିବାକୁ ହକ୍‌ଦାର ହେବେ ନାହିଁ ।
୬) ଯଦି ସଫଳ ନିଲାମଧାରୀ ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ ନ କରନ୍ତି ଏବଂ/କିମ୍ବା ତାଙ୍କର କୌଣସି କାରଣ ହେତୁ ନିଲାମ ବିକ୍ରୟ ସ୍ଥଗିତ/ପୁନଃ ନିଲାମ ହୁଏ, ତେବେ ସେ ବ୍ୟାଙ୍କର ତଦୁପଲକ୍ଷେ ହୋଇଥିବା କ୍ଷତିର ପରିମାଣ ଯାହା ତାଙ୍କ ଯୋଗୁ ନିଲାମ ସମାପ୍ତ ହୋଇପାରିନଥିଲା ସେଥି ନିମନ୍ତେ ଦାୟୀ ରହିବେ ।
୭) ବ୍ୟାଙ୍କ ଅଳଙ୍କାର / କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ଏବଂ ନିଲାମ କ୍ରେତା ନିଜ ଦ୍ୱାରା ଅଳଙ୍କାର/ମୁଦ୍ରାଗୁଡ଼ିକର ଶୁଦ୍ଧତା କିମ୍ବା ଓଜନ ତନଖି କରି ନିଶ୍ଚିତ ହେବା ଆବଶ୍ୟକ ଏବଂ ଏ ବିଷୟରେ ନିଲାମ ପରେ କୌଣସି ଦାବୀକୁ ଗ୍ରହଣ କରାଯିବ ନାହିଁ ।
୮) ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶିର ୨୫% ଅମାନତ ରାଶି ରୂପେ ଜମା କରିବେ ।
୯) ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାର ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ଅଳଙ୍କାରକୁ ପୁନଃ ବିକ୍ରୟ କରାଯିବ ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୭.୦୭.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର



## ପାନୀୟ ଜଳ ସମସ୍ୟା

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ସାଇପ୍ରିୟା ଅଞ୍ଚଳବାସୀ



ରାୟଗଡ,୭।୭: ଦୀର୍ଘଦିନ ଧରି ଲାଗି ରହିଥିବା ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ରାୟଗଡ଼ା ସହରର ସାଇପ୍ରିୟା ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ ସମସ୍ୟାର ସମାଧାନ ହୋଇନଥିବା ଅଭିଯୋଗ କରି ସୋମବାର ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ସେମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ଅନୁଯାୟୀ, ସାଇପ୍ରିୟା ଅଞ୍ଚଳରେ ପାନୀୟ ଜଳ ସଙ୍କଟ ନେଇ ପ୍ରଥମେ ୧୬ ଡିସେମ୍ବର ୨୦୨୪ରେ ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରାଯାଇଥିଲା । ଦୀର୍ଘ ସମୟ ବିତିଯାଇଥିଲେ ମଧ ସମସ୍ୟାର ସମାଧାନ ନ ହେବାରୁ ପୁନର୍ବାର ୨୭ ଫେବୃଆରୀ ୨୦୨୬ରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲା । ତେବେ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଅଞ୍ଚଳର କିଛି ରାସ୍ତା କୋତାପେଟା ପଞ୍ଚାୟତ, ହଲୁଆ ପଞ୍ଚାୟତ ଓ ରାୟଗଡ ପୌରପରିଷଦ ଅଧୀନରେ ଥିବା ଦର୍ଶାଇ ଦାୟିତ୍ୱ ଏଡ଼ାଇ ଦିଆଯାଇଥିବା ଅଭିଯୋଗ ହୋଇଛି । ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ପଞ୍ଚାୟତ ଅଧୀନର ଏକ ରାସ୍ତାରେ ପାନୀୟ ଜଳ ସଂଯୋଗ ଦିଆଯାଇଥିବା ବେଳେ ଅନ୍ୟ ରାସ୍ତାଗୁଡ଼ିକୁ ବଞ୍ଚିତ ରଖାଯାଇଛି । ଏହାକୁ ନେଇ ପ୍ରଶ୍ନ ଉଠାଇଥିଲେ ମଧ ସମ୍ପୃକ୍ତ ଅଧିକାରୀ ସନ୍ତୋଷଜନକ ଉତ୍ତର ଦେଇନଥିବା ସେମାନେ ଅଭିଯୋଗ କରିଛନ୍ତି । ସରକାରଙ୍କ "ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ' ଲକ୍ଷ୍ୟ ଥିବା ସତ୍ତ୍ୱେ ପଞ୍ଚାୟତ ଓ ପୌରପରିଷଦ ସୀମାକୁ ଆଧାର କରି ବୈଷମ୍ୟ କରାଯିବା ଅନୁଚିତ ବୋଲି ଅଞ୍ଚଳବାସୀ କହିଛନ୍ତି । ପାନୀୟ ଜଳ ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର ହୋଇଥିବାରୁ ଜିଲ୍ଲା ପ୍ରଶାସନ ଏହି ଘଟଣାରେ ହସ୍ତକ୍ଷେପ କରି ତୁରନ୍ତ ତଦନ୍ତ ସହ ସ୍ଥାୟୀ ସମାଧାନ କରିବାକୁ ଦାବି କରିଛନ୍ତି ।

# କଟକ ସିଟି



# ତେଜିଲା ମା' ହସ୍ତୀବାହିନୀଙ୍କ ବିଜେସ୍ଥଳୀ ପରିବର୍ତ୍ତନ ବିବାଦ



**କଟକ,୭।୭(ସମିସ)**

କଟକ ଗଡିରାଉତ ପାଟଣାର ଅଧିଷ୍ଠାତ୍ରୀ ଦେବୀ ମା' ହସ୍ତୀବାହିନୀଙ୍କ ବିଜେସ୍ଥଳୀ ପରିବର୍ତ୍ତନ ନେଇ ବିବାଦ ତେଜିବାରେ ଲାଗିଛି। ଗ୍ରାମସଭାରେ ଲୋକେ ଦେବୋତ୍ତର ବିଭାଗର ହସ୍ତକ୍ଷେପକୁ ବିରୋଧ କରିବା ସହ ଅନ୍ୟତ୍ର ନୂଆ ମନ୍ଦିର କରି ଠାକୁରାଣୀଙ୍କୁ ସ୍ଥାପନ କରିବାକୁ ବିରୋଧ କରିଛନ୍ତି। ଏହି ଅଣପାରମ୍ପରିକ ନିଷ୍ପତ୍ତି ପରିବର୍ତ୍ତନ ପାଇଁ ଗ୍ରାମବାସୀ ଦେବୋତ୍ତର ଭବନରେ ଦରଖାସ୍ତ ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, କଟକ ତହସିଲ, ମୌଜା-ଗଡ଼େଇ ଗଡିରାଉତ ପାଟଣା, ଖାତା ନମ୍ବର-୫୦୯, ପ୍ଲଟ ନଂ-୧୫୫୯ରେ ହସ୍ତୀବାହିନୀ ଠାକୁରାଣୀଙ୍କ ବିଜେସ୍ଥଳୀ। ତହସିଲ ରେକର୍ଡରେ ଏହାର କିସମ ଦେବସ୍ଥଳୀ ଭାବେ ଉଲ୍ଲେଖ ରହିଥିବା ବେଳେ ଏହାର ମାର୍ଫତରେ ଖୋଦ ଦେବୋତ୍ତର କମିସନର ଅଛନ୍ତି ଏବଂ ପରିଚାଳନା ପାଇଁ ଟ୍ରଷ୍ଟ ବୋର୍ଡ ମଧ୍ୟ ଗଠନ କରାଯାଇଛି। ତେବେ ଟ୍ରଷ୍ଟ ବୋର୍ଡର କାର୍ଯ୍ୟକାଳ ଚଳିତ ବର୍ଷ ଜୁନ୍ ମାସ ୧୭ ତାରିଖରେ ଶେଷ ହୋଇଥିବା ବେଳେ ଟ୍ରଷ୍ଟ ବୋର୍ଡର କାର୍ଯ୍ୟକାଳ ସରିବାର କିଛି ଦିନ ପୂର୍ବରୁ ସଦସ୍ୟମାନେ ମନ୍ଦିର ଅନ୍ୟତ୍ର ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ଯାହାକି ଦେବୋତ୍ତର ଆଇନସିଦ୍ଧ ନୁହେଁ। ତଥାପି ଏହି ନିଷ୍ପତ୍ତିକୁ ଦେବୋତ୍ତର କର୍ତ୍ତୃପକ୍ଷ ମଞ୍ଜୁର କରିଦେଇଥିବାରୁ ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଠାକୁରାଣୀଙ୍କ ନୂଆ ମନ୍ଦିର ଠାକୁରାଣୀଙ୍କ ବିଜେସ୍ଥଳୀରେ ନହୋଇ ଅନ୍ୟତ୍ର ଏକ ଘରବାରି କିସମ ଜମିରେ କରିବା କାହାର ସ୍ୱାର୍ଥ ବୋଲି ଗ୍ରାମସଭାରେ ପ୍ରଶ୍ନ ଉଠିବା ସହ ବିଜେସ୍ଥଳୀ ପରିବର୍ତ୍ତନକୁ ହାଟାଇବାକୁ ଦାବି ହୋଇଛି। ଗ୍ରାମବାସୀ କହିଛନ୍ତି ଯେ ଠାକୁରାଣୀଙ୍କ ବିଜେସ୍ଥଳୀକୁ ବେଆଇନ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଏକଚାଟିଆ ନିଷ୍ପତ୍ତି ହୋଇଛି। ଏହା ବେଆଇନ ବୋଲି ସେମାନେ ଦର୍ଶାଇବା ସହ ବିଜେସ୍ଥଳୀ ପରିବର୍ତ୍ତନ ହେଲେ ଗାଁ ପାଇଁ ଶୁଭଙ୍କର ହେବ ନାହିଁ। ଆଗାମୀ ଦିନରେ ଗାଁ ପାଇଁ କୌଣସି ବିପଦକୁ ମଧ୍ୟ ଏଡ଼ାଇ ଦିଆଯାଇ ନପାରେ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ବିବାଦ ସମ୍ପର୍କରେ ଦେବୋତ୍ତର ସହକାରୀ ଆୟୁକ୍ତ ରୋହିତ ରଞ୍ଜନ ମିଶ୍ର କହିଛନ୍ତି, ଠାକୁରାଣୀଙ୍କ ପୀଠ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବେଳେ ବର୍ଷାରେ ପୀଠରେ ପାଣି ଗଳୁଛି। ପୀଠର ମରାମତି କରିବା ଅସମ୍ଭବ ହୋଇଥିବାରୁ ନିକଟସ୍ଥ ଜମିରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଇ ଠାକୁରାଣୀଙ୍କୁ ପ୍ରତିଷ୍ଠା କରାଯିବ। ସେହିପରି ବରିଷ୍ଠ ଦେବୋତ୍ତର ଆଇନଜୀବୀ ରବି ରାଉତରାୟ କହିଛନ୍ତି, ହସ୍ତୀବାହିହୀଙ୍କ ବିଜେସ୍ଥଳୀ ସୁରକ୍ଷିତ ଥିବାରୁ ବିଜେସ୍ଥଳୀ ଅନ୍ୟତ୍ର ପରିବର୍ତ୍ତନ ନକରି କିଛିଦିନ ପାଇଁ ବିଧି ଅନୁଯାୟୀ ଠାକୁରାଣୀଙ୍କୁ ସ୍ଥାନାନ୍ତରିତ କରାଯାଇ ବିଜେସ୍ଥଳୀରେ ମନ୍ଦିର ନିର୍ମାଣ କରି ଠାକୁରାଣୀଙ୍କୁ ବିଜେ କରାଯାଇପାରିବ।

**ଦେବୋତ୍ତର ହସ୍ତକ୍ଷେପକୁ ଶତାଧିକ ଗ୍ରାମବାସୀଙ୍କ ଅଭିଯୋଗ**

**ବିଜେସ୍ଥଳୀ ବଦଳିଲେ ଗାଁ ଉପରେ ମାଡ଼ିବସିବ ବିପଦ**

## ଚିକିଟି ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନରେ ଅନ୍ତରୀଣ ସ୍ଥଗିତାଦେଶ

**କଟକ,୭।୭(ସମିସ):** ଗଞ୍ଜାମ ଜିଲ୍ଲା ଚିକିଟି ପଞ୍ଚାୟତସମିତିର ଅଧ୍ୟକ୍ଷ ପଦ ପୂରଣ ପାଇଁ ନିର୍ବାଚନ ଉପରେ ହାଇକୋର୍ଟ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଛନ୍ତି। ଆସନ୍ତା ଜୁଲାଇ ୮ ତାରିଖ ପୂର୍ବାହ୍ନ ୧୦ଟାରେ ଚିକିଟି ପଞ୍ଚାୟତସମିତି କାର୍ଯ୍ୟାଳୟରେ ଏହି ନିର୍ବାଚନ ହେବାର ଥିଲା, ଯାହାକୁ ହାଇକୋର୍ଟ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଷୟ କୁମାର ସେଠୀ, ଇପାରି ସୀମାଞ୍ଚଳ ଓ ମୋହନ ସାହୁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଭି. ନରସିଂହ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୧୨ରେ ଅନୁଷ୍ଠିତ ହେବ। ଏହି ମାମଲାରେ ରାଜ୍ୟ ସରକାର ଓ ଅନ୍ୟ ପ୍ରତିପକ୍ଷଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ମାମଲାରୁ ପ୍ରକାଶ ଯେ ଚିକିଟି ପଞ୍ଚାୟତସମିତିର ପୂର୍ବତନ ଅଧ୍ୟକ୍ଷଙ୍କ ବିୟୋଗ ପରେ ଏହି ପଦ ଖାଲି ପଡ଼ିଥିଲା। ଏହାକୁ ପୂରଣ କରିବା ପାଇଁ ଗତ ଜୁନ ୩୦ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପଞ୍ଚାୟତସମିତି ସଭ୍ୟ ପଦ ଖାଲି ଥିବା ସତ୍ତ୍ୱେ କେବଳ ଅଧ୍ୟକ୍ଷ ପଦ ପୂରଣ ପାଇଁ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ କରିବା ଆଇନଗତ ଭାବେ ତ୍ରୁଟିପୂର୍ଣ୍ଣ। ଏହା ଓଡ଼ିଶା ପଞ୍ଚାୟତ ସମିତି ନିର୍ବାଚନ ନିୟମାବଳୀ, ୧୯୯୧ର ନିୟମ ୪୬କୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରୁଛି ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ୧୯୯୧ ନିୟମାବଳୀର ଧାରା ୪୬ ଓ ପୂର୍ବର ଏକ ରାୟକୁ ଆଧାର କରି କୋର୍ଟ ଏହି ନିର୍ବାଚନ ପ୍ରକ୍ରିୟା ଉପରେ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଛନ୍ତି।

### ରେଳ କର୍ମଚାରୀଙ୍କୁ ବାଧ୍ୟତାମୂଳକ ଅବସର ମାମଲା

## ଆଦେଶ ରଦ୍ଦ କଲେ ହାଇକୋର୍ଟ

**କଟକ,୭।୭(ସମିସ):** କେବଳ କର୍ମଚାରୀଙ୍କ ଛୁଟି ମଞ୍ଜୁର ହୋଇନାହିଁ ବୋଲି ତାଙ୍କ ଅନୁପସ୍ଥିତିକୁ ଉଦ୍ଦେଶ୍ୟମୂଳକ ବା ସ୍ୱେଚ୍ଛାକୃତ ବୋଲି ଧରିନିଆଯାଇପାରିବ ନାହିଁ। ଅନୁପସ୍ଥିତି ପଛରେ ଥିବା ବାଧ୍ୟତାମୂଳକ ପରିସ୍ଥିତିକୁ ଅନୁସନ୍ଧାନ କରିବା ଆବଶ୍ୟକ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଛୁଟି ମଞ୍ଜୁର ନ ହେବା ଏବଂ ସ୍ୱେଚ୍ଛାକୃତ ଅନୁପସ୍ଥିତି ଦୁଇଟି ସମାନ କଥା ନୁହେଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏଥିସହ ଜଣେ ଶାରୀରିକ ଅକ୍ଷମ ରେଳବାଇ କର୍ମଚାରୀଙ୍କୁ ଦିଆଯାଇଥିବା ବାଧ୍ୟତାମୂଳକ ଅବସର ଦଣ୍ଡାଦେଶକୁ ରଦ୍ଦ କରିଦେଇଛନ୍ତି ହାଇକୋର୍ଟ। ଜୟଚନ୍ଦ୍ର ମିଶ୍ରଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିବା ସହ ଆବେଦନକାରୀଙ୍କ ସପକ୍ଷରେ ରାୟ ପ୍ରକାଶ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଜୟଚନ୍ଦ୍ର ମିଶ୍ର ୧୯୮୪ ମସିହାରେ ଦକ୍ଷିଣ ପୂର୍ବ ରେଳବାଇରେ ସହକାରୀ ଷ୍ଟେସନ ମାଷ୍ଟର ଭାବେ ଯୋଗ ଦେଇଥିଲେ। ଚାକିରି କାଳ ମଧ୍ୟରେ ୧୯୯୯ ମସିହାରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ସେ ନିଜର ଡାହାଣ ଗୋଡ଼ ହରାଇଥିଲେ ଓ ପରେ ତାଙ୍କୁ ସମ୍ବଲପୁରରେ ମୁଖ୍ୟ କାର୍ଯ୍ୟାଳୟ ଅଧୀକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିଲା। ୨୦୦୯ ମସିହାରେ ନିଜର ବୃଦ୍ଧା ମାତାଙ୍କ ଅସୁସ୍ଥତା କାରଣରୁ ସେ ପ୍ରାୟ ୨୨ଦିନ ଚାକିରିରୁ ଅନୁପସ୍ଥିତ ଥିଲେ। କର୍ତ୍ତୃପକ୍ଷ ତାଙ୍କର ଏହି ଛୁଟି ମଞ୍ଜୁର ନ କରି, ଏହାକୁ "ଅନଧିକୃତ ଅନୁପସ୍ଥିତି' ଦର୍ଶାଇ ପ୍ରଥମେ ଚାକିରିରୁ ନିଲମ୍ବନ ଏବଂ ପରେ ବାଧ୍ୟତାମୂଳକ ଅବସରଦେଇଥିଲେ। ଏହା ବିରୋଧରେ ଶ୍ରୀ ମିଶ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ୮ ଚୋରି ମୋବାଇଲ ଫେରାଇଲା ପୁଲିସ




**କଟକ,୭।୭(ସମିସ):** ମାଲଗୋଦାମ ଥାନା ପୁଲିସ ୮ଟି ମୋବାଇଲକୁ ଜବତ କରି ଫୋନ୍ ମାଲିକଙ୍କୁ ଫେରାଇଛି। କିଛିମାସ ପୂର୍ବର ଏହି ଥାନା ଅଞ୍ଚଳରୁ ବହୁ ମୋବାଇଲ ଚୋରି ଓ ଲୁଟ ହେବାନେଇ ଅଭିଯୋଗ ହୋଇଥିଲା। ତଦ୍‌ନୁଯାୟୀ ପୁଲିସ ମାମଲା ରୁଜୁକରିବା ସହିତ ଉକ୍ତ ମୋବାଇଲଗୁଡିକୁ ଟ୍ରାକିଂ ରଖିଥିଲା। ତଦ୍‌ନୁଯାୟୀ ୮ଟି ମୋବାଇଲ ପୁର୍ନବାର ଅନ୍ ହେବା ସହିତ କାର୍ଯ୍ୟକ୍ଷମ ଥିବା ଜଣାପଡିଥିଲା। ଏହାପରେ ସ୍ଥାନୀୟ ପୁଲିସ ସହାୟତାରେ ଉକ୍ତ ମୋବାଇଲଗୁଡିକୁ ଉଦ୍ଧାର କରାଯାଇଥିଲା। ଆଜି ଉକ୍ତ ୮ ମୋବାଇଲକୁ ପ୍ରକୃତ ହିତାଧିକାରୀଙ୍କୁ ଫେରାଇ ଦିଆଯାଇଥିବା ଥାନାଧିକାରୀ ଦୀପକକୁମାର ଖଣ୍ଡାୟତରାୟ ସୂଚନା ଦେଇଛନ୍ତି।

## ରାଜେନ୍ଦ୍ର ପ୍ରସାଦ ସିଂହ ସ୍ମାରକୀ ଟ୍ରଷ୍ଟ ଗଠନ

**କଟକ,୭।୭(ସମିସ):** ବିଶିଷ୍ଟ ଶ୍ରମିକ ନେତା ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ସିଂହଙ୍କ ଚତୁର୍ଥ ବାର୍ଷିକୀ ସ୍ମୃତିସଭା ଆସନ୍ତା ଜୁଲାଇ ୨୬ରେ କଟକର ଶାରଳା ଭବନରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଏକ ରାଜେନ୍ଦ୍ର ପ୍ରସାଦ ସିଂହ ସ୍ମୃତି ସଂସଦକୁ ଏକ ନ୍ୟାସ (ଟ୍ରଷ୍ଟ)ରେ ପରିଣତ କରିବା ପାଇଁ ବସୁନ୍ଧରାଠାରେ ସ୍ମୃତି ସଂସଦର ଏକ ସଭା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟରେ ସଭାପତି ରୂପେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ମ୍ୟାନେଜିଂ ଟ୍ରଷ୍ଟି ଓ ସମ୍ପାଦକ ଭାବେ ଡ଼ାକ୍ତର ରବିରଂଜନ ସାହୁ, ଉପସଭାପତି ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ ଏବଂ କୋଷାଧ୍ୟକ୍ଷ ଭାବେ କୈଳାଶଚନ୍ଦ୍ର ପତି ଚୟନ ହୋଇଛନ୍ତି। ସ୍ମୃତି ଦିବସ ଅବସରରେ ଦୁଇ ଜଣ ବିଶିଷ୍ଟ ଶ୍ରମିକ ନେତା ଏବଂ କଟକର ସଫେଇ କର୍ମଚାରୀ ନେତା ଏବଂ କଟକ ଜିଲ୍ଲାରେ ଗତ ମାଧ୍ୟମିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରଥମ, ଦ୍ୱିତୀୟ ଓ ତୃତୀୟ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବାର ନିଷ୍ପତ୍ତି ହୋଇଛି। ସଭାରେ ସଂପାଦକ କିଶୋର ଜେନା ବିବରଣୀ ଉପସ୍ଥାପନ କରିଥିଲେ। ଟ୍ରଷ୍ଟ ବୋଡର୍‌ର ସଦସ୍ୟ ଏବଂ ଉପଦେଷ୍ଟା ପରିଷଦର ସଦସ୍ୟ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ଡ଼. ସତ୍ୟ ରାୟ, ବିଜୟ କୁମାର ରାଉତରାୟ, କ୍ଷୀରୋଦ ରାଉତ, ଶୈଳ ବେହେରା, ନଳିନୀପ୍ରଭା ସିଂ, ଭ୍ରମରବର ସାହୁ, ଅଶୋକ ତା, ପ୍ରମୋଦ ନାୟକ, ଉମେଶ ନାୟକ, ରତ୍ନାକର ମୁଖୀ, ଅଜୟ ରାଉତ, ବିଜୟ ବେହେରା, ସୋ÷ମ୍ୟରଂଜନ ପଟ୍ଟନାୟକ ଭାଗ ନେଇଥିଲେ।

## କଟକ କଲେଜ ରେଡ୍‌କ୍ରସ୍ ପକ୍ଷରୁ ବନ ମହୋତ୍ସବ




**କଟକ, ୭।୭(ସମିସ):** କଟକ କଲେଜ ରେଡ୍‌କ୍ରସ୍ ୟୁନିଟ୍ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଚାରା ରୋପଣ କାର୍ଯ୍ୟକ୍ରମକୁ କଲେଜ ଅଧ୍ୟକ୍ଷା ଡକ୍ଟର ରୁନୁବାଳା ମହାରଣା ଉଦ୍‌ଘାଟନ କରିବା ସହ ପର୍ଯ୍ୟାପ୍ତ ଚାରା ରୋପଣ ବର୍ତ୍ତମାନ ସମୟର ଆହ୍ୱାନ ବୋଲି ମତବ୍ୟକ୍ତ କରିଥିଲେ। ଆତ୍ମନିର୍ଭର ଭାରତ ସଂଯୋଜକ ଅଧ୍ୟାପକ ଡକ୍ଟର ଦେବେନ୍ଦ୍ର କୁମାର ଓଝା,ରେଡ୍ କ୍ରସ୍ ଅଫିସର ତଥା ରେଡ୍ ରିବନ୍ ସଂଯୋଜକ ଅଧ୍ୟାପକ କୁମାର ପ୍ରଦୀପ୍ତ ମିଶ୍ର, ଏନ୍‌ସିସି ଅଫିସର ଅଧ୍ୟାପିକା ପ୍ରିୟଦର୍ଶିନୀ ଡାକୁଆ, ଏନ୍‌ଏସ୍‌ଏସ୍ ଅଫିସର ଅଧ୍ୟାପିକା ନମ୍ରତା ନାୟକ, ଅଧ୍ୟାପକ ମଣ୍ଟୁ ଜେନା ଓ ଅଧ୍ୟାପକ ଗୋବିନ୍ଦଚନ୍ଦ୍ର ପୂର୍ତ୍ତିଙ୍କ ତତ୍ତ୍ୱାବଧାନରେ ୟୁନିଟ୍ ବିଦ୍ୟାର୍ଥୀମାନେ କଲେଜର ଆଭ୍ୟନ୍ତରୀଣ ପରିସର ଓ ବାହ୍ୟ ଅଞ୍ଚଳରେ ଚାରା ରୋପଣ କରିଥିଲେ। ରେଡ୍‌କ୍ରସ୍ ଟିମ୍ ପକ୍ଷରୁ ସ୍ନେହା ମହାନ୍ତି ଓ ରଶ୍ମୀ ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ରେଳ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ନ୍ୟାୟ

## ଦୁର୍ଘଟଣା ତାରିଖରୁ କ୍ଷତିପୂରଣ ରାଶି ଉପରେ ସୁଧ ପ୍ରଦାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୭।୭(ସମିସ):** ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ହାଇକୋର୍ଟରୁ ନ୍ୟାୟ ମିଳିଛି। ଦୁର୍ଘଟଣା ତାରିଖରୁ କ୍ଷତିପୂରଣ ରାଶି ପ୍ରଦାନ ପର୍ଯ୍ୟନ୍ତ ଅବଧି ପାଇଁ ରେଲୱେ କ୍ଲେମ୍ସ ଟ୍ରିବ୍ୟୁନାଲଙ୍କ ଦ୍ୱାରା ଧାର୍ଯ୍ୟ ବାର୍ଷିକ ସୁଧ ହାରରେ ପୀଡିତ ପରିବାର ଅର୍ଥ ପାଇବା ପାଇଁ ହକଦାର ବୋଲି ମାମଲାର ଶୁଣାଣି କରି ଜଷ୍ଟିସ ବି.ପି.ରାଉତରାୟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପୀଡିତ ପରିବାରକୁ ୮ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ବାର୍ଷିକ ୯ ପ୍ରତିଶତ ସୁଧ ସହିତ ପ୍ରଦାନ ପାଇଁ କେନ୍ଦ୍ର ସରକାରଙ୍କୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ସାକ୍ଷୀ ହାଜିରା ତାରିଖ (୨୦୨୫, ଜୁଲାଇ ୨୪)ରୁ କ୍ଷତିପୂରଣ ରାଶି ପ୍ରଦାନ ପର୍ଯ୍ୟନ୍ତ ଅବଧି ପାଇଁ ୯ପ୍ରତିଶତ ସୁଧ ପ୍ରଦାନ କରାଯିବ ବୋଲି ଟ୍ରିବ୍ୟୁନାଲ ଗତ ୨୦୨୫, ସେପ୍ଟେମ୍ବର ୧୯ର ରାୟ ଦେଇଥିଲେ। ରାୟରେ ଉଲ୍ଲେଖ ସୁଧ ହିସାବ ତାରିଖକୁ ଚାଲେଞ୍ଜ କରି ହାଇକୋର୍ଟରେ ପୀଡିତ ପରିବାର ତରଫରୁ ଏହି ମାମଲା ଦାୟର କରାଯାଇଥିଲା। ଟ୍ରିବ୍ୟୁନାଲଙ୍କ ରାୟରେ ହାଇକୋର୍ଟ ପରିବର୍ତ୍ତନ କରି କ୍ଷତିପୂରଣ ରାଶି ଉପରେ ଦୁର୍ଘଟଣା ତାରିଖ ୨୦୨୪, ଅଗଷ୍ଟ ୨୮ରୁ ସୁଧ ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଭୁବନେଶ୍ୱର-ପୁଡୁଚେରି ସୁପରଫାଷ୍ଟ ଟ୍ରେନରେ ଭୁବନେଶ୍ୱରରୁ ଚେନ୍ନାଇ ଅଭିମୁଖେ ବୈଧ ଟିକେଟରେ ରାଧାଶ୍ୟାମ ବିନ୍ଧାଣି ଯାତ୍ରା କରୁଥିବା ବେଳେ ୨୦୨୪, ଅଗଷ୍ଟ ୨୮ରେ ଟ୍ରେନରୁ ଖସି ପଡି ମୃତ୍ୟୁ ହୋଇଥିଲା।

## ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନରେ 'ମେଘମହ୍ଲାର'

**କଟକ,୭।୭(ସମିସ):** ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ ଓ ଅସୀମ ଅଖଣ୍ଡ କ୍ରିଏଟିଭ ଫାଉଣ୍ଡେସନର ମିଳିତ ଉଦ୍ୟମରେ ମେଘ ମହ୍ଲାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ସତ୍ୟନାରାୟଣ ପଣ୍ଡାଙ୍କ ପୌରୋହିତ୍ୟରେ ତଥା ଫାଉଣ୍ଡେସନ ସଭାପତି ଭାସ୍କର୍ଯ୍ୟ ଶିଳ୍ପୀ ରବି ରଥଙ୍କ ତତ୍ତ୍ୱାବଧାନରେ ସଞ୍ଚାଳିତ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରଥିଲେ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଅରୁଣ କୁମାର ପରିଚ୍ଛା। କାର୍ଯ୍ୟକ୍ରମରେ ଶିଳ୍ପୀମାନେ ଛତା ଉପରେ ବିଭିନ୍ନ ପ୍ରକାରର ଚିତ୍ର ଆଙ୍କି ପ୍ରଦର୍ଶିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସଂଗୀତ ନିର୍ଦ୍ଦେଶକ ବିକାଶ ଦାସ, ଶରତ ନାୟକ, ଓମପ୍ରକାଶ ମହାନ୍ତି ଯୋଗ ଦେବା ସହ ସଂଗୀତ ପରିବେଷଣ କରିଥିଲେ। ଏସିପି କୃଷ୍ଣଚନ୍ଦ୍ର ସେଠୀ ବର୍ଷା ଉପରେ ଅକ୍ଷୟ ମହାନ୍ତିଙ୍କ ଗୀତ ବୋଲିଥିଲେ। ପ୍ରଫେସର ଅକ୍ଷୟ ଦାସ, ଆଇନଜୀବୀ ଗୌତମ ସିଦ୍ଧକି, କୈଳାସ ଶତପଥୀ, ସିନେ ନିର୍ଦ୍ଦେଶକ ବସନ୍ତ ସାହୁ, ବିଜୟ ମଲ୍ଲ, ଅରୁଣ ମନ୍ତ୍ରୀ ଯୋଗ ଦେଇଥିଲେ। ଚିତ୍ରଶିଳ୍ପୀ ପ୍ରବୋଧ କୁମାର ସାହୁ, ମମତା ସାମନ୍ତରାୟ, ଶୁଭ୍ରା ରାୟ, ନମିତା ସାହୁ, ଦୀପକ ବିଶ୍ୱାଳ, ମନୋଜ କୁମାର ପାଣି, ତେଜସ୍ୱିନୀ ସାମନ୍ତସିଂହାର, ଦୀପ୍ତିମୟୀ ଯୋଗଦେଇଥିବା ବେଳେ ବିନୋଦିନୀ ସାହୁ ସଂଗୀତ ଗାନ କରିଥିଲେ। ସହକାରୀ ପ୍ରଫେସର ହେମନ୍ତ ମଲ୍ଲିକ ବର୍ଷା ସଂଗୀତ ଗାନ କରିବା ପରେ ପ୍ରିୟଙ୍କା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ରଶ୍ମିରଞ୍ଜନ କବିତା ପାଠ କରିଥିବା ବେଳେ ପ୍ରଜ୍ଞା ପ୍ରତିଭା ନାଥ ସହଯୋଗ କରିଥିଲେ।



## ଯୁବକଙ୍କ ଆତ୍ମହତ୍ୟା; ପୁଲିସର ତନାଘନା

**କଟକ,୭।୭(ସମିସ):** ୪୨ ମୌଜା ଥାନା ଅନ୍ତର୍ଗତ ଦଧିବାମନପୁର ଗ୍ରାମରେ ଜଣେ ଯୁବକ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକଜଣକ ହେଲା ଦୀନକୃଷ୍ଣ ମହାରଣାଙ୍କ ପୁତ୍ର ଦିପୁନା ମହାରଣା(୧୯)। ପୁଲିସ ଶବକୁ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମିଳିଥିବା ସୂଚନା ଅନୁଯାୟୀଙ୍କ ଦୀପୁନାଙ୍କ ପ୍ରକୃତ ଘର ଚଣ୍ଡିଖୋଲ ରାଧାଦେଇପୁରରେ ହୋଇଥିବା ବେଳେ ସେ ତାଙ୍କ ବଡ଼ଭାଇ ଓ ମା'ଙ୍କ ସହିତ ୪୨ମୌଜା ଦଧିବାମନପୁର ଗ୍ରାମରେ ଭଡ଼ାନେଇ ରହୁଥିଲେ। ସେ ସ୍ଥାନୀୟ ଶ୍ରୀରାମଗ୍ରାମରେ ଥିବା ଏକ ୯୯ଟଙ୍କିଆ ଷ୍ଟୋରରେ କାର୍ଯ୍ୟ କରନ୍ତି। ସେ ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟରେ ଷ୍ଟୋରକୁ ଆସିବା ସହିତ ସୁଚାରୁରୂପେ କାର୍ଯ୍ୟ ତୁଲାଇଥାନ୍ତି। ତେବେ ଗତ କିଛିଦିନ ହେଲା ଦୀପୁନା କୌଣସି ଏକ ଘଟଣାକୁ ନେଇ ଘରଲୋକ କିମ୍ବା ଷ୍ଟୋରର ସହକର୍ମୀଙ୍କ ସହିତ ସେତେଟା କଥାବାର୍ତ୍ତା ହେଉ ନଥିଲା। ଗତକାଲି ରାତିରେ ଭାଇ ଓ ମା' ସହିତ ଦୀପୁନା ଖାଇଥିଲା। ଏହାପରେ ସମସ୍ତେ ଶୋଇବା ଲାଗି ଚାଲିଯାଇଥିଲା। ଆଜି ସକାଳେ ଦୀପୁନା ତା' ପ୍ରକୋଷ୍ଠରୁ ବାହାରକୁ ବାହାରି ନଥିଲା। ଏଣୁ ତା'ର ମା କବାଟ ବାଡ଼େଇ ତାକୁ ଡାକିଥିଲେ, ହେଲେ ଭିତରୁ କୌଣସି ଉତ୍ତର ମିଳି ନଥିଲା। ଏଣୁ ସେ ସନ୍ଦେହକରି ସଂଗେ ସଂଗେ ବଡ଼ପୁଅ ଓ ପଡ଼ୋଶୀଙ୍କ ଡାକ ପକାଇଥିଲେ। ସେମାନେ ଆସି ପହଞ୍ଚିବା ପରେ କବାଟ ଭଙ୍ଗାଯିବାରୁ ଝୁଲନ୍ତା ଅବସ୍ଥାରେ ତା'ର ଶବ ଦେଖିବାକୁ ପାଇଥିଲେ। ଖବର ପାଇ ୪୨ ମୌଜା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତକରି ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇଥିଲା। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହିତ ତଦନ୍ତର ପ୍ରାଥମିକ ପର୍ଯ୍ୟାୟରେ ସେ କାର୍ଯ୍ୟ କରୁଥିବା ଷ୍ଟୋରର କର୍ମଚାରୀ ସହିତ ଘରଲୋକ ଓ କିଛି ପଡ଼ୋଶୀଙ୍କ ପଚରାଉଚରା କରାଯାଇଥିବା ଥାନାଧିକାରୀ ହେମନ୍ତକୁମାର ସେଠୀ ସୂଚନା ଦେଇଛନ୍ତି।

### ଜିଲ୍ଲାରେ ଖରିଫ ଚାଷ ପାଇଁ ସାର ସଂକଟ !

## ହେକ୍ଟର ପ୍ରତି ରାସାୟନିକ ସାର ବ୍ୟବହାର ୧୦୦ କିଲୋ ଟପିଲାଣି

**କଟକ,୭।୭(ସମିସ)**



ଜିଲ୍ଲାକୁ ଏବେ ସୁଦ୍ଧା ସାର ଯୋଗାଣ ସ୍ୱାଭାବିକ ହୋଇ ନଥିବା ବେଳେ ଚାଷୀକୁଳ ଖରିଫ ଚାଷ ପାଇଁ ଚିନ୍ତାରେ ପଡିଛନ୍ତି। ଆଗକୁ ସାର ଚାହିଦା ପୂରଣ ନେଇ ଅନିଶ୍ଚିତତା ଦେଖାଦେଇଛି। ରାସାୟନିକ ସାରର ଅନିୟନ୍ତ୍ରିତ ବ୍ୟବହାର ହୋଇଆସୁଥିବା ବେଳେ ଆଗକୁ ସଂକଟ ସ୍ଥିତି ଉପୁଜିବାର ସମ୍ଭାବନା ଥିବାରୁ ଜୈବିକ ସାରର ପ୍ରୟୋଗ ଆରମ୍ଭ ହେଲାଣି। ରାଜ୍ୟର ଏକ ଅଗ୍ରଣୀ କୃଷିପ୍ରଧାନ ଜିଲ୍ଲା ଭାବେ ପରିଗଣିତ ହୋଇ ଆସୁଥିଲା ବେଳେ ଚଳିତ ଖରିଫ ଫସଲ ପାଇଁ ଜିଲ୍ଲାର ସମସ୍ତ ୧୪ଟି ଯାକ ବ୍ଲକରେ ରାସାୟନିକ ସାରର ବ୍ୟବହାର ବୃଦ୍ଧି ପାଇବ। ଜିଲ୍ଲାରେ ବେଶୀ ପରିମାଣର ୟୁରିଆ ସାରର ଅହେତୁକ ବ୍ୟବହାର ହେଉଥିବାର କୁହାଯାଉଛି। ଚାଷ ପାଇଁ ପ୍ରୟୋଜନ ହେଉଥିବା ଇଫକୋ, ଡିଏପି, ଏମଓପି, ୨୮-୨୮-୯ ଆଦି ସାରକୁ ଆଇପିଏଲ, କୃଷି ଭାରତ, କରମଣ୍ଡଳ, ଇଫକୋ ଓ ନାଗାର୍ଜୁନ ଆଦି କମ୍ପାନୀ ଯୋଗାଇଥାନ୍ତି। ସରକାରଙ୍କ ନିଷ୍ପତ୍ତିକ୍ରମେ ସମସ୍ତ ୧୪ଟି ଯାକ ବ୍ଲକରେ ଚିହ୍ନଟ ହୋଇଥିବା ୨୧୪ଟି ପାକସ୍ ଓ ୧୩୨ଟି ଘରୋଇ ସାର ବିକ୍ରୟ କେନ୍ଦ୍ର ମାଧ୍ୟମରେ ଚାଷୀମାନେ ସାର ପାଇପାରିଥାନ୍ତି। ଚଳିତ ଖରିଫ ଋତୁରେ ପ୍ରାୟ ୩୦ହଜାର ମେଟ୍ରିକ ଟନର ୟୁରିଆ ସାରର ପ୍ରୟୋଜନ ରହିଥିବାର କୃଷି ବିଭାଗ ସୂତ୍ରରୁ ଜଣାପଡିଛି। ଗତ ଖରିଫରେ ହେକ୍ଟର ପିଛା ୮୦ କିଲୋଗ୍ରାମ ରାସାୟନିକ ସାର ବ୍ୟବହାର କରାଯାଇଥିଲା। ରାସାୟନିକ ସାର ବ୍ୟବହାର ତଥା ଚାହିଦା ପ୍ରତି ବର୍ଷ ବଢି ବଢି ଚାଲିଥିବାର ଜଣାପଡିଛି।

ଗତ ୫ବର୍ଷ ମଧ୍ୟରେ ଏହା ୫୦କିଲୋରୁ ଆସି ହେକ୍ଟର ପ୍ରତି ପ୍ରାୟ ୧୦୦କିଲୋ ଟପିଲାଣି। ଜିଲ୍ଲାରେ ଏଥର ମୋଟ ୧ଲକ୍ଷ୮୮ହଜାର ୧୫୦ ହେକ୍ଟର ଚାଷ ଜମିରେ ଚଳିତ ଖରିଫ ଋତୁରେ ବିଭିନ୍ନ ଚାଷ କରିବା ପାଇଁ କାର୍ଯ୍ୟପନ୍ଥା ପ୍ରସ୍ତୁତ କରାଯାଇଛି।

ପ୍ରକାଶଥାଉକି, ଧାନ, ମକା ଆଦି ଖାଦ୍ୟ ଶସ୍ୟ ପାଇଁ ୧ ଲକ୍ଷ ୩୬ ହଜାର ୬୦୦ ହେକ୍ଟର, ଡାଲି ଜାତୀୟ ୧ହଜାର୩୫ହେକ୍ଟର, ତୈଳବୀଜ ଜାତୀୟ ୧ହଜାର୩୦ ହେକ୍ଟର, ତନ୍ତୁ ଜାତୀୟ ପାଇଁ ୧ହଜାର ୩୦୬ ହେକ୍ଟର, ପନିପରିବା ପାଇଁ ୪୨ ହଜାର ୩୯୭ ହେକ୍ଟର ଓ ଆଖୁ ୨ହଜାର ୯୮୨ ହେକ୍ଟର ମୋଟ ଏହିପରି ୧ଲକ୍ଷ ୮୮ହଜାର ୧୫୦ ହେକ୍ଟର ଚାଷ ଜମିରେ ଚାଷ କରାଯିବ ବୋଲି ଜଣାପଡିଛି। ସାମୁଦ୍ରିକ ପରିବହନର ଏକ ପ୍ରମୁଖ ପଥ 'ହରମୁଜ ପ୍ରଣାଳୀ' ଦେଇ ମାଲବାହୀ ଜାହାଜ ଚଳାଚଳ ସ୍ୱାଭାବିକ ରହିଲେ ସାର ଏବଂ କୀଟନାଶକ ଭଳି ଅତ୍ୟାବଶ୍ୟକ କୃଷି ସାମଗ୍ରୀର ପରିବହନ ସଠିକ ଢଙ୍ଗରେ ହୋଇପାରିବ ବୋଲି ଜଣାପଡିଛି। ଚୀନ ପରେ ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ବୃହତ୍ତମ ସାର ବ୍ୟବହାରକାରୀ ଦେଶ, ଯେଉଁଠାରେ ବାର୍ଷିକ ୬୦ ନିୟୁତ (୬ କୋଟି) ଟନରୁ ଅଧିକ ସାର ବ୍ୟବହାର କରାଯାଏ। ଭାରତର ଅଧିକାଂଶ ପ୍ରସ୍ତୁତ ସାର ଏବଂ ଏଥିପାଇଁ ଆବଶ୍ୟକ କଞ୍ଚାମାଲ ଉପସାଗରୀୟ ଦେଶଗୁଡ଼ିକରୁ ଆସିଥାଏ, ଯାହା 'ହରମୁଜ ପ୍ରଣାଳୀ' ଦେଇ ହିଁ ଜାହାଜ ଯୋଗେ ପରିବହନ କରାଯାଏ। ଚାଷୀମାନେ ବିଶେଷ କରି 'ୟୁରିଆ' ସାରର ସମ୍ଭାବ୍ୟ ଅଭାବକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଯାହା ଏକ ପ୍ରମୁଖ ନାଇଟ୍ରୋଜେନ୍ ଆଧାରିତ ସାର ଏବଂ ଧାନ ଫସଲର ମେରୁଦଣ୍ଡ ସଦୃଶ ଅଟେ। ଯଦିଓ ଏହି ସାରର ଅଧିକାଂଶ ଭାଗ ଘରୋଇ ସ୍ତରରେ ଉତ୍ପାଦନ କରାଯାଏ, ତଥାପି ଏହି ଉତ୍ପାଦନ ସମ୍ପୂର୍ଣ୍ଣ ଭାବେ ଆମଦାନୀ କରାଯାଉଥିବା ପ୍ରାକୃତିକ ଗ୍ୟାସ୍ ଉପରେ ନିର୍ଭର କରେ, ଯାହାର ଯୋଗାଣ ଦେଶରେ ପୂର୍ବରୁ ହିଁ ସୀମିତ ରହିଛି ବୋଲି ଜଣାପଡିଛି। ଜିଲ୍ଲାକୁ ବିଗତ ବର୍ଷରେ ଚାହିଦା ମୁତାବକ ସାର ଯୋଗାଣ କରାଯାଇପାରି ନଥିଲା ବେଳେ ଚାଷୀମାନେ ଚଢା ଦରରେ ତଥା କଳାବଜାରରେ କିଣିଥିଲେ। ଏଥର ସ୍ଥିତି ଆହୁରି ଗମ୍ଭୀର ହୋଇପାରେ ବୋଲି କୁହାଯାଉଛି।

# ହେଉନି ନୂଆ ନିଯୁକ୍ତି ଶିକ୍ଷକ ଶୂନ୍ୟ ହେବାକୁ ବସିଲାଣି ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ

ବେତନଟୀ, ୭।୭(ସମିସ)



ବେତନଟୀ ବ୍ଲକରେ ୧୭ଟି ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲ ରହିଛି। ଉକ୍ତ ବିଦ୍ୟାଳୟରେ ୭୬୧୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଦୁଃଖ ଓ ପରିତାପର ବିଷୟ ଏହି ବିଦ୍ୟାଳୟଗୁଡିକରେ ସରକାରଙ୍କ ଦ୍ୱାରା ନୂତନ ନିଯୁକ୍ତିର କୌଣସି ବ୍ୟବସ୍ଥା ନ ଥିବାରୁ ହାଇସ୍କୁଲଗୁଡ଼ିକ ଶିକ୍ଷକ ଶୂନ୍ୟ ହେବାକୁ ବସିଲାଣି। ଯେଉଁ କେତୋଟି ବିଦ୍ୟାଳୟରେ କିଛି ଶିକ୍ଷକ ଅଛନ୍ତି, ତାହା ମଧ୍ୟ ନିକଟ ଭବିଷ୍ୟତରେ ଖାଲିପଡ଼ିବ। ଏଣୁ ଶିକ୍ଷାର ଅଭିବୃଦ୍ଧି ପାଇଁ ଖୋଲାଯାଇଥିବା ବିଦ୍ୟାଳୟଗୁଡ଼ିକ ନିକଟରେ ବନ୍ଦ ହେବା ଆଶଙ୍କା କରାଯାଉଛି।

ବେତନଟୀ ବ୍ଲକ ଅନ୍ତର୍ଗତ ଧନପୁର ଜିପି ହାଇସ୍କୁଲରେ ୧୪୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ଆସନ୍ତା ମାସଠାରୁ ଖେଳ ଶିକ୍ଷକଙ୍କ ଦ୍ୱାରା ବିଦ୍ୟାଳୟ ଚାଲିବ। ଅନ୍ୟକୌଣସି ଶିକ୍ଷକ ନ ଥିବାରୁ ପିଲାଙ୍କ ଭବିଷ୍ୟତ କ'ଣ ହେବ ତାହା ଭଗବାନ ଜାଣନ୍ତି। ସେହିପରି ଆମ୍ବଯୋଡ଼ା ହାରାଲାଲ ହାଇସ୍କୁଲ ମଧ୍ୟ ଅଗଷ୍ଟ ମାସଠାରୁ ଖେଳ ଶିକ୍ଷକଙ୍କ ହାତରେ ରହିବ। ପଞ୍ଚପଲ୍ଲୀ ହାଇସ୍କୁଲରେ ପ୍ରଧାନଶିକ୍ଷକ, କଳା ଶିକ୍ଷକ, ସଂସ୍କୃତ ଶିକ୍ଷକ ନ ଥିବାରୁ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବେତନଟୀ ବ୍ଲକର ଅଗ୍ରଣୀ ହାଇସ୍କୁଲ ରାଜକୁମାର ରଘୁନାଥ ହାଇସ୍କୁଲରେ ୨୯୩ ଜଣ ପିଲା ପଢୁଥିବାବେଳେ ଜଣେ ଗଣିତ, ଜଣେ ବିଜ୍ଞାନ ଓ ଜଣେ ହିନ୍ଦୀ ଶିକ୍ଷକ ଅଛନ୍ତି। ସେହିଭଳି କଣ୍ଡିପୁର ହାଇସ୍କୁଲ ଆଗାମୀ ଫେବୃଆରୀ ମାସରୁ ଜଣେ ଶିକ୍ଷକରେ ସ୍କୁଲ ଚାଲିବ। ଏହିପରି ହାଇସ୍କୁଲଗୁଡିକରେ ଯଦି ସରକାର ଖୁବଶୀଘ୍ର ଶିକ୍ଷକ ଓ କର୍ମଚାରୀ ନିଯୁକ୍ତ ନ କରନ୍ତି, ତେବେ ଘଣ୍ଟା ବାଜିବା ନିଶ୍ଚିତ ବନ୍ଦ ହେବ। ସରକାର ଏ ବିଷୟ ପ୍ରତି ଦୃଷ୍ଟି ନ ଦେଲେ ଶିକ୍ଷାର ଅଭିବୃଦ୍ଧି ପାଇଁ ଖୋଲିଥିବା ବିଦ୍ୟାଳୟ ନିକଟ ଭବିଷ୍ୟତରେ ବନ୍ଦ ହେବା ନିଶ୍ଚିତ। ଫଳରେ ଗାଁରେ ରହୁଥିବା ପିଲାମାନେ ପାଠପଢ଼ାରୁ ବଞ୍ଚିତ ହେବେ। ଉପରୋକ୍ତ ୧୭ଟି ହାଇସ୍କୁଲ ମଧ୍ୟରୁ ୭ଟି ହାଇସ୍କୁଲରେ ଇନଚାର୍ଜ ପ୍ରଧାନଶିକ୍ଷକ ଥିବାବେଳେ ଅଧିକାଂଶ ବିଦ୍ୟାଳୟରେ ଶିକ୍ଷକ, କ୍ଲର୍କ, ପିଅନ ନାହାନ୍ତି। ଅଞ୍ଚଳର ଶିକ୍ଷାବିତ, ବୁଦ୍ଧିଜୀବୀ ଏଥିପ୍ରତି ଘୋର ଉଦବେଗ ପ୍ରକାଶ କରିବା ସହ ତୁରନ୍ତ ନିଯୁକ୍ତି ଦାବି କରିଛନ୍ତି। ସେହିପରି ଓଷ୍ଟାର ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ ସଭାପତି ଶିଶିର କୁମାର ନାୟକ, ସମ୍ପାଦକ ସୂର୍ଯ୍ୟାନନ୍ଦ ନାୟକ ସରକାର ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ନିଯୁକ୍ତି ପାଇଁ ଦାବି କରିଛନ୍ତି।

## ୨ ଶିକାରୀ ସହ ୩ ଗିରଫ
# ଦେଶୀ ବନ୍ଧୁକ ଓ ବିସ୍ଫୋରକ ଜବତ



**ବାରିପଦା,୭।୭(ସମିସ):** ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ବନଖଣ୍ଡ ଅଞ୍ଚଳରେ ବନ କର୍ମଚାରୀ ଚଢ଼ଉ କରି ୨ ଜଣ ଶିକାରୀଙ୍କୁ ଗିରଫ କରିଛନ୍ତି। ଏଥିସହିତ ଶିକାରୀଙ୍କୁ ବନ୍ଧୁକ ପାଉଡର ଯୋଗାଉଥିବା ଅଭିଯୁକ୍ତକୁ ଗିରଫ କରାଯାଇଛି। ସେମାନେ ହେଲେ ଶରତ ଥାନା ଅଧୀନ କଟୁରିଆ ବିଶାଖସାହିର ସାଗରାମ ହାଁସଦା, ରାମଜିତ୍ ସୋରେନ ଓ ବନ୍ଧୁକ ପାଉଡର ଯୋଗାଉଥିବା କପ୍ତିପଦା ଥାନା ଅଧୀନ ଉପରଖୁଣ୍ଟା ଗ୍ରାମର କାର୍ତ୍ତିକ ସିଂ। ସେମାନଙ୍କ ନିକଟରୁ ୭ଟି ଦେଶୀ ବନ୍ଧୁକ, ଗୋଟିଏ ଫାଶ, ୪.୮ କିଗ୍ରା ଓଜନର ବିଭିନ୍ନ ବର୍ଗର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ଏ ନେଇ ଠିଆଦଟା ରେଞ୍ଜରେ ବନ୍ୟଜନ୍ତୁ ସୁରକ୍ଷା ଆଇନ ୧୯୭୨ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ବ୍ୟବହାରକୁ ନେଇ କପ୍ତିପଦା ଥାନାରେ ଅସ୍ତ୍ର ଆଇନ ଅନୁଯାୟୀ ଅନ୍ୟଏକ ମାମଲା ରୁଜୁ କରାଯାଇଛି। ଶିକାରୀଙ୍କ ଅବାଧ ପ୍ରବେଶ ରୋକିବା ପାଇଁ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ କୃତ୍ରିମ ବୁଦ୍ଧିମତା (ଏଆଇ) କ୍ୟାମେରା ଖଞ୍ଜାଯାଇଛି। କ୍ୟାମେରାରେ କଏଦ ଫଟୋକୁ ନେଇ ବନ ବିଭାଗ ଏନଫୋର୍ସ ଟିମ ଚଢ଼ଉ କରିଥିଲା। ସେମାନଙ୍କ ଘରୁ ଶିକାର ସରଞ୍ଜାମ ଓ ଦେଶୀ ବନ୍ଧୁକକୁ ଜବତ କରାଯାଇଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଦକ୍ଷିଣ)ର କ୍ଷେତ୍ର ଉପନିର୍ଦ୍ଦେଶକ କହିଛନ୍ତି।

# ବିଭିନ୍ନ ସ୍ଥାନରେ ବନ ମହୋତ୍ସବ

## ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀନିବାସ




**ବାରିପଦା, ୭।୭(ସମିସ):** ସ୍ଥାନୀୟ ତକତପୁରସ୍ଥ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଏମଟିକେ-ଦୁଇ ଛାତ୍ରୀନିବାସରେ ବନ ମହୋତ୍ସବ ପାଳିତ ହୋଇଛି। ହଷ୍ଟେଲ ପରିସରରେ ଏ ଉପଲକ୍ଷେ ଆୟୋଜିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ନାରାୟଣ ପ୍ରସାଦ ବେହେରା ଯୋଗଦେଇ ବୃକ୍ଷ ରୋପଣ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ହଷ୍ଟେଲର ସୁପରିଟେଣ୍ଡେଣ୍ଟ କ୍ୟାପଟେନ ଡ. ବିଦ୍ୟୁତପ୍ରଭା ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହକାରୀ ପ୍ରଫେସର ଡ. ପ୍ରିୟବ୍ରତ ବେହେରା, ଡ. ଆଶୁତୋଷ ପ୍ରୟାସ ଦାସ, ଡ. ସରୋଜ ନାୟକ, ଡ. ସାଉଁନା ମାଝୀ, ଡ. ନିରୁପମା ନାୟକ, ଭୀମଚରଣ ମୁର୍ମୁ, ମଧୁସ୍ମିତା ସିଂ ପ୍ରମୁଖ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ। ସଭାରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଶ୍ରୀ ବେହେରା ଯୋଗଦେଇ ବକ୍ତବ୍ୟ ଉପସ୍ଥାପନା କରିଥିବାବେଳେ ସୁପରିଟେଣ୍ଡେଣ୍ଟ ଡ. ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ ବିଭାଗ

**କୁଆମରା:** ଗୋପବନ୍ଧୁନଗର ବ୍ଲକ ଧାଉଁଡିଆ ସଂରକ୍ଷିତ ଜଙ୍ଗଲରେ ବନ ବିଭାଗ ପକ୍ଷରୁ ୭୭ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏ ଅବସରରେ ୭ ହେକ୍ଟର ଜମିରେ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଶାଳ, ପିଆଶାଳ, ନିମ୍ବ, ଜାମୁ, ପିଜୁଳି ପ୍ରଭୃତି ମୋଟ ୧୧ ହଜାରରୁ ଅଧିକ ବୃକ୍ଷରୋପଣ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। କୁଆମରା ବନପାଳ ଅବନୀ କୁମାର ଜେନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଅତିଥି ଭାବେ ଉଦଳା ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର ବାଗ୍, କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି, ଆରପଟା ପଞ୍ଚାୟତ ସରପଞ୍ଚ ସଞ୍ଜୟ କୁମାର ସିଂ, ବନ ସୁରକ୍ଷା ସମିତି ସଭାପତି ହରିଶ ଚନ୍ଦ୍ର ବିଶ୍ୱାଳ, ଖୁଣ୍ଟା ବନପାଳ ଅର୍ପିତା ଦେବାଙ୍ଗନା ପ୍ରମୁଖ ଯୋଗଦେଇ ବୃକ୍ଷ ରୋପଣ ଓ ପରିବେଶ ଉପରେ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବନ ବିଭାଗ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଓ ଜନସାଧାରଣ ଉପସ୍ଥିତ ଥିଲେ।

## ଖୁଣ୍ଟା ଡିଗ୍ରୀ କଲେଜ

**କୁଆମରା:** ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ୍, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଉଦଳା ଶାଖାର




ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଅତିଥି ଭାବେ ସ୍ଥାନୀୟ କଲେଜ ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀ, ଉଦଳା ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର ବାଗ, ଖୁଣ୍ଟା ବନପାଳ ଅର୍ପିତା ଦେବାଙ୍ଗନା ଓ ପୂର୍ବତନ ଯୁବ ରେଡକ୍ରସ୍ କାଉନସିଲର ଗୋପା ସିଂହ ଯୋଗ ଦେଇ ବୃକ୍ଷ ହିଁ ଆମର ବନ୍ଧୁ ବୋଲି ମତବ୍ୟକ୍ତ କରିଥିଲେ। କଲେଜର ଶତାଧିକ ଛାତ୍ରଛାତ୍ରୀ ଲେମ୍ବୁ, ଆତ, ଅଁଳା, ପିଜୁଳି, ଡାଳିମ୍ବ, ବେଲ, ଗଙ୍ଗଶିଉଳି ପ୍ରଭୃତି ଗଛ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ବବିତା ମହାନ୍ତ ଏବଂ ଇପ୍ସିତା ଦାସ ପରିଚାଳନା କରିଥିବାବେଳେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

## ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ

**ବାରିପଦା:** ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ସହାୟତାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ଆଲବେର୍ଟିନା ତିର୍କୀ ପ୍ରଥମେ ଗଛ ଲଗାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ତଥା ମୟୂରଭଞ୍ଜ ଜିଲ୍ଲାର ନୋଡାଲ ଅଫିସର ଡ ଅନାମ ଚରଣ ରାଉଳଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଇତିହାସ ବିଭାଗ ମୁଖ୍ୟ ରାଇମଣି ମାରାଣ୍ଡି, ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିର ଡ ପ୍ରିୟବ୍ରତ ବେହେରା, ଡ ରଞ୍ଜନାରାଣୀ ସିଂ, ଖେଳ ଶିକ୍ଷକ ସତ୍ୟନାରାୟନ ବାରିକ, ଶ୍ରୀସତ୍ୟସାଇ ସେବା ସଂଗଠନର ଜିଲ୍ଲା ସଂଯୋଜକ ରୂପେଶ ମହାନ୍ତି ଓ ସମିତି ଆବାହକ ମାନସ ମହାପାତ୍ର, ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଗୁଣବତ୍ତା ମାନ ନିର୍ଦ୍ଧାରଣ କମିଟିର ଖଲାଡ଼ି ଆରୋଗ୍ୟ ମନ୍ଦିର ପରିଦର୍ଶନ




**ଗୋପବନ୍ଧୁନଗର,୭।୭(ସମିସ):** ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନସ୍ଥ ଗୁଣବତ୍ତା ମାନ ନିର୍ଦ୍ଧାରଣ କମିଟି ସଦସ୍ୟ ଡାକ୍ତର ଯୋଶୁହା ଅଭିଷେକ ବଣ୍ଡାଲା ଓ ଡାକ୍ତର ଉର୍ବି ଦାସ ଉଦଳା ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶ୍ରୀଦାମଚନ୍ଦ୍ରପୁର ଅଧୀନ ଖଲାଡ଼ି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି। ସେମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶ୍ରୀଦାମଚନ୍ଦ୍ରପୁରର ମେଡ଼ିକାଲ ଅଫିସର ପ୍ରଣବ ପ୍ରିୟଦର୍ଶୀ ବେହେରା, ବିପିଏମ୍, ପିଏଚଓ, ସୁପରଭାଇଜରଙ୍କ ସହ ଦିନ ୧୦ଟା ସମୟରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ପହଞ୍ଚିଥିଲେ। ଖଲାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଜ୍ଞା ପ୍ରିୟମ୍ବଦା ଦାସବାବୁ, ସ୍ୱାସ୍ଥ୍ୟ କର୍ମୀ ସବିତା ମହାନ୍ତି, ଯୋଗଶିକ୍ଷକ ଈଶ୍ୱର ସାହୁ ପ୍ରମୁଖ ଗାଁ ଆରମ୍ଭରେ ଏସ୍‌ଏଚ୍‌ଜି ଗ୍ରୁପର ମହିଳା ଓ ଗ୍ରାମବାସୀ ବହୁ ସଂଖ୍ୟାରେ ଉପସ୍ଥିତ ହୋଇ ଗୁଣବତ୍ତା କମିଟିକୁ ପାରମ୍ପାରିକ ରୀତିରେ ସ୍ୱାଗତ କରି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଆରୋଗ୍ୟ ମନ୍ଦିର ଫାଟକ ପାଖରେ ମାନ ନିର୍ଦ୍ଧାରଣ କମିଟିର ପରିଦର୍ଶକ ଡାକ୍ତର ଉର୍ବି ଦାସ ଫିତାକାଟି ପରିଦର୍ଶନ ଉଦ୍‌ଘାଟନ କରିବା ସହ ଶଙ୍ଖ, ହୁଳହୁଳି ଦେଇ ଗାଁଲୋକ ଏହାକୁ ଉତ୍ସାହିତ କରିଥିଲେ। ପ୍ରଜ୍ଞା ପ୍ରିୟମ୍ବଦା ଦାସବାବୁ, ସ୍ୱାସ୍ଥ୍ୟ ଅଧିକାରୀ ନିଜର ପରିଚୟ ରଖିବା ପରେ ସ୍ୱାସ୍ଥ୍ୟ କର୍ମୀ ଓ ୫ ଜଣ ଆଶାଦିଦି ନିଜ ନିଜର ପରିଚୟ ପ୍ରଦାନ କରିଥିଲେ। ପରେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କାର୍ଯ୍ୟକ୍ରମ ଉପରେ ସମ୍ୟକ ବିବରଣ ପ୍ରୋଜେକ୍ଟର ମାଧ୍ୟମରେ ପରିଦର୍ଶକଙ୍କୁ ପ୍ରଦର୍ଶନ କରାଯାଇଥିଲା। ଦୁଇ ପରିଦର୍ଶକ ୧୨ଟି ସ୍ୱାସ୍ଥ୍ୟ ସେବା, ସମସ୍ତ ରେକଡର୍ ରିଭ୍ୟୁ, କେନ୍ଦ୍ରର କର୍ମଚାରୀଙ୍କ ଇଣ୍ଟରଭ୍ୟୁ ଓ କାନ୍ଥ ଦ୍ୱାରା ପ୍ରଦର୍ଶିତ ସମସ୍ତ ବିବରଣକୁ ଟିକିନିଖି ତନଖି କରିଥିଲେ। କର୍ମଚାରୀଙ୍କୁ ଏସବୁ ବାବଦରେ ପଚାରି ବୁଝିଥିଲେ। ଆରୋଗ୍ୟ ମନ୍ଦିରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସମସ୍ତ ରେକଡର୍ ପ୍ରଦର୍ଶନ କରିବାବେଳେ ପାର୍ମାସିଷ୍ଟ ପ୍ରକାଶ ପଣ୍ଡା, ଯୋଗ ଶିକ୍ଷକ ଈଶ୍ୱର ସାହୁ, ସବିତା ମହାନ୍ତି, ବୈରାଟପୁର, ଆମ୍ବଡ଼ିହା, କୁଚିଲାଡ଼ିହା ଓ ନାଗପାଳ ସିଏଚ୍‌ଓ ତାଙ୍କୁ ସହଯୋଗ କରିଥିଲେ।

# ମହିଳା ଓ ଯୁବତୀଙ୍କ ସୁରକ୍ଷା, ସତର୍କତା ସଚେତନତା




**ବାରିପଦା, ୭।୭(ସମିସ):** ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତୀକରଣ ସେଲ ପକ୍ଷରୁ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ 'ମାନବ ଚାଲାଣର ମାୟାଜାଲରୁ ମହିଳା ଓ ଯୁବତୀଙ୍କ ସୁରକ୍ଷା, ସତର୍କତା ଓ ସଶକ୍ତୀକରଣ' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶକ୍ତିଶ୍ରୀ ସାଥୀ କୁମାରୀ ଶ୍ରଦ୍ଧା ସୁମନ ମହାନ୍ତ ସମସ୍ତ ଅତିଥିଙ୍କୁ ମଞ୍ଚକୁ ପାଛୋଟି ନେଇଥିବାବେଳେ ଅଧ୍ୟକ୍ଷା ଡ଼ ସାଗରିକା ସିଂହ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶକ୍ତିଶ୍ରୀ ସଂଯୋଜିକା ତଥା ପ୍ରାଣୀବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପିକା ସଙ୍ଗୀତା ପତି ଶକ୍ତିଶ୍ରୀ ସେଲର ଉଦ୍ଦେଶ୍ୟ ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଏଥିସହ ଶକ୍ତିଶ୍ରୀ ଆପ୍ଲିକେସନ୍ ସମ୍ପର୍କରେ ଛାତ୍ରୀଙ୍କୁ ଅବଗତ କରାଇଥିଲେ ଓ ସମସ୍ତଙ୍କୁ ସେଥିରେ ପଞ୍ଜୀକରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଯାହା ସେମାନଙ୍କୁ ସାଂପ୍ରତିକ ସମୟରେ ଦେଖାଦେଉଥିବା ମାନବ ଚାଲାଣଜନିତ ଅଜଣା ବିପଦରୁ ରକ୍ଷା କରିବାରେ ସହାୟକ ହେବ ବୋଲି କହିଥିଲେ। ଅଧ୍ୟକ୍ଷା ଡ ସାଗରିକା ସିଂହ ମହିଳା ସଶକ୍ତୀକରଣ, ଆତ୍ମରକ୍ଷା ଓ ମାନବ ଚାଲାଣ ରୋକିବାରେ ସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ସଭାପତି ରୋଜି କାନୁନଗୋ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଅବସରପ୍ରାପ୍ତ ଅଧ୍ୟକ୍ଷା ଡ. ପୁଷ୍ପା ପାତ୍ର ମାନବ ଚାଲାଣର ବିଭିନ୍ନ କୌଶଳ, ଏହାର ସାମାଜିକ ପ୍ରଭାବ ଓ ଯୁବପିଢ଼ିର ସତର୍କତାର ଆବଶ୍ୟକତା ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଆଧାର ସ୍ୱେଚ୍ଛାସେବୀ ସଙ୍ଗଠନର ସମ୍ପାଦିକା ପ୍ରଣତୀ ଦାସ ମହିଳା ଓ ଯୁବତୀଙ୍କୁ ଚାକିରି, ବିବାହ ଓ ଅନଲାଇନ ପ୍ରଲୋଭନର ମାୟାଜାଲରୁ କିପରି ସୁରକ୍ଷିତ ରହିବେ, ସେ ସମ୍ପର୍କରେ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ସେ ସାଇବର ସୁରକ୍ଷା, ଆଇନଗତ ସହାୟତା ଓ ସମାଜର ସମ୍ମିଳିତ ସହଯୋଗ ମାଧ୍ୟମରେ ମାନବ ଚାଲାଣ ରୋକିବାର ଉପାୟ ବିଷୟରେ ମଧ୍ୟ ଆଲୋଚନା କରିଥିଲେ। ଶକ୍ତିଶ୍ରୀ ସେଲର ସହକାରୀ ସଦସ୍ୟା କୁମାରୀ ତନିସ୍କା ମନସ୍ୱିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଘଟଣାରେ ଆହତ ବୃଦ୍ଧଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

**ବୈଶିଙ୍ଗା, ୭।୭(ସମିସ):** ବୈଶିଙ୍ଗା ଥାନା ଅଧୀନ ଦାହିବାଡ଼ି ସାପ୍ତାହିକ ହାଟରୁ ଗତ ମାସ ୨୭ ତାରିଖ ଦିନ ପରିବା କିଣି ସାଇକଲରେ ଫେରୁଥିବାବେଳେ ଏକ ଦ୍ରୁତଗାମୀ କାର୍ ଧକ୍କାରେ ଗୁରୁତର ଆହତ ହୋଇଥିବା ବୃଦ୍ଧଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ବାଲେଶ୍ୱର ଜିଲ୍ଲା ସଦର ଥାନା ଅଧୀନ ତମଛଡା ଗ୍ରାମର ଜୟକୃଷ୍ଣ ବାରିକ। ଜୟକୃଷ୍ଣ ସ୍ଥାନୀୟ ସାପ୍ତାହିକ ହାଟରୁ ପରିବା କିଣି ସାଇକଲରେ ଘରକୁ ଫେରୁଥିବା ସମୟରେ ୧୮ ନଂ ଜାତୀୟ ରାଜପଥର ପଦ୍ମନାଭପୁର ନିକଟରେ ଏକ ମାରୁତି ଅଲ୍‌ଟୋ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ସେ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ପ୍ରଥମେ ନିକଟସ୍ଥ ଚିକିତ୍ସାଳୟ ଓ ପରେ ଅଧିକ ଚିକିତ୍ସା ପାଇଁ କଟକ ମୁଖ୍ୟ ଚିକିତ୍ସାଳୟ ଓ ପରେ ଏକ ଘରୋଇ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ପ୍ରାୟ ଏକ ସପ୍ତାହ ରହିବା ପରେ ଚିକିତ୍ସାଧୀନ ଅବସ୍ଥାରେ ଜୟକୃଷ୍ଣଙ୍କ ମୃତ୍ୟୁ ଘଟିଥିଲା। ଫଳରେ ପରିବାର ଓ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଜୟକୃଷ୍ଣଙ୍କ ଭାଇଙ୍କ ଲିଖିତ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା କାର୍ ଓ ଚାଳକଙ୍କ ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ରାଇରଙ୍ଗପୁର,୭।୭(ସମିସ):** ଗମ୍ଭାରିଆ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗେଶ୍ୱର ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଗୀତାମଞ୍ଜରୀ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କନିଷ୍ଠ ସହାୟକ ଲଳିତ କୁମାର ବେହେରା ପଦୋନ୍ନତି ପାଇ ବରିଷ୍ଠ ସହାୟକ ଭାବେ ଜମଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଯୋଗ ଦେଇଥିବାରୁ ତାଙ୍କୁ ମଧ୍ୟ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସିଆରସିସି ସୂର୍ଯ୍ୟକାନ୍ତ ସାହୁ ଉପସ୍ଥିତ ରହି ବିଦାୟୀ ଭାଷଣ ପ୍ରଦାନ କରିଥିଲେ। ଏ ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ଦୁଇ ଶିକ୍ଷକଙ୍କୁ ମାନପତ୍ର, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଚୂଡ଼ାମଣୀ ବେହେରା ସଂଯୋଜନା କରିଥିବାବେଳେ ଶିକ୍ଷକ ସ୍ମୃତିରଞ୍ଜନ ପାଣି ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଶିକ୍ଷୟିତ୍ରୀ ସୀତାମଣି ହାଁସଦା, ଗୀତାଞ୍ଜଳି ନାଏକ, ରାଖୀ ମହାନ୍ତ, ମଲ୍ଲିକା ମହାନ୍ତ, ସୁଚିତ୍ରା ମହାକୁଡ଼, କୁନ୍ତି ମହାନ୍ତ, ଗୁରୁବାରୀ ତୁଙ୍ଗ, ସନାତନ ଦାସ, ରାଜୀବ ଜେନା, ସୁବ୍ରତ କୁମ୍ଭକାର, ଜର୍ମାନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଢାକା ପରିବାର ପକ୍ଷରୁ ଅମୃତଧାରା ଉଦ୍‌ଘାଟିତ




**ରାଇରଙ୍ଗପୁର, ୭।୭(ସମିସ):** ଜଳ ହିଁ ଜୀବନ। ଜଳ ବହୁଳେ ସୃଷ୍ଟିନାଶ ଓ ଜଳ ବିହୁନେ ସୃଷ୍ଟିନାଶ। ପାନୀୟ ଜଳର ଆବଶ୍ୟକତା ଆଖି ଆଗରେ ରଖି ସରକାର ବେଶ ସଜାଗ। ସହରର ପ୍ରତି ଛକ ଜାଗାରେ ଏହି ପ୍ରକଳ୍ପକୁ ବସାଯାଇ ଲୋକଙ୍କ ପାନୀୟଜଳ ସମସ୍ୟା ଦୂରିଭୁତ କରାଯାଉଛି। ଏ ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ସହରସ୍ଥ ସ୍ଥାନୀୟ ଉପଖଣ୍ଡ ହସ୍‌ପିଟାଲ ପରିସରରେ ଢାକା ପରିବାର ଆନୁକୂଲ୍ୟରେ ଅମୃତଧାରା ପ୍ରକଳ୍ପ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନବୀନ ରାମଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଏଥିରେ ରୋଗୀଙ୍କୁ ଉପଯୁକ୍ତ ପାନୀୟ ଜଳ ସେବା ଯୋଗାଇ ଦିଆଯାଇପାରିବ। ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟର ରୋଗୀ କଲ୍ୟାଣ ସମିତିକୁ ଉକ୍ତ ପ୍ରକଳ୍ପର ରକ୍ଷାଣବେକ୍ଷଣ ଦାୟିତ୍ୱ ଦିଆଯାଇଛି । ଏଥିରେ ଉପଖଣ୍ଡ ହସ୍‌ପିଟାଲ ଅଧୀକ୍ଷକ ରବୀନ୍ଦ୍ର ନାଥ ମାରାଣ୍ଡି, ହସ୍‌ପିଟାଲ ପରିଚାଳକ ଆଲୋକ ଗୋଚ୍ଛାୟତ, ରାଇରଙ୍ଗପୁର ସହରର ସଚେତନ ନାଗରିକ ଲଳିତ ମହାନ୍ତ, ମଳୟ ଦାସ, ବିକାଶ ମହାନ୍ତ, ମହାବୀର ପ୍ରସାଦ ଅଗ୍ରୱାଲ, ଗୌରବ ଅଗ୍ରୱାଲ, ପଙ୍କଜ ଅଗ୍ରୱାଲ ଓ ସଂଜୟ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ୧୧ରେ ଜାତୀୟ ନାଟ୍ୟ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ବାରିପଦା, ୭।୭(ସମିସ):** ପ୍ରଥମ ଜାତୀୟ ନାଟ୍ୟ ଉତ୍ସବ୨୦୨୫ର ଅଭୂତପୂର୍ବ ସଫଳତା ପରେ ଚଳିତ ବର୍ଷ ଦ୍ୱିତୀୟ ବାର୍ଷିକ ଜାତୀୟ ନାଟ୍ୟ ଉତ୍ସବ ଆସନ୍ତା ଅଗଷ୍ଟ ୧୮ରୁ ୨୬ ପର୍ଯ୍ୟନ୍ତ ବାରିପଦାସ୍ଥ ସହିଦ ସ୍ମୃତି ଭବନରେ ଅନୁଷ୍ଠିତ ହେବ। ବାରିପଦାର ପ୍ରତିଷ୍ଠିତ ନାଟ୍ୟ ସଂସ୍ଥା 'ଆମେ ବାରିପଦା' ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ଉତ୍ସବରେ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟର ପ୍ରଖ୍ୟାତ ନାଟ୍ୟଦଳ ସେମାନଙ୍କର



ଶ୍ରେଷ୍ଠ ନାଟକ ପରିବେଷଣ କରିବେ। ଏହି ମହୋତ୍ସବର ସଫଳ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଆସନ୍ତା ୧୧ ଜୁଲାଇ (ଶନିବାର) ଅପରାହ୍ନ ୪ଟାରେ ବାରିପଦା ଷ୍ଟାଡିୟମ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସମ୍ପାଦକ ଚିନ୍ମୟ କୁମାର ଦାସପଟ୍ଟନାୟକ ଓ ସଭାପତି ଡ କୈଳାସ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ଚଳିତ ବର୍ଷ ନାଟ୍ୟ ଉତ୍ସବରେ ଯୁବପିଢିଙ୍କୁ ନାଟକ ପ୍ରତି ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ସମ୍ପାଦକ ଶ୍ରୀ ଦାସ ପଟ୍ଟନାୟକ ପୂର୍ବ ପ୍ରସ୍ତୁତି ବୈଠକରେ ଜଣାଇଛନ୍ତି। ପ୍ରସ୍ତୁତି ବୈଠକରେ ଉତ୍ସବର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ, ପ୍ରତିଯୋଗିତାର ନିୟମାବଳୀ ଓ ଅନ୍ୟାନ୍ୟ ଆୟୋଜନ ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରକାଶ କରିଛନ୍ତି। ସମସ୍ତ ନାଟ୍ୟପ୍ରେମୀ, କଳାକାର, ସାଂସ୍କୃତିକ କର୍ମୀ, ଶିକ୍ଷକ, ଛାତ୍ରଛାତ୍ରୀ ଓ କଳା-ସଂସ୍କୃତିପ୍ରେମୀ ଜନସାଧାରଣଙ୍କୁ ବହୁ ସଂଖ୍ୟାରେ ଉକ୍ତ ପ୍ରସ୍ତୁତି ବୈଠକରେ ଯୋଗଦେଇ ଉତ୍ସବକୁ ସଫଳ କରିବାକୁ ସଭାପତି ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି।

# ବିଇଓଙ୍କ ଦରମା ବନ୍ଦ ପ୍ରସଙ୍ଗ; ତରବରିଆ ନିଷ୍ପତ୍ତିକୁ ନିନ୍ଦା

ବଡ଼ସାହି,୭।୭(ସମିସ)

ଜିଲ୍ଲାପାଳ ବଡସାହିର ଭାରପ୍ରାପ୍ତ ବିଇଓ ମନମୋହନ ହେମ୍ବ୍ରମଙ୍କ ଦରମା ବନ୍ଦ କରଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ସହିତ କାର୍ଯ୍ୟରେ ଅବହେଳା କରିଥିବା ଯୋଗୁଁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲ୍ଲାପାଙ୍କ ଜନଶୁଣାଣି ଶିବିରରେ ଏକ ଅଭିଯୋଗକୁ ନେଇ ନିର୍ଦ୍ଦେଶ ପରେ ମଧ୍ୟ କୋ÷ଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଦର୍ଶାଇ ଉକ୍ତ ଅଭିଯୋଗର ଫଇସଲା ନ ହେବା ପର୍ଯ୍ୟନ୍ତ ତାଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ରହିଛି। ଜିଲ୍ଲାପାଳ ଅଭିଯୋଗ ସମ୍ପର୍କରେ ମୟୂରଭଞ୍ଜ ଡିଇଓ ଓ ବଡ଼ସାହି ବିଇଓଙ୍କ ସହିତ ଘଟଣା ସମ୍ପର୍କରେ କିଛି ଆଲୋଚନା ନ କରି ସତ୍ୟାସତ୍ୟ ନ ଜାଣି ତରବରିଆ ଭାବେ ଏଭଳି ନିଷ୍ପତ୍ତି ନେଇଥିବାରୁ ଏହାକୁ ନିନ୍ଦା କରାଯାଇଛି। ସୋମବାର ବିଇଓ ଓ ଡିଇଓ ଜନଶୁଣାଣି ଶିବିରରେ ଅନୁପସ୍ଥିତ ଥିବାବେଳେ ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ଅବଗତ ନ ହୋଇ ଜିଲ୍ଲାପାଳ ଏପରି ନିଷ୍ପତ୍ତି ନେବା ଦୁଃଖଦାୟକ ବୋଲି ଶିକ୍ଷାବିତ ମତପୋଷଣ କରିଛନ୍ତି।

ସୂଚନା ମୁତାବକ, ଅବସରପ୍ରାପ୍ତ ଶିକ୍ଷକ ଦେବେନ୍ଦ୍ର ନାଥ ବେହେରା ଆଙ୍କପୁରା ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପୂର୍ବତନ ପ୍ରଧାନଶିକ୍ଷକ ଓ ଟିକାୟତପୁର ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ବିରେନ୍ଦ୍ର ନାଥ ପ୍ରଧାନ ଦୁଇଟି ବିଦ୍ୟାଳୟର ଆର୍ଥିକ କ୍ଷମତାରେ ରହି ଏମଡିଏମ ପରିଚାଳନା କରିବାରେ ବ୍ୟାପକ ଅନିୟମିତତା କରିବା ଓ ଓଡିଶା ଗ୍ରାମ୍ୟବ୍ୟାଙ୍କ ଓ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ଆବଶ୍ୟକତାଠାରୁ ଅଧିକ ଟଙ୍କା ଉଠାଣ କରି ଆତ୍ମସାତ କରିଥିବା ଅଭିଯୋଗ କରିଥିଲେ। ଯାହାକି ପୂର୍ବତନ ବିଇଓଙ୍କ ଚିଠି ନମ୍ବର-୨୯୯, ୪ ଫେବୃୟାରୀ ୨୦୨୬ରେ ଉଲ୍ଲେଖ ରହିଛି ବୋଲି ଅଭିଯୋଗରେ ସେ ଦର୍ଶାଇଛନ୍ତି। ମାତ୍ର ଏହି ଅଭିଯୋଗ ପରେ ଜିଲ୍ଲାପାଳଙ୍କ ଜନଶୁଣାଣିର ନିର୍ଦ୍ଦେଶ ଅନୁସାରେ ଡିଇଓ, ମୟୂରଭଞ୍ଜ ଓ ବିଇଓ, ବଡସାହିଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଫଳରେ ଡିଇଓ, ମୟୂରଭଞ୍ଜ ତାଙ୍କ ଚିଠି ନମ୍ବର-୨୪୩, ୨୯ ଏପ୍ରିଲ ୨୬ରେ ସମ୍ପୃକ୍ତ ୨ଟି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ସେମାନଙ୍କର ଡକ୍ୟୁମେଣ୍ଟ, କ୍ୟାସବୁକ୍, ପାସବୁକ୍ ପ୍ରତିଦିନର ଖର୍ଚ୍ଚ ଓ ଉପସ୍ଥାନ ଖାତା ଡିଇଓ ଅଫିସର ପିଏମ ପୋଷଣ ସେକ୍ସନରେ ଦାଖଲ କରିବାକୁ କହିଥିଲେ। ଏପିରିକି ଏହାର କପି ପିଏ, ଜିଲ୍ଲାପାଳ ଓ ବିଇଓ, ବଡସାହିଙ୍କୁ ମଧ୍ୟ ପ୍ରଦାନ କରାଯାଇଥିବା ଜଣାଯାଇଛି। ଏତଦବ୍ୟତୀତ ବିଇଓ, ବଡସାହି ଅଫିସର ଚିଠି ନମ୍ବର-୧୩୯୨, ୨୭ ମେ ୨୦୨୬ରେ ମଧ୍ୟ ଏହି ଅଭିଯୋଗର ଉତ୍ତର ରଖିଛନ୍ତି। ପୁଣି ବିଇଓଙ୍କ ଚିଠି ନମ୍ବର ୧୫୭୩, ୩୦ ଜୁନ ୨୦୨୬ ଅନୁସାରେ ସେ ଡିଇଓଙ୍କୁ ଏହି ଅଭିଯୋଗର କୋ÷ଣସି ତଦନ୍ତ ରିପୋର୍ଟ, ଅଫିସିଆଲ ରେକର୍ଡ, ଡକ୍ୟୁମେଣ୍ଟ, ଫାଇଲ ଅଫିସରେ ଉପଲବ୍ଧ ନ ଥିବା ଦର୍ଶାଇଛନ୍ତି। ଏପରିକି ବିଇଓ ଅଫିସ ଇସ୍ୟୁ ରେଜିଷ୍ଟରରେ ମଧ୍ୟ ଏମଡିଏମ ଅନିୟମିତତା ସଂକ୍ରାନ୍ତରେ କୋ÷ଣସି ଚିଠି ଇସ୍ୟୁ ହୋଇଥିବାର ସୂଚନା ନାହିଁ ବୋଲି ଜଣାଯାଇଛି। କେବଳ ହଇରାଣ କରିବା ପାଇଁ ପୂର୍ବତନ ପ୍ରଧାନଶିକ୍ଷକ ଶ୍ରୀ ପ୍ରଧାନଙ୍କ ବିରୋଧରେ ବିଧିବଦ୍ଧ ଷଡ଼ଯନ୍ତ୍ର କରାଯାଇଥିବାବେଳେ ତାଙ୍କର ଏମଏଏସପି ବାବଦରେ ୧ ଲକ୍ଷ ୧୩ ହଜାର ୯୦୦ ଟଙ୍କା ଓ ୟୁଏଲଏସ ବାବାଦରେ ୪୭ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଅଟକାଇ ରଖିଥିବା। ସେ କ୍ଷୋଭର ସହିତ କହିଛନ୍ତି।

# ବୋଲେରୋ-କମାଣ୍ଡରର ମୁହାଁମୁହିଁ; ୨ ମୃତ





**ରାଉରକେଲା,୭।୭ (ସମିସ)**

ସୁନ୍ଦରଗଡ଼ ସଦର ଥାନା ଅଧୀନ ପଟାକିଝୋର ସ୍କୁଲ ନିକଟରେ ମଙ୍ଗଳବାର ଏକ ବୋଲେରୋ ଏସ୍‌ୟୁଭି ଓ କମାଣ୍ଡର ଯାତ୍ରୀବାହୀ ଗାଡ଼ି ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୮ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ଯୁବକ ଦ୍ୱୟ ହେଲେ ଚାଳକ ରୋହିତ ତନ୍ତୀ (୪୫) ଏବଂ ଯାତ୍ରୀ ଶିବ କୁମାରା(୬୫)। ଉଭୟ କିଂଜିରିରେଲା ଅଞ୍ଚଳର ବୋଲି ଜଣାପଡିଛି। ତେବେ ଗୁରୁତର ଭାବେ ଆହତ ହୋଇଥିବା ଯାତ୍ରୀମାନେ ହେଲେ ତୁମଲା ଥାନା ଅନ୍ତର୍ଗତ ସାଗଯୋର ଗାଁର ଜୟ କୁମାର ବଡାଇକ(୪୦), କିଂଜିରିରେଲା ଥାନା ଅନ୍ତର୍ଗତ କେରାଯୋର ଗାଁର ବ୍ରିଜେଶ ଦଣ୍ଡସେନା(୪୦), ତାଙ୍କ ଶିଶୁ ପୁତ୍ର ନରେନ୍ଦ୍ର ଦଣ୍ଡସେନା(୫), ମୃତ ଶିବ କୁମାରାଙ୍କ ପତ୍ନୀ ଫୁଲକି କୁମାରୀ(୬୦)। ଜୟ କୁମାର ବଡାଇକଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିବା ବେଳେ ବ୍ରଦେଶଙ୍କର ମୁଣ୍ଡ ଓ ମୁହଁରେ ଗଭୀର କ୍ଷତ, ଶିଶୁ ପୁତ୍ର ନରେନ୍ଦ୍ରର ଡାହାଣ ହାତ ଭାଙ୍ଗି ଯାଇଛି। ସେହିପରି ଫୁଲକିଙ୍କର ଗୋଡ, ହାତ ଭାଙ୍ଗିଥିବା ବେଳେ ମୁଣ୍ଡରେ ବି ଗଭୀର ଆଘାତ ଲାଗିଛି।

ସୂଚନା ମୁତାବକ ସୁନ୍ଦରଗଡ଼ରୁ କିଞ୍ଜିରକେଲା ଅଭିମୁଖେ ଯାଉଥିବା କମାଣ୍ଡର ଯାତ୍ରୀବାହୀ ଗାଡ଼ିଟି ପଟାକିଝୋର ସ୍କୁଲ ନିକଟସ୍ଥ ଏକ ବୁଲାଣୀରେ ବିପରୀତ ଦିଗରୁ ଆସୁଥିବା ବୋଲେରୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ କମାଣ୍ଡର ଗାଡ଼ିର ଚାଳକ ରୋହିତ ତନ୍ତୀ ଏବଂ ଜଣେ ବୃଦ୍ଧ ଯାତ୍ରୀ ଶିବ କୁମାରାଙ୍କର ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଏଥିସହ ୮ରୁ ଅଧିକ ଯାତ୍ରୀ ଆହତ ହୋଇଥିବା ସୂଚନା ମିଳିଛି। ଖବର ପାଇ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ସମେତ ସଦର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଆହତମାନଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)କୁ ଚିକିତ୍ସା ପାଇଁ ପଠାଇଥିଲେ। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ତଦନ୍ତ ଆରମ୍ଭ କରିଛି। ଘଟଣା ସମ୍ପର୍କରେ ଅଧିକ ସୂଚନାକୁ ଅପେକ୍ଷା କରାଯାଇଛି।

## ଆମ ବସ୍ ଡିପୋ ନିକଟରୁ ଗଞ୍ଜେଇ ଜବତ; ୨ ଗିରଫ

### କାର୍ ଓ ମୋବାଇଲ୍ ଜବତ



**ରାଉରକେଲା, ୭।୭ (ସମିସ):** ସ୍ଥାନୀୟ ବ୍ରାହ୍ମଣୀତରଙ୍ଗ ଥାନା ପୁଲିସ ସୋମବାର ଲୁଙ୍ଗେଇ ଆମ ବସ୍ ଡିପୋ ନିକଟରେ ଗଞ୍ଜେଇ ବିକ୍ରି ସୂଚନା ପାଇ ଚଢ଼ଉ କରିଥିଲା। ସେଠାରେ ଏକ କଳା ରଙ୍ଗର କାର୍ ପାର୍କିଂ ଥିବା ବେଳେ ସେଥିରେ ଦୁଇଜଣ ବ୍ୟକ୍ତି ବସିଥିବା ଦେଖାଯାଇଥିଲା। କାର୍‌ଟିକୁ ତଲାସି କରିବାରୁ ଏକ ଏୟାର ବ୍ୟାଗ୍ ଭିତରୁ ୩.୮୫୦ କିଲୋଗ୍ରାମ ଗଞ୍ଜେଇ ମିଳିଥିଲା। କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଏବଂ ସାକ୍ଷୀମାନଙ୍କ ଉପସ୍ଥିତିରେ ଗଞ୍ଜେଇ ଜବତ କରାଯାଇଥିଲା। ପୁଲିସ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଲୁଙ୍ଗେଇ, ଡୁଙ୍ଗୁରିଟୋଲା ଅଞ୍ଚଳର ଶେରୁ ଓରଫ୍ ଚନ୍ଦ୍ର ପ୍ରକାଶ ଜୈସୱାଲ (୪୦) ଏବଂ ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଥାନା ଅନ୍ତର୍ଗତ ଗୋଇଲିମରା ଗାଁର କାକା ଓରଫ୍ ସୁରଞ୍ଜନ ଦେହୁରୀଙ୍କୁ ଗିରଫ କରିଛି। ପୁଲିସ ଘଟଣାରେ ବ୍ୟବହୃତ କାର ଓ ମୋବାଇଲ ସହ ଗଞ୍ଜେଇ ଜବତ କରି ଅଧିକ ତଦନ୍ତ ଚଳାଇଛି।

## ୫୦ ଗ୍ରାମ ହେରୋଇନ୍ ଜବତ; ୨ ଗିରଫ



**ରାଉରକେଲା,୭।୭ (ସମିସ):** ସ୍ଥାନୀୟ ପ୍ଲାଣ୍ଟସାଇଟ ଥାନା ପୁଲିସ ଫଟାପାଇପ ଅଞ୍ଚଳରେ ଚଢଉ କରି ୨ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୫୦ ଗ୍ରାମ ଓଜନର ହେରୋଇନ, ଦୁଇଟି ମୋବାଇଲ ଫୋନ ଏବଂ ୧୨,୬୦୦ ଟଙ୍କା ନଗଦ ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଶିବ କୁମାର ସୋନି(୩୦) ଓରଫ ପୁକୁ ଏବଂ ସୋନୁ କୁମାର ଗୁପ୍ତା(୩୦)। ସେମାନଙ୍କ ଘର ଫଟା ପାଇପ ଅନ୍ତର୍ଗତ ଶିବଶଙ୍କର ନଗରରେ।

ସୂଚନା ମୁତାବକ ଆଜି ସକାଳେ ପ୍ଲାଣ୍ଟସାଇଟ ଥାନାର ଏସ୍‌ଆଇ ବିଭୂତି ଭୂଷଣ ଖଟେଇ ଥାନା କର୍ମଚାରୀମାନଙ୍କ ସହ ପାଟ୍ରୋଲିଂରେ ଥିବା ବେଳେ ବିଶ୍ରା-ବନ୍ଧମୁଣ୍ଡା ରାସ୍ତାର ଫଟାପାଇପ ନିକଟରେ ଚଢ଼ଉ କରି ଶିବ ସୋନି ଓରଫ ପୁକୁ ଏବଂ ସୋନୁ କୁମାର ଗୁପ୍ତାଙ୍କୁ ହେରୋଇନ ରଖି ବିକ୍ରି କରୁଥିବା ଅଭିଯୋଗରେ କାବୁ କରିବା ସହ ସେମାନଙ୍କ ନିକଟରୁ ୫୦ ଗ୍ରାମ ହେରୋଇନ, ଦୁଇଟି ମୋବାଇଲ ଫୋନ ଏବଂ ୧୨,୬୦୦ ଟଙ୍କା ନଗଦ ଜବତ କରିଥିଲେ। ପ୍ରାଥମିକ ତଦନ୍ତରୁ ସେମାନେ ସ୍କୁଲ ଓ କଲେଜ ପଢୁଆ ଛାତ୍ରଛାତ୍ରୀଙ୍କୁ ଏହି ହେରୋଇନ ବିକ୍ରି କରୁଥିବା ତଦନ୍ତରୁ ଜଣାପଡିଥିଲା। ଗିରଫ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ମଧ୍ୟ ପ୍ଲାଣ୍ଟସାଇଟ ଥାନାରେ ଏକାଧିକ ଆପରାଧିକ ମାମଲା ରହିଛି।

## ସୁନ୍ଦରଗଡ଼ ଜିଲ୍ଲାସ୍ତରୀୟ ପରାମର୍ଶଦାତା ଓ ଟାସ୍କଫୋର୍ସ କମିଟି ବୈଠକ



**ରାଉରକେଲା,୭।୭ (ସମିସ):** ସୁନ୍ଦରଗଡ଼ ଜିଲ୍ଲାରେ ପ୍ରାକ୍ ଗର୍ଭାବସ୍ଥା ଓ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ନିଷେଧ ଆଇନ ସମ୍ପର୍କିତ ଜିଲ୍ଲାସ୍ତରୀୟ ପରାମର୍ଶଦାତା ଓ ଜିଲ୍ଲା ଟାସ୍କ ଫୋର୍ସ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ଼କ୍ଟର ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାରେ ଥିବା ଅଲଟ୍ରାସାଉଣ୍ଡ କ୍ଲିନିକ ଗୁଡିକର ସ୍ଥିତି ଓ କାର୍ଯ୍ୟକାରିତା, ପଞ୍ଜୀକରଣ ତଥା ନବୀକରଣ ଏବଂ ଆକସ୍ମିକ ନିରୀକ୍ଷଣ ଉପରେ ଆଲୋଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଡ଼କ୍ଟର ମହାପାତ୍ର ଜଣାଇଥିଲେ ଯେ, ଜିଲ୍ଲାପାଳଙ୍କ ଦ୍ୱାରା ଏକ ଜିଲ୍ଲାସ୍ତରୀୟ ନିରୀକ୍ଷଣ ଦଳ ଗଠନ କରାଯାଇଛି। ଏହି ନିରୀକ୍ଷଣ ଦଳ ଜିଲ୍ଲାରେ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡିକର ଆକସ୍ମିକ ନିରୀକ୍ଷଣ ନିୟମିତ ଭାବରେ କରିବେ। ଯଦି ଏହି ଦଳ କୋ÷ଣସି ଅଲଟ୍ରାସାଉଣ୍ଡ କେନ୍ଦ୍ରରେ କିଛି ବି ତ୍ରୁଟି ବିଚ୍ୟୁତି ଦେଖିବେ ତେବେ ଏହା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୈଠକରେ ଜିଲ୍ଲାରେ କନ୍ୟା ସନ୍ତାନ ଅନୁପାତ ଉପରେ ଆଲୋଚନା କରାଯାଇଥିଲା। କନ୍ୟା ସନ୍ତାନ ଅନୁପାତ ବୃଦ୍ଧି ଲାଗି ତୃଣମୂଳସ୍ତରରେ ଜିଲ୍ଲା ଭିତ୍ତିକ ଉପାୟ ଅବଲମ୍ବନ କରି ଜନ ସଚେତନତା କରିବାକୁ ଜିଲ୍ଲାପାଳ ଡ. ମହାପାତ୍ର ଆଦେଶ ଦେଇଥିଲେ। ଜିଲ୍ଲାରେ ସବୁସ୍ତରରେ ବେଆଇନ ଲିଙ୍ଗ ନିରୂପଣ ଉପରେ ତୀକ୍ଷ୍ଣ ନଜର ରଖାଯାଉଥିବାର ସୂଚନା ଜିଲ୍ଲାପାଳ ପ୍ରଦାନ କରି କହିଲେ ଯେ, ଯଦି ଏହିପରି କିଛି ସୂଚନା ମିଳେ ତେବେ ବେଆଇନ ଲିଙ୍ଗ ନିରୂପଣ କରୁଥିବା ବ୍ୟକ୍ତି ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼କ୍ଟର ସୁରେଶ ଚନ୍ଦ୍ର ମହାନ୍ତି, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ପ୍ରଦୀପ କୁମାର ପ୍ରସାଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଫଂଯୁ ରାଣୀ ଦାସ, ଡା ଅମର କୁମାର ଦାସ, ଡା ସୁବାସିନୀ ପାଣ୍ଡେ, ସମାଜସେବୀ ସ୍ନେହଲତା ପଟେଲ, ଅମୀୟକାନ୍ତ ନାୟକ, ଜିଲ୍ଲା କର୍ଯ୍ୟକ୍ରମ ପରିଚାଳକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ବିଶ୍ୱମ୍ବର ବେହେରା ଏବଂ ସହ ସଂଯୋଜକ ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଲେଫ୍ରିପଡ଼ା ବ୍ଲକ୍ ପରିସରରେ ଯୁଗ୍ମ ଅଭିଯୋଗ ଶୁଣାଣି

**ରାଉରକେଲା,୭।୭ (ସମିସ):** ଲେଫ୍ରିପଡ଼ା ବ୍ଲକ କାର୍ଯ୍ୟାଳୟ ପରିସର ସ୍ଥିତ ପଂଚାୟତ ସମିତି ସଭାକକ୍ଷରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଓ ସୁନ୍ଦରଗଡ ଏସ୍‌ପି ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଶୁଣିଥିଲେ। ମୋଟ ୬୩ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥି ମଧ୍ୟରୁ ୩୫ ବ୍ୟକ୍ତିଗତ ଓ ୨୮ଟି ସାମୂହିକ ଥିଲା। ଏଥିମଧ୍ୟରୁ ୧୨ଗୋଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଆର୍ଥିକ ସହାୟତା ପାଇଁ ୧୨ ଜଣ ବ୍ୟକ୍ତି ଆବେଦନ କରିଥିଲେ। ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତାଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ରାସନ୍‌କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ। ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ, ଉପଜିଲ୍ଲାପାଳ ସଦର ତେଜସ୍ୱୀନି ବେହେରା, ସିଡିଏମ୍‌ଓ ଡାକ୍ତର ସୁରେଶ ଚନ୍ଦ୍ର ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅତସୀ ପରିଡ଼ାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀରେ ବିଜେପି କାର୍ଯ୍ୟକର୍ତ୍ତା ସମ୍ମିଳନୀ



**ରାଉରକେଲା, ୭।୭ (ସମିସ):** ରାଉରକେଲା ସାଂଗଠନିକ ଜିଲ୍ଲା ଆନୁକୂଲ୍ୟରେ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀରେ ବିଜେପିର ଜିଲ୍ଲା କାର୍ଯ୍ୟକର୍ତ୍ତା ସମ୍ମିଳନୀ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟାଙ୍କ ଅଧକ୍ଷତାରେ ସେକ୍ଟର-୨ ସ୍ଥିତ ସେହେନାଇ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଯୋଜକ ଶରତ କୁମାର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡଃ ମୁଖାର୍ଜୀଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରି ସମ୍ମିଳନୀର ଶୁଭାରମ୍ଭ କରିଥିଲେ।

ଜିଲ୍ଲା ସଭାନେତ୍ରୀ ତାଙ୍କ ସ୍ୱାଗତ ଭାଷଣରେ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ଶତପଥୀ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସ୍ମୃତି ଚାରଣ କରିଥିଲେ। ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ମଧ ତାଙ୍କ ବକ୍ତବ୍ୟରେ ତାଙ୍କର ବାଲ୍ୟ କାଳ, ରାଜନୈତିକ ସଂଘର୍ଷ ଓ ବଳିଦାନ ଉପରେ ଆଲୋକପାତ କରିଥିଲେ। ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ କେନ୍ଦ୍ର ସରକାରଙ୍କ ୧୨ ବର୍ଷର ଶାସନ ଓ ରାଜ୍ୟ ସରକାରଙ୍କ ୨ ବର୍ଷର ଶାସନ କାଳରେ ହୋଇଥିବା ଉପଲବ୍‌ôଧ ଉପରେ ଆଲୋକପାତ କରିଥିଲେ। ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ ସମଗ୍ର ଦେଶରେ ବିଜେପି ତରଫରୁ ଚାଲିଥିବା ଡ଼ିଜିଟାଲ୍ ପ୍ରଶିକ୍ଷଣ ସକ୍ଷମ କାର୍ଯ୍ୟକର୍ତ୍ତା ସଶକ୍ତ ସଂଗଠନ ଗଠନ କରି ସେଥିରେ କିପରି ସମସ୍ତେ ଯୋଡ଼ି ହେବେ ସେ ଉପରେ ଚର୍ଚ୍ଚା କରିଥିଲେ। ରାଜ୍ୟ ପ୍ରବକ୍ତା ଧୀରେନ୍ ସେନାପତି ଓ ଅନ୍ୟ ନେତୃବୃନ୍ଦ ସଂଗଠନକୁ ସୁଦୃଢ଼ ଓ ଶକ୍ତିଶାଳୀ କିପରି କରାଯିବ ତା ଉପରେ ଆଲୋକପାତ କରିଥିଲେ। ପରିଶେଷରେ ଜିଲ୍ଲା ମୁଖପାତ୍ର ତଥା ଜନ ସଂଘରୁ ବିଜେପିରେ ସକ୍ରିୟ ଭାବେ କାର୍ଯ୍ୟ କରି ଆସୁଥିବା କାର୍ଯ୍ୟକର୍ତ୍ତା ଗଙ୍ଗାଧର ଦାଶଙ୍କ ମଧ୍ୟ ଆଜି ୭୦ ତମ ଜନ୍ମଦିନ ପାଳନ କରାଯାଇଥିଲା। ବିରମିତ୍ରପୁର ପୂର୍ବତନ ବିଧାୟକ ଶଙ୍କର ଓରାମ, ପୂର୍ବତନ ଜିଲ୍ଲା ସଭାପତି ଜଗବନ୍ଧୁ ବେହେରା, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ରଂଜିତ ନାୟକ, ଅଭିରାମ ମହାକୁଳ ଏବଂ ନିରଞ୍ଜନ ମହନ୍ତ, ଜିଲ୍ଲା ଉପସଭାପତି ମନୋଜ ସେନାପତି, ସତ୍ୟପ୍ରିୟ ସାହୁ, ସୁନିଲ ତିୱାରୀ, ପଦ୍ମିନୀ ଦାଶ, ଅରବିନ୍ଦ ନାଥ ଶର୍ମା ଏବଂ ଜିଲ୍ଲା କୋଷାଧକ୍ଷ ସତ୍ୟ ଶର୍ମା ମଞ୍ଚାସିନ ଥିଲେ। ନିରଞ୍ଜନ ମହନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ଅଭିରାମ ମହାକୁଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିବାଙ୍ଗୀ ଆନନ୍ଦଙ୍କୁ ବଣାଇଁ ତହସିଲଦାର ଭାବେ ଅତିରିକ୍ତ ଦାୟିତ୍ୱ

**ବଣାଇ,୭।୭ (ସମିସ):** ବଣାଇ ତହସିଲଦାର ସମ୍ବିତ ଦାଶ ଗତ ୧୭ ଜୁନ୍ ୨୦୨୬ ଠାରୁ କାର୍ଯ୍ୟରେ ଅନୁପସ୍ଥିତ ଥିବାରୁ ତହସିଲ କାର୍ଯ୍ୟାଳୟର ପ୍ରଶାସନିକ କାର୍ଯ୍ୟ ସୁଚାରୁରୂପେ ଚାଲିବା ନିମନ୍ତେ ସୁନ୍ଦରଗଡ଼ ଜିଲ୍ଲାପାଳ ନୂତନ ବ୍ୟବସ୍ଥା କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ୬ ଜୁଲାଇ ୨୦୨୬ରେ ଜାରି ହୋଇଥିବା କାର୍ଯ୍ୟାଳୟ ଆଦେଶ ଅନୁଯାୟୀ, ବଣାଇ ଉପଜିଲ୍ଲାପାଳ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଶିବାଙ୍ଗୀ ଆନନ୍ଦଙ୍କୁ ତାଙ୍କର ନିୟମିତ ଦାୟିତ୍ୱ ସହିତ ବଣାଇ ତହସିଲଦାର ପଦର ଔପଚାରିକ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ବ୍ୟବସ୍ଥା ସମ୍ବିତ ଦାଶ ପୁନର୍ବାର କର୍ତ୍ତବ୍ୟରେ ଯୋଗଦେବା ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ସରକାରୀ ଆଦେଶ ଜାରି ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ।

## ରଥରେ ଶେଷ ସ୍ପର୍ଶ ଦେଉଛନ୍ତି ଶିଳ୍ପୀ

**ବଣାଇଁ,୭।୭ (ସମିସ):** ବଣାଇଁ ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ କାରିଗରମାନେ ରଥରେ ରଙ୍ଗ, ଅଳଙ୍କାର, କନକମୁଣ୍ଡି, ପାଶ୍ୱର୍ଦେବତା, ଧ୍ୱଜା ଓ ଅନ୍ୟାନ୍ୟ ସାଜସଜ୍ଜାର ଶେଷ ସ୍ପର୍ଶ ଦେଉଛନ୍ତି। ରଥଯାତ୍ରାକୁ ସୁଚାରୁ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ମନ୍ଦିର ପରିଚାଳନା କମିଟି, ସ୍ଥାନୀୟ ପ୍ରଶାସନ, ପୁଲିସ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଭକ୍ତମାନଙ୍କ ସୁବିଧା ପାଇଁ ସୁରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଓ ପରିମଳ ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି।



ଚଳିତ ବର୍ଷ ରଥଯାତ୍ରା ଅବସରରେ ନବ ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଛି। ପ୍ରତିଦିନ ସନ୍ଧ୍ୟାରେ ଭଜନ ସମାରୋହ, ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ, ସଙ୍ଗୀତ ପରିବେଷଣ ସହ ବିଭିନ୍ନ ସାଂସ୍କୃତିକ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏଥିରେ ସ୍ଥାନୀୟ ତଥା ବାହାର ଅଞ୍ଚଳର ବହୁ କଳାକାର ଅଂଶଗ୍ରହଣ କରିବେ। ରଥଯାତ୍ରା କମିଟି ପକ୍ଷରୁ ବଣାଇଁ ଓ ଆଖପାଖ ଅଞ୍ଚଳର ସମସ୍ତ ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କୁ ରଥଯାତ୍ରା ଓ ନବ ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍ସବକୁ ସଫଳ କରିବା ପାଇଁ ଆହ୍ୱାନ କରାଯାଇଛି।

## ଆର୍‌ଏସ୍‌ପିର ବ୍ୟାପକ ବୃକ୍ଷରୋପଣ ଅଭିଯାନ



**ରାଉରକେଲା, ୭।୭ (ସମିସ):** ରାଉରକେଲା ଇସ୍ପାତ କାରଖାନା ନିଜର ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ସଂରକ୍ଷଣ ପ୍ରତି ଥିବା ନିଜର ପ୍ରତିବଦ୍ଧତାକୁ ସଦାସର୍ବଦା ବଜାୟ ରଖିଛି। ବ୍ୟାପକ ବୃକ୍ଷରୋପଣ ଅଭିଯାନ ଏବଂ ଅନ୍ୟାନ୍ୟ ବନୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ ବିଗତ ବର୍ଷଗୁଡ଼ିକରେ ୫୨ ଲକ୍ଷରୁ ଅଧିକ ଗଛ ଲଗାଇ ଆର୍‌ଏସ୍‌ପି ସହର ଚାରିପାଖରେ ଏକ ସବୁଜ ବଳୟ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି।

୦୨୦୦୭ ମସିହାରେ ସେକ୍ଟର-୨ ସ୍ଥିତ ଏନ.ଆଇ.ଟି ରୋଡ୍‌ରେ 'ଇସ୍ପାତ ଉଦ୍ୟାନ' ରୁ ଆରମ୍ଭ ହୋଇଥିବା ଏହି ଅଭିଯାନ, ଇସ୍ପାତ ସହରର ବିଭିନ୍ନ ସ୍ଥାନରେ ଅନେକ ସବୁଜ ସ୍ଥାନର ବିକାଶ ସହିତ ବର୍ଷ ବର୍ଷ ଧରି କ୍ରମାଗତ ଭାବେ ଏହାର ପରିମାଣ ବୃଦ୍ଧି ପାଇଛି। ଏଗୁଡ଼ିକ ମଧ୍ୟରେ ଏୟାରପୋର୍ଟ ନିକଟରେ 'ଇସ୍ପାତ ଏୟାରପୋର୍ଟ ଉଦ୍ୟାନ', ଗ୍ରୀନ୍ ପାର୍କ ସେକ୍ଟର-୮ ରେ 'ଇସ୍ପାତ ଫ୍ରୁଟ୍ ଗାର୍ଡେନ', ଏୟାରପୋର୍ଟ ରୋଡ୍‌ରେ 'ଇସ୍ପାତ ଉପବନ', ସେକ୍ଟର-୮ ଆଇ.ଏଲ.ଏସ ସ୍କୁଲ ନିକଟରେ 'ଇସ୍ପାତ ବନ ବାଟିକା', ସେକ୍ଟର-୬ରେ 'ଇସ୍ପାତ ପ୍ରକୃତି ଉଦ୍ୟାନ', ରାଉରକେଲା ହାଉସ୍ ନିକଟରେ 'ଇସ୍ପାତ ବନ ବିହାର', ସେକ୍ଟର-୨ ଦୀପିକା ମହିଳା ଜାଗୃତି ସଂସ୍ଥାନ ନିକଟରେ 'ଇସ୍ପାତ ପର୍ଯ୍ୟାବରଣ ଉଦ୍ୟାନ', ସେକ୍ଟର-୨୦ ରାଉରକେଲା ହାଉସ୍ ପଛପଟେ 'ଇସ୍ପାତ ହରିତ ଉଦ୍ୟାନ', ସେକ୍ଟର-୭ ଇଲେକ୍ଟ୍ରିକାଲ୍ ସବ୍-ଷ୍ଟେସନ୍ ନିକଟରେ 'ଇସ୍ପାତ ବନସ୍ଥଳୀ', ସେକ୍ଟର-୧ ଏନ.ଏ.ସି ସ୍କୁଲ ନିକଟରେ 'ଇସ୍ପାତ ବନାନୀ', ଇସ୍ପାତ ଷ୍ଟାଡିୟମ୍ ନିକଟରେ 'ଇସ୍ପାତ ବୃକ୍ଷ ଉଦ୍ୟାନ', ସେକ୍ଟର-୧୮ ରେ 'ଇସ୍ପାତ ନନ୍ଦନ ବିହାର', ସେକ୍ଟର-୮ ରେ 'ଇସ୍ପାତ ଫଳ ଉଦ୍ୟାନ', ସେକ୍ଟର-୨୦ ବେଥାନୀ ଚର୍ଚ୍ଚ ରୋଡ୍‌ରେ 'ଇସ୍ପାତ ଅରଣ୍ୟ ବାଟିକା', ସେକ୍ଟର-୧ ରେ 'ଇସ୍ପାତ ବୃକ୍ଷ ବିହାର', ସେକ୍ଟର-୨୦ ରେ 'ଇସ୍ପାତ ଅରଣ୍ୟ ଉଦ୍ୟାନ' ଏବଂ ଜାଗଦା ସ୍ଥିତ ଗୋପାଳଟୋଲିଠାରେ 'ଇସ୍ପାତ ସବୁଜ ବନ' ଅନ୍ତର୍ଭୁକ୍ତ।

## ନିମ୍ନ ମାନର କାମ ଅଭିଯୋଗ | ୨ ମାସ ଯାଇନାହିଁ ରାସ୍ତା ଫାଟି ଆଁ'

**ବଣାଇଁ,୭।୭ (ସମିସ)**

କାର୍ଯ୍ୟ ସରିବାର ୨ ମାସ ନ ପୁରୁଣୁ ଭାଙ୍ଗିରୁଜି ଗଲା କଂକ୍ରିଟ ରାସ୍ତା। ନିମ୍ନମାନର କାମ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସରକାରଙ୍କ "ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ନିର୍ମିତ ଏହି କଂକ୍ରିଟ ରାସ୍ତା କାର୍ଯ୍ୟ ସରିବାର ଦୁଇ ମାସ ମଧ୍ୟ ପୂରଣ ହୋଇନଥିବା ବେଳେ ଭାଙ୍ଗିରୁଜି ଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ବଣାଇଁଗଡ଼ ବ୍ଲକ ଅନ୍ତର୍ଗତ ବଣାଇଁଗଡ଼ ଗ୍ରାମ ପଞ୍ଚାୟତର ଠାକୁରମା ଠାରୁ ପତ୍ରାପାଲି ପର୍ଯ୍ୟନ୍ତ ପ୍ରାୟ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା। କିନ୍ତୁ ରାସ୍ତାଟି ନିର୍ମାଣ ହେବାର ମାତ୍ର କିଛି ମାସ ମଧ୍ୟରେ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହେବା ସହ କଂକ୍ରିଟ ଉପୁଡ଼ି ଯାଇଥିବା ଦେଖିବାକୁ ମିଳିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ, ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯିବା ସହ ଗୁଣାତ୍ମକ ମାନଦଣ୍ଡକୁ ଅଣଦେଖା କରାଯାଇଥିବାରୁ ରାସ୍ତାର ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ସରକାରୀ ଅର୍ଥ ବ୍ୟୟ କରି ନିର୍ମିତ ରାସ୍ତା ଏତେ କମ୍ ସମୟ ମଧ୍ୟରେ କ୍ଷତିଗ୍ରସ୍ତ ହେବା ପ୍ରଶାସନିକ ତଦାରଖ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଗ୍ରାମବାସୀମାନେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ନିର୍ମାଣ କାର୍ଯ୍ୟରେ କୌଣସି ଅନିୟମିତତା ହୋଇଥିଲେ ସମ୍ପୃକ୍ତ ଠିକାଦାର ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସେହିପରି କ୍ଷତିଗ୍ରସ୍ତ ରାସ୍ତାର ଶୀଘ୍ର ମରାମତି କରି ସାଧାରଣ ଲୋକଙ୍କ ଯାତାୟାତ ସୁବିଧା ସୁନିଶ୍ଚିତ କରିବାକୁ ମଧ୍ୟ ସେମାନେ ଦାବି ଉଠାଇଛନ୍ତି।



## ଭତ୍ତା କେଳେଙ୍କାରୀ ଘଟଣାରେ ନୂଆ ମୋଡ଼

# ଅବଶିଷ୍ଟ ପ୍ରାପ୍ୟ ଦେବାକୁ ସାଧା କାଗଜରେ ସ୍ୱାକ୍ଷର

ବାଲିକୁଦା,୭।୭(ସମିସ)

ବାଲିକୁଦା ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ପଞ୍ଚାୟତରେ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନକୁ ନେଇ ଉଠିଥିବା ଅନିୟମିତତା ଅଭିଯୋଗ ନୂଆ ମୋଡ଼ ନେଇଛି। ଗଣମାଧ୍ୟମରେ ଘଟଣା ପ୍ରକାଶ ପାଇବା ପରେ ୮୮ ବର୍ଷୀୟା ଦୃଷ୍ଟିବାଧିତ ବିଧବା ବସନ୍ତ ମଞ୍ଜରୀ ସାମନ୍ତରାୟଙ୍କୁ ଅବଶିଷ୍ଟ ପ୍ରାପ୍ୟ ଅର୍ଥ ପ୍ରଦାନ କରାଯାଇଥିବା ବେଳେ ସମଗ୍ର ଘଟଣାର ତଦନ୍ତ ପାଇଁ ବ୍ଲକ ପ୍ରଶାସନ ପଦକ୍ଷେପ ନେଇଛି। ଅନ୍ୟପକ୍ଷରେ ଖବର ପ୍ରକାଶକୁ କେନ୍ଦ୍ର କରି ସାମ୍ବାଦିକଙ୍କୁ ଧମକ ଦିଆଯାଇଥିବା ଅଭିଯୋଗ ଘଟଣାକୁ ଆହୁରି ସମ୍ବେଦନଶୀଳ କରିଛି।

ଅଭିଯୋଗ ଅନୁଯାୟୀ, ୮୦ ବର୍ଷରୁ ଅଧିକ ବୟସ୍କ ହୋଇଥିବାରୁ ବସନ୍ତ ମଞ୍ଜରୀଙ୍କୁ ମେ' ମାସଠାରୁ ବର୍ଦ୍ଧିତ ହାରରେ ପ୍ରତିମାସ ୩,୫୦୦ ଟଙ୍କା ଭତ୍ତା ମିଳିବା କଥା। ଏପ୍ରିଲ ମାସର ୧,୦୦୦ ଟଙ୍କା ସମେତ ଏପ୍ରିଲ, ମେ' ଓ ଜୁନ ମାସର ମୋଟ ୮,୦୦୦ ଟଙ୍କା ପ୍ରାପ୍ୟ ଥିଲେ ମଧ୍ୟ ତାଙ୍କୁ କେବଳ ୫,୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଏପରିକି ଭତ୍ତା ରେଜିଷ୍ଟରରେ ପ୍ରାପ୍ୟ ରାଶି ଉଲ୍ଲେଖ ନକରି କେବଳ ସ୍ୱାକ୍ଷର ନିଆଯାଇଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଥିଲା। ବୃଦ୍ଧାଙ୍କ ପରିବାର ପକ୍ଷରୁ ବ୍ଲକ

### ରକ୍ତଚାଉଳ ଚୋବାଉଛନ୍ତି ସରପଞ୍ଚଙ୍କ ପ୍ରତିନିଧି

ସାମାଜିକ ସୁରକ୍ଷା କାର୍ଯ୍ୟାଳୟରେ ଯୋଗାଯୋଗ କରିବା ପରେ ତାଙ୍କର ୮,୦୦୦ ଟଙ୍କା ପ୍ରାପ୍ୟ ଥିବା ସ୍ପଷ୍ଟ ହୋଇଥିଲା। ଖବର ପ୍ରସାରଣ ପରେ ବୃଦ୍ଧାଙ୍କ ଘରକୁ ଯାଇ ଅବଶିଷ୍ଟ ଅର୍ଥ ପ୍ରଦାନ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିତମ ନାୟକ କହିଛନ୍ତି ଯେ, ସମଗ୍ର ଘଟଣାର ତଦନ୍ତ ପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପିଇଓ ଅରୁଣ ପ୍ରଧାନ ଏବଂ ସମ୍ପୃକ୍ତ ଏଡିଇଓ ସୁଜାତା ଜେନାଙ୍କୁ ବିଡିଓଙ୍କ କାର୍ଯ୍ୟାଳୟରେ ହାଜର ହୋଇ ପକ୍ଷ ରଖିବାକୁ କୁହାଯାଇଛି। ବିଡିଓ ଭିଡିଓ କନଫରେନ୍ସ ବୈଠକରେ ବ୍ୟସ୍ତଥିବାରୁ ଆସନ୍ତାକାଲି ଉଭୟଙ୍କୁ ଡକାଯାଇ ଘଟଣାର ସମୀକ୍ଷା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଘଟଣାର ଅନ୍ୟ ଏକ ଗୁରୁତର ଦିଗ ହେଉଛି, ଖବର ପ୍ରସାରଣ ପରେ ଇଚ୍ଛାପୁର ସରପଞ୍ଚ ପ୍ରତିନିଧି ମଳୟ ପୁହାଣ ସାମ୍ବାଦିକଙ୍କୁ ଫୋନରେ "ଏଭଳି ଖବର କାହିଁକି ଛାପିଲ, ଆଗକୁ ଛାପିଲେ ଦେଖିନେବି' ବୋଲି ଧମକ ଦେଇଥିବା ଅଭିଯୋଗ ଉଠିଛି। ଯଦି ଏହି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ ଏହା ଗଣମାଧ୍ୟମର ସ୍ୱାଧୀନତା ଏବଂ ସୂଚନା ପ୍ରକାଶର ଅଧିକାର ସହ ଜଡିତ ଏକ ଗୁରୁତର ପ୍ରସଙ୍ଗ ହୋଇପାରେ। ସ୍ଥାନୀୟ ଲୋକଙ୍କ ମତରେ, ଇଚ୍ଛାପୁର ପଞ୍ଚାୟତରେ ପୂର୍ବରୁ ମଧ୍ୟ ଭତ୍ତା ବଣ୍ଟନ, ହରିଶ୍ଚନ୍ଦ୍ର ଯୋଜନା, ଆଲୋକୀକରଣ, ଆବାସ ଯୋଜନା, ରାସନ ବଣ୍ଟନ ଓ ମାର୍କେଟ କମ୍ପ୍ଲେକ୍ସ ବଣ୍ଟନକୁ ନେଇ ବିଭିନ୍ନ ଅଭିଯୋଗ ସାମ୍ନାକୁ ଆସିଥିଲା। ତେଣୁ ଏହି ନୂଆ ଘଟଣାକୁ କେବଳ ସାଧାରଣ ଭୁଲ୍ ନା ଏକ ବ୍ୟବସ୍ଥିତ ଅନିୟମିତତାର ଅଂଶ, ତାହାର ନିରପେକ୍ଷ ତଦନ୍ତ ଆବଶ୍ୟକ ବୋଲି ସେମାନେ ଦାବି କରୁଛନ୍ତି। ଏ ସମ୍ପର୍କରେ ଜଗତସିଂହପୁର ଜିଲ୍ଲା ପରିଷଦର ପ୍ରକଳ୍ପ ନିର୍ଦ୍ଦେଶକ ଅକ୍ଷୟ ପିଲ୍ଲେ କହିଛନ୍ତି ଯେ, ଏହି ଅଭିଯୋଗ ସମ୍ପର୍କରେ ସେ ପୂର୍ବରୁ ଅବଗତ ନଥିଲେ। ବିଡିଓ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହ ଆଲୋଚନା କରି ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରାଯିବ ଏବଂ ଯଦି କୌଣସି ଅନିୟମିତତା ପ୍ରମାଣିତ ହୁଏ, ତେବେ ଆଇନ ଅନୁଯାୟୀ ଦୃଢ଼ ପଦକ୍ଷେପ ନିଆଯିବ।

## ବିଷ ଖାଇ ମହାନଦୀକୁ ଡେଇଁଲେ ବୃଦ୍ଧ

କୁଜଙ୍ଗ,୭।୭(ସମିସ): ଆଜି ସନ୍ଧ୍ୟାରେ ଘରୋଇ କଳିକୁ କେନ୍ଦ୍ରକରି ଜନୈକ ବୃଦ୍ଧ ବିଷପାନ କରିବା ସହିତ ଭୂତମୁଣ୍ଡାଇ ପୋଲ ଉପରୁ ମହାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡିଛି। ତେବେ ମହାନଦୀରେ ମାଛ ଧରୁଥିବା ମତ୍ସ୍ୟଜୀବୀ ଦ୍ୱାରା ଉଦ୍ଧାର କରାଯାଇଥିବା ବେଳେ ତାଙ୍କୁ କୁଜଙ୍ଗ ମେଡିକାଲରେ ଭର୍ତ୍ତି କରାଯାଇଥିବା ଜଣାପଡିଛି। ତାଙ୍କ ଘର କୁଜଙ୍ଗ ଥାନା ଅନ୍ତର୍ଗତ ପାନପଲ୍ଲୀ ଗ୍ରାମରେ ହୋଇଥିବା ବେଳେ ତାଙ୍କ ନାମ ପଞ୍ଚୁ ସୂତାର ବୋଲି ଜଣାପଡିଛି।

## ନାବାଳିକା ଦୁଷ୍କର୍ମ ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଜଗତସିଂହପୁର,୭।୭(ସମିସ): ଗତ ୨୦୨୩ ମସିହାରେ ଜଗତସିଂହପୁର ଜିଲ୍ଲାର ପାରାଦୀପ ଲକ୍ ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍ସ ଅଦାଲତର ବିଚାରପତି ଗାର୍ଗୀ ପଟ୍ଟନାୟକ ମୁଖ୍ୟ ଅଭିଯୁକ୍ତ ନିକଟସ୍ଥ ନୂଆଗାଁ ଗ୍ରାମର ସରୋଜ ଦାସକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ କାରାଦଣ୍ଡ ଆଦେଶ କରିଛନ୍ତି ଅଦାଲତ। ସେହିପରି ଏହି ମାମଲାରେ ସହଯୋଗ କରିଥିବା କୁଜଙ୍ଗ ଥାନା ଅଞ୍ଚଳର ସୁଶାନ୍ତ ନାୟକ, ମାନସ ସ୍ୱାଇଁ ଏବଂ ମନୋରଞ୍ଜନ ଦାସଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫ ହଜାର ଲେଖାଏଁ ଟଙ୍କା ଜରିମାନା କରିଛନ୍ତି ଅଦାଲତ। ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପିପି ଶିବ ପ୍ରସାଦ ମାଝୀଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଗତ ୨୦୨୩ ମସିହା ଜୁନ ୩୦ ତାରିଖ ମଧ୍ୟ ରାତ୍ରରେ ପାରାଦୀପ ଲକ୍ ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟ ନାବାଳିକାଙ୍କୁ ସରୋଜ ଏବଂ ତାର ସହଯୋଗୀ ମାନେ ଅପହରଣ କରିଥିଲେ। ଘଟଣା ସମ୍ପର୍କରେ ଅପହୃତାଙ୍କ ମାତା ଜୁଲାଇ ୧ ତାରିଖରେ ଥାନାରେ ଏତଲା ଦେଇଥିଲେ। ପୁଲିସ ଏକ ମାମଲା ରୁଜୁ କରିବା ସହିତ ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ମୁଖ୍ୟ ଅଭିଯୁକ୍ତ ସରୋଜ ଏବଂ ତାର ସମସ୍ତ ସହଯୋଗୀମାନଙ୍କୁ ନାବାଳିକା ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା। ମୋଟ ୨୫ ଜଣଙ୍କ ଠାରୁ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରିବା ପରେ ଅଭିଯୁକ୍ତ ମାନଙ୍କୁ ଅଦାଲତ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି।

## ଜାତୀୟ ରାଜପଥ ଦବିବା ସ୍ଥଳ ପରିଦର୍ଶନ କଲେ ବିଧାୟକ



ଜଗତସିଂହପୁର,୭।୭(ସମିସ): ଜଗତସିଂହପୁର ଜିଲ୍ଲାରେ ନିର୍ମାଣଧୀନ ୫୫ ନଂ. ଜାତୀୟ ରାଜପଥର ମଙ୍ଗଳପୁର ଠାରୁ ଯୋଗାଧାରି ପର୍ଯ୍ୟନ୍ତ ବାଇପାସ୍ ରାସ୍ତା ଖେରସ ନିକଟରେ ଧସି ଯାଇଛି। ଚାରିଦିନ ଲଘୁଚାପ ବର୍ଷାରେ ନୂତନ ରାସ୍ତାର ଉଭୟ ପାଶ୍ୱର୍ ବିଭିନ୍ନ ଜାଗାରେ ଧସିଛି। ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅନୁପସ୍ଥିତ ପାଇଁ ଏହି ସବୁ ଅସୁବିଧା ବିଭିନ୍ନ ଜାଗାରେ ରାସ୍ତା ଧସୁଛି ବୋଲି ସାଧାରଣ ଲୋକ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଯୋଗଧାରୀ ନିକଟରେ କ୍ରସର ଗୁଣ୍ଡ ବୋଝେଇ ଟ୍ରକ ପିଚୁ ରାସ୍ତାରୁ ଆପଣା ଛାଏଁ ଦବି ଲେଉଟି ପଡ଼ିଥିବା ଦେଖିବାକୁ ମିଳିଛି। ଯାହା କି ରାଜପଥର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠିଛି। ଏହି ଖବର ମିଳିବା ପରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଉକ୍ତ ରାସ୍ତା ଧସିଥିବା ସ୍ଥାନ ଏବଂ ଟ୍ରକ ଲେଉଟିବା ସ୍ଥାନ ପରିଦର୍ଶନ କରିଥିଲେ। ଏହା ପରେ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କୁ ସଠିକ ରାସ୍ତା ନିର୍ମାଣ ପାଇଁ ତାଗିତ କରିଥିବା ସୂଚନା ମିଳିଛି।

## ଋଣ ଖିଲାପୀଙ୍କ ଘରକୁ ସିଲ୍ କଲା ବ୍ୟାଙ୍କ



ନାଉଗାଁ,୭।୭(ସମିସ): ଋଣ ଖିଲାପକାରୀଙ୍କ ଘରକୁ ସିଲ୍ କଲା ବ୍ୟାଙ୍କ ଓ ପୋଲିସ ପ୍ରଶାସନ। ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟାଙ୍କ ଋଣ ଆଣି ଅଡୁଆରେ ବ୍ୟବସାୟୀ। ପୁଲିସ ପ୍ରଶାସନ ଓ ତହସିଲଦାରଙ୍କ ଉପସ୍ଥିତରେ ଘରକୁ ସିଲ୍ କଲା ବ୍ୟାଙ୍କ। ସୂଚନା ମୁତାବକ ନାଉଗାଁ ଥାନା ଅଞ୍ଚଳର ଅଲଣା ପଞ୍ଚାୟତର ମଧୁପୁରୁ ଗ୍ରାମର ଅଶୋକ ପରିଡା ବିଗତ ଦୁଇ ବର୍ଷ ପୂର୍ବେ ୟୁନିୟନ ବ୍ୟାଙ୍କରୁ ପରିଡା ଟ୍ରେଡର୍ସ ନାମରେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୋନ ଆଣି ବ୍ୟାଙ୍କକୁ ଟଙ୍କା ସୁଝି ନଥିଲେ। ଏ ନେଇ ବାରମ୍ବାର ବ୍ୟାଙ୍କ ନୋଟିସ୍‌କୁ ମଧ୍ୟ ଅଣଦେଖା କରିଥିଲେ। ଶେଷରେ ବ୍ୟାଙ୍କ ଆଜି ପୁଲିସ ଓ ପ୍ରଶାସନ ସାହାଯ୍ୟରେ ଅଶୋକ ପରିଡାଙ୍କ ଘରକୁ ଆସି ନିୟମ ଅନୁସାରେ ଘର ସିଲ୍ କରିବା ସହିତ ଘରେ ଥିବା ସମସ୍ତ ଅସବାବପତ୍ର ବାହାର କରିଥିଲେ।

## ଆଦର୍ଶ ଶିକ୍ଷକ ବୈକୁଣ୍ଠନାଥ ଆଚାର୍ଯ୍ୟଙ୍କ ସ୍ମୃତିସଭା



ଜଗତସିଂହପୁର/ନାଉଗାଁ,୭।୭(ସମିସ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣାହାଟ ହାଇସ୍କୁଲର ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ବୈକୁଣ୍ଠ ନାଥ ଆଚାର୍ଯ୍ୟଙ୍କ ୩୫ତମ ଶ୍ରାଦ୍ଧଦିବସ ପ୍ରାକ୍ତନ ବିଦ୍ୟାର୍ଥୀ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ବିଦ୍ୟାର୍ଥୀ ପରିଷଦର ସମସ୍ତ ସଭ୍ୟ ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ବୈକୁଣ୍ଠନାଥ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପରେ ପ୍ରାକ୍ତନ ବିଦ୍ୟାର୍ଥୀ ପରିଷଦର ସଭ୍ୟ ପ୍ରଶାନ୍ତ ମିଶ୍ର କବିତା ପାଠ କରିଥିଲେ। ସେହିପରି ସମ୍ପାଦକ ବିରଞ୍ଚି ନାରାୟଣ ମିଶ୍ର, ଉପସଭାପତି ଦେବେନ୍ଦ୍ର ଆଚାର୍ଯ୍ୟ, ଉପଦେଷ୍ଟା ଡ. ରାଖାଲ ରାୟ, ବଂଶୀଧର ଆଚାର୍ଯ୍ୟ, ରାଜକିଶୋର ମହାନ୍ତି, ବଂଶୀଧର ବେହେରା, ନବକିଶୋର ମହାନ୍ତି ପ୍ରମୁଖ ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକଙ୍କ ତ୍ୟାଗପୂତ ଜୀବନ ଦର୍ଶନକୁ ଉପସ୍ଥାପନ କରିଥିଲେ। ଏହାପରେ ଚଳିତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରୀତି ଜିଜ୍ଞାସା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଇକୋ ଶିକ୍ଷକ ଅମ୍ବିକା ପ୍ରସାଦ ସାହୁଙ୍କ ପରିଚାଳନାରେ ପ୍ରଧାନ ଶିକ୍ଷକ ଅମୂଲ୍ୟ ମିଶ୍ର, ଆଲୁମିନି ସମ୍ପାଦକ ବିରଞ୍ଚି ନାରାୟଣ ମିଶ୍ରଙ୍କ ସମେତ ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇଥିଲେ।

## ଷଣ୍ଢ ଲଢ଼େଇରେ ଆହତ ବନ୍ଦର ଇଞ୍ଜିନିୟରଙ୍କ ମୃତ୍ୟୁ



ପାରାଦୀପ,୭।୭(ସମିସ): ପାରାଦୀପ ବନ୍ଦରରେ କାର୍ଯ୍ୟରତ ଇଞ୍ଜିନିୟର ନିର୍ମଳ ଦାସଙ୍କର ୫୦ ବର୍ଷ ବୟସରେ ଦେହାନ୍ତ ଘଟିଛି। ସେ ବନ୍ଦରର ସହାୟକ ନିର୍ବାହୀ ଅଧିକାରୀ (ଏଇଇ) ଭାବେ ଏମ୍‌ସିଏଚ୍‌ପି ବିଭାଗରେ କାର୍ଯ୍ୟରତ ଥିଲେ। ସେ ପାରାଦୀପ ପୋର୍ଟର ଜଣେ ଦକ୍ଷ ଅଫିସର ଥିଲେ। ତାଙ୍କ ଦେହାନ୍ତ ଖବର ମିଳିବା ପରେ ବନ୍ଦର କର୍ମଚାରୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଗତ ସପ୍ତାହରେ କପିଳମୁନି ମଠ ନିକଟରେ ଦୁଇ ଷଣ୍ଢ ଲଢ଼େଇ ବେଳେ ଷଣ୍ଢ ଆକ୍ରମଣର ଶିକାର ହୋଇ ଫୁଟପାତ ଉପରେ ପଡିଯାଇଥିଲେ। ଫଳରେ ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ବନ୍ଦର ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା କରାଯାଇ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଗତକାଲି ମୁଣ୍ଡରେ ଏକ ଅପରେସନ ଅବଶ୍ୟକ ପଡିବାରୁ ଅପରେସନ ମଧ୍ୟ କରାଯାଇଥିଲା। ତେବେ ଗତକାଲି ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ଘଟିଛି। ତାଙ୍କର ଦୁଇଟି ଝିଅ ରହିଥିବା ବେଳେ ଗତ କରେନାରେ ତାଙ୍କ ସ୍ତ୍ରୀଙ୍କର ଦେହାନ୍ତ ଘଟିଥିଲା। ତାଙ୍କ ନିଜ ଗ୍ରାମ କେନ୍ଦ୍ରାପଡାରେ ଅନ୍ତିମ ସଂସ୍କାର କରାଯାଇଛି।

## ଆବାସ ଯୋଜନାରେ ସାମିଲ କରିବା ଦାବି



ବାଲିକୁଦା,୭।୭(ସମିସ): ବାଲିକୁଦା ବ୍ଲକ ଅନ୍ତର୍ଗତ ଅପଣ୍ଡରା ପଞ୍ଚାୟତର ୪୦ରୁ ଅଧିକ ମହିଳା ବାଲିକୁଦା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସେମାନଙ୍କୁ ସରକାରଙ୍କ ଆବାସ ଯୋଜନାରେ ସାମିଲ କରିବା ଦାବିରେ ବିଡିଓ ବିଦ୍ୟାଧର ଦଣ୍ଡପାଟଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ଦୀର୍ଘ ବର୍ଷ ଧରି ସେମାନେ କଚ୍ଚା ଓ ଜରାଜୀର୍ଣ୍ଣ ଘରେ ବସବାସ କରୁଥିବା ବେଳେ ଆବାସ ଯୋଜନାର ସୁବିଧାରୁ ବଞ୍ଚିତ ହୋଇ ଆସୁଛନ୍ତି। ବିଭିନ୍ନ ସମୟରେ ପ୍ରଶାସନ ନିକଟରେ ଆବେଦନ ଓ ଗୁହାରି କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନଥିବାରୁ ସେମାନେ ପୁଣି ଥରେ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ବିଡିଓ ବିଦ୍ୟାଧର ଦଣ୍ଡପାଟ ଦାବିପତ୍ର ଗ୍ରହଣ କରି ସମସ୍ତ ଆବେଦନର ନିରପେକ୍ଷ ତଦନ୍ତ କରାଯିବ ବୋଲି କହିଥିଲେ। ତଦନ୍ତରେ ଯେଉଁ ପରିବାର ଆବାସ ଯୋଜନା ପାଇଁ ଯୋଗ୍ୟ ବିବେଚିତ ହେବେ, ସେମାନଙ୍କ ନାମ ସରକାରଙ୍କ ନିକଟକୁ ସୁପାରିସ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ବିଡିଓଙ୍କ ଆଶ୍ୱାସନ ପରେ ଉପସ୍ଥିତ ମହିଳାମାନେ ଯଥାଶୀଘ୍ର ତଦନ୍ତ ସମ୍ପନ୍ନ କରି ପ୍ରକୃତ ଯୋଗ୍ୟ ପରିବାରଙ୍କୁ ଆବାସ ସୁବିଧା ଯୋଗାଇ ଦେବାକୁ ଦାବି କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଏହି ଘଟଣାକୁ ନେଇ ଆବାସ ଯୋଜନାର ସ୍ୱଚ୍ଛ ଚୟନ ପ୍ରକ୍ରିୟା କରାଯିବ ବୋଲି ଲୋକଙ୍କ ଆଶା ବଢ଼ିଛି।

## ପାରାଦୀପ ଗଡ଼ ଗ୍ରାମପଞ୍ଚାୟତରେ ବନ ମହୋତ୍ସବ




ପାରାଦୀପ,୭।୭(ସମିସ): ପିପିଏଲ୍ ପକ୍ଷରୁ ପାରାଦୀପ ଗଡ଼ ଗ୍ରାମପଞ୍ଚାୟତର ଶ୍ରୀମା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୭୭ତମ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଶ୍ରୀମା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପଞ୍ଚାୟତ ମହିଳା ମହାସଂଘର ସଭ୍ୟାମାନେ ପାରାଦୀପଗଡ ଗ୍ରାମ ପରିକ୍ରମା କରି ସ୍କୁଲ ପଡିଆରେ ଥିବା ପତିତ ଖାଲି ଜାଗାରେ ବିଭିନ୍ନ କିସମର ଚାରା ଲଗାଇଥିଲେ। ପିପିଏଲ୍ ପକ୍ଷରୁ ପଞ୍ଚାୟତରେ ଥିବା ବିଭିନ୍ନ ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର, ଖେଳପଡିଆ ଓ ପତିତ ସ୍ଥାନରେ ବ୍ୟାପକ ବୃକ୍ଷ ରୋପଣ କରାଯିବ ବୋଲି ପିପିଏଲ୍ ସିଏସ୍‌ଆର୍ ତତଫରୁ ଅଶୋକ କୁମାର ରାଉତ, ଅରକ୍ଷିତ ସାହୁ, ସୁଧାଂଶୁ ବେହେରା ଓ ଏସ୍.ରାଜେଶ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ତଥା କୁଜଙ୍ଗ ଓକିଲ ସଙ୍ଘ ସଭାପତି ସଞ୍ଜୟ କୁମାର ବେହେରା, ଶ୍ରୀମା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କିରଣବାଳା ସାହୁ, ବରିଷ୍ଠ ଶିକ୍ଷୟିତ୍ରୀ ପ୍ରଭାତ ନଳିନୀ ବେହେରା, ଇତିଶ୍ରୀ ସାହୁ, ଖେଳ ଶିକ୍ଷକ ରମାକାନ୍ତ ଖଣ୍ଡୁଆଳ, ସାଗରିକା ସ୍ୱାଇଁ, ମିନାର୍ଭ ସ୍ୱାଇଁ, ବିଚିତ୍ର ପ୍ରଧାନ, ସନାତନ ମାଝୀ, ଏଡିଇଓ, ସିଆରପି ମେନକାରାଣୀ ସ୍ୱାଇଁ, ମିଲି ମଲ୍ଲିକ, ସଂଘମିତ୍ରା ମହାପାତ୍ର, ପ୍ରମୁଖ ଯୋଗଦେଇଥିଲେ।

## ପାରାଦୀପ ରିଫାଇନାରୀରେ ଆପାତ୍କାଳୀନ ମକ୍‌ଡ୍ରିଲ୍

ପାରାଦୀପ,୭।୭(ସମିସ): ପାରାଦୀପ ରିଫାଇନାରୀ ପକ୍ଷରୁ ଲେଭଲ୍-୩ ଆପାତ୍କାଳୀନ ଅନ୍‌ସାଇଟ୍ ଓ ଅଫସାଇଟ୍ ମକ୍‌ଡ୍ରିଲ୍ ମଙ୍ଗଳବାର ରିଫାଇନାରୀ ପରିସରରେ ଆୟୋଜିତ ହୋଇଯାଇଛି। ରିଫାଇନାରୀର ବାହ୍ୟ ଅଞ୍ଚଳକୁ ପ୍ରଭାବିତ କରୁଥିବା ଘଟଣା ପାଇଁ ରିଫାଇନାରୀର ଆପାତ୍କାଳୀନ ପ୍ରତିକ୍ରିୟା ଓ ପ୍ରସ୍ତୁତିର ପ୍ରଭାବ ଯାଞ୍ଚ କରି ଆପାତ୍କାଳୀନ ପରିସ୍ଥିତିରେ ସ୍ଥିତି ନିୟନ୍ତ୍ରଣ କରାଯାଇ ପାରିବ ତାହାର ପରୀକ୍ଷଣ କରାଯାଇଥିଲା। ରାଜ୍ୟ ସରକାରଙ୍କ ଏଫ୍‌ଆଣ୍ଡବି ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରଶେଖର ବେହେରା ଏହି ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଶେଷରେ ରିଫାଇନାରୀ ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ କୌଶିକ ବସୁଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ରିଫାଇନାରୀର ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧିମାନେ ଏହି ବୈଠକରେ ଯୋଗ ଦେଇଥିଲେ।

## ଆଦିକବି ସାରଳା ଦାସ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

ତିର୍ତ୍ତୋଲ,୭।୭(ସମିସ): ତିର୍ତ୍ତୋଲ ଠାରେ ୧୯୭୬ ମସିହାରେ ସ୍ଥାପିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ ନିମନ୍ତେ ମହାବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଆଜି ଅପରାହ୍ନରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ନଳିନୀକାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ସୂଚନା ଅନୁସାରେ ଆସନ୍ତା ଜୁଲାଇ ୨୬ ତାରିଖ ମହାବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ସୁବର୍ଣ୍ଣ ଜୟନ୍ତୀ ସମାରୋହର ରୂପରେଖ ପ୍ରସ୍ତୁତ କରାଯିବ। ଏହି ସୁବର୍ଣ୍ଣ ଜୟନ୍ତୀକୁ ସରସ ସୁନ୍ଦର ଭାବେ ପାଳନ କରିବା ପାଇଁ ୨୬ ତାରିଖ ପ୍ରସ୍ତୁତି ବୈଠକ ଆଲୋଚନା କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ମହାବିଦ୍ୟାଳୟର ଅଧ୍ୟାପକ କିଶୋର କୁମାର ନାୟକ, ଅଧ୍ୟାପକ ଦୀପକ ସିଂ, ଅଧ୍ୟାପକ କମଳାକାନ୍ତ ପଣ୍ଡା, ଅଧ୍ୟାପକ ନରେଶ ମହାପାତ୍ର, ଅଧ୍ୟାପକ ଅଶୋକ ରାଉତ୍, ଅଧ୍ୟାପକ ସୁରଞ୍ଜନ ଲେଙ୍କା, ଅଧ୍ୟାପିକା ଇତିଶ୍ରୀ ମହାନ୍ତି, ଅଧ୍ୟାପକ ମନୋରଞ୍ଜନ ସ୍ୱାଇଁ, ପ୍ରୟୋଗଶାଳା ପ୍ରଶିକ୍ଷକ ସନାତନ ଲେଙ୍କା, ସ୍ୱର୍ଣ୍ଣପ୍ରଭା ନାୟକ, ସହାୟକ ପ୍ରହରାଜ ମହାପାତ୍ର, ମୁଖ୍ୟ କିରାଣୀ ଶୁଭେନ୍ଦୁ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ସୁମନ୍ତ ଭୋଇ ଧନ୍ୟବାଦ୍ ଦେଇଥିଲେ।

## ସମୁଦ୍ରରୁ ୧୦ ଆନ୍ଧ୍ର ମତ୍ସ୍ୟଜୀବୀ ଉଦ୍ଧାର



ପାରାଦୀପ, ୭।୭ (ସମିସ): ପୁରୀ ଉପକୂଳରେ ସମୁଦ୍ର ଅଶାନ୍ତ ହେବାରୁ ଆନ୍ଧ୍ର ପ୍ରଦେଶର ଏକ ମାଛଧରା ବୋଟ୍ ବିପଦର ସମ୍ମୁଖୀନ ହୋଇଥିଲା। ପାରାଦୀପଠାରେ ଥିବା ଭାରତୀୟ କୋଷ୍ଟଗାର୍ଡ ଏସମ୍ପର୍କରେ ସୂଚନା ପାଇବା ପରେ ତୁରନ୍ତ ସେଠାରେ ପହଞ୍ଚି ସମସ୍ତ ମତ୍ସ୍ୟଜୀବୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିବା ନେଇ କୋଷ୍ଟଗାର୍ଡ ପାରାଦୀପ ଜିଲ୍ଲା ମୁଖ୍ୟାଳୟ-୭ ଦ୍ୱାରା ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି। ଘଟଣାରୁ ପ୍ରକାଶଯେ, ଓଡିଶା ପୁଲିସ୍ ଉପକୂଳ ସୁରକ୍ଷା ମୁଖ୍ୟାଳୟରୁ ଏକ ସୂଚନା କୋଷ୍ଟଗାର୍ଡ ବାହିନୀକୁ ମିଳିଥିଲା। ପୁରୀ ନିକଟରେ ଆନ୍ଧ୍ର ପ୍ରଦେଶର ଏକ ମାଛଧରା ବୋଟ୍ ପ୍ରତିକୂଳ ପାଗରେ ସମୁଦ୍ର ମଧ୍ୟରେ ଫସି ଯାଇଥିଲା। ଏହି ବୋଟରେ ୧୦ ଜଣ ମତ୍ସ୍ୟଜୀବୀ ଥିଲେ। ସିମାଦ୍ରୀ ଅପନା ନାମକ ଅନ୍ୟ ଏକ ମାଛଧରା ବୋଟ୍‌ରେ ୧୦ ଜଣ ମତ୍ସ୍ୟଜୀବୀ ଥିଲେ। ୪୦ ନଟିକାଲ୍ ମାଇଲ୍ ଦୂରରେ ଥିବା ଏହି ମାଛଧରା ବୋଟ୍ ସାମୁଦ୍ରିକ ଝଡର ସାମ୍ନା କରି ପାରିନଥିଲା। କୋଷ୍ଟଗାର୍ଡ ପାରଦୀପ ଜିଲ୍ଲା ମୁଖ୍ୟାଳୟକୁ ସହାୟତା ଲୋଡିଥିଲା। କୋଷ୍ଟଗାର୍ଡର ତ୍ୱରିତ ଜାହାଜ ସେଠାରେ ପହଞ୍ଚି ମାଛଧରା ବୋଟ୍ ସହିତ ମତ୍ସ୍ୟଜୀବୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଆଣିଥିଲେ।


GOVERNMENT OF ODISHA

**PANCHAYAT SAMITI: NARAYANPATNA**

**PR & DW DEPARTMENT, ODISHA**

**E-Mail ID:** ori-narayanpatna@nic.in

**Letter No.:** 1889 /2026/TCN.02/2026-27, **Date:** 06.07.2026

**NOTICE INVITING TENDER**

**Bid Identification No. 02 of 2026-27 of B.D.O. Narayanpatna**

1. Bid documents consisting of specification, the Bill of Quantity and the Tender Call Notice can be seen in the Government website: http://tendersodisha.gov.in/nicgep/app

| Sl. No. | Name of Work | Estimated Cost (Rs.) | Class of Contractor | Cost of Tender Paper (Rs.) | EMD (Rs.) | Time of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Drinking Water and Additional Classroom at Narayanpatna Govt. Girls Higher Secondary | 10,89,277/- | "C" & "D" | 6,000/- | 10,900/- | 6 Months |
| 2 | Construction of Additional Classroom at RK Higher Secondary School at Narayanpatna | 15,23,399/- | "C" & "D" | 6,000/- | 15,300/- | 6 Months |
| 3 | Construction of Drinking Water and Additional Classroom at Bala UGAS | 11,04,753/- | "C" & "D" | 6,000/- | 11,100/- | 6 Months |
| 4 | Construction of Boundary Wall, Drinking Water and Additional Classroom at Kelubadi Primary School | 11,06,336/- | "C" & "D" | 6,000/- | 11,100/- | 6 Months |
| 5 | Construction of Boundary Wall, Drinking Water and Additional Classroom at Laumalo Govt. Primary School | 11,00,049/- | "C" & "D" | 6,000/- | 11,000/- | 6 Months |
| 6 | Construction of Drinking Water and Additional Classroom at Naktipadar Upper Primary School | 11,00,049/- | "C" & "D" | 6,000/- | 11,000/- | 6 Months |
| 7 | Construction of Boundary Wall, Drinking Water and Additional Classroom at Palaput Secondary School | 10,89,277/- | "C" & "D" | 6,000/- | 10,900/- | 6 Months |
| 8 | Construction of Boundary Wall, Drinking Water and Additional Classroom at Sekhram Primary School | 11,14,826/- | "C" & "D" | 6,000/- | 11,200/- | 6 Months |
| 9 | Construction of Boundary Wall, Drinking Water and Additional Classroom at Upperlocha Primary School | 11,14,826/- | "C" & "D" | 6,000/- | 11,200/- | 6 Months |
| 10 | Construction of Boundary Wall, Drinking Water and Additional Classroom at Amblimbaguda Primary School | 15,71,922/- | "C" & "D" | 6,000/- | 15,800/- | 6 Months |
| 11 | Construction of Playground and Additional Classroom at Borigi Secondary School | 13,44,972/- | "C" & "D" | 6,000/- | 13,500/- | 6 Months |
| 12 | Construction of Boundary Wall, Playground and Additional Classroom at Balipeta Secondary School | 15,73,181/- | "C" & "D" | 6,000/- | 15,800/- | 6 Months |
| 13 | Construction of BT Road from Pindamal to Pipalguda | 16,80,690/- | "C" & "D" | 6,000/- | 17,000/- | 6 Months |
| 14 | Construction of Boundary Wall, Drinking Water and Additional Classroom at Chintaguda K Primary School | 14,87,693/- | "C" & "D" | 6,000/- | 14,900/- | 6 Months |
| 15 | Construction of Boundary Wall, Drinking Water and Additional Classroom at JELC Primary School, Gotiguda | 15,73,181/- | "C" & "D" | 6,000/- | 15,800/- | 6 Months |
| 16 | Construction of Boundary Wall, Drinking Water and Additional Classroom at Pindamali Primary School | 14,87,113/- | "C" & "D" | 6,000/- | 14,900/- | 6 Months |
| 17 | Construction of Boundary Wall, Toilet, Playground, Drinking Water and Additional Classroom at Rangapuri Primary School | 14,83,657/- | "C" & "D" | 6,000/- | 14,900/- | 6 Months |
| 18 | Providing facilities like digging of tube well, CWSN Toilet, Kitchen Shed and Electricity Connection to Tala Ullubadi PS | 11,88,208/- | "C" & "D" | 6,000/- | 11,900/- | 6 Months |
| 19 | Construction of Boundary Wall, Drinking Water and Additional Classroom at Pachingi Primary School | 14,87,693/- | "C" & "D" | 6,000/- | 14,900/- | 6 Months |
| 20 | Construction of Additional Classroom at Naktipadar PS | 14,45,788/- | "C" & "D" | 6,000/- | 14,500/- | 6 Months |

**20 (Twenty) Nos. of work only**

| | |
|---|---|
| Tender documents available on website | Can be downloaded from http://www.tendersodisha.gov.in |
| Bid documents available date and time | **From 10.07.2026 at 11.00 Hours to 31.07.2026 up to 17.30 Hours** |
| Bid clarification start date & closing date | **10.07.2026 to 31.07.2026 during office hours** |
| Offline documents received through Speed Post/Registered Post | **From 10.07.2026 at 17.30 Hours to 04.08.2026 at 11.00 Hours** |
| Date, time and venue of opening of bid online | **05.08.2026 at 11.00 Hours**, Office of the Block Development Officer, Panchayat Samiti, Narayanpatna |
| Offline documents shall be opened in presence of participating bidders | **05.08.2026 at 11.00 Hours onwards**, Chamber of BDO, Narayanpatna |
| If stipulation arises, the tender will be decided through Lottery System | **05.08.2026 at 15.30 Hours**, Office of the Block Development Officer, Panchayat Samiti, Narayanpatna |

**Block Development Officer**
**Narayanpatna**

● ୭୭ ତମ ବନ ମହୋତ୍ସବ ସପ୍ତାହ

# ୫ ହଜାରରୁ ଊର୍ଦ୍ଧ୍ୱ ଚାରାରୋପଣ ଲକ୍ଷ୍ୟ



ଛେଣ୍ଡିପଦା,୭।୭(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ କରଡ଼ାବାହାଲି ଠାରେ 'ଏକ୍ ପେଡ୍ ମା କେ ନାମ୍' ଅଭିଯାନରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ରେଞ୍ଜ ଅଧିକାରୀ ଶୁଭ୍ରା ସୁଚିସ୍ମିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ବିଧାୟକ ଅଗସ୍ତି ବେହେରା ଏହାକୁ ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ। ୫୦୦ରୁ ଊର୍ଦ୍ଧ୍ୱ ଫଳଗଛ, ଔଷଧୀୟ ଗଛ, ବର, ଜାମୁକୋଳି, ଅଁଳା, କରଞ୍ଜ, ପଣସ, ପିଜୁଳି, ନିମ୍ବ ଆଦି ଚାରା ଲଗା ଯାଇଥିଲା। ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ପ୍ରଦୂଷଣ ମାନବ ସମାଜ ପାଇଁ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଥିବା ଶ୍ରୀ ବେହେରା ପ୍ରକାଶ କରିଥିଲେ। ପରିବେଶ ସନ୍ତୁଳିତ କରି ରଖିବା ପାଇଁ ହେଲେ ସମସ୍ତେ ଗଛ ଲଗାଇବା ସହ ସମସ୍ତେ ତା'ର ଯତ୍ନ ନେବା ଦରକାର ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଜନସାଧାରଣ, ବନ କର୍ମଚାରୀ, ହାତୀ ସ୍କ୍ୱାର୍ଡ ସାହାଯ୍ୟ ସହଯୋଗ କରିଥିଲେ।

# ଡିଏଭି ପବ୍ଲିକ୍ ସ୍କୁଲରେ ବନ ମହୋତ୍ସବ



ଅନୁଗୋଳ,୭।୭(ସମିସ): ଡିଏଭି ପବ୍ଲିକ ସ୍କୁଲ, ଗାନ୍ଧୀ ମାର୍ଗ, ଅନୁଗୋଳର କ୍ଲବ୍, ବୁଲବୁଲ୍, ସ୍କାଉଟ୍ସ ଓ ଗାଇଡ୍ସ ଓ ଅନୁଗୋଳ ପୁଲିସର ଆନୁକୂଲ୍ୟରେ ବନ ମହୋତ୍ସବ ପାଳନ କରାଯାଇଥିଲା। ପ୍ରଥମ ଶ୍ରେଣୀ ଠାରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପଦଯାତ୍ରା କରିଥିଲେ। ପରିବେଶ ସୁରକ୍ଷା, ବୃକ୍ଷରୋପଣ ଓ ସବୁଜ ପୃଥିବୀ ଗଠନର ବାର୍ତ୍ତା ପ୍ରଚାର କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ବିଭିନ୍ନ ପ୍ରଜାତିର ଚାରା ରୋପଣ କରିବା ସହିତ ସେଗୁଡ଼ିକର ଯତ୍ନ ନେବା ପାଇଁ ଶପଥ ଗ୍ରହଣ କରିଥିଲେ। ବିଦ୍ୟାଳୟ ପରିସରକୁ ସବୁଜ ଓ ସୁନ୍ଦର କରିବା ପାଇଁ ସମସ୍ତେ ମିଳିତ ଭାବେ ବୃକ୍ଷରୋପଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଛାତ୍ରଛାତ୍ରୀଙ୍କ ପରିବେଶ ସଚେତନତା ଓ ସକ୍ରିୟ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ। ଶେଷରେ ''ଗଛ ଲଗାଅ, ପରିବେଶ ବଞ୍ଚାଅ' ଏବଂ ''ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗଛ ଲଗାଅ' ବାର୍ତ୍ତା ଦେଇ ସମସ୍ତଙ୍କୁ ପ୍ରକୃତି ସୁରକ୍ଷା ପାଇଁ ଆଗେଇ ଆସିବାକୁ ଆହ୍ୱାନ କରାଯାଇଥିଲା। କବ୍ସ, ବୁଲବୁଲ୍ସ, ସ୍କାଉଟ୍ସ ଓ ଗାଇଡ୍ସଙ୍କ ଏହି ମହତ୍ କାର୍ଯ୍ୟକ୍ରମ ସମସ୍ତଙ୍କ ମନରେ ପରିବେଶ ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରିଥିଲା।

# ଭଡ଼ାଘରୁ ମହିଳାଙ୍କ ଶବ ଉଦ୍ଧାର

ବଇଣ୍ଡା,୭।୭(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ବଇସିଣା ଗ୍ରାମର ଏକ ଭଡ଼ା ଘରୁ ମାଙ୍କଡ଼ତୁଆ ଗ୍ରାମର ବିବାହିତା ମହିଳା ପୁଷ୍ପାଞ୍ଜଳି ଦେହୁରୀ (୪୦) ଙ୍କର ମୃତଦେହକୁ ସୋମବାର ହଣ୍ଡପା ପୁଲିସ ଉଦ୍ଧାର କରିଛି। ପୁଷ୍ପାଞ୍ଜଳିଙ୍କ ଭାଉଜଙ୍କ ଅଭିଯୋଗକ୍ରମେ ପୁଲିସ ୬/୨୬ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ ପୁଷ୍ପାଞ୍ଜଳି ଶୋଇଥିବା ବେଳେ ସକାଳେ ଆଉ ଉଠି ନଥିଲେ। ପରେ ପରିବାର ଲୋକ କବାଟ ଖୋଲିବା ପରେ ତାଙ୍କ ବେଡ୍‌ରେ ତାଙ୍କ ମୃତଦେହ ପଡ଼ିଥିବା ଜାଣି ବାକୁ ପାଇଥିଲେ। ତାଙ୍କର କିପରି ମୃତ ହେଲା ତାହା ସ୍ପଷ୍ଟ ହୋଇ ନଥିବା ବେଳେ ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ପୁଲିସ କହିଛି।

# ବୁରୁକୁନା ପଞ୍ଚାୟତ ଜଳବନ୍ଦୀ; ଯାତାୟାତ ବନ୍ଦ

କଣିହାଁ,୭।୭(ସମିସ):



ଲଗାଣ ବର୍ଷା ପ୍ରଭାବରେ ସମକୋଇ ନଦୀର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ କଣିହାଁ ବ୍ଲକ୍‌ର ବୁରୁକୁନା ପଞ୍ଚାୟତରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଗତ ତିନି ଦିନ ଧରି ହେଉଥିବା ଲଗାଣ ବର୍ଷା ଯୋଗୁଁ ନଦୀର ଜଳ ତଳିଆ ଅଞ୍ଚଳରେ ପ୍ରବେଶ କରି ବିଭିନ୍ନ ଗ୍ରାମ ଓ ରାସ୍ତାଘାଟ ଜଳମଗ୍ନ ହୋଇପଡ଼ିଛି। ବିଶେଷକରି ବୁରୁକୁନା ମଇଧରପୁର ସଡ଼କ ଉପରେ ପ୍ରାୟ ୬ ଫୁଟ୍ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ପ୍ରାୟ ୧୦ ଘଣ୍ଟା ଧରି ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଫଳରେ ବୁରୁକୁନା ପଞ୍ଚାୟତର ଅନେକ ଗ୍ରାମ ଜଳବନ୍ଦୀ ହୋଇପଡ଼ିଥିବା ବେଳେ

**ସମକୋଇରେ ବନ୍ୟା ସ୍ଥିତି**

ଦୈନନ୍ଦିନ ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେବାରୁ ସ୍କୁଲ ଓ କଲେଜ ଯାଉଥିବା ଛାତ୍ରଛାତ୍ରୀଙ୍କ ଯିବାଆସିବା ବନ୍ଦ ହୋଇଯାଇଥିବା ବେଳେ ଜରୁରୀ କାମରେ ଯାଉଥିବା ଲୋକମାନେ ମଧ୍ୟ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଜଳସ୍ତର ହ୍ରାସ ନହେଲେ ପରିସ୍ଥିତି ଆହୁରି ଗୁରୁତର ହୋଇପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ସ୍ଥାନୀୟ ଗ୍ରାମବାସୀ କମଳ ଲୋଚନ ସାହୁ ଓ ପନ୍ଧାରି ବେହେରା କହିଛନ୍ତି ଯେ, ପ୍ରତିବର୍ଷ ବର୍ଷା ଋତୁରେ ଏଭଳି ସମସ୍ୟା ଦେଖାଦେଉଥିଲେ ମଧ୍ୟ ସ୍ଥାୟୀ ସମାଧାନ ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନାହିଁ। ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଆବଶ୍ୟକ ରିଲିଫ୍ ଓ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି।

# ଲଗାଣ ବର୍ଷାରେ କେନାଲ ରାସ୍ତା ଭୁଶୁଡ଼ିଲା; ଅଚିନ୍ତାରେ ପ୍ରଶାସନ

ତାଳଚେର, ୭।୭(ସମିସ): ତାଳଚେର ପୌରପରିଷଦ ୱାର୍ଡ ନମ୍ବର ୧୧ ଚାଳିଆକୁଚା ପାଖର୍ ଦେଇ ଯାଇଥିବା ରେଙ୍ଗାଳି ଦକ୍ଷିଣ କେନାଲ ଭୁଶୁଡ଼ି ଅପ୍ରୀତିକର ପରିସ୍ଥିତ ସୃଷ୍ଟି ହୋଇଛି। ଗତବର୍ଷ ମଧ୍ୟ ଲଗାଣ ବର୍ଷାରେ ସେହି ସ୍ଥାନ ଭୁଶୁଡ଼ିବା ଫଳରେ ବିଭାଗ ପକ୍ଷରୁ ବାଲିବସ୍ତା ରଖାଯାଇ ବସିଯାଇଥିଲେ। ଏହି ରାସ୍ତାରେ ଦୈନିକ ହଜାର ହଜାର ସଂଖ୍ୟକ ଯାତ୍ରୀ ଯାତାୟାତ କରୁଥିବାବେଳେ କେନାଲର ଉଭୟପାଶ୍ୱର୍ରେ ଏବେ ବସ୍ତିବାସିନ୍ଦାମାନେ ଘରକରି ରହୁଛନ୍ତି।



ଦୁଇଦିନ ଦିନ ହେବ ଲଗାଣ ବର୍ଷାରେ କେନାଲ ରାସ୍ତା ହୁଡ଼ା ଭାଙ୍ଗି ଏକ ଘାଇ ସୃଷ୍ଟି କରିବା ଫଳରେ ସେଠାରେ ରହିଥିବା ବାସିନ୍ଦା ଭୟଭୀତ ଅବସ୍ଥାରେ ରହିଛନ୍ତି। ଏପରିକି, ବାଟୋଇ ଦାଣ୍ଡୋଇ ସେହି ରାସ୍ତା ଦେଇ ଯାତାୟାତ କରୁଛନ୍ତି। କେତେବେଳେ ଯେ, ରାସ୍ତାଟି ଭୁଶୁଡ଼ିବ ଓ କ'ଣ ଅଘଟଣ ଘଟିବ ତାହା କହିବା ଅସମ୍ଭବ। ତେଣୁ କେନାଲ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ନ ଶୋଇ ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ନେଇ ଦାବି ହେଉଛି।

# ରେଙ୍ଗାଳି ଜଳଭଣ୍ଡାରର ଜଳସ୍ତର ୧୧୦.୬୭ ମିଟର, ସମସ୍ତ ସ୍ପିଲ୍‌ୱେ ଗେଟ୍ ବନ୍ଦ

କଣିହାଁ,୭।୭(ସମିସ): ରେଙ୍ଗାଳି ଜଳଭଣ୍ଡାରର ଜଳସ୍ତର ମଙ୍ଗଳବାର ସକାଳ ୬ଟା ସୁଦ୍ଧା ୧୧୦.୬୭ ମିଟର ରହିଛି। ଏହା ନିମ୍ନ ସୀମା ୧୧୦.୧୯ ମିଟର ଠାରୁ ସାମାନ୍ୟ ଅଧିକ ରହିଛି। ଜଳଭଣ୍ଡାରକୁ ହାରାହାରି ୩୮୮.୮୪ କ୍ୟୁମେକ୍ସ ପାଣି ପ୍ରବେଶ କରୁଥିବା ବେଳେ ବାହାରକୁ ମାତ୍ର ୮.୧୫ କ୍ୟୁମେକ୍ସ ପାଣି ନିର୍ଗମନ ହେଉଛି। ବର୍ତ୍ତମାନ ୨୪ଟି ସ୍ପିଲ୍‌ୱେ ଗେଟ୍‌ର ସବୁକିଛି ବନ୍ଦ ରହିଛି ଏବଂ କୌଣସି ଗେଟ୍ ଖୋଲାଯାଇନାହିଁ। ସ୍ପିଲ୍‌ୱେ କିମ୍ବା ପାୱାର ଚ୍ୟାନେଲ୍ ମାଧ୍ୟମରେ ପାଣି ଛଡ଼ାଯାଉନାହିଁ। ଜଳଭଣ୍ଡାରର ଜଳ ସଂରକ୍ଷଣ ୧୩,୫୮୫ ହେକ୍ଟର ମିଟର, ଯାହା ମୋଟ କ୍ଷମତାର ୩.୯୭ ପ୍ରତିଶତ। ସୂଚନାଯୋଗ୍ୟ, ଗତବର୍ଷ ଏହି ସମୟରେ ରେଙ୍ଗାଳି ଜଳଭଣ୍ଡାରର ଜଳସ୍ତର ୧୨୧.୧୦ ମିଟର ଥିଲା।

# କେନ୍ଦ୍ରୀୟ ବିଦ୍ୟାଳୟ ଅସ୍ଥାୟୀ କ୍ୟାମ୍ପସ୍ ବୁଲି ଦେଖିଲେ ଜିଲ୍ଲାପାଳ



ପାଲଲହଡ଼ା,୭।୭(ସମିସ): ସୋମବାର ଅପରାହ୍ଣରେ ଜିଲ୍ଲାପାଳ ଅବଦାଲ୍ ଏମ୍ ଅଖତର ଏବଂ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ପାଲଲହଡ଼ାସ୍ଥିତ ମାଲ୍ୟଗିରି ମହାବିଦ୍ୟାଳୟ ପରିସରେ ସ୍ଥାପନ ହେବାକୁ ଥିବା ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ୍ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଚିହ୍ନଟ ହୋଇଥିବା ଶ୍ରେଣୀ ଗୃହ, ଶୌଚାଳୟ ସୁବିଧା, ବିଦ୍ୟୁତ ସଂଯୋଗ, ଆସବାବପତ୍ର, ଶ୍ରେଣୀ କକ୍ଷ, ସହାୟକ ସାମଗ୍ରୀ ଏବଂ ଅନ୍ୟାନ୍ୟ ଉପକରଣ ସମ୍ବନ୍ଧରେ ବିସ୍ତୃତ ଭାବେ ସମୀକ୍ଷା କରିଥିଲେ। ବିଦ୍ୟାଳୟ ଆରମ୍ଭ ପାଇଁ ଆବଶ୍ୟକ ମୌଳିକ ସୁବିଧାଗୁଡ଼ିକ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ସୁବିଧା ଓ ସୁରକ୍ଷାକୁ ପ୍ରାଥମିକତା ଦେଇ କ୍ୟାମ୍ପସକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ରବୀନ୍ଦ୍ର ପଟେଲ, ଉପଖଣ୍ଡ ପୁଲିସ ଅଧିକାରୀ କୈଳାସ ସେଠୀ, ସୂଚନା ଲୋକସମ୍ପର୍କ ଅଧିକାରୀ ଶୋଭିତ କୁମାର ବିଶି ପ୍ରମୁଖ ଉପସ୍ଥିତ ଥିଲେ।

# ଲାୟନ୍ସ କ୍ଲବ୍ ଅନୁଗୋଳର ଅଧିଷ୍ଠାନ ଦିବସ








ଅନୁଗୋଳ ସହର,୭।୭(ସମିସ): ଲାୟନ୍ସ କ୍ଲବ୍ ଅନୁଗୋଳର ୪୨ତମ ଅଧିଷ୍ଠାନ ଦିବସ ସଭାପତି ତ୍ରୈଲୋକ୍ୟ ଦେହୁରୀଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ୩୨୨ ସି ୫ ର ମୁଖ୍ୟ ଉପଦେଷ୍ଟା ପ୍ରଭାତ ମହାନ୍ତି ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ୩୨୨ସି୫ର ଦ୍ୱିତୀୟ ଜିଲ୍ଲା ଗଭର୍ଣ୍ଣର ଅକ୍ଷୟ ମହାନ୍ତି ଯୋଗ ଦେଇ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ସଭାପତି ଭାବେ ବାସୁଦେବ ଚୌଧୁରୀ, ସମ୍ପାଦକ ଅକ୍ରମ ବାରିକ, କୋଷାଧ୍ୟକ୍ଷ ଅଶୋକ ମୁରାର୍କା, ପ୍ରଥମ ଉପ ସଭାପତି ଭାବେ ଅଶୋକ ମହନ୍ତ, ଦ୍ୱିତୀୟ ଉପ ସଭାପତି ଭାବେ ବୈକୁଣ୍ଠ ରାଉତ, ତୃତୀୟ ଉପ ସଭାପତି ଦୁଃଖବନ୍ଧୁ ସାହୁ, ପ୍ରୋଗ୍ରାମ କୋର୍ଡିନେଟର ରାକେଶ କୁମାର ସାହୁ, ଏଲ୍‌ସିଆଇଏଫ୍ କୋର୍ଡିନେଟର ଚନ୍ଦ୍ର ଶେଖର ପଟ୍ଟନାୟକ, ମାର୍କେଟିଂ ଚେୟାର ପର୍ସନ ସଂଗ୍ରାମ ରଞ୍ଜନ ଦାସ, ସର୍ଭିସ ଚେୟାର ପର୍ସନ ଅନୁପ ସେନଗୁପ୍ତା ଓ ଡାଇରେକ୍ଟର ଭାବେ ପରମାନନ୍ଦ ମିଶ୍ର, ପ୍ରଭାତ ପାଲିତ, ରାଜକୁମାର ମିଶ୍ର, ସୁଶାନ୍ତ ଖଟୁଆ, ଡା. ତ୍ରିଲୋଚନ ପ୍ରଧାନ, ଅରୁଣା ମିଶ୍ର, କଳ୍ପନା ପାଲିତ, ଅଶୋକ କୁମାର ସାହୁ, ରାଜକୁମାର ଅଗ୍ରୱାଲ ପ୍ରମୁଖ ସଦସ୍ୟଙ୍କୁ ଶପଥ ପାଠ କରାଇଥିଲେ। ରୀତା ସେନଗୁପ୍ତା ଇନଭୋକେସନ ପାଠ କରିଥିଲେ। ସୁଭାଷିନୀ ଦେହୁରୀ ଶାନ୍ତି ପ୍ରାର୍ଥନା ପାଠ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମହାନ୍ତି ଲାୟନ୍ସ ଇଣ୍ଟରନ୍ୟାସନାଲ୍‌ର ଜନ ହିତକର କାର୍ଯ୍ୟ ଉପରେ ଆଲୋକପାତ କରିବା ସହ ବରିଷ୍ଠ ସଦସ୍ୟ ସଂଗ୍ରାମ ରଞ୍ଜନ ଦାସ କ୍ଲବ୍‌ର ଭବିଷ୍ୟତ ବିକାଶ ସମ୍ପର୍କିତ ଉପଦେଶ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଚାର୍ଟର ମେମ୍ବର ରାଜ କୁମାର ମହୁରୀଙ୍କୁ ମୁଖ୍ୟ ଅତିଥି ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ଦୀନବନ୍ଧୁ ଠାକୁର, ବିଦ୍ୟାଧର ଚିନରା, ଡଲି ଚିନରା, ସୁଫଳ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକା ଅରୁଣା ମିଶ୍ର ସଭା କାର୍ଯ୍ୟ ପରିଚାଳନା କରିଥିଲେ।

# ପାରିବାରିକ ଗଣ୍ଡଗୋଳ ପରେ ଘର ଛାଡ଼ିଲେ ପରିବାର

ବଅଁରପାଳ,୭।୭(ସମିସ): ଜିମିବାଡ଼ିକୁ ନେଇ ଦୁଇ ପରିବାର ମଧ୍ୟରେ ଗତ ୨୨ ମସିହା ଠାରୁ ଗଣ୍ଡଗୋଳ ଲାଗି ରହିଥିବାବେଳେ ଗୋଟିଏ ପରିବାର ଭୟରେ ଗାଁ ଛାଡ଼ିଥିବା ଜଣାପଡ଼ିଛି। ବଅଁରପାଳ ଥାନା ତଳମୂଳ ପାଟଣା ସାହିର କୃଷ୍ଣଚନ୍ଦ୍ର ସାହୁ ଙ୍କର ୨ ଜଣ ସ୍ତ୍ରୀ। ପ୍ରଥମ ସ୍ତ୍ରୀ ଅପୂର୍ବ ସାହୁ ଓ ୨ ୟ ସ୍ତ୍ରୀ ଯଶୋଦା ସାହୁଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ସମ୍ପତ୍ତିକୁ ୧୯୮୨ ମସିହାରେ ଭାଗ ବଣ୍ଟାଯାଇଥିଲା। ପ୍ରଥମ ସ୍ତ୍ରୀ ଙ୍କୁ ମୋଟ ସମ୍ପତ୍ତିର ଛଅ ଅଣା ଓ ୨ ୟ ସ୍ତ୍ରୀଙ୍କୁ ଦଶଅଣା ଭାଗରେ ଭାଗ ବଣ୍ଟା ଯାଇଥିଲା। ଉଭୟ ପରିବାର ନିଜ ନିଜ ସମ୍ପତ୍ତିର କିଛି ଅଂଶ ବିକ୍ରି କରିଥିଲେ। ପ୍ରଥମ ସ୍ତ୍ରୀ ଅପୂର୍ବ ସାହୁଙ୍କର ଜିତେନ୍ଦ୍ର ନାମକ ଗୋଟିଏ ପୁଅ ଥିବା ବେଳେ ୨ ୟ ସ୍ତ୍ରୀଙ୍କ ତ୍ରିନାଥ ସାହୁ ଓ ସୁରେଶ ସାହୁ (୪୫) ଓ ଗିରୀଶ ସାହୁ (୫୩) ନାମକ ପୁତ୍ର ଅଛନ୍ତି। କିଛି ଦିନ ହେଲା ଉଭୟଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ହେବାରୁ ଜିତେନ୍ଦ୍ର ସାହୁକୁ ଅନ୍ୟ ୩ ଭାଇ ମାଡ଼ ମାରି ଘରେ ପୂରାଇ ଦେଉନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏ ନେଇ ଜିତେନ୍ଦ୍ର ବଅଁରପାଳ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସେ ଭୟରେ କିଛିଦିନ ହେଲା ଘର ଛାଡ଼ି ବାହାରେ ରହୁଥିବା ଅଭିଯୋଗ କରିଛନ୍ତି। ଏପରିକି ତୁରନ୍ତ ତାଙ୍କ ନ୍ୟାୟ ପ୍ରଦାନ ପାଇଁ ଗୁହାରି କରିଛନ୍ତି।

# ପୁରୀ- କୋରାପୁଟ ଦ୍ରୁତଗାମୀ ରେଳର ଶୁଭାରମ୍ଭ

ଅନୁଗୋଳ,୭।୭(ସମିସ): ଆଜି ଅପରାହ୍ଣରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ରେଳ



ଷ୍ଟେସନ ଠାରେ ପୂର୍ବ ଓ ପଶ୍ଚିମ ଓଡ଼ିଶାକୁ ସଂଯୋଗ କରୁଥିବା ପୁରୀ-କୋରାପୁଟ ଦ୍ରୁତଗାମୀ ରେଳକୁ ସବୁଜ ସଂକେତ ଦେଇ ଚଳାଚଳର ଶୁଭାରମ୍ଭ କରିଥିଲେ। ସେହିପରି ଅନୁଗୋଳ ଓ ତାଳଚେର ରୋଡ୍ ରେଳ ଷ୍ଟେସନ ଠାରେ ଯଥାକ୍ରମେ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି, ବିଧାୟକ ଅନୁଗୋଳ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଧାୟକ ଛେଣ୍ଡିପଦା ଅଗସ୍ତି ବେହେରା, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ୨୭ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଦସ୍ୟ ଗୋପାଳ ନାଏକ ଓ ଭୋଗୋବେରେଣୀ ଗ୍ରାମ ପଞ୍ଚାୟତର ସରପଞ୍ଚ ଚାପଲିନ ସାହୁ ଓ ରେଳ ଅଧିକାରୀ ଦୀପରଞ୍ଜନ ସରକାର ଓ ଏସ୍.ଏନ ତରାଇ, ଅନ୍ୟ ଅଧିକାରୀ ଓ ବହୁ ଦଳୀୟ କର୍ମୀଙ୍କ ଉପସ୍ଥିତିରେ ପୁରୀ-କୋରାପୁଟ ଦ୍ରୁତଗାମୀ ରେଳକୁ ସବୁଜ ପତାକା ଦେଖାଇ ରେଳ ଚଳାଚଳର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ପ୍ରଧାନ ଏହି ଟ୍ରେନର ଚଳାଚଳ ଦ୍ୱାରା ଓଡ଼ିଶାର ପୂର୍ବ ଓ ପଶ୍ଚିମ ଓଡ଼ିଶାକୁ ସଂଯୋଗ କରାଯିବା ଫଳରେ ପୁରୀ ଓ କୋରାପୁଟ ମଧ୍ୟରେ ସିଧାସଳଖ ଗମନାଗମନର ସୁବିଧା, ବାଣିଜ୍ୟ, କଳା ଓ ସ୍ଥାପତ୍ୟ କ୍ଷେତ୍ରରେ ଆହୁରି ଉନ୍ନତି ହେବ ଏବଂ ଜଗତର ନାଥ ଜଗନ୍ନାଥଙ୍କ ସଂସ୍କୃତିରେ ଭକ୍ତମାନଙ୍କ ଆଶା ପୂରଣ ହେବ ବୋଲି ଆଶା ପ୍ରକଟ କରିଥିଲେ।

# ରସିକିଆ ପୋଷ୍ଟାଲ ଇନ୍ସପେକ୍ଟର ଗିରଫ

ତାଳଚେର, ୭।୭(ସମିସ): ତାଳଚେର ପୋଷ୍ଟାଲ ଇନ୍ସପେକ୍ଟର ତାଙ୍କ ମହିଳା ସହକର୍ମୀଙ୍କୁ ମନ୍ଦ ଉଦ୍ଦେଶ୍ୟ ରଖି ଅଶୋଭନୀୟ ବ୍ୟବହାର କରିବା ଅଭିଯୋଗରେ ଗିରଫ ହେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପୋଲଷ୍ଟାଲ ଇନ୍ସପେକ୍ଟର ରାଜେନ୍ଦ୍ର ପ୍ରସାଦ ଦାସ (୫୦) ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ବାରମ୍ବାର ଏଭଳି ହଇରାଣ ହରକତ କରିବା ସହ ତାଙ୍କୁ ମୋବାଇଲରେ ଅଶ୍ଳୀଳ ଫଟୋ ଦେଖାଇବା, ବିଭିନ୍ନ ପ୍ରକାର ଅଶାଳୀନ ଇଙ୍ଗିତ କରିବା ଓ ଉଦ୍ଦେଶ୍ୟ ମୂଳକଭାବେ ହଇରାଣ ହରକତ କରିବାରୁ ସମ୍ପୃକ୍ତ ମହିଳା କର୍ମଚାରୀ ତାଳଚେର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପରେ ଟାଉନ ଥାନା ପକ୍ଷରୁ ତଦନ୍ତ କରାଯାଇ ପୋଷ୍ଟ ଅଫିସର ଇନ୍ସପେକ୍ଟରଙ୍କୁ ୧୨୬(୨), ୩୫୧(୨), ୭୫(୨), ୭୮(୨), ୭୯(ବିଏନଏସ୍) ଦଫା ଲଗାଇ ଗିରଫ କରିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ତେବେ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠାଇ ଦିଆଯାଇଛି। ଏହି ବାବୁ ଜଣଙ୍କ ପୂର୍ବରୁ ଅନୁଗୋଳ ଜିଲ୍ଲାରେ ଏଭଳି ଘଟଣା ଘଟାଇ ହଟହଟା ହୋଇଥିବାରୁ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା କୁହାଯାଉଛି।

# ନଗ୍ନଫଟୋ ଦେଖାଇ ଲୁଟିନେଲେ ଲକ୍ଷାଧିକ ଟଙ୍କା

ତାଳଚେର,୭।୭(ସମିସ): ତାଳଚେର ପୌରପରିଷଦ ୱାର୍ଡ ନମ୍ବର ୧ ବଡ଼ଦାଣ୍ଡ ସାହିର ତ୍ରିନାଥ ବାରିକ (୪୮)ଙ୍କ ମୋବାଇଲକୁ ଏକ ମେସେଜ୍ ଆସିଥିଲା। ଏଥିରେ ୧୮ହଜାର ଟଙ୍କାର ଲୋନ୍ ନେବାକୁ କୁହାଯାଇଥିଲା। ତେଣୁ ସେ ଉକ୍ତ ମେସେଜ୍ ଅନୁଯାୟୀ ଅନ୍‌ଲାଇନ୍ ମାଧ୍ୟରେ ଆବଶ୍ୟକ କାଗଜପତ୍ର ଦେଇ ୧୮ହଜାର ଟଙ୍କା ଲୋନ୍ ଆଣିଥିଲେ। ହେଲେ ଉକ୍ତ ଟଙ୍କା ଆଣିବାର ୪ ଦିନ ପରେ ତାଙ୍କ ମୋବାଇଲକୁ ମେସେଜ୍ କରି ପ୍ରଥମେ ୨୯ହଜାର ୮ଶହ ଟଙ୍କା ମଗାଯାଇଥିଲା। ତାଙ୍କର ଗୋଟେ ଉଲଗ୍ନ ଫଟୋ ତାଙ୍କ ପାଖକୁ ପଠାଇ ଏଭଳି ଦାବି କରିବାରୁ ସେ ଭୟରେ ୨୯ହଜାର ୮ଶହ ଟଙ୍କା ପରିଶୋଧ କରିବା ପରେ ପୁନଶ୍ଚ ତାଙ୍କୁ ଦ୍ୱିତିୟ କିସ୍ତିରେ ୫୬ହଜାର ୮ଶହ ଟଙ୍କା, ପରେ ୪ ହଜାର ୮ଶହ ଟଙ୍କା ଓ ୭୨ହଜାର ୮ଶହଟଙ୍କା ଦେବା ପାଇଁ ମେସେଜ ଆସିବାରୁ ସେ ଅତିଷ୍ଠ ହୋଇ ଏହା ସାଇବର ଠକଙ୍କ କାମ ବୋଲି ଜାଣିପାରିଥିଲେ। ବାଧ୍ୟହୋଇ ଅନୁଗୋଳ ସାଇବର ଥାନାରେ ଘଟଣା ସଂକ୍ରାନ୍ତରେ ଏକ ଲିଖିତ ଅଭିଯୋଗ କରିଥିବା ସେ ପ୍ରକାଶ କରିଛନ୍ତି।


बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର**
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨, ଇ-ମେଲ୍: dzmbbsr@mahabank.co.in

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ସୁନା ଋଣ ଆକାଉଣ୍ଟ ନିମନ୍ତେ ବ୍ୟାଙ୍କରେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ ସର୍ବସାଧାରଣ ନିଲାମ ମାଧ୍ୟମରେ ବିକ୍ରୟ କରାଯିବ ଯାହାକି **ତା.୧୭.୦୭.୨୦୨୬ରିଖ ଅପରାହ୍ନ ୧.୦୦ ଘଟିକା** ସମୟରେ **ସମ୍ପୃକ୍ତ ଶାଖା ପରିସର**ରେ ନିଲାମ କରାଯିବ। ଆଗ୍ରହୀ ପକ୍ଷମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ପ୍ରବନ୍ଧକଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ। ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ବିକ୍ରି ପାଇଁ ଥିବା ସୁନା ଅଳଙ୍କାରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ଏବଂ ନିୟମ ଓ ସର୍ତ୍ତାବଳୀ ପାଇଁ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରନ୍ତୁ। ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ନିଲାମରେ ଅଂଶଗ୍ରହଣ କରିପାରିବେ।
**ଦ୍ରଷ୍ଟବ୍ୟ: ଏହି ନୋଟିସ୍‌ଟି ଋଣଗ୍ରହୀତାମାନଙ୍କୁ ୭ ଦିନିଆ ଅନ୍ତିମ ପୁନଃସ୍ମରଣ (ରିମାଇଣ୍ଡର) ତଥା ନିଲାମ ନୋଟିସ୍ ଭାବେ ବିଚାର କରାଯିବ।**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ତା୦୭.୦୭.୨୦୨୬ରିଖ ସୁଦ୍ଧା (ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ ବ୍ୟତିତ) + ଭବିଷ୍ୟତ ସୁଧ | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|---|
| ଅନୁଗୁଳ ଶାଖା (୧୯୯୩), ଶିମିଳିପଡ଼ା ଛକ, ଗାନ୍ଧୀ ଛକ, ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୨୨, ମୋ.: ୯୮୭୪୨୦୨୫୯୦ | | | | |
| ୧. | **ନମିତା ପଲାଇ,** ସା/ପୋ: ହେମସୁରପଡ଼ା, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ପିନ୍-୭୫୯୧୨୨ / *******୩୦୭୯ | ଟ.୯୬,୨୨୫.୦୦ | ୧୮.୨୦ | ୧୯.୪୮୦ |
| ବାରିପଦା ଶାଖା (୨୦୯୪), ଲାଲ ବଜାର, ୱାର୍ଡ଼ ନଂ. ୧୦, ବାରିପଦା, ଓଡ଼ିଶା, ପିନ୍-୭୫୭୦୦୧, ମୋ.: ୯୦୦୨୪୨୧୩୮୯ | | | | |
| ୧. | **ସରସ୍ୱତୀ ବେଶ୍ରା,** ସା: ତୁଳସୀଚଉରା, ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୦୧ / *******୬୬୦୧ | ଟ.୧,୮୧,୮୧୪.୦୦ | ୨୪.୦୦ | ୨୭.୩୦ |
| ନବରଙ୍ଗପୁର ଶାଖା (୨୧୮୦), ତଳ ମହଲା, ଏସ୍‌ବିଆଇ ବଜାର ଶାଖା ନିକଟ, ମେନ୍ ରୋଡ୍, ନବରଙ୍ଗପୁର, ପିନ୍-୭୬୪୦୫୯, ମୋ.: ୮୧୧୪୬୧୧୨୪୩ | | | | |
| ୧. | **ଶ୍ରୀ ପରେଶ ଭତରା,** ତେଲିଆଗୁଡା, ଘୋଡ଼ାଧାନୁଆ, ନବରଙ୍ଗପୁର, ପିନ୍-୭୬୪୦୬୧ / *******୯୧୬୫ | ଟ.୪୧,୭୨୯.୦୦ | ୧୨.୦୦ | ୧୭.୬୪ |
| ୨. | **ରାଏସିଂହ ସାନ୍ତା,** ରାଣୀସୋଲ, ପାତ୍ରି, ନବରଙ୍ଗପୁର, ପିନ୍-୭୬୪୦୫୯ / *******୧୮୮୯ | ଟ.୨୨,୦୦୦.୦୦ | ୫.୦୦ | ୫.୩୮ |
| ୩. | **ଚନ୍ଦ୍ରଧ୍ୱଜ ମାଲି,** ମାଲି ସାହି, ଆମ୍ବାଦୋଲା, ନବରଙ୍ଗପୁର, ପିନ୍-୭୬୪୦୬୩ / *******୧୦୧୮ | ଟ.୫୮,୦୦୦.୦୦ | ୧୧.୦୦ | ୧୧.୧୫ |
| ଭଞ୍ଜନଗର ଶାଖା (୨୪୪୬), ବଡ଼କୋଦଣ୍ଡା ସ୍କୋୟାର, ମେନ୍ ରୋଡ୍, ଭଞ୍ଜନଗର, ବାଉଁଶଲୁଣ୍ଡି, ପୋ: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୩୩, ମୋ.: ୮୭୯୦୦୮୯୪୨୭ | | | | |
| ୧. | **ଶ୍ରୀ ପ୍ରଦୀପ ଭୂୟାଁ,** ଅଡୁଆ ସାହି, ପୋ: ଡିହପଡ଼ାଳ, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୦ / *******୯୨୮୦ | ଟ.୧,୫୯,୦୦୦.୦୦ | ୨୮.୦୦ | ୨୯.୫୦ |
| ୨. | **ଶ୍ରୀ ପ୍ରଦୀପ ଭୂୟାଁ,** ଅଡୁଆ ସାହି, ପୋ: ଡିହପଡ଼ାଳ, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୦ / *******୯୭୪୧ | ଟ.୪୫,୦୦୦.୦୦ | ୯.୦୦ | ୧୦.୭୭ |
| ମାଲକାନଗିରି ଶାଖା (୨୧୮୮), ମେନ୍ ରୋଡ୍, ନୁଆଗୁଡ଼ା, ଏଫ୍‌ସିଆଇ ଗୋଦାମ ସାମ୍ନା, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ନିକଟ, ପୋ/ଜିଲ୍ଲା: ମାଲକାନଗିରି, ପିନ୍-୭୬୪୦୪୫, ମୋ.: ୯୪୯୩୫୦୯୮୬୫ | | | | |
| ୧. | **ଭିକି ଶଗଡିଆ,** ଜେଡ୍ ଏ କଲୋନୀ, ଏମ୍‌କେଜି, ମାଲକାନଗିରି, ପିନ୍-୭୬୪୦୪୫ / *******୨୮୪୮ | ଟ.୭୧,୦୧୬.୦୦ | ୧୭.୨୦ | ୧୭.୫୬ |
| ୨. | **ଶ୍ରୀ ଜୀବନ ବିଶ୍ୱାସ,** ଏମ୍‌ଭି ୨୯, କାମୱାଡ଼ା, ଓରକେଲ, ମାଲକାନଗିରି, ପିନ୍-୭୬୪୦୫୧ / *******୧୮୫୨ | ଟ.୭୪,୭୭୨.୦୦ | ୧୮.୩୦ | ୨୨.୦୪ |
| ଦେବଗଡ଼ ଶାଖା (୨୩୦୫), ପ୍ଲଟ୍ ନଂ.: ୧୨୦୦ (ଅଂଶ), ସାଇ କମ୍ପ୍ଲେକ୍ସ, ପ୍ରାଇଭେଟ୍ ବସ୍ ଷ୍ଟାଣ୍ଡ୍ ନିକଟ, ପୋ/ଥାନା: ଦେବଗଡ଼, ଜିଲ୍ଲା: ଦେବଗଡ଼, ପିନ୍-୭୬୮୧୦୮, ମୋ.: ୯୯୩୭୩୦୪୫୬୫ | | | | |
| ୧. | **ଲିଲି ସୁନେଲ,** ବଡ଼ମାଣପୁର, ପୋ: ମଧୁପୁର, ଥାନା: ବାରକୋଟ, ଦେବଗଡ଼ / *******୭୬୭୦ | ଟ.୧,୨୦,୫୦୦.୦୦ | ୨୭.୦୦ | ୩୧.୦୧ |
| ସମ୍ବଲପୁର ଶାଖା (୧୮୨୪), ଶିବଲୋକ କମ୍ପ୍ଲେକ୍ସ, ଗେଇଟୀ ଟକିଜ ରୋଡ୍, ଗୋଲ ବଜାର ନିକଟ, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୧, ମୋ.: ୯୮୩୩୪୧୬୭୧୪ | | | | |
| ୧. | **ମିସ୍ ଅନିତା ସିଂହ,** ସା: ସାହୁ କଲୋନୀ, ଟ୍ୟାକ୍ସି ଷ୍ଟାଣ୍ଡ, ସଦର, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୧ / *******୭୨୭୭ | ଟ.୫୬,୩୦୨.୦୦ | ୧୪.୦୦ | ୧୫.୦୦ |
| ବ୍ୟାସନଗର ଶାଖା (୨୦୩୫), ରାଧାରାଣୀ ମାର୍ଗ, ବ୍ୟାଙ୍କ ଷ୍ଟ୍ରିଟ୍, ଆଇଡ଼ିଏଫ୍‌ସି ଫାର୍ଷ୍ଟ ବ୍ୟାଙ୍କ ନିକଟ, ଯାଜପୁର ରୋଡ୍, ଯାଜପୁର, ପିନ୍-୭୫୫୦୧୯, ମୋ.: ୮୦୮୦୫୪୬୧୧୬ | | | | |
| ୧. | **ପ୍ରକାଶ ଚନ୍ଦ୍ର ସେନାପତି,** ପାଟପୁର, ଏଣ୍ଡଳ, ଜେନାପୁର, ଯାଜପୁର, ପିନ୍-୭୫୫୦୨୩ / *******୮୯୯୧ | ଟ.୧୪,୨୪୮.୦୦ | ୪.୨୦ | ୫.୧୦ |

**ନିମ୍ନଲିଖିତ ସର୍ତ୍ତାବଳୀ ଅନୁସାରେ କଥିତ ନିଲାମ ସମ୍ପନ୍ନ କରାଯିବ।**
୧) **"ଯେଉଁଠାରେ ଯେପରି ଅଛି ଭିତ୍ତିରେ"** ନିଲାମ କରାଯିବ।
୨) ସଫଳ ନିଲାମଧାରୀ ନିଲାମ ତାରିଖ ପରବର୍ତ୍ତୀ କାର୍ଯ୍ୟଦିବସରେ ସମ୍ପୂର୍ଣ୍ଣ ନିଲାମ ରାଶି ପୈଠ କରିବେ ଏବଂ ନିଜର ସମ୍ପୂର୍ଣ୍ଣ ଦାୟିତ୍ୱରେ ଅଳଙ୍କାରଗୁଡ଼ିକ ନେବେ ଏବଂ କଥିତ ନିଲାମଧାରୀ କୌଣସି କାରଣ ବଶତଃ ବ୍ୟାଙ୍କକୁ ତାହା ଫେରସ୍ତ କରିବେ ନାହିଁ।
୩) ଆକାଉଣ୍ଟରେ ବନ୍ଧକଥିବା ସମସ୍ତ କିମ୍ବା ଆଂଶିକ ଅଳଙ୍କାରଗୁଡ଼ିକୁ ନିଲାମ କରିବାକୁ ଆବଶ୍ୟକ ମନେକଲେ ତାହା କରିବାକୁ ବ୍ୟାଙ୍କ ଅଧିକାର ସଂରକ୍ଷିତ ରଖିଅଛି କିମ୍ବା ଯେକୌଣସି ସମୟରେ ବିନା ନୋଟିସ୍‌ରେ ନିଲାମ ବନ୍ଦ କରିବାର ଅଧିକାର ଏହାର ସ୍ୱତନ୍ତ୍ର କ୍ଷମତା ବଳରେ ସଂରକ୍ଷିତ ରହିଛି।
୪) ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ବିଡ୍‌କୁ ଗ୍ରହଣ / ରଦ୍ଦ କରିବାର ସ୍ୱତନ୍ତ୍ର କ୍ଷମତା ରହିଛି।
୫) ବ୍ୟାଙ୍କର ସୁବିଧା ମୁତାବକ ଯେକୌଣସି ସ୍ତରରେ ଭବିଷ୍ୟତ ତାରିଖକୁ ନିଲାମ ବିକ୍ରୟ ସ୍ଥଗିତ ରଖିବାର ଅଧିକାର ବ୍ୟାଙ୍କର ରହିଛି ଏବଂ କୌଣସି ବ୍ୟକ୍ତି ଏ ବିଷୟରେ କୌଣସି ପ୍ରାକ୍ ନୋଟିସ୍ କିମ୍ବା ସେବାବଦ ଅଧିକାର ଦାବୀ ରଖିବାକୁ ହକ୍‌ଦାର ହେବେ ନାହିଁ।
୬) ଯଦି ସଫଳ ନିଲାମଧାରୀ ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ ନ କରନ୍ତି ଏବଂ/କିମ୍ବା ତାଙ୍କର କୌଣସି କାରଣ ହେତୁ ନିଲାମ ବିକ୍ରୟ ସ୍ଥଗିତ/ପୁନଃ ନିଲାମ ହୁଏ, ତେବେ ସେ ବ୍ୟାଙ୍କର ତଦ୍ଦ୍ୱାରା ହୋଇଥିବା କ୍ଷତିର ପରିମାଣ ଯାହା ତାଙ୍କ ଯୋଗୁ ନିଲାମ ସମାପ୍ତ ହୋଇପାରିନଥିଲା ସେଥି ନିମନ୍ତେ ଦାୟୀ ରହିବେ।
୭) ବ୍ୟାଙ୍କ ଅଳଙ୍କାର / କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ଏବଂ ନିଲାମ କ୍ରେତା ନିଜ ଦ୍ୱାରା ଅଳଙ୍କାର/ମୁଦ୍ରାଗୁଡ଼ିକର ଶୁଦ୍ଧତା କିମ୍ବା ଓଜନ ତନଖି କରି ନିଶ୍ଚିତ ହେବା ଆବଶ୍ୟକ ଏବଂ ଏ ବିଷୟରେ ନିଲାମ ପରେ କୌଣସି ଦାବୀକୁ ଗ୍ରହଣ କରାଯିବ ନାହିଁ।
୮) ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶିର ୨୫% ଅମାନତ ରାଶି ରୂପେ ଜମା କରିବେ।
୯) ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାର ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ଅଳଙ୍କାରକୁ ପୁନଃ ବିକ୍ରୟ କରାଯିବ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୦୭.୦୭.୨୦୨୬** — **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**


# ଏନ୍‌ଟିପିସି ବଜାର-କଣିହାଁ ରାସ୍ତା ମରଣଯନ୍ତା

କଣିହାଁ,୭।୭(ସମିସ):



ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ୍ ବିଜୁଗୋଳ ପଞ୍ଚାୟତର ଏନ୍‌ଟିପିସି ବଜାର ତେଲିସିଂହା ଛକଠାରୁ ଭାୟା କଣିହାଁ ପିଓ କାର୍ଯ୍ୟାଳୟ ଦେଇ ପଥରମୁଣ୍ଡା କଣିହାଁ ବଜାର ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବର୍ଷା ଦିନରେ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇ ପାଣି ଜମି ରହୁଥିବାରୁ ଯାନବାହନ ଚଳାଚଳ ଓ ପଥଚାରୀଙ୍କ ଯାତାୟାତ ବିପଦସଙ୍କୁଳ ହୋଇପଡ଼ିଛି। ପ୍ରତିଦିନ ଦୁଇଚକିଆ ଯାନଚାଳକମାନେ ଖାଲରେ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଦେଇ ଜେଆଇପିଏଲ୍, କଣିହାଁ କୋଇଲା ଖଣି ସମେତ ବିଭିନ୍ନ ଶିଳ୍ପ ସଂସ୍ଥାର ହଜାର ହଜାର ଭାରୀଯାନ ପ୍ରତିଦିନ ଚଳାଚଳ କରୁଛି। ଏହାଛଡ଼ା କଣିହାଁ ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, କଣିହାଁ ମହାବିଦ୍ୟାଳୟ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଜରଡ଼ା, ବଡ଼ତ୍ରିବିଡା, ସାନତ୍ରିବିଡ଼ା, କମରେଇ, ବଡ଼ଗୁଣ୍ଡୁରୀ, କୋଶଲା, ଛେଣ୍ଡିପଦା, ଅନୁଗୋଳ ଓ ଗୋପାଳପ୍ରସାଦ ଅଞ୍ଚଳର ଲୋକମାନେ ଏହି ରାସ୍ତା ଦେଇ ନିୟମିତ ଯାତାୟାତ କରୁଛନ୍ତି।ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପ୍ରତିବର୍ଷ ଦୁଇରୁ ତିନିଥର ରାସ୍ତା ମରାମତି କରାଯାଉଥିଲେ ମଧ୍ୟ ଅଳ୍ପ ଦିନ ମଧ୍ୟରେ ପୁଣି ରାସ୍ତା ଭାଙ୍ଗିଯାଉଛି। ଏଥିପାଇଁ ତେଲିସିଂହା ଛକଠାରୁ କଣିହାଁ ଓ ପଥରମୁଣ୍ଡା ପର୍ଯ୍ୟନ୍ତ ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ କରିବାକୁ ସାଧାରଣରେ ଦାବି ଜୋର ଧରିଛି। ଏଭଳି ସ୍ଥାୟୀ ବ୍ୟବସ୍ଥା ହେଲେ ସରକାରୀ ଅର୍ଥର ଅପଚୟ ରୋକାଯିବା ସହ ଲୋକମାନେ ସୁରକ୍ଷିତ ଯାତାୟାତ ସୁବିଧା ପାଇପାରିବେ। ତେବେ ରାସ୍ତାର ବାରମ୍ବାର ମରାମତି ସତ୍ତ୍ୱେ ସମସ୍ୟାର ସ୍ଥାୟୀ ସମାଧାନ ନ ହେବାରୁ ଏହାର ଗୁଣବତ୍ତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନ ଉଠିଛି। ରାସ୍ତାର ସ୍ଥାୟୀ ନିର୍ମାଣ ସହ ଗୁଣାତ୍ମକ କାର୍ଯ୍ୟ କରାଯାଇ ଲୋକଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।



### ପୁଣି ପୁଷ୍ପା ଗ୍ୟାଙ୍ଗ୍‌ର ଆତଙ୍କ

# ଯୁବକଙ୍କୁ ହାଣିଲେ, ଘରେ ପଶି ମହିଳାଙ୍କୁ ଖଣ୍ଡାଚୋଟ

ଭୁବନେଶ୍ୱର, ୭।୭ (ସମିସ)

ମାତ୍ର ମାସକର ବ୍ୟବଧାନ ପରେ ପୁଣି ଆତଙ୍କ ଖେଳାଇଛନ୍ତି ପୁଷ୍ପା ଗ୍ୟାଙ୍ଗ୍। ଗତମାସରେ ଫାଳିକିଆ ବସ୍ତିରେ ଯୁବକଙ୍କୁ ହାଣିଥିବା ବେଳେ ଏବେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଭାଇଗିରି ଦେଖାଇଛନ୍ତି। ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିବା ପରେ ଘରେ ପଶି ମହିଳାଙ୍କୁ ଭୁଜାଲି ଚୋଟ ଦେଇଛନ୍ତି। ଉର୍ବଶୀ ମହୋତ ଓ ଆର୍ ଉଦୟକିରଣ ଓରଫ୍ ଆବୁରୁ ଗୁରୁତର ହୋଇଛନ୍ତି। ଅଭିଯୋଗ ପାଇବା ପରେ ୩ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି କଦଳୀ ଗୋଦାମର ଏମ୍ ସାମିୟାଲ୍ (୨୦) ଓ ରେଜ୍ଜୀ ବସ୍ତିର ନରସିଂହ ବେହେରା (୨୪)। ଘଟଣାରେ ଜଣେ ନାବାଳକକୁ ଗିରଫ କରାଯାଇଥିବା ବେଳେ ଗ୍ୟାଙ୍ଗ୍ ମୁଖିଆ ରାମୁଲୁ ସମେତ ୧୨ ଜଣ ଫେରାର ରହିଛନ୍ତି। ନାବାଳକକୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି।

- ୩ ଗିରଫ; ଖଣ୍ଡା ଜବତ
- ରାମୁଲୁ ସମେତ ୧୨ ଫେରାର

ପୁଲିସ ସୂଚନାନୁସାରେ, ମୋଚି ସାହିର ଆବୁରୁ ମଙ୍ଗଳବାର ଭୋର୍ ୩ଟା ବେଳେ ଚିନ୍ତାମଣିଶ୍ୱର ଠାରୁ ଘରକୁ ଫେରୁଥିଲେ। ପ୍ରଧାନ ବସ୍ତି ଅତିକ୍ରମ କରୁଥିବା ବେଳେ ରାମୁଲୁ, ସନ୍ତୁ, ପପୁ, କାଳିଆ, ଅନିଲ, ଉମେଶ, ନରସିଂହ, ସାମିୟାଲ ଓ ସହଯୋଗୀମାନେ ତାଙ୍କୁ ଅଟକାଇଥିଲେ। ଅଭିଯୁକ୍ତମାନେ ଆବୁରୁକୁ ଗାଳିଗୁଲଜ କରିବା ସହ ହଠାତ୍ ଖଣ୍ଡାରେ ଆକ୍ରମଣ କରିଥିଲେ। ଆବୁରୁ ଜୀବନ ବଞ୍ଚାଇବାକୁ ଡ଼େିଥିଲେ। ହେଲେ ରାମୁଲୁ ଗୋଡ଼ାଇ ଗୋଡ଼ାଇ ଆବୁରୁର ଡାହାଣ ହାତ, ମୁଣ୍ଡକୁ ଖଣ୍ଡା ଚୋଟ ପକାଇଥିଲା। ଆବୁରୁ ତଳେ ପଡ଼ିଯିବା ପରେ ଅଭିଯୁକ୍ତମାନେ ତାଙ୍କ ବେକ, ପାପୁଲି ଓ ମୁଣ୍ଡକୁ ହାଣି ଚାଲିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ଆସିଯିବାରୁ ଅଭିଯୁକ୍ତମାନେ ଫେରାର ହୋଇ ଯାଇଥିଲେ। ଲୋକମାନେ ଆବୁରୁକୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।



ଏତିକିରେ ପୁଷ୍ପା ଗ୍ୟାଙ୍ଗର ଆତଙ୍କ ଥମି ନଥିଲା। ଆବୁରୁକୁ ଆକ୍ରମଣ କରିସାରି ରାତି ସାଢେ ୩ଟା ବେଳେ ରେଜ୍ଜୀ ସାହି ବସ୍ତିରେ ଥିବା ଉର୍ବଶୀଙ୍କ ଘରେ ପଶିଥିଲେ। ପ୍ରଥମ କବାଟକୁ ଭାଙ୍ଗିଦେଇ ଦ୍ୱିତୀୟ କବାଟ ବାଡ଼େଇ ଥିଲେ। ଉର୍ବଶୀ ଓ ତାଙ୍କ ସ୍ୱାମୀ ରାମପ୍ରସାଦ ମହୋତ ଭୟଭୀତ ହୋଇ କବାଟ ଖୋଲିଥିଲେ। ଅଭିଯୁକ୍ତମାନେ ରାମଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିବାବେଳେ ଉର୍ବଶୀ ହସ୍ତକ୍ଷେପ କରିଥିଲେ। ଅଭିଯୁକ୍ତମାନେ ଗାଳିଗୁଲଜ କରିବା ସହ ଖଣ୍ଡା ଓ ଭୁଜାଲିରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଏହାପରେ ଉର୍ବଶୀଙ୍କୁ ତଳେ ପକାଇ ତାଙ୍କ ବେକ ଚିପି ହତ୍ୟା କରିବାକୁ ମଧ୍ୟ ଉଦ୍ୟମ କରିଥିଲେ। ପରେ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଅଭିଯୁକ୍ତମାନେ ପଳାଇଥିଲେ। ପଡ଼ୋଶୀ ମାନେ ଉର୍ବଶୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲେ। ଆବୁରୁର ବାପା ଆର୍ ଗଣେଶ ଓ ଉର୍ବଶୀ ଲକ୍ଷ୍ମୀସାଗର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ନାବାଳକ ସମେତ ୩ ଜଣଙ୍କୁ ଗିରଫ କରି ଖଣ୍ଡା ଜବତ କରିଥିଲା। ହେଲେ ମୁଖ୍ୟ ଅଭିଯୁକ୍ତ ରାମୁଲୁ ପାଖରେ ଏଯାଏଁ ପହଞ୍ଚି ପାରିନାହିଁ।

# ହେରୋଇନ୍ ଜବତ; ବାପା-ପୁଅଙ୍କ ସମେତ ୪ ଗିରଫ

ଭୁବନେଶ୍ୱର, ୭।୭ (ସମିସ): ବିଜୟ କୁମାର ମହାନ୍ତିଙ୍କ ପରିବାର ଆର୍ଥିକ ସ୍ୱଚ୍ଛଳତା ନଥିଲା। ଏଣୁ ସେ ପ୍ରଥମେ ବସ୍ତିରେ ରହିଲେ। ପରେ ସରକାରୀ ଯୋଜନାରେ ଆବାସ ଘର ହାତେଇ ନେଲେ। ହେଲେ ସବୁ ସୁବିଧା ହେଲା ପରେ ଆରମ୍ଭ ହେଲା କାରସାଦି। ଏହି ଘରେ ରହି ପରିବାର ଲୋକେ ଧଳା ଜହର ବ୍ୟବସାୟରେ ନିଜକୁ ନିୟୋଜିତ କଲେ। ଏବେ ପାଖରେ ଦାମୀ ଗାଡି ଆଉ ବହୁ ପରିମାଣରେ ସମ୍ପତ୍ତି। ନିଜକୁ ପେଟି କଣ୍ଟ୍ରାକ୍ଟର ବୋଲି ପରିଚୟ ଦେଉଥିବା ବିଜୟଙ୍କ ପ୍ରକୃତ ବ୍ୟବସାୟ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

ବ୍ରାଉନସୁଗର କାରବାର ଅଭିଯୋଗେରେ ମଇଁଷିଖାଲ ବସ୍ତିର ବାପା ବିଜୟ ମହାନ୍ତି ଓ ପୁଅ ଓମ ମହାନ୍ତିଙ୍କୁ ମଙ୍ଗଳବାର ଅବକାରୀ ବିଭାଗ ଗିରଫ କରିଛି। ବାପ ପୁଅଙ୍କ ସମେତ ଅନ୍ୟ ଦୁଇ ସହଯୋଗୀ ସୁଧିର ନାଏକ ଓ କିଶୋର ଲେଙ୍କାଙ୍କୁ ମଧ୍ୟ ଗିରଫ କରାଯାଇଛି। ଏମାନଙ୍କ ପାଖରୁ ମୋଟ ୨୫୭ ଗ୍ରାମର ବ୍ରାଉନ୍‌ସୁଗର ଜବତ ହୋଇଛି। ଅପରାଧରେ ବ୍ୟବହୃତ ଏକ ଦାମୀ କାର ମଧ୍ୟ ଜବତ କରାଯାଇଛି।

ମୁଖ୍ୟ ଅଭିଯୁକ୍ତ ବିଜୟ ମହାନ୍ତି ଜଣେ ଅଭ୍ୟାସଗତ ଅପରାଧୀ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ପୂର୍ବରୁ ବ୍ରାଉନସୁଗାର ମାମଲାରେ ବିଜୟକୁ ଅନେକ ଥର ଗିରଫ କରାଯାଇଛି। ବିଜୟର ପତ୍ନୀଙ୍କ ନାମରେ ରାଜୀବ ଗାନ୍ଧୀ ଆବାସ ଯୋଜନା ଅଧୀନରେ ଏହି ୨ବିଏଚ୍‌କେ ଘର ପ୍ରଦାନ କରାଯାଇଥିଲା। ବିଜୟ ଶ୍ରମିକ ଯୋଗାଉଥିବା ଜଣେ ଠିକାଦାର ବୋଲି ନିଜକୁ ପରିଚୟ ଦେଇଥିଲା ବେଳେ ତାଙ୍କ ପ୍ରକୃତ ବ୍ୟବସାୟ ବ୍ରାଉନ୍‌ସୁଗର କାରବାର ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ନିଜ ଘରଠାରୁ ପ୍ରାୟ ୩କିଲୋମିଟର ଦୂରରେ ବ୍ରାଉନସୁଗାର ରଖି ତାହାର ବେଆଇନ ବିକ୍ରି କରୁଥିଲେ। ମଇଁଷିଖାଲ ନିକଟସ୍ଥ ସରକାରୀ ଆପାର୍ଟମେଣ୍ଟକୁ ଡ୍ରଗ୍ସ କାରବାରର ଆଡ଼ା ଭାବେ ବ୍ୟବହାର କରୁଥିବା ସନ୍ଦେହ କରାଯାଉଛି। ଅବକାରୀ ବିଭାଗ ପକ୍ଷରୁ ଅଧିକ ଖୋଳତାଡ଼ ଜାରି ରହିଛି। ମଇଁସିଆଖାଲରେ ସନ୍ଧ୍ୟା ହେଲେ ମାଛ ଦୋକାନ ଭଳି ଖୋଲୁଛି ବ୍ରାଉନସୁଗର ଦୋକାନ। ବ୍ରାଉନ୍‌ସୁଗର ଖାଇବାକୁ ଯୁବଗୋଷ୍ଠୀ ବହୁ ମାତ୍ରାରେ ରୁଣ୍ଡ ହେଉଛନ୍ତି।

# ବଡ଼ ଡ୍ରେନ୍ କଡ଼ରେ ହେବ ବ୍ୟାରିକେଡ୍

ଭୁବନେଶ୍ୱର, ୭।୭ (ସମିସ): ଲଗାଣ ବର୍ଷା ଯୋଗୁଁ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେଉଛି। ଯାହା ବର୍ତ୍ତମାନ ସମୟରେ ସରକାରଙ୍କ ସବୁଠୁ ବଡ ଟେନସନ ସାଜିଛି। ତେବେ ଏହାର ମୁକାବିଲା ପାଇଁ ଆକ୍ସନ୍ ମୋଡ୍‌କୁ ଆସିଛି ନଗର ଉନ୍ନୟନ ବିଭାଗ। ବର୍ଷା ସମୟରେ ସହରାଞ୍ଚଳ ବନ୍ୟାରେ ଲୋକଙ୍କ ସୁରକ୍ଷା ସହ ଜଳ ନିଷ୍କାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ବିଭାଗ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଘୋଷଣା କରିଛି। ଟ୍ୱିନ ସିଟି ସମେତ ପୁରୀ ପାଇଁ ସ୍ୱତନ୍ତ୍ର ରୋଡମ୍ୟାପ୍ ପ୍ରସ୍ତୁତ କରିଛି ବିଭାଗ। ବର୍ଷାରେ ଦୁର୍ଘଟଣା ରୋକିବାକୁ ବଡ଼ ଡ୍ରେନ୍ କଡ଼ରେ ହେବ ବ୍ୟାରିକେଡ୍। ଏହି ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର। ପମ୍ପ ସେଟ୍ ରଖାଯାଇଛି ଏବଂ କଣ୍ଟ୍ରୋଲ ରୁମ ମଧ୍ୟ ଖୋଲାଯାଇଛି। ୧୯୨୯ ନମ୍ବରରେ ସମସ୍ୟାର ସମାଧାନ ହେଉଛି। ସେହିପରି ଭୁବନେଶ୍ୱରରେ ଯେଉଁ ଲୋକ ଡ୍ରେନରେ ଭାସି ଯାଇଥିବା ଖବର ଆସିଛି। ତାହାର ତଥ୍ୟ ମିଳି ନାହିଁ। ସତ୍ୟାସତ୍ୟ ତଥ୍ୟ ଆସିବା ପରେ ଜଣା ପଡ଼ିବ ବୋଲି କହିଛନ୍ତି ମନ୍ତ୍ରୀ।

ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପୁଣି କହିଛନ୍ତି ଯେ, ବର୍ଷା ସମୟରେ ଦୁର୍ଘଟଣା ଏଡ଼ାଇବା ପାଇଁ ବଡ଼ ବଡ଼ ଡ୍ରେନ କଡ଼ରେ ସୁରକ୍ଷା ବ୍ୟାରିକେଡ୍ ଲଗାଯିବ। ଏହାସହ ସହରାଞ୍ଚଳର ବିଭିନ୍ନ ନାଳର ମରାମତି, ପଙ୍କ ଉଦ୍ଧାର ଓ ସଫେଇ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ବର୍ଷା ଜଳ ନିଷ୍କାସନରେ ବେଶ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ, ଆଗାମୀ ଦିନରେ ଅଧିକ ବର୍ଷାର ସମ୍ଭାବନାକୁ ଦୃଷ୍ଟିରେ ରଖି ସମସ୍ତ ସହରାଞ୍ଚଳ ଅଧିକାରୀଙ୍କୁ ହାଇ ଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ସ୍ଥିତି ଉପରେ କ୍ରମାଗତ ନଜର ରଖାଯିବ ଏବଂ କୌଣସି ଜରୁରୀ ପରିସ୍ଥିତି ଉପୁଜିଲେ ତୁରନ୍ତ ଉଦ୍ଧାର ଓ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

# ଆଇଏଏସ୍, ଆଇପିଏସ୍ ଅଧିକାରୀଙ୍କ ଆପାର୍ ଦାଖଲ ସମୟ ସୀମା ବୃଦ୍ଧି

ଭୁବନେଶ୍ୱର, ୭।୭ (ସମିସ): କେନ୍ଦ୍ର ସରକାର ଆଇଏଏସ୍, ଆଇପିଏସ୍ ଅଧିକାରୀଙ୍କ ବାର୍ଷିକ କାର୍ଯ୍ୟଦକ୍ଷତା ମୂଲ୍ୟାୟନ ପ୍ରତିବେଦନ ବା ଆପାର୍ ଦାଖଲ ସମୟ ସୀମାକୁ ପୁଣି ଥରେ ବଢ଼ାଇଛନ୍ତି। ଏହା ପରେ ଓଡ଼ିଶା ସରକାର ମଧ୍ୟ ରାଜ୍ୟର ଗ୍ରୁପ-'ଏ' ଓ ଗ୍ରୁପ-'ବି' ଅଧିକାରୀଙ୍କ ର-ଚଇଜ ଦାଖଲ ଓ ପ୍ରକ୍ରିୟାକରଣ ସମୟସୀମାକୁ ସଂଶୋଧନ କରିଛନ୍ତି। ରାଜ୍ୟରେ କାର୍ଯ୍ୟଦକ୍ଷତା ମୂଲ୍ୟାୟନ ପ୍ରକ୍ରିୟାକୁ ଅଖିଳ ଭାରତ ସେବାର ସମୟ ସୂଚୀ ସହ ସମାନ ରଖିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ସାଧାରଣ ପ୍ରଶାସନ ଓ ଜନଅଭିଯୋଗ ବିଭାଗ ପକ୍ଷରୁ ମଙ୍ଗଳବାର ଜାରି ହୋଇଛି ବିଜ୍ଞପ୍ତି। ବିଜ୍ଞପ୍ତି ଅନୁସାରେ, ୨୦୨୫-୨୬ ବର୍ଷ ପାଇଁ ସେଲଫ ଆପ୍ରେଜାଲ୍ ଦାଖଲର ଶେଷ ତାରିଖ ୩୧ ଜୁଲାଇ ପର୍ଯ୍ୟନ୍ତ ବଢ଼ାଯାଇଛି। ପୂର୍ବରୁ ଏହି ସମୟସୀମା ୩୦ ଜୁନ ର୍ଯ୍ୟନ୍ତ ଥିଲା। ଏହା ପୂର୍ବରୁ ରାଜ୍ୟ ସରକାର ୩୦ ମେରେ ଜାରି କରିଥିବା ବିଜ୍ଞପ୍ତିରେ ୩୧ ମେ' ଶେଷ ତାରିଖକୁ ୩୦ ଜୁନ ପର୍ଯ୍ୟନ୍ତ ବଢ଼ାଇଥିଲେ।

# ପାଠ୍ୟପୁସ୍ତକରେ ବିଭ୍ରାଟ: ମନ୍ତ୍ରୀଙ୍କ ଇସ୍ତଫା ଦାବି




ଭୁବନେଶ୍ୱର, ୭।୭ (ସମିସ): ସରକାରୀ ବିଦ୍ୟାଳୟର ପାଠ୍ୟପୁସ୍ତକରେ ତ୍ରୁଟି ଓ ବିଭ୍ରାଟକୁ ନେଇ ସିପିଆଇ(ଏମ୍) ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ତୁରନ୍ତ ଇସ୍ତଫା ଦାବି କରିଛି। ଦଳ ପକ୍ଷରୁ ଭୁବନେଶ୍ୱର ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯିବା ପରେ ଏକ ପ୍ରତିନିଧି ଦଳ ଏଡିଏମ୍‌ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ବିକ୍ଷୋଭ ସମାବେଶକୁ ସମ୍ବୋଧିତ କରି ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ କହିଥିଲେ ଯେ ଜାତୀୟ ଶିକ୍ଷାନୀତି୨୦୨୦ କାର୍ଯ୍ୟକାରୀ କରିବା ଆଳରେ ପ୍ରାଥମିକ ସ୍ତରର ୫୫ଟି ପାଠ୍ୟପୁସ୍ତକ ପ୍ରସ୍ତୁତିରେ ଯଥେଷ୍ଟ ଶୈକ୍ଷିକ ପ୍ରକ୍ରିୟା ଅନୁସରଣ କରାଯାଇନାହିଁ। ଅଭିଜ୍ଞ ଲେଖକ, ଶିକ୍ଷାବିତ୍, ବିଷୟବିଶେଷଜ୍ଞ, ସମ୍ପାଦକ ଓ ପ୍ରୁଫ୍‌ରିଡରଙ୍କୁ ଉପେକ୍ଷା କରାଯାଇଥିବା ସହ କୃତ୍ରିମ ବୁଦ୍ଧିମତ୍ତାର ଅବୈଜ୍ଞାନିକ ବ୍ୟବହାର ଯୋଗୁଁ ପାଠ୍ୟପୁସ୍ତକରେ ତଥ୍ୟଗତ, ଭାଷାଗତ, ବ୍ୟାକରଣଗତ ଓ ମୁଦ୍ରଣ ତ୍ରୁଟି ରହିଥିବା ସେ ଅଭିଯୋଗ କରିଥିଲେ। ସେ ଆହୁରି କହିଥିଲେ ଯେ ଏହି ଘଟଣା କେବଳ ପ୍ରଶାସନିକ ବିଫଳତା ନୁହେଁ, ବରଂ ରାଜ୍ୟର ଶିକ୍ଷା ବ୍ୟବସ୍ଥା, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ଓଡ଼ିଆ ଭାଷାର ମର୍ଯ୍ୟାଦା ବିରୋଧରେ ଏକ ଗୁରୁତର ଘଟଣା। ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ତୁରନ୍ତ ପ୍ରତ୍ୟାହାର କରି ସଂଶୋଧିତ ପୁସ୍ତକ ଯୋଗାଇବା ସହ ଦାୟୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଥିଲେ। ଏହି ବିକ୍ଷୋଭରେ ସିପିଆଇ(ଏମ୍)ର ଭୁବନେଶ୍ୱର ଲୋକାଲ କମିଟି ସମ୍ପାଦକ କମ୍ରେଡ୍ ପ୍ରଦୀପ୍ତ ନାୟକ, ଶ୍ରମିକ ନେତା କମ୍ରେଡ୍ ରମେଶ ଜେନା, କମ୍ରେଡ୍ ବୈକୁଣ୍ଠନାଥ ସାହୁଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ରହିଥିଲେ।

### ଛିଣ୍ଡିଲାନି ଦାଦାବଟି ଭାଗ

# ଦୁଇ ଗୋଷ୍ଠୀ ପଶିଲେ; ଉଠା ଦୋକାନୀଙ୍କୁ ପିଟିଲେ

ଭୁବନେଶ୍ୱର, ୭।୭ (ସମିସ): ଦାଦାବଟି ଟଙ୍କା ଭାଗ ବଣ୍ଟାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଆରମ୍ଭ ହୋଇଥିବା ବିବାଦ ଉଗ୍ରରୂପ ନେଇଛି। ଖାଇବା ପରେ ଜାଣିଶୁଣି ଟଙ୍କା ନଦେଇ ଗଣ୍ଡଗୋଳ କରିଛନ୍ତି। ଦୁଇ ଗୋଷ୍ଠୀ ମିଶି ଉଠା ଦୋକାନୀଙ୍କୁ ପିଟିବା ସହ ଦୋକାନ ଗୁଡ଼ିକ ଲେଉଟାଇ ଦେଇଛନ୍ତି। ଭରତପୁର ଥାନା ଅଧୀନସ୍ଥ କଳିଙ୍ଗନଗର ଅଞ୍ଚଳରେ ଏଭଳି ଘଟଣା ଘଟିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଅଣ୍ଡାଳୁଥିଲେ ମଧ୍ୟ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ।

- ଘଣ୍ଟାଏ ଧରି ଆତଙ୍କ, କ୍ୟାବିନ୍ ଲେଉଟାଇଲେ
- ଥାନାରେ ମାମଲା; ସିସିଟିଭି ଅଣ୍ଡାଳୁଛି ପୁଲିସ

ପୁରା ଘଟଣା ଥିଲା ଏମିତି, କଳିଙ୍ଗନଗର ଅଞ୍ଚଳରେ ଥିବା ଏକ ଘରୋଇ ଡାକ୍ତରଖାନା ଆଗରେ କିଛି ବ୍ୟକ୍ତି ଉଠା ଦୋକାନ କରି ପରିବାର ପୋଷଣ କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ଟୁଙ୍କୁ ଓ ବବୁଲର ଗୋଷ୍ଠୀ ଦୋକାନୀମାନଙ୍କ ଉପରେ ଅତ୍ୟାଚାର କରିବା ସହ ବିଭିନ୍ନ ଆଳ ଦେଖାଇ ଟଙ୍କା ଆଦାୟ କରୁଥିଲେ। ହେଲେ ଦୋକାନୀମାନେ ଅତିଷ୍ଠ ହୋଇ ଜଣଙ୍କୁ ଟଙ୍କାଟିଏ ଦେବେଦେବେ ନାହିଁ ବୋଲି ମନା କରି ଦେଇଥିଲେ। ଏହାପରେ ବିବାଦ ଆରମ୍ଭ ହୋଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଦୁଇ ଗୋଷ୍ଠୀର କିଛି ଯୁବକ ସେଠାରେ ଥିବା ଦୋକାନରୁ ଗୁପଚୁପ ଖାଇଥିଲେ। ଦୋକାନୀ ଟଙ୍କା ମାଗିବାରୁ ଯୁବକମାନେ ଟଙ୍କାଟିଏ ମଧ୍ୟ ଦେବାକୁ ମନା କରିବା ସହ ଜାଣିଶୁଣି ଗଣ୍ଡଗୋଳ ଆରମ୍ଭ କରିଥିଲେ। ଅନ୍ୟ ଦୋକାନୀମାନେ ଏକତ୍ରିତ ହୋଇଯିବାରୁ ସେମାନେ ଚାଲି ଯାଇଥିଲେ। ହେଲେ କିଛି ସମୟପରେ ଦୁଇ ଗୋଷ୍ଠୀର ୩୦ ଜଣ ଯୁବକ ମାରଣାସ୍ତ୍ର ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ। କେହି କିଛି ବୁଝିବା ଆଗରୁ ଗାଳିଗୁଲଜ କରିବା ସହ ଦୋକାନୀମାନଙ୍କୁ ଆକ୍ରମଣ କରିଥିଲେ। ଖାଲି ସେତିକି ନୁହେଁ, ଗୋଟିଏ ପରେ ଗୋଟିଏ ଦୋକାନ ଲେଉଟାଇ ଦେଇଥିଲେ। ଦାଦା ବଟି ବାବଦ ଟଙ୍କା ଫାଇନାଲ ନ କରିବା ପର୍ଯ୍ୟନ୍ତ କେହି ଦୋକାନ ଖୋଲିବ ନାହିଁ ବୋଲି ଧମକ ଦେଇଥିଲେ। ପ୍ରାୟ ଅଧଘଣ୍ଟା ଧରି ଆତଙ୍କ ସୃଷ୍ଟି କରିବା ପରେ ଅସାମାଜିକ ଯୁବକମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଖବରପାଇ ଭରତପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସିସିଟିଭି କ୍ୟାମେରା ଯାଞ୍ଚ କରିବା ସହ ଦୋକାନୀମାନଙ୍କୁ ପଚରାଉଚରା କରିଥିଲା। ଏଭଳି କାଣ୍ଡ ଭିଆଇଥିବା ଅସାମାଜିକଙ୍କ ବିଷୟରେ ତଥ୍ୟ ଆଦାୟ କରିଥିଲେ ମଧ୍ୟ କାହାରିକୁ ଧରିବାରେ ସଫଳ ହୋଇ ପାରିନାହିଁ।

# ରାସ୍ତା ସମ୍ପ୍ରସାରଣ ପୂର୍ବରୁ ଥଇଥାନ ଦାବି

### ବିଏମସି ଡେପୁଟି କମିଶନରଙ୍କୁ ଭେଟିଲେ ଉଠାଦୋକାନୀ

ଭୁବନେଶ୍ୱର, ୭।୭ (ସମିସ): ଜୟଦେବ ବିହାର ଛକରୁ ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ଉଚ୍ଛେଦ ହେବାକୁ ଥିବା ଉଠାଦୋକାନୀମାନେ ମଙ୍ଗଳବାର ବିଏମସିର ଡେପୁଟି କମିଶନର (ଭେଣ୍ଡିଂ ଜୋନ୍) ଅଜୟ ମହାନ୍ତିଙ୍କୁ ଭେଟି



ଉଚ୍ଛେଦ ପୂର୍ବରୁ ଥଇଥାନ ବ୍ୟବସ୍ଥା କରିବାକୁ ଦାବି ଜଣାଇଛନ୍ତି। ରାଜ୍ୟ ସରକାର ସ୍ମାର୍ଟ ସିଟି ଯୋଜନା ଅନ୍ତର୍ଗତ ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତାକୁ ସମ୍ପ୍ରସାରଣ ଓ ସୌନ୍ଦର୍ଯ୍ୟୀକରଣ କରିବାକୁ ଯୋଜନା କରିଛନ୍ତି। ଏଥିପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟବସାୟ କରୁଥିବା ପ୍ରାୟ ଏକ ହଜାରରୁ ଅଧିକ ଉଠାଦୋକାନୀ ଉଚ୍ଛେଦର ସମ୍ମୁଖୀନ ହେବେ। ବ୍ୟବସାୟୀମାନେ ଉଚ୍ଛେଦ ହେଲେ ସେମାନଙ୍କ ପରିବାର, ଅଟୋଚାଳକ ଓ କ୍ଷୁଦ୍ର ବ୍ୟବସାୟୀମାନଙ୍କ ଜୀବିକା ପ୍ରଭାବିତ ହେବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ପ୍ରତିନିଧିମଣ୍ଡଳ ପକ୍ଷରୁ କୁହାଯାଇଛି ଯେ ସମ୍ବିଧାନର ଧାରା ୧୯(୧)(ଛ) ଏବଂ ଉଠାଦୋକାନୀ ଆଇନ-୨୦୧୪ ଅନୁଯାୟୀ ସେମାନଙ୍କର ବ୍ୟବସାୟ କରିବାର ଅଧିକାର ରହିଛି। ତେଣୁ ଉଚ୍ଛେଦ ପୂର୍ବରୁ ବିକଳ୍ପ ସ୍ଥାନରେ ଥଇଥାନ ବ୍ୟବସ୍ଥା କରାଯିବାକୁ ସେମାନେ ଦାବି କରିଛନ୍ତି। ଆଲୋଚନା ପରେ ଡେପୁଟି କମିଶନର ଅଜୟ ମହାନ୍ତି କହିଛନ୍ତି ଯେ ଆଇନ ଅନୁଯାୟୀ ସ୍ଥିତିର ସମୀକ୍ଷା କରାଯିବ ଏବଂ ଯେଉଁଠାରେ ସମ୍ଭବ ହେବ ଯୋଗ୍ୟ ଉଠାଦୋକାନୀଙ୍କୁ ବିକଳ୍ପ ସ୍ଥାନ ଯୋଗାଇ ଦିଆଯିବ। ପରେ ନିଖିଳ ଉତ୍କଳ ସୁରକ୍ଷା କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂ ଜୋନ୍ ମହାସଂଘ ପକ୍ଷରୁ ବିଏମସି କମିଶନର ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅରୋଭାର ସଭାପତି ପ୍ରତାପ କୁମାର ସାହୁ, ନିରଞ୍ଜନ ପାଣ୍ଡେ, ରାଜେଶ ବିଶୋଇଙ୍କ ସମେତ ସଂଗଠନର ବିଭିନ୍ନ ପଦାଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ବିକୃତ ଫଟୋ ଭାଇରାଲ; ଜଣେ ଗିରଫ



ଭୁବନେଶ୍ୱର, ୭।୭ (ସମିସ): ମୁଖ୍ୟମନ୍ତ୍ରୀ ବିକୃତ ଫଟୋ ଓ ଭିଡିଓ ଭାଇରାଲ କରିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ସାଇବର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଅନୁଗୋଳ ଜିଲା ବାଗେଡ଼ିଆ ଥାନା ପଟାକୁମୁଣ୍ଡ ଗାଁର ଅଞ୍ଚଳର ମନୋରଞ୍ଜନ ପ୍ରଧାନ (୧୯)

ପୁଲିସ ସୂଚନା ଅନୁଯାୟୀ, ମନୋରଞ୍ଜନ ଇନଷ୍ଟାଗ୍ରାମ୍‌ରେ 'ଫନି ବୟ ମନୋରଞ୍ଜନ' ଓ ଫେସବୁକରେ ମନୋରଞ୍ଜନ ପ୍ରଧାନ ନାମରେ ଦୁଇଟି ପ୍ରୋଫାଇଲ୍ ଖୋଲିଥିଲା। ଏଆଇ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ବିକୃତ ଫଟୋ ଓ ଭିଡିଓ ତିଆରି କରି ପୋଷ୍ଟ କରୁଥିଲା। ଏହାସହିତ ଅଶ୍ଳୀଳ କମେଣ୍ଟ ଓ ଆପତ୍ତିଜନକ ମନ୍ତବ୍ୟ ଦେଇ ଅନେକ ରିଲ୍ସ ସାମାଜିକ ଗଣମାଧ୍ୟମରେ ପ୍ରଘଟ କରିବା ସହମିଛ ଅପପ୍ରଚାର କରୁଥିଲା। ଯେ କୌଣସି ଘଟଣାକୁ ବର୍ଣ୍ଣନା କରିବା ପାଇଁ ଅପମାନଜନକ ମନ୍ତବ୍ୟ ବ୍ୟବହାର କରିଥିଲେ। ସାମାଜିକ ଗଣମାଧ୍ୟମରେ ନକାରାତ୍ମକ ବାର୍ତ୍ତା ସେୟାର କରୁଥିଲା। ଏନେଇ ସାଇବର ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଅନୁଗୋଳରେ ଚଢ଼଼ଉ କରି ମନୋରଞ୍ଜନକୁ ଗିରଫ କରିବା ସହ ତା' ଠାରୁ ମୋବାଇଲ ଫୋନ୍ ଓ ଡିଜିଟାଲ ପ୍ରମାଣ ଜବତ କରିଛି।

# ବାଇକ୍ ଚୋରଙ୍କୁ ୯ ମାସ ଜେଲଦଣ୍ଡ



ଭୁବନେଶ୍ୱର, ୭।୭ (ସମିସ): ଭରତପୁର ଥାନା ଅଞ୍ଚଳରେ ଘଟିଥିବା ଏକ ବାଇକ୍ ଚୋରି ଘଟଣାର ରାୟ ୪ ମାସରେ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୫ ର ବିଚାରପତ ଇତିଶ୍ରୀ ମହାପାତ୍ର ମାମଲାର ବିଚାର କରି ଆସାମୀ ଲିପୁନ ଦାସ ଓ ରାଜେନ୍ଦ୍ର ନାୟକ ଓରଫ ଲକିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁଯାୟୀ, ତାରିଣୀ ମାର୍କେଟରେ ଦୋକାନ କରିଥିବା ମୁରଲୀଧର ସାହୁ ଗତ ମାର୍ଚ୍ଚ ମାସ ୧୭ ତାରିଖ ସନ୍ଧ୍ୟାରେ ଥିବା ତାଙ୍କ ଦୋକାନ ସାମ୍ନାରେ ପାର୍କିଂ କରିଥିଲେ। ଲିପୁନ ଓ ରାଜେନ୍ଦ୍ର ସୁଯୋଗ ଦେଖି ଗାଡ଼ିଟିକୁ ଚୋରି କରି ନେଇଥିଲେ। ରାତି ପ୍ରାୟ ୧୦ଟା ୧୫ ବେଳକୁ ଗାଡ଼ି ନପାଇବାରୁ ମୁରଲୀଧର ସେ ଭରତପୁର ଥାନାରେ ଏତଲା ଦେଇଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ କେସ୍ ନଂ-୨୦୮/୨୬, ଧାରା-୩୦୩(୨)/୩(୫) ବିଏନ୍‌ଏସ୍ ଅନୁଯାୟୀ ମାମଲା ରୁଜୁ କରିଥିଲା। ସବ୍ ଇନ୍ସପେକ୍ଟର ପାର୍ଥ ସାରଥି ସ୍ୱାଇଁ ଘଟଣାର ତଦନ୍ତ କରି ଲିପୁନ ଓ ରାଜେନ୍ଦ୍ରକୁ ଗିରଫ କରିବା ସହ ସେମାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସମ୍ପୃକ୍ତ ୮ ଜଣ ସାକ୍ଷୀଙ୍କ ଜବାନବନ୍ଦି ଓ ପ୍ରାସଙ୍ଗିକ ୧୧ ଗୋଟି ପ୍ରଯୁଜ୍ୟ ଦସ୍ତାବିଜକୁ ଆଧାରରେ ମାମଲାର ବିଚାର କରିଲିପୁନ ଓ ରାଜେନ୍ଦ୍ରକୁ ୯ ମାସ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ରାଜେନ୍ଦ୍ର ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ପୂର୍ବରୁ ବିଭିନ୍ନ ଥାନା ଅଧୀନରେ ଚୋରି, ଡକାୟତି ଓ ବେଆଇନ ନିଶା କାରବାର ସମ୍ବନ୍ଧୀୟ ୪ଟି ମାମଲାରେ ଜଡ଼ିତ ରହିଛି। ସରକାରଙ୍କ ପକ୍ଷରୁ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ଏହି ମାମଲାକୁ ପରିଚାଳନା କରିଥିଲେ।

# ରମାଦେବୀରେ ଗୁଣ୍ଡାରାଜ୍; ଫାଟକରେ ତାଲା

ଭୁବନେଶ୍ୱର, ୭।୭ (ସମିସ): ପୁଣି ସରଗରମ ହୋଇଛି ରମାଦେବୀ ରାଜନୀତି। ରମାଦେବୀ ବିଶ୍ୱବିଦ୍ୟାଳୟରେ ୨ଛାତ୍ରୀଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଉଗ୍ର ରୂପ ନେଇଛି। ମହିଳା ବିଶ୍ୱବିଦ୍ୟାଳୟରେ ଭିତରେ ୧୨ଯୁବକ ପ୍ରବେଶ କରି ଆତଙ୍କ ଖେଳାଇଛନ୍ତି। ଉକ୍ତ ଯୁବକମାନେ ଛାତ୍ରୀମାନଙ୍କୁ ଗାଳିଗୁଲଜ କରିବା ସହ ଧମକଚମକ ଦେଇ କ୍ୟାମ୍ପସରେ ଶାନ୍ତି ଭଙ୍ଗ କରିଛନ୍ତି। ଏହାସହ ଏମାନେ ଭିସିଙ୍କ ରୁମ୍‌କୁ ଭିତରକୁ ଧସେଇ ପସିଥିଲେ। ଉପସ୍ଥିତ ଛାତ୍ରୀ ଏବଂ ପ୍ରଫେସରଙ୍କୁ ଗାଳିଗୁଲଜ କରିବା ଭଳି କାଣ୍ଡ ଭିଆଇଥିଲେ। ଯାହାର ପ୍ରତିବାଦରେ ଛାତ୍ରୀମାନେ ରମାଦେବୀ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷରୁ ଅଣଛାତ୍ର ପ୍ରବେଶ ନେଇ ଲିଖିତ ଭାବେ ଜଣାଇବା ସହ ମୁଖ୍ୟ ଫାଟକରେ ତାଲା ମାରି ଦେଇଛନ୍ତି।

- ୨ଛାତ୍ରୀଙ୍କ ଗଣ୍ଡଗୋଳରୁ ତୁମୂଳକାଣ୍ଡ
- ପୁଲିସ ସୁରକ୍ଷା ଲୋଡ଼ିଲେ କୁଳପତି

ଏହି ମାମଲାରେ କୁଳପତି ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି କହିଛନ୍ତି ପୁଲିସକୁ ଏନେଇ ଲିଖିତ ଭାବେ ଜଣାଯାଇଛି। ମିଳିଥିବା ସୂଚନା ମୁତାବକ, ବ୍ୟାନର ପୋତାକୁ ନେଇ ଦୁଇ ଯୁବତୀଙ୍କ ମଧ୍ୟରେ ଦିନ ବେଳେ ପାଟିତୁଣ୍ଡ ହୋଇଥିଲା। କୁଳପତିଙ୍କ ପାଖକୁ ଏହି ଅଭିଯୋଗ ଯାଇଥିଲା। ଯାହାକୁ କୁଳପତି ସମାଧାନ କରିସାରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଯୁବକମାନେ ସିଧାସଳଖ ମହିଳା ବିଶ୍ୱବିଦ୍ୟାଳୟ ଭିତରକୁ ପ୍ରବେଶ କରିଥିଲେ। କେବଳ ବିଶ୍ୱବିଦ୍ୟାଳୟ ନୁହେଁ କୁଳପତିଙ୍କ ଚ୍ୟାମ୍ବର ଭିତରେ ପ୍ରବେଶ କରି ନିଜ ସମର୍ଥକଙ୍କ ସପକ୍ଷରେ ଯୁକ୍ତି ବାଢିବାକୁ ଲାଗିଲେ।



ମହିଳା ବିଶ୍ୱବିଦ୍ୟାଳୟରେ ପୁରୁଷ ପ୍ରବେଶକୁ ଛାତ୍ରୀମାନେ ବିରୋଧ କରିଥିଲେ। ହେଲେ ଏହି ଯୁବକମାନେ ଉଗ୍ର ହୋଇ ଛାତ୍ରୀମାନଙ୍କୁ ମାଡ ମାରିବାକୁ ହାତ ଉଠାଇଲେ। ଅଶାଳୀନ ଭାଷାରେ ଗାଳିଗୁଲଜ କଲେ। ଉପସ୍ଥିତ ପ୍ରଫେସରମାନଙ୍କୁ ଅଙ୍ଗୁଠି ଦେଖାଇ ଧମକଚମକ ଦେଲେ। ବାହାରକୁ ବାହାରିଲେ ଅବସ୍ଥା ଖରାପ କରିଦେବେ ବୋଲି ଧମକାଇଲେ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପୁଲିସକୁ ତୁରନ୍ତ ଡାକିଥିଲେ। ଏହାପରେ କ୍ୟାମ୍ପସରେ ମହିଳା ପୁଲିସଙ୍କୁ ନିୟୋଜିତ କରାଯାଇଥିଲା। ଛାତ୍ରୀମାନେ ଅଣଛାତ୍ର ପ୍ରବେଶକୁ ବିରୋଧ କରି ଆନ୍ଦୋଳନ କରିବାକୁ ଲାଗିଲେ। ପ୍ରାୟ ସମସ୍ତ ଗେଟ୍‌କୁ ତାଲା ପକାଇ ଦେଇଥିଲେ। ମହିଳା ବିଶ୍ୱବିଦ୍ୟାଳୟରେ କ'ଣ ପାଇଁ ପୁରୁଷ ପ୍ରବେଶ କଲେ। ଯେଉଁମାନେ ଏଭଳି ସାହାସ କରିଛନ୍ତି ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଛାତ୍ରୀମାନେ ଦାବି କରିଛନ୍ତି। ରମାଦେବୀ ବିଶ୍ୱବିଦ୍ୟାଳୟ କୁଳପତି ପୁଲିସକୁ ଲିଖିତ ଅଭିଯୋଗ କରିଛନ୍ତି। କ୍ୟାମ୍ପସରେ ସୁରକ୍ଷା ବଢ଼ାଇବାକୁ ପୁଲିସକୁ ଅନୁରୋଧ କରିଛନ୍ତି।



# ଭୁବନେଶ୍ୱର ସିଟି

# ଲିଙ୍ଗରାଜ ମନ୍ଦିରରେ ନାହିଁ ସୂଚନା କେନ୍ଦ୍ର

**ସୂଚନା ପାଇବାରୁ ଲୋକେ ବଞ୍ଚିତ**

ଭୁବନେଶ୍ୱର, ୭।୭ (ସମିସ)

ରାଜ୍ୟର ଅନ୍ୟତମ ପ୍ରମୁଖ ଶୈବପୀଠ ଲିଙ୍ଗରାଜ ମନ୍ଦିରକୁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଦିଅଁଙ୍କ ଦର୍ଶନ ପାଇଁ ଆସୁଛନ୍ତି। ହେଲେ ମନ୍ଦିର ପରିସରରେ ସ୍ଥାୟୀ ସୂଚନା କେନ୍ଦ୍ର ନଥିବା ଯୋଗୁଁ ଶ୍ରଦ୍ଧାଳୁମାନେ ବିଭିନ୍ନ ମନ୍ଦିର ଉପରେ ବିଭିନ୍ନ ସୂଚନା ପାଇବାରୁ ବଞ୍ଚିତ ହେଉଛନ୍ତି। ଲିଙ୍ଗରାଜ ମନ୍ଦିରର ଇତିହାସ, ଦର୍ଶନ ସମୟ, ନୀତିକାନ୍ତି, ପୂଜା ବ୍ୟବସ୍ଥା ଓ ଅନ୍ୟାନ୍ୟ ଆବଶ୍ୟକ ତଥ୍ୟ ଜାଣିବା ପାଇଁ ଭକ୍ତମାନଙ୍କୁ ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡୁଛି।

ସୂଚନା କେନ୍ଦ୍ରର ଅଭାବ ଯୋଗୁଁ ବିଶେଷକରି ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ସଠିକ୍ ସୂଚନା ନ ମିଳିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଦଲାଲ କିମ୍ବା ଅସାଧୁ ବ୍ୟକ୍ତିଙ୍କ ହାବୁଡ଼ରେ ପଡ଼ି ଭୁଲ ସୂଚନାର ଶିକାର ହେଉଥିବାର ଅଭିଯୋଗ ମଧ୍ୟ ଦେଖିବାକୁ ମିଳୁଛି। ଲିଙ୍ଗରାଜ ମନ୍ଦିରର ପ୍ରବେଶ ପଥ ନିକଟରେ ଏକ ଆଧୁନିକ ସୂଚନା କେନ୍ଦ୍ର ସ୍ଥାପନ କରାଗଲେ ଦର୍ଶନ ସମ୍ପର୍କିତ ସମସ୍ତ ତଥ୍ୟ ସହଜରେ ମିଳିପାରିବ। ଏଥିସହିତ ଏହି ସୂଚନା କେନ୍ଦ୍ରରେ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ସୂଚନା ଉପଲବ୍ଧ କରାଇବା ସହ ହେଲ୍ପଡେସ୍କ ଓ ଡିଜିଟାଲ ସୂଚନା ପ୍ରଦର୍ଶନ ବ୍ୟବସ୍ଥା କରିବାକୁ ମଧ୍ୟ ଶ୍ରଦ୍ଧାଳୁମାନେ ଦାବି କରିଛନ୍ତି।

ଏନେଇ ସ୍ଥାନୀୟ ଅଞ୍ଚଳର ଜଣେ ଶ୍ରଦ୍ଧାଳୁ କହିଛନ୍ତି କି ଶ୍ରୀ ମନ୍ଦିରରେ ଯେପରି ଭାବେ ବଡ଼ ଫଳକ ଲାଗି ବିଭିନ୍ନ ସୂଚନା ପ୍ରଦାନ କରାଯାଉଛି ଲିଙ୍ଗରାଜ ମନ୍ଦିରରେ ମଧ୍ୟ ଏହି ବ୍ୟବସ୍ଥା କରାଯିବା ଦରକାର। ଦୂରରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଏହା ଏକ ବଡ଼ ପଦକ୍ଷେପ ହୋଇପାରନ୍ତା। ଏହିପରି ସେ ଆହୁରି କହିଛନ୍ତି କି ଲିଙ୍ଗରାଜ ମନ୍ଦିର ଉପରେ ମଧ୍ୟ ଏକ ଆଧ୍ୟାତ୍ମିକ ପତ୍ରିକା ଓଡ଼ିଆ, ହିନ୍ଦୀ, ଇଂରାଜୀରେ ଯଦି ଉପଲବ୍ଧ ହୋଇପାରନ୍ତା ତେବେ ଅନେକ ଶ୍ରଦ୍ଧାଳୁ ଉପକୃତ ହୋଇପାରନ୍ତେ ବୋଲି ସେ କହିଛନ୍ତି। ଏହିପରି ଆଉ ଜଣେ ଶ୍ରଦ୍ଧାଳୁ କହିଛନ୍ତି କି ସୂଚନା ଦେବାପାଇଁ ମଧ୍ୟ ଅନେକ ପ୍ରକାରର ଜୁଲମ ମଧ୍ୟ କରାଯାଉଛି। ଯଦି ସୂଚନା କେନ୍ଦ୍ର ରହିଥାନ୍ତା ତେବେ ଶ୍ରଦ୍ଧାଳୁମାନେ ଶୋଷଣରୁ ବଞ୍ଚିତ ହୋଇପାରନ୍ତେ ବୋଲି ସେ କହିଛନ୍ତି। ଏହି ପରିସ୍ଥିତିରେ ଲିଙ୍ଗରାଜ ମନ୍ଦିର ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଶୀଘ୍ର ସୂଚନା କେନ୍ଦ୍ର ସ୍ଥାପନ ଦିଗରେ ପଦକ୍ଷେପ ନେବାକୁ ଭକ୍ତ ଓ ସାଧାରଣ ଲୋକ ଦାବି କରିଛନ୍ତି।

## ଆଇଆଇଏମ୍‌ଟିରେ ଜାତୀୟ କର୍ମଶାଳା ଉଦ୍‌ଘାଟିତ



ଭୁବନେଶ୍ୱର, ୭।୭ (ସମିସ): ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମ୍‌ଟି), ଭୁବନେଶ୍ୱର ଠାରେ 'ଶିକ୍ଷଣ-ଫଳାଫଳ ଭିତ୍ତିକ ଶିକ୍ଷା ଏବଂ ଜାତୀୟ ମାନ୍ୟତା ପ୍ରଦାନ ବୋର୍ଡ (ଏନବିଏ) ମାନ୍ୟତା: ଗୁଣାତ୍ମକ ଇଞ୍ଜିନିୟରିଂ ଶିକ୍ଷା ଦିଗରେ ଏକ ରଣନୈତିକ ରୂପରେଖା' ଶୀର୍ଷକ ପାଞ୍ଚଦିନିଆ ଅନଲାଇନ୍ କର୍ମଶାଳାର ଶୁଭାରମ୍ଭ ହୋଇଯାଇଛି। ଆୟୋଜିତ ଏହି କର୍ମଶାଳାକୁ ଆଇଆଇଏମ୍‌ଟିର ଅଧ୍ୟକ୍ଷ ପ୍ରଫେସର ଶ୍ରୀକାନ୍ତ ପଟ୍ଟନାୟକ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଆଇଏମ୍‌ଟିର ନିର୍ଦ୍ଦେଶକ ପ୍ରଫେସର ଜୟଦେବ କର, ଜିଏଲଏ ବିଶ୍ୱବିଦ୍ୟାଳୟ, ମଥୁରାର ଅନ୍ତର୍ଜାତୀୟ ସମ୍ପର୍କ ଏବଂ ଶୈକ୍ଷଣିକ ସହଯୋଗ ବିଭାଗର ଡିନ୍ ତଥା କମ୍ପ୍ୟୁଟର ଇଞ୍ଜିନିୟରିଂ ଏବଂ ପ୍ରୟୋଗ ବିଭାଗର ପ୍ରଫେସର ପ୍ରଫେସର ଦିଲୀପ କୁମାର ଶର୍ମା ପ୍ରମୁଖ ଯୋଗଦେଇ ଓବିଇ ଏବଂ ଏନବିଏ ମାନ୍ୟତା ସମ୍ପର୍କରେ ବ୍ୟାପକ ଉପସ୍ଥାପନା କରିଥିଲେ। କେବଳ ଇଞ୍ଜିନିୟରିଂ ଶିକ୍ଷା ନୁହେଁ, ପରିଚାଳନା ଶିକ୍ଷା କ୍ଷେତ୍ରରେ ମଧ୍ୟ ଗୁଣାତ୍ମକ ନିଶ୍ଚିତତାର ଭୂମିକା ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରିଥିଲେ। କର୍ମଶାଳାକୁ ବାଣିଜ୍ୟ ପ୍ରଶାସନ ବିଭାଗର ସହକାରୀ ପ୍ରଫେସର ଆଲୋକ ଅରୁଣ ସଂଯୋଜନା କରିଥିଲେ।

## ଇଟିକିଲି ମିଟିକିଲି ପୁରସ୍କାର ପ୍ରଦାନ ସମାରୋହ



ଭୁବନେଶ୍ୱର, ୭।୭ (ସମିସ): ଇଟିକିଲି ମିଟିକିଲିର ୩୧ତମ ପୁରସ୍କାର ପ୍ରଦାନ ସମାରୋହ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଛି। ପୁରସ୍କାର ପ୍ରଦାନ ସମାରୋହକୁ ଅର୍ଥନୀତିଜ୍ଞ ରାଜୀବ ଶେଖର ସାହୁଙ୍କ ସହିତ ଶୁଭସ୍ମିତା ନାୟକ, ଦିବ୍ୟାଂଶୀ ଷଡ଼ଙ୍ଗୀ, ଶର୍ମିଷ୍ଠା ମହାପାତ୍ର, ଆର୍ ଶୁଭବା, ଚେତନା ପାଢ଼ୀ ଓ ବିଭୂତି ପ୍ରସାଦ ବେହେରା ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସମାରୋହରେ ପାରାଦ୍ୱୀପ ଫସ୍‌ଫେଟ୍‌ର କର୍ପୋରେଟ୍ ମୁଖ୍ୟ ବିଭୁଦତ୍ତ ପାଣିଗ୍ରାହୀ, ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମର ପୂର୍ବତନ ଓଡ଼ିଶା ମୁଖ୍ୟ ପ୍ରଭାସ ନାୟକ, ସୁଦେଷ୍ଣା ନାୟକ, ରୟାଲ କଲେଜର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ବିଷ୍ଣୁମୋହନ ମହାନ୍ତି, ଭୂ-ବିଜ୍ଞାନୀ ଜେନାମଣି ସଞ୍ଜୀବ କୁମାର, ସାହିତ୍ୟିକା ଓ ସମାଜସେବୀ ପ୍ରତିଭା ମହାରଥୀ, ରାଜଧାନୀ ମହାବିଦ୍ୟାଳୟ ଇଂରାଜୀ ବିଭାଗ ଅଧ୍ୟାପିକା ପ୍ରଜ୍ଞା ପ୍ରଧାନ, ଶିଶୁ-ସାହିତ୍ୟିକା କମଳିନୀ ମଲ୍ଲିକ ଓ ତନୟା ଦାସ ଗୋସ୍ୱାମୀ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଉପସଭାପତି ଚିତ୍ତ ମହାପାତ୍ର ସ୍ୱାଗତ ସୂଚନା ପ୍ରଦାନ କରିଥିବାବେଳେ ଇଟିକିଲି ମିଟିକିଲିର ସଚିବ ଶରତ କୁମାର ନାୟକ ଅନୁଷ୍ଠାନ ଦୀର୍ଘ ୩୧ ବର୍ଷ କିପରି ନିରବଚ୍ଛିନ୍ନ ଭାବରେ ବିଭିନ୍ନ କାର୍ଯ୍ୟଧାରା ବଜାୟ ରଖିଛି ପ୍ରକାଶ କରିଥିଲେ। ଏହି ଅବସରରେ ଜୟଦେବ ଭବନର କର୍ମଚାରୀ ଦୀପ୍ତିରଞ୍ଜନ ପରିଡ଼ାଙ୍କୁ ଇଟିକିଲି ମିଟିକିଲି ସେବା ସମ୍ମାନ ପ୍ରଦାନ କରାଯାଇଥିଲା।

## ସହିଦ ନଗର ଲାକମୀ ଏକାଡେମୀରେ ମିସ୍ ୟୁନିଭର୍ସ ଓଡ଼ିଶା ୨୦୨୬ ପୁନମ୍ ମହାରଣା

ଭୁବନେଶ୍ୱର, ୭।୭ (ସମିସ): ମିସ୍ ୟୁନିଭର୍ସ ଓଡ଼ିଶା ୨୦୨୬ର ବିଜେତା ପୁନମ୍ ମହାରାଣା, ଭୁବନେଶ୍ୱରର ସହୀଦନଗରସ୍ଥିତ ଲାକମୀ ଏକାଡେମୀ କେନ୍ଦ୍ରରେ ଏକ ସ୍ୱତନ୍ତ୍ର ସାକ୍ଷାତ ଏବଂ ଅଭିବାଦନ ଅଧିବେଶନରେ ୩ ଶହରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଅନୁପ୍ରାଣିତ କରିଥିଲେ। ଏହି ଅବସରରେ ସଂସ୍ଥାର ପରିଚାଳନା ମୁଖ୍ୟ ରେଣୁପ୍ରଭା ପ୍ରଧାନ ଓ ଫ୍ରାଞ୍ଚାଇଜ ମୁଖ୍ୟ ପ୍ରଦୀପ୍ତ ପ୍ରଧାନ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଆତ୍ମବିଶ୍ୱାସ, ସଶକ୍ତିକରଣ ଏବଂ କ୍ୟାରିଅର ଆକାଂକ୍ଷା ପାଳନ କରାଯାଇଥିଲା ଯାହା ଛାତ୍ରଛାତ୍ରୀମାନଙ୍କୁ ସୌନ୍ଦର୍ଯ୍ୟ ଏବଂ ଫ୍ୟାଶନ୍ ଶିଳ୍ପରେ ନିଜର ଛାପ ସୃଷ୍ଟି କରିଥିବା ଜଣେ ଗତିଶୀଳ କୃତିତ୍ୱପ୍ରାପ୍ତ ବ୍ୟକ୍ତିଙ୍କ ସହ ସଂଯୋଗ ସ୍ଥାପନ କରିବାର ଏକ ମୂଲ୍ୟବାନ ସୁଯୋଗ ପ୍ରଦାନ କରିଥିଲା। ସାଧାରଣ ଆରମ୍ଭରୁ ରାଜ୍ୟସ୍ତରୀୟ ମାନ୍ୟତା ପର୍ଯ୍ୟନ୍ତ ତାଙ୍କର ଯାତ୍ରା ବାଣ୍ଟି, ପୁନମ୍ ସଫଳତା ହାସଲ କରିବାରେ ଆତ୍ମବିଶ୍ୱାସ, ଶୃଙ୍ଖଳା ଏବଂ ଜୀବନବ୍ୟାପୀ ଶିକ୍ଷାର ଶକ୍ତି ବିଷୟରେ କହିଥିଲେ। ସେ ବ୍ୟକ୍ତିଗତ ବ୍ରାଣ୍ଡିଂ, ଆତ୍ମବିଶ୍ୱାସ ଏବଂ ବୃତ୍ତିଗତ ନୀତିଶାସ୍ତ୍ର ଉପରେ ବ୍ୟବହାରିକ ମାର୍ଗଦର୍ଶନ ମଧ୍ୟ ବାଣ୍ଟିଥିଲେ। ଏହି ଅଧିବେଶନ ଦକ୍ଷତା, ଆତ୍ମବିଶ୍ୱାସ ଏବଂ ଉଦ୍ଦେଶ୍ୟ ସହିତ ନେତୃତ୍ୱ ନେଉଥିବା ଭବିଷ୍ୟତ ପାଇଁ ପ୍ରସ୍ତୁତ ସୌନ୍ଦର୍ଯ୍ୟ ବୃତ୍ତିଗତମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଲାକ୍‌ମେ ଏକାଡେମୀ ପାୱାରଡ୍ ବାଏ ଆପଟେକର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଥିଲା।




## ଆମେରିକାର ଓଡ଼ିଆ ପୁସ୍ତକ ପ୍ରଦର୍ଶନୀ



ଭୁବନେଶ୍ୱର, ୭।୭ (ସମିସ): ଦ ଓଡ଼ିଶା ସୋସାଇଟି ଅଫ୍ ଆମେରିକାସ୍ (ଓଏସ୍ଏ)ର ୫୭ତମ ବାର୍ଷିକ ସମ୍ମିଳନୀ ଓ ପୁସ୍ତକ ପ୍ରଦର୍ଶନୀ ଯୁକ୍ତରାଷ୍ଟ୍ର ଆମେରିକାର ମିନେସୋଟା ରାଜ୍ୟର ମିନିଆପଲିସସ୍ଥିତ ଡବଲ୍ ଟ୍ରି ହିଲଟନ୍ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ହୋଇଯାଇଛି। ସମ୍ମିଳନୀରେ ପ୍ରକାଶନୀ ସଂସ୍ଥା ବ୍ଲାକ୍ ଈଗଲ୍ ପକ୍ଷରୁ ଓଡ଼ିଆ ପୁସ୍ତକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ପ୍ରଦର୍ଶନୀରେ ଅନେକ ଓଡ଼ିଆ ପୁସ୍ତକକୁ ଦେଖି ପ୍ରବାସୀମାନେ ଖୁସି ପ୍ରକାଶ କରିଥିବା ବେଳେ 'କିଟ୍' ଓ 'କିସ୍'ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଏହି ପ୍ରଦର୍ଶନୀ ବୁଲି ଦେଖିଥିଲେ। ଜୁଲାଇ ୩ରୁ ଆରମ୍ଭ ହୋଇଥିବା ଏହି ଓସା ସମ୍ମିଳନୀକୁ ଆମେରିକା ଓ କାନାଡ଼ାର ବିଭିନ୍ନ ସହରରୁ ପ୍ରାୟ ୧୨୦୦ ଅଧିକ ଓଡ଼ିଆ ଯୋଗ ଦେଇଥିଲେ। ଏହି ଅବସରରେ ନୃତ୍ୟ, ସଙ୍ଗୀତ, କଳା ପ୍ରଦର୍ଶନୀ, ଫ୍ୟାଶନ୍ ସୋ, ଆଲୋଚନା ସମେତ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ କଳ୍ପନାମୟୀ ଦାଶଙ୍କ ଦୁଇଟି ପୁସ୍ତକ 'ଗୋଟିଏ ଜନ୍ମର କାହାଣୀ', 'ଗୋଟିଏ ଜନ୍ମର କବିତା' ସମେତ କନକ ହୋତାଙ୍କ ସମ୍ପାଦିତ 'ପ୍ରବାସୀ ଓଡ଼ିଆ କ୍ଷୁଦ୍ରଗଳ୍ପ ଓ ସ୍ମୃତିଲେଖ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ପୁସ୍ତକ ଉନ୍ମୋଚନ ଉତ୍ସବରେ ଓମ୍‌କାର ମହାନ୍ତି, ସଙ୍ଗୀତା ଗୋସାଇଁ, ବିଜ୍ଞାନୀ ଦାସ, ଅନ୍ନପୂର୍ଣ୍ଣା ବିଶ୍ୱାଳ, ଉଦ୍ୟୋଗପତି ଶୀତକଣ୍ଠ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ନୃତ୍ୟଶାଳାର ୨୩ ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୭।୭ (ସମିସ): ଓଡିଶୀ ନୃତ୍ୟାନୁଷ୍ଠାନ ନୃତ୍ୟଶାଳାର ୨୩ତମ ବାର୍ଷିକ ଉତ୍ସବ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ଅତିଥିଭାବେ ଓଡ଼ିଶୀ ସଙ୍ଗୀତ ବିଶାରଦ ବେହେଲା ବାଦକ ସୁରମଣି ରମେଶ ଚନ୍ଦ୍ର ଦାସ, ଓଡିଶୀ ନୃତ୍ୟ ଗୁରୁ ଭରତ ଚନ୍ଦ୍ର ଗିରି, ଓଡିଶୀ ସଙ୍ଗୀତ ଗୁରୁ ଡ. ଗୀତା ମଞ୍ଜରୀ ବେହେରା, ଗୁରୁ ତଥା ନିର୍ଦ୍ଦେଶକ ଅଶୋକ କୁମାର ଘୋଷାଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ନୃତ୍ୟଶାଳାର ନିର୍ଦ୍ଦେଶକ ଗୁରୁ ଅଶୋକ କୁମାର ଘୋଷାଲ ଅତିଥିମାନଙ୍କୁ ସ୍ୱାଗତ ସହ ଅନୁଷ୍ଠାନର ପ୍ରତିଷ୍ଠା, କାର୍ଯ୍ୟଧାରା ଏବଂ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡିଶୀ ନୃତ୍ୟ ଶିକ୍ଷା ସହିତ ଏହାର ଗବେଷଣାତ୍ମକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମଙ୍ଗଳାଚରଣ ନୃତ୍ୟରୁ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ନୃତ୍ୟ ଥିଲା ଅଭିନୟ ଶ୍ରୀଜୟଦେବଙ୍କ ରଚିତ 'ଶ୍ରୀତ କମଳା କୁଚ ମଣ୍ଡନ.. ଗୀତରେ ଭଗବାନ କୃଷ୍ଣଙ୍କ ବିଭିନ୍ନ ମହିମା ସମ୍ପର୍କରେ ବର୍ଣ୍ଣନା କରାଯାଇଥିଲା। ଭଗବାନ ବିଷ୍ଣୁଙ୍କ ଅବତାର ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଦିବ୍ୟପ୍ରେମ ଅନୁଭୁତି ଅତି ଚମତ୍କାର ଥିଲା। ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ଗୁରୁ ଅଶୋକ କୁମାର ଘୋଷାଲ। ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁ ବନ୍ଦିତା ଘୋଷାଲଙ୍କ ନିର୍ଦ୍ଦେଶନାରେ ନୃତ୍ୟଗୁଡିକ ପ୍ରଦର୍ଶିତ ହୋଇଥିଲା। ସମ୍ବଲପୁରୀ ନୃତ୍ୟ ମାଇଲା ଯୋଡ.. ଓ ରସର କେଳୀ ବୋ.. ପରିବେଷିତ ହୋଇଥିଲା।

## ବେଙ୍ଗାଲୁରରେ ପହଞ୍ଚିଲା ଓଡ଼ିଶା କାରିଗରଙ୍କ ରଥ

ଭୁବନେଶ୍ୱର, ୭।୭ (ସମିସ): ବେଙ୍ଗାଲୁର ମାରାଥାଲି ଠାରେ ଅବସ୍ଥିତ ବିକ୍ରେଡ୍ ସୋସାଇଟିରେ ପହଞ୍ଚିଛି ଓଡ଼ିଶାର ଛାତ୍ର କାରିଗାରମାନଙ୍କ ଦ୍ୱାରା ପ୍ରସ୍ତୁତ ୨୦ ଫୁଟିଆ ରଥ। ପ୍ରଥମ ଥର ଭୁବନେଶ୍ୱରର କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ରଥ ନିର୍ମାଣ କରାଯାଇ କୋରିୟର ମାଧ୍ୟମରେ ପଠାଯାଇଥିଲା। ରଥ ଠିକଣାରେ ପହଞ୍ଚିବା ପରେ କାରିଗରମାନେ ସେଠାରେ ରଥକୁ ସମ୍ପୂର୍ଣ୍ଣ ଭାବେ ଯୋଡ଼ିଛନ୍ତି। ସୂଚନା ଅନୁସାରେ ସାମାଜିକଗଣମାଧ୍ୟମରୁ ଦେଖି ଭୁବନେଶ୍ୱର ପାତ୍ରପଡ଼ାସ୍ଥିତ ଭଗବାନପୁରର କାରିଗର ସୁମିତ ଦାସଙ୍କ ନିକଟକୁ ରଥ ନିର୍ମାଣ ପାଇଁ ଅର୍ଡର ଆସିଥିଲା। ପ୍ରଥମ ଥର ରାଜ୍ୟ ବାହାରକୁ ଏତେ ଉଚ୍ଚର ରଥ ନିର୍ମାଣ କରି ପଠାଯିବା ସୁମିତ ଓ ତାଙ୍କ ସହଯୋଗୀଙ୍କ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲେ ମଧ୍ୟ ସମସ୍ତ କାରିଗରଙ୍କ ପ୍ରରିଶ୍ରମ ସଫଳ ହୋଇଥିବା ସୁମିତ କହିଛନ୍ତି। (ସୁମିତ୍ରା)

## ରାମକୃଷ୍ଣ ଆଦର୍ଶ କଲୋନୀର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର, ୭।୭ (ସମିସ): ବିଏମସି ଅଧୀନସ୍ଥ ୱାର୍ଡ ନମ୍ବର ୪୧ ଶାନ୍ତିପଲ୍ଲୀଠାରେ ନିର୍ମାଣ ହେବ ୫୫ ଗୋଟି ଦୁଇ ମହଲା ବିଶିଷ୍ଟ ରାମକୃଷ୍ଣ ଆଦର୍ଶ କଲୋନୀ। ଯାହାକି ୧୧୦ ଜଣ ହିତାଧିକାରୀଙ୍କୁ ଆବଣ୍ଟନ କରାଯିବ। ଏଥିପାଇଁ ରାମକୃଷ୍ଣ ଆଦର୍ଶ କଲୋନୀର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିସନର ତଥା ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା, ସ୍ଥାନୀୟ କର୍ପୋରେଟର କବିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଲେପ୍ରୋସି ଆକ୍ରାନ୍ତ ପରିବାରଙ୍କୁ ଏହି ସୁବିଧା ଯୋଗାଇ ଦେବା ପାଇଁ ସରକାରଙ୍କ ନିଷ୍ପତ୍ତି କ୍ରମେ ବିଏମ୍‌ସି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ସମ୍ପ୍ରତି ବିଏମ୍‌ସି ଅଞ୍ଚଳରେ ଲିଙ୍ଗରାଜ, ଗୋଖିବାବା ଲେପ୍ରୋସି କଲୋନୀରେ ହିତାଧିକାରୀମାନେ ବସବାସ କରୁଥିବା ବେଳେ ଗୋପବନ୍ଧୁ ଲେପ୍ରୋସି କଲୋନୀ ନିର୍ମାଣ କାର୍ଯ୍ୟ ଜାରି ରହିଛି। ସେମାନଙ୍କୁ ବିଦ୍ୟୁତ୍ ଆଲୋକ, ପାନୀୟ ଜଳ, ଫ୍ୟାନ୍ ଆଦି ବିନା ମୂଲ୍ୟରେ ସମସ୍ତ ପ୍ରକାର ଆଧୁନିକ ସୁବିଧା ଯୋଗାଇ ଦିଆଯାଇଛି। ସେହିପରି ଏଠିକାର ଯୋଗ୍ୟ ହିତାଧିକାରୀଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି ମେୟର ଶ୍ରୀମତୀ ଦାସ କହିଛନ୍ତି।



## ସରସ୍ୱତୀ ଶିକ୍ଷା ମନ୍ଦିରରେ ବନ ମହୋତ୍ସବ




ହଂସପାଳ, ୭।୭ (ସମିସ): ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରରେ ୭୭ ତମ ବନ ମହୋତ୍ସବ ୨୦୨୬ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଗୋଲେଖ ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗଛର ଉପକାରିତା ସମ୍ପର୍କରେ ବିଦ୍ୟାଳୟର ଶିଶୁ ଭାଇ ଭଉଣୀ ମାନଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ବିଏମ୍‌ସି ୪ ନମ୍ବର ୱାଡ଼ର କର୍ପୋରେଟର ସୁକୁମାର ସାହୁ, ସମାଜସେବୀ ସ୍ୱାକ୍ଷର ରଞ୍ଜନ ମହାନ୍ତି ଓ ନିମାଇ ଚରଣ ବେହେରା ଓ ବିଦ୍ୟାଳୟର ସମ୍ପାଦକ ଓ ପ୍ରତିଷ୍ଠାତା ସୁରେନ୍ଦ୍ର କୁମାର ଖୁଣ୍ଟିଆ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରପ୍ରସାଦ ମିଶ୍ର, ସୁପ୍ରିୟା ନାୟକ, ସୌଭାଗିନି ସାହୁ, ଲକ୍ଷ୍ମୀପ୍ରିୟା ଦାସ ଓ ସମସ୍ତ ଶିଶୁ ଭାଇ ଭଉଣୀ ଯୋଗ ଦେଇ 'ଗଛ ଲଗାଅ ଜୀବନ ବଞ୍ଚାଅ', 'ମା' ଆ ପାଇଁ ଗଛଟିଏ' ଓ ସ୍ଲୋଗାନ ଦେଇଥିଲେ। ଖେଳ ଗୁରୁଜୀ ବିଶ୍ୱଭୂଷଣ ବାରିକ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

## ଲୋକ ଭବନରେ ବନ ମହୋତ୍ସବ

ଭୁବନେଶ୍ୱର, ୭।୭ (ସମିସ): ଚଳିତ ବର୍ଷ ବନ ମହୋତ୍ସବ ଅବସରରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଓ ରାଜ୍ୟର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟି ମଙ୍ଗଳବାର ଲୋକ ଭବନ ପରିସରସ୍ଥିତ ଶ୍ୟାମାନନ୍ଦ ପାର୍କରେ ବୃକ୍ଷରୋପଣ କରିଛନ୍ତି। ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଡ. ରୂପା ରୋଶନ ସାହୁଙ୍କ ସମେତ ଅଧିକାରୀମାନେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଲୋକ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସବୁଜିମାକୁ ବୃଦ୍ଧି କରିବା ସହ ପ୍ରକୃତି ସଂରକ୍ଷଣ ଏବଂ ପରିବେଶ ସନ୍ତୁଳନ ରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ନିମନ୍ତେ ଲକ୍ଷ୍ୟ ରଖା ଯାଇଛି।

GOVERNMENT OF ODISHA

**PANCHAYAT SAMITI: NARAYANPATNA**

**PR & DW DEPARTMENT, ODISHA**

**E-Mail ID:** ori-narayanpatna@nic.in

**Letter No.:** 1889 /2026/TCN.02/2026-27, **Date:** 06.07.2026

**NOTICE INVITING TENDER**

**Bid Identification No. 02 of 2026-27 of B.D.O. Narayanpatna**

1. Bid documents consisting of specification, the Bill of Quantity and the Tender Call Notice can be seen in the Government website: http://tendersodisha.gov.in/nicgep/app

| Sl. No. | Name of Work | Estimated Cost (Rs.) | Class of Contractor | Cost of Tender Paper (Rs.) | EMD (Rs.) | Time of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Drinking Water and Additional Classroom at Narayanpatna Govt. Girls Higher Secondary | 10,89,277/- | "C" & "D" | 6,000/- | 10,900/- | 6 Months |
| 2 | Construction of Additional Classroom at RK Higher Secondary School at Narayanpatna | 15,23,399/- | "C" & "D" | 6,000/- | 15,300/- | 6 Months |
| 3 | Construction of Drinking Water and Additional Classroom at Bala UGAS | 11,04,753/- | "C" & "D" | 6,000/- | 11,100/- | 6 Months |
| 4 | Construction of Boundary Wall, Drinking Water and Additional Classroom at Kelubadi Primary School | 11,06,336/- | "C" & "D" | 6,000/- | 11,100/- | 6 Months |
| 5 | Construction of Boundary Wall, Drinking Water and Additional Classroom at Laumalo Govt. Primary School | 11,00,049/- | "C" & "D" | 6,000/- | 11,000/- | 6 Months |
| 6 | Construction of Drinking Water and Additional Classroom at Naktipadar Upper Primary School | 11,00,049/- | "C" & "D" | 6,000/- | 11,000/- | 6 Months |
| 7 | Construction of Boundary Wall, Drinking Water and Additional Classroom at Palaput Secondary School | 10,89,277/- | "C" & "D" | 6,000/- | 10,900/- | 6 Months |
| 8 | Construction of Boundary Wall, Drinking Water and Additional Classroom at Sekhram Primary School | 11,14,826/- | "C" & "D" | 6,000/- | 11,200/- | 6 Months |
| 9 | Construction of Boundary Wall, Drinking Water and Additional Classroom at Upperlocha Primary School | 11,14,826/- | "C" & "D" | 6,000/- | 11,200/- | 6 Months |
| 10 | Construction of Boundary Wall, Drinking Water and Additional Classroom at Amblimbaguda Primary School | 15,71,922/- | "C" & "D" | 6,000/- | 15,800/- | 6 Months |
| 11 | Construction of Playground and Additional Classroom at Borigi Secondary School | 13,44,972/- | "C" & "D" | 6,000/- | 13,500/- | 6 Months |
| 12 | Construction of Boundary Wall, Playground and Additional Classroom at Balipeta Secondary School | 15,73,181/- | "C" & "D" | 6,000/- | 15,800/- | 6 Months |
| 13 | Construction of BT Road from Pindamal to Pipalguda | 16,80,690/- | "C" & "D" | 6,000/- | 17,000/- | 6 Months |
| 14 | Construction of Boundary Wall, Drinking Water and Additional Classroom at Chintaguda K Primary School | 14,87,693/- | "C" & "D" | 6,000/- | 14,900/- | 6 Months |
| 15 | Construction of Boundary Wall, Drinking Water and Additional Classroom at JELC Primary School, Gotiguda | 15,73,181/- | "C" & "D" | 6,000/- | 15,800/- | 6 Months |
| 16 | Construction of Boundary Wall, Drinking Water and Additional Classroom at Pindamali Primary School | 14,87,113/- | "C" & "D" | 6,000/- | 14,900/- | 6 Months |
| 17 | Construction of Boundary Wall, Toilet, Playground, Drinking Water and Additional Classroom at Rangapuri Primary School | 14,83,657/- | "C" & "D" | 6,000/- | 14,900/- | 6 Months |
| 18 | Providing facilities like digging of tube well, CWSN Toilet, Kitchen Shed and Electricity Connection to Tala Ullubadi PS | 11,88,208/- | "C" & "D" | 6,000/- | 11,900/- | 6 Months |
| 19 | Construction of Boundary Wall, Drinking Water and Additional Classroom at Pachingi Primary School | 14,87,693/- | "C" & "D" | 6,000/- | 14,900/- | 6 Months |
| 20 | Construction of Additional Classroom at Naktipadar PS | 14,45,788/- | "C" & "D" | 6,000/- | 14,500/- | 6 Months |

**20 (Twenty) Nos. of work only**

| | |
|---|---|
| Tender documents available on website | Can be downloaded from http://www.tendersodisha.gov.in |
| Bid documents available date and time | **From 10.07.2026 at 11.00 Hours to 31.07.2026 up to 17.30 Hours** |
| Bid clarification start date & closing date | **10.07.2026 to 31.07.2026 during office hours** |
| Offline documents received through Speed Post/Registered Post | **From 10.07.2026 at 17.30 Hours to 04.08.2026 at 11.00 Hours** |
| Date, time and venue of opening of bid online | **05.08.2026 at 11.00 Hours**, Office of the Block Development Officer, Panchayat Samiti, Narayanpatna |
| Offline documents shall be opened in presence of participating bidders | **05.08.2026 at 11.00 Hours onwards**, Chamber of BDO, Narayanpatna |
| If stipulation arises, the tender will be decided through Lottery System | **05.08.2026 at 15.30 Hours**, Office of the Block Development Officer, Panchayat Samiti, Narayanpatna |

**Block Development Officer**
**Narayanpatna**

# ତେଜିଲା ମା' ହସ୍ତୀବାହିନୀଙ୍କ ବିଜେସ୍ଥଳୀ ପରିବର୍ତ୍ତନ ବିବାଦ

- **ଦେବୋତ୍ତରରେ ଶତାଧିକ ଗ୍ରାମବାସୀଙ୍କ ଅଭିଯୋଗ**
- **ବିଜେସ୍ଥଳୀ ବଦଳିଲେ ଗାଁ ଉପରେ ମାଡ଼ିବସିବ ବିପଦ**



ଭୁବନେଶ୍ୱର, ୭।୭ (ସମିସ): କଟକ ଗଡିରାଉତ ପାଟଣାର ଅଧିଷ୍ଠାତ୍ରୀ ଦେବୀ ମା' ହସ୍ତୀବାହିନୀଙ୍କ ବିଜେସ୍ଥଳୀ ପରିବର୍ତ୍ତନ ନେଇ ବିବାଦ ତେଜିବାରେ ଲାଗିଛି। ଗ୍ରାମସଭାରେ ଲୋକେ ଦେବୋତ୍ତର ବିଭାଗର ହସ୍ତକ୍ଷେପକୁ ବିରୋଧ କରିବା ସହ ଅନ୍ୟତ୍ର ନୂଆ ମନ୍ଦିର କରି ଠାକୁରାଣୀଙ୍କୁ ସ୍ଥାପନ କରିବାକୁ ବିରୋଧ କରିଛନ୍ତି। ଏହି ଅଣପାରମ୍ପରିକ ନିଷ୍ପତ୍ତି ପରିବର୍ତ୍ତନ ପାଇଁ ଗ୍ରାମବାସୀ ଦେବୋତ୍ତର ଭବନରେ ଦରଖାସ୍ତ ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, କଟକ ତହସିଲ, ମୌଜା-ଗଡ଼େଇ ଗଡିରାଉତ ପାଟଣା, ଖାତା ନମ୍ବର-୫୦୯, ପ୍ଲଟ ନଂ-୧୫୫୯ରେ ହସ୍ତୀବାହିନୀ ଠାକୁରାଣୀଙ୍କ ବିଜେସ୍ଥଳୀ। ତହସିଲ ରେକର୍ଡରେ ଏହାର କିସମ ଦେବସ୍ଥଳୀ ଭାବେ ଉଲ୍ଲେଖ ରହିଥିବା ବେଳେ ଏହାର ମାର୍ଫତରେ ଖୋଦ ଦେବୋତ୍ତର କମିଶନର ଅଛନ୍ତି ଏବଂ ପରିଚାଳନା ପାଇଁ ଟ୍ରଷ୍ଟ ବୋର୍ଡ ମଧ୍ୟ ଗଠନ କରାଯାଇଛି। ତେବେ ଟ୍ରଷ୍ଟ ବୋର୍ଡର କାର୍ଯ୍ୟକାଳ ଚଳିତ ବର୍ଷ ଜୁନ୍ ମାସ ୧୭ ତାରିଖରେ ଶେଷ ହୋଇଥିବା ବେଳେ ଟ୍ରଷ୍ଟ ବୋର୍ଡର କାର୍ଯ୍ୟକାଳ ସରିବାର କିଛି ଦିନ ପୂର୍ବରୁ ସଦସ୍ୟମାନେ ମନ୍ଦିର ଅନ୍ୟତ୍ର ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ଯାହାକି ଦେବୋତ୍ତର ଆଇନସିଦ୍ଧ ନୁହେଁ। ତଥାପି ଏହି ନିଷ୍ପତ୍ତିକୁ ଦେବୋତ୍ତର କର୍ତ୍ତୃପକ୍ଷ ମଞ୍ଜୁର କରିଦେଇଥିବାରୁ ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଠାକୁରାଣୀଙ୍କ ନୂଆ ମନ୍ଦିର ଠାକୁରାଣୀଙ୍କ ବିଜେସ୍ଥଳୀରେ ନହୋଇ ଅନ୍ୟତ୍ର ଏକ ଘରବାରୀ କିସମ ଜମିରେ କରିବା କାହାର ସ୍ୱାର୍ଥ ବୋଲି ଗ୍ରାମସଭାରେ ପ୍ରଶ୍ନ ଉଠିବା ସହ ବିଜେସ୍ଥଳୀ ପରିବର୍ତ୍ତନକୁ ହଟାଇବାକୁ ଦାବୀ ହୋଇଛି। ଏନେଇ ଦେବୋତ୍ତର ସହକାରୀ ଆୟୁକ୍ତ ରୋହିତ ରଞ୍ଜନ ମିଶ୍ର କହିଛନ୍ତି, ଠାକୁରାଣୀଙ୍କ ପୀଠ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବେଳେ ବର୍ଷାରେ ପୀଠରେ ପାଣି ଗଳୁଛି। ପୀଠର ମରାମତି କରିବା ଅସମ୍ଭବ ହୋଇଥିବାରୁ ନିକଟସ୍ଥ ଜମିରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଇ ଠାକୁରାଣୀଙ୍କୁ ପ୍ରତିଷ୍ଠା କରାଯିବ। ସେହିପରି ବରିଷ୍ଠ ଦେବୋତ୍ତର ଆଇନଜୀବୀ ରବି ରାଉତରାୟ କହିଛନ୍ତି, ହସ୍ତବାନିହୀଙ୍କ ବିଜେସ୍ଥଳୀ ସୁରକ୍ଷିତ ଥିବାରୁ ବିଜେସ୍ଥଳୀ ଅନ୍ୟତ୍ର ପରିବର୍ତ୍ତନ ନକରି କିଛିଦିନ ପାଇଁ ବିଧି ଅନୁଯାୟୀ ଠାକୁରାଣୀଙ୍କୁ ସ୍ଥାନାନ୍ତରିତ କରାଯାଇ ବିଜେସ୍ଥଳୀରେ ମନ୍ଦିର ନିର୍ମାଣ କରି ଠାକୁରାଣୀଙ୍କୁ ବିଜେ କରାଯାଇପାରିବ।

# ଚଙ୍ଗରିଆରେ ଜିଲ୍ଲାସ୍ତରୀୟ ବନ ମହୋତ୍ସବ



ପଦ୍ମପୁର,୭।୭(ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ବନାଞ୍ଚଳ ଅଧୀନ ଚଙ୍ଗରିଆରେ ଜିଲ୍ଲାସ୍ତରୀୟ ୭୭ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଆଗାମୀ ପିଢ଼ି ପାଇଁ ଜଙ୍ଗଲ ସୁରକ୍ଷା ଓ ପରିବେଶକୁ ସବୁଜ ସୁନ୍ଦର କରିବା ନିତାନ୍ତ ଜରୁରୀ ବୋଲି ଏହି ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପଦ୍ମପୁର ବନାଞ୍ଚଳଅଧିକାରୀ ରମେଶ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲ୍ଲାସ୍ତରୀୟ ସମାରୋହରେ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ସାଂସଦ ପ୍ରଦୀପ ପୁରୋହିତ ,ଡା. ସମ୍ରାଟ ଗୌଡ଼, ସରୋଜ ପଣ୍ଡା, ସରୋଜିନୀ ପ୍ରସନ୍ନ କୁଲ୍ଲୁ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ବନ ସଂରକ୍ଷକ ହରମୋହନ ରଥ ଓ ହରି ଶଙ୍କର ନାଏକ ଙ୍କ ସମେତ ଅଞ୍ଚଳର ସମସ୍ତ ବନପାଳ ଏବଂ ଫରେଷ୍ଟ ଗାର୍ଡ ଉପସ୍ଥିତ ଥିଲେ।

# ଶୁଣ୍ଢି ସମାଜର ଚାରା ରୋପଣ କାର୍ଯ୍ୟକ୍ରମ



ବରଗଡ଼,୭।୭(ସମିସ): ବରଗଡ଼ ଶୁଣ୍ଢି ସମାଜ ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁଣ୍ଢି ସମାଜର କାର୍ଯ୍ୟକାରୀ ସଦସ୍ୟ ସଭାପତି ଉଦ୍ଧବଚରଣ ବେହେରାଙ୍କ ନେତୃତ୍ୱରେ ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ବରହଗୋଡା ସୁବର୍ଣ୍ଣଗ୍ରାହୀ ମନ୍ଦିର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ଦିରର ପ୍ରତିଷ୍ଠାତା ତିଳକରାମ ପ୍ରଧାନ ସପତ୍ନିକ ଉପସ୍ଥିତ ରହି ସାହାଯ୍ୟ କରିଥିଲେ। ଶୁଣ୍ଢିସମାଜର ଉପଦେଷ୍ଟା ଡ଼. ପାଣ୍ଡବ ବେହେରା,ଅଶୋକ ପରିଡ଼ା,ସମ୍ପାଦିକା ରୀତା ବେହେରା, ସୁଜାତା ବେହେରା, ସୁନୀତା ବେହେରା ଓ ମୀନାକ୍ଷୀ ପରିଡ଼ା ଚାରା ରୋପଣରେ ସହଯୋଗ କରିଥିଲେ।

# ବିକାଶ ଆବାସିକ ବିଦ୍ୟାଳୟ ଇକୋ କ୍ଲବ୍ ପକ୍ଷରୁ ବୃକ୍ଷରୋପଣ




ବରଗଡ଼,୭।୭(ସମିସ): କ୍ରିଷ୍ଣା ବିକାଶ ଗ୍ରୁପର ରୌପ୍ୟ ଜୟନ୍ତୀ ଉତ୍ସବ ଏବଂ ବନ ମହୋତ୍ସବ ସପ୍ତାହ ଅବସରରେ ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ଇକୋ କ୍ଲବ୍ ପକ୍ଷରୁ ବରଗଡ଼ ଜିଲ୍ଲାର ସୋହେଲା ବ୍ଲକ ଅନ୍ତର୍ଗତ ଭାଟବିଡ଼ା ଗ୍ରାମରେ ଏକ ଗଣ ବୃକ୍ଷରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାଲିରେ ଛାତ୍ରଛାତ୍ରୀ ଗ୍ରାମ ପରିକ୍ରମା କରି ପରିବେଶ ସଂରକ୍ଷଣ ଏବଂ ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କରେ ସଚେତନ କରିଥିଲେ। ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଗ୍ରାମବାସୀ ମିଶି ପ୍ରାୟ ୧୦୦ଟି ଚାରା ରୋପଣ କରିଥିଲେ। ସରକାରୀ ୟୁ.ପି. ସ୍କୁଲ, ଭାଟବିଡ଼ାର ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ମଧ୍ୟ ଉତ୍ସାହର ସହିତ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କ ମିଳିତ ସାମ୍ପ୍ରଦାୟିକ ମଧ୍ୟାହ୍ନ ଭୋଜନ ସହିତ କାର୍ଯ୍ୟକ୍ରମର ସମାପନ ହୋଇଥିଲା। ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ବିଜ୍ଞାନ ଶିକ୍ଷକ ବିନୀତ ଦୋରା, ଗଣିତ ଶିକ୍ଷକ ହରେକୃଷ୍ଣ ଦୁବେ, ସାମାଜିକ ବିଜ୍ଞାନ ଶିକ୍ଷକ କମଳାକାନ୍ତ ବାରିକ, ନିର୍ମଳା ସାହୁ, ଭାଟବିଡ଼ା ଗ୍ରାମର ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ନିରଞ୍ଜନ ବାଗ ଓ ଏକଜିକ୍ୟୁଟିଭ ପ୍ରିନ୍ସିପାଲ୍ ଶିଶିର ପ୍ରସାଦ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

# ଭେଡେନ ବାଇପାସ୍ ରାସ୍ତା ଶୋଚନୀୟ; ମରାମତି ଦାବି

ଭେଡେନ,୭।୭(ସମିସ): ଭେଡେନ୍ ଟ୍ରେକର ଷ୍ଟେସନ୍‌ରୁ ଭେଡେନ ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂଯୋଗ କରୁଥିବା ବ୍ୟସ୍ତବହୁଳ ବାଇପାସ୍ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଫଳରେ ରାସ୍ତାରେ ଯାତାୟାତ ବେଳେ ଜନସାଧାରଣ ବହୁ ଅସୁବିଧାର



ସମ୍ମୁଖୀନ ହେଉଛନ୍ତି। ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ବର୍ଷାପାଣି ଜମା ହେବା ସହିତ ମେଟାଲ ସବୁ ଉପରକୁ ବାହାରି ପଡ଼ିଛି। ଗୋଟିଏ ଗୋଟିଏ ସ୍ଥାନରେ ପାଣି ଭର୍ତ୍ତି ହୋଇ ପୋଖରୀ ଭଳି ଦେଖାଯାଉଛି। ଏହି ରାସ୍ତା ଭେଡେନ ବାଇପାସ୍ ହୋଇଥିବାରୁ ଛାତ୍ରଛାତ୍ରୀ ସ୍କୁଲ ଯିବା ଆସିବା କରିବା ସହ ଲୋକମାନେ ଶୀଘ୍ର ଡାକ୍ତରଖାନା, ଥାନା ଆଦିକୁ ପହଞ୍ଚିବା ପାଇଁ ବ୍ୟବହାର କରଥାନ୍ତି। ଏହାସହ ଏହି ରାସ୍ତା ବରପଦର ଦେଇ ବରପାଲି, ରାମପୁର ଆଦି ଅଞ୍ଚଳକୁ ମଧ୍ୟ ସଂଯୋଗ କରୁଥିବାରୁ ପ୍ରତ୍ୟହ ବହୁ ସଂଖ୍ୟାରେ ଯିବା ଆସିବା କରିଥାନ୍ତି। ରାସ୍ତାର ଅବସ୍ଥା ଖରାପ ଯୋଗୁ ଯିବା ଆସିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଛୋଟବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତି ଲୋକେ। ରାସ୍ତା ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହେବାରେ ଲାଗିଛି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଯଥାଶୀଘ୍ର ରାସ୍ତାର ମରାମତି କରିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

# ପ୍ରଶାସନର ଅବହେଳା
# ଧାରୋଲ ମଣ୍ଡିରୁ ଉଠୁନାହିଁ ଧାନ; ଚିନ୍ତାରେ ଚାଷୀ

ପାଇକମାଳ,୭।୭(ସମିସ):

ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ଅଧୀନସ୍ଥ ଧାରୋଲ (ମାଣ୍ଡୋସିଲ) ଧାନ ମଣ୍ଡିରେ ହଜାର ହଜାର ପ୍ୟାକେଟ ଧାନ ଦୀର୍ଘଦିନ ଧରି ପଡ଼ି ରହିଥିବା ବେଳେ ପ୍ରଶାସନିକ ଅବହେଳା ଯୋଗୁଁ ଧାନ ଉଠାଣ କାର୍ଯ୍ୟ ବିଳମ୍ବିତ ହେଉଥିବାର ଅଭିଯୋଗ କରିଛନ୍ତି ଚାଷୀ। ଧାନ ବିକ୍ରୟ ନ ହେବା ସହ ବର୍ଷା ଋତୁ ଆରମ୍ଭ ହୋଇଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଛି। ଚାଷୀମାନଙ୍କ କହିବା ଅନୁସାରେ, ମଣ୍ଡିରେ ଧାନ ଜମା କରି ମାସେରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ସେମାନଙ୍କ ଧାନ କ୍ରୟ କିମ୍ବା ଉଠାଣ ପ୍ରକ୍ରିୟା ସଠିକ୍ ଭାବେ ହୋଇପାରିନାହିଁ। ଏହା ମଧ୍ୟରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ମଣ୍ଡି ପରିସରରେ ଥିବା ଧାନ ଭିଜି ଗଜା ହେଲାଣି। ଫଳରେ ଚାଷୀମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେବା ସହ ଚିନ୍ତାରେ ରହିଛନ୍ତି।



ସୂଚନା ଅନୁସାରେ, ଧାରୋଲ ଧାନ ମଣ୍ଡିରେ ମୋଟ ୫୧୪ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ୪୫ ହଜାର ୨୭୩ ପ୍ୟାକେଟ ଧାନ ମଣ୍ଡିକୁ ଆସିଥିଲା। ସେଥିମଧ୍ୟରୁ କେବଳ ୧୦୨ ଜଣ ଚାଷୀଙ୍କ ୧୦ ହଜାର ୨୯୭ ପ୍ୟାକେଟ ଧାନ ବିକ୍ରୟ ହୋଇଥିବା ବେଳେ ଅବଶିଷ୍ଟ ୪୧୨ ଜଣ ଚାଷୀଙ୍କ ୩୪ ହଜାର ୯୭୬ ପ୍ୟାକେଟ ଧାନ ଏବେ ବି ମଣ୍ଡିରେ ପଡ଼ି ରହିଛି। ଏହି ପରିସ୍ଥିତି ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଓ ଉଦବେଗ ପ୍ରକାଶ ପାଇଛି। ଚାଷୀମାନଙ୍କ ଅଭିଯୋଗ ଅନୁସାରେ, ବର୍ଷା ଦିନରେ ମଣ୍ଡିରେ ଧାନ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ନଥିବାରୁ ଧାନ ନଷ୍ଟ ହେବାର ଆଶଙ୍କା ବଢ଼ିଛି। ତୁରନ୍ତ ଧାନ ଉଠାଣ ବ୍ୟବସ୍ଥା କରାନଗଲେ ବହୁ ପରିମାଣର ଧାନ ନଷ୍ଟ ହେବା ସହ ଚାଷୀମାନେ ଭାରି କ୍ଷତି ସହିବେ ବୋଲି ସେମାନେ କହିଛନ୍ତି। ଏନେଇ ମଣ୍ଡି ସଭାପତି ଏମ୍.ଡି. ହନିଫଙ୍କ ସମେତ ନାରାୟଣ ସାହୁ, ଚନ୍ଦ୍ରଶେଖର ମାଝୀ, ଦିନୁ ନାୟକ, ଖେମରାଜ ପଟେଲ, ଉଦ୍ଧବ ରଣା, ଗୋପାଳ ସାହୁ, ଭୋଜରାଜ ପଟେଲ, ଜୟଶ ପଟେଲ, ବସୁଦେବ ସାହୁ, ନନ୍ଦ ସିଦାର ଓ ଉମେଶ ମାଝୀ ପ୍ରମୁଖ ଚାଷୀ ପ୍ରଶାସନଙ୍କ ନିକଟରେ ତୁରନ୍ତ ଧାନ ଉଠାଣ ଓ ବିକ୍ରୟ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଦାବି କରିଛନ୍ତି। ଚାଷୀମାନଙ୍କ ଏହି ସମସ୍ୟା ପ୍ରତି ପ୍ରଶାସନ ଶୀଘ୍ର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ମଧ୍ୟ ଦାବି କରିଛନ୍ତି।

# କ୍ରିଷ୍ଣା ବିକାଶ ବରଗଡ଼ରେ 'ଗୁରୁଜୀ ନମସ୍କାର'ର ଲେଖକ ଏବଂ ପ୍ରଯୋଜକ ସଙ୍କେତଙ୍କୁ ସମ୍ବର୍ଦ୍ଧନା




ବରଗଡ,୭।୭(ସମିସ): କ୍ରୀଷ୍ଣା ବିକାଶ, ବରଗଡ଼ ପକ୍ଷରୁ ପୂର୍ବତନ ଛାତ୍ର ତଥା ଆଗାମୀ ଓଡ଼ିଆ ଚଳଚ୍ଚିତ୍ର "ଗୁରୁଜୀ ନମସ୍କାର'ର ଲେଖକ ଓ ପ୍ରଯୋଜକ ସଙ୍କେତ କୁମାର ତ୍ରିପାଠୀଙ୍କୁ ଏକ ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଥିଲା। ତାଙ୍କର ପ୍ରଥମ ପ୍ରଯୋଜିତ ଏହି ଚଳଚ୍ଚିତ୍ର ଆସନ୍ତା ୧୦ତାରିଖରେ ସମଗ୍ର ଓଡ଼ିଶାର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ଏହି ଅବିସ୍ମରଣୀୟ ମୁହୂର୍ତ୍ତରେ ବିଦ୍ୟାଳୟର ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତର ଛାତ୍ରଛାତ୍ରୀ ମାନେ ବିପୁଳ ସଂଖ୍ୟାରେ ଯୋଗଦେଇ ଥିଲେ। ୨୦୧୪ରେ ଏହି ବିଦ୍ୟାଳୟର ଛାତ୍ର ଥିବା ସଙ୍କେତ ତ୍ରିପାଠୀ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ସହ ନିଜର ସଂଘର୍ଷପୂର୍ଣ୍ଣ ଯାତ୍ରା ଓ ସଫଳତାର ଅନୁଭୂତି ବାଣ୍ଟି ସେମାନଙ୍କୁ ଅନୁପ୍ରାଣିତ କରିଥିଲେ। ଜଣେ ସାଧାରଣ ଛାତ୍ରରୁ ଆରମ୍ଭ କରି ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ଚଳଚ୍ଚିତ୍ରକାର ଭାବେ ପରିଚୟ ଲାଭକରିବା ପର୍ଯ୍ୟନ୍ତ ତାଙ୍କର ଉଲ୍ଲେଖନୀୟ ଯାତ୍ରାକୁ ସ୍ୱୀକୃତି ଦେଇ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଦୀର୍ଘଦିନର ଅବଦାନ ଏବଂ ଅନେକ ପିଢ଼ିର ଛାତ୍ରଛାତ୍ରୀଙ୍କୁ ଅନୁପ୍ରାଣିତ କରିଥିବାର ସ୍ୱୀକୃତି ସ୍ୱରୂପ କ୍ରୀଷ୍ଣା ବିକାଶର ଚେୟାରମେନ୍ ଡି ମୂରଲୀ କ୍ରୀଷ୍ଣାଙ୍କୁ ମଧ୍ୟ 'ମହାନ ଗୁରୁ ଗୁରୁଜୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ରୀଷ୍ଣା ବିକାଶ, ବରଗଡ଼ ର ସମସ୍ତ ଅଧକ୍ଷ, ଉପାଧ୍ୟାମାନେ ଉପସ୍ଥିତ ଥିଲେ। 'ଗୁରୁଜୀ ନମସ୍କାର' ର ଟ୍ରେଲରର ସ୍ୱତନ୍ତ୍ର ପ୍ରଦର୍ଶନ, ଯାହା ୟୁଟ୍ୟୁବରେ ଆନୁଷ୍ଠାନିକ ମୁକ୍ତିଲାଭ ପୂର୍ବରୁ କେବଳ କ୍ରୀଷ୍ଣା ବିକାଶ ପରିବାର ପାଇଁ ପ୍ରଦର୍ଶିତ କରାଯାଇଥିଲା ଓ ଏହା ଫଳରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ପ୍ରେକ୍ଷାଳୟରେ ମୁକ୍ତି ପାଇବା ପୂର୍ବରୁ ଚଳଚ୍ଚିତ୍ରର ପ୍ରଥମ ଝଲକ ଉପଭୋଗ କରିବାର ବିରଳ ସୁଯୋଗ ପାଇଥିଲେ।

ଉଲ୍ଲେଖଯୋଗ୍ୟ ଯେ, "ଗୁରୁଜୀ ନମସ୍କାର' ଏପର୍ଯ୍ୟନ୍ତ ୨୫ରୁ ଅଧିକ ଜାତୀୟ ଓ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପୁରସ୍କୃତ ହୋଇସାରିଛି, ଯେଉଁଥିରେ ଦାଦାସାହେବ ଫାଲକେ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ ଏବଂ ନ୍ୟାସନାଲ ଫିଲ୍ମ ଡେଭଲପମେଣ୍ଟ କର୍ପୋରେସନ ପକ୍ଷରୁ ମିଳିଥିବା ସମ୍ମାନ ଅନ୍ୟତମ। ଶିକ୍ଷକମାନଙ୍କ ପ୍ରତି ଉତ୍ସର୍ଗୀକୃତ ଏହି ଚଳଚ୍ଚିତ୍ର ଓଡ଼ିଆ ସିନେମା ର ସୃଜନଶୀଳତା ଓ ସାମର୍ଥ୍ୟକୁ ଏକ ନୂତନ ପରିଚୟ ଦେବା ସହ, 'ଗାଁର ଗୁରୁଜୀ' ଅଭିଯାନ ମାଧ୍ୟମରେ ଶିକ୍ଷକମାନଙ୍କୁ ହୃଦୟସ୍ପର୍ଶୀ ଭାବେ ସମ୍ମାନ ଜଣାଉଛି।

# କମଗାଁରେ ବନ ମହୋତ୍ସବ

ବରଗଡ଼,୭।୭(ସମିସ): ବରଗଡ଼ ବନଖଣ୍ଡ ଅଧୀନସ୍ଥ ବରଗଡ଼ ବନାଞ୍ଚଳର କମଗାଁ ସେକ୍ସନ ପକ୍ଷରୁ କମଗାଁରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ "ଏକ ପେଡ୍ ମାଁ କେ ନାମ୍ - ୩.୦' ଅଭିଯାନରେ ମୁଖ୍ୟଅତିଥି ଭାବରେ ଇକୋକ୍ଲବ୍ ମାଷ୍ଟରଟ୍ରେନର ତଥା ପରିବେଶବିତ୍ ସଞ୍ଜୟ ଖମାରୀ, ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ବନସୁରକ୍ଷା ସମିତିର ସଭାପତି ଟଙ୍କଧର ପ୍ରଧାନ ଯୋଗ ଦେଇଥିବା ବେଳେ କମଗାଁ ସେକ୍ସନର ବନପାଳ କୈଳାଶ ମାଝୀ, ଲାମ୍ପିପାଲି ବନରକ୍ଷୀ ଅମରେଶ ମହାନ୍ତି, ଫରେଷ୍ଟ ସ୍କ୍ୱାର୍ଡ ସୁମନ୍ତ ମିର୍ଦ୍ଧା, ରାକେଶ ବେହେରା, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ଥିବା କମଗାଁ ବନ୍ୟପ୍ରାଣୀ ବନପାଳ ଏଲ୍ଲା ସୁରେଶ କୁମାର, କମଗାଁ ବିଟର ବନରକ୍ଷୀ ରଶ୍ମୀତା ବେହେରା, ଭୁଲିଆଡିହି ବିଟର



ବନ୍ୟପ୍ରାଣୀ ବନରକ୍ଷୀ ସୀମାରେଖା ଦାଶ, ଆଣ୍ଟିପୋଚିଂ ସ୍କ୍ୱାଡ୍ ଓମ୍ ପ୍ରକାଶ ସାହୁ, ବିମଳ ପ୍ରଧାନ, ପଞ୍ଚାନନ ସାହୁ, ପ୍ରୀତମ ଗଡତିଆ, ଅନିଲ ସୁରିନ, ଦର୍ଶନ ବୁଡ଼, ପ୍ରକୃତି ପ୍ରେମୀ ଗଣେଶ ମହାକୁଡ଼ ସୁରେନ୍ଦ୍ର ପୋଡ଼ଙ୍କ ସମେତ ସ୍ଥାନୀୟ ବନ ସୁରକ୍ଷା ସମିତିର ସଦସ୍ୟ ଏଥିରେ ଅଂଶଗ୍ରହଣ କରି ଗାଁରୁ ବାରପାହାଡ ଜଙ୍ଗଲକୁ ଯାଇଥିବା ରାସ୍ତା କଡ଼ରେ ଚାରା ରୋପଣ କରିଥିଲେ।

# ପୁରୀ-କୋରାପୁଟ ଏକ୍ସପ୍ରେସକୁ ବରଗଡ଼ ରୋଡ୍ ଷ୍ଟେସନରେ ସ୍ୱାଗତ

ବରଗଡ଼,୭।୭(ସମିସ): ପୁରୀ-କୋରାପୁଟ-ପୁରୀ ମଧ୍ୟରେ ଶୁଭାରମ୍ଭ ନୂତନ ଏକ୍ସପ୍ରେସକୁ ବରଗଡ଼ ରୋଡ୍ ଷ୍ଟେସନରେ ସ୍ୱାଗତ




କରାଯାଇଛି। ଏହାର ଶୁଭାରମ୍ଭ ୬ ତାରିଖ ଦିନ ହୋଇଥିବା ବେଳେ ରାତି ୯.୩୦ରେ ବରଗଡ଼ ରୋଡ଼ ରେଳ ଷ୍ଟେସନରେ ପହଞ୍ଚିଥିଲା। ସାଂସଦ ପ୍ରଦୀପ ପୁରୋହିତ ଯାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ। ରେଳ ବୋର୍ଡ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ୧୮୪୦୭ ନମ୍ବର "ପୁରୀକୋରାପୁଟ ଏକ୍ସପ୍ରେସ" ପୁରୀ ଷ୍ଟେସନରୁ ସକାଳ ୭ଟାରେ ଛାଡ଼ି ଭୁବନେଶ୍ୱର, ସମ୍ବଲପୁର, ବରଗଡ଼ ରୋଡ଼, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା ଓ ରାୟଗଡ଼ା ଦେଇ ରାତି ୧୧ଟା ୩୦ ମିନିଟରେ କୋରାପୁଟରେ ପହଞ୍ଚିବ। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ , ସାଂସଦ ପ୍ରତିନିଧି ତଥା ବରିଷ୍ଠ ଆଇନଜୀବୀ ଲିପ୍ସିତ ମିଶ୍ର , ପୂର୍ବତନ ନଗରପାଳ ପ୍ରଶାନ୍ତ ବେହେରା, ସୁରେଶ୍ୱର ଶତପଥୀ, ନବ କିଶୋର ପାଣିଗ୍ରାହୀ ଙ୍କ ସମେତ ରେଳ ବିଭାଗର ବରିଷ୍ଠ ଅଧିକାରୀ, ଡିଆରଏମ୍ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

GOVERNMENT OF ODISHA

## PANCHAYAT SAMITI: NARAYANPATNA

PR & DW DEPARTMENT, ODISHA

**E-Mail ID:** ori-narayanpatna@nic.in

**Letter No.:** 1889 /2026/TCN.02/2026-27, **Date:** 06.07.2026

## NOTICE INVITING TENDER

**Bid Identification No. 02 of 2026-27 of B.D.O. Narayanpatna**

1. Bid documents consisting of specification, the Bill of Quantity and the Tender Call Notice can be seen in the Government website: http://tendersodisha.gov.in/nicgep/app

| Sl. No. | Name of Work | Estimated Cost (Rs.) | Class of Contractor | Cost of Tender Paper (Rs.) | EMD (Rs.) | Time of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Drinking Water and Additional Classroom at Narayanpatna Govt. Girls Higher Secondary | 10,89,277/- | "C" & "D" | 6,000/- | 10,900/- | 6 Months |
| 2 | Construction of Additional Classroom at RK Higher Secondary School at Narayanpatna | 15,23,399/- | "C" & "D" | 6,000/- | 15,300/- | 6 Months |
| 3 | Construction of Drinking Water and Additional Classroom at Bala UGAS | 11,04,753/- | "C" & "D" | 6,000/- | 11,100/- | 6 Months |
| 4 | Construction of Boundary Wall, Drinking Water and Additional Classroom at Kelubadi Primary School | 11,06,336/- | "C" & "D" | 6,000/- | 11,100/- | 6 Months |
| 5 | Construction of Boundary Wall, Drinking Water and Additional Classroom at Laumalo Govt. Primary School | 11,00,049/- | "C" & "D" | 6,000/- | 11,000/- | 6 Months |
| 6 | Construction of Drinking Water and Additional Classroom at Naktipadar Upper Primary School | 11,00,049/- | "C" & "D" | 6,000/- | 11,000/- | 6 Months |
| 7 | Construction of Boundary Wall, Drinking Water and Additional Classroom at Palaput Secondary School | 10,89,277/- | "C" & "D" | 6,000/- | 10,900/- | 6 Months |
| 8 | Construction of Boundary Wall, Drinking Water and Additional Classroom at Sekhram Primary School | 11,14,826/- | "C" & "D" | 6,000/- | 11,200/- | 6 Months |
| 9 | Construction of Boundary Wall, Drinking Water and Additional Classroom at Upperlocha Primary School | 11,14,826/- | "C" & "D" | 6,000/- | 11,200/- | 6 Months |
| 10 | Construction of Boundary Wall, Drinking Water and Additional Classroom at Amblimbaguda Primary School | 15,71,922/- | "C" & "D" | 6,000/- | 15,800/- | 6 Months |
| 11 | Construction of Playground and Additional Classroom at Borigi Secondary School | 13,44,972/- | "C" & "D" | 6,000/- | 13,500/- | 6 Months |
| 12 | Construction of Boundary Wall, Playground and Additional Classroom at Balipeta Secondary School | 15,73,181/- | "C" & "D" | 6,000/- | 15,800/- | 6 Months |
| 13 | Construction of BT Road from Pindamal to Pipalguda | 16,80,690/- | "C" & "D" | 6,000/- | 17,000/- | 6 Months |
| 14 | Construction of Boundary Wall, Drinking Water and Additional Classroom at Chintaguda K Primary School | 14,87,693/- | "C" & "D" | 6,000/- | 14,900/- | 6 Months |
| 15 | Construction of Boundary Wall, Drinking Water and Additional Classroom at JELC Primary School, Gotiguda | 15,73,181/- | "C" & "D" | 6,000/- | 15,800/- | 6 Months |
| 16 | Construction of Boundary Wall, Drinking Water and Additional Classroom at Pindamali Primary School | 14,87,113/- | "C" & "D" | 6,000/- | 14,900/- | 6 Months |
| 17 | Construction of Boundary Wall, Toilet, Playground, Drinking Water and Additional Classroom at Rangapuri Primary School | 14,83,657/- | "C" & "D" | 6,000/- | 14,900/- | 6 Months |
| 18 | Providing facilities like digging of tube well, CWSN Toilet, Kitchen Shed and Electricity Connection to Tala Ullubadi PS | 11,88,208/- | "C" & "D" | 6,000/- | 11,900/- | 6 Months |
| 19 | Construction of Boundary Wall, Drinking Water and Additional Classroom at Pachingi Primary School | 14,87,693/- | "C" & "D" | 6,000/- | 14,900/- | 6 Months |
| 20 | Construction of Additional Classroom at Naktipadar PS | 14,45,788/- | "C" & "D" | 6,000/- | 14,500/- | 6 Months |

**20 (Twenty) Nos. of work only**

| | |
|---|---|
| Tender documents available on website | Can be downloaded from http://www.tendersodisha.gov.in |
| Bid documents available date and time | **From 10.07.2026 at 11.00 Hours to 31.07.2026 up to 17.30 Hours** |
| Bid clarification start date & closing date | **10.07.2026 to 31.07.2026 during office hours** |
| Offline documents received through Speed Post/Registered Post | **From 10.07.2026 at 17.30 Hours to 04.08.2026 at 11.00 Hours** |
| Date, time and venue of opening of bid online | **05.08.2026 at 11.00 Hours**, Office of the Block Development Officer, Panchayat Samiti, Narayanpatna |
| Offline documents shall be opened in presence of participating bidders | **05.08.2026 at 11.00 Hours onwards**, Chamber of BDO, Narayanpatna |
| If stipulation arises, the tender will be decided through Lottery System | **05.08.2026 at 15.30 Hours**, Office of the Block Development Officer, Panchayat Samiti, Narayanpatna |

**Block Development Officer**
**Narayanpatna**

# ଶିଶୁ ସାମ୍ବାଦିକଙ୍କ କଥା ରଖିଲେ ଝାରବନ୍ଧ ବିଡିଓ

## ବିପଦଜନକ ରୋଷେଇ ଗୃହ ଭାଙ୍ଗି ନୂତନ ନିର୍ମାଣ ହେଲା

ଝାରବନ୍ଧ,୭।୭(ସମିସ):

ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ବୈତାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ସାମ୍ବାଦିକା ସାକ୍ଷୀ ସାହୁଙ୍କ ସାହସିକ ପଦକ୍ଷେପ ଏବଂ ପ୍ରଶାସନର ତତ୍ପରତା ଫଳରେ ବିପଦଜନକ ଅବସ୍ଥାରେ ଥିବା ରୋଷେଇ ଗୃହକୁ ଭଙ୍ଗାଯାଇ ସେହି ସ୍ଥାନରେ ଏକ ନୂତନ ରନ୍ଧନଶାଳା ନିର୍ମାଣ କରାଯାଇଛି। ଦୀର୍ଘଦିନ ଧରି ବିଦ୍ୟାଳୟର ପାଚିକା ଓ ସହାୟିକାମାନେ ଏକ ଜରାଜୀର୍ଣ୍ଣ ରୋଷେଇ ଗୃହରେ ବିପଦପୂର୍ଣ୍ଣ ଭାବେ ରୋଷେଇ କରୁଥିଲେ। ଘରର ଛାତରୁ କଂକ୍ରିଟ ଅତଡ଼ା ଖସୁଥିବାରୁ ଯେକୌଣସି ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଥିଲା। ଏହି ସମସ୍ୟାକୁ ବିଦ୍ୟାଳୟର ଶିଶୁ ସାମ୍ବାଦିକା ସାକ୍ଷୀ ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ ଝାରବନ୍ଧ ବ୍ଲକ ବିଡିଓ ପର୍ଶୁରାମ ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ



କରାଇଥିଲେ। ସେହି ସମୟରେ ବିଡିଓ ଦୁଇ ଦିନ ମଧ୍ୟରେ ବିଦ୍ୟାଳୟ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ଅନୁଯାୟୀ ବିଡିଓ ପର୍ଶୁରାମ ପଣ୍ଡା ବିଦ୍ୟାଳୟ ପରିଦର୍ଶନ କରି ସମୀକ୍ଷା କରିଥିଲେ। ଏହି ସମୟରେ ସ୍ଥାନୀୟ ସରପଞ୍ଚ ଲକ୍ଷେ ସିଂ ଥାପା ଓ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ଥିଲେ। ପରିତ୍ୟକ୍ତ ରୋଷେଇ ଗୃହକୁ ଭଙ୍ଗାଯାଇ ତାହାର ସ୍ଥାନରେ ଏକ ନୂତନ ରନ୍ଧନଶାଳା ନିର୍ମାଣ କରାଯାଇଛି। ଖରା ଛୁଟି ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାରୁ ବର୍ତ୍ତମାନ ପାଚିକା ଓ ସହାୟିକାମାନେ ସୁରକ୍ଷିତ ପରିବେଶରେ ରୋଷେଇ କରିପାରୁଛନ୍ତି। ଏହା ସହ ବିଦ୍ୟାଳୟର ଅନ୍ୟ ଦୁଇଟି ଶ୍ରେଣୀଗୃହର ମରାମତି କରାଯାଇ ସେଥିରେ ଟାଇଲ୍ସ ମଧ୍ୟ ବସାଯାଇଛି, ଯାହା ଶିକ୍ଷାର ପରିବେଶକୁ ଆହୁରି ଉନ୍ନତ କରିଛି। ଏହି କାର୍ଯ୍ୟ ପାଇଁ ଶିଶୁ ସାମ୍ବାଦିକା ସାକ୍ଷୀ ସାହୁ ବିଡିଓ ପର୍ଶୁରାମ ପଣ୍ଡାଙ୍କୁ କୃତଜ୍ଞତା ଜଣାଇଥିବା ବେଳେ ସିଆରସିସି ଦିବସ କୁମାର ସାହୁ, ପ୍ରଧାନ ଶିକ୍ଷକ ଜଗନ୍ନାଥ ପଧାନ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ପ୍ରଶାସନକୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ବୈତାଲି କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟରେ ଶିଶୁ ସାମ୍ବାଦିକ ଗଠନ କରାଯାଇଛି। ସିଆରସିସି ଦିବସ କୁମାର ସାହୁଙ୍କ ପ୍ରୟାସରେ ଏହି ଶିଶୁ ସାମ୍ବାଦିକମାନେ ବିଦ୍ୟାଳୟ ଓ ସମାଜର ବିଭିନ୍ନ ସମସ୍ୟାକୁ ସାମ୍ନାକୁ ଆଣିବା ସହ ତାହାର ସମାଧାନ ଦିଗରେ ସକ୍ରିୟ ଭୂମିକା ଗ୍ରହଣ କରୁଛନ୍ତି।

# ଡିଆଇଇଟିରେ ସିଆର୍‌ସିସିଙ୍କ ଦିନିକିଆ କର୍ମଶାଳା

## ଘୋଷା ଶିକ୍ଷଣକୁ ନିରୁତ୍ସାହିତ କରନ୍ତୁ : ଜିଲ୍ଲାପାଳ




**ଢେଙ୍କାନାଳ,୭।୭(ସମିସ) :** ଘୋଷା ଶିକ୍ଷଣ ଚିରସ୍ଥାୟୀ ନୁହେଁ। ଏହା ପିଲାଙ୍କୁ ଅଯଥା ଚାପଯୁକ୍ତ କରେ। ଏଥିରୁ ପିଲାଙ୍କୁ ମୁକ୍ତ କରାଯିବା ସହ ପ୍ରକଳ୍ପ ଭିତ୍ତିକ କାର୍ଯ୍ୟ ମାଧ୍ୟମରେ ଶିକ୍ଷଣକୁ ଦୃଢ଼ କରାଯିବା ଆବଶ୍ୟକ। କୃତ୍ରିମ ହାଟ, ମାପ ଓ ଓଜନ, ସମୟ ଗଣନା, ଭାଷା ଶିକ୍ଷା ପରି ପାଠକୁ ବାସ୍ତବ ଜ୍ଞାନ ପ୍ରଦାନ ପୂର୍ବକ ଶିଖାଯିବା ଦରକାର ବୋଲି ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଠାରେ ଅନୁଷ୍ଠିତ ସିଆର୍‌ସିସିଙ୍କ ଦିନିକିଆ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ମତବ୍ୟକ୍ତ କରିଛନ୍ତି। ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଜିଲ୍ଲାପାଳ ପାଟିଲ ନିପୁଣ ବିଦ୍ୟାଳୟ, ବହୁଭାଷୀ ଶିକ୍ଷା ଓ ଶିକ୍ଷକ ସହାୟକ ଭିଡିଓ, ବସ୍ତାନୀ ବିହୀନ ଶିକ୍ଷା ଦିବସ ଓ ଜିଲ୍ଲାର ସ୍ୱତନ୍ତ୍ର ଏବଂ ଅଭିନବ ଶୈକ୍ଷିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିବା ପୂର୍ବକ ସିଆର୍‌ସିସିଙ୍କୁ ମାର୍ଗଦର୍ଶନ କରିଥିଲେ। ଜିଲ୍ଲାର ୧୫୩ ନିପୁଣ ବିଦ୍ୟାଳୟରେ ଶୈକ୍ଷିକ କାର୍ଯ୍ୟକ୍ରମକୁ ଅଧିକ ସମୃଦ୍ଧ ଓ ସଂଗଠିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ଯୋଗଦେଇ ପ୍ରତି ଶନିବାର ବିଦ୍ୟାଳୟ ଗୁଡ଼ିକରେ ସମାନ ଧରଣର ଶୈକ୍ଷିକ କାର୍ଯ୍ୟକ୍ରମ ପରିଚାଳନା କରାଯିବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆଜିର ଏହି କର୍ମଶାଳାରେ ଜିଲ୍ଲାର ୧୨୭ ସିଆରସିସି, ୫ ଜଣ ଏବିଇଓ ଯୋଗ ଦେବା ସହ ସେଣ୍ଟ୍ରାଲ ସ୍କୋୟାର ଫାଉଣ୍ଡେସନର କର୍ମକର୍ତ୍ତା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ସମସ୍ତ ଶିକ୍ଷକ ପ୍ରଶିକ୍ଷକ ଅଂଶ ଗ୍ରହଣ କରିଥିଲେ।

# ସ୍ମାର୍ଟ ବିଦ୍ୟୁତ୍ ମିଟରକୁ ମହିଳାଙ୍କ ବିରୋଧ

**ଭୁବନ,୭।୭(ସମିସ):**



ଢେଙ୍କାନାଳ ଜିଲ୍ଲା ଭୁବନ ଏନ୍‌ଏସି ଅନ୍ତର୍ଗତ ୱାର୍ଡ ନମ୍ବର ୩ ବନ୍ଦାଳ ବସ୍ତିରେ ବିଦ୍ୟୁତ ସ୍ମାର୍ଟ ମିଟରକୁ ମହିଳାମାନେ ତୀବ୍ର ବିରୋଧ କରିଛନ୍ତି। ଭୁବନ ଟିପିସିଓଡିଏଲ୍ ପକ୍ଷରୁ ମଙ୍ଗଳବାର ସକାଳୁ ଏହି ବସ୍ତିରେ ଟ୍ରାନ୍ସଫର୍ମରରୁ ଲାଇନ କାଟି ସ୍ମାର୍ଟ ମିଟର ବସାଇବା ଆରମ୍ଭ କରିଥିବା ବେଳେ ଅଞ୍ଚଳବାସୀ ବିରୋଧ କରିଥିଲେ। ଢେଙ୍କାନାଳ ସଦରରେ ଏହି ମିଟରକୁ ବିରୋଧ କରାଯାଇଥିବା ବେଳେ ଭୁବନରେ ବସାଇବାକୁ ଦେବେନାହିଁ ବୋଲି ଜଣାଇଥିଲେ। ସେହିପରି ସେମାନେ ଦିନମଜୁରିଆ ଗରିବ ଶ୍ରେଣୀ ହୋଇଥିବା ଦର୍ଶାଇ ଚାଲୁଥିବା ମିଟରରେ ବିଦ୍ୟୁତ ବିଲ ଠିକରେ ଦେଇ ପାରୁ ନଥିବା ବେଳେ ସ୍ମାର୍ଟ ମିଟର ବସି ରାତି ଅଧରେ ଲାଇନ କଟିଲେ କ'ଣ କରିବେ ବୋଲି ପ୍ରଶ୍ନ କରିଥିଲେ। ପରେ ପାଟିତୁଣ୍ଡ କରି ଗୋଡେଇ ଗୋଡେଇ ବିଦ୍ୟୁତ କର୍ମଚାରୀଙ୍କୁ ବସ୍ତିରୁ ତଡ଼ିଥିଲେ। ଫଳରେ ଦୀର୍ଘ ସମୟ ପରେ ବିଦ୍ୟୁତ ବିଭାଗର କର୍ମଚାରୀ ମାନେ ଘଟଣା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରି ଫେରି ଆସିଥିଲେ। ରୋଜାଲିନ ମଲ୍ଲିକ, ମାତାଜୀ ମଲ୍ଲିକ, ପ୍ରସନ୍ନ ମଲ୍ଲିକଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଏହି କାର୍ଯ୍ୟରେ ସାମିଲ ଥିଲେ। ତେବେ ପ୍ରତ୍ୟେକଙ୍କ ଘରକୁ ଟଣା ଯାଇଥିବା ସର୍ଭିସ୍ ଲାଇନ ବର୍ଷାପାଣିରେ କାର୍ବନ ନହେବା ସହିତ ତାରର ସୁରକ୍ଷା ପାଇଁ ଏହି ମିଟର ଲାଗୁଥିବା ବିଦ୍ୟୁତ ବିଭାଗ ପକ୍ଷରୁ ସରୋଜ କୁମାର ସାହୁ, ଆଡିସନାଲ ସେକସନ ଅଫିସର, ଭୁବନ ବିଦ୍ୟୁତ ବିଭାଗ ପକ୍ଷରୁ ସଫେଇ ଦେଇଛନ୍ତି।

# ଶ୍ରୀ ସିଦ୍ଧ ମହାବୀରଙ୍କ ନବମ ପ୍ରତିଷ୍ଠା ଦିବସ



**ଢେଙ୍କାନାଳ,୭।୭(ସମିସ) :** ସ୍ଥାନୀୟ ଶ୍ରୀଅରବିନ୍ଦନଗର ଠାରେ ଶ୍ରୀଶ୍ରୀ ସିଦ୍ଧ ମହାବୀର ଦେବଙ୍କ ନବମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରାତଃରୁ ମଙ୍ଗଳ ଆଳତି, ମାଜଣା, ନୂତନ ବସ୍ତ୍ର ପରିଧାନ, ବିଭିନ୍ନ ଫୁଲ ହାରରେ ସୁସଜ୍ଜିତ କରାଯାଇଥିଲା। ପରେ ସୂର୍ଯ୍ୟପୂଜା, କଳସ ପୂଜା, ମଣ୍ଡଳ ପୂଜା, ଷୋଡଶ ଉପଚାର ପୂଜା ଓ ହୋମ, ଯଜ୍ଞ ସହିତ ବିଭିନ୍ନ ଭୋଗ ଲାଗି କରାଯାଇଥିଲା। ମଧ୍ୟାହ୍ନ ସମୟରେ ଭକ୍ତମାନେ ପ୍ରସାଦସେବନ କରିଥିଲେ। ମନ୍ଦିର ପୂଜକ ଦ୍ୱିବେଦୀ ଭାଇନା, ଯଜ୍ଞ ପୂଜକ ପଣ୍ଡିତ ରାଜ କିଶୋର ମିଶ୍ରଶର୍ମା, ସହପୂଜକ ପ୍ରକାଶ ଚନ୍ଦ୍ର ଶତପଥୀ ପ୍ରମୁଖ ସମସ୍ତ ପୂଜାକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ। ଉକ୍ତ ପୂଜାରେ ଆଖପାଖ ଅଞ୍ଚଳର ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ସମାଗମ ହୋଇଥିଲେ। ଉତ୍ସବ ଆୟୋଜନରେ ଇନ୍ଦ୍ରମଣି ନାୟକ, କୈଳାସ ଚନ୍ଦ୍ର ରାଉତ, ପ୍ରମୋଦ ସ୍ୱାଇଁ, ବିଜୟ କୁମାର ସାହୁ, ସୌମ୍ୟ ରଂଜନ ସରିତ ମହାପାତ୍ର, କୁଞ୍ଜ ବିହାରୀ ସାହୁ, ପ୍ରଦୀପ କୁମାର ଜେନା, ରିଙ୍କୁ ଭଂଜ, ନରେନ୍ଦ୍ର ବାରିକ, ବସନ୍ତ ବାରିକ, ନନ୍ଦ ମିଶ୍ର, ପ୍ରଦୀପ ମିଶ୍ର, ଗୋବିନ୍ଦ ସାହୁ, ପ୍ରଫୁଲ୍ଲ ସାହୁ, ଶରତ ଜେନା, ଚନ୍ଦନ ସିଂହ, ହିତେନ୍ଦ୍ର ପାଣି, ଭଗବାନ ସେଠୀ, ଅନ୍ତର୍ଯ୍ୟାମୀ ସିଂ ପ୍ରମୁଖ ଭକ୍ତବୃନ୍ଦ ଉତ୍ସବଟିକୁ ସଫଳମଣ୍ଡିତ କରିଥିଲେ। ସନ୍ଧ୍ୟାରେ ନାମ ସଂକୀର୍ତ୍ତନର ଆୟୋଜନ କରାଯାଇଥିଲା।

# ହିନ୍ଦୋଳବାସୀଙ୍କ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ଦିବାସ୍ୱପ୍ନ






**ହିନ୍ଦୋଳ,୭।୭ (ସମିସ) :** ଜିଲ୍ଲାରେ ଶାସକ ଦଳର ସାଂସଦ ସହିତ ହିନ୍ଦୋଳ ଉପଖଣ୍ଡରେ ମଧ୍ୟ ଶାସକ ଦଳର ବିଧାୟିକା ରହିଛନ୍ତି। ଅବିଭକ୍ତ ଜିଲ୍ଲାରୁ ମଧ୍ୟ କେନ୍ଦ୍ରରେ ଶିକ୍ଷମନ୍ତ୍ରୀ ଭାବେ ନିର୍ବାଚିତ ହେଲେ। ଏ ସବୁକୁ ଦୃଷ୍ଟିରେ ରଖି ଦୀର୍ଘ ଦିନରୁ ଦାବି ହୋଇ ଆସୁଥିବା ଉପଖଣ୍ଡ ରେ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶ ରେ ହିନ୍ଦୋଳ ଉପଖଣ୍ଡରେ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଆଶା ସଞ୍ଚାର ହେଲା। ପ୍ରାଥମିକ ସ୍ତରରେ ମଧ୍ୟ ଉପଖଣ୍ଡର କେଉଁ ଜାଗାରେ କେନ୍ଦୀୟ ବିଦ୍ୟାଳୟ ସ୍ଥାପନ ହେବ ତାହା ତଦନ୍ତ ହେଲା। ରାସୋଳ ଅଞ୍ଚଳ ସାପୁଆ ନିକଟରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଜାଗା ପରିଦର୍ଶନ କଲେ କେନ୍ଦ୍ରୀୟ ଟିମ। ଅଧିକାରୀ ମାନେ ଅସ୍ଥାୟୀ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ କଳିଙ୍ଗାପାଳ ଠାରେ ବ୍ଲକ ପକ୍ଷରୁ କିଛି ଅନୁଦାନ ଦିଆଯାଇ ବିଦ୍ୟାଳୟର କାର୍ଯ୍ୟ ଆରମ୍ଭ ହେଲା। ଏହା ଜଣା ପଡ଼ିବା ପରେ ଉପଖଣ୍ଡର ଏନ୍‌ଏସି ସମେତ ୨୫ ଟି ପଞ୍ଚାୟତର ଜନସାଧାରଣ ଏହାକୁ ଦୃଢ଼ ବିରୋଧ କଲେ। ବିଭିନ୍ନ ଜାଗାରେ ବୈଠକ କରିବା ସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏ ନେଇ ଲିଖିତ ଅଭିଯୋଗ କଲେ। ଜନସାଧାରଣଙ୍କ ଅଭିଯୋଗକୁ ଭିତ୍ତିକରି ପୁନର୍ବାର କେନ୍ଦ୍ରୀୟ ଟିମ ସହିତ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲାପାଳଙ୍କ ସମେତ ସ୍ଥାନୀୟ ଅଧିକାରୀ ଉପଖଣ୍ଡର ସାତମାଇଲ ଓ ଖଜୁରିଆକଟା ମଧ୍ୟବର୍ତ୍ତୀ ଅଞ୍ଚଳରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଜାଗା ପରିଦର୍ଶନ କରି ସେହି ଅଞ୍ଚଳରେ ବିଦ୍ୟାଳୟ ସ୍ଥାପନ ହେବା ନେଇ ସ୍ଥିର କଲେ। ଏଥିସହିତ ସାତମାଇଲ ନିକଟ ଜନତା କଲେଜରେ ଅସ୍ଥାୟୀ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନିମନ୍ତେ ସ୍ଥାନ ନିରୂପଣ ସହିତ ଅସ୍ଥାୟୀ ଶ୍ରେଣୀକକ୍ଷ, ଶୌଚାଳୟ, ଶ୍ରେଣୀ କକ୍ଷ ପାଇଁ ଆବଶ୍ୟକୀୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ସୁବିଧା ପାଇଁ ବିସ୍ତୃତ ଆଲୋଚନା କରିଥିଲେ। କଲେଜର ୧୦ ଟି ଘରକୁ ନୂତନ ଭାବେ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସେହି କାର୍ଯ୍ୟ ଏବେ ସୁଦ୍ଧା ଚାଲୁରହିଛି। ଉପରୁ ଆସିଥିବା ନିର୍ଦ୍ଦେଶରେ ବିଦ୍ୟାଳୟ ପାଇଁ ବିଭିନ୍ନ ପ୍ରକାର କମ୍ପୁଟର, ଟେବୁଲ, ଚେୟାର, ଓ ଅନ୍ୟାନ୍ୟ ଆନୁସଙ୍ଗିକ ଜିନିଷ ଆସି ଜନତା କଲେଜରେ ରଖାଗଲା। ଏହି ସବୁ ଦୃଷ୍ଟିରୁ ହିନ୍ଦୋଳ ଉପଖଣ୍ଡରେ ଚଳିତ ବର୍ଷ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ହେବା ପାଇଁ ଆଶା ସଞ୍ଚାର ହେଲା। ଦୀର୍ଘ ଦିନର ଦାବି ପରେ ହିନ୍ଦୋଳ ଉପଖଣ୍ଡରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ହେଉଥିବାରୁ ଅଞ୍ଚଳବାସୀଙ୍କ ମନରେ ଖୁସିର ଲହରୀ ଖେଳି ଯାଇଥିଲା। ହେଲେ କେନ୍ଦ୍ରୟ ବିଦ୍ୟାଳୟ ସ୍ଥାପନକୁ ନେଇ ହିନ୍ଦୋଳ ରାଜନୈତିକ ପାଣିପାଗ ଗୋଳିଆ ହେବାରେ ଲାଗିଛି। ସାତମାଇଲ ଅଞ୍ଚଳରେ କେନ୍ଦ୍ରୀୟ ବିଦ୍ୟାଳୟ ହେଉଥିବା ଜାଣି ରାସୋଳ ଅଞ୍ଚଳର କିଛି ରାଜନୈତିକ ବ୍ୟକ୍ତି ଏହାକୁ ବିରୋଧ କରିବା ସହିତ ଏ ନେଇ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦେଖା କରିବା ପାଇଁ ଯାଇଥିଲେ। ଏଣେ ଉପଖଣ୍ଡର ଗୋଟିଏ ଏନ୍‌ଏସି ସମେତ ୨୫ ଟି ପଞ୍ଚାୟତର ନେତା ରାସୋଳ ଅଞ୍ଚଳରେ ବିଦ୍ୟାଳୟ ହେବା ନେଇ ବିରୋଧ କରି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦେଖା କରି ଅଭିଯୋଗ କରିଥିଲେ। ହେଲେ ଏବେ ରାଜନୈତିକ ପଶାପାଲିରେ ହିନ୍ଦୋଳବାସୀଙ୍କ ପାଇଁ ଏହି ବିଦ୍ୟାଳୟ ଦିବା ସ୍ୱପ୍ନ ହୋଇ ରହିଯାଇଛି। ଶିକ୍ଷା ବର୍ଷ ଆରମ୍ଭ ହୋଇ ଛାତ୍ରଛାତ୍ରୀ ବିଭିନ୍ନ ବିଦ୍ୟାଳୟରେ ଏବେ ନାମ ଲେଖା ଆରମ୍ଭ କରିଲେଣି। ହେଲେ ହିନ୍ଦୋଳ ଉପଖଣ୍ଡରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ସତେ ଯେମିତି କାହାର ଆନ୍ତରିକତା ଏବେ ଆଉ ନଥିବା ପରି ମନେ ହେଉଛି। ଚଳିତ ବର୍ଷ ପାଲଲହଡ଼ାରେ ନୂତନ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ହେବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ହିନ୍ଦୋଳ ଉପଖଣ୍ଡରେ କେନ୍ଦ୍ରୀୟ ବିଦ୍ୟାଳୟର ନାଁ ମଧ୍ୟ ଉଠୁନି। ତେବେ ଖୁବ୍‌ଶୀଘ୍ର ଉପଖଣ୍ଡରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ ଉପଖଣ୍ଡର ବୁଦ୍ଧିଜୀବୀଙ୍କ ସମେତ ଜନସାଧାରଣ ଦାବି କରିଛନ୍ତି।

# 'ଗଡ଼ଜାତ ପ୍ରଜା ବିଦ୍ରୋହ' ପୁସ୍ତକ ଉନ୍ମୋଚିତ




**ଢେଙ୍କାନାଳ,୭।୭ (ସମିସ) :** ଜିଲ୍ଲା କାର୍ଯ୍ୟାଳୟ ସଦ୍‌ଭାବନା କକ୍ଷଠାରେ ଲେଖକ ପଣ୍ଡିତ ଡ. ପ୍ରମୋଦ କୁମାର ମିଶ୍ରଙ୍କ ଲିଖିତ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମର ଇତିହାସ ଗଡ଼ଜାତ ପ୍ରଜା ବିଦ୍ରୋହ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ପ୍ରୋବେସନ ରମେଶ ଚନ୍ଦ୍ର ସେଠୀ ପୁସ୍ତକକୁ ଉନ୍ମୋଚନ କରି ମା' ମାଟିର ଇତିହାସ ଲେଖି ଲେଖକଟିଏ ଚିରକାଳ ପାଇଁ ଅମର ହୋଇ ରହିଥାଏ ବୋଲି କହିଥିଲେ। ଗଡ଼ଜାତ ପ୍ରଜା ବିଦ୍ରୋହ ଆର୍ଯ୍ୟକବି ପ୍ରମୋଦ କୁମାର ମିଶ୍ରଙ୍କ ଏକ ଅନବଦ୍ୟ ସୃଷ୍ଟି ବୋଲି ମତବ୍ୟକ୍ତ କରିଥିଲେ। ଅବିଭକ୍ତ ଜିଲ୍ଲା ଗଡ଼ଜାତ ପ୍ରଜା ମଣ୍ଡଳର ଏକ ରୂପରେଖ ଏବଂ ସ୍ୱାଧୀନତା ସଂଗ୍ରାମର ବହୁ ଜଣା ଅଜଣା ତଥ୍ୟକୁ ସବୁ ପ୍ରକାଶ ପାଇଛି। ଆଗାମୀ ପିଢ଼ି ପାଇଁ ବୀର ମାଟିର କାହାଣୀ ଯୁଗ ଯୁଗ ଧରି ପ୍ରେରଣା ଯୋଗାଇବ ବୋଲି ପ୍ରକାଶ କରିଥିଲେ। ପୁସ୍ତକର ଲେଖକ ଭାବରେ ପଣ୍ଡିତ ପ୍ରମୋଦ ମିଶ୍ର ନିଜର ଲେଖନୀର ଅଭିବ୍ୟକ୍ତ ଏବଂ ପୁସ୍ତକ ପ୍ରକାଶର କଥା ବ୍ୟକ୍ତ କରିଥିଲେ। ସେ ବହୁ ଜିଲ୍ଲାର ଇତିହାସ ଲେଖିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାଜ୍ୟ କଳା ଓ ସଂସ୍କୃତି ସଂଘର ଉପସଭାପତି ଅବନୀ କୁମାର ମିଶ୍ର ପରିଚାଳନା କରିଥିଲେ। ଏହି ଉନ୍ମୋଚନ ଉତ୍ସବରେ ସହରର ତଥା ଜିଲାର ବହୁ ମାନ୍ୟଗଣ୍ୟ ଏବଂ ବୁଦ୍ଧିଜୀବୀ, କବି ଓ ଲେଖକ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବହୁ କବି ସ୍ୱରଚିତ କବିତା ପାଠକରିଥିଲେ।

# ତହସିଲ କର୍ମଚାରୀଙ୍କ ଅକାଳ ବିୟୋଗ

**ଖଜୁରିଆକଟା,୭।୭(ସମିସ) :** ହିନ୍ଦୋଳ ଉପଖଣ୍ଡ ରଞ୍ଜାଗୋଳ ପଞ୍ଚାୟତର ସାନ ହିନ୍ଦୋଳ ଗ୍ରାମର ସନ୍ଦୀପ ବେହେରାଙ୍କ ୩୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ହିନ୍ଦୋଳ ତହସିଲ ଅଫିସରେ କାର୍ଯ୍ୟ ସମ୍ପାଦନ କରି ଆସୁଥିବା ବେଳେ ତାଙ୍କର ଗତକାଲି ପର୍ଜଙ୍ଗ ବ୍ଲକ୍‌କୁ ବଦଳି ହୋଇଥିଲା।



ସେଠାରେ ଯୋଗ ଦେଇ ସନ୍ଧ୍ୟା ସମୟରେ ଘରକୁ ଫେରିଥିଲେ। ଘରେ ସାମାନ୍ୟ ଅସୁସ୍ଥତା ଅନୁଭବ କରିବାରୁ ପ୍ରାଥମିକ ଚିକିତ୍ସା ହୋଇଥିଲା। ଭୋର୍ ସମୟରେ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକ ହିନ୍ଦୋଳ ଡାକ୍ତରଖାନାକୁ ଅଧିକ ଚିକିତ୍ସା ପାଇଁ ନେଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଜଣେ ଯୁବ ସମାଜସେବୀ ଭାବେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏକ ବିରାଟ ଶୋଭା ଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ନିଜ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଇତିହାସ ହେବାକୁ ବସିଲାଣି ଶଗଡ଼ ଗାଡ଼ି







**ଢେଙ୍କାନାଳ,୭।୭(ସମିସ):**

ଏବେ ଇତିହାସ ହେବାକୁ ବସିଲାଣି ଶଗଡ଼ ଗାଡ଼ି। ପ୍ରାୟ ୮୦ ଦଶକ ପରଯାଏଁ ଶଗଡ଼ ଗାଡ଼ି ଚାଷ ପାଇଁ ଓ ଚାଷୀ ଭାଇ ମାନଙ୍କ ଏକ ଅତ୍ୟନ୍ତ ଆବଶ୍ୟକ ଥିଲା। କିନ୍ତୁ ବର୍ତ୍ତମାନ ସମୟରେ ତାହା ସତେ ଯେମିତି ସମସ୍ତଙ୍କ ପାଇଁ ଅଲୋଡ଼ା ହୋଇ ପଡ଼ିଛି। ସତେ ଯେମିତି ଅସ୍ତିତ୍ୱ ହରାଇବାକୁ ବସିଲାଣି ଏହି ଶଗଡ଼ ଗାଡ଼ିଟି। ବର୍ତ୍ତମାନ ସମୟରେ ମଣିଷ ଆଧୁନିକତାର ପରିଚୟ ଦେଇ ତାହା ସହିତ ଖାପ ଖୁଆଇ ଚାଲିଛି। ଗାଁ ଦାଣ୍ଡରେ ଗଡୁନି ଆଉ ସେ ବଳଦ ଚଲା ଶଗଡ଼ ଗାଡ଼ି। ଗାଁ କ୍ଷେତରେ ଆଗଭଳି ଆଉ ହଳ ଲଙ୍ଗଳ ଦିଶୁନି କି ବଳଦଙ୍କ ହମ୍ବା ରଡ଼ି ଶୁଭୁନି। ଏଇ ଆଧୁନିକ ସମୟରେ ଶଗଡ଼ର ସ୍ଥାନ ଅଧିକାର କରିଛି ଆଧୁନିକ ଯନ୍ତ୍ରପାତି। ପୂର୍ବରୁ ଚାଷୀ ପୁଅ ହଳ ବାନ୍ଧି, କାନ୍ଧରେ ଲଙ୍ଗଳ ଧରି ଜମିରେ କାଳିଆ କସରା ଗୀତ ଗାଇ ଚାଷ କରୁଥିଲା। କିନ୍ତୁ ଆଜି ସେ ସବୁ ହଜି ଯାଇଛି। ଏବେ ଜମିରେ ଲଙ୍ଗଳ ବଦଳରେ ବୁଲୁଛି ଯାନ୍ତ୍ରିକ ମେସିନ। ଏହି ଯାନ୍ତ୍ରିକ ମେସିନ ଗାଡ଼ିର ଘଡ଼ ଘଡ଼ କର୍କଶ ଶବ୍ଦରେ କର୍ଣ୍ଣ ଯେପରି ଫାଟି ପଡୁଛି। କଣ ଠେଲା ହୋଇ ପଡିଛି ଚାଷୀ ପୁଅର ସେଇ ପରିଚୟ ପାଲଟି ଥିବା ଶଗଡ଼ ଗାଡ଼ି। ହଳ ଲଙ୍ଗଳ ପରି ଆଜି ଶଗଡ଼ ବି ସ୍ମୃତି ପାଲଟି ଯାଇଛି। ଚାଷୀ ପୁଅ ପାହାନ୍ତିଆ ସମୟରେ ଚାଷ କାମରେ ଯାଉଥିବା ବେଳେ ଶଗଡ଼ ଗାଡ଼ିର କେଁ କେଁ କଟର ଶବ୍ଦ ସାଙ୍ଗକୁ ଶଗଡ଼ ଚକ ରାସ୍ତାରେ ଗଡୁଥିବାର ଧଡ୍ ଧାଡ ଶବ୍ଦ ନିଦ ଭାଙ୍ଗି ଦେଉଥିଲା। ଚାଷ ଜମିରୁ ଖାଦ୍ୟ ଶସ୍ୟ ଶଗଡ଼ ଗାଡ଼ିରେ ବୋହି ଆଣି ବର୍ଷଯାକର ବିହନ ଡୋଲି ପେଟିରେ ସାଇତି ରଖୁଥିଲା ଚାଷୀ। ପୁଣି ଦିନ ଥିଲା ଶଗଡ଼ ଗାଡ଼ିରେ ନୂଆଁ କନିଆଁ ବସି ତାର ଶାଶୂ ଘରକୁ ଯାଉଥିଲା। ଲଙ୍ଗଳ ସହିତ ଶଗଡ଼ ଗାଡ଼ିର ଚକ, ଅଖ ଓ ଦଣ୍ଡା ଏବେ ଘର ପଛ ପାଖରେ ପଡ଼ିରହି ତାର ଅସ୍ତିତ୍ୱ ହରାଉଛି। ଆଜିର ସମୟରେ କେବଳ ବର୍ଣ୍ଣବୋଧ ବହିରେ ଚକ, ଅଖ ଓ ଶଗଡ଼କୁ ଚିହ୍ନା ଯାଉଛି। ସତେ ଯେମିତି ଶଗଡ଼ କିମ୍ବା ଚକ ସମୟ ଚକରେ ସବୁ ଯେମିତି ଲୀନ ହୋଇଗଲାଣି। ଏବେର ମଣିଷ ଆଧୁନିକ ମାଟି, ପାଣି, ପବନରେ ଖାପ ଖୁଆଇ ଚାଲି ଚାଲି ନାନାଦି ରୋଗରେ ପଡି ଛଟପଟ ହେଉଛି। ମଣିଷ ଆଧୁନିକତା ଓ ପାରମ୍ପାରିକତା ମଧ୍ୟରେ ସାମଞ୍ଜସ୍ୟ ରଖି ଚାଲିଲେ ଖୁସି ଓ ସୁସ୍ଥ ଜୀବନଯାପନ କରି ପାରିବ ବୋଲି ମତ ରହିଛି। ଆଧୁନିକତାର ଚାକଚକ୍ୟ ଗ୍ରାମୀଣ ଶାନ୍ତିପୂର୍ଣ୍ଣ ପରିବେଶକୁ ସତେ ଯେମିତି ହଜାଇ ଦେଇଛି। ସମୟର ଅନ୍ତରେ ହଜିଯାଇଛି ସେ ପୁରୁଣା ଦିନ। ଏବେ ଇତିହାସ ହେବାକୁ ବସିଲାଣି ଗ୍ରାମୀଣ ସଂସ୍କୃତି, ଗାଁ ଦାଣ୍ଡରୁ ହଜି ଯାଇଛି ଶଗଡ଼ ଓ ଲଙ୍ଗଳର ଚିହ୍ନବର୍ଣ୍ଣ। ଆଗାମୀ ପିଢ଼ି ମାନଙ୍କ ପାଇଁ ଏହା ଜ୍ଞାତରେ ରହିବ ନା ଇତିହାସ ହୋଇ ରହିଯିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ବିକାଶ ଆଢୁଆଳରେ ରାଇବଣିଆ ଅଞ୍ଚଳ

**ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ**

ଜଳେଶ୍ୱର, ୭।୭ (ସମିସ)

ଜଳେଶ୍ୱର ବ୍ଲକର ଆଦିବାସୀ ଅଧ୍ୟୁଷିତ ରାଇବଣିଆ ଆଜି ବି ବିକାଶ ଲାଗି ସ୍ୱପ୍ନ ଦେଖୁଛି। ସୁବର୍ଣ୍ଣରେଖା ନଦୀର ଦକ୍ଷିଣପଟେ ଥିବା ୧୪ଟି ପଂଚାୟତରେ ପ୍ରାୟ ୧ଲକ୍ଷ ୨୦ହଜାର ଲୋକ ମଧ୍ୟରୁ ଅଧିକାଂଶ ଆଦିବାସୀ, ଦଳିତ ଏବଂ ଆର୍ଥିକ ଅନଗ୍ରସର ଲୋକେ ବସବାସ କରୁଛନ୍ତି। ବ୍ଲକ କାର୍ଯ୍ୟାଳୟ ଠାରୁ ପ୍ରାୟ ୩୦କି.ମି. ଦୂରରେ ଏହି ଅଞ୍ଚଳ ଅବସ୍ଥିତ ଥିବା ବେଳେ ସୁବର୍ଣ୍ଣରେଖା ନଦୀରେ ଥିବା ୨ଟି ପୋଲ ଯାତାୟାତ ପ୍ରମୁଖ ମାଧ୍ୟମ ସାଜିଛି। ଗୋବର ଘାଟା ଦକ୍ଷିଣ ପ୍ରହରାଜପୁର ଠାରେ ସୁବର୍ଣ୍ଣରେଖା ନଦୀରେ ନିର୍ମାଣଧୀନ ପୋଲ ଅହେତୁକ ବିଳମ୍ବ ହେଉଛି। ୧୪ଟି ପଞ୍ଚାୟତକୁ ନେଇ ବିସ୍ତୀର୍ଣ୍ଣ ରାଇବଣିଆକୁ ଏକ ବ୍ଲକ ଘୋଷଣା ଲାଗି ଦାବି କରୁଥିଲେ ମଧ୍ୟ ଆନ୍ଦୋଳନ ଶୀଥିଳ ପଡିଯାଇଛି। ଏଠାକାର ପ୍ରାୟ ୪୨% ଲୋକେ ଜାତି ଓ ଜନଜାତି ଶ୍ରେଣୀର ହୋଇଥିବା ବେଳେ କାମଧନ୍ଦା ଅଭାବରୁ ବେକାର ହୋଇ ନିଶାସକ୍ତ ହେଉଛନ୍ତି। ଲୋକମାନେ ଗରିବ ଓ ଖଟିଖିଆ ହୋଇଥିବା ବେଳେ ଶିକ୍ଷାର ଆଲୋକ ତୃଣମୂଳ ସ୍ତରରେ ପହଞ୍ଚି ପାରି ନାହିଁ। ପ୍ରାୟତଃ ଗ୍ରାମବାସୀ ଜଙ୍ଗଲ ଉପରେ ନିର୍ଭର କରୁଥିବା ବେଳେ କେତେକ ଚାଷ ଉପରେ ନିର୍ଭର କରିଥାନ୍ତି।

ହାତ ଗଣତି କେତୋଟି ବିଦ୍ୟାଳୟକୁ ଛାଡିଦେଲେ ଅଙ୍ଗନ ବାଡି, ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ନଗଣ୍ୟ ରହୁଛି। ଅନୁଷ୍ଠାନ ଗୁଡିକ ଅପେକ୍ଷାକୃତ ରୁଗ୍ଣ ଓ ଶ୍ରୀହୀନ ହୋଇଥିବା ବେଳେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଓ କର୍ମଚାରୀ ନାହାଁନ୍ତି।ଫଳରେ ଶିକ୍ଷାର ବିକାଶ ହୋଇନଥିବାରୁ ବହୁ ଛାତ୍ର ଛାତ୍ରୀ ଅଧାରୁ ପାଠ ଛାଡୁଥିବା ଦେଖିବାକୁ ମିଳୁଛି। ଅଞ୍ଚଳରେ କୌଣସି କଳକାରଖାନା ଓ ରୋଜଗାର ମାଧ୍ୟମ ନଥିବା ବେଳେ ସ୍ୱଳ୍ପ ବେତନରେ ଦାଦନ ଖଟିବାକୁ ଯାଇ କେତେକ ଶବ ହୋଇ ଫେରୁଛନ୍ତି। ଏହା ସହିତ ପଶ୍ଚିମ ବଙ୍ଗ ସୀମାକୁ ଲାଗି ଥିବାରୁ ବ୍ୟାପକ ବିଷାକ୍ତ ଦେଶୀ ମଦ ଚୋରା ଚାଲାଣ ହୋଇ ନିରୀହ ଲୋକଙ୍କୁ ନିଶା କବଳିତ କରୁଛି। ସୀମାନ୍ତ ରାଇବଣିଆରେ ୨୨୪୬ ହେକ୍ଟର ଜଂଗଲ ରହିଥିବା ବେଳେ କଳମା, ଚମାରଗାଁ, ବରଡିହା, କାଳିକ, ରାଇବେଣିଆ, ଶ୍ୟାମନଗର, ଖୁଆଡ, ସର୍ଦ୍ଦାରବନ୍ଧ, ଓଲମରା ପଂଚାୟତର ୬୦ଟି ଗାଁରେ ଜଙ୍ଗଲ ରହିଅଛି। ବର୍ଷସାରା ହାତୀଉପଦ୍ରବ ଲାଗି ରହିବା ଫଳରେ ଧନ ଜୀବନ ବ୍ୟାପକ ହାନି ହୋଇଥାଏ। ପଶ୍ଚିମବଂଗ ଅଂଚଳରୁ ହାତୀମାନେ ହଳଦୀଗୁଡି, ଲୁହାପଡା ଦେଇ ପ୍ରବେଶ କରୁଥିବା ବେଳେ ମୟୂରଭଂଜରୁ ଗଂଗାମାଟିଆ ଦେଇ ପ୍ରବେଶ କରିଥାଏ। ଲୁହାପଡା, ଜହ୍ନିଫୁଲିଆ, ଭୋଳ, ଗଂଗାମାଟିଆ, କାଳାଯୋଡି, ସୁକଯୋଡି, କେନ୍ଦୁଖୁଣ୍ଟା, ପୁରୁଣାପାଣି, ଖୁଆଡ, ଦୁଧିଆଶୋଳି ଜଙ୍ଗଲରେ ହାତୀମାନେ ପ୍ରାୟ ୧୦ମାସ ରହି ନିକଟସ୍ଥ ଗ୍ରାମଗୁଡିକରେ କ୍ଷୟକ୍ଷତି କରିଥାନ୍ତି। ବନାଞ୍ଚଳରେ ବନ ବିଭାଗ ଥିଲେ ମଧ୍ୟ ପ୍ରତିଦିନ ରାତ୍ରି ରେ ରାଇବଣିଆ ରୁ ପଶ୍ଚିମବଂଗ କୁ ବ୍ୟାପକ ଚୋରା କାଠ ଚାଲାଣ ହୋଇଥାଏ। ମୟୂରଭଂଜ ସୀମାରେ ଖୋଳାଯାଇଥିବା ୫ କି.ମି ଟ୍ରେଞ୍ଚ ଏବେ ପୋତି ଗଲାଣି। ଜଂଗଲରେ ହାତୀମାନଙ୍କୁ ଖାଦ୍ୟ ଯୋଗାଇବା ଲାଗି ଜଂଗଲ ବିଭାଗ ଓ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା କୁହାଯାଉଛି।ବର୍ଷାଯାକ ହାତୀ ଚଳପ୍ରଚଳ କରୁଥିବାରୁ ବିଭିନ୍ନ ସମୟରେ ବିଦ୍ୟୁତ୍ ସରବହରା ବନ୍ଦ କରାଯାଉଥିବାରୁ ଅଞ୍ଚଳ ଅଭିଶପ୍ତ ଭାବେ ଅନ୍ଧାର ରେ ରହିଥାଏ। ସେହିପରି ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅବସ୍ଥା ନ କହିଲେ ଭଲ। ୧୪ଟି ପଂଚାୟତ ର ଭରସା ଲାଗି କାର୍ଯ୍ୟ କରୁଥିବା ବେଳେ ପ୍ରତିଦିନ ୨୫୦ରୁ ୩୦୦ ରୋଗୀ ଏଠାକୁ ଚିକିତ୍ସା ଲାଗି ଆସିଥାନ୍ତି।



୩୦ଟି ଶର୍ଯ୍ୟାରେ ସୀମୀତ ଏହି ଡାକ୍ତରଖାନାରେ ବେଳେ ରୋଗୀଙ୍କୁ ତଳେ ଶୋଇବାକୁ ପଡିଥାଏ। ଏଠାରେ ୧୫ ଡାକ୍ତର ରହିବାକୁ ଥିବା ବେଳେ ମାତ୍ର ୬ଜଣରେ କାମ ଚଳି ଯାଉଛି। ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ନ ଥିବା ବେଳେ ଷ୍ଟାଫନର୍ସ ୮ ଜଣରୁ ମାତ୍ର ଜଣେ ଅଛନ୍ତି। ଫାର୍ମାସିଷ୍ଟଙ୍କ ସଂଖ୍ୟା ୧୧ରୁ ୮ ଜଣ ରହିଥିବା ବେଳେ ଅନ୍ୟାନ୍ୟ କର୍ମଚାରୀ ମଧ୍ୟ ଖୁବ୍ ଥିବା ଡା. ଭୀଷ୍ମ ପରିଡା କହିଛନ୍ତି। ଶବ ବ୍ୟବଚ୍ଛେଦର ବ୍ୟବସ୍ଥା ନ ଥିବାରୁ ୨୫ କି.ମି ଦୂର ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲ ଉପରେ ନର୍ଭର କରିବାକୁ ପଡିଥାଏ। ହସ୍ପିଟାଲରେ ଏକ୍ସରେ ମେସିନ୍ କିମ୍ବା ଅଲ୍ଟ୍ରାସାଉଣ୍ଡ ମେସିନ୍ ନ ଥିବାରୁ ରୋଗୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ। ସୂଚନାଯୋଗ୍ୟ ଦୀର୍ଘ ଦିନରୁ ନିର୍ମାଣ ସରିଥିବା ସାଧାରଣ ଓପିଡି କୋଠା ଏବେ ସୁଦ୍ଧା କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ଟସର ଶିଳ୍ପ ରାଇବଣିଆକୁ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିଥିବା ବେଳେ ଏବେ ସଚେତନତା ଓ ପ୍ରୋତ୍ସାହନ ଅଭାବରୁ ଧିରେଧିରେ ଲୋପ ହେବାକୁ ବସିଲାଣି। ମାକିଡିଆ ଗାଁରେ ଥିବା ଝଗଡେଶ୍ୱର ବୁଣାକାର ସମିତି ଓ ମାକିଡିଆ ବୁଣାକାର ସମିତିରେ ପ୍ରାୟ ୨୭୫ଜଣ ବୁଣାକାର ରହିଥିବା ବେଳେ ସଚେତନତା ଅଭାବରୁ ବିଶେଷଭାବେ ଟସର ଲୁଗା ବୁଣୁ ନାହାନ୍ତି। ଜିଲ୍ଲା ଟେକ୍ସଟାଇଲ କାର୍ଯ୍ୟାଳୟ କେବଳ ବୁଣାକାର ଲାଗି କେତେକ ଟ୍ରେନିଂ ବ୍ୟବସ୍ଥା କରୁଥିବା ବେଳେ ତାହା ବୁଣାକାରମାନଙ୍କ କାର୍ଯ୍ୟରେ ଆସୁନାହିଁ। ଏପରିକି ଟସର ଶାଢୀରେ ଥିବା ବାନ୍ଧର ରଂଗ ଦେବାଲାଗି କଟକସ୍ଥିତ ନୂଆପାଟଣା ଉପରେ ନିର୍ଭର କରିବାକୁ ପଡୁଛି। ପ୍ରାୟ ୧୨ଜଣ ମାଷ୍ଟର ବୁଣାକାରମାନେ ଲୁଗା ଗୁଣୁଥିବା ବେଳେ ସମିତି ଗୁଡିକ ସେମାନଙ୍କ ଠାରୁ ଲୁଗା କିଣି ସରକାରୀ ସବ୍‌ସିଡି ନେଉଥିବା ଅଭିଯୋଗ ହେଉଛି। ପୂର୍ବ ଏସିଆର ସର୍ବବୃହତ୍ ରାଇବଣିଆ ମାଟି ଦୁର୍ଗର ବିକାଶ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ। ପ୍ରାୟ ୧୪ କୋଟି ଟଙ୍କା ଖର୍ଚ୍ଚ ହେବାକୁ ବିଭିନ୍ନ ଡିପିଆର୍ ହୋଇଥିଲେ ମଧ୍ୟ ସମସ୍ତ କାର୍ଯ୍ୟ ନିମ୍ନମାନର ଓ ଅଧାପନ୍ତରିଆ ହୋଇ ରହିଛି। ଏହା ସହିତ ଜଗନ୍ନାଥ ମନ୍ଦିର ଉଦ୍ଧାର କାର୍ଯ୍ୟ ମଧ୍ୟ ଶେଷ ହୋଇନାହିଁ। ପାଚେରୀ କାର୍ଯ୍ୟରେ ନିମ୍ନମାନର ଓ ରାସ୍ତା ସହିତ ଆଲୋକିକରଣ କାର୍ଯ୍ୟ ନହେବା ସହିତ ନିକଟରେ ଥିବା ପୋଖରୀର ଉନ୍ନତିକରଣ ମଧ୍ୟ ଶେଷ ହୋଇନାହିଁ। ୧୪ଟି ପଂଚାୟତ ଲାଗି ରୁରବାନ ଯୋଜନାରେ ପ୍ରାୟ ୧୧୦ କୋଟି ଖର୍ଚ୍ଚ ହୋଇଥିଲେ ମଧ୍ୟ ଏବେ ବି ଲୋକମାନେ ଖରାଦିନେ ପାନୀୟ ଜଳରୁ ବଂଚିତ ହେଉଛନ୍ତି। ପାହାଡିଆ ଅଞ୍ଚଳ ହୋଇଥିବାରୁ ଓ ବିଶେଷ ଉଠାଜଳସେଚନ ପଏଣ୍ଟ ନ ଥିବାରୁ ପର୍ଯ୍ୟାପ୍ତ ରବିଚାଷ ହେବା ସମ୍ଭବ ହୋଇ ପାରିନାହିଁ। ଏପରିକି ଦୀର୍ଘଦିନ ଧରି ନିର୍ମାଣ ଚାଲିଥିବା ସୁବର୍ଣ୍ଣରେଖା ପ୍ରକଳ୍ପରୁ ପାଣି ଜମିକୁ ଆସିପାରି ନାହିଁ। ସେହିପରି ବିଭିନ୍ନ କାର୍ଯ୍ୟାଳୟରେ କର୍ମଚାରୀଙ୍କ ମନମାନି ଯୋଗୁଁ ଲୋକମାନେ ନ୍ୟାୟ ପାଇପାରୁ ନାହାନ୍ତି। ଲୋକମାନେ ଅଶିକ୍ଷିତ ଥିବାରୁ ଚୋରା ବାଲି,ମୋରମ ଚାଲାଣ ସହିତ ଚୋରା କାଠ ମଧ୍ୟ ପଶ୍ଚିମବଂଗକୁ ଚାଲାଣ ହେଉଛି। ଅଞ୍ଚଳରେ ବାଉଁଶ ବାଡି ପର୍ଯ୍ୟାପ୍ତ ପରିମାଣ ରେ ଥିଲେ ମଧ୍ୟ ଶିଳ୍ପର କୌଣସି ପ୍ରସ୍ତାବ ନାହିଁ। ଗମନା ଗମନ ଲାଗି ରାସ୍ତା ନିର୍ମାଣ, ଆବାସ ଯୋଜନାରେ ଗରିବ ଲୋକଙ୍କୁ ଘର କିମ୍ବା ରାସନ ସାମଗ୍ରୀରେ ବହୁ ଚଞ୍ଚକତା ହେଉଥିବା ଦେଖିବାକୁ ମିଳେ। ବିଶେଷ କରି ବହୁ ପଞ୍ଚାୟତର ଉର୍ବର ପଟୁ ମାଟିରେ ଉତ୍ପନ୍ନ ଫସଲ ବିକ୍ରି ଲାଗି ପଶ୍ଚିମବଂଗ ବଜାର ଉପରେ ଚାଷୀ ମାନଙ୍କୁ ନିର୍ଭର କରିବାକୁ ପଡୁଛି। ଉତ୍କୃଷ୍ଟ ମାନର ଆଖୁ, ସୁମୁରା, ବାଦାମ ଚାଷୀ ଅଭାବି ବିକ୍ରିର ଶୀକାର ହେଉଛନ୍ତି। ସୁବର୍ଣ୍ଣରେଖା ନଦୀ ଶଯ୍ୟାରେ ପଶ୍ଚିମବଂଗ ସହିତ ସୀମା ବିବାଦ ଯୋଗୁଁ ଲୋକ ମାନେ ଦୀର୍ଘଦିନ ଧରି ନିଷ୍ପେସିତ ହେଉଛନ୍ତି। ବିଶେଷ କରି ଅଞ୍ଚଳରେ ଶିକ୍ଷାର ବିକାଶ ଓ ବୈଷୟିକ ତାଲିମ୍ କେନ୍ଦ୍ର ପ୍ରତିଷ୍ଠା କରାଇଲେ ଯୁବକ ମାନେ ପ୍ରବାସ ରେ ରହନ୍ତେ ନାହିଁ। ସମସ୍ତ ଦିଗକୁ ଦେଖାଗଲେ ରାଜନୈତିକ ଇଚ୍ଛାଶକ୍ତିର ଘୋର ଅଭାବ ଯୋଗୁଁ ରାଇବଣିଆ ଏବେବି ଅବହେଳିତ ରହିଛି। ସରକାର ଏହାକୁ ସୁବିଚାର କଲେ ଅଞ୍ଚଳର ବିକାଶ ହୋଇ ପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି।

# ୪ ବର୍ଷ ଧରି ପଡ଼ିରହିଛି ୨କୋଟି ୭୦ଲକ୍ଷ ଟଙ୍କାର ପ୍ରକଳ୍ପ

**ଭଙ୍ଗା ଗୃହରେ ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ର**

ଜଳେଶ୍ୱର, ୭।୭ (ସମିସ): ଉତ୍ତର ବାଲେଶ୍ୱରର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି) ଅଧିନରେ ଥିବା ଓଲମରା ପଂଚାୟତର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର (ପିଏସ୍‌ସି) ଏକ ବହୁ ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ର। ସ୍ୱାଧୀନତା ପୂର୍ବରୁ ମୟୂରଭଂଜ ଷ୍ଟେଟ ରହିଥିବା ସମୟରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗଢି ଉଠିଥିଲା। ଯାହା ଉପରେ ସଦ୍ଦାରବନ୍ଧ, ମାକିଡିଆ, ଓଲମରା ପଂଚାୟତ ସମେତ ପଶ୍ଚିମବଙ୍ଗର ସୀମାନ୍ତ ଗ୍ରାମର ୨୫ହଜାରୁ ଉର୍ଦ୍ଧ ଲୋକ ଏହାଉପରେ ନିର୍ଭର କରିଥାନ୍ତି। ହେଲେ ଆଜିଯାଏ ସେହି ପୁରୁଣା ଓ ବିପଦ ସଂଙ୍କୁଳ ଗୃହରେ ସ୍ୱାସ୍ଥ୍ୟସେବା ଚାଲିଛି। ଜଣେମାତ୍ର ଏମବିବିଏସ ଡାକ୍ତରଙ୍କ ଦ୍ୱାରା ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ର। ଫାର୍ମାସିଷ୍ଟ ଓ ଷ୍ଟାଫନର୍ସ ପଦବୀ ଦୀର୍ଘଦିନରୁ ଖାଲି ପଡିଛି। ଡାକ୍ତରଙ୍କ ରହିବାର ସୁବିଧା ନ ଥିବା ଓ ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥା ବିଷୟରେ ପଂଚାୟତ ବାସୀ ବହୁବାର ସରକାରଙ୍କ ନିକଟରେ ଗୁହାରି କରିବା ପରେ ୨୦୨୧-୨୨ ଆର୍ଥିକ ବର୍ଷରେ ଏକ ନୂତନ ଗୃହର ପ୍ରକଳ୍ପ ନିର୍ଦ୍ଧାରିତ ହୋଇ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଶେଷହୋଇ ଠିକାଦାରଙ୍କୁ କାର୍ଯ୍ୟାଦେଶ ମିଳିଛି। ପ୍ରକଳ୍ପର ଅର୍ଥିକ ଅଟକଳ ୨କୋଟି ୭୦ଲକ୍ଷ ହୋଇଥିବା ବେଳେ ହୃଦାନନ୍ଦ ବେହେରା ନାମକ ଠିକାଦାର କାର୍ଯ୍ୟାଦେଶ ପାଇଛନ୍ତି। ପ୍ରଥମରୁ ଜାଗା ଚିହ୍ନଟ ସମସ୍ୟା ରହିଥିବା ବେଳେ ପରେ ଗ୍ରାମବାସୀଙ୍କ ସହଯୋଗ କ୍ରମେ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ପାଇଁ ଆବଶ୍ୟକ ଜାଗା ଚିହ୍ନଟ କରାଯାଇଥିଲା। ମାତ୍ର ଆଜକୁ ୪ବର୍ଷ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଏଥିନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଜଳେଶ୍ୱର ଉପଖଣ୍ଡ ଯନ୍ତ୍ରୀଙ୍କୁ ପଚାରିବାରୁ ଜଳେଶ୍ୱର ତହସିଲ ତରଫରୁ ଜାଗା ଚିହ୍ନଟ ପାଇଁ କୌଣସୀ ଅନୁମତି ପତ୍ର ପାଇ ନାହାନ୍ତି ଯୋଗୁଁ କାର୍ଯ୍ୟରେ ବିଳମ୍ବ ଘଟୁଛି ବୋଲି କହିଛନ୍ତି। ସେହିପରି ହାତୀଗଡ ସିଏଚସି ମୁଖ୍ୟ ଭୀଷ୍ମ ପରିଡାଙ୍କ କହିବାନୁଯାୟୀ ଏ ବାବଦରେ ତହସିଲ କାର୍ଯ୍ୟାଳୟକୁ ଚିଠି କରାଯାଇଛି। ପ୍ରଶାସନର ଏହିପରି ଅବହେଳା ଓ ଆନ୍ତରିକତାର ଅଭାବ ଯୋଗୁଁ ଆଜି ଏକ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ବିପଦଶଙ୍କୁଳ ଗୃହ ମଧ୍ୟରେ ରୋଗୀସେବା ଚାଲିଥିବା ବେଳେ ନୂତନ ଗୃହର ନିର୍ମାଣ ହେବାରେ ବାଧକ ସାଜିଛି। ବାଲେଶ୍ୱର ଜିଲ୍ଲାପାଳ ଓ ସିଡିଏମଓ ଏଥିପ୍ରତି ଦୃଷ୍ଟି ଦେବା ସହିତ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ବାଲେଶ୍ୱର ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ ପ୍ରଶିକ୍ଷଣ ଶିବିର

ବାଲେଶ୍ୱର, ୭।୭ (ସମିସ): ୨୦୨୭ର ଜନଗଣନା ପାଇଁ ଜିଲ୍ଲାସ୍ତରୀୟ ଜନଗଣନା ହ୍ୟାଣ୍ଡବୁକ ପ୍ରଶିକ୍ଷଣ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆଜି ଆରମ୍ଭ ହେଇଛି। ଏହା ଆସନ୍ତା ୧୦ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ଜନଗଣନା ପୁସ୍ତିକା ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରରେ ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ତପନ କୁମାର ଖୁଣ୍ଟିଆ , ସହାୟକ ଜିଲ୍ଲାପାଳ ସୁବ୍ରତ କୁମାର ଘୋଷ ଏବଂ ସହକାରୀ ନିର୍ଦ୍ଦେଶକ (ଜନଗଣନା) ପ୍ରଫୁଲ୍ଲ କୁମାର ଦାସ, ଡାଟା ପ୍ରସେସିଂ ସହକାରୀ ଅଧିକାରୀ (ଜନଗଣନା) ମହେନ୍ଦ୍ର ପ୍ରସାଦ ମହାଳିକ ଉପସ୍ଥିତ ରହି ଜନଗଣନା ୨୦୨୭ କୁ ସଫଳ ଭାବେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ ପ୍ରସ୍ତୁତି ଓ ଏହା ସମ୍ବନ୍ଧୀୟ ପ୍ରଶିକ୍ଷଣର ବିଶେଷ ଗୁରୁତ୍ୱ ରହିଛି ବୋଲି ପ୍ରଶିକ୍ଷଣରେ ଅଂଶଗ୍ରହଣକାରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ଉକ୍ତ ପ୍ରଶିକ୍ଷଣରେ ଜିଲ୍ଲାର ବିଭିନ୍ନ ତହସିଲରୁ ରାଜସ୍ୱ ତତ୍ତ୍ୱାବଧାରକ, ରାଜସ୍ୱ ନିରୀକ୍ଷକ, ସହାୟକ ରାଜସ୍ୱ ନିରୀକ୍ଷକ, ଅମିନ ମାନେ ଅଂଶଗ୍ରହଣ କରି ତାଲିମ ଗ୍ରହଣ କରିଥିଲେ । ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ ହେଉଛି ଏକ ପ୍ରାମାଣିକ ଦଲିଲ, ଯେଉଁଥିରେ ଜିଲ୍ଲାର ପ୍ରଶାସନିକ ବିବରଣୀ, ଗ୍ରାମ ଓ ସହରର ତାଲିକା, ଜନସଂଖ୍ୟା ସମ୍ବନ୍ଧୀୟ ତଥ୍ୟ, ସାକ୍ଷରତା, କାର୍ଯ୍ୟ ନିଯୋଜନ, ମୌଳିକ ସୁବିଧା ଓ ଅନ୍ୟାନ୍ୟ ପରିସଂଖ୍ୟାନ ସଂକଳିତ ରହିଥାଏ। ଏହି ହ୍ୟାଣ୍ଡବୁକ୍ ପ୍ରଶାସନ, ଯୋଜନା ପ୍ରସ୍ତୁତି, ଗବେଷଣା ଏବଂ ନୀତି ନିର୍ଦ୍ଧାରଣରେ ଅତ୍ୟନ୍ତ ଉପଯୋଗୀ। ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନଗଣନା ସହ ଜଡ଼ିତ ଅଧିକାରୀ ଓ କର୍ମଚାରୀଙ୍କୁ ହ୍ୟାଣ୍ଡବୁକ୍ ପ୍ରସ୍ତୁତିର ପଦ୍ଧତି, ତଥ୍ୟ ସଂଗ୍ରହ, ପ୍ରଶାସନିକ ସୀମାର ସଠିକତା, କୋଡିଂ ପ୍ରଣାଳୀ, ତଥ୍ୟ ଯାଞ୍ଚ ଏବଂ ଡିଜିଟାଲ୍ ତଥ୍ୟ ପରିଚାଳନା ସମ୍ବନ୍ଧରେ ସଠିକ୍ ଜ୍ଞାନ ପ୍ରଦାନ କରିବା। ପ୍ରଶିକ୍ଷଣ ସମୟରେ ଗ୍ରାମ ଓ ସହରର ଅଦ୍ୟତନ ବିବରଣୀ, ମାନଚିତ୍ର ପ୍ରସ୍ତୁତି, ପ୍ରଶାସନିକ ପରିବର୍ତ୍ତନର ସମନ୍ୱୟ ଏବଂ ତଥ୍ୟର ଶୁଦ୍ଧତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଏ। ଏହି ପ୍ରଶିକ୍ଷଣ ଫଳରେ ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ ପ୍ରସ୍ତୁତିରେ ଏକରୂପତା, ସଠିକତା ଓ ସମୟାନୁବର୍ତ୍ତିତା ବଜାୟ ରହିଥାଏ। ଏହା ମାଧ୍ୟମରେ ଜନଗଣନାର ଗୁଣାତ୍ମକ ମାନ ବୃଦ୍ଧି ପାଇବା ସହିତ ଭବିଷ୍ୟତର ବିକାଶମୂଳକ ଯୋଜନା ପ୍ରସ୍ତୁତି ପାଇଁ ନିର୍ଭରଯୋଗ୍ୟ ତଥ୍ୟ ଉପଲବ୍ଧ ହୋଇଥାଏ।

# ଜିଏସ୍‌ଟି ବିଭାଗ ପକ୍ଷରୁ ରେଞ୍ଜସ୍ତରୀୟ ଆଡଭାଇଜରୀ କମିଟି ବୈଠକ




ବାଲେଶ୍ୱର, ୭।୭(ସମିସ): ବାଲେଶ୍ୱର ଦ୍ରବ୍ୟ ଓ ସେବା କର କାର୍ଯ୍ୟାଳୟ ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ରେଞ୍ଜ ସ୍ତରୀୟ ଆଡଭାଇଜରୀ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକକୁ ସ୍ୱତନ୍ତ୍ର କମିଶନର ଅକ୍ଷୟ କୁମାର ପାଟଯୋଶୀ ଉଦଘାଟନ କରିଥିଲେ। ବାଲେଶ୍ୱର ରେଞ୍ଜର ଆଡିସ୍ନାଲ କମିଶନର ଧୀରେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ରାଜ୍ୟ ଜିଏସ୍‌ଟିର ବିଭିନ୍ନ ଅଧିକାରୀଙ୍କ ସହ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ୟବସାୟୀ, ଶିଳ୍ପ, ବାଣିଜ୍ୟ ଓ କ୍ଷୁଦ୍ର ବ୍ୟବସାୟୀ ସଂଗଠନର ପ୍ରତିନିଧିମାନେ ଯୋଗଦେଇଥିଲେ। ବୈଠକରେ ଅଂଶଗ୍ରହଣକାରୀ ପ୍ରତିନିଧିମାନେ ଜିଏସ୍‌ଟି ସମ୍ପର୍କିତ ବିଭିନ୍ନ ସମସ୍ୟା, ପରାମର୍ଶ ଓ ମତାମତ ଉପସ୍ଥାପନ କରିଥିଲେ। ଏହି ବୈଠକରେ ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ ଯେ, ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାରୁ ୨୦୨୪-୨୫ ଆର୍ଥିକ ବର୍ଷରେ ୫୨୭ କୋଟି ଟଙ୍କା ଜିଏସ୍‌ଟି ରାଜସ୍ୱ ସଂଗ୍ରହ ହୋଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୬୦୧.୮କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଛି। ଏହା ପୂର୍ବବର୍ଷ ତୁଳନାରେ ପ୍ରାୟ ୧୪ ପ୍ରତିଶତ ଅଧିକ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଭବିଷ୍ୟତରେ ରାଜସ୍ୱ ଆଦାୟକୁ ଆହୁରି ବୃଦ୍ଧି କରିବା ସହ କରଦାତାଙ୍କୁ ଉନ୍ନତ ସେବା ଯୋଗାଇବା ପାଇଁ ବ୍ୟବସାୟୀ, ଶିଳ୍ପ ସଂସ୍ଥା ଓ ଜିଏସ୍‌ଟି ବିଭାଗ ମଧ୍ୟରେ ସମନ୍ୱୟ ଓ ସହଯୋଗ ବୃଦ୍ଧି କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

# ବାଲେଶ୍ୱର ଜିଲ୍ଲାସ୍ତରୀୟ ବନ ମହୋତ୍ସବ



ବାଲେଶ୍ୱର, ୭।୭ (ସମିସ): ଜିଲ୍ଲା ବନ ବିଭାଗ ଆନୁକୂଲ୍ୟରେ ଆଜି ସଦର ବ୍ଲକ୍ ଅନ୍ତର୍ଗତ ଗୁଡୁ ଗ୍ରାମ ପଞ୍ଚାୟତର ଶେଖପାଟଣାଠାରେ ଜିଲ୍ଲାସ୍ତରୀୟ ବନ ମହୋତ୍ସବ ପାଳିତ ହୋଇଯାଇଛି। ପରିବେଶ ସୁରକ୍ଷା ଓ ଜିଲ୍ଲାର ସବୁଜିମା ବୃଦ୍ଧି ଲାଗି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜନପ୍ରତିନିଧି ଏବଂ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀମାନେ ସାମିଲ ହୋଇଥିଲେ। ଏହି ସମାରୋହରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରତୀକ ପ୍ରକାଶ ଇନ୍ଦଲକର, ଉପଜିଲ୍ଲାପାଳ ଶିବ ମାଲବ୍ୟ, ପୂର୍ବତନ ମୁଖ୍ୟ ବନ ସଂରକ୍ଷକ ଦେବବ୍ରତ ସ୍ୱାଇଁ, ସହକାରୀ ବନ ସଂରକ୍ଷକ କଟିନି ସେଠି, ସ୍ଥାନୀୟ ସରପଞ୍ଚ କମଳିନୀ ପାତ୍ର, ବନାଞ୍ଚଳ ଅଧିକାରୀ ମାନୁୱାର ଖାଁ ପ୍ରମୁଖ ଉପସ୍ଥିତ ରହି ପରିବେଶ ସନ୍ତୁଳନ ରକ୍ଷା କରିବାରେ ବୃକ୍ଷରୋପଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ ଯେ, ଆଗାମୀ ପିଢ଼ିକୁ ପ୍ରଦୂଷଣମୁକ୍ତ ପରିବେଶ ଦେବା ପାଇଁ ବୃକ୍ଷରୋପଣ ହିଁ ଏକମାତ୍ର ବିକଳ୍ପ। ତେଣୁ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଲେଖାଏଁ ଗଛ ଲଗାଇବା ସହ ତାର ସୁରକ୍ଷା ଦାୟିତ୍ୱ ନେବା ଉଚିତ। ଏହି ଅବସରରେ ୨୦୦ଟି ଚାରା ରୋପଣ କରାଯାଇଛି। ଏହା ସହିତ ଆଗାମୀ ଏକ ସପ୍ତାହ ମଧ୍ୟରେ ଏହି ନିର୍ଦ୍ଦିଷ୍ଟ ସ୍ଥାନରେ ସମୁଦାୟ ୫ହଜାର ବୃକ୍ଷ ଚାରା ରୋପଣ କରିବା ପାଇଁ ବନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଓ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

# ଜାଲ୍ ଦସ୍ତଖତ କରି ଲକ୍ଷାଧିକ ଟଙ୍କା ଉଠାଣ ଅଭିଯୋଗ

ଜଳେଶ୍ୱର ବ୍ଲକ, ୭।୭ (ସମିସ) : ଚେକ୍ ମାଧ୍ୟମରେ ପିଇଓ ଅନୁଦାନ ଟଙ୍କା ଉଠାଇ ନେଇଛନ୍ତି। ଏପରି ଅଭିଯୋଗ ଆସିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଅଧୀନ ଏକ ପଞ୍ଚାୟତରୁ। ଜଳେଶ୍ୱର ବ୍ଲକ୍ ଅଧୀନ ଏକ ପଞ୍ଚାୟତର ସରପଞ୍ଚ ଓ ପିଇଓଙ୍କ ନାମରେ ଥିବା ଜଏଣ୍ଟ ଆକାଉଣ୍ଟରେ ବିଭିନ୍ନ ସରକାରୀ ଅନୁଦାନ ଜମା ଥିଲା। ସଂପୃକ୍ତ ଆକାଉଣ୍ଟର ଚେକ୍ ବୁକ୍ ପିଇଓଙ୍କ ନିକଟରେ ରହୁଥିଲା। ଏପରି ସମୟରେ ପିଇଓ ଜଣକ ଚେକ୍‌ରେ ସରପଞ୍ଚଙ୍କ ଦସ୍ତଖତକୁ ଜାଲ୍ କରି ଏବଂ ସଚ ସରପଞ୍ଚଙ୍କ ସିଲ୍‌କୁ ବ୍ୟବହାର କରି ପାଖାପାଖି ୧୮ ଲକ୍ଷ ଅନୁଦାନ ଟଙ୍କା ଉଠାଇ ନେଇଛନ୍ତି। ଗତ ଜୁନ୍ ମାସରୁ ବଦଳି ହୋଇଯାଇଥିବା ସଂପୃକ୍ତ ପିଇଓ ନିଜ ଫୋନ୍ ସୁଇଚ୍ ଅଫ୍ କରି ରଖିଛନ୍ତି। କେବଳ ଶିଖରପୁର ପଞ୍ଚାୟତ ନୁହେଁ ଆର୍‌ଆର୍‌ପୁର, ବରଡ଼ିହା, ନଛିମପୁର ଆଦି ପଞ୍ଚାୟତରେ ମଧ୍ୟ ଅନୁରୂପ ଭାବେ ଟଙ୍କା ଉଠାଯାଇଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ କହିଛନ୍ତି, ଏକାଧିକ ପଞ୍ଚାୟତରୁ ମୋ ନିକଟକୁ ଏପରି ଅଭିଯୋଗ ଆସିଥିବା ଅନୁସନ୍ଧାନ ଚାଲିଛି।

# ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ




ବାଲେଶ୍ୱର, ୭।୭(ସମିସ): ସଦର ବ୍ଲକ ଅନ୍ତର୍ଗତ ଉଇସଡମ ଯୁକ୍ତ ଦୁଇ ବିଜ୍ଞାନ କଲେଜରେ ମୋ ଭାରତ ଯୁବ କେନ୍ଦ୍ର ଓ ଉତ୍କଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଡା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ମୁଖ୍ୟବକ୍ତା ଭାବେ ଓଡିଶା ବିପର୍ଯ୍ୟୟ ପରିଚାଳନା ବିଭାଗର ଜିଲ୍ଲା ଅଧିକାରୀ ଅବନୀକାନ୍ତ ଭୂୟାଁ ଶ୍ୟାମା ପ୍ରସାଦଙ୍କ ବିଷୟରେ ସଂକ୍ଷେପରେ ମତପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ସମାଜସେବୀ ଆନନ୍ଦ କୁମାର ବେହେରା ଅଭିଭାଷଣ ରଖିଥିଲେ। ଓଡ୍ରାଫରେ କାର୍ଯ୍ୟରତ ସତ୍ୟପ୍ରକାଶ ପଣ୍ଡା ଉଦବୋଧନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ବାରିକ ଓ କଲେଜ ଡାଇରେକ୍ଟର ନିଗମାନନ୍ଦ ପାତ୍ର ମିଳିତ ଭାବେ ପିଲାମାନଙ୍କର ଉତ୍ତରୋତ୍ତର କାମନା କରିଥିଲେ। ଏହି ଅବସରରେ କଲେଜ ପିଲାମାନଙ୍କ ଦ୍ୱାରା ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଉତ୍କଳା ସ୍ୱୟଂ ସହାୟକ ଗୋଷ୍ଠୀ ମେମ୍ବର ଗାୟତ୍ରୀ ବାରିକ ଓ ସମ୍ପାଦକ ସୁକାନ୍ତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋ ଭାରତ ଯୁବ କେନ୍ଦ୍ରରେ ବିକ୍ରମ ବାରିକ, ଅଭିଜିତ ବେହେରା, ଦୀପଶିଖା ଘଡେଇ, ପ୍ରିୟଙ୍କା ଦାସ, ଆଲୋକ ସିଂ, ସ୍ୱେଚ୍ଛାସେବୀ ସହ ଉତ୍କଳା କଲଚୁରାଲ ଏକାଡେମୀର ଶୁଭ ଲକ୍ଷ୍ମୀ ପରିଡା, ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୫ ଦିନ ହେବ ଟ୍ରାନ୍ସଫର୍ମର ଅଚଳ, ଅନ୍ଧାରରେ ୨୫ ପରିବାର

ଜଳେଶ୍ୱର, ୭।୭ (ସମିସ): ରାଇବଣିଆ ପଞ୍ଚାୟତର ବାଉଁଶବଣି ଗାଁକୁ ଆଜକୁ ୫ଦିନ ହେବ ବିଦ୍ୟୁତ୍ ସରବରାହ ହେଉ ନ ଥିବାରୁ ଗାଁର ୨୫ ପରିବାର ଅନ୍ଧକାରରେ ରହିଛନ୍ତି। ଏବେ ରାଇବଣିଆରେ ୭ଟି ହାତୀ ରହି ଥିବାରୁ ଘନ ଅନ୍ଧାରରେ ହାତୀମାନେ ଗାଁ ମୁହାଁ ହୋଇ ଧନଜୀବନ ନଷ୍ଟ କରିବେ ବୋଲି ଗ୍ରାମବାସୀ ଆଶଙ୍କା କରୁଛନ୍ତି। ବାଉଁଶବଣି ଗାଁରେ ଥିବା ୧୬ କେଭିଏ ଟ୍ରାନ୍ସଫର୍ମରଟି ଆଜକୁ ୫ ଦିନ ହେବ ପୋଡି ଯାଇଛି। ଏ ସଂପର୍କରେ ହାତୀଗଡ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଅଦ୍ୟାବଧି ଏହାର ମରାମତି ନ ହେବାରୁ ୨୫ ପରିବାର ଅନ୍ଧକାରରେ ରହିଛନ୍ତି। ଯେକୌଣସି ମୁହୂର୍ତ୍ତରେ ଅନ୍ଧକାରରେ ହାତୀପଲ ଗାଁକୁ ପଶି ଧନଜୀବନ ନଷ୍ଟ ହେବ ବୋଲି ଭୟଭୀତ ହୋଇ ଗ୍ରାମର ଅନନ୍ତ ପାତ୍ର, ସାମଲା ହେମ୍ବ୍ରମ, ଅର୍ଜୁନ ହେମ୍ବ୍ରମ, ସୁଧିର ପାତ୍ର ପ୍ରମୁଖ ଜଣାଇଛନ୍ତି।

# ଜିଲ୍ଲାରେ ଜଣ୍ଡିସ ସ୍ଥିତି; ସଂଗ୍ରହ ହୋଇଛି ୩୧ ନମୁନା

ବାଲେଶ୍ୱର, ୭।୭ (ସମିସ)

ଜିଲ୍ଲାରେ ଏବେ ଜଣ୍ଡିସ୍ ସ୍ଥିତି ଦେଖାଦେଇଛି। ଚଳିତ ବର୍ଷ ୨୦୨୬-୨୭ ରେ ଜିଲ୍ଲାର ଦୁଇଟି ସ୍ଥାନରୁ ୩୧ ଜଣଙ୍କଠୁ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଛି। ଏଥିରେ କେହି ହେପାଟାଇଟିସ୍ ଏ ବା ଇ ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ପୌରପାଳିକାର ୨୭ ନମ୍ବର ୱାର୍ଡ ଅନ୍ତର୍ଗତ ମାଣିଖମ୍ବ ଅଞ୍ଚଳରେ ଜଣ୍ଡିସ୍ ରୋଗର ଅନୁସନ୍ଧାନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଏକ ସ୍ୱତନ୍ତ୍ର ଟିମ୍ ପହଞ୍ଚିଥିଲା। ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ପ୍ରଦୀପ କୁମାର କର ଏବଂ ସଂକ୍ରାମକ ରୋଗ ବିଶେଷଜ୍ଞ ଡ଼ା. ଅରୂପ ଅଭିଷେକଙ୍କ ନେତୃତ୍ୱରେ ଆସିଥିବା ଟିମ୍ ଆକ୍ରାନ୍ତ ରୋଗୀମାନଙ୍କୁ ପରାମର୍ଶ ଦେବା ସହ ୧୭ ଜଣଙ୍କ ରକ୍ତ ନମୁନା ଓ ୪ଟି ପାଣି ନମୁନା ପରୀକ୍ଷା ପାଇଁ ସଂଗ୍ରହ କରିଥିଲେ। ଏହି ଟିମ୍‌ରେ ସ୍ୱାସ୍ଥ୍ୟ ପରିଦର୍ଶକ ଅନାୟତ ରେଜାୱାଲ, ଗଦାଧର ବେହେରା, ପ୍ରଜ୍ଞା ପାରମିତା ମହାନ୍ତି, ସହ ପ୍ରବନ୍ଧକ ଶାଶ୍ୱତୀ ମହାପାତ୍ର, ଡ଼ା. ଭବାନୀ ଶଙ୍କର ମହାନ୍ତ, ସ୍ୱାସ୍ଥ୍ୟ କର୍ମୀ ଅର୍ପିତା ମହାପାତ୍ର, ଅଙ୍ଗନୱାଡି କର୍ମୀ ଶୁଭଶ୍ରୀ ପ୍ରିୟଦର୍ଶିନୀ ସି ଏବଂ ଆଶାକର୍ମୀ ମିନତୀ ଦାସ ଉପସ୍ଥିତ ଥିଲେ। ସ୍ଥାନୀୟ କାଉନସିଲର ପଦ୍ମଲୋଚନ ଲେଙ୍କା ଓ ନାରାୟଣ ଦତ୍ତ ପ୍ରମୁଖ ଟିମ୍ କୁ ସହଯୋଗ କରିଥିଲେ।



ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ, ଗତ ୩ ବର୍ଷ ମଧ୍ୟରେ ଜିଲ୍ଲାର ୯ଟି ଭିନ୍ନ ସ୍ଥାନରୁ ଜଣ୍ଡିସ୍ ସନ୍ଦେହରେ ନମୁନା ସଂଗ୍ରହ କରାଯାଇଛି। ମୋଟ ୧୦୧ ଜଣଙ୍କ ନମୁନା ପରୀକ୍ଷା ହୋଇଥିବା ବେଳେ ସେଥିରୁ ୪ ଜଣ ହେପାଟାଇଟିସ୍ ଏ ବା ଇ ରେ ଆକ୍ରାନ୍ତ ଥିବା ଜଣାପଡିଛି। ୨୦୨୪-୨୫ ବର୍ଷରେ ରେମୁଣା ବ୍ଲକର ୫ ନମ୍ବର ୱାର୍ଡ ଅନ୍ତର୍ଗତ ବେଗମପୁର ଓ ଶ୍ରୀଜଙ୍ଗରୁ ୧୭ ଜଣଙ୍କ ନମୁନା ସଂଗ୍ରହ ହୋଇଥିଲା। ଏଥିରୁ ୨ ଜଣ ଜଣ୍ଡିସ୍ ରୋଗୀ ଚିହ୍ନଟ ହୋଇଥିଲେ। ୨୦୨୫-୨୬ ବର୍ଷରେ ସର୍ବାଧିକ ୫ଟି ସ୍ଥାନରୁ ୫୩ ଜଣଙ୍କ ନମୁନା ସଂଗ୍ରହ ହୋଇଥିଲା। ସେଗୁଡିକ ହେଲା ବାଲେଶ୍ୱର ପୌରପାଳିକାର ୧୦ ନମ୍ବର ୱାର୍ଡ ଅଙ୍ଗାରଗଡ଼ିଆ, ବସ୍ତା ବ୍ଲକର ରାଉତପଡା ଓ ସୁଦାମ ସାହି, ବାଲିଆପାଳର ପଞ୍ଚୁପାଲି ଏବଂ ବାହାନଗା ବ୍ଲକର ଗୋପାଳପୁର। ଏଥିରୁ ମଧ୍ୟ ୨ ଜଣ ପଜିଟିଭ୍ ଚିହ୍ନଟ ହୋଇଥିଲେ। ସେହିପରି ୨୦୨୬-୨୭ରେ ଏପର୍ଯ୍ୟନ୍ତ ୨ଟି ସ୍ଥାନରୁ ୩୧ ଜଣଙ୍କ ନମୁନା ପରୀକ୍ଷା ହୋଇସାରିଛି। ଔପଦା ବ୍ଲକର ପୁହୁଣି ଗାଁ ଏବଂ ବାଲେଶ୍ୱର ପୌରପାଳିକାର ୱାର୍ଡ ନମ୍ବର ୨୭ର ମାଣିଖମ୍ବ ଅଞ୍ଚଳରୁ ଏହି ନମୁନା ସଂଗ୍ରହ ହୋଇଥିଲା। ସୌଭାଗ୍ୟବଶତଃ ଏପର୍ଯ୍ୟନ୍ତ କେହି ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି ଯେ, ଜଣ୍ଡିସ୍ ବା ହେପାଟାଇଟିସ୍ ଏ ସାଧାରଣତଃ ଦୂଷିତ ପାଣି ଓ ଖାଦ୍ୟ ବିଶେଷ କରି ରାସ୍ତା କଡ଼ର ଖାଦ୍ୟ ଏବଂ ସେଥିରେ ବ୍ୟବହୃତ ପାଣି ଦ୍ୱାରା ହୋଇଥାଏ। ସେହିପରି ହେପାଟାଇଟିସ୍ ଇ ପାଣି ସହ ମଳ କିମ୍ବା ଅନ୍ୟ ଦୂଷିତ ପଦାର୍ଥ ମିଶିଲେ ହୋଇଥାଏ। ତେଣୁ ବିଶୁଦ୍ଧ ପାଣି ପିଇବା, ଖାଦ୍ୟ ଢାଙ୍କି ରଖିବା ଏବଂ ପରିମଳ ପ୍ରତି ଧ୍ୟାନ ଦେବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଲଗାଣ ବର୍ଷା ସତ୍ତ୍ୱେ ଘଟକେଶ୍ୱରରେ ୧୯% ପାଣି

ବ୍ରହ୍ମପୁର,୭।୭(ସମିସ)



- ବହୁମୁଖୀ ପ୍ରକଳ୍ପର ଲକ୍ଷ୍ୟ ସାଧନକୁ ନେଇ ବଢ଼ିଲା ପ୍ରଶ୍ନ
- ଚାଷ, ପାନୀୟଜଳ, ଶିଳ୍ପ କ୍ଷେତ୍ରର ଭବିଷ୍ୟତକୁ ନେଇ ଆଶଙ୍କା

ଲଗାଣ ବର୍ଷା ପ୍ରଭାବରେ ଗଞ୍ଜାମ ଜିଲ୍ଲାର ପ୍ରାୟ ସମସ୍ତ ପ୍ରମୁଖ ଜଳଭଣ୍ଡାର ପରିପୂର୍ଣ୍ଣ ଅବସ୍ଥାକୁ ଆସିଛି। ଫଳରେ ଚଳିତ ଖରିଫ ଋତୁରେ ଚାଷୀଙ୍କୁ ଜଳଯୋଗାଣ ନେଇ ବଡ଼ ଆଶ୍ୱସ୍ତି ସୃଷ୍ଟି ହୋଇଛି। କିନ୍ତୁ ଜିଲ୍ଲାର ବହୁ ଚର୍ଚ୍ଚିତ ଘଟକେଶ୍ୱର ବହୁମୁଖୀ ପ୍ରକଳ୍ପକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଲଗାତାର ବର୍ଷା ସତ୍ତ୍ୱେ ମଧ୍ୟ ଏହି ଜଳଭଣ୍ଡାରରେ ଆଶାନୁଯାୟୀ ପାଣି ସଂରକ୍ଷିତ ହୋଇପାରିନଥିବାରୁ ପ୍ରକଳ୍ପର କାର୍ଯ୍ୟକାରିତା ଓ ଉଦ୍ଦେଶ୍ୟ ସାଧନକୁ ନେଇ ବିଭିନ୍ନ ମହଲରେ ସନ୍ଦେହ ପ୍ରକାଶ ପାଇଛି। ବିଗତ କିଛି ବର୍ଷ ଧରି ଘଟକେଶ୍ୱର ଜଳଭଣ୍ଡାର ପରିପୂର୍ଣ୍ଣ ହେବା ପାଇଁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଥିବା ନଜରକୁ ଆସିଛି। ଚଳିତବର୍ଷ ମଧ୍ୟ ସମାନ ସ୍ଥିତି ଦେଖାଦେଇଛି। ଏପରି ପରିସ୍ଥିତିରେ ଶହ ଶହ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ବହୁମୁଖୀ ପ୍ରକଳ୍ପ ତାହାର ମୂଳ ଲକ୍ଷ୍ୟ ପୂରଣ କରିପାରୁଛି କି ନାହିଁ, ସେନେଇ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବିଶେଷଜ୍ଞ ମହଲରେ ଆଲୋଚନା ଜୋର ଧରିଛି। ସୂଚନା ଅନୁଯାୟୀ, ୭ତାରିଖ ସୁଦ୍ଧା ଘଟକେଶ୍ୱର ବହୁମୁଖୀ ପ୍ରକଳ୍ପରେ ମାତ୍ର ୧୯.୩ ପ୍ରତିଶତ ପାଣି ସଂରକ୍ଷିତ ରହିଛି। ଏହା ଜିଲ୍ଲାର ଅନ୍ୟ ପ୍ରମୁଖ ଜଳଭଣ୍ଡାରଗୁଡ଼ିକ ସହ ତୁଳନା କଲେ ଯଥେଷ୍ଟ କମ୍। ବାଘଲଟି ଜଳଭଣ୍ଡାରରେ ୭୮.୧ ପ୍ରତିଶତ, ଭଞ୍ଜନଗରରେ ୮୮.୬ ପ୍ରତିଶତ, ବାଘୁଆରେ ୬୭ ପ୍ରତିଶତ, ଡ଼ହରେ ୭୨.୨ ପ୍ରତିଶତ, ଧନେଇରେ ୮୫.୨ ପ୍ରତିଶତ, ଘୋଡ଼ାହାଡ଼ରେ ୯୦.୭ ପ୍ରତିଶତ ଏବଂ ସୋରଡ଼ା ଜଳଭଣ୍ଡାରରେ ୭୮ ପ୍ରତିଶତ ପାଣି ସଂରକ୍ଷିତ ଥିବା ଜଣାପଡ଼ିଛି। ଏଭଳି ତଥ୍ୟ ଘଟକେଶ୍ୱର ପ୍ରକଳ୍ପର ଜଳ ସଂଗ୍ରହ କ୍ଷମତା ଓ ପରିଚାଳନାକୁ ନେଇ ନୂଆ ପ୍ରଶ୍ନ ସୃଷ୍ଟି କରିଛି। ସୂଚନା ପ୍ରକାରେ, ଘଟକେଶ୍ୱର ବହୁମୁଖୀ ପ୍ରକଳ୍ପ ପରିବର୍ଦ୍ଧିତ ଅଟକଳ ଅନୁସାରେ ୩୨୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା।

ପ୍ରକଳ୍ପର ଲକ୍ଷ୍ୟ କେବଳ ଜଳ ସଂରକ୍ଷଣରେ ସୀମିତ ନଥିଲା। କୁକୁଡ଼ାଖଣ୍ଡି, ବ୍ରହ୍ମପୁର, ରଙ୍ଗେଇଲୁଣ୍ଡା ଆଦି ଅଞ୍ଚଳରେ ଭୂତଳ ଜଳସ୍ତରରେ ଉନ୍ନତି ଆଣିବା, ୭୧୦ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇବା, ଖରିଫ ସହ ରବି ଚାଷକୁ ପ୍ରୋତ୍ସାହନ ଦେବା, ମାଛଚାଷର ବିକାଶ କରିବା ଏବଂ ଗୋପାଳପୁର ଇଣ୍ଡଷ୍ଟ୍ରିଆଲ ଅଞ୍ଚଳକୁ ପ୍ରତିଦିନ ୧୦ ଏମ୍ଏଲ୍ଡି ପାଣି ଯୋଗାଇବା ଏହାର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ତେବେ ଏହି ସବୁ ଲକ୍ଷ୍ୟ କେତେଦୂର ସାଧିତ ହୋଇଛି, ସେନେଇ ସ୍ପଷ୍ଟ ସୂଚନା ସାଧାରଣ ଲୋକଙ୍କ ସାମ୍ନାକୁ ଆସିପାରୁନି। ବିଶେଷ କରି ଲଗାତାର ବର୍ଷା ପରେ ମଧ୍ୟ ଯେତେବେଳେ ଜଳଭଣ୍ଡାରରେ ମାତ୍ର ୧୯.୩ ପ୍ରତିଶତ ପାଣି ରହିଛି, ସେତେବେଳେ ଭବିଷ୍ୟତରେ ଚାଷ, ପାନୀୟଜଳ ଓ ଶିଳ୍ପ କ୍ଷେତ୍ର ପାଇଁ ଏହା କେତେ ଉପଯୋଗୀ ହେବ, ତାହାକୁ ନେଇ ସନ୍ଦେହ ବଢ଼ିଛି। ଘଟକେଶ୍ୱର ବହୁମୁଖୀ ପ୍ରକଳ୍ପର କାର୍ଯ୍ୟ ୨୦୨୧ ମସିହା ଡିସେମ୍ବର ମାସରେ ଆରମ୍ଭ ହୋଇଥିବା ବେଳେ ୨୦୨୨ ମସିହା ଏପ୍ରିଲ ମାସରେ ଏହାକୁ ତ୍ୱରାନ୍ୱିତ କରାଯାଇଥିଲା। ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ବ୍ଲକର କଙ୍କିଆଠାରେ ନିର୍ମିତ ଏହି ପ୍ରକଳ୍ପର ଡ୍ୟାମ୍‌ର ଲମ୍ବ ୨୬୬ ମିଟର ଏବଂ ଉଚ୍ଚତା ୩୯ ମିଟର। ବିଭାଗୀୟ ସୂତ୍ର ଅନୁସାରେ ଡ୍ୟାମ୍‌ର ଜଳଧାରଣ କ୍ଷମତା ୮୫୯ ହେକ୍ଟର ମିଟର। ବନ୍ୟାଜଳ ନିଷ୍କାସନ ପାଇଁ ଡ୍ୟାମ୍‌ରେ ୩ଟି ଗେଟ୍ ସ୍ଥାପନ କରାଯାଇଛି। ପ୍ରତ୍ୟେକ ଗେଟ୍ ୩ମିଟର ଲମ୍ବ ଓ ୬ ମିଟର ଉଚ୍ଚତା ବିଶିଷ୍ଟ। ଜମିକୁ ଜଳସେଚନ ପାଇଁ ଭୂମି ତଳେ ପାଇପ୍ ବିଛାଯାଇଥିବା ମଧ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ବ୍ରହ୍ମପୁର ସହରଠାରୁ ପ୍ରାୟ ୨୦କିଲୋମିଟର ଦୂରରେ ଅବସ୍ଥିତ ଏହି ପ୍ରକଳ୍ପ ୨୩.୫୫ ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ। ପ୍ରକଳ୍ପ ଦ୍ୱାରା କୁକୁଡ଼ାଖଣ୍ଡି ବ୍ଲକର ୪ଟି ଗ୍ରାମର ଚାଷଜମିକୁ ଜଳସେଚନ ସୁବିଧା ମିଳିବ ବୋଲି ଆକଳନ କରାଯାଇଥିଲା। ଏହା ବ୍ୟତୀତ ବ୍ରହ୍ମପୁର ସହର ଏବଂ ଆଖପାଖ ଅଞ୍ଚଳର ୧ ଲକ୍ଷରୁ ଅଧିକ ଲୋକଙ୍କୁ ପାନୀୟଜଳ ଯୋଗାଇବା ନେଇ ମଧ୍ୟ ପ୍ରଶାସନ ଲକ୍ଷ୍ୟ ରଖିଥିଲା। ତେବେ ପ୍ରକଳ୍ପକୁ ନେଇ ଯେଉଁ ସ୍ୱପ୍ନ ଦେଖାଯାଇଥିଲା ଏବଂ ବର୍ତ୍ତମାନର ବାସ୍ତବ ସ୍ଥିତି ମଧ୍ୟରେ ଫରକ୍ ସ୍ପଷ୍ଟ ଦେଖାଯାଉଛି। ଜଳଭଣ୍ଡାରରେ ଆଶାନୁଯାୟୀ ପାଣି ସଂରକ୍ଷିତ ନହେବା ପଛରେ ପ୍ରାକୃତିକ କାରଣ ନା ଅନ୍ୟକଣ ତ୍ରୁଟି ରହିଛି, ତାହାର ସମୀକ୍ଷା ଆବଶ୍ୟକ ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଉଛି। ଅନ୍ୟପଟେ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ହେଉଛି, ପ୍ରକଳ୍ପ ନିର୍ମାଣ ସମୟରେ ଯେଉଁ ସବୁ ପ୍ରତିଶ୍ରୁତି ଦିଆଯାଇଥିଲା, ସେଥିରୁ ଅନେକ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପେ ସାକାର ହୋଇନାହିଁ। ତେଣୁ ଏହି ପ୍ରକଳ୍ପର ପ୍ରକୃତ କାର୍ଯ୍ୟଦକ୍ଷତା, ଜଳ ସଂରକ୍ଷଣର ବାସ୍ତବ ସ୍ଥିତି ଏବଂ ଲକ୍ଷ୍ୟ ପୂରଣ ନେଇ ସରକାର ଓ ସମ୍ପୃକ୍ତ ବିଭାଗ ସ୍ପଷ୍ଟୀକରଣ ଦେବା ସହ ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନେବାକୁ ଦାବି ଜୋର ଧରିଛି। ଏନେଇ ଆମେ ବିଭାଗର ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନି।

## ଶିକ୍ଷୟିତ୍ରୀଙ୍କ ମାଡ଼ରେ ତୃତୀୟ ଶ୍ରେଣୀ ଛାତ୍ର ଆହତ



ବ୍ରହ୍ମପୁର, ୭।୭ (ସମିସ): ଲାଞ୍ଜିପଲ୍ଲୀ ମୁଖ୍ୟ ରାସ୍ତା ପାଶ୍ୱରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜଣେ ଛାତ୍ରଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ଜଣେ ଶିକ୍ଷୟତ୍ରୀଙ୍କ ମାଡ଼ରେ ତୃତୀୟ ଶ୍ରେଣୀରେ ପଢୁଥିବା ଛାତ୍ର ଗୁରୁ ଦାସ(୭)ଙ୍କ ବାମ ହାତର କହୁଣୀ ନିକଟ ଗଭିର ଆଘାତ ଲାଗିଛି। ପରିବାର ପକ୍ଷରୁ ଗୁରୁଙ୍କ ଶୁକ୍ରବାର ଏମକେସିଜି ମେଡ଼ିକାଲରେ ଚିକିତ୍ସା କରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଗତ ଗୁରୁବାର ପାଠପଢ଼ା ସମୟରେ ଛାତ୍ର ଜଣଙ୍କ କ୍ଲାସରେ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ଏହି ନେଇ ଶିକ୍ଷୟତ୍ରୀ ଜଣଙ୍କ ଛାତ୍ରଙ୍କୁ ମାଡ଼ ମାରିଥିବା ବେଳେ ତାଙ୍କ ହାତରେ ଗଭିର ଆଘାତ ଲାଗିଥିଲା। ପରେ ଛାତ୍ର ଜଣଙ୍କ ଘରକୁ ଆସି ମାଆଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଅନ୍ୟପକ୍ଷରେ ବିଦ୍ୟାଳୟ ପରିସର ଦଣ୍ଡମୁକ୍ତ ଅଞ୍ଚଳ ରହିଥିବା ବେଳେ ଛାତ୍ରଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ମାଡ଼ ମାରିବା ଘଟଣାକୁ ଅଭିଭାବକ ବିରୋଧ କରିଛନ୍ତି। ବିନା କାରଣରେ ପିଲାଙ୍କୁ ମାଡ଼ ମାରିଥିବା କାରଣରୁ ଉକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାରବର୍ଗ ଦାବି କରାଯାଇଛି। ଅଭିଯୋଗକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ପାଇଁ ଚେଷ୍ଟା କରାଯାଇଥିବା ବେଳେ ତାହା ସମ୍ଭବ ହୋଇପାରିନଥିଲା।

## ବାଇକ୍ ଚୋରି ଅଭିଯୋଗ; ଦୁଇ ଗିରଫ

ବ୍ରହ୍ମପୁର,୭।୭(ସମିସ): ବାଇକ ଚୋରି କରିବା ଅଭିଯୋଗରେ ଗୋଷାଣୀନୁଆଗାଁ ଥାନା ପୁଲିସ ଦୁଇ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଦୁଇ ଜଣ ହେଲେ ନୀଳକଣ୍ଠ ନଗର ପ୍ରଥମ ଲାଇନର ସୁନୀଲ ପଟ୍ଟନାୟକ(୨୨) ଓ ଅନ୍ଧପସରା ମେନ ରୋଡ଼ର ସରୋଜ ନାହାକ(୨୩) । ବ୍ରହ୍ମପୁର ଷ୍ଟେସନ ରୋଡ଼ ଠାରେ ରହୁଥିବା ଧୋବା ସାହି ନିବାସୀ ତନ୍ମୟ ପାତ୍ରଙ୍କ ଷ୍ଟେସନ ରୋଡ଼ ଠାରେ ଥିବା ଅରବିନ୍ଦ ଲୋର୍ଜ ନିକଟରୁ ବାଜାଜ୍ ଡିସକଭର୍ (ଓଡ଼ି୦୭ଏଏ୮୧୧୪)ନମ୍ବର ବିଶିଷ୍ଟ ଗାଡ଼ିକୁ କୌଣସି ଦୁର୍ବୃତ୍ତ ଚୋରି କରି ନେଇଯାଇଥିବା ନେଇ ଜୁନ ୩୦ତାରିଖରେ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ତଦନ୍ତ ବେଳେ ଘଟଣାର ଆଖ ପଖାରେ ଲାଗିଥିବା ସିସିଟିଭି ଫୁଟେଜକୁ ସଂଗ୍ରହ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା ପୁଲିସ। ଆଜି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହ ସେମାନଙ୍କ ଠାରୁ ଦୁଇ ଚୋରି ଗାଡ଼ି ଉଦ୍ଧାର କରିଥିବା ଜଣାପଡ଼ିଛି। ସରୋଜଙ୍କ ନାମରେ ପୂର୍ବରୁ ବଡ଼ ବଜାର ଓ ଗୋଷାଣୀନୂଆଗାଁ ଥାନାରେ ଚୋରି ଓ ହତ୍ୟା ଧମକ ମାମଲା ରହିଥିବା ପୁଲିସ ତଦନ୍ତରେ ଜଣାପଡ଼ିଛି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ; ହତ୍ୟା ଅଭିଯୋଗ

ବ୍ରହ୍ମପୁର,୭।୭(ସମିସ): ଲୋଚାପଡ଼ା ରେଡ଼ିଓଷ୍ଟେସନ ନିକଟସ୍ଥ ଲକ୍ଷ୍ମୀନଗରରେ ରହୁଥିବା ମହିଳା ଟି.ଲଳିତା ରାଓ(୩୦)ଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ ଯେ, ଲୋଚାପଡା ଲକ୍ଷ୍ମୀ ନଗରରେ ଲଳିତା ଓ ତାଙ୍କ ସ୍ୱାମୀ ଟି. ସୁଧାକର ରାଓ ରହୁଥିଲେ। ଉଭୟେ ପ୍ରେମ ବିବାହ କରିଥିବା ହେତୁ ବିଭିନ୍ନ କଥାକୁ ନେଇ ପ୍ରାୟ ଝଗଡ଼ା ହେଉଥିଲା। ତାଙ୍କର ଦୁଇଟି ସନ୍ତାନ ରହିଛି। ଗୋଟିଏ ପୁଅ ଓ ଝିଅ । ସୋମବାର ସକାଳେ ଲଳିତାଙ୍କ ପୁଅ ଓ ଝିଅ ସ୍କୁଲ ଯିବା ପରେ ସେ ଘରେ ଏକା ଥିଲେ। ସୁଧାକର କାମ ସାରି ମଧ୍ୟାହ୍ନରେ ଘରକୁ ଫେରି ଦେଖିବା ବେଳେ ତାଙ୍କ ସ୍ତ୍ରୀ' ଲଳିତା ବେକରେ ଶାଢ଼ୀ ଲଗାଇ ଝୁଲୁଥିଲେ। ସେ ବଞ୍ଚିଥିବା ଭାବି ତାଙ୍କୁ ଉଦ୍ଧାର କରି ସିଟି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉକ୍ତ ମହିଳାଙ୍କ ମୃତ୍ୟୁ ଘୋଷଣା କରିଥିଲେ।

ଖବର ପାଇ ଟାଉନ ଥାନା ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ପଞ୍ଚନାମା କରିଥିଲା। ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ବ୍ୟବଚ୍ଛେଦ ପାଇଁ ଏଫଏମଟି ବିଭାଗକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ସାଇଣ୍ଟିଫିକ ଟିମ ସହାୟତାରେ ପୁଲିସ ଘଟଣାର ତଦନ୍ତ କରି ବହୁ ତଥ୍ୟ ସଂଗ୍ରହ କରିଛି। ସେପଟେ ଝିଅ ଲଳିତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଜ୍ୱାଇଁ ପୁଅ ସୁଧାକର ଦେଉଥିଲେ ବୋଲି ଅଭିଯୋଗ କରିଛନ୍ତି ଲଳିତାଙ୍କ ବାପା ଲକ୍ଷ୍ମଣ ରାଓ। ଜ୍ୱାଇଁ ପୁଅ ହିଁ ଝିଅ ଲଳିତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଛି ବୋଲି ମୃତକଙ୍କ ବାପା ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ଲଳିତାଙ୍କ ସ୍ୱାମୀ ସୁଧାକାରଙ୍କୁ ଥାନାରେ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି। ପୁଲିସ ତଦନ୍ତ ବେଳେ ଜଣାପଡିଛି ଯେ, ଉଭୟେ ଗୋଟେ ଘରେ ରହୁଥିବା ବେଳେ ଦୀର୍ଘ ଦେଢ଼ ମାସ ହେବ ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ବନ୍ଦ ରହିଥିଲା। ତେବେ କେଉଁ କାରଣ ଯୋଗୁଁ ଏହି କାଣ୍ଡ ଘଟିଛି ନା ଘଟାଯାଇଛି ତାହାର ତଦନ୍ତ ଜାରି ରଖିଛି ପୁଲିସ।

- ଗଞ୍ଜାମ ଜିଲ୍ଲା ଶିଶୁ ମଙ୍ଗଳ କମିଟି ପୁନର୍ଗଠିତ

## ଟି. ସୁଶାନ୍ତ ଅଧ୍ୟକ୍ଷ, କମିଟିରେ ଦୁଇ ମହିଳା ଓ ଦୁଇ ପୁରୁଷ ସଦସ୍ୟ



ବ୍ରହ୍ମପୁର,୭।୭(ସମିସ): ଗଞ୍ଜାମ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ପୁନର୍ଗଠନ କରାଯାଇଛି। ଏନେଇ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଗତ ଜାରି ବିଜ୍ଞପ୍ତିରୁ ଜଣାପଡିଛି। ଜାରି ବିଜ୍ଞପ୍ତି ପ୍ରକାରେ ଗଞ୍ଜାମ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷଭାବେ ଶ୍ରୀ ଟି. ସୁଶାନ୍ତଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ସଦସ୍ୟ ଭାବେ ସୌଦାମିନୀ ସାହୁ, ହରିହର ପାଢୀ, ସୁଭଦା ରାଣୀ ନାୟକ ଓ ଜଗନ୍ନାଥ ଚୌଧୁରୀଙ୍କୁ କମିଟିରେ ସାମିଲ କରାଯାଇଛି। ଗତ ୫ତାରିଖ ଠାରୁ ଏହି ନୂତନ କମିଟିର କାର୍ଯ୍ୟକାଳ ଆରମ୍ଭ ହୋଇଥିବା ବେଳେ ଆଗାମୀ ୩ବର୍ଷ ପାଇଁ କମିଟିର କ୍ଷମତା ବଳବତ୍ତର ରହିବ ବୋଲି ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି।

## ଚିକିଟି ପଞ୍ଚାୟତ ସମିତିର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟର ଉପ-ନିର୍ବାଚନ ସ୍ଥଗିତ

ଛତ୍ରପୁର, ୭।୭(ସମିସ): ମାନ୍ୟବର ହାଇକୋର୍ଟଙ୍କ ସ୍ଥଗିତାଦେଶ ପରେ ଜୁଲାଇ ୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଗଞ୍ଜାମର ଚିକିଟି ପଞ୍ଚାୟତ ସମିତିର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟର ଉପ-ନିର୍ବାଚନ ସ୍ଥଗିତ ରଖାଯାଇଛି। ତେଣୁ, ୮ ଜୁଲାଇ, ୨୦୨୬ରେ ଅନୁଷ୍ଠିତ ହେବାକୁ ଥିବା ଉପ-ନିର୍ବାଚନ ପରିଚାଳନା ସମ୍ପର୍କିତ ସମସ୍ତ କାର୍ଯ୍ୟ ମାନ୍ୟବର ହାଇକୋର୍ଟଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରହିବ। ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ଏବଂ ନିର୍ଦ୍ଦେଶ ଅନୁଯାୟୀ ଏହି ମାମଲାରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

କମ୍ପାନୀ ତଥ୍ୟ ହଡ଼ପ କରି ୧୦ କୋଟି ଟଙ୍କା ଦାବି କରିବା ଘଟଣା

## ଅଭିଯୁକ୍ତକୁ ବ୍ରହ୍ମପୁରରୁ ଉଠାଇନେଲା ଅହମ୍ମଦାବାଦ ପୁଲିସ

ବ୍ରହ୍ମପୁର,୭।୭(ସମିସ)

ଗୁଜୁରାଟ ଅହମ୍ମଦାବାଦ ସାଇବର ଥାନା ପୁଲିସ ବ୍ରହ୍ମପୁରର ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ଆମ୍ବମାର୍କେଟ ନିକଟ ମିନାକ୍ଷୀନଗର ୩ୟ ଲାଇନର କେ. ଲୋକନାଥ ସୁବୁଦ୍ଧି(୫୯)। ଲୋକନାଥ ଅହମ୍ମଦାବାଦରେ ଥିବା ନିଜ କମ୍ପାନୀର ତଥ୍ୟ ଚୋରି କରି ୧୦ କୋଟି ଟଙ୍କା ଦାବି କରୁଥିବା ଅଭିଯୋଗ ହୋଇଥିଲା। ସେହିକ୍ରମରେ ସେଠାକାର ପୁଲିସ ଗତକାଲି ରାତିରେ ବ୍ରହ୍ମପୁରରେ ପହଞ୍ଚି ଲୋକନାଥଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ ନେଇଛି। ସୂଚନାପ୍ରକାରେ, କଟକ ବିଡାନାସୀ ବନ୍ଧଛକ ନିକଟର ସାଇ ଆପାର୍ଟମେଣ୍ଟରେ ରହୁଥିବା ଲୋକନାଥ ଆଜକୁ ୩୪ ବର୍ଷ ହେବ ଅହମଦବାଦର ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ। କିଛି ମାସ ତଳେ ସେ ନିଜ କମ୍ପାନୀର ତଥ୍ୟ ଚୋରି କରି ତାହାକୁ ପ୍ରଘଟ କରିବାକୁ ଧମକ ଦେଇ ୧୦ କୋଟି ଟଙ୍କା ଦାବି କରିଥିଲେ। ଘଟଣାକୁ ନେଇ କମ୍ପାନୀ ପକ୍ଷରୁ ଅହମଦାବାଦ ସାଇବର ଥାନାରେ ଅଭିଯୋଗ କରାଯାଇଥିଲା।

ପୁଲିସ ଚଳିତମାସ ୩ ତାରିଖରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ଲୋକନାଥ ବ୍ରହ୍ମପୁର ଗୋସାଇଁନୂଆଗାଁ ଥାନା ଅଞ୍ଚଳରେ ରହୁଥିବା ଜଣାପଡିବା ପରେ ସେଠାକାର ଏକ ପୁଲିସ ଟିମ ବ୍ରହ୍ମପୁରରେ ପହଞ୍ଚିଥିଲା। ଗୋସାଇଁନୂଆଗାଁ ଥାନା ପୁଲିସ ସହାୟତାରେ ଲୋକନାଥକୁ ତାଙ୍କ ଘରୁ କାବୁ କରାଯିବା ପରେ ଟ୍ରାଞ୍ଜିଟ ରିମାଣ୍ଡ ପାଇଁ ବ୍ରହ୍ମପୁର ଏସଡିଜେଏମ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ୪ ଦିନିଆ ଟ୍ରାଞ୍ଜିଟ ରିମାଣ୍ଡ ଅନୁମତି ଦେବା ପରେ ଅହମଦାବାଦ ପୁଲିସ ଲୋକନାଥଙ୍କୁ ସାଙ୍ଗରେ ଧରି ଯାଇଥିଲା। ଅଭିଯୁକ୍ତ ଲୋକନାଥ ନାମରେ ଜାଲିଆତି, ତଥ୍ୟ ଚୋରି, ବିଶ୍ୱାସଭଙ୍ଗ ଭଳି ବିଏନଏସ ଦଫା ସମେତ ଆଇଟି ଆକ୍ଟରେ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

## ଚକ୍‌ଖଡ଼ିରେ ଇଞ୍ଜିନିୟରଙ୍କ ଫିଫା ବିଶ୍ୱକପ୍ କଳାକୃତି

ବ୍ରହ୍ମପୁର,୭।୭(ସମିସ)

ଚକ୍‌ଖଡ଼ିରେ ଫିଫା ବିଶ୍ୱକପ୍ କଳାକୃତି କରି ଚର୍ଚ୍ଚାରେ ବ୍ରହ୍ମପୁର ଉପକଣ୍ଠ ଡୁରା ନିବାସୀ ତଥା ଯୁବ ଇଂଜିନିୟର କେ.ବିଜୟକୁମାର ରେଡି। ବିଜୟ ଚକ୍‌ରେ ମାତ୍ର ୧ସେଣ୍ଟିମିଟର ଉଚ୍ଚତା ବିଶିଷ୍ଟ ଫିଫା ବିଶ୍ୱକପ୍ ଟ୍ରଫି ସହିତ ୦.୫ ମିଲିମିଟର ଆକାରରେ ଏକ ଫୁଟବଲ୍ ପ୍ରସ୍ତୁତ କରିବା ସହିତ ଏହାକୁ ପ୍ରତିନିଧିତ୍ୱ କରୁଥିବା ତିନୋଟି କ୍ଷୁଦ୍ର ମାସ୍କଟ୍‌କୁ ନିଜର କଳାକୃତିରେ ଅତ୍ୟନ୍ତ ନିଖୁଣ ଭାବେ ପ୍ରସ୍ତୁତ ଦେଖିବାକୁ ମିଳିଛି । ବର୍ତ୍ତମାନ ଚାଲିଛି ଫିଫା ବିଶ୍ୱକପର ଗୋଟିଏ ପରେ ଗୋଟିଏ ମ୍ୟାଚ୍ । ଆଜି ପ୍ରି-କ୍ୱାର୍ଟର ଫାଇନାଲରେ ଦୁଇ ଟାଇଟାଲ ଦାବିଦାର କୁହାଯାଉଥିବା ପର୍ତ୍ତୁଗାଲ ଓ ସ୍ପେନ ଭଳି ହେଭିୱେଟ ଟିମ୍ ପରସ୍ପରକୁ ଭେଟିବା ସହିତ ଦୁଇ ଟିମ୍ ମଧ୍ୟରେ ହେବ ମୁକାବିଲା । ଗତ କିଛି ଦିନ ଧରି ଫିଫା ବିଶ୍ୱକପର ବିଭିନ୍ନ ମ୍ୟାଚ୍ ଦର୍ଶକଙ୍କ ପାଇଁ ବେଶ ଆକର୍ଷଣୀୟ ରହିଥିବା ବେଳେ ଏଭଳି ଲୋକପ୍ରିୟତା ସମୟରେ ଅଭିନବ ଢଙ୍ଗରେ ଏହାକୁ ନିଜର କଳାକୃତିରେ ସ୍ଥାନୀତ କରିଛନ୍ତି ବ୍ରହ୍ମପୁରର ଯୁବ ଶିଳ୍ପୀ ତଥା ବୈଦ୍ୟୁତିକ ବିଭାଗର ଯନ୍ତ୍ରୀ କେ. ବିଜୟ କୁମାର ରେଡି । ବିଜୟ ବ୍ରହ୍ମପୁର ଉପକଣ୍ଠ ପାରାଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟରେ



ଅଧ୍ୟୟନ କରୁଥିବା ସମୟରେ ହିଁ ଏପରି ନିଜର ଅନେକ କଳାକୃତି ପ୍ରସ୍ତୁତ କରି ଅନେକ ରେକର୍ଡର ଅଧିକାରୀ ହୋଇଥିବା ବେଳେ ବର୍ତ୍ତମାନ ଜିଲ୍ଲାର ଆସିକା ଠାରେ ଜଣେ ବୈଦ୍ୟୁତିକ ଯନ୍ତ୍ରୀ ଭାବରେ କାର୍ଯ୍ୟ କରୁଥିଲେ ମଧ୍ୟ ନିଜ ମଧ୍ୟରେ ରହିଥିବା କଳାକୁ ନେଇ ଭଳିକି ଭଳି କଳାକୃତି ପ୍ରସ୍ତୁତ କରି ଆସୁଥିବା ଦେଖାଯାଇଛି।

ବିଶ୍ୱକପ୍-୨୦୨୬କୁ ତିନୋଟି ଦେଶ ଆମେରିଆ , ମେକ୍ସିକୋ ଏବଂ କାନଡା ମିଳିତ ଭାବରେ ଆୟୋଜନ କରୁଥିବା ବେଳେ ସେ ଫୁଟବଲ କୁ ଚକ୍ ରେ ପ୍ରସ୍ତୁତ କରିଥିବା କହିଛନ୍ତି। ଯାହାର ଉଚ୍ଚତା ୫ ଏମ୍.ଏମ୍ ରହିଥିବା ବେଳେ ବିଶ୍ୱକପ୍ ଟ୍ରଫିକୁ ୧ସେଣ୍ଟିମିଟର ଉଚ୍ଚତା ରଖାଯାଇଛି । ଏପରିକି ଏହାକୁ ପ୍ରତିନିଧିତ୍ୱ କରୁଥିବା ତିନୋଟି ଦେଶର ମାସ୍କୋଟକୁ ପ୍ରସ୍ତୁତ କରାଯାଇଥିବା ବେଳେ ଏହାର ଉଚ୍ଚତା ୩ ସେଣ୍ଟିମିଟର ରହିଛି । ବିଜୟଙ୍କ କହିବା ଅନୁଯାୟୀ, ଏହି କଳାକୃତି ମାଧ୍ୟମରେ ସେ ଫୁଟବଲ୍ ପ୍ରତି ଥିବା ଭଲପାଇବା ସହ ଓଡ଼ିଶାର ସୂକ୍ଷ୍ମ କଳାକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଚାହୁଁଛନ୍ତି। ତାଙ୍କର ଏହି ନୂତନ ସୃଷ୍ଟି ସୋସିଆଲ୍ ମିଡିଆରେ ମଧ୍ୟ ପ୍ରଶଂସିତ ହେଉଛି ଏବଂ କଳାପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରୁଛି।

## ବନ ମହୋତ୍ସବ ସପ୍ତାହରେ ଉତ୍କଳ ବିଦ୍ୟାପୀଠରେ ଚାରାରୋପଣ



ବ୍ରହ୍ମପୁର,୭।୭(ସମିସ)

ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଲାଠି ସ୍ଥିତ ଉତ୍କଳ ବିଦ୍ୟାପୀଠ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଚିତ୍ରା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଡ଼. ଶଙ୍କର ନାରାୟଣ ବେଜ, ବିଦ୍ୟାଳୟ ଉନ୍ନୟନ କମିଟିର ସଦସ୍ୟ ଗୋପାଳକୃଷ୍ଣ ପାଢ଼ୀ ଓ ପୂର୍ବତନ ଛାତ୍ର ଆଶିଷ କୁମାର ସାବତ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ। ଏ ଅବସରରେ ପରିବେଶ ସୁରକ୍ଷା, ସବୁଜ ବନାୟନର ଆବଶ୍ୟକତା ଏବଂ ପ୍ରତ୍ୟେକ ବ୍ୟକ୍ତି ଅତି କମରେ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଚାରା ରୋପଣ କରି ବୃକ୍ଷ ସୁରକ୍ଷା ପ୍ରତି ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ, ଭାଗ୍ୟଲାତା ସାହୁ, ଦୀପ୍ତି କୁମାରୀ ପାଢ଼ୀ, ଜିତେନ୍ଦ୍ର ସେଠୀ, ଅବନୀ କୁମାର ଡାକୁଆ, ଯୋଗମାୟା ପଟ୍ଟନାୟକ, ପ୍ରଦୀପ କୁମାର ପଣ୍ଡା, ବିଭୂତି ଭୂଷଣ ଜାନି, ମୋହିନୀ ଶବର, ସ୍ୱାଗତିକା ବେହେରା, ଶ୍ୱେତାଲୀନା ପଣ୍ଡା ଓ କିରାଣୀ ଅଜିତ କୁମାର ସାବତଙ୍କ ସମେତ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

ଏସ୍‌ଏଚ୍‌ଜିର ଋଣ ଟଙ୍କା ହେରଫେର କରିବା ଘଟଣା

## ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିଲେ ମହିଳା

ଛତ୍ରପୁର,୭।୭(ସମିସ)



ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ବାଘଲା ପଂଚାୟତର ପାଲିଆମ୍ମା ଗ୍ରାମର ମା କାଳୀଜାଇ ସ୍ୱୟଂ ସହାୟିକା ଗୋଷ୍ଠୀର ଋଣ ଟଙ୍କା ସିଆରପି ଏବଂ ବ୍ୟାଙ୍କ ମ୍ୟାନଜର ମିଳିତ ଭାବେ ହେରଫେର କରିଥିବା ନେଇ ଏସଏଚଜି ବହୁ ମହିଳା ମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସଚ୍ଚିଦାନନ୍ଦ ନାୟକଙ୍କୁ ଭେଟି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି ସରକାରଙ୍କ ପକ୍ଷରୁ ଏସଏଚଜି ମାନଙ୍କୁ ଋଣ ଦେଇ ସ୍ୱାବଲମ୍ବି କରିବା ନିମନ୍ତେ ବିଭିନ୍ନ ସୁବିଧା କରିଥିବା ବେଳେ ତାହାକୁ ବାଟମାରଣା କରାଯାଉଛି। କିଛି ଅଶିକ୍ଷିତ ଏବଂ ବୟସ୍କ ମହିଳା ମାନେ ଏହାର ଶିକାର ହେଉଛନ୍ତି। ଏପରି ଘଟଣାର ଅଭିଯୋଗ ଆସିଛି ମା କାଳୀଜାଇ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ସେମାନେ ୧୦ ଲକ୍ଷ ଟଙ୍କା ଋଣ ଆଣିବା ନିମନ୍ତେ ଓଡିଶା ଗ୍ରାମୀଣ ବ୍ୟାଙ୍କ ଯାଇଥିଲେ। ମାତ୍ର ସେମାନଂକୁ ୧୦ ଲକ୍ଷ ଟଙ୍କା ବଦଳରେ ୯ ଲକ୍ଷ ୩୯ ହଜାର ୧୫୪ ଟଙ୍କା ଦିଆଯାଇଛି। ଏହାସହ ଜଣଙ୍କୁ ୮୨ ହଜାର ଟଙ୍କା ଦିଆଯାଇଛି। ଏ ସମ୍ପର୍କ ରେ ଗ୍ରୁପ ସଭାନେତ୍ରୀ, ସମ୍ପାଦିକା, ସିଆରପି ଏବଂ ବ୍ୟାଙ୍କ ମ୍ୟାନଜର ପଚାରି ଥିଲେ ମଧ୍ୟ କିଏ ବି ସଠିକ ଉତ୍ତର ଦେଉ ନାହାନ୍ତି। ଏଣୁ ଏହାର ସଠିକ ଭାବେ ତଦନ୍ତ କରି ନ୍ୟାୟ ପ୍ରଦାନ କରିବା ନିମନ୍ତେ ସେମାନେ ଅନୁରୋଧ କରିଛନ୍ତି।

## ଅବଧି ସରିବାକୁ ଦେଢ଼ମାସ ବାକି

# ସାନକୋରୁଆ-ଦୁରାସାହି ରାସ୍ତା ଅଧପନ୍ତରିଆ

ଗରଦପୁର,୭।୭ (ସମିସ)

ବର୍ଷାରେ ବେହାଲ ସାନକୋରୁଆରୁ ଦୁରାସାହି ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ମାଣଧୀନ ରାସ୍ତା। ରାସ୍ତା ସାରା ଖାଲ ଓ ସେଥିରେ ପାଣି ଭର୍ତ୍ତି ହୋଇରହିଛି। ସାଧାରଣ ବାଟୋଇ ଯିବା କାଠିକର ପାଠ ହେଉଥିବାବେଳେ ଗାଡ଼ି କଥା ନ କହିବା ଭଲ। ଏପରି ସ୍ଥଳେ ନିର୍ମାଣାଧୀନ ରାସ୍ତାଟି କୋମାରେ ଥିବା ଭଳି ମନେ ହେଉଥିବାବେଳେ ବିଭାଗୀୟ ଅଧିକାରୀ ଶୋଇ ରହିଥିବା ଜନସାଧାରଣଙ୍କୁ ଚକିତ କରିଛି। ଏହି ନିର୍ମାଣଧୀନ ୬ କିମି ୫୦୦ ରାସ୍ତାକୁ ୬ କୋଟି ୫୭ ଲକ୍ଷ ୬୩ ହଜାର ଟଙ୍କା ବ୍ୟୟ ଅଟକଳ ଟେଣ୍ଡରକୁ ଅନନ୍ତ ପ୍ରସାଦ ମଲ୍ଲିକ ନାମକ ଠିକାଦାର କାର୍ଯ୍ୟାଦେଶ ନେଇଥିଲେ। ହେଲେ ବିଭାଗୀୟ ଉଦାସୀନତା ଓ ଠିକାଦାର ମନମାନୀ ସହ ବେଖାତିରି ନୀତି ଯୋଗୁଁ କାର୍ଯ୍ୟ କଚ୍ଛପ ଗତିରେ ଚାଲୁଥିବା ହେତୁ ଅଧାପନ୍ତରିଆ ଭାବେ ଗଡି ଚାଲିଛି। ଉକ୍ତ କାର୍ଯ୍ୟ ଗତବର୍ଷ ୨୦୨୫ ଅଗଷ୍ଟ ମାସରେ ଆରମ୍ଭ ହୋଇ ଚଳିତ ବର୍ଷ ଅଗଷ୍ଟ ୧୭ ତାରିଖରେ ସଂପୂର୍ଣ୍ଣ ହେବା ପାଇଁ ବିଭାଗୀୟ ସୂଚନା ଫଳକରେ ଉଲ୍ଲେଖ ରହିଛି। ତେବେ ଅବଧି ସରିବାକୁ ଆଉ ମାତ୍ର ଦେଢ଼ମାସ ବାକି ଥିବାବେଳେ ଆଜି ପର୍ଯ୍ୟନ୍ତ ଅଧା କାମ ହୋଇ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। କାର୍ଯ୍ୟାଦେଶ ନେଇଥିବା ଠିକାଦାର କେବଳ ପୂର୍ବରୁ ଥିବା ଢଲେଇ ରାସ୍ତା ଉଭୟ ପାଶ୍ୱର୍ରେ ୩ ଫୁଟ ଓସାର କରି ସାନକୋରୁଆଠାରୁ ମାତ୍ର ୨ କିମି ଓ ଚାଞ୍ଚୋଳଠାରୁ ମାହଳ ପର୍ଯ୍ୟନ୍ତ ୨ କିମି ଢଲେଇ ଶେଷ କରିଛନ୍ତି। ଉକ୍ତ କାର୍ଯ୍ୟ ନିରୀକ୍ଷଣ କରିବାକୁ ଆସିଥିବା ଅଧୀକ୍ଷଣ ଯନ୍ତ୍ରୀ ସୂଚନା ଦେବା ମୁତାବକ, ଯେଉଁଠି କଂକ୍ରିଟ ଢଲେଇ ରାସ୍ତା ଖରାପ ଅଛି, ସେହି ରାସ୍ତା ଉପରେ ୬ ଇଞ୍ଚର ଆଉ ଏକ ଢଲେଇ କରାଯିବ। ଅଦ୍ୟାବଧି ଉକ୍ତ କଂକ୍ରିଟ



ଢଲେଇ ହୋଇପାରିନାହିଁ। ନଗରୀପଡା ଗ୍ରାମ ପାଖରେ ଏକ ଗାଡ଼ୱାଲ କରିବା ପାଇଁ ରାସ୍ତା କଡ଼ରେ ମାଟି ଖୋଳା ହୋଇଥିଲେ ମଧ୍ୟ ଏହାର ଗାଡୱାଲ ସଂପୂର୍ଣ୍ଣ ହୋଇନାହିଁ। ଏହାବ୍ୟତୀତ ଉକ୍ତ କାର୍ଯ୍ୟ ପାଇଁ ଫଳକରେ ଥିବା ସୂଚନା ଅନୁଯାୟୀ ୩.୫୮୪ କିମି ପକ୍କା ରାସ୍ତା ପାଇଁ ୧୦ ହଜାର ୪୧୦ ବ୍ୟାଗ୍ ସିମେଣ୍ଟ ସହ ମେଟାଲ ୧୪୮ ଟ୍ରକ ଲାଗିବା ପାଇଁ ଉଲ୍ଲେଖ ଅଛି। ହେଲେ କେଉଁ ସ୍ଥାନରେ ଉଭୟ ପାଶ୍ୱର୍ରେ ୨ ଫୁଟ ଢଲେଇ ହୋଇଛି ତ କେଉଁଠି ୩ ଫୁଟ୍ ଢଲେଇ ରହିଛି। ଯାହାକି ମାପିଲେ ଫଳକରେ ଥିବା ସୂଚନାଠାରୁ କମ୍ ହୋଇପାରେ ବୋଲି ଜଳଜଳ ଦେଖିବାକୁ ମିଳୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ରାସ୍ତା ପାଇଁ ୫୨୨ ଟ୍ରକ ମାଟି ପଡି ରାସ୍ତା ସମତୁଲ ହେବା କଥା। ହେଲେ ରାସ୍ତା କଡ଼ରୁ ଜେସିବିରେ ମାଟି ଉଠାଯାଇ ରାସ୍ତାର ଉଭୟ ପାଶ୍ୱର୍ରେ ପକାଯାଇଛି। ଏହାଛଡା ୨ କିମି ୯୧୨ କିମି ପିଚୁ ରାସ୍ତା ପାଇଁ ଡବ୍ଲୁଏମ ଗୋଡି ୫୭୩ ଟ୍ରକ୍ ଓ ୩୯୨ ଟ୍ରକ ଚିପ୍ସ ଖେଳାଯାଇ ସମତୁଲ କରାଯିବା ପାଇଁ ଫଳକରେ ଉଲ୍ଲେଖ ଅଛି। ସଠିକ୍ ପରିମାଣର ମାଟି, ଗୋଡି, ଚିପ୍ସ ଦିଆ ନ ଯିବାରୁ ମାତ୍ର କେଇ ଅସରା ବର୍ଷାରେ ରାସ୍ତା ମରଣଯନ୍ତା ପାଲଟିଛି। ଫଳରେ ଗରଦପୁର ତହସିଲ ଅଧୀନରେ ଥିବା ୫ ଶହରୁ ରାଜସ୍ୱ ମୌଜାର ଅଧିବାସୀ ହୀନସ୍ତା ଭୋଗୁଛନ୍ତି। କେବଳ ସେତିକି ନୁହେଁ ଏହି ରାସ୍ତା ଦେଇ ଜିଲ୍ଲା ସଦରମହକୁମା ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶହ ଶହ ରୋଗୀ ଓ ଜନସାଧାରଣ ଜନପ୍ରତିନିଧି ସହିତ ବରାବର ୧୦୮ ଆମ୍ବୁଲାନ୍ସ ଯାଇଥାଏ। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହିତ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ନ ହୋଇପାରିବା ଯୋଗୁଁ ଜିଲ୍ଲାପାଳ ଏ ସମସ୍ୟା ସମ୍ପର୍କରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଇଣ୍ଡେନ ଗ୍ୟାସ୍ ପାଉନାହାନ୍ତି ଉପଭୋକ୍ତା



ରାଜନଗର,୭।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରରେ ଇଣ୍ଡେନ ଗ୍ୟାସ ସମସ୍ୟା ଦୂର ହେଉନାହିଁ। ଉପଭୋକ୍ତା ଗ୍ୟାସ ପାଇବା ପାଇଁ ପ୍ରଥମେ ମୋବାଇଲ ସାହାଯ୍ୟରେ ବୁକିଂ କରୁଛନ୍ତି। ସଂଗେ ସଂଗେ ମେସେଜ ବକ୍ସକୁ ଏକ ଓଟିପି ମଧ୍ୟ ଆସିଯାଉଛି। ୬ ଅଙ୍କ ବିଶିଷ୍ଟ ଡିଏସି କୋଡ୍ ଜେନେରେଟ ହୋଇଯାଉଛି। ପରେ ଉପଭୋକ୍ତା ଡିସଟ୍ରିବ୍ୟୁଟର ଓ ଅଫିସକୁ ଫୋନ କରି ଜଣାଇବା ପରେ ମଧ୍ୟ ଗ୍ୟାସ ମିଳିପାରୁନାହିଁ। ଆଳି, ମହୁ ଅଞ୍ଚଳରେ ଥିବା ଗୋବିନ୍ଦ ଗୋସ୍ୱାମୀ ଗ୍ରାମୀଣ ବିତରକ ସଂସ୍ଥା ପ୍ରତ୍ୟେକ ଦିନ ଆସନ୍ତିନି। ଫଳରେ ଲୋକେ ହୀନସ୍ତା ହେଲେଣି। କେତେବେଳେ ମଦନପୁର, କୁହୁପୁର, ଗୋପାଳପୁରରେ ଆସି ଲୁଚି କାହାକୁ ଗ୍ୟାସ ଦେଉଛନ୍ତି ଜଣାନାହିଁ। ଯେଉଁମାନଙ୍କ ଡିଏସି ଆସିଛି ସେମାନେ ମଧ୍ୟ ଗ୍ୟାସ ପାଉନାହାନ୍ତି। ଏଥିପ୍ରତି ବିଭାଗୀୟ ଅଫିସର ଧ୍ୟାନ ଦେବାକୁ ଲୋକେ ଦାବି କରିଛନ୍ତି।

## ନଦୀକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ପଟ୍ଟାମୁଣ୍ଡାଇ,୭।୭(ସମିସ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନରେ ଥିବା ସାନଜରିଆ ପଞ୍ଚାୟତରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଭେଡିସାହି ଗ୍ରାମର ଜଣେ ମହିଳା ଗୋବରୀ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ଦେଖିବାକୁ ମିଳିଛି। ସେଠାରେ ଉପସ୍ଥିତ ସ୍ଥାନୀୟ ଲୋକ ସାହସିକତାର ସହିତ ନଦୀରୁ ମହିଳାଙ୍କୁ ଉଦ୍ଧାର କରିବା ଫଳରେ ମହିଳା ଜଣକ ବଞ୍ଚିଯାଇଛନ୍ତି। ସାନଜରିଆ ଭେଡିସାହି ଗ୍ରାମର କରୁଣୀ ସେଠୀଙ୍କ ପତ୍ନୀ ଇଚ୍ଛା ସେଠୀ (୬୨) ସକାଳ ୯ ଘଟିକା ସମୟରେ ଗଣ୍ଡାକିଆ ପୋଲ ଉପରୁ ହଠାତ ଗୋବରୀ ନଦୀ ନଦୀକୁ ଡେଇଁ ପଡ଼ିଥିଲେ। ନଦୀର ପ୍ରଖର ସ୍ରୋତରେ ସେ ଭାସି ଯାଉଥିବା ଦେଖି ପୋଲ ନିକଟରେ ଥିବା ଲୋକ ମହିଳାଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ପରେ ମହିଳାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସେ ବର୍ତ୍ତମାନ ସୁରକ୍ଷିତ ଥିବା ଜଣାପଡ଼ିଛି। ପାରିବାରିକ କଳହ ଯୋଗୁଁ ମହିଳା ଜଣକ ଏଭଳି ଚରମ ନିଷ୍ପତ୍ତି ନେଇଥାଇପାରନ୍ତି ବୋଲି ଅନୁମାନ କରାଯାଉଛି।

## ଗାଁସାଥୀଙ୍କୁ ଏନଏମଏମଏସ ଆପ୍ ଦିଆଯାଉ ନ ଥିବା ଅଭିଯୋଗ

କେନ୍ଦ୍ରାପଡ଼ା,୭।୭(ସମିସ):ଆଳି ବ୍ଲକ ଅଧୀନ ଅଟାଳ ପଞ୍ଚାୟତରେ ଗାଁସାଥୀ (ମେଟ) ଭାବେ କାର୍ଯ୍ୟରତ ସୁଜାତା ପରିଡାଙ୍କୁ ପଞ୍ଚାୟତ ପକ୍ଷରୁ ଏନଏମଏମଏସ୍ ଆପ୍ ପ୍ରଦାନ କରାଯାଉ ନ ଥିବା ନେଇ ସେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଶ୍ରୀମତୀ ପରିଡା ୨୦୦୮ ରୁ ଅଟାଳ ପଞ୍ଚାୟତରେ ଗାଁସାଥୀ ଭାବେ କାର୍ଯ୍ୟ କରିଆସୁଛନ୍ତି। ଏବେ ତାଙ୍କୁ ପଞ୍ଚାୟତ ପକ୍ଷରୁ ବେଆଇନ ଭାବେ ଏମଜିଏନଆରଇଜିଏସ ପ୍ରକଳ୍ପରେ କାର୍ଯ୍ୟ କରିବାକୁ ଦିଆ ନ ଯିବା ସହ ଏନଏମଏମଏସ ଆପ ପ୍ରଦାନ କରାଯାଉନି। ଏ ସମ୍ପର୍କରେ ସେ ଆଳି ବ୍ଲକରେ ହୋଇଥିବା ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିରରେ ମଧ୍ୟ ଅଭିଯୋଗ କରିଥିଲେ। ଏହାପରେ ବି ତାଙ୍କୁ ପଞ୍ଚାୟତ ପକ୍ଷରୁ ଏନଏମଏମଏସ ଆପ ପ୍ରଦାନ କରାଯାଉନାହିଁ। ସେ ଆଜି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଗାଁସାଥୀ ସଙ୍ଘ ଜିଲ୍ଲା ସଭାପତି ଅନୀଲ ଜେନାଙ୍କ ସମେତ ଅନ୍ୟ କର୍ମକର୍ତ୍ତାଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଏହା ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଳି ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

● ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

## ମୁଖ୍ୟ ଅଭିଯୁକ୍ତକୁ ଠାବ କରିପାରିନି ପୁଲିସ

ଡେରାବିଶ, ୭।୭(ସମିସ): ଚାନ୍ଦୋଳ ଫାଣ୍ଡି ଅଧୀନ ନରଣପଡ଼ା ଗ୍ରାମରେ ରବିବାର ସନ୍ଧ୍ୟା ୭ଟାରେ ଜଣେ ବ୍ୟବସାୟୀଙ୍କୁ ବାପପୁଅ ମିଶି ଶାବଳରେ ମରଣାନ୍ତକ ଆକ୍ରମଣ ଘଟଣାକୁ ଏବେ ସୁଦ୍ଧା ଦୁଇଦିନ ବିତିଗଲାଣି। ଏହି ଘଟଣାରେ ପୁଲିସ ବାପାକୁ ପୁଲିସ୍ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ପୁଅ ପାଖରେ ପହଞ୍ଚିପାରିନାହିଁ। ଅନ୍ୟପକ୍ଷରେ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ବ୍ୟବସାୟୀ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଣାଯାଇଛି। ନରଣପଡ଼ା ଗ୍ରାମର ବାପପୁଅ ପ୍ରଦୀପ୍ତ ଦାଶ ଓ ନିଳାଦ୍ରୀ ଦାଶ ପଡ଼ୋଶୀ ଚାନ୍ଦୋଳ ବଜାରରେ ବ୍ୟବସାୟ କରୁଥିବା ଶଶୀକାନ୍ତ ଦାଶଙ୍କୁ ଶାବଳରେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଶଶୀକାନ୍ତ ପତ୍ନୀ ସଂଘମିତ୍ରା ସଦର ଥାନାରେ ଅଭିଯୋଗ କରିଥିଲେ। ସଂଘମିତ୍ରାଙ୍କ ଅଭିଯୋଗ ଅନୁଯାୟୀ ଥାନାରେ ୪୨୧/୨୬ରେ ଏକ ମାମଲା ରୁଜୁ କରି ପୁଲିସ୍ ତଦନ୍ତ ଆରମ୍ଭ କରିଥିଲା। ସ୍ଥାନୀୟ ଅଞ୍ଚଳବାସୀ ଏହି ଘଟଣାରେ ପୁଲିସ୍‌ର ନିଷ୍କ୍ରିୟତାକୁ ଦାୟୀ କରି ସଦର ଥାନାକୁ ସୋମବାର ଘେରଉ କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ।

## ବରାଡ଼ିଆ-ଉପୁଳାଇ ରାସ୍ତା ମରଣଯନ୍ତା



ରାଜକନିକା,୭।୭(ସମିସ): ରାସ୍ତା ଅବସ୍ଥା ଏମିତି ଯେ ପାଦରେ ଚାଲିଯିବା କଷ୍ଟ। ରାସ୍ତା ଫାଟିଯିବା, ଦବିବା ଓ ମଝିରେ ଦୁଇ/ତିନି ଫୁଟ ଗାଡ଼ ହୋଇ ପାଣି ଜମି ରହିଛି। ଏହି ରାସ୍ତା ଉପରେ ଦୈନିକ ଶହ ଶହ ଲୋକ ନିର୍ଭର କରୁଥିବାବେଳେ ରାସ୍ତା ଅବସ୍ଥା ସୁଧାରିବାକୁ ବିଭାଗର ବି ଯୁ ନାହିଁ। ସ୍ୱତନ୍ତ୍ର ମରାମତି ପାଇଁ ଚିଠି ଦେଇଛୁ, କେବେ ଆଦେଶ ଆସିବ ଜାଣିନାହୁଁ ବୋଲି କହି ଜେଇ ଚୁପ୍। ଏହି ରାସ୍ତା ସୁଦୃଢ଼ୀକରଣ ପାଇଁ ଟେଣ୍ଡର ହୋଇଥିଲା, ଲେସରେ ଟେଣ୍ଡର ପଡ଼ିଥିବାରୁ ତାହା ବାତିଲ ହେଲା। ସାନି ଟେଣ୍ଡର ହୋଇନାହିଁ ଭଳି ନିଛକ ସତ ଶୁଣିବାକୁ କାହାରି ବି ଧୈର୍ଯ୍ୟ ନାହିଁ। ଏହି ରାସ୍ତା ଦେଇ ଚିଙ୍ଗୁଡ଼ି ଫାର୍ମର ଦାନା, ଔଷଧ ଏମିତିକି ଚିଙ୍ଗୁଡ଼ି ଧରାଯାଇ ଚାଲାଣ ହେବାକୁ ବଡ଼ ବଡ଼ ଟ୍ରକର ଧାଡି ଛୁଟୁଛି। ରାସ୍ତାର ହାଲ ବହୁତ ଖରାପ ଥିବାବେଳେ ବଡ଼ ବଡ଼ ଟ୍ରକ ଟ୍ରକ୍, ଟ୍ରାକ୍ଟର ସିନା ଖାଲ ଖମା ନ ମାନି ମାଡିଯାଉଛି। ଲୋକଙ୍କ ସାଇକଲ ଓ ବାଇକ୍ ନେଇ ଯିବାଆସିବା କରିବା କଷ୍ଟକର। ଦୈନିକ ପାଠପଢୁଆ ପିଲାଙ୍କଠାରୁ ଆରମ୍ଭ କରି ମେଡିକାଲ, ବଜାର ସଉଦା ଭଳି ନିତିଦିନିଆ କାମ ପାଇଁ ସାହାରା ଥିବା ରାସ୍ତାରେ ଯିବାକୁ ବାଧ୍ୟ ଜନସାଧାରଣ ଦୁର୍ଘଟଣାରେ ପଡି ଆହତ ହେଉଛନ୍ତି। ଏମିତି ଅବସ୍ଥାରେ ଥିବା ରାଜକନିକା ଗ୍ରାମ୍ୟ ନିର୍ମାଣ ଉପଖଣ୍ଡର ଆଖୁଳିପଡାଠାରୁ ଉପୁଳାଇ ଯାଏ ରାସ୍ତା ମରଣଯନ୍ତା ପାଲଟିଛି। ଅତ୍ୟନ୍ତ ବିପଦଜନକ ଭାବେ ଥିବା ଏହି ରାସ୍ତାର ତୁରନ୍ତ କୌଣସି ପ୍ରକାର ମରାମତି ସମ୍ଭବ ନୁହେଁ ବୋଲି ଜେଇ ଜ୍ୟୋତିର୍ମୟୀ ଦଳାଇ କହିଛନ୍ତି। ବୈତରଣୀ ନଦୀ ସଂଲଗ୍ନ ଏହି ରାସ୍ତାର ଦବି ଚାଲିଥିବାବେଳେ ଉଚ୍ଚ ଜୁଆର କିମ୍ବା ବନ୍ୟା ସମୟରେ ଏହି ରାସ୍ତା ବୁଡିବା ଭଳି ସ୍ଥିତି ଉପୁଜି ଥିବାରୁ ଗ୍ରାମ୍ୟ ନିର୍ମାଣ ବିଭାଗ କେନ୍ଦ୍ରାପଡ଼ା ଓ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।

## ତ୍ରିନାଥ ମହାପ୍ରଭୁଙ୍କ ବାର୍ଷିକ ଉତ୍ସବ

ମହାକାଳପଡ଼ା, ୭।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ଥାନା ପରିସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଶ୍ରୀଶ୍ରୀ ତ୍ରିନାଥ ମହାପ୍ରଭୁଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି।



ସୋମବାର ସକାଳେ ମହାକାଳପଡ଼ା ଥାନାରୁ ଏକ ଭବ୍ୟ କଳସ ଶୋଭାଯାତ୍ରା ବାହାରି ଚଣ୍ଡିଆପଲ୍ଲି ଘାଟ ନିକଟସ୍ଥ ଗୋବରୀ ନଦୀ କୂଳରେ ପହଞ୍ଚିଥିଲା। ସେଠାରେ ପୂଜାର୍ଚ୍ଚନା ପରେ କଳସରେ ପବିତ୍ର ଜଳ ସଂଗ୍ରହ କରାଯାଇଥିଲା। ଶୋଭାଯାତ୍ରା ଥାନା ପରିସରସ୍ଥ ତ୍ରିନାଥ ମନ୍ଦିରକୁ ଫେରିବା ପରେ ମହାପ୍ରଭୁଙ୍କ ବିଶେଷ ପୂଜା ଓ ଅନ୍ୟାନ୍ୟ ଧାର୍ମିକ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। ଥାନା ଅଧିକାରୀ ମାନସ ରଞ୍ଜନ ମଲ୍ଲିକଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ଧାର୍ମିକ କାର୍ଯ୍ୟକ୍ରମରେ ଏସ୍ଆଇ ତପସ୍ୱିନୀ ବିଶ୍ୱାଳ, ଏଏସ୍ଆଇ ଦଶରଥ ମହାରଣା, ଏଏସ୍ଆଇ ବିଦ୍ୟାଧର ସ୍ୱାଇଁ, ଏଏସ୍ଆଇ ପ୍ରଭାତ ରାଉତଙ୍କ ସମେତ ସହଦେବ ପରିଡା, ଜ୍ଞାନରଞ୍ଜନ ସାମଲ, ଦେବାଶିଷ ମଲ୍ଲିକ, ରାକେଶ ପାତ୍ର, ସଂଗ୍ରାମ ରାଉତ, ଆଦିତ୍ୟ ଦାସ, ସନ୍ଧ୍ୟାରାଣୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଗୋଟିଏ ଦିନରେ ୩ ଅଘଟଣ

## ଷଣ୍ଢ ଆକ୍ରମଣ, ଦୁର୍ଘଟଣା ଓ ନାଳରେ ବୁଡ଼ି ୩ ମୃତ

କେନ୍ଦ୍ରାପଡ଼ା, ୭।୭(ସମିସ): ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲ୍ଲାରେ ପୃଥକ୍ ପୃଥକ୍ ତିନୋଟି ଦୁର୍ଘଟଣାରେ ଜଣେ ଇଞ୍ଜିନିୟର, ଜନସ୍ୱାସ୍ଥ୍ୟ ବିଭାଗର ଜଣେ କର୍ମଚାରୀ ଓ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ଏହି ତିନିଟି ଅଘଟଣ ଜିଲ୍ଲାରେ ଶୋକର ଛାୟା ଖେଳାଇ ଦେଇଛି। ଷଣ୍ଢ ଆକ୍ରମଣରେ କେନ୍ଦ୍ରାପଡ଼ା ସହରର ତଳବାରଙ୍ଗ ଗ୍ରାମ ବାସିନ୍ଦା ତଥା ପାରାଦୀପ ବନ୍ଦରର ଇଞ୍ଜିନିୟର ନିର୍ମଳ ଦାସ (୪୮)ଙ୍କ ମୃତ୍ୟୁ ଘଟିଛି। ସେ ସରକାରୀ ବାସଭବନକୁ ସାଇକଲରେ ଯାଉଥିବାବେଳେ ଏକ ଷଣ୍ଢ ତାଙ୍କୁ ଆକ୍ରମଣ କରିଥିଲା। ଷଣ୍ଢଟି ଶିଙ୍ଗରେ ଟେକି ଫୋପାଡ଼ି ଦେବାରୁ ତାଙ୍କ ପଛମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ତାଙ୍କୁ କଟକର ଏକ ଘରୋଇ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ସୋମବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଉଚ୍ଚନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ପରେଶ ଦାସ, ଆଇନଜୀବୀ ପ୍ରଦୀପ ଦାସଙ୍କ ସମେତ ପାରାଦୀପ ବନ୍ଦରର ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀ ଶେଷ ଦର୍ଶନ କରିଥିଲେ।

ଅନ୍ୟଏକ ଘଟଣାରେ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କଜଳା ଶାଖା କେନାଲରେ ବାଇକ୍ ସହ ଖସିପଡ଼ି ଜନସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ନିରଞ୍ଜନ ବେହେରା (୪୪)ଙ୍କ ମୃତ୍ୟୁ ଘଟିଛି। ସାହସପୁର ଗ୍ରାମର ନିରଞ୍ଜନ ସୋମବାର ରାତିରେ ବାଇକ୍‌ରେ ଘରକୁ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ସେ ବାଇକ୍ ତଳେ ଚାପି ହୋଇ ପଡ଼ିଥିବା ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକ ଦେଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରିଛି।

ସେହିପରି କେନ୍ଦ୍ରାପଡ଼ା ଟାଉନ୍ ଥାନା ଅନ୍ତର୍ଗତ ଜ୍ଞାନପୀଠ ନିକଟ କଜଳା ନାଳ କୂଳରେ ବୋତଲ ସଂଗ୍ରହ କରୁଥିବା ଜଣେ ନାବାଳକ ପାଣିର ସ୍ରୋତରେ ଭାସିଯାଇଥିଲେ। ଅର୍ବାନ ବ୍ୟାଙ୍କର କର୍ମଚାରୀ କିରଣ ବଳ ପ୍ରଥମେ ଏହା ଦେଖି ସାହାଯ୍ୟ ପାଇଁ ଲୋକଙ୍କୁ ଡାକିଥିଲେ। ପରେ ବ୍ୟାଙ୍କର ଡ୍ରାଇଭର ତ୍ରିଲୋଚନ ମଲ୍ଲିକ ବାଉଁଶ ସାହାଯ୍ୟରେ ନାଳରେ ପଶି ଉଦ୍ଧାର ଉଦ୍ୟମ କରିଥିଲେ। ଅନ୍ୟ ଯୁବକ ଓ ଅଗ୍ନିଶମ ବିଭାଗ କର୍ମଚାରୀ ମିଳିମିଶି ନାବାଳକଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ନାବାଳକ କଜଳା ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି।

## ଭାଗବତ ମହାନ୍ତିଙ୍କ ୯୮ତମ ଜୟନ୍ତୀ

# ‘ଭାଗବତ ବାବୁଙ୍କ ଆଦର୍ଶ ଓ ମୂଲ୍ୟବୋଧ ସମାଜ ପାଇଁ ପ୍ରେରଣା’



କେନ୍ଦ୍ରାପଡ଼ା,୭।୭(ସମିସ): ଯଶସ୍ୱୀ ରାଜନେତା, ରାଜନୀତିର ପିତାମହ ଭୀଷ୍ମ ତଥା ଆଧୁନିକ କେନ୍ଦ୍ରାପଡ଼ାର ବିନ୍ଧାଣୀ ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ୯୮ତମ ଜୟନ୍ତୀ ସ୍ଥାନୀୟ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ସଭାଗୃହରେ ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ପକ୍ଷରୁ ପାଳନ କରାଯାଇଛି। ଟ୍ରଷ୍ଟର ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାଗବତବାବୁଙ୍କୁ ଜଣେ ମୂଲ୍ୟବୋଧଭିତ୍ତିକ ରାଜନେତା ବୋଲି ଅଭିହିତ କରିଥିଲେ। ବର୍ତ୍ତମାନ ଗଣତନ୍ତ୍ରର ବିପନ୍ନ ସମୟରେ ତାଙ୍କ ଆଦର୍ଶ, ସତ୍ୟନିଷ୍ଠା ଓ ନୈତିକ ରାଜନୀତି ହିଁ ଗଣତନ୍ତ୍ରର ରକ୍ଷା କବଚ ସାଜିପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ତିରୁପତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ହରେକୃଷ୍ଣ ଶତପଥୀ ଯୋଗଦେଇ ଭାଗବତବାବୁଙ୍କୁ ଜଣେ ସାହିତ୍ୟିକ, ଆଧ୍ୟାତ୍ମବାଦୀ ଓ ସାଧାରଣ ଲୋକଙ୍କ ସତ୍ୟକାର ନେତା ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ତଥା କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା କହିଥିଲେ ଯେ, ଭାଗବତବାବୁଙ୍କ ମୂଲ୍ୟବୋଧଭିତ୍ତିକ ରାଜନୀତି ତାଙ୍କୁ ବହୁଳ ଭାବେ ପ୍ରଭାବିତ କରିଛି। ସେ ଭାଗବତବାବୁଙ୍କୁ ନିଜର ରାଜନୈତିକ ଗୁରୁ ବୋଲି ଅଭିହିତ କରିବା ସହ ତାଙ୍କର ଆଦର୍ଶ ଓ ନୈତିକ ମୂଲ୍ୟବୋଧ ହିଁ ବର୍ତ୍ତମାନର ବିପନ୍ନ ଗଣତନ୍ତ୍ରକୁ ସୁରକ୍ଷା ଦେଇପାରିବ ବୋଲି ମତ ପ୍ରକାଶ କରିଥିଲେ। ଆଲୋଚନାଚକ୍ରରେ ରବି ସାମଲ, ନନ୍ଦକିଶୋର ପରିଡା, ଭ୍ରମରବର ରାଉତ, ପ୍ରଫୁଲ୍ଲ ସାହୁ, ପ୍ରାକ୍ତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ସୁଧୀର ମହାନ୍ତି ଓ ବିଧାନ ସାମଲ ପ୍ରମୁଖ ଭାଗବତବାବୁଙ୍କ ଜନସେବା, ରାଜନୈତିକ ଦୂରଦର୍ଶିତା ଓ କେନ୍ଦ୍ରାପଡ଼ାର ବିକାଶରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଭାବଗ୍ରାହୀ କଳାନିକେତନର କଳାକାରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଶରତ ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଜୟନ୍ତୀ ଉତ୍ସବରେ ଟ୍ରଷ୍ଟର ସଦସ୍ୟ ବସନ୍ତ ସେଠୀ, ଫକୀର ଖଟୁଆ, ସୁଶୀଲ ସାମଲ, ମୁକ୍ତାର ଖାଁ, ତରୁଣରଞ୍ଜନ ପ୍ରଧାନ, ଦୟାନିଧି ଜେନା, ରମେଶ ଚନ୍ଦ୍ର ଦାସ, କୃଷ୍ଣପ୍ରସାଦ ଦାସ, ସିଦ୍ଧାର୍ଥ ଜେନା, ମହେନ୍ଦ୍ର ପରିଡା, କଳିଙ୍ଗକେଶରୀ ବେହେରା, ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ରବୀନ୍ଦ୍ର କୁମାର ବଳ, ପ୍ରାଧ୍ୟାପକ ଡ. ଚୈତନ୍ୟ ପରିଡା, ନରେନ୍ଦ୍ର ମହାନ୍ତି, ସୁଜିତ ମହାନ୍ତି, ଗାୟତ୍ରୀ ମହାନ୍ତି, ପ୍ରଦୀପ ମହାନ୍ତି, ଭଞ୍ଜକିଶୋର ଜେନା, ଗୌତମ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଭାଗବତବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବିଏସ୍‌ଏନ୍‌ଏଲ୍ ଟେଲିକମ୍ ଆଡଭାଇଜରୀ କମିଟି ବୈଠକ



କେନ୍ଦ୍ରାପଡ଼ା,୭।୭ (ସମିସ): ବିଏସ୍‌ଏନ୍‌ଏଲ୍ ଟେଲିକମ୍ ଆଡଭାଇଜରୀ କମିଟି (ଟିଏସି) ବୈଠକରେ ସଦସ୍ୟା ଶ୍ରୀମତୀ ରାଜଲକ୍ଷ୍ମୀ ଦାସ ଯୋଗଦେଇ ମହାକାଳପଡ଼ା, ମାର୍ଶାଘାଇ ସମେତ କେନ୍ଦ୍ରାପଡ଼ା ଜିଲ୍ଲାର ବିଏସ୍‌ଏନ୍‌ଏଲ୍ ଗ୍ରାହକଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ସେ ଦୁର୍ବଳ ନେଟୱର୍କ, ବାରମ୍ବାର କଲ୍ କଟିବା, ନିମ୍ନମାନର ଭଏସ୍ ସେବା, ଧୀର ୪ଜି ଇଣ୍ଟରନେଟ୍, ଭାରତ ଫାଇବର ସଂଯୋଗ ଓ ମରାମତିରେ ବିଳମ୍ବ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟୁତ ବିଚ୍ଛିନ୍ନ ସମୟରେ ଟାୱାରରେ ପର୍ଯ୍ୟାପ୍ତ ବ୍ୟାଟେରୀ ବ୍ୟାକଅପ୍ ଓ ଡିଜି ସେଟ୍ ବ୍ୟବସ୍ଥା କରିବାକୁ ମଧ୍ୟ ସେ ଦାବି ଜଣାଇଥିଲେ। ଏଥିସହ କେନ୍ଦ୍ରାପଡ଼ା ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟର ମରାମତି, ପରିଷ୍କାର-ପରିଚ୍ଛନ୍ନତା, ଗ୍ରାହକଙ୍କ ପାଇଁ ବସିବା ସୁବିଧା, ସୂଚନାଫଳକ ଓ ପର୍ଯ୍ୟାପ୍ତ କର୍ମଚାରୀ ନିଯୁକ୍ତି ପାଇଁ ମଧ୍ୟ ଦାବି କରିଥିଲେ। ବାତ୍ୟା ପ୍ରବଣ ମହାକାଳପଡ଼ା ଅଞ୍ଚଳରେ ବିପର୍ଯ୍ୟୟ ସମୟରେ ନିରବଚ୍ଛିନ୍ନ ଟେଲିକମ୍ ସେବା ସୁନିଶ୍ଚିତ କରିବାକୁ ସେ ବିଶେଷ ଗୁରୁତ୍ୱ ଦେଇଥିଲେ। ବୈଠକ ନିୟମିତ ଭାବେ ଆୟୋଜନ କରି ସମସ୍ୟାର ସମୀକ୍ଷା ଓ ସମାଧାନ କରିବାକୁ ସେ ଅନୁରୋଧ କରିଥିଲେ।

## ଯଶୁଆପଲ୍ଲୀ-ନୀଳକଣ୍ଠେଶ୍ୱର ମନ୍ଦିର ରାସ୍ତା ଶୋଚନୀୟ



ମହାକାଳପଡ଼ା,୭।୭(ସମିସ): ଯଶୁଆପଲ୍ଲୀ-ନୀଳକଣ୍ଠପୁର ଆର୍‌ଡି ରାସ୍ତା ଶୋଚନୀୟ ହୋଇପଡିଛି। ରାସ୍ତା ଉପରେ ଲହଡ଼ି ମାରୁଛି ବର୍ଷା ପାଣି। ଲୋକେ ଏହି ବିପଦପୂର୍ଣ୍ଣ ରାସ୍ତାରେ ଯାତାୟାତ କରି ଦୁର୍ଘଟଣାର ଶିକାର ହେଉଛନ୍ତି। ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଏ ସମସ୍ୟା ସୃଷ୍ଟି ହୋଇଛି ବୋଲି ଲୋକେ ସିଧାସଳଖ ଅଭିଯୋଗ କରିଛନ୍ତି। ମହାକାଳପଡ଼ା ବ୍ଲକ ବଳିପାଳ ପଞ୍ଚାୟତ ଅନ୍ତର୍ଗତ ଯଶୁଆପଲ୍ଲୀଠାରୁ ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ପର୍ଯ୍ୟନ୍ତ ଥିବା ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ପିଚୁ ରାସ୍ତା ଏବେ ଶୋଚନୀୟ ହୋଇପଡ଼ିଛି। ରାସ୍ତା ଅବସ୍ଥା ଏମିତି ହୋଇଛି ଯାହା ଯାତାୟତ ପାଇଁ ମୁଣ୍ଡବ୍ୟଥାର କାରଣ। ରାସ୍ତା ଫାଟି ସେଥିରୁ ଗୋଡି ଉଠିଥିବାବେଳେ ଦୁଇପଟ ରାସ୍ତା ଦବିଯାଇ ଖାଲ ହୋଇଛି। ଏବେ ବର୍ଷାରେ ସେହି ସ୍ଥାନରେ ବର୍ଷାପାଣି ଜମି ରହି କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଛି। ଫଳରେ ଲୋକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ମରାମତି ପାଇଁ ବିଭିନ୍ନ ସମୟରେ ଲୋକେ ଦାବି କରିଥିଲେ ସୁଦ୍ଧା ସେଥିପାଇଁ ଆରଡି ବିଭାଗ ଅଧିକାରୀ ଦୃଷ୍ଟି ଦେଇନାହାନ୍ତି। ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ଜିଲ୍ଲାପାଳ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## କଫ ସିରପ ଓ ଚୋରାମଦ ଜବତ, ୨ ଗିରଫ

କେନ୍ଦ୍ରାପଡ଼ା,୭।୭(ସମିସ): ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ଓ ମାର୍ଶାଘାଇ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉରେ ମାଣିତ୍ରୀ ଗ୍ରାମର ପୁଲକ ସ୍ୱାଇଁଙ୍କ ନିକଟରୁ ୧୦୦ ମିଲିଲିଟର ବିଶିଷ୍ଟ ୬୨ଟି କଫ ସିରପ ବୋତଲ ଓ ବାଇକ୍ ଜବତ କରାଯାଇଥିଲା। ସେହିପରି ଆମ୍ବୁରା ଗ୍ରାମର ପ୍ରଦୀପ ସେନାପତିଙ୍କ ନିକଟରୁ ୨୯ ଲିଟର ଚୋରା ବିଦେଶୀ ମଦ ଓ ବାଇକ୍ ଜବତ କରାଯାଇଥିଲା। ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଚଢ଼ଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସ ମିଶ୍ର ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ରାସ୍ତାରେ ଗୋରୁ, ଘଟୁଛି ଦୁର୍ଘଟଣା



ରାଜକନିକା,୭।୭(ସମିସ): ଗାଁଠୁ ସହର ସବୁଠି ପଲ ପଲ ଗୋରୁ। ରାସ୍ତାରେ ଶୋଇବା, ଝାଡା କରିବା ଭଳି ସ୍ଥିତି ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳରେ ଦୁର୍ଘଟଣା ବଢ଼ିବାରେ ଲାଗିଛି। ରାଜକନିକାରେ କୌଣସି ଗୋଶାଳା ନ ଥିବାବେଳେ ବୁଲା ଗୋରୁଙ୍କ ଫସଲ ନଷ୍ଟ କରୁଛନ୍ତି। ବଜାରରେ ଗୋରୁ ମେଳି ବାନ୍ଧି ରାସ୍ତା ଉପରେ ଶୋଇ ରହିବା ଦ୍ୱାରା ଯାତାୟାତରେ ସମସ୍ୟା ହେଉଛି। ଟ୍ରାଫିକ ନିୟନ୍ତ୍ରଣ ସମସ୍ୟା ହେଉଥିବାବେଳେ ହଠାତ ପୁଲିସ ଗାଡି ମଧ୍ୟ ଦୌଡ଼ି ପାରୁନାହିଁ। ଫଳରେ ବହୁ ଅପରାଧୀ ଖସି ପଳାଇବାରେ ସକ୍ଷମ ହେଉଛନ୍ତି। ରାଜକନିକା ପ୍ରାଣୀ ସମ୍ପଦ ବିଭାଗ ଏ ନେଇ କୌଣସି ଚିନ୍ତା କରୁ ନ ଥିବାବେଳେ ବୁଲା ଗୋରୁଙ୍କ ପାଇଁ ସାଧାରଣ ଲୋକଙ୍କ ମୁଣ୍ଡବିନ୍ଧା ପାଲଟିଛି।

## ଅଧପନ୍ତରିଆ ପୋଲ କାମ, ପାଣି ନିଷ୍କାସନ ରାସ୍ତା ବନ୍ଦ

# ଲଗାଣ ବର୍ଷାରେ ଚାଷଜମି ଜଳମଗ୍ନ, ବିପଦରେ ଗ୍ରାମବାସୀ


କେନ୍ଦ୍ରାପଡ଼ା,୭।୭(ସମିସ)



ଡ୍ରେନେଜ ବିଭାଗର ଅବହେଳା ଓ ଅଧାପନ୍ତରିଆ ପୋଲ ନିର୍ମାଣ କାର୍ଯ୍ୟ ଯୋଗୁଁ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଅନ୍ତାଲୋ ଅଞ୍ଚଳରେ ଚାଷୀଙ୍କ ଦୁର୍ଦ୍ଦଶା ଚରମ ସୀମାରେ ପହଞ୍ଚିଛି। ଲଗାଣ ବର୍ଷା ପରେ ଜଳ ନିଷ୍କାସନ ବନ୍ଦ ହୋଇଯିବାରୁ ହଜାରରୁ ଅଧିକ ଏକର ଚାଷଜମି ଆଣ୍ଠୁଏ ପାଣିରେ ବୁଡ଼ି ରହିଛି। ଏଥିପାଇଁ ଧାନଚାଷ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଥିବାବେଳେ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଏ ଅଞ୍ଚଳରେ ଜଳ ନିଷ୍କାସନ ସୁବିଧା ପାଇଁ ଏକ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ କାମ ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଥିବାରୁ ପ୍ରାକୃତିକ ଜଳ ପ୍ରବାହ ବାଧାପ୍ରାପ୍ତ ହୋଇଛି। ପୋଲ କାମ ପାଇଁ ଠିକାଦାର ଅସ୍ଥାୟୀ ଭାବେ ରାସ୍ତା ବନ୍ଦ କରିଦେଇଥିବାରୁ ବର୍ଷା ପାଣି ବାହାରିପାରୁନାହିଁ। ଫଳରେ ଚାଷଜମି ଜଳମଗ୍ନ ହୋଇପଡ଼ିଛି। ଏହାର ପ୍ରଭାବ କେବଳ ଚାଷ ଉପରେ ସୀମିତ ନାହିଁ, ପାଣିର ପ୍ରଖର ସ୍ରୋତ ଯୋଗୁଁ ସ୍ଥାନୀୟ ଲୋକଙ୍କ ଯାତାୟାତ ବ୍ୟାହତ ହେବା ସହ ନିକଟବର୍ତ୍ତୀ କେତେକ ଘର ମଧ୍ୟ ବିପଦ ମୁହାଁରେ ପଡ଼ିଛି। ବର୍ଷା ଜାରି ରହିଲେ ସ୍ଥିତି ଆହୁରି ଭୟାବହ ହେବ ବୋଲି ଗ୍ରାମବାସୀ ଆଶଙ୍କା କରୁଛନ୍ତି। ଅନ୍ତାଲୋ ଗ୍ରାମର ବିକାଶ ନାୟକ କହିଛନ୍ତି, ପ୍ରତିବର୍ଷ ବର୍ଷାଋତୁରେ ଏଭଳି ସମସ୍ୟା ଦେଖାଦେଉଥିଲେ ମଧ୍ୟ ସ୍ଥାୟୀ ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ସେହିପରି ବିଭୁତି ନାୟକ କହିଛନ୍ତି, ଚାଷୀଙ୍କ ଜୀବିକା ସଙ୍କଟରେ ପଡ଼ିଥିବାବେଳେ ବିଭାଗୀୟ ଅଧିକାରୀ ନିରବ ରହିବା ଦୁର୍ଭାଗ୍ୟଜନକ। ଚାଷୀଙ୍କ ଅଭିଯୋଗ ହେଉଛି, ଯଦି ସମୟ ମଧ୍ୟରେ ପୋଲ କାମ ସମ୍ପୂର୍ଣ୍ଣ କରାଯାଇଥା'ନ୍ତା, ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥା'ନ୍ତା। ତେଣୁ ତୁରନ୍ତ ଜଳ ନିଷ୍କାସନର ବ୍ୟବସ୍ଥା କରିବା ସହ ପୋଲ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

୭/୭/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୧,୮୭,୭୧୮/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୧.୭୦୦ ଗ୍ରାମ୍





### ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

# ସଂସ୍କୃତ ସବୁ ଭାରତୀୟ ଭାଷାର ଜନନୀ

ପୁରୀ,୭।୭ (ସମିସ)

ସଂସ୍କୃତ ହେଉଛି ସବୁ ଭାରତୀୟ ଭାଷାର ଜନନୀ। ଏହି ଭାଷାକୁ ବିଶ୍ୱର ସବୁଠାରୁ ପ୍ରାଚୀନ ଭାଷା ଭାବେ ଗ୍ରହଣ କରାଯାଏ। ଆମର ସଂସ୍କୃତି ଏବଂ ପରମ୍ପରା ସଂସ୍କୃତ ଭାଷା ସହିତ ଗଭୀର ଭାବରେ ଯୋଡ଼ି ହୋଇରହିଛି। ଏହା ଆମ ଦେଶର ମୂଳଦୁଆ। ସଂସ୍କୃତ କେବଳ ଏକ ଭାଷା ନୁହେଁ, ଏହା ଭାରତୀୟ ଦର୍ଶନ, ବିଜ୍ଞାନ, ସାହିତ୍ୟ ଓ ଆଧ୍ୟାତ୍ମର ଆତ୍ମା ବୋଲି କହିଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପତି। ମଙ୍ଗଳବାର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାର, ପୁରୀର ୪୬ତମ ପ୍ରତିଷ୍ଠା ଦିବସ ବିଶ୍ୱବିଦ୍ୟାଳୟ ସଭାଗୃହରେ ପାଳିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ଡ. କମ୍ଭମ୍ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାର ବିଶ୍ୱବ୍ୟାପୀ ଗୁରୁତ୍ୱ, ଭାରତୀୟ ଜ୍ଞାନ ପରମ୍ପରାରେ ଏହାର ଅବଦାନ ଓ ସଂସ୍କୃତ ସବୁ ଭାଷାର ଜନନୀ ବୋଲି କହିଥିଲେ। ସେ ରାମାୟଣ ଓ ମହାଭାରତରେ ବର୍ଣ୍ଣିତ ବ୍ରହ୍ମାସ୍ତ୍ର,




ପୁଷ୍ପକ ବିମାନ ଭଳି ବିଭିନ୍ନ ବୈଜ୍ଞାନିକ ଓ ରହସ୍ୟମୟ ଧାରଣା ସଂସ୍କୃତ ସାହିତ୍ୟରେ ନିହିତ ରହିଥିବା ବିଷୟରେ ଆଲୋକପାତ କରିଥିଲେ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ବିଶ୍ୱବିଦ୍ୟାଳୟର ଗୌରବମୟ ପରମ୍ପରା, ଶିକ୍ଷା, ଗବେଷଣା ଓ ସଂସ୍କୃତ ଭାଷାର ପ୍ରସାରରେ ଏହାର ଅବଦାନ ସମ୍ପର୍କରେ ଉପସ୍ଥାପନା କରିଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ପୂର୍ବତନ କାର୍ଯ୍ୟବାହୀ କୁଳପତି ପ୍ରଫେସର ଦତ୍ତାତ୍ରେୟ ମୂର୍ତ୍ତି ଏବଂ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଉପସ୍ଥିତ ରହି ନିଜ ମତାମତ ପ୍ରକାଶ କରିଥିଲେ। ଏହି ଅବସରରେ ସର୍ବଦର୍ଶନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅବସରପ୍ରାପ୍ତ ଅଣଶିକ୍ଷକ କର୍ମଚାରୀ ହରିହର ପ୍ରଧାନ, ଶୋଭାବତୀ ମାନସିଂହ, ସୁବର୍ଣ୍ଣା ମାରାଣ୍ଡି, ସୁରେନ୍ଦ୍ର ବିଶୋଇ ଏବଂ ଜଗନ୍ନାଥ ପାତ୍ରଙ୍କୁ କୁଳାଧିପତି ସମ୍ମାନିତ କରିଥିଲେ। କୁଳାଧିପତିଙ୍କ କରକମଳରେ ବିଶ୍ୱବିଦ୍ୟାଳୟର ମୁଖପତ୍ର 'ଶ୍ରୀବିହାରଭାରତୀ' ଏବଂ ଗବେଷଣା ପତ୍ରିକା 'ଜଗନ୍ନାଥଜ୍ୟୋତିଃ' ଉନ୍ମୋଚିତ ହୋଇଥିଲା। ଏଥିସହ ବିଭିନ୍ନ ବିଭାଗର ମେଧାବୀ ଛାତ୍ରଛାତ୍ରୀଙ୍କୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମେଧାବୀ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଜ୍ୟୋତିର୍ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀଙ୍କୁ ପ୍ରଦୀପ କୁମାର ଦାସ ଓ ପ୍ରେମାମଞ୍ଜରୀ ଦେବୀ ଛାତ୍ରବୃତ୍ତି ଏବଂ ନୀଳକଣ୍ଠ ଉଦ୍‌ଗାତା ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା।

**ସଂସ୍କୃତ ଭାଷା ଦର୍ଶନ, ବିଜ୍ଞାନ, ସାହିତ୍ୟ ଓ ଆଧ୍ୟାତ୍ମର ଆତ୍ମା**

ଚଳିତ ବର୍ଷ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିଚାଳିତ ଶାସ୍ତ୍ରୀ (ଯୁକ୍ତ ୩) ପରୀକ୍ଷାରେ ସର୍ବାଧିକ ନମ୍ବର ହାସଲ କରିଥିବା ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟର ବ୍ୟାକରଣ ବିଭାଗର ଛାତ୍ରୀ ମୋନାଲି ଆଚାର୍ଯ୍ୟଙ୍କୁ "ବଂଶୀଧର ଓ ବସନ୍ତମଞ୍ଜରୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ଶିକ୍ଷାଶାସ୍ତ୍ର ବିଭାଗର ମେଧାବୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା।

ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ଅନିଲ କୁମାର ମହାନ୍ତିଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବକ ଏବଂ ସୁଜାତା ଦାସଙ୍କୁ ଶ୍ରେଷ୍ଠ ଜାତୀୟ ସେବା ଯୋଜନା ଅଧିକାରୀ ଭାବେ ସମ୍ମାନିତ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଡ. ରାଧାକାନ୍ତ ପଣ୍ଡା ଏବଂ ଡ. ନିବେଦିତା କର ସଂଯୋଜନା କରିଥିବାବେଳେ ବିଶ୍ୱବିଦ୍ୟାଳୟ ମିଡିଆ ସେଲର ଡ. ସସ୍ମିତା ବନ୍ଦର ନାୟକ, ଡ. ସୁଶାନ୍ତ ଶତପଥୀଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

## ରଥଖଳାରୁ... ତିନିରଥର ଚକଫାଳି ନିର୍ମାଣ ଶେଷ

ପୁରୀ,୭।୭ (ସମିସ): ରଥଯାତ୍ରା ପାଇଁ ତିନିରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ମହାରଣା ସେବକମାନେ ୧୦ଟି ଲେଖାଏଁ ରଥ ମୋଡ଼ ଚକ ଫାଳି ନିର୍ମାଣ ଶେଷ କରିଛନ୍ତି। ସେହିପରି ତିନିରଥର ବେଦୀ ସିଂହାସନର ବିଜେ ଚକା ସ୍ଥାପନ ପୂର୍ବରୁ ବେଦୀ ପରିସରକୁ ରଞ୍ଜା ମାରି ସଫା ସରିଛି। ଚିତ୍ରକାର ସେବକମାନେ ତିନିରଥ ପ୍ରଭାର ଖୋଦେଇ ରୂପରେ ରଙ୍ଗ ସାରିଥିବାବେଳେ ମଧ୍ୟ ଭାଗରେ ଅଙ୍କିତ ଦେବ ଦେବୀଙ୍କ ରଙ୍ଗ ଚିତ୍ରକୁ ଶେଷ ସ୍ୱର୍ଶ ଦେଉଛନ୍ତି। ଏଥିସହ ଚକ, ଦଣ୍ଡା, ଗୁଜ, ରଥ ଉପର ନାହାକା, ବ୍ରେକ୍



ପୁଲି, ଘୋଡ଼ା, ସାରଥୀ ଇତ୍ୟାଦିର ରଙ୍ଗ ଜାରି ରହିଛି। ଦରଜୀ ସେବକମାନେ ନନ୍ଦିଘୋଷ ରଥର ବାକି ରହିଥିବା ବତା କନାରେ ବିଳାସ ପଟି ପକା କାର୍ଯ୍ୟ ଶେଷ କରି ତିନିରଥର ଦୁଆରବେଢ଼ା ଚନ୍ଦ୍ର ଶାଳୀରେ ଚିକଣ ଫୁଲ, ଡାଳି ଲତା ପକା କାର୍ଯ୍ୟ ଜାରି ରଖିଛନ୍ତି। କମାର ସେବକମାନେ ଜରୁରୀ ପରିସ୍ଥିତି ପାଇଁ କିଛି ଆବଶ୍ୟକ କଣ୍ଟା ତିଆରି କରୁଛନ୍ତି। ପାହି ମହାରଣାମାନେ ରଥ ଯାତ୍ରାରେ ସେବା ପୂଜା ପାଇଁ ସରଞ୍ଜାମ ନିର୍ମାଣ ଶେଷ କରି ଗୁଣ୍ଡିଚା ମନ୍ଦିରରେ ବ୍ୟବହାର ପାଇଁ ଆବଶ୍ୟକୀୟ କାଠ ସରଞ୍ଜାମ ତିଆରି କରୁଛନ୍ତି।

## ଜୁଲାଇ ୨୬ରେ ଅଧରପଣା — ଗଢ଼ା ଚାଲିଛି ଅଧର ହାଣ୍ଡି

ପୁରୀ,୭।୭ (ସମିସ)

ଆସନ୍ତା ୧୬ ତାରିଖରେ ରଥଯାତ୍ରା। ମହାପ୍ରଭୁ ନବଦିନାତ୍ମକ ଯାତ୍ରାରେ ଯିବେ ଶ୍ରୀଗୁଣ୍ଡିଚା ମନ୍ଦିର। ପରେ ପରେ ବାହୁଡ଼ା, ସୁନାବେଶ, ଅଧରପଣା ଏବଂ ନୀଳାଦ୍ରିବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଚାଲିଥିବାବେଳେ ଅଧରପଣା ପାଇଁ କୁମ୍ଭକାର ଅଧରହାଣ୍ଡି ପ୍ରସ୍ତୁତିରେ ଲାଗିଛନ୍ତି। ଜୁଲାଇ ୨୬ ତାରିଖରେ ରଥ ଉପରେ ହେବ ଅଧର ନୀତି। ରଥାରୁଢ଼ ଠାକୁରମାନଙ୍କ ଅଧର ଉଚ୍ଚ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟିହାଣ୍ଡିରେ ହେଉଥିବା ପଣାଭୋଗକୁ ଅଧରପଣା କୁହାଯାଏ। ତେବେ ଅଧରପଣା ପାଇଁ ନିଷ୍ଠାର ସହିତ କୁମ୍ଭକାର ଗଢୁଛନ୍ତି ଅଧରହାଣ୍ଡି।



ପୂର୍ବେ ବାହୁଡ଼ା ଦଶମୀ ଦିନ ୩ ହାଣ୍ଡି, ଏକାଦଶୀରେ ୩ ହାଣ୍ଡି ଓ ଦ୍ୱାଦଶୀରେ ୩ ହାଣ୍ଡି ଏହିପରି ମୋଟ ୯ ହାଣ୍ଡି ଏବଂ ବଳଭଦ୍ରଙ୍କ ରଥରେ ରାମକୃଷ୍ଣଙ୍କ ଉଦ୍ଦେଶ୍ୟରେ ୨ ହାଣ୍ଡି (ସାନ), ଜଗନ୍ନାଥଙ୍କ ରଥରେ ମଦନମୋହନଙ୍କ ନିମିତ୍ତ ଗୋଟିଏ ହାଣ୍ଡି (ସାନ) ଏହିପରି ମୋଟ୍ ୧୨ ହାଣ୍ଡି ଅଧରପଣା ଭୋଗ ହେଉଥିଲା। ସମ୍ପ୍ରତି ତିନିରଥରେ ଦ୍ୱାଦଶୀ ତିଥିରେ ମୋଟ୍ ୯ ହାଣ୍ଡି ଅଧରପଣା ଭୋଗ ହେଉଛି। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ, ରାଘବଦାସ ମଠ ଓ ବଡ଼ଓଡ଼ିଆ ମଠ ପ୍ରତ୍ୟେକ ୩ଟି ଲେଖାଏଁ ଅଧରହାଣ୍ଡି ଯୋଗାଇଥା'ନ୍ତି। ଅଧରହାଣ୍ଡି ପ୍ରସ୍ତୁତି ସମ୍ପର୍କରେ କୁମ୍ଭକାର କୁହନ୍ତି, ଗୋଟିଏ ହାଣ୍ଡି ତିଆରି କରିବା ପାଇଁ ପ୍ରାୟ ୪ ବସ୍ତା ମାଟି ଓ ଗୋଟିଏ ବସ୍ତା ବାଲି ଦରକାର ପଡ଼ିଥାଏ। ମାଟିକୁ ଭଲଭାବେ ଗୁଣ୍ଡ କରାଯାଏ। ସେହିପରି ବାଲିକୁ ଚଲାଯାଇ ସେଥିରୁ ଛୋଟ ଇଟା ଓ ପଥରଖଣ୍ଡ ବାହାର କରିଦିଆଯାଏ। ପ୍ରଥମେ ଏହାକୁ ଚକଟାଯାଇ ସମ୍ପୂର୍ଣ୍ଣ ପ୍ଲେନ୍ କରାଯାଏ। କୁମ୍ଭାର ଚକରେ ବାଇହାଣ୍ଡିଠୁ ବଡ଼ ଆକାର ଗଢ଼ାଯାଇ ଏହାକୁ ଖରାରେ ଶୁଖାଇ ଦିଆଯାଏ। ଦୁଇଦିନ ଶୁଖିବା ପରେ ଏହାକୁ ବାଡ଼ିଆଯାଇ ଆକାର ଦିଆଯାଏ। କଞ୍ଚାବେଳେ ଏହା ପ୍ରାୟ ୪ରୁ ସାଢ଼େ ୪ ଫୁଟ୍ ରହିଥାଏ। ଶୁଖିଗଲା ପରେ ଏହାର ଉଚ୍ଚତା ସାମାନ୍ୟ କମିଯାଏ। ବର୍ତ୍ତମାନ ସେ ଗଢୁଥିବା ଅଧରହାଣ୍ଡି ଶୁଖିଗଲାଣି। ଭାଟିରେ ପୋଡ଼ାଯିବା ପରେ ଏହା ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଯିବ। ଅକ୍ଷୟ ତୃତୀୟା ପରଠାରୁ ଶୁଦ୍ଧପୁତ ଭାବେ ରହି ଏହାକୁ ଗଢ଼ାଯାଏ। ଆରମ୍ଭରୁ ଏହା ଶେଷ ହେବା ପର୍ଯ୍ୟନ୍ତ ଅରୁଆ ଖାଇବାକୁ ପଡ଼ିଥାଏ। ଏହାକୁ ମହିଳାମାନେ ଛୁଅନ୍ତି ନାହିଁ କି ତିଆରି ହେଉଥିବା ଘରକୁ ଆସନ୍ତି ନାହିଁ। ଏହାକୁ ତିଆରି କରିବା ପାଇଁ ପ୍ରାୟ ମାସେ ପରେ ସମୟ ଲାଗେ। ଅଧରପଣାର ପୂର୍ବଦିନ ଏହାକୁ ନେଇ ପହଞ୍ଚାଇ ଦିଆଯାଏ।

## ଆସୁଛି ରଥଯାତ୍ରା... ପ୍ରତି ରଥରେ ୯ ପାର୍ଶ୍ୱ ଦେବଦେବୀ

ପୁରୀ,୭।୭ (ସମିସ)

ଓଡ଼ିଶାର ମୁଖ୍ୟ ଯାତ୍ରା ଭାବେ ପୁରୀ ରଥଯାତ୍ରା ବିଶ୍ୱପ୍ରସିଦ୍ଧ। ଏହା ଶ୍ରୀମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ। ସମଗ୍ର ଭାରତ ବର୍ଷରେ ଯେତେ ପ୍ରକାରର ରଥ ଠାକୁରଙ୍କ ଲାଗି ତିଆରି ହୁଏ ସେଥିମଧ୍ୟରୁ ଶ୍ରୀକ୍ଷେତ୍ରର ତିନିରଥ ନିର୍ମାଣ ଶୈଳୀ ଅତୀବ ରହସ୍ୟମୟ। ବହୁ ପ୍ରାଚୀନ ସମୟରୁ ରଥର ନିର୍ମାଣ ପଦ୍ଧତି ଶିଳ୍ପଶାସ୍ତ୍ରାନୁମୋଦିତ। ତେବେ ଏହି ତିନିରଥରେ ଆସୀନ ହୋଇଥା'ନ୍ତି ପାଶ୍ୱର୍ ଦେବଦେବୀ। ଏହି ପାଶ୍ୱର୍ ଦେବଦେବୀଙ୍କ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ପରମକାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ନିମନ୍ତେ ପ୍ରତିବର୍ଷ ନୂତନ ଭାବେ ତିନିଗୋଟି ରଥ ନିର୍ମିତ ହୋଇଥାଏ। ଶିଳ୍ପ ଶାସ୍ତ୍ର ପଦ୍ଧତିରେ



ନିର୍ମିତ ହୋଇଥିବା ଏହି ରଥଗୁଡ଼ିକ ଅତ୍ୟନ୍ତ ସୁଦୃଶ୍ୟ। ଏହି ତିନିରଥରେ ପ୍ରତିବର୍ଷ ପାଶ୍ୱର୍ ଦେବଦେବୀଙ୍କୁ ସ୍ଥାନିତ କରାଯାଇଥାଏ। ନବକଳେବର ସମୟରେ ପୁରୁଣା ପାଶ୍ୱର୍ ଦେବଦେବୀଙ୍କୁ ପାତାଳୀ କରାଯାଇଥାଏ। ରୂପକାର ସେବକମାନେ ନିମ୍ବ କାଠରେ ସମୁଦାୟ ୨୭ଟି ପାଶ୍ୱର୍ ଦେବଦେବୀଙ୍କ ବିଗ୍ରହ ନିର୍ମାଣ କରିଥା'ନ୍ତି। ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ଚିତ୍ରକାର ସେବକମାନେ ସମସ୍ତ ମୂର୍ତ୍ତିକୁ ରଙ୍ଗ କରିଥା'ନ୍ତି। ଆବଶ୍ୟକତା ଅନୁସାରେ ରୂପକାର ସେବକମାନଙ୍କ ଦ୍ୱାରା ମରାମତି କାର୍ଯ୍ୟ ମଧ୍ୟ ହୋଇଥାଏ। ପ୍ରତି ରଥରେ ୯ ମୂର୍ତ୍ତି ଲେଖାଏଁ ପାଶ୍ୱର୍ ଦେବଦେବୀଙ୍କୁ ଅଧିଷ୍ଠିତ କରାଯାଇଥାଏ।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥରେ ଯେଉଁ ୯ ପାଶ୍ୱର୍ ଦେବତା ରୁହନ୍ତି। ସେମାନେ ହେଲେ ହରିହର, ପଣ୍ଡୁନୃସିଂହ, ଗିରିଗୋବର୍ଦ୍ଧନଧାରୀ, ରାବଣ ଛତ୍ରଭଙ୍ଗ, ଚିନ୍ତାମଣୀ କୃଷ୍ଣ, ନାରାୟଣ, ମଧୁସୂଦନ, ଲକ୍ଷ୍ମଣ ଓ ପଞ୍ଚମୁଖୀ ହନୁମାନ। ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଯେଉଁ ଦେବୀମାନେ ରୁହନ୍ତି ସେମାନେ ହେଲେ ବିମଳା, ମଙ୍ଗଳା, ବରାହୀ, ଭଦ୍ରକାଳୀ, ଉମା, କାତ୍ୟାୟନୀ, ହରଚଣ୍ଡୀ, ରାମଚଣ୍ଡୀ ଓ ଅଘୋରା। ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଅଧିଷ୍ଠିତ ହେଉଥିବା ଦେବତାମାନେ ହେଲେ ପ୍ରଳମ୍ବାରୀ ମହାଦେବ, ବାଇଶିଭୁଜ ନୃସିଂହ, ବଳରାମ, ନଟବର ଗଣେଶ, ଅଙ୍ଗଦ, ନାକାମ୍ବର, ଷଡ଼ାନନ କାର୍ତ୍ତିକେଶ୍ୱର, ମଧୁ ପୈଟଭ ଓ ଅନନ୍ତ ବାସୁଦେବ। ଏହିପରି ଭାବେ ତିନିରଥରେ ୨୭ ଜଣ ପାଶ୍ୱର୍ ଦେବଦେବୀ ଅବସ୍ଥାନ କରିଥା'ନ୍ତି। ଦୈବୀ ଦୁର୍ଘଟଣା ଓ ପ୍ରାକୃତିକ ବିପର୍ଯ୍ୟୟରୁ ରଥକୁ ସମ୍ପୂର୍ଣ୍ଣ ରୂପେ ଏହି ପାଶ୍ୱର୍ ଦେବଦେବୀ ସୁରକ୍ଷା ପ୍ରଦାନ କରିଥା'ନ୍ତି ବୋଲି ଡ. ଦାଶ କହିଛନ୍ତି।

## ସିଂହଦ୍ୱାରରେ ଫଟୋ ପ୍ରଦର୍ଶନୀର ପୋଷ୍ଟର ଉନ୍ମୋଚିତ

ପୁରୀ,୭।୭ (ସମିସ): ନବୀନ (ନୂତନ ଭବିଷ୍ୟତ ନିର୍ମାଣର ସୂତ୍ରଧର) ଟ୍ରଷ୍ଟ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ପ୍ରଦର୍ଶନୀ ନିମନ୍ତେ ଆଗ୍ରହୀ ଫଟୋଗ୍ରାଫରଙ୍କଠାରୁ ଫଟୋ ଆମନ୍ତ୍ରଣର ଶୁଭାରମ୍ଭ ମଙ୍ଗଳବାର ସିଂହଦ୍ୱାର ସମ୍ମୁଖରେ ହୋଇଯାଇଛି। ଏସ୍‌ପି ପ୍ରତୀକ୍ ସିଂ, ଟ୍ରଷ୍ଟର




ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦାସ ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥିଙ୍କ କରକମଳରେ ସନ୍ଧ୍ୟାରେ ଏହାର ପୋଷ୍ଟର ଉନ୍ମୋଚିତ ହୋଇଥିଲା। ଗତ ୪ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଏହି ରାଜ୍ୟସ୍ତରୀୟ ପ୍ରଦର୍ଶନୀ ନିମନ୍ତେ ରାଜ୍ୟର ସମସ୍ତ ଫଟୋଗ୍ରାଫରଙ୍କ ନିକଟରୁ ପଞ୍ଚମ ସଂସ୍କରଣ ଲାଗି ୪ଟି ଥିମ୍ (ଲୁଚି ରହିଥିବା ଐତିହ୍ୟରାଜି, ଶାରୀରିକ ଅକ୍ଷମ ଏକ ବୋଝ ନୁହେଁ ସମ୍ମାନ, ରାସ୍ତାଘାଟରେ ଜୀବନର ଜଳଛବି ଏବଂ ପ୍ରକୃତି ଉପରେ ପାଣିପାଗ ପରିବର୍ତ୍ତନର ପ୍ରଭାବ) ଉପରେ ଫଟୋ ଆମନ୍ତ୍ରଣ କରାଯାଉଛି। ଆଗ୍ରହୀ ବ୍ୟକ୍ତିବିଶେଷ ଆସନ୍ତା ଅଗଷ୍ଟ ୫ ତାରିଖ ସୁଦ୍ଧା ସେମାନଙ୍କ ନିର୍ବାଚିତ ଫଟୋ ନିର୍ଦ୍ଧାରିତ ନିୟମ ଅନୁସାରେ ପ୍ରେରଣ କରିବାକୁ ଟ୍ରଷ୍ଟ ପକ୍ଷରୁ ଅନୁରୋଧ କରାଯାଇଛି। ଅଧିକ ବିବରଣୀ ନିମନ୍ତେ ମୋବାଇଲ ନମ୍ବର ୯୪୩୯୬୧୪୬୭୭ରେ ଯୋଗାଯୋଗ କରିବାକୁ ଟ୍ରଷ୍ଟ ଅଧ୍ୟକ୍ଷ ଶ୍ରୀ ଦାସ ନିବେଦନ କରିଛନ୍ତି।

### ■ ପୁଲିସର ତତ୍ପରତା

## କେନ୍ଦୁଝରର ୨ ନାବାଳକ ପୁରୀରୁ ଉଦ୍ଧାର

ପୁରୀ,୭।୭ (ସମିସ): ପୁରୀ ପୁଲିସର ତତ୍ପରତା ଯୋଗୁଁ କେନ୍ଦୁଝରର ୨ ନାବାଳକ ସୁରକ୍ଷିତ ଭାବେ ସେମାନଙ୍କ ପରିବାରକୁ ଫେରିଛନ୍ତି। ମଙ୍ଗଳବାର ପୂର୍ବାହ୍ଣ ପ୍ରାୟ ସାଢ଼େ ୧୦ଟା ସମୟରେ ୧୧୨ ଜରୁରୀକାଳୀନ ସେବାକୁ ଏକ ସୂଚନା ମିଳିଥିଲା ଯେ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳର ଦୁଇ ନାବାଳକ ନିଜ ହଷ୍ଟେଲରୁ ପଳାଇ ଆସି ପୁରୀରେ ବୁଲୁଛନ୍ତି। ଖବର ପାଇବା ମାତ୍ରେ ପୁଲିସର ପିସିଆର୍-୩ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଭୟ ନାବାଳକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କ ପରିଚୟ ଯାଞ୍ଚ କରି ପରିବାର ସଦସ୍ୟଙ୍କ ସହ ଯୋଗାଯୋଗ କରାଯାଇଥିଲା। ଯଥାର୍ଥ ଯାଞ୍ଚ ଓ ଆବଶ୍ୟକ ଆଇନଗତ ପ୍ରକ୍ରିୟା ସମ୍ପନ୍ନ କରିବା ପରେ ଉଭୟ ନାବାଳକଙ୍କୁ ସେମାନଙ୍କ ପରିବାର ଲୋକଙ୍କ ନିକଟରେ ସୁରକ୍ଷିତ ଭାବେ ହସ୍ତାନ୍ତର କରାଯାଇଛି। ପୁରୀ ପୁଲିସ ସାଧାରଣ ଜନତାଙ୍କୁ ଅନୁରୋଧ କରୁଛି ଯେ, କୌଣସି ନାବାଳକ କିମ୍ବା ନାବାଳିକା ଅସହାୟ ଅବସ୍ଥାରେ ବୁଲୁଥିବା କିମ୍ବା ସନ୍ଦେହଜନକ ପରିସ୍ଥିତିରେ ଦେଖାଗଲେ ତୁରନ୍ତ ୧୧୨ ଜରୁରୀକାଳୀନ ସେବା କିମ୍ବା ନିକଟସ୍ଥ ଥାନାକୁ ସୂଚନା ଦେଇ ସହଯୋଗ କରନ୍ତୁ।

## ସ୍ୱେରେଜ୍ ଡ୍ରେନ୍‌ରୁ ନବଜାତ ଶିଶୁର ମୃତଦେହ ଉଦ୍ଧାର

ପୁରୀ,୭।୭ (ସମିସ): ବାସେଳିସାହି ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଯାହା ଶ୍ରୀକ୍ଷେତ୍ର ପୁରୀରେ ପୁଣି ଥରେ ଲଜ୍ଜାଜନକ ଘଟଣା ଦେଖିବାକୁ ମିଳିଛି। ବାସେଳିସାହି ଥାନା ଅନ୍ତର୍ଗତ ମାର୍କଣ୍ଡେଶ୍ୱର ସାହି ବଢ଼େଇ ଲେନ୍‌ସ୍ଥିତ ଏକ ସ୍ୱେରେଜ୍ ନାଳରୁ ନବଜାତ ଶିଶୁର ମୃତଦେହ ଉଦ୍ଧାର ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁର ମୃତଦେହକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, କିଛିଦିନ ହେବ ସ୍ୱେରେଜ୍ ନାଳ ଜାମ୍ ହୋଇ ମଇଳା ପାଣି ରାସ୍ତାରେ ଭାସୁଥିଲା। ଫଳରେ ସାହି ବାସିନ୍ଦାଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଅନୁଯାୟୀ ସ୍ୱେରେଜ୍ ସଫା କରିବା ନିମନ୍ତେ ମଙ୍ଗଳବାର ପୂର୍ବାହ୍ଣରେ ଏହାକୁ ସଫା କରିବା ନିମନ୍ତେ କର୍ମଚାରୀ ଆସିଥିଲେ। ସଫା କରିବା ସମୟରେ ଏକ ନବଜାତ ଶିଶୁର ମୃତଦେହ ପଡ଼ିଥିବା ଦେଖିଥିଲେ। ଏ ନେଇ କର୍ମଚାରୀମାନେ ଅଧିକାରୀଙ୍କୁ ଜଣାଇବା ପରେ ଘଟଣାସ୍ଥଳରେ ପହଞ୍ଚି ଏହା ଦେଖିବା ପରେ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହକୁ ବାହାର କରିଥିଲା। ପ୍ରାଥମିକ ତଦନ୍ତରୁ ଏହା ଭ୍ରୁଣ ହତ୍ୟା ଘଟଣା ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ତେବେ କିଏ ଏବଂ କାହିଁକି ଏଭଳି ଜଘନ୍ୟ କାର୍ଯ୍ୟ କରିଛି ସେ ନେଇ ଏ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ପୁଲିସ ଏ ନେଇ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରୁଛି। ଦୋଷୀକୁ ଚିହ୍ନଟ କରି କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଭଳି ଅମାନୁଷିକ ଘଟଣା ପରେ ସାରା ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।

**ଭ୍ରୁଣ ହତ୍ୟା ଆଶଙ୍କା**

## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଗଜପତି

ପୁରୀ,୭।୭ (ସମିସ): ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ଅମାନିଆ ହେଉଛି ଇସ୍କନ। ଶାସ୍ତ୍ରୀୟ ମତକୁ ଆଧାର କରି ନିର୍ଦ୍ଦିଷ୍ଟ ତିଥିରେ ରଥଯାତ୍ରା ଆୟୋଜନ ପାଇଁ ଗଜପତି ମହାରାଜା ଇସ୍କନ ମୁଖ୍ୟଙ୍କୁ ଏକାଧିକଥର ଚିଠି ଲେଖିଛନ୍ତି। ହେଲେ ସେମାନେ ଏଥିରେ ସହମତି ହେଉନାହାନ୍ତି। ପ୍ରତିଶ୍ରୁତି ସତ୍ତ୍ୱେ ଇସ୍କନ ପକ୍ଷରୁ ଭାରତ ସମେତ ବିଶ୍ୱରେ ଅଦିନିଆ ରଥଯାତ୍ରା ଚାଲିଛି। ଏହି ପରମ୍ପରା ବିରୋଧୀ କାର୍ଯ୍ୟରେ ରୋକ୍ ଲଗାଇବା ପାଇଁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ହସ୍ତକ୍ଷେପ ଲୋଡ଼ିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଇସ୍କନ ସହ ଏହି ପ୍ରସଙ୍ଗ ନେଇ ବିଦ୍ୱାନମଣ୍ଡଳୀ ଆଲୋଚନା କରିଥିଲେ। ମହାପ୍ରଭୁଙ୍କ ରଥଯାତ୍ରାର ତିଥି ପରିବର୍ତ୍ତନ ହେବ ନାହିଁ ବୋଲି ଶୁଣାଇ ଦେଇଥିଲେ। ୨୦୨୫ ଅକ୍ଟୋବର ୧୯ ତାରିଖରେ ତିଥିରେ ରଥଯାତ୍ରା କରିବାକୁ ଏବଂ ଦେଶ ଭିତରେ ଅଦିନିଆ ରଥ ନ ଗଡ଼ାଇବାକୁ ଇସ୍କନ ନିଷ୍ପତ୍ତି ନେଇଥିଲା। ହେଲେ ପରବର୍ତ୍ତୀ ସମୟରେ ତାହା ପାଳନ କଲାନି। ୨୦୨୬ ମେ' ମାସ ପରେ ବିଶ୍ୱର ଏକାଧିକ ସ୍ଥାନରେ ଅଦିନରେ ସ୍ନାନଯାତ୍ରା କରାଯାଇଛି। ବର୍ଷ ସାରା ଯେ କୌଣସି ଦିନରେ ବି ରଥଯାତ୍ରା କରୁଛି, ଯାହାକି ଜଗନ୍ନାଥପ୍ରେମୀଙ୍କ ଧର୍ମୀୟ ଭାବାବେଗକୁ କଠୋର ଆଘାତ ପହଞ୍ଚାଇଛି। ମହାପ୍ରଭୁଙ୍କ ପବିତ୍ରତା ବଜାୟ ରଖିବା ପାଇଁ ତୁରନ୍ତ ଏହାକୁ ବନ୍ଦ କରିବାକୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ଗଜପତି ମହାରାଜା। ଏଥିସହିତ ରାଷ୍ଟ୍ରପତିଙ୍କୁ ସାକ୍ଷାତ ପାଇଁ ସମୟ ମାଗିବା ସହ ପ୍ରଧାନମନ୍ତ୍ରୀଙ୍କ ସହଯୋଗ ମଧ୍ୟ ଚାହିଁଛନ୍ତି।

**● ଅଦିନିଆ ରଥଯାତ୍ରା ପ୍ରସଙ୍ଗ**

## ପୁରୀ ବିଚ୍ ଫଟୋଗ୍ରାଫର ମହାସଂଘର ସାଧାରଣ ନିର୍ବାଚନ

ପୁରୀ,୭।୭ (ସମିସ): ଶ୍ରୀଶ୍ରୀ ବାବା ଶଙ୍କରେଶ୍ୱରଙ୍କ ପୀଠରେ ପୁରୀ ସି ବିଚ୍ ଫଟୋଗ୍ରାଫର ମହାସଂଘର ବାର୍ଷିକ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ମହାସଂଘରେ ସାମିଲ୍ ଥିବା ୯ଟି ସଂଗଠନର ସଭ୍ୟ ଉପସ୍ଥିତ ରହି ନିର୍ବାଚନରେ ଅଂଶଗ୍ରହଣ କରିଥିଲେ। ମହାସଂଘର ଉପଦେଷ୍ଟା ଆଡ୍‌ଭୋକେଟ୍ ଶ୍ରୀକାନ୍ତ ପରିଜା, ସାମାଜିକ କର୍ମୀ ସିଦ୍ଧାର୍ଥ ରାୟ, ବରିଷ୍ଠ ସଭ୍ୟ ହେମନ୍ତ ଦାସ, ଗୋବିନ୍ଦ ଦତ୍ତ, ଗଣନାଥ ପରିଡ଼ା, ସମୀର ରଞ୍ଜନ ପାଣିଗ୍ରାହୀ ନିର୍ବାଚନ କମିସନର ଭାବେ ଦାୟିତ୍ୱ ପରିଚାଳନା କରିଥିଲେ। ନିର୍ବାଚନରେ ସଭାପତି ଭାବେ ରଞ୍ଜନ କୁମାର ଦାସ, ଉପସଭାପତି ଶ୍ରୀଧର ପଣ୍ଡା, ସମ୍ପାଦକ ସିଙ୍ଗଲ ଶିବ ରାଓ, ସହସମ୍ପାଦକ ବି. ଲୋକନାଥ ବେହେରା, ଯୁଗ୍ମ ସମ୍ପାଦକ ମାର୍କଣ୍ଡ ମିଶ୍ର, କାର୍ଯ୍ୟ ନିରୀକ୍ଷକ ଜି. ମୋହନ ରାଓ ଏବଂ କୋଷାଧ୍ୟକ୍ଷ ଭାବେ ପ୍ରଭାତ ସେଠୀ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ମୋହନ ରାଓ ନିର୍ବାଚନ ସୁପରିଚାଳନା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ରଥଯାତ୍ରା ପାଇଁ କିଭଳି ପ୍ରସ୍ତୁତ ସୁରକ୍ଷା ଏଜେନ୍ସି? — ମକ୍‌ଡ୍ରିଲ୍‌ରେ ଦେଖାଇଲେ କୌଶଳ

ପୁରୀ,୭।୭ (ସମିସ)

ଆଗାମୀ ରଥଯାତ୍ରା ପାଇଁ ପୁଲିସ ଏବଂ ଅନ୍ୟ ସୁରକ୍ଷା ଏଜେନ୍ସିଗୁଡ଼ିକ କେତେଦୂର ପ୍ରସ୍ତୁତ? କୌଣସି ଜରୁରୀକାଳୀନ ପରିସ୍ଥିତିକୁ ମୁକାବିଲା କରିବା ଲାଗି ସେମାନେ କେଉଁଭଳି ପ୍ରସ୍ତୁତି କରିଛନ୍ତି? ଠିକଣା ସମୟରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ସୁରକ୍ଷା ଦେଇପାରିବେ ତ? ଏମିତି ପ୍ରଶ୍ନ ଭିତରେ ନିଜକୁ ପରଖିବା ପାଇଁ ସୁରକ୍ଷା ଏଜେନ୍ସିଗୁଡ଼ିକ କରିଛନ୍ତି ବଡ଼ ମକ୍‌ଡ୍ରିଲ୍। ଲକ୍ଷାଧିକ ଭକ୍ତଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୁରୀ ପୁଲିସ ପକ୍ଷରୁ ମଙ୍ଗଳବାର ମାଳତୀପାଟପୁର ବସ୍‌ଷ୍ଟାଣ୍ଡ, ଗୁଣ୍ଡିଚା ମନ୍ଦିର ନିକଟ ଓ ରେଳ ଷ୍ଟେସନରେ ଏହି ଅଭ୍ୟାସ କରାଯାଇଥିଲା।

ଏହାର ମୂଳ ଉଦ୍ଦେଶ୍ୟ ଥିଲା ବିଭିନ୍ନ ପ୍ରକାରର ଜରୁରୀ ପରିସ୍ଥିତିରେ ସମ୍ପୃକ୍ତ ସମସ୍ତ ବିଭାଗର ସମନ୍ୱିତ କାର୍ଯ୍ୟପ୍ରଣାଳୀ, ତ୍ୱରିତ ପ୍ରତିକ୍ରିୟା କ୍ଷମତା ଏବଂ ଉଦ୍ଧାର ବ୍ୟବସ୍ଥାକୁ ପରୀକ୍ଷା କରିବା। ରଥଯାତ୍ରା କେବଳ ଭିଡ଼ ଓ ଟ୍ରାଫିକ୍ ପରିଚାଳନାରେ ସୀମିତ ନୁହେଁ ବରଂ ଯେକୌଣସି ଅପ୍ରତ୍ୟାଶିତ ପରିସ୍ଥିତିରେ ଭକ୍ତମାନଙ୍କୁ ସୁରକ୍ଷିତ ରଖିବା ପାଇଁ ପୂର୍ବ ପ୍ରସ୍ତୁତି ଅତ୍ୟନ୍ତ ଆବଶ୍ୟକ। ସେହି ଦୃଷ୍ଟିକୋଣରୁ ବାସ୍ତବ ପରିସ୍ଥିତିକୁ ଆଧାର କରି ବିଭିନ୍ନ କଳ୍ପିତ ଦୃଶ୍ୟପଟ ସୃଷ୍ଟି କରାଯାଇ ଅଭ୍ୟାସ କରାଯାଇଥିଲା। ଏହି ମକ୍‌ଡ୍ରିଲ୍‌ରେ ଓଡ଼ିଶା ପୁଲିସର ବିଶେଷ ପ୍ରଶିକ୍ଷିତ ଟାକ୍ଟିକାଲ୍ ୟୁନିଟ୍, ବମ୍ ନିଷ୍କ୍ରିୟକାରୀ ଦଳ, ଡଗ୍ ସ୍କ୍ୱାଡ୍, ଅଗ୍ନିଶମ ବାହିନୀ, ଓଡ୍ରାଫ୍, ସ୍ୱାସ୍ଥ୍ୟ ବିଭାଗ, ଆମ୍ବୁଲାନ୍ସ ସେବା ସହିତ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ସଂସ୍ଥା ନିଜ ନିଜ ଦାୟିତ୍ୱ ଅନୁଯାୟୀ ସମନ୍ୱିତ ଭାବରେ କାର୍ଯ୍ୟ କରି ତ୍ୱରିତ ପ୍ରତିକ୍ରିୟାର କୌଶଳ ପ୍ରଦର୍ଶନ କରିଥିଲେ। ଅଭ୍ୟାସ ସମୟରେ ଘଟଣାସ୍ଥଳରେ ପହଞ୍ଚିବାର ସମୟ, ବିଭିନ୍ନ ୟୁନିଟ୍‌ର ସମନ୍ୱୟ, ଉଦ୍ଧାର ପ୍ରକ୍ରିୟା ଓ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୂକ୍ଷ୍ମ ଭାବରେ ମୂଲ୍ୟାଙ୍କନ କରାଯାଇଥିଲା। ଏଥିରେ ଅଗ୍ନିକାଣ୍ଡ ହେଉ ବା କୌଣସି ଆତଙ୍କୀ କାର୍ଯ୍ୟକଳାପକୁ କିପରି ସଫଳତାର ସହ ମୁକାବିଲା କରିହେବ ତାହାର କୌଶଳ ଦେଖାଯାଇଥିଲା।





ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି ଯେ, ରଥଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେଉଥିବାରୁ ସୁରକ୍ଷା ପୁରୀ ପୁଲିସର ସର୍ବୋଚ୍ଚ ପ୍ରାଥମିକତା। ଭକ୍ତମାନଙ୍କ ସୁରକ୍ଷା, ସୁବିଧା ଏବଂ ନିର୍ବିଘ୍ନ ଦର୍ଶନ ସୁନିଶ୍ଚିତ କରିବା ପାଇଁ କେବଳ ଟ୍ରାଫିକ୍ ଓ ଭିଡ଼ ପରିଚାଳନା ନୁହେଁ, ବରଂ ସମସ୍ତ ପ୍ରକାରର ଜରୁରୀ ପରିସ୍ଥିତିକୁ ମଧ୍ୟ ମୁକାବିଲା କରିବାକୁ ପୁଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ। ରଥଯାତ୍ରା ସମୟରେ କୌଣସି ସନ୍ଦେହଜନକ ବ୍ୟକ୍ତି, ବସ୍ତୁ ଅଥବା ଅସ୍ୱାଭାବିକ ପରିସ୍ଥିତି ଦେଖିଲେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ଅନୁରୋଧ କରିଛନ୍ତି। ଏଥିପାଇଁ ଜରୁରୀ ସେବା ୧୧୨କୁ କଲ୍ ସହିତ ସହରର ବିଭିନ୍ନ ସ୍ଥାନରେ ପୁଲିସର ସହାୟତା ଓ ସୂଚନା କେନ୍ଦ୍ରରେ ଜଣାଇବାକୁ ପରାମର୍ଶ ଦେଇଛନ୍ତି।

# ଖଇରା ବ୍ଲକସ୍ତରୀୟ ଭିଭି ଜି ରାମ ଜି କର୍ମଶାଳା




ଖଇରା, ୭।୭ (ସମିସ): ଖଇରା ବ୍ଲକ ସଭାଗୃହରେ ବ୍ଲକ ସ୍ତରୀୟ ଭିଭି ଜି ରାମ ଜୀ ଉପରେ ମଙ୍ଗଳବାର ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ବିଡିଓ ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ଗଜେନ୍ଦ୍ର ପ୍ରସାଦ ଦାସ, ସଭ୍ୟା ରଶ୍ମିତା ମହାପାତ୍ର, ସିପି ଶଶିକାନ୍ତ ଦାସ, ଏବିଡିଓ ଅଞ୍ଜନ କୁମାର ପାଣିଗ୍ରାହୀ, ଏପିଓ ବିନୋଦ କୁମାର ଟୁଡୁ, ବିଏସଏସଓ ସରୋଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଏହି ଯୋଜନାରେ ୧୨୫ ଦିନ ଗ୍ରାମୀଣ ରୋଜଗାରର ଗ୍ୟାରେଣ୍ଟି ସହ ରାସ୍ତା, ପୋଖରୀ ଖୋଳା ପାଇଁ ରହିଥିବା ଗାଇଡ ଲାଇନ ଉପରେ ଆଲୋକପାତ କରିଥିଲେ । ଏସିପି ସୁଶାନ୍ତ ଓଝା, ଏହି ଯୋଜନା ଦାୟିତ୍ୱରେ ଥିବା ସହାୟିକା ଶ୍ରଦ୍ଧାଞ୍ଜଳି ପାତ୍ର, ଡିଇଓ ଜମୁନା ଗିରିଙ୍କ ସମେତ ମୃତ୍ତିକା ସଂରକ୍ଷଣ, ଉଦ୍ୟାନ କୃଷି ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ । ଖଇରା ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ୭ ବାଲି ମାଫିଆଙ୍କ ନାଁରେ ଖଣି ବିଭାଗର ଏତଲା

ଜଳେଶ୍ୱର, ୭।୭ (ସମିସ)

ବିଳମ୍ବରେ ହେଲେ ମଧ୍ୟ ଖଣି ବିଭାଗ ବାଲି ମାଫିଆଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେଇଛନ୍ତି । ୩ ଦିନ ତଳେ ଖଣି ବିଭାଗ ପକ୍ଷରୁ ୭ଜଣ ବାଲି ମାଫିଆଙ୍କ ନାମରେ ଜଳେଶ୍ୱର ଥାନାରେ ଖଣି ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇଛି । ଫଳରେ ସୁବର୍ଣ୍ଣରେଖା ନଦୀରୁ ଚୋରା ବାଲି ଚାଲାଣ କରୁଥିବା ମାଫିଆଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି । ଘଟଣାରୁ ପ୍ରକାଶ, ସୁବର୍ଣ୍ଣରେଖା ନଦୀର ଜଳେଶ୍ୱର ତହସିଲ ଅଧୀନ ବିଭିନ୍ନ ସ୍ଥାନରୁ ନଦୀବନ୍ଧ କାଟି ମେସିନ୍ ଦ୍ୱାରା ପ୍ରତିଦିନ ହଜାର ହଜାର ଡମ୍ପର ଦ୍ୱାରା ଖୁଲମ ଖୁଲା ପଶ୍ଚିମବଙ୍ଗକୁ ଚାଲାଣ କରି ଆସୁଛନ୍ତି । ସରକାରଙ୍କ ହଜାର ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ହେଉଥିବା ବେଳେ ମାଫିଆମାନେ କୁବେର ସମ୍ପତ୍ତିର ମାଲିକାନା

**ଅନ୍ୟମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କେବେ**

ହେଉଛନ୍ତି । ଏ ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଆସୁଥିବା ବେଳେ ସ୍ଥାନୀୟ ପ୍ରଶାସନ ହାତଗଣତି ଜଣେ ଦୁଇଜଣଙ୍କ ଉପରେ ସାମାନ୍ୟ ଫାଇନ୍ ଆଦାୟ କରି ଚୁପ୍ ବସୁଛନ୍ତି । ଏନ୍‌ଫୋର୍ସମେଣ୍ଟ ଟିମ୍‌ରେ ପୁଲିସ୍ ଓ ତହସିଲ ଅଫିସରମାନେ ଥିଲେ ମଧ୍ୟ ଚଢାଉ ପୂର୍ବରୁ ମାଫିଆମାନଙ୍କ ନିକଟରେ ଖବର ପହଞ୍ଚି ଯାଉଥିବାରୁ ଚଢାଉ ଫଳ ଶୂନ୍ୟ ହୋଇ ଯାଉଛି । ସୁବର୍ଣ୍ଣରେଖା ନଦୀରୁ ରାୟାଁରାମଚନ୍ଦ୍ରପୁର, ଚାଳନ୍ତି, ଶିଖରପୁର, ସେଖସରାଇ, ସେକବାର୍ଡ, ଗୁଆଗଡିଆ, ଡିପିପୁର,ଗୋପ, ବିରିସପୁର, ବାଲିକବାର୍ଡ, କଣ୍ଠାପାଳ, ରାଜନଗର ଇତ୍ୟାଦି ସ୍ଥାନରୁ ପ୍ରତିଦିନ ବାଲି ପରିବହନ ହୋଇ ଆସୁଛି । ଏକ ସପ୍ତାହ ହେବ ଜଳେଶ୍ୱର ଅଂଚଳରେ ବର୍ଷା ଲାଗି ରହିଥିବାରୁ ମାଫିଆମାନେ ନଦିରୁ ବାଲି ଉତ୍ତୋଳନ କରି ବିଭିନ୍ନ ସରକାରୀ ଓ ବେସରକାରୀ ଜାଗାରେ ପାହାଡଭଳି ଗଦା କରି ରଖିଛନ୍ତି । ବର୍ଷା ଦିନ ଆସିଥିଲେ ମଧ୍ୟ ମଉକା ଦେଖି ମାଫିଆମାନେ ପଶ୍ଚିମବଂଗକୁ ଚାଲାଣ କରି ଆସୁଛନ୍ତି । ବାରମ୍ବାର ଖବର ପ୍ରସାରଣ ପରେ ଜିଲ୍ଲା ମାଇନିଂ ବିଭାଗ ନିର୍ଦ୍ଦେଶରେ ଜଳେଶ୍ୱର କନିଷ୍ଠ ଖଣି ଅଧିକାରୀ ତାପସ ବେହେରା ଜଳେଶ୍ୱରର ୭ଜଣ ବାଲି ମାଫିଆଙ୍କ ଉପରେ ୩୧୯୮/୨୬ରେ ମାମଲା ରୁଜୁ କରିଛନ୍ତି । ସୁବାଶ ପ୍ରମାଣିକ, ଅଧିର ଦେ, ଅଜୟ ମହାନ୍ତି, ରାଜେନ୍ଦ୍ର ଦାସ, ନିଶିକାନ୍ତ ଦେ, ବିନୋଦ ମହାନ୍ତି, ଦିନକୃଷ୍ଣ ଓଝା ପ୍ରମୁଖଙ୍କ ଉପରେ ବାଲି ଚୋରୀ ଅଭିଯୋଗରେ ମାମଲା ରୁଜୁ କରାଯିବା ପରେ ଜଳେଶ୍ୱରରେ ବାଲି ମାଫିଆଙ୍କ ମନରେ ଛନ୍‌କା ପଶିଛି । କେତେକ ମାଫିଆ ଘର ଛାଡିଥିବା ଶୁଣିବାକୁ ମିଳୁଛି । ତେବେ ଖରାଦିନ ଛାଡି ବର୍ଷାଦିନରେ ଖଣିବିଭାଗର ଏପରି କଡା ଆଭିମୁଖ୍ୟ ପଛରେ ରହସ୍ୟ କ'ଣ ଅଛି ଏ ସଂପର୍କରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ୧୨୫ ଦିନିଆ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନାର ଶୁଭାରମ୍ଭ



ଔପଦା, ୭।୭ (ସମିସ): ମନରେଗା ଯୋଜନା ବନ୍ଦ ହେବା ପରେ ଗ୍ରାମାଞ୍ଚଳର ଶ୍ରମିକମାନଙ୍କୁ ଆର୍ଥିକ ସୁରକ୍ଷା ଯୋଗାଇଦେବା ପାଇଁ ଏକ ନୂତନ ପ୍ରୟାସ ଆରମ୍ଭ ହୋଇଛି । ଏହି କ୍ରମରେ ଔପଦା ବ୍ଲକ ସଭାଗୃହ ପରିସରରେ 'ଭିବି ଗ୍ରାମଜୀ ୧୨୫ ଦିନିଆ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା'ର ଆନୁଷ୍ଠାନିକ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଔପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱାଶତୀ ସାଦୁଆଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବିସି ବିସ୍ୱା ପାତ୍ର ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହ ନୂତନ ଯୋଜନାର ଲକ୍ଷ୍ୟ ଓ ଅଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ପ୍ରଭାକର ସାହୁ, ଜିଲ୍ଲା ପରିଷଦ ସଦସ୍ୟା ମୁନୀ ସିଂ ଏବଂ ଏସିପି ମାନସ କୁମାର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଗ୍ରାମୀଣ ରୋଜଗାର ବୃଦ୍ଧି ଉପରେ ନିଜ ନିଜର ମତ ରଖିଥିଲେ । ବ୍ଲକ ଏପିଓ ଜ୍ୟୋତି ପ୍ରସନ୍ନ ପୁଷ୍ଟି ସମଗ୍ର କାର୍ଯ୍ୟକ୍ରମକୁ ସଚାରୁରୂପେ ପରିଚାଳନା କରିଥିଲେ । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟକ୍ରମରେ ସ୍ଥାନୀୟ ସାଂସଦ, ବିଧାୟକଙ୍କ ସମେତ ଅଧିକାଂଶ ପଞ୍ଚାୟତ ପ୍ରତିନିଧି ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା । ଯାହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି । ଅପରପକ୍ଷରେ, ବ୍ଲକ ପ୍ରଶାସନ ପକ୍ଷରୁ ଏହି ବଡ଼ ଯୋଜନାର ଶୁଭାରମ୍ଭ ସମ୍ପର୍କରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କୌଣସି ଆନୁଷ୍ଠାନିକ ସୂଚନା ଦିଆଯାଇ ନ ଥିବାରୁ କିମ୍ବା ଆମନ୍ତ୍ରଣ କରାଯାଇ ନଥିବାରୁ ଉପସ୍ଥିତ ସାମ୍ବାଦିକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

# ଅଜୟ ମାଝୀ ହେଲେ ସୋର ବ୍ଲକ ଆତ୍ମା ଅଧ୍ୟକ୍ଷ

ସୋର, ୭।୭ (ସମିସ): ଦୁଇ ବର୍ଷରେ ଥରେ ବ୍ଲକ ଆତ୍ମା ଅଧ୍ୟକ୍ଷ ନିର୍ବାଚନ ହେବାକୁ ଥିବା ବେଳେ ସୋରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଦୀର୍ଘ ୫ବର୍ଷପରେ ଆଜି ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ ଏହି ନିର୍ବାଚନ ହୋଇଥିଲା । ଏଥିରେ ସର୍ବ ସମ୍ମତିକ୍ରମେ ସୋର ବ୍ଲକ ଆତ୍ମା ଅଧ୍ୟକ୍ଷ ଭାବେ ମଧୁସୂଦନପୁର ପଞ୍ଚାୟତ ସମିତିସଭ୍ୟ ଅଜୟ କୁମାର ମାଝି ନିର୍ବାଚିତ ହୋଇଥିଲେ । କୌଣସି ପ୍ରତିଦ୍ୱନ୍ଦି ନଥିବା ବେଳେ ୨୫ଟି ଭୋଟରୁ ଦୁଇଜଣ ଅନୁପସ୍ଥିତ ଥିବାରୁ ୨୨ଖଣ୍ଡ ଭୋଟ ପାଇ ସେ ଅଧ୍ୟକ୍ଷ ହୋଇଥିଲେ । ସେହିପରି ଜିଲ୍ଲା ଆତ୍ମା ସଦସ୍ୟ ଭାବେ ଗୁଡ ସରପଞ୍ଚ ବାସନ୍ତି ପଣ୍ଡା ମନୋନୀତ ହୋଇଥିଲେ । ଏହି ସମୟରେ ବ୍ଲକ ଅଧ୍ୟକ୍ଷା ଅନୁସୟା ମଲିକ, ଜିଲ୍ଲା ପରିଷଦ ସଦସ୍ୟ ଜୟରାମ ଦାସ, ବ୍ଲକ କୃଷି ଅଧିକାରୀଣି ରଞ୍ଜିତା ଟୁଡୁ, ଅତିରିକ୍ତ ଉଦ୍ୟାନ ବିଭାଗ ଅଧିକାରିଣୀ ଶୁଭଶ୍ରୀ ଶୁଭସ୍ମିତାଙ୍କ ସମତେ ମତ୍ସ୍ୟ, ମୃତ୍ତିକା ଆଦି ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ପରେ ବିଧାୟକ ମାଧବ ଧଡ଼ା ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଉଭୟଙ୍କୁ ସମ୍ବର୍ଦ୍ଧିତ



କରିଥିଲେ । ପ୍ରକାଶ ଥାଉକି ପ୍ରତିଥର କୌଣସି ରାଜନୈତିକ ଲୋକ ଆତ୍ମା ଅଧ୍ୟକ୍ଷ ଭାବେ ନିର୍ବାଚିତ ହେଉଥିବା ସାଧାରଣ ଚାଷୀଟିଏ ଥରୁଟିଏ ବି ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇନଥିବାରୁ ସାଧାରଣ ଚାଷୀଙ୍କୁ ସୁଯୋଗ ଦିଆଯାଉନଥିବା ଅଭିଯୋଗ ହୋଇଛି । ରାଜନୈତିକ ଅଭିଷନ୍ଧି ମଧ୍ୟରେ ଏହି ନିର୍ବାଚନ କରାଯାଇ କେବଳ ରାଜନୈତିକ ଲୋକଙ୍କୁ ନିର୍ବାଚିତ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

# ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀରେ ବିଶାଳ ଛାତ୍ର ସମ୍ମିଳନୀ



ଚନ୍ଦନେଶ୍ୱର, ୭।୭ (ସମିସ): ଭାରତୀୟ ଜନସଂଘର ପ୍ରତିଷ୍ଠାତା, ପ୍ରଖ୍ୟାତ ଶିକ୍ଷାବିତ୍, ଚିନ୍ତକ ତଥା ବିଶିଷ୍ଟ ରାଷ୍ଟ୍ରନାୟକ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ଅବସରରେ ଭାରତୀୟ ଜନତା ଯୁବମୋର୍ଚ୍ଚା, ଉତ୍ତର ବାଲେଶ୍ୱର ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଭୋଗରାଇଠାରେ ଏକ ବିଶାଳ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ ବିଭିନ୍ନ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ, ଯୁବକ ଏବଂ ଦଳୀୟ କର୍ମୀମାନଙ୍କ ଉପସ୍ଥିତ ହୋଇଥିଲେ । ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଫାଲ୍ଗୁନୀ ପାଣିଗ୍ରାହୀଙ୍କ ସଂଚାଳନାରେ ଆୟୋଜିତ ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ଜୀବନ ଓ ଆଦର୍ଶ ଆଜିର ଯୁବପିଢ଼ି ପାଇଁ ଅନୁକରଣୀୟ ବୋଲି କହିଥିଲେ । ସେ କହିଥିଲେ ଯେ, ଦେଶର ଏକତା, ଅଖଣ୍ଡତା ଓ ଜାତୀୟ ସ୍ୱାଭିମାନ ସୁରକ୍ଷା ପାଇଁ ଡ. ମୁଖାର୍ଜୀଙ୍କ ଅବଦାନ ଭାରତୀୟ ଇତିହାସରେ ସଦା ସ୍ମରଣୀୟ ହୋଇ ରହିବ । ଏହି ସଭାରେ ମୟୂରଭଞ୍ଜ ସାଂସଦ ଅନନ୍ତ ନାୟକ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଭୋଗରାଇ ବିଜେପି ନେତା ଆଶିଷ କୁମାର ପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ କ୍ୟାପଟେନ୍ ଅଶୋକ ଦାସ, ଜିଲ୍ଲା ଉପସଭାପତି ରାଧାକାନ୍ତ ପ୍ରଧାନ, ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ତପନ କୁମାର ପାତ୍ର, ଦିଲ୍ଲୀପ କୁମାର ପାତ୍ର,ଜିଲ୍ଲା ଯୁବ ମୋର୍ଚ୍ଚା ଇନଚାର୍ଜ ଦେବବ୍ରତ ସାମଲ ପ୍ରମୁଖ ଉପସ୍ଥିତ ରହି ଡ. ମୁଖାର୍ଜୀଙ୍କ ଜୀବନ, କର୍ମ, ଦୂରଦର୍ଶୀ ନେତୃତ୍ୱ ଓ ରାଷ୍ଟ୍ରବାଦୀ ଚିନ୍ତାଧାରା ଉପରେ ଆଲୋକପାତ କରିଥିଲେ । ବକ୍ତାମାନେ ମତବ୍ୟକ୍ତ କରିଥିଲେ ଯେ, ଡ. ଶ୍ୟାମପ୍ରସାଦ ମୁଖାର୍ଜୀ କେବଳ ଭାରତୀୟ ଜନସଂଘର ପ୍ରତିଷ୍ଠାତା ନୁହେଁ, ବରଂ ଜଣେ ମହାନ ରାଷ୍ଟ୍ରବାଦୀ ଚିନ୍ତକ, ଦକ୍ଷ ସଂଗଠକ ଏବଂ ଦେଶର ସାଂସ୍କୃତିକ ଏକତାର ଦୃଢ଼ ପ୍ରବକ୍ତା ଥିଲେ । ସେମାନେ ଯୁବ ସମାଜକୁ ଡ. ମୁଖାର୍ଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଷ୍ଟ୍ରସେବା, ସାମାଜିକ ଦାୟିତ୍ୱବୋଧ ଓ ଚରିତ୍ର ଗଠନ ଦିଗରେ ଆଗେଇ ଆସିବାକୁ ଆହ୍ୱାନ ଜଣାଇଥିଲେ । ସମ୍ମିଳନୀରେ ଉପସ୍ଥିତ ଛାତ୍ରଛାତ୍ରୀ ମଧ୍ୟ ଦେଶର ବିକାଶ ଓ ସମାଜର କଲ୍ୟାଣ ପାଇଁ ନିଜକୁ ସମର୍ପିତ କରିବାର ସଂକଳ୍ପ ଗ୍ରହଣ କରିଥିଲେ ।

# ଜିଲ୍ଲା କାରାଗାରରେ ବନ ମହୋତ୍ସବ

ବାଲେଶ୍ୱର, ୭।୭(ସମିସ): ଜିଲ୍ଲା କାରାଗାର ପରିସରରେ ବନ ମହୋତ୍ସବ ଅବସରରେ ଡ୍ରିମ୍ସ ଆଇଡ଼ିଆଲ ସ୍କୁଲ ତରଫରୁ ନିମନ୍ତ୍ରିତ ଅତିଥିମାନଙ୍କ ସହ ବିଦ୍ୟାଳୟର କର୍ମଚାରୀ ଓ ଛାତ୍ରଛାତ୍ରୀ ଚାରାରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଉଦ୍‌ଘାଟକ ରୂପେ ପ୍ରଥମ ଚାରାରୋପଣ କରିଥିଲେ । ମୁଖ୍ୟଅତିଥି ଭାବେ ଜିଲ୍ଲା କାରାଗାର ଅଧୀକ୍ଷକ ସୁଚିତ୍ରା ଦାସ ମଧ୍ୟ ଗଛ ଲଗାଇବା ସହ ଏଭଳି ମହତ୍ କାମ ପାଇଁ ଅନୁଷ୍ଠାନକୁ ଧନ୍ୟବାଦ ଦେଇଥିଲେ । ଅନ୍ୟତମ ଅତିଥିଭାବେ କବି ପ୍ରଶାନ୍ତ ଦାସ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ରୋଟାରିଆନ୍ ଭାବଗ୍ରାହୀ ମହାନ୍ତି, ସମାଜସେବୀ ଅଞ୍ଜଳି ପଣ୍ଡା, ଜେଲର୍ ପ୍ରଦୀପ କୁମାର ମହାଲିକ ପ୍ରମୁଖ ଚାରା ରୋପଣ କରିଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରତିଷ୍ଠାତା ଗଙ୍ଗାଧର ଦାସ ପରିଚାଳନା କରୁଥି?। ବେଳେ ଅଧ୍ୟକ୍ଷା ପୁଷ୍ପିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅନୀତା ରାଣୀ ଦାସ, ଆରତୀ ବାଳା ଦାସ, ମୌସୁଖୀ ଚାଟାର୍ଜୀ, ମାମୁନି ମହାପାତ୍ର, ନମିତା ବାଗ, ପୂଜା ପରିଡ଼ା, ଗାୟତ୍ରୀ ଦଳେଇ, ସୁନୀତା ପଢିଆରୀ, ଜୟସ୍ମିତା ପଣ୍ଡା, ଗୀତାରାଣୀ ଦାସ, ଜଲି ମହାନ୍ତି, ସରିଫୁଦ୍ଦିନ୍ ମହମ୍ମଦ, ନିରଞ୍ଜନ ଦାସ ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗଛ ଲଗାଅ ଗଛ ବଞ୍ଚାଅ ନୃତ୍ୟ ନାଟିକା ପରିବେଷଣ କରାଯାଇଥିଲା ।



# କବାଡ଼ି ଖେଳାଳିଙ୍କୁ ପୁରସ୍କାର ରାଶି ପ୍ରଦାନ



ବାଲେଶ୍ୱର, ୭।୭(ସମିସ): ଗଞ୍ଜାମଠାରେ ଖେଳାଯାଇଥିବା ମୁଖ୍ୟମନ୍ତ୍ରୀ କପ୍ କବାଡି ୧୬ ବର୍ଷରୁ କମ୍ ବାଳକ ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘ ସୁନ୍ଦରଗଡ ଜିଲ୍ଲାକୁ ହରାଇ ଚାମ୍ପିଅନ୍ ହୋଇଥିଲା । ଏହି ସଫଳତା ପାଇଁ ରାଜ୍ୟ ସରକାର ଚାମ୍ପିଅନ୍ ଦଳକୁ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ । ଆଜି ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ଏହି ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡାସଂଘ ସଭାପତି ସୂର୍ଯ୍ୟବଂଶୀ ମୟୁର ବିକାଶ ୧୧ ଜଣ ଖେଳାଳୀଙ୍କୁ ୮୦୦ ଟଙ୍କା ଲେଖାଏଁ ଏବଂ ମ୍ୟାନେଜର ସୁନିଲ ଚନ୍ଦ୍ର ବେହେରା ଓ କୋଚ୍ ପଦ୍ମଲୋଚନ ବାରିକଙ୍କୁ ୬୦ ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ । ମୋଟ ୧ ଲକ୍ଷ ଟଙ୍କା ଏହି ଦଳକୁ ମିଳିଛି । ପୁରସ୍କାର ପାଇଥିବା ଖେଳାଳି ହେଉଛନ୍ତି ଜଗନ ଜେନା, ତାପସ ପାତ୍ର, ଭକ୍ତ ବନ୍ଧୁ ଜେନା, ଆୟୁସମାନ ମାନ୍ନା, ସଚିନ ଜେନା, ପ୍ରମୋଦ ବେହେରା, ଉମେଶ ଦଳାଇ, ସିପୁନ ଗଙ୍ଗେଇ, ତନ୍ମୟ ପାତ୍ର, ସିପୁ ମହାଲିକ, ମାନସ ରଂଜନ ଜେନା । ପୁରସ୍କାର ପ୍ରଦାନ ସମୟରେ ଜିଲ୍ଲାପାଳ ଖେଳାଳିମାନଙ୍କୁ ଧନ୍ୟବାଦ ଦେବା ସହ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ ଜିଲ୍ଲା କ୍ରୀଡାସଂଘ କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର, ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା, ଜିଲ୍ଲା କ୍ରୀଡା ଅଧୀକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଓଡିଶା କବାଡି ସଂଘ ଉପସଭାପତି ବିରେନ୍ଦ୍ର କୁମାର ସ୍ୱାଇଁ, କବାଡି ଯୁଗ୍ମ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ନାୟକ, ଯୁଗ୍ମ ସମ୍ପାଦକ ସଂଜୟ ଲେଙ୍କା ଓ ସୁଜୟ କୁମାର ଆଚାର୍ଯ୍ୟ ଉପସ୍ଥିତ ଥିଲେ ।

# ଅବସରପ୍ରାପ୍ତ ଶ୍ରମ କମିଶନର ଉମାକାନ୍ତ ଜେନାଙ୍କ ଦେହାନ୍ତ

ନୀଳଗିରି, ୭।୭ (ସମିସ): ଅବସରପ୍ରାପ୍ତ ଶ୍ରମ କମିଶନର ଉମାକାନ୍ତ ଜେନାଙ୍କ ଦେହାନ୍ତ ଘଟିଛି । ଫଳରେ ନୀଳଗିରିରେ ଶୋକର ଛାୟା ଖେଳିଯାଇଛି ।



ସେ ନୀଳଗିରି ଏନ୍‌ଏସିର ୬ ନମ୍ବର ୱାର୍ଡର ମଙ୍ଗଳାସାହିରେ ନିଜସ୍ୱ ଘର ରହିଥିବା ବେଳେ ତାଙ୍କର ଜନ୍ମମାଟି ଯାଜପୁର ଅଟେ । ନୀଳଗିରି କଦମସାହି ଗ୍ରାମର କମ୍ପାଉଣ୍ଡର ସ୍ୱର୍ଗତ ଯଦୁନାଥ ଦାସଙ୍କ ବଡ଼ ଝିଅଙ୍କୁ ସେ ବିବାହ କରିଥିଲେ । ସେ ଜଣେ ମେଳାପୀ, ମିଷ୍ଟଭାଷୀ ସ୍ୱଭାବର ମଣିଷଟିଏ ଥିଲେ ।

# ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ନବ ନିଯୁକ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଚନ୍ଦନେଶ୍ୱର, ୭।୭ (ସମିସ) : ଭୋଗରାଇ ବ୍ଲକ ଟୁକୁରିହାଜିରା ପଞ୍ଚାୟତ ଅଧୀନ ଫୁଲବଣୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକର ନବ ନିଯୁକ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଫୁଲବଣୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଦକ୍ଷିଣ ଭୋଗରାଇ ଓଷ୍ଟା ସଭାପତି ମହେଶ୍ୱର ଗିରିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭୋଗରାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯଜ୍ଞେଶ୍ୱର ଜେନା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭୋଗରାଇ ଶ୍ୟାମ ସୁନ୍ଦର ସଂସ୍କୃତ ମହା ବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଆଦର୍ଶ ଚେତନାକୁ ପିଲାମାନେ ଅନୁକରଣ କରିଥାନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜ୍ୟୋସ୍ନା ରାଣୀ ପଣ୍ଡା,ଦକ୍ଷିଣ ଭୋଗରାଇ ଓଷ୍ଟା ପୂର୍ବତନ ସମ୍ପାଦକ ନଟରଞ୍ଜନ ଘରାଇ, ସଭାପତି ଶ୍ରୀନିବାସ ପ୍ରଧାନ, ଉତ୍ତର ଭୋଗରାଇ ସଭାପତି କୁଳମଣି ଜେନା, ମନୋରଞ୍ଜନ ଦାସ, ଭବେଶ ଚନ୍ଦ୍ର ଗିରି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ନୂତନ ଯୋଗ ଦେଇଥିବା ୧୪ଜଣ ପ୍ରଧାନ ଶିକ୍ଷକ ଓ ୩୫ ଜଣ ନବନିଯୁକ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦକ୍ଷିଣ ଭୋଗରାଇ ସମ୍ପାଦକ ଶାଶ୍ୱତ କୁମାର ଜେନା ମଞ୍ଚ ଆହ୍ୱାନ, ଦେବ ଶଙ୍କର ଦାଶ ବେଦ ପାଠ, ଉତ୍ତର ଭୋଗରାଇ ସମ୍ପାଦକ ବ୍ରଜ ଗୋପାଳ ଦାସ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଧଳ ଧନ୍ୟବାଦ ଦେଇଥିଲେ ।

GOVERNMENT OF ODISHA

**PANCHAYAT SAMITI: NARAYANPATNA**

**PR & DW DEPARTMENT, ODISHA**

**E-Mail ID:** ori-narayanpatna@nic.in

**Letter No.:** 1889 /2026/TCN.02/2026-27, **Date:** 06.07.2026

**NOTICE INVITING TENDER**

**Bid Identification No. 02 of 2026-27 of B.D.O. Narayanpatna**

1. Bid documents consisting of specification, the Bill of Quantity and the Tender Call Notice can be seen in the Government website: http://tendersodisha.gov.in/nicgep/app

| Sl. No. | Name of Work | Estimated Cost (Rs.) | Class of Contractor | Cost of Tender Paper (Rs.) | EMD (Rs.) | Time of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Drinking Water and Additional Classroom at Narayanpatna Govt. Girls Higher Secondary | 10,89,277/- | "C" & "D" | 6,000/- | 10,900/- | 6 Months |
| 2 | Construction of Additional Classroom at RK Higher Secondary School at Narayanpatna | 15,23,399/- | "C" & "D" | 6,000/- | 15,300/- | 6 Months |
| 3 | Construction of Drinking Water and Additional Classroom at Bala UGAS | 11,04,753/- | "C" & "D" | 6,000/- | 11,100/- | 6 Months |
| 4 | Construction of Boundary Wall, Drinking Water and Additional Classroom at Kelubadi Primary School | 11,06,336/- | "C" & "D" | 6,000/- | 11,100/- | 6 Months |
| 5 | Construction of Boundary Wall, Drinking Water and Additional Classroom at Laumalo Govt. Primary School | 11,00,049/- | "C" & "D" | 6,000/- | 11,000/- | 6 Months |
| 6 | Construction of Drinking Water and Additional Classroom at Naktipadar Upper Primary School | 11,00,049/- | "C" & "D" | 6,000/- | 11,000/- | 6 Months |
| 7 | Construction of Boundary Wall, Drinking Water and Additional Classroom at Palaput Secondary School | 10,89,277/- | "C" & "D" | 6,000/- | 10,900/- | 6 Months |
| 8 | Construction of Boundary Wall, Drinking Water and Additional Classroom at Sekhram Primary School | 11,14,826/- | "C" & "D" | 6,000/- | 11,200/- | 6 Months |
| 9 | Construction of Boundary Wall, Drinking Water and Additional Classroom at Upperlocha Primary School | 11,14,826/- | "C" & "D" | 6,000/- | 11,200/- | 6 Months |
| 10 | Construction of Boundary Wall, Drinking Water and Additional Classroom at Amblimbaguda Primary School | 15,71,922/- | "C" & "D" | 6,000/- | 15,800/- | 6 Months |
| 11 | Construction of Playground and Additional Classroom at Borigi Secondary School | 13,44,972/- | "C" & "D" | 6,000/- | 13,500/- | 6 Months |
| 12 | Construction of Boundary Wall, Playground and Additional Classroom at Balipeta Secondary School | 15,73,181/- | "C" & "D" | 6,000/- | 15,800/- | 6 Months |
| 13 | Construction of BT Road from Pindamal to Pipalguda | 16,80,690/- | "C" & "D" | 6,000/- | 17,000/- | 6 Months |
| 14 | Construction of Boundary Wall, Drinking Water and Additional Classroom at Chintaguda K Primary School | 14,87,693/- | "C" & "D" | 6,000/- | 14,900/- | 6 Months |
| 15 | Construction of Boundary Wall, Drinking Water and Additional Classroom at JELC Primary School, Gotiguda | 15,73,181/- | "C" & "D" | 6,000/- | 15,800/- | 6 Months |
| 16 | Construction of Boundary Wall, Drinking Water and Additional Classroom at Pindamali Primary School | 14,87,113/- | "C" & "D" | 6,000/- | 14,900/- | 6 Months |
| 17 | Construction of Boundary Wall, Toilet, Playground, Drinking Water and Additional Classroom at Rangapuri Primary School | 14,83,657/- | "C" & "D" | 6,000/- | 14,900/- | 6 Months |
| 18 | Providing facilities like digging of tube well, CWSN Toilet, Kitchen Shed and Electricity Connection to Tala Ullubadi PS | 11,88,208/- | "C" & "D" | 6,000/- | 11,900/- | 6 Months |
| 19 | Construction of Boundary Wall, Drinking Water and Additional Classroom at Pachingi Primary School | 14,87,693/- | "C" & "D" | 6,000/- | 14,900/- | 6 Months |
| 20 | Construction of Additional Classroom at Naktipadar PS | 14,45,788/- | "C" & "D" | 6,000/- | 14,500/- | 6 Months |

**20 (Twenty) Nos. of work only**

| | |
|---|---|
| Tender documents available on website | Can be downloaded from http://www.tendersodisha.gov.in |
| Bid documents available date and time | **From 10.07.2026 at 11.00 Hours to 31.07.2026 up to 17.30 Hours** |
| Bid clarification start date & closing date | **10.07.2026 to 31.07.2026 during office hours** |
| Offline documents received through Speed Post/Registered Post | **From 10.07.2026 at 17.30 Hours to 04.08.2026 at 11.00 Hours** |
| Date, time and venue of opening of bid online | **05.08.2026 at 11.00 Hours**, Office of the Block Development Officer, Panchayat Samiti, Narayanpatna |
| Offline documents shall be opened in presence of participating bidders | **05.08.2026 at 11.00 Hours onwards**, Chamber of BDO, Narayanpatna |
| If stipulation arises, the tender will be decided through Lottery System | **05.08.2026 at 15.30 Hours**, Office of the Block Development Officer, Panchayat Samiti, Narayanpatna |

**Block Development Officer**
**Narayanpatna**